ISSN No. : 2583-147X



ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

# PRACHEE

*The Official Journal of*
*Prachee Centre for Cultural Relations*

ଡିସେମ୍ବର ୨୦୨୪
ମୂଲ୍ୟ : ୨୫ ଟଙ୍କା





ପ୍ରେରଣାର ଉତ୍ସ
କବି ଜୟନ୍ତ ମହାପାତ୍ର



ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ
ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ



ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବ ର୍ନ ଅଛି । ଏହି ବିବ ର୍ନ ଜୀବନର ପରିବ ର୍ନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁ ର୍ଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆ ର୍ଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମି   ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମି   ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଆଗାମୀ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଔ 'ପ୍ରାଚୀ'ର କଲମ ୫୦

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବ ର୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚି ଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସ । । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉ ଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବ ୍ରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

# ପ୍ରାଚୀ ପତ୍ରିକା

ISSN NO. 2583-147X



## ଉପଦେଷ୍ଟା ମଣ୍ଡଳୀ

**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
ଶିକ୍ଷାବିତ୍

**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର

**ଡକ୍ଟର ନାରାୟଣ ମହାନ୍ତି**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ

## ମୁଖ୍ୟ ସଂପାଦକ

**ଡକ୍ଟର ମନ୍ଦାକିନୀ ଦାସ**
ଶିକ୍ଷାବିତ୍

## କାର୍ଯ୍ୟନିର୍ବାହୀ ସମ୍ପାଦକ

**ଡକ୍ଟର ଦିପକ କୁମାର ଦାଶ**
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

## ସଂପାଦକ

**ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ**

## ସଂପାଦକ ମଣ୍ଡଳୀ

**ନାରାୟଣ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ

**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ

**ସମ୍ବିତ ପାଣିଗ୍ରାହୀ**
ପ୍ରଫେସର, ଇଂରାଜୀ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ

**ଜୟନ୍ତ କୁମାର ଦାସ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ

**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ଆଲୋକ ବରାଳ**
ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ଅଧ୍ୟାପକ, ଓଡ଼ିଆ ବିଭାଗ
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ

**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ଅଧ୍ୟାପିକା, ଓଡ଼ିଆ ବିଭାଗ, ସେମିଲିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ

**ଡକ୍ଟର ପ୍ରାଚୀ ପ୍ରଯୁକ୍ତା**
ଶିକ୍ଷାବିତ୍

**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ

**ଡକ୍ଟର ମମତା ଖଣ୍ଡାୟତରାୟ**
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ
ପାରାଦୀପ କଲେଜ, ପାରାଦୀପ

# ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- "ପ୍ରାଚୀ" ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତ୍ୟ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- "ପ୍ରାଚୀ" ଯୁବପୀଢ଼ିଙ୍କର ଗବେଷଣାକୁ ଅଭିଜାତ ସର୍ମ୍ପନ୍ନ ଓ ସମୁନ୍ନତ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସର ନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ ଆବଶ୍ୟକସ୍ଥଳେ ଗଳ୍ପ, ଭ୍ରମଣ କାହାଣୀ, ପରିବେଶଜନିତ ଲେଖା ଓ କବିତା ପରିପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧିକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବା ର୍ଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହ ୍ବା ଜରୁରୀ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପତ୍ରିକା ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । **ଲେଖା ଗୁଡ଼ିକ ପେଜ୍ ମେକର ଫରମାଟ, ଆକୃତି ସାରଳା ଫ ରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ ।**

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 10, December 2024, Issue No.IX
ISSN NO. 2583-147X (P)
ISSN NO. 3048-8958 (O)
RNI No. : ODIODI/2015/64435
P.R. No. : CK(C)/96/2022-2024

ପ୍ରକାଶକ :
**ପ୍ରାଚୀ ସାହିତ୍ୟ ସମାଜ ପବ୍ଲିକେସନ୍**
ନିଳାଦ୍ରୀ ବିହାର, ନୂଆବଜାର, କଟକ

ପ୍ରଚ୍ଛଦ ଚିତ୍ର :
**ବିଜୟ କୁମାର ସାହୁ**

ଅକ୍ଷର ସଜ୍ଜା :
**ବିକ୍ରମ କିଶୋର ସାହୁ**

ଡିଟିପି :
**ଶିବ ପ୍ରସାଦ ଧଳ**

ଅଳଙ୍କରଣ :
**ବିଭୁପ୍ରସାଦ ନାୟକ**

ୱେବ ଡ଼ିଜାଇନର୍ :
ଶୁଭ୍ରାଂସୁ ଶତପଥି

ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**

ବିତରଣ ଅଧିକାରୀ :
**ସନ୍ତୋଷ କୁମାର ପାଲ୍**

ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

## ଏଇ ସଂଖ୍ୟାରେ...


୧. ପର୍ଯ୍ୟାବରଣ ଓ ଆଦିବାସୀ
ଡ. ଆଲୋକ ବରାଳ ... ୦୯

୨. ଜୀବନର ଉତ୍ତୀର୍ଣ୍ଣ ପ୍ରହରରେ ଯୌବନକୁ ଖୋଜୁଥିବା ପୁରୁଷ "ପ୍ରଥମ ପୁରୁଷ": ଏକ ସୂକ୍ଷ୍ମ ବିଚାର
ରଞ୍ଜନ କୁମାର ଖଣ୍ଡା ... ୨୦

୩. ଭାରତୀୟ ମିଥିବୋଧ ଓ କବି ଗୁରୁପ୍ରସାଦ
ଡକ୍ଟର ସୁଜ୍ଞାନୀ କୁମାରୀ ସାହୁ ... ୨୮

୪. ଗଙ୍ଗାଧର ମେହେରଙ୍କ 'ତପସ୍ୱିନୀ'ରେ ସୀତା : ଭାରତୀୟ ନାରୀର ଆସ୍ଥା ଓ ଅସ୍ତିତ୍ୱର ଉଜ୍ଜ୍ୱଳ ପ୍ରତିବିମ୍ବ
ଡ. ବିଦ୍ୟୁତପ୍ରଭା ରାଉତ ... ୩୭

୫. ଉତ୍ତର-କେନ୍ଦୁଝରର 'ମନସା ମଙ୍ଗଳ'- ଏକ ବିଚାର ଆଲୋଚନା
ହିତେଶ୍ ବେହେରା ... ୪୨

୬. ହଜାରେ ଚଉରାଶୀର ମା: ଆଧୁନିକ ଯୁଗଯନ୍ତ୍ରଣାର ଧ୍ୱନିପ୍ରତିଧ୍ୱନି
କିଶୋର ଚନ୍ଦ୍ର ମହାନ୍ତ, ଡ. ତପନ କୁମାର ବେହେରା ... ୪୬

୭. ମନୋରଞ୍ଜନ ଦାସଙ୍କ ନାଟ୍ୟଦିଗନ୍ତ
ଲିକୁ ବେହେରା ... ୫୩

୮. ଓଡ଼ିଆ ଇ-ପୁସ୍ତକ ଏକ ଆକଳନ
ବିକାଶ କୁମାର ପାଲ (ଗବେଷକ) ... ୫୯

୯. ଓଡ଼ିଆ ଉପନ୍ୟାସରେ କପିଳେନ୍ଦ୍ର ଦେବ ଓ ରାଷ୍ଟ୍ରବାଦୀ ଚେତନା
ଦେବାଶିଷ ପ୍ରଧାନ ... ୬୬

୧୦. କବିତା ବାରିକଙ୍କ ଉପନ୍ୟାସରେ ନାରୀବାଦୀ ଚେତନା
ଆକାଶ କୁମାର ସିଂହ ... ୭୦



# ଗାନ୍ଧିଜୀଙ୍କ ଦୃଷ୍ଟିରେ ସ୍ୱାଧୀନତା

ସ୍ୱାଧୀନତା ଶବ୍ଦଟି ସ୍ଥୂଳ ଅର୍ଥରେ ଆପଣାର ଅଧୀନ, ସ୍ୱତନ୍ତ୍ର, ଆତ୍ମବଶ, ସ୍ୱାୟତ୍ତ ଆଦି ଅର୍ଥକୁ ସୂଚିତ କରୁଥିଲେ ହେଁ ଆମ୍ଭେମାନେ ଏହି ଶବ୍ଦଟି ସହ ଭାରତର ସ୍ୱାଧୀନତା ଦିବସ ଓ ତଦ୍‌ଜନିତ ବଳିଦାନକୁ ସଂଯୁକ୍ତ କରି ଏକ ବୃହତ୍ତର ଜାତୀୟ ସମୃଦ୍ଧି ସହ ଜଡିତ ଶବ୍ଦ ରୂପେ ଗ୍ରହଣ କରିଥାଉ। କାରଣ ୧୯୪୭ ମସିହା ଅଗଷ୍ଟମାସ ପନ୍ଦର ତାରିଖର ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଘଟଣାବଳୀ ହିଁ ଏହି ଶବ୍ଦଟି ପ୍ରତି ଆମ୍ଭମାନଙ୍କର ଆକର୍ଷଣ ତଥା ଅନୁରାଗର ହେତୁ ସମକାର୍ଯ୍ୟ କରିଆସିଛି। ସ୍ୱଭାବକବି ଗଙ୍ଗାଧରଙ୍କ ପୂତ ଚେତନାନୁସାରେ, "ନ ଦିଶେ ତେଜସ୍ୱୀ - ତେଜ ତିମିରବିହୀନେ ॥" ଅର୍ଥାତ୍ ଅନ୍ଧକାର ନଥିଲେ ତେଜସ୍ୱୀର ତେଜ ଦୃଶ୍ୟମାନ ହୁଅନ୍ତା ନାହିଁ। ଠିକ୍ ସେହିପରି ପରାଧୀନତାର କଷଣ ଭୋଗ କରିନଥିଲେ ଆମ୍ଭେମାନେ ହୁଏତ ସ୍ୱାଧୀନତା ଶବ୍ଦଟିର ଗୁରୁତ୍ୱ ଉପଲବ୍ଧି କରି ପାରିନଥାନ୍ତେ। ତେଣୁ ସ୍ୱାଧୀନତା ସହ କେଉଁଠି ନା କେଉଁଠି ସ୍ୱାଧୀନତା ଦିବସ ସହ ସଂପର୍କ ସ୍ଥାପିତ ହୋଇଥାଏ। ଏଠାରେ ମନେରଖିବା ଆବଶ୍ୟକ ଜାତିରଜନକ ମହାତ୍ମାଗାନ୍ଧୀଙ୍କ ନିମନ୍ତେ ମଧ୍ୟ ସ୍ୱାଧୀନତା କହିଲେ କେବଳ ରାଜନୀତିକ ସ୍ୱାଧୀନତା ବା ଉପନିବେଶବାଦୀ ଶାସନମୁକ୍ତ ସ୍ୱାଧୀନତାକୁ ବୁଝାଉନଥିଲା। ୧୯୪୬ ମସିହା ମେ ମାସ ପାଞ୍ଚ ତାରିଖରେ 'ହରିଜନ' ପୃଷ୍ଠାରେ ସ୍ୱାଧୀନତା ଶବ୍ଦଟିକୁ ବୁଝାଇବାକୁ ଯାଇ ଗାନ୍ଧିଜୀ ଯାହା ଲେଖିଥିଲେ ତା'ର ଓଡିଆ ରୂପାନ୍ତର ସ୍ମରଣ କରିବା ଏକାନ୍ତ ବିଧେୟ।

"ସ୍ଥୂଳ ଭାବରେ କହିଲେ, ସ୍ୱାଧୀନତାର ତିନୋଟି ଭାଗ ଅଛି; ରାଜନୀତିକ, ଆର୍ଥନୀତିକ ଓ ନୈତିକ।

ଏ ଦେଶରୁ ବ୍ରିଟିଶ୍ ବାହିନୀର ଶାସନ ସମୂଳେ ଅପସରି ଯିବ, ଏଇଟି ହେଉଚି ରାଜନୀତିକ ସ୍ୱାଧୀନତା।

ବିଲାତୀ ପୁଞ୍ଜିପତିମାନେ ହୁଅନ୍ତୁ, ବା ସେମାନଙ୍କର ପାଳି ଧରିବାବାଲା ଦେଶୀ ଭାରତୀୟ ମହାଜନ ହୁଅନ୍ତୁ, ସେମାନଙ୍କଠାରୁ ସମ୍ପୂର୍ଣ୍ଣ ମୁକ୍ତିଲାଭ କରିବା ହେଉଚି ଆର୍ଥନୀତିକ ସ୍ୱାଧୀନତା। ଦେଶର ପୁଞ୍ଜିପତିମାନେ ସେମାନଙ୍କର ପୁଞ୍ଜି ଓ ଶିଳ୍ପକୌଶଳକୁ ଦେଶର ଦୀନାତିଦୀନର କଲ୍ୟାଣରେ ଲଗାଇ ପାରିଲେ ହିଁ ଏହା ସମ୍ଭବ ହୋଇପାରିବ।

ଅସ୍ତ୍ରଶସ୍ତ୍ର ରଖି ଦେଶରକ୍ଷା କରିବାର ଧନ୍ଦାରୁ ମୁକ୍ତି ପାଇବା ହେଉଚି ନୈତିକ ସ୍ୱାଧୀନତା। ଗୋରାସୈନ୍ୟ ବାହାରି ଯାଇ ତାଙ୍କ ଜାଗାରେ କଳାସୈନ୍ୟଙ୍କର ଛାଉଣି ବସୁ, ମୋର ରାମରାଜ୍ୟରେ ଏପରି କଳ୍ପନା ମୁଁ କରି ନାହିଁ।

(ସ୍ୱାଧୀନତା ଓ ତା'ପରେ - ମୂଳ ରଚନା - ମୋହନ ଦାସ କରମଚାନ୍ଦ ଗାନ୍ଧି
- ଅନୁବାଦ - ଚିତ୍ତରଞ୍ଜନ ଦାସ)

ଗାନ୍ଧିଜୀଙ୍କର ବାଣୀସମୂହର ପୁନଃପୁନଃ ଅନୁଶୀଳନ କଲେ ଆମେ ହୃଦୟଙ୍ଗମ କରିପାରିବା ଯେ କେବଳ ଆର୍ଥନୀତିକ ବା ନୈତିକ ନୁହେଁ ବିବିଧ କ୍ଷେତ୍ରରେ ସ୍ୱାଧୀନତାର ବାସ୍ତବ ରୂପାୟନ ହୋଇପାରି ନାହିଁ। ଅତଏବ ଏହି ପରିପ୍ରେକ୍ଷୀରେ ଭାରତୀୟମାନେ ସ୍ୱାଧୀନତାର ସ୍ୱପ୍ନ ଓ ସଂକଳ୍ପ କଣ ହେବା ଉଚିତ ସେ ସଂପର୍କରେ ଚିନ୍ତା କରିବା ଆବଶ୍ୟକ। ଗାନ୍ଧିଜୀଙ୍କ ସିଦ୍ଧାନ୍ତକୁ ସମ୍ମୁଖରେ ରଖି ଆମକୁ ନିମ୍ନୋକ୍ତ ବିଷୟତ୍ରୟ ପ୍ରତି ଧ୍ୟାନବଦ୍ଧ ହେବାକୁ ପଡିବ।

**ପ୍ରଥମତଃ** – ଆମ୍ଭମାନଙ୍କୁ ବନ୍ଧନରୁ ମୁକୁଳିବା ନିମନ୍ତେ ହେବ। ଏହି ଦାସତ୍ୱ କେବଳ ଅପରର ଦାସତ୍ୱ ନୁହେଁ ଆପଣାର ଦାସତ୍ୱ। ମୁଁ ଏବଂ ମୋର ଏହି ସଂକୀର୍ଣ୍ଣ ନିଗଡ଼ ମଧ୍ୟରୁ ଆପଣାକୁ ମୁକ୍ତ କରିବା ନିମନ୍ତେ ହେବ। ଏପରିକି ନିଦ୍ରା, ଆଳସ୍ୟାଦି, ସକଳ ପ୍ରକାର ତମୋଗୁଣର ପ୍ରଭାବରୁ ବା ଦାସତ୍ୱରୁ ମୁକ୍ତ ନ ହେଲେ ଆମେ ଲକ୍ଷ୍ୟାଭିମୁଖୀ ତଥା ସ୍ୱପ୍ନାଭିମୁଖୀ ହୋଇପାରିବା ନାହିଁ। ତେଣୁ ସମସ୍ତ ପ୍ରକାର ପରାଧୀନତା ଓ ଦାସତ୍ୱକୁ ନିଶ୍ଚିହ୍ନ କରିବା ହେଉଛି ଆମ ନିମନ୍ତେ ସ୍ୱାଧୀନତାର ପ୍ରଥମ ସଂକଳ୍ପ। ଆତ୍ମବଳ, ମୂଲ୍ୟବୋଧ, ସତ୍ୟ-ଆଚରଣ ଓ ଅହିଂସା ପାଳନ ହେଉଛି ବ୍ୟକ୍ତିର କର୍ତ୍ତବ୍ୟ। ଅନ୍ୟର ଆଶ୍ରୟ ନେଇ ଉଚ୍ଚାସନ ଲାଭର ଲାଳସା ଏକାନ୍ତ ବର୍ଜନୀୟ। ଉତ୍କଳମଣି ଗୋପବନ୍ଧୁ 'ଗୋଟିଏ କାଙ୍କଣ ଗଛ'ର ମୃତ୍ୟୁକୁ ଏକଦା ବରଣୀୟ ମନେକରିଥିଲେ। କାରଣ କଅଁଳ ଛନଛନ କାଙ୍କଣ ତରୁଟି ପରିବର୍ଦ୍ଧିତ ହେଉଥିବା ବେଳେ ଫଳ ଲୋଭରେ ସେହି ଫଳନ୍ତି ଲତାଟି ଦେହରେ ରଞ୍ଜା ଖଣ୍ଡେ ଖଞ୍ଜି ଦେବାରୁ ତାହା ଝାଉଁଳି ପଡିଲା। ସେହି ସ୍ୱାଧୀନତା ପ୍ରେମୀ ବୃକ୍ଷଟିକୁ ଲକ୍ଷ୍ୟ କରି ଗୋପବନ୍ଧୁ କହିଥିଲେ,

"ଅନ୍ୟର ଆଶ୍ରୟ ପାଇ ଉଚ୍ଚେ ଶିର ଟେକି,
ବଡପଣ ଅଭିଳାସେ ନର ଅବିବେକୀ।
ସ୍ୱାଧୀନତା ପ୍ରିୟେ ! ଧର ଅପର ଚରଣ,
ଭାଗ୍ୟ ଅରଜନୁଁ ଶ୍ରେୟ ମଣିଲୁ ମରଣ ॥"

(ପୃ.୭୮ - ଗୋପବନ୍ଧୁ ରଚନାବଳୀ)

**ଦ୍ୱିତୀୟତଃ –** ଉତ୍ତରାଧିକାର ସୂତ୍ରରେ ଆମେ ଭାରତୀୟ ରୂପେ ଯେଉଁ ଉଜ୍ଜ୍ୱଳ ଐତିହ୍ୟର ଅଧିକାରୀ ହୋଇଛେ, ସେଥିପ୍ରତି ସଦା ସଚେତନ ରହିବା।  ବିଭିନ୍ନତା ତଥା ବିବିଧତା ମଧ୍ୟରେ ଏକତ୍ୱ ଭାରତର ବର୍ଣ୍ଣାଢ୍ୟ ମହିମା। ସେହି ମହିମାରେ ଆମ୍ଭେମାନେ ମହିମାନ୍ୱିତ ହେବା ଉଚିତ୍। ସମଗ୍ର ବସୁଧାକୁ କୁଟୁମ୍ବ ମଣିବା ନିମନ୍ତେ ଶିକ୍ଷାଦାନ କରୁଥିବା ଭାରତବର୍ଷର ସନ୍ତାନମାନଙ୍କ ମଧ୍ୟରେ କୌଣସି ସଂକୀର୍ଣ୍ଣତା ସ୍ଥାନ ପାଇବା ଉଚିତ୍ ନୁହେଁ।  ସାଧାରଣ ଜୀବନଚର୍ଯ୍ୟା ଅତିବାହିତ କଲେ ହେଁ ପ୍ରଜ୍ଞାର ଦୀପ୍ତ ଉଦ୍‌ଭାସ ନିମନ୍ତେ ଆମ୍ଭେମାନେ ସଦା ଅଭିଳାଷୀ ହେବା ଦରକାର। ଆମର ମସ୍ତିଷ୍କ ଜ୍ଞାନ ବିଜ୍ଞାନର ଉତ୍କର୍ଷ ଧାରଣ କରିବା ସମୟରେ, ହୃଦୟ ଦୟାର୍ଦ୍ର ଭାବନାରେ ପରିପୂର୍ଣ୍ଣ ହେବ ଏବଂ ହସ୍ତ ପରୋପକାର ନିମନ୍ତେ ଅଭିପ୍ରେତ ହେବ। "ମାତୃ ଦେବୋ ଭବ", "ପିତୃ ଦେବୋ ଭବ", "ଆଚାର୍ଯ୍ୟ ଦେବୋ ଭବ" ଓ ଅତିଥି ଦେବେ ଭବ" ସମ ମହାମନ୍ତ୍ରକୁ ଆମେ ଆଧୁନିକତାର ବସ୍ତୁବାଦୀମୋହରେ ଭୁଲି ଯିବା ଉଚିତ୍ ନୁହେଁ। ଭାରତୀୟତ୍ୱର ସମସ୍ତ ସାର ନିର୍ଯ୍ୟାସକୁ ଆମେ ସମ୍ମାନ ତଥା ଗୌରବର ସହ ଗ୍ରହଣ କରିବା ପାଇଁ ହେବ। କାରଣ ଭାରତବର୍ଷ ମାଟି, ମାନଚିତ୍ର, ସୀମା, ସରହଦ, ନଥି, ନକ୍ସା, କି ରୂପ-ରେଖ ନୁହେଁ। ଭାରତବର୍ଷ ନିଜସ୍ୱ ଐତିହ୍ୟର ଉଜ୍ଜ୍ୱଳ-ଆଭା ଦୀପ୍ତ ସାଧାରଣ ଭୂମିଖଣ୍ଡ ମାତ୍ର ନୁହେଁ।

ଏହା ଦିବ୍ୟଚେତନାର ଚିତ୍ରାୟନ

ଅନାଦି-ଅନନ୍ତ ଓ ଅନାୟତନ। ନିର୍ଦ୍ଦିଷ୍ଟ ଆୟତନର ପରିଧି ମଧ୍ୟରେ ଭାରତବର୍ଷର ଆଧ୍ୟାତ୍ମିକ ପରମ୍ପରାକୁ ବାନ୍ଧି ଦେଇ ସଂକୀର୍ଣ୍ଣତାର ନିଗଡ ମଧ୍ୟରେ ଆତ୍ମଗୋପନ କରିବା ଅନୁଚିତ। ଭୂଗୋଳର ବଂଧନୀ ବାହାରେ ଓ ଇତିହାସର ଇଲାକା ଆରପଟେ ଯେଉଁ ଭାରତବର୍ଷ, ସେହି ଭାରତବର୍ଷ ହିଁ ଆମର ଉପାସ୍ୟ ହେବା ଆବଶ୍ୟକ। ଅତଏବ ଆଧ୍ୟାତ୍ମିକ ପ୍ରଖର ଦୀପ୍ତିରେ ବିଭୂଷିତ ଭାରତବର୍ଷ, ବୈଦିକ ମନ୍ତ୍ରର ଅନାହତ ବାଣୀ ବୈଭବରେ ବିଭାବାନ୍ୱିତ ଭାରତବର୍ଷରେ ପ୍ରଜ୍ଞାର ସୂର୍ଯ୍ୟ ଯେ କେବେ ବିଲୁପ୍ତ ହେବେ ନାହିଁ – ଏହା ଆମ୍ଭମାନଙ୍କୁ ଗୌରବର ସହ ଗ୍ରହଣ କରିବା ନିମନ୍ତେ ହେବ।

**ତୃତୀୟତଃ –** "ଏକତ୍ୱ ହେଉଛି ଆମର ଶକ୍ତି"।

ବହୁ ବୈଚିତ୍ର୍ୟ ମଧ୍ୟରେ ଅର୍ଥାତ୍ ଭାରତବର୍ଷରେ ବିଭିନ୍ନ ଧର୍ମ, ମତ, ପନ୍ଥା, ଭାଷା, ସଂପ୍ରଦାୟର ଲୋକେ ବାସ କରୁଥିଲେ ହେଁ ଭାରତ ବିଖଣ୍ଡିତ ନୁହେଁ। ଏହା ମହାମିଳନର ବିନ୍ଦୁ। ଭାରତବର୍ଷରେ ଏହି ଦୃଢ ତଥା ଗମ୍ଭୀର ବୈଶିଷ୍ଟ୍ୟକୁ ସ୍ମରଣ କରି କବି ବ୍ରଜନାଥ ରଖ କୁହନ୍ତି,

"ହେ ଭାରତ ମୋର ପ୍ରାଣର ଭାରତ, ତୁ ମହା-ମିଳନ-ବିନ୍ଦୁ ॥


ବହୁ ବିଭେଦର, ବହୁ ବିବିଧର ତୁ ମହାମିଳନ ବିନ୍ଦୁ
ତୋହରି ଜଠରେ କଲ୍ଲୋଳ ତୋଳେ ଜୀବନର ମହାସିନ୍ଧୁ।
ଏକରେ ଅନେକ, ଅନେକରେ ଏକ
ତୋର ଆତ୍ମାର ଚିର-ସନ୍ତକ
ନୟନେ ତୋହର ତମସା ଆଲୋକ
ଦୀପ୍ତ ଅରୁଣ ଇନ୍ଦୁ,
ହେ ଭାରତ ମୋର, ପ୍ରାଣର ଭାରତ, ତୁ ମହାମିଳନ ବିନ୍ଦୁ ॥"

(ବ୍ରଜନାଥ ରଥଙ୍କ ସ୍ୱନିର୍ବାଚିତ କବିତା, ପୃ.୩୭୦)

ଅତଏବ ଭାରତବର୍ଷର ଅଖଣ୍ଡତ୍ୱ ଓ ଏକତ୍ୱକୁ ଅକ୍ଷୁଣ୍ଣ ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ହେବା ଉଚିତ।

●

**– ସଂଜିତା ମିଶ୍ର**



VOICE FOR VOICELESS SOCIETY, INDIA
Regd. No.: 23717/65



# VOICE FOR VOICELESS

## INDIVIDUAL PARTICIPATION IN SOCIAL SERVICE


Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011


## ମୋର ପାଠ ପଢ଼ିବାରେ ଦାୟିତ୍ୱ ନିଅନ୍ତୁ, ମୁଁ ଦେଶ ଗଢ଼ିବାରେ ସାହାଯ୍ୟ କରିବି



## ଗରିବ ପିଲାଟିକୁ ପାଠ ପଢ଼ାନ୍ତୁ * TEACH A POOR CHILD

ଗବେଷଣାତ୍ମକ ପ୍ରବନ୍ଧ ମୁକ୍ତ ପ୍ରବେଶ

DOI : https://doi.org/10.5281/zenodo.14545802https ମୂଳ ପ୍ରବନ୍ଧ

# ପର୍ଯ୍ୟାବରଣ ଓ ଆଦିବାସୀ

**ଆଲୋକ ବରାଳ**

**ସଂକ୍ଷିପ୍ତ ସାର :**

ମାନବ ସଭ୍ୟତାର ବିକାଶ ସହିତ 'ପ୍ରକୃତି' ବା 'ପରିବେଶ' (Nature) ଓ 'ପର୍ଯାବରଣ' (Environment) ସହିତ ଓତପ୍ରୋତ ଭାବରେ ଯୋଡ଼ିହୋଇରହିଛି ଆଦିବାସୀଙ୍କ ଜୀବନ-ଜୀବିକା । ସେମାନଙ୍କ ସାମାଜିକ-ସାଂସ୍କୃତିକ-ଆର୍ଥନୀତିକ-ଧାର୍ମିକ ସର୍ବୋପରି ସମଗ୍ର ଜୀବନ-ବୃତ ଏକ ଓ ଅଭିନ୍ନ ଏକକ ହେଉଛି ଏହି ପୃଥିବୀର ପ୍ରାକୃତିକ ବିଭବ । ତେଣୁ ପ୍ରକୃତି ସେମାନଙ୍କର ନିରାଜନାର ଉତ୍ସ, ସେମାନଙ୍କ ଦେବୀ-ଦେବତାଙ୍କଠାରୁ ଆରମ୍ଭ କରି 'ଗୋତ୍ର' (Totem); ଏପରିକି ଜୀବନର ପ୍ରତ୍ୟେକ ପ୍ରେକ୍ଷାରେ ପର୍ଯ୍ୟାବରଣର ସମନ୍ୱୟକୁ ଲକ୍ଷ୍ୟ କରାଯାଇପାରିବ । ସେମାନଙ୍କର ପାରମ୍ପରିକ ଜ୍ଞାନକୌଶଳ (Indigenous Knowledge System) ଅଦ୍ଭୁତ ଭାବେ ପର୍ଯ୍ୟାବରଣର ପ୍ରାକୃତିକ ସଂରଚନା (Ecosystem)କୁ ଧରିରଖିପାରିଛି । ଯାହାକୁ ଆମର ଆଜିର ସମୟରେ ପାରମ୍ପରିକ ବିଜ୍ଞାନ (Indigenous Science) ବୋଲି କହିପାରିବା । ସେହି କ୍ରମରେ 'ପବିତ୍ରବନ' (Sacred Grove),'ଗୋତ୍ର' (Totem), 'ପ୍ରକୃତି-ପୂଜା' (Nature Worship), ବନ୍ୟପଶୁ-ପକ୍ଷୀସମୂହ (Wild-Life) ତଥା ସ୍ୱୀୟ ସାମାଜିକ-ସାଂସ୍କୃତିକ-ଧର୍ମୀୟ ଜୀବନବୋଧ ସହିତ ନିବିଡ଼ଭାବେ ଜଡ଼ିତ ପର୍ଯ୍ୟାବରଣର ବିବିଧ ଦିଗର ଅନୁଶୀଳନ ଏହି ପ୍ରବନ୍ଧ ମୌଳିକ ଆଶୟ । ଅନୁରୂପଭାବେ ଆଦିବାସୀ ଅସ୍ମିତାର ସଂରକ୍ଷଣ ନେଇ ସନ୍ତୋଷ ଓ କ୍ଷୋଭ ଉଭୟର ପରିଶୀଳନ ଏହି ପ୍ରବନ୍ଧର ହାର୍ଦ୍ଦିକ ଅଭିବ୍ୟକ୍ତି ଅଟେ ।

**ପ୍ରମୁଖ ଶବ୍ଦାବଳୀ:**

ପ୍ରକୃତି, ପର୍ଯ୍ୟାବରଣ, ଆଦିବାସୀ, ପବିତ୍ରବନ, ଗୋତ୍ର, ଆଦିବାସୀ-ଦେବାଦେବୀ, ବୃକ୍ଷ-ପୂଜା, ପ୍ରକୃତି-ପୂଜା ।

'ପ୍ରକୃତି' ବା ପର୍ଯ୍ୟାବରଣ (Nature/Environment) ଓ ଆଦିବାସୀ (Tribe)ଙ୍କ ସମ୍ପର୍କ ଆକଳନ ବେଳେ ଅନେକ କଥା ସ୍ୱାଭାବିକ ଭାବରେ ସ୍ପଷ୍ଟ ହୋଇଯାଏ । ଯେତେବେଳେ ଆମେ ଆଦିମ ଅଧିବାସୀ-ବନବାସୀ-ଜନଜାତି ଭଳି ବିକଳ୍ପ ଶବ୍ଦର ବ୍ୟବହାର କରୁଛୁ; ସେତିକିବେଳେ ସ୍ୱତଃ ଆମେ ସେ ସମ୍ପର୍କର ସୂତ୍ରକୁ ଅନୁସନ୍ଧାନ କରିସାରିଛୁ ବୋଲି କହିପାରିବା । ଆଦିବାସୀମାନଙ୍କ ପାଇଁ 'ପ୍ରକୃତି' ଏକ ଅବିଚ୍ଛେଦ୍ୟ ଅଙ୍ଗ ଯାହାକି ସେମାନଙ୍କ ପାରମ୍ପରିକ ଗୋଷ୍ଠୀ-ଜୀବନ ଏବଂ ଜୀବନ-ଦର୍ଶନ ତଥା ବିଶ୍ୱଦୃଷ୍ଟିର ଦର୍ପଣ ବୋଲି କହିପାରିବା । କାରଣ ମା'-ମାଟି (Mother Earth)କୁ ସବୁର କେନ୍ଦ୍ରରେ ରଖି ସ୍ୱୀୟ ସାମାଜିକ-ସାଂସ୍କୃତିକ-ଆର୍ଥନୀତିକ-ଧର୍ମୀୟ ଜୀବନର ପରିକଳ୍ପନା କରିଛି । ଜନଜାତି ମଣିଷ ପ୍ରକୃତିର ସନ୍ତାନ ହୋଇଥିବାରୁ ସେ ପ୍ରକୃତିର ବିନାଶରେ ନୁହେଁ ପ୍ରକୃତିର ପାରମ୍ପରିକ ସଂରଚନା ଓ ନୂତନ ସର୍ଜନରେ ବିଶ୍ୱାସୀ ହୋଇଥାଏ । ଯାହାକି ତାର ପାରମ୍ପରିକ କୃଷି ଓ ପ୍ରାକୃତିକ ବସ୍ତୁର ସଂରକ୍ଷଣ ଓ ସଂଶାଧନରେ ଉପଲବ୍ଧି କରିହେବ । ଜନଜାତି ମଣିଷଙ୍କର ରହିଛି ସ୍ୱୀୟ 'ପାରମ୍ପରିକ ଜ୍ଞାନର ବିଶ୍ୱଦୃଷ୍ଟି' (Indigenous Knowledge System), ଯାହାକି ତା'ର

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.14545802
Article No - BPP00242

**ଯୋଗାଯୋଗ :**
**ଡ. ଆଲୋକ ବରାଳ,** ବରିଷ୍ଠ ସହାୟକ ପ୍ରାଧ୍ୟାପକ (ଓଡ଼ିଆ ବିଭାଗ)
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ ।
**Email:** abaral@cuo.ac.in
**ORCID ID:** https://orcid.org/0009-0005-6962-9522

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୨.୮.୨୦୨୪ | ୧୦.୧୦.୨୦୨୪ | ୨୫.୧୧.୨୦୨୪ | ୧.୧୨.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ବରାଳ, ଆଲୋକ; ୨୦୨୪ । : **ପର୍ଯ୍ୟାବରଣ ଓ ଆଦିବାସୀ** । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ୯; ପୃଷ୍ଠା :୯-୧୯ ।

ଜୀବନଧାରାକୁ ପୁଷ୍ଟିତ କରି ରଖିଆସିଛି ଅନେକ ଅତୀତରୁ । ସେମାନେ ନିଜର ପାରମ୍ପରିକ ଜ୍ଞାନରୁ ପୃଥିବୀର ଆଦିମ ପ୍ରାକୃତିକ ସଂରଚନା (Ecosystem)କୁ ସୁସଞ୍ଚ ଓ ସଂରକ୍ଷିତ କରିଆସିଛନ୍ତି, ଆବଶ୍ୟକ ସ୍ଥଳେ ତାହାର ସମାଧାନ ମଧ୍ୟ କରିଆସିଛନ୍ତି । ଆଦିମ ଜନଜାତିଙ୍କ ଦୃଷ୍ଟିରେ ପ୍ରାକୃତିକ ପୃଥିବୀ(Sacred World)ଟି ଅତ୍ୟନ୍ତ ପବିତ୍ର ଅଟେ । ତା'ର ଏକ ଅଂଶ ହୋଇଥିବାରୁ ସେମାନେ ମଧ୍ୟ ସେହି ପବିତ୍ର ଧରିତ୍ରୀର ହିଁ ଅବିଭକ୍ତ ଅଂଶ ଅଟନ୍ତି । ତାହା ହିଁ କାରଣ ସେମାନେ ପ୍ରକୃତିକୁ ପ୍ରାକୃତିକ ଭାବେ ସଂରକ୍ଷିତ ରଖିବାରେ ବିଶ୍ୱାସୀ ହୋଇଥାନ୍ତି । ଜଳସମ୍ପଦର ସୁରକ୍ଷା, ମୃତ୍ତିକା ସଂରକ୍ଷଣଠାରୁ ଆରମ୍ଭ କରି ଜଙ୍ଗଲ ତଥା ଜଙ୍ଗଲର ଜୀବଜନ୍ତୁମାନେ ସେହି ପବିତ୍ରତମ ପୃଥିବୀର ଅଂଶ ଭାବେ ବିଚାରରୁ ଜନଜାତିଙ୍କ ମଧ୍ୟରେ ପାରମ୍ପରିକ ଭାବେ ସଚେତନତାକୁ ଲକ୍ଷ୍ୟ କରିପାରିବା । ସେଥିପାଇଁ ପ୍ରାକୃତିକ ଜଳଉତ୍ସକୁ ଦେବତାମାନଙ୍କଦ୍ୱାରା ପ୍ରେରିତ ସ୍ରୋତ ଭାବେ ଦେଖନ୍ତି ଜନଜାତି । ମୃତ୍ତିକାକ୍ଷୟ ନହେବା ପାଇଁ ସେ ଜମିରେ ବାନ୍ଧିଛି ପଥର, କରିଛି ସୋପାନ ଆଉ ପାହାଚ । ଜମି ଓ ଭୂମିକୁ କରିଛି ପୂଜା । ବୃକ୍ଷକୁ ଦେବତାର ଆସ୍ଥାନ ଭାବିଛି । ପୂର୍ବପୁରୁଷଙ୍କୁ ପାହାଡ଼ ଆଉ ଗଛରେ ପୂଜିଛି । ଜୀବଜନ୍ତୁ-ସରୀସୃପଙ୍କୁ ନିଜ ଜୀବନର ପ୍ରତିଛବି ଭାବି ସେମାନଙ୍କୁ କରିଛି ଶ୍ରଦ୍ଧା ଆଉ ସମ୍ମାନ । ପ୍ରକୃତିର ମୌଳିକ ଶକ୍ତିସ୍ରୋତ (Natural Recourses)ଙ୍କୁ ନତମସ୍ତକ ହୋଇ ନିଜକୁ ଆତ୍ମସମର୍ପଣ କରି ନିରାଜନା କରିଛି । 'ପ୍ରକୃତି' ଓ 'ଆଦିବାସୀ' ପ୍ରସଙ୍ଗ ଆଲୋଚନା ବେଳେ ଏଭଳି ଅନେକ ପ୍ରେକ୍ଷାର ଅବତାରଣା କରାଯାଇପାରେ । ନିମ୍ନରେ ସେହିଭଳି କେତେକ ବିଶେଷ ଅନୁଷଙ୍ଗକୁ ଆଧାର କରି ଏହି ବିଷୟକୁ ଓଡ଼ିଶାର ଜନଜାତିଙ୍କ ପ୍ରେକ୍ଷାରେ ଆଲୋଚନା କରାଯାଇପାରେ :

### 'ପବିତ୍ରବନ' (Sacred Grove) ଓ 'ଆଦିବାସୀ':

ପବିତ୍ରବନ (Sacred Grove) କହିଲେ କୌଣସି ଗୋଷ୍ଠୀ ବା ଜନଜାତି ସମୂହଙ୍କଦ୍ୱାରା ଧର୍ମୀୟ-ସାଂସ୍କୃତିକତା ଆଧାରରେ ଗଢ଼ିଉଠିଥିବା ସଂରକ୍ଷିତ ଜଙ୍ଗଲାଂଶକୁ ବୁଝାଏ । ମୂଳ ଅଧିବାସୀ (Aborigine)ଙ୍କ ଗଛ-ବୃକ୍ଷ-ଜୀବଜନ୍ତୁଙ୍କ ସହିତ ଏକପ୍ରକାର ଲୌକିକ-ଆଧ୍ୟାତ୍ମିକ ସମ୍ପର୍କ ରହିଛି । ସେହି ସମ୍ପର୍କ ସୃଷ୍ଟି କରିଛି ପବିତ୍ରବନ । ନିଜକୁ ମା'-ମାଟିର ଅଂଶ ଭାବୁଥିବା ମୂଳ ଅଧିବାସୀଙ୍କ ନିଜ ନିଜ ଗୋଷ୍ଠୀ ଓ ସମ୍ପ୍ରଦାୟଭିତ୍ତିରେ ପବିତ୍ର ବୃକ୍ଷ ସହ ଏକ ଆସ୍ଥା ଜଡ଼ିତ ହୋଇ ରହିଥାଏ : "Sacred groves or sacred wood are groves of trees and have special religious importance within a particular culture." ଯେଉଁ କାରଣରୁ ହେଉନା କାହିଁକି ତାହା ଏକପ୍ରକାର ସମ୍ପୂର୍ଣ୍ଣ ଜଙ୍ଗଲ ସୁରକ୍ଷାକୁ ହିଁ ବୁଝାଇଥାଏ । କହିବାରେ କୌଣସି ଦ୍ୱିଧା ନାହିଁ ଯେ କ୍ରମିକ ମାନବ ସଭ୍ୟତାର ବିକାଶ ବେଳରୁ ଜନଜାତି ମଣିଷ ସବୁ ସମୟରେ ଏହା କରି ଆସିଥିଲା । ଯିଏ ବୁଝିଥିଲା ସେଗୁଡ଼ିକ ପ୍ରାକୃତିକ ମହତ୍ତ୍ୱ ଓ ଗୁରୁତ୍ୱକୁ । ବୁଝିଥିଲା ପ୍ରାକୃତିକ ପର୍ଯ୍ୟାବରଣର ସନ୍ତୁଳନ ସହିତ ଏହାର ସମ୍ପର୍କ ଏବଂ ଜାଣିଥିଲା ବନସ୍ପତିର ଔଷଧୀୟ ମୂଲ୍ୟକୁ । ପ୍ରାକୃତିକ ଜୈବବିବିଧତା ଏବଂ ସଂରକ୍ଷିତ ଔଷଧୀୟ ଗଛ-ବୃଛ ଓ ବନ୍ୟପ୍ରାଣୀ ଏହି ଅଂଶରେ ସୁରକ୍ଷିତ ରହିବା ପଛରେ ରହିଛି ତତ୍‌ସଂଲଗ୍ନ ଲୋକଙ୍କ ଭାବନା ଓ ଆସ୍ଥା ସହିତ ଜଡ଼ିତ ଧର୍ମୀୟ-ସାଂସ୍କୃତିକ ଆସ୍ପୃହା । ଆଉ କୁହାଯାଇପାରେ ଉକ୍ତ ସୁରକ୍ଷିତ ଜଙ୍ଗଲାଂଶ ହିଁ ସମଗ୍ର ଜଙ୍ଗଲର ନିଶ୍ୱାସ ଓ ପ୍ରଶ୍ୱାସ । କେତେକ କ୍ଷେତ୍ରରେ ଅରଣ୍ୟ ପାଖରେ କିମ୍ବା ଅରଣ୍ୟ ଭିତିରି ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ସଚେତନତା କିମ୍ବା ପାରମ୍ପରିକ ବିଶ୍ୱାସରୁ ଅସ୍ପଶ୍ୟ ବନଭୂମି ପରିବର୍ତ୍ତିତ ହୋଇଥାଏ ପବିତ୍ରବନରେ । ପବିତ୍ରବନରେ ସେମାନଙ୍କ ଦେବାଦେବୀ ବସବାସ କରୁଥିବାରୁ ସେମାନେ ଧର୍ମୀୟ ଆସ୍ଥା ଦୃଷ୍ଟିରୁ କେବେହେଲେ ଜଙ୍ଗଲ ନଷ୍ଟ କରନ୍ତି ନାହିଁ । ଏପରିକି ଏଭଳି ମଧ୍ୟ ଦେଖାଯାଏ ଯେ ସେଇ ସ୍ୱତନ୍ତ୍ର ସଂରକ୍ଷିତ ଜଙ୍ଗଲ-ଭୂମି ବ୍ୟତୀତ ମ୍ଭ ଜଙ୍ଗଲର କ୍ଷୟ ଓ ଅନାବଶ୍ୟକ ଜୀବଜନ୍ତୁ ମ୍ଭ ସେମାନେ ମାରି ନଥାନ୍ତି । ଗୋତ୍ରୀୟ ଗଛ-ଲତା-'ଳ-ଫୁଲ ତଥା ପଶୁ-ପକ୍ଷୀ-ସରୀସୃପ ଆଦିକୁ ସମ୍ମାନ ପ୍ରଦର୍ଶନ ପୂର୍ବକ ବିବିଧ ଗୋଷ୍ଠୀ ସେମାନଙ୍କୁ ଆଘାତ ମଧ୍ୟ ଦେଇ ନଥାନ୍ତି । ଓଡ଼ିଶାର ଆଦିବାସୀଙ୍କ ଦ୍ୱାରା ସେହିଭଳି କେତେକ କ୍ଷେତ୍ରରେ ସଂରକ୍ଷିତ ବାନାଂଶ ସୃଷ୍ଟି ହୋଇଥିବା ପ୍ରାକୃତିକ ବନ୍ୟ-ସଂରକ୍ଷଣର ଉଦାହରଣ ଅଟେ । ଏହା ମ୍ଭ ପ୍ରକୃତି ସହିତ ଆଦିବାସୀଙ୍କ ଏକାତ୍ମକତାର ଅନ୍ୟତମ ଦୃଷ୍ଟାନ୍ତ ଭାବେ ବିଚାର୍ଯ୍ୟ ।

ସମଗ୍ର ପୃଥିବୀ ପ୍ରେକ୍ଷାରେ ଅନୁଧ୍ୟାନ କଲେ ଏହି Sacred Grove ଗୁଡ଼ିକ ସାଧାରଣତଃ (୧) Temple Grove ବା ଦେବାଳୟ ସନ୍ନିକଟସ୍ଥ; (୨) Traditional Grove ବା ପାରମ୍ପରିକ ଭାବେ ଗ୍ରାମଦେବତା ବା ଗ୍ରାମଦେବତୀ ଭାବେ ଖ୍ୟାତ ଅଞ୍ଚଳ; (୩) Burial Grove ବା ଶ୍ମଶାନ ସଂଲଗ୍ନ ସଂକ୍ଷିପ୍ତ ଜଙ୍ଗଲ (Forest-Patches) ଭାବେ ଦେଖିବାକୁ ମିଳିଥାଏ । ଏପରିକି ଅନେକତ୍ର ଏହାକୁ କେନ୍ଦ୍ରକରି ରହିଥାଏ ଅନେକ ଲୋକମିଥ୍ ଓ କିଂବଦନ୍ତୀ । ସମଗ୍ର ଭରତରେ ୧୪, ୦୦୦ରୁ ଅଧିକ ପବିତ୍ରବନ ରହିଥିବା ଜଣାଯାଏ । ଅନୁରୂପ ଭାବେ ଓଡ଼ିଶାରେ ଏହାର ସଂଖ୍ୟା ୨୧୬୬ରୁ ଅଧିକ ଅଟେ । ୨୦୧୬ ମସିହା ବେଳର ଏକ ତଥ୍ୟ ଅନୁଯାୟୀ କୋରାପୁଟରେ ୧୬୯ଟି ପବିତ୍ରବନ ଥିବା କଥା ଉଲ୍ଲେଖ ହେଉଥିବା ସ୍ଥଳେ ୨୦୦୦ ମସିହାରେ ପ୍ରକାଶିତ ଅନ୍ୟ ଏକ ତଥ୍ୟ ଅନୁଯାୟୀ କୋରାପୁଟ ଜିଲ୍ଲାରେ ଏହାର ସଂଖ୍ୟା ୩୨୨ରୁ ଅଧିକ ଥିବା କଥା ଉଲ୍ଲେଖ ରହିଛି । କୋରାପୁଟ ଜିଲ୍ଲାରେ ଦେଖିବାକୁ ମିଳିଥାଏ ପବିତ୍ରବନର ଅନେକ ଉଦାହରଣ । କୋରାପୁଟର କୁନ୍ଦୁଲିରେ ୧୧ଗୋଟି, ସାଡାମରେ ୧୧ଗୋଟି,

ରାଜୁପୁଟରେ ୯ଗୋଟି, ସୁବାଇରେ ୧୮ଗୋଟି, ଦୁଧାରୀରେ ୧୧ଗୋଟି, ଗୁଣ୍ଡାପୁଟରେ ୮ଗୋଟି, ଦଳେଇଗୁଡ଼ାରେ ୧୪ଗୋଟି, ନୁଟଲରେ ୭ଗୋଟି, ପାକଝୋଲାରେ ୧୬ଗୋଟି, ଖୁଡିରେ ୨୪ ଗୋଟି, ରେଙ୍ଗାରେ ୮ଗୋଟି, ହାଟଗୁଡାରେ ୧୩ଗୋଟି, କାଣ୍ଟିରେ ୧୩ ଗୋଟି ଛୋଟ-ବଡ ପବିତ୍ରବନ ଥିବା ସୂଚନା ମିଳିଥାଏ । ସେଥିମଧ୍ୟରୁ ଆଲିଗାଁର ବିଶେଷତଃ ପରଜାମାନଙ୍କ ଦ୍ୱାରା ପବିତ୍ରବନରେ ଗଙ୍ଗାମା' ପୂଜା ପାଉଥିବା ସ୍ଥଳେ ମାଳୀ ଓ ଅନ୍ୟାନ୍ୟ ଆଦିବାସୀମାନଙ୍କ ଦ୍ୱାରା ମାଉଲିମାରେ ମହାପ୍ରଭୁ; ପାଇକ-ଦୋରା-ମାଳି ଆଦି ଲୋକଙ୍କ ଦ୍ୱାରା ଭୈରବଗୁଡାରେ ଭୈରବୀ ଦେବୀ ପୂଜା ପାଉଛନ୍ତି । ପରଜା -ଶୁଣ୍ଢୀ-ମାଳୀ-ପାଇକ-କନ୍ଧ-ପରଜାଙ୍କ ଦ୍ୱାରା ଦୁଧାରୀରେ ଶିବଦେବ; ପରଜା ଆଦିବାସୀଙ୍କଦ୍ୱାରା ମାଳିଦୁସରାରେ ଗଙ୍ଗାମା' ତଥା ଗଉଡ-ଡମ୍ବ-ଗାଦବା-ପରଜାଆଦି ଲୋକଙ୍କ ଦ୍ୱାରା କଣ୍ଟାବାଉଁଶୁଣୀରେ କଣ୍ଟାବାଉଁଶୁଣୀ ଦେବୀ ପୂଜିତ ହେଉଥିବା ଲକ୍ଷ୍ୟ କରାଯାଇଥାଏ । କୋରାପୁଟର ପ୍ରାୟ ଗାଁରେ ଦେଖିବାକୁ ମିଳିଥିବା 'ନିଶାଣୀମୁଣ୍ଡା'କୁ ମଧ୍ୟ ସଂକ୍ଷିପ୍ତ ପବିତ୍ରବନର ଅନ୍ତର୍ଗତ କରାଯାଇପାରେ । କାରଣ ଯେତେବେଳେ କୌଣସି ଗାଁ ବସେ ସେତେବେଳେ ସେ ଗ୍ରାମର ପ୍ରତ୍ୟେକ ଦିଗରୁ ପୂଜା ସହିତ ସଂଗୃହୀତ ମାଟିକୁ ଏକ ପବିତ୍ର ସ୍ଥାନ ଭାବେ ନିର୍ବାଚନ କରି ସେଠାରେ ସଂଗୋପିତ କରି ସ୍ଥାପିତ କରାଯାଇଥାଏ । ସେହି ମାଟିକୁ ଅତ୍ୟନ୍ତ ପବିତ୍ର ବୋଲି ବିଚାର କରିଥାନ୍ତି ବିଶେଷତଃ ପରଜା ଆଦିବାସୀମାନେ ତଥା ସେ ଅଞ୍ଚଳରେ ବସବାସ କରୁଥିବା ମାଳୀ-ରଣା-କୁମ୍ଭାର ଆଦି ଲୋକେ । ଦିଆଲି ଓ ଚଇତ ଆଦି ପରବ ବେଳେ ତଥା ଅନ୍ୟ କେତେକ ସମୟରେ ସେଠାରେ ପୂଜା ଆଦି କରାଯାଇଥାଏ । କେହି କେହି ମାଟି ଦେବତା ବା ହୁଣ୍ଡି ଦେବତା ବୋଲି ମଧ୍ୟ କହିଥାନ୍ତି । ପବିତ୍ରମାଟିକୁ ସୁରକ୍ଷିତ କରିବା ପାଇଁ ପିଣ୍ଡି ମଧ୍ୟରେ କିମ୍ବା ବଡ଼ ବଡ଼ ପଥର ଦେଇ ରଖାଯାଇଥାଏ । ତେଣୁ ପ୍ରାୟତଃ 'ନିଶାଣୀମୁଣ୍ଡା' ସ୍ଥଳୀରେ ପଥର ସଜ୍ଜିତ ହୋଇଥିବା ଲକ୍ଷ୍ୟ କରାଯାଏ । ତା' ସହିତ ସେଇ ବସୁମାତା ସହିତ ସଂଲଗ୍ନ ବୃକ୍ଷ ଆଦି ସଂରକ୍ଷିତ ହୋଇ ସେଠାରେ ଏକ ସଂକ୍ଷିପ୍ତ ପବିତ୍ରବନ ସୃଷ୍ଟି ହୋଇଥାଏ । କୋରାପୁଟ ଜିଲ୍ଲାରେ ଏହି 'ନିଶାଣୀମୁଣ୍ଡା' ମାଟି ସଂରକ୍ଷଣ ଓ ବୃକ୍ଷ ସଂରକ୍ଷଣର ପ୍ରତୀକ ଦେବତା ଭାବେ ମଧ୍ୟ ଗୃହୀତ ହୋଇପାରନ୍ତି । ସପ୍ରସଙ୍ଗ କୋରାପୁଟର କଣ୍ଟାବାଉଁଶୁଣୀ ଦେବୀ ଏବଂ ତାଙ୍କର ପବିତ୍ର ବାଉଁଶ ବଣ ପ୍ରସଙ୍ଗକୁ ଏଠାରେ ଉଲ୍ଲେଖ କରାଯାଇପାରେ । କୁହାଯାଏ କୋରାପୁଟ ଜିଲ୍ଲାର ଦାମନଯୋଡି ସଂଲଗ୍ନ ଏହି ବାଉଁଶ ବଣ ଅତୀତରେ ଆହୁରି ଅଧିକ ବଡ ଥିଲା । ସମ୍ପ୍ରତି ପ୍ରାୟ ୧.୬ ହେକ୍ଟର ପରିମିତ ପରିଧିର ଏହି ସଂପୂର୍ଣ୍ଣ ସଂରକ୍ଷିତ ବାଉଁଶ ଜଙ୍ଗଲ ଦେବୀ କଣ୍ଟାବାଉଁଶୁଣୀଙ୍କ ଆସ୍ଥାନ ସ୍ଥଳ ହୋଇଥିବାରୁ ଏକ ସୁସଜ୍ଜ ପରିବେଶ ସୃଷ୍ଟି ହୋଇ ପାରିଛି ତଥା ସୃଷ୍ଟି କରିଛି ଏକ ସଫଳ ପବିତ୍ରବନର ଉଦାହରଣ । ମାଲକାନଗିରି ଜିଲ୍ଲାରେ ବସବାସ କରୁଥିବା କୋୟା ଆଦିବାସୀମାନେ ମହୁଲଗଛରେ ପରିପୂର୍ଣ୍ଣ ପବିତ୍ରବନରେ ସୁରକ୍ଷା ଦେଇଥାନ୍ତି ସେମାନଙ୍କର ମହୁଲ ଗଛଗୁଡିକୁ । ଯେଉଁଠି ସେମାନଙ୍କର ବିଜାଗୁଡି ବା ପ୍ରଭୁଙ୍କ ଆସ୍ଥାନ ବୋଲି ସେମାନଙ୍କର ବିଶ୍ୱାସ ରହିଛି । ସେଠାରେ ସେମାନଙ୍କର ଗ୍ରାମଦେବତୀ ଗୁଡିମାତା ପୂଜା ପାଇଥାନ୍ତି । ମୟୂରଭଞ୍ଜ ଜିଲ୍ଲାରେ ଭୂମିଜ ଜନଜାତିର ଲୋକେ ତାଙ୍କର ଏଭଳି ସ୍ଥଳକୁ 'ଜହିରଥାନ' କହିଥାନ୍ତି । ଏଠାରେ ଜାହିରବୁରୁ, କାରକଟା, ବାଘୁଟ, ଗ୍ରାମଦେବତା, ଦେଓଶାଲି ଆଦି ଦେବାଦେବୀ ପୂଜିତ ହୋଇଥାନ୍ତି । ଲୋକବିଶ୍ୱାସ ଅନୁଯାୟୀ ସେମାନେ ଦୁଷ୍ଟ ପ୍ରେତାତ୍ମା ଓ ସଂକ୍ରାମକ ରୋଗ ଆଦିକୁ ଗ୍ରାମ ଭିତରକୁ ଛାଡ଼ି ନଥାନ୍ତି । ବିଭିନ୍ନ ପୂଜା-ପାର୍ବଣରେ ସେଠାରେ ଦେହୁରୀ ପୂଜା କରିଥାଏ । ମୟୂରଭଞ୍ଜ ଜିଲ୍ଲାର 'ହୋ' ଆଦିବାସୀମାନେ ମଧ୍ୟ ଗ୍ରାମକୁ ସୁରକ୍ଷା ପ୍ରଦାନ କରୁଥିବା ଦଶାଉଳିଙ୍କୁ ଏବଂ ତାଙ୍କ ବିଶ୍ୱଦୃଷ୍ଟିରେ ସମଗ୍ର ବିଶ୍ୱର ଦେବତା ସିଂଙ୍ଗବୋଙ୍ଗା (ସୂର୍ଯ୍ୟଦେବତା) ଆଦି ବିଭିନ୍ନ ସମୟରେ ଜହିରା ଅଞ୍ଚଳ ବା ପବିତ୍ରବନ ଅଂଶରେ ପୂଜିତ ହୋଇଥାନ୍ତି । ଅନୁରୂପ ଭାବେ ଏହି ଅଞ୍ଚଳରେ ରହୁଥିବା କୋଲ୍ହ ଜନଜାତିର ଲୋକେ ଗ୍ରାମର ଶାଳବନକୁ 'ଜହିରା' ବା ପବିତ୍ରବନ ଭାବେ ଗ୍ରହଣ କରିଥାନ୍ତି । ସେହି ଜହିରା ହିଁ ସେମାନଙ୍କ ପୂଜାସ୍ଥଳ ଅଟେ, ଯେଉଁଠି ପୂଜା-ଆରାଧନା-ବଳି-ପ୍ରସାଦ ଆଦି ଅର୍ପଣ କରିଥାନ୍ତି । ସେମାନଙ୍କ ବିଶ୍ୱାସ ଅନୁଯାୟୀ ସେମାନଙ୍କ ପିତୃପୁରୁଷଙ୍କ ଆତ୍ମା ଜହିରାରେ ଆଶ୍ରୟ ନେଇଥାନ୍ତି । ମୟୂରଭଞ୍ଜ ଜିଲ୍ଲାର ସାନ୍ତାଳ ମାନଙ୍କର ପବିତ୍ରବନକୁ 'ଜାହେର' କୁହାଯାଏ । ସେଠାରେ ମୁଖ୍ୟତଃ ଶାଳ, ଅସନ, ନିମ୍ବ ଆଦି ବୃକ୍ଷ ରହିଥାଏ । ନୂଆପଡ଼ା ଜିଲ୍ଲାର ଭୁଞ୍ଜିଆମାନେ ସେମାନଙ୍କର ଅଧିଷ୍ଠାତ୍ରୀ ଦେବୀ ସୁନାଦେଈକୁ ଯେଉଁଠାରେ ପୂଜା କରନ୍ତି ସେଠାରେ ସଂରକ୍ଷିତ ପବିତ୍ରବନ ରହିଥିବା ଦେଖିବାକୁ ମିଳେ । ସମ୍ବଲପୁର ଜିଲ୍ଲାର ନୃସିଂହନାଥ ଗନ୍ଧମାର୍ଦ୍ଦନ ପାର୍ବତ୍ୟଅଞ୍ଚଳରେ ବସବାସ କରୁଥିବା ବିଂଝାଲ ଜନଜାତିମାନେ ସେମାନଙ୍କର ଅଧିଷ୍ଠାତ୍ରୀ ଦେବୀ ବିନ୍ଧ୍ୟବାସିନୀଙ୍କୁ ପୂଜା କରିଥାନ୍ତି । ଭାଦ୍ରବ ମାସରେ ପାଳିତ ହେଉଥିବା କରମା ପୂଜାବେଳେ କରମାସାନୀଙ୍କୁ ଆବାହନ କରି ଆଣିଥାନ୍ତି ଉକ୍ତ ପୂଜାସ୍ଥଳୀକୁ । କିନ୍ତୁ ପୂଜାପାଇଁ କରମାଙ୍କୁ ବିଂଝାଲମାନେ ତାଙ୍କ ପବିତ୍ରବନ ମଧ୍ୟରୁ ଆଣିଥାନ୍ତି । ପବିତ୍ରବନରେ କରମା ଗଛ ପୂଜିତ ହେଉଥିବାରୁ ସେଠାରେ ଥିବା ଅରଣ୍ୟ ସୁଷମା ସଂରକ୍ଷିତ ହୋଇ ରହିଥାଏ । କାରଣ ସେମାନେ ସେହି ପବିତ୍ରବୃକ୍ଷ ଥିବା ଅଞ୍ଚଳକୁ ଆସ୍ଥାର ପ୍ରତୀକ ଭାବେ ଗ୍ରହଣ କରିଥିବା ଦୃଷ୍ଟିକୁ ଆସିଥାଏ ।

## ପ୍ରକୃତି / ପର୍ଯ୍ୟାବରଣ ଓ ଆଦିବାସୀଙ୍କ ଗୋତ୍ର:

Encyclopedia Britannica ଅନୁଯାୟୀ: "System of belief in which humans are said to have kinship

or a mystical relation with a sprit-being, such as an animal or plant. The entity, or totem, is through to interact with a given kin group or an individual and to serve as their emblem or symbol. The term totemism has been used to characterize a cluster or traits in the religion and in the social organization of many peoples.” କଥାଟିକୁ ସରଳ କରି ଏଭଳି କୁହାଯାଇପାରେ ଯେ ପ୍ରତ୍ୟେକ ବ୍ୟକ୍ତି ଓ ବର୍ଗର ଗୋଟିଏ ଗୋଟିଏ ସଂକେତ/ପ୍ରତୀକ ଦ୍ୱାରା ସେମାନଙ୍କ ଗୋଷ୍ଠୀ ସହିତ ସଂଶ୍ଲିଷ୍ଟ ହୋଇଥାନ୍ତି । ଏହା ଠିକ ଗୋତ୍ର ଭଳି । ସଭ୍ୟତାର ବିକାଶ ସହିତ ଏହା ସମଗ୍ର ବିଶ୍ୱ-ମଣିଷର ପରମ୍ପରା ତଥା ଏକ ଧର୍ମୀୟ ବିଶ୍ୱାସ ସହିତ ଜଡିତ ବର୍ଗର ସାଙ୍କେତିକ ସ୍ୱରୂପ ଅଟେ । ଏହା ହିଁ ଏକ ବର୍ଗଠାରୁ ଆଉ ଏକ ବର୍ଗର ମଣିଷକୁ ସ୍ୱତନ୍ତ୍ର କରି ପରିଚିତ କରିଥାଏ । ଏପରିକି ସେମାନେ ଯେ ଏକ ବଂଶ ବା କ୍ଲାନର ଉତ୍ତରାଧିକରୀ ତାହା ଅନୁମିତ ହୁଏ ଏବଂ ବିବାହ ଭଳି କେତେକ ସାମାଜିକ ଅନୁଷ୍ଠାନରେ ଏହା ବେଶ ଗୁରୁତ୍ୱ ପାଇଥାଏ । ଜନଜାତିମାନଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଥାଏ ଯେ ଟୋଟେମ ବା ଗୋତ୍ରଗୁଡିକ ପ୍ରାୟତଃ ବିବିଧ ପଶୁ-ପକ୍ଷୀ-ସରୀସୃପ-ଗଛ-ବୃଛ-ଫଳ-ଫୁଲ ସହିତ ବିଭିନ୍ନ ବସ୍ତୁ ମଧ୍ୟ ପ୍ରତୀକ ଭାବେ ଗୃହୀତ ହୋଇଛନ୍ତି । ସେହି ସମାନ ଗୋତ୍ରରେ ସେମାନଙ୍କର ବିବାହ ହୁଏ ନାହିଁ । କାରଣ ସେମାନେ ଏକ ବଂଶଜ ଭାବେ ନିଜକୁ ଗ୍ରହଣ କରିଥାନ୍ତି । ଅନ୍ୟପକ୍ଷରେ ପ୍ରୋକ୍ତ ଜୀବଜନ୍ତୁ-ଗଛ-ବୃଛ ତଥା ବସ୍ତୁଆଦିକୁ ସେମାନେ କୌଣସି ହାନି କରି ନଥାନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ କଥାଟି ହେଉଛି ଏହି ଗୋତ୍ରବାଦରେ ଗୋତ୍ର ଭାବେ ଗୃହୀତ ସମସ୍ତ ଉପାଦାନ ଆମର ପ୍ରକୃତି ଓ ପର୍ଯ୍ୟାବରଣ(Nature and Environment) ସହିତ ସଂଯୁକ୍ତ । ନୃତତ୍ତ୍ୱବିତମାନଙ୍କ ମତରେ ଏହାର ମୁଖ୍ୟ କାରଣ ହେଉଛି ପ୍ରକୃତି ସହିତ ସହଗାମୀ ହେବା ତଥା ନିଜକୁ ତାହାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଗ୍ରହଣ କରିବା । ସେହିଭଳି Oxford Dictionaryରେ ଉଲ୍ଲେଖ ଅଛି ଯେ “ A totem is a guardian sprit of a particular unit of kinship or social organization such as a clan or tribe. A totem may be a species of plant, insect, animal, bird, or even a mythical entity. (http//www.o¨fordreference.com) ବା “A natural object or animal that is believed by a particular society to have spiritual significance and that is adopted by it is an emblem.” ଏକ ବର୍ଗୀୟ ଜୀବନର ବିଶ୍ୱାସବୋଧ ଏବଂ ଆଧ୍ୟାତ୍ମିକତା ସହ ସଂଯୁକ୍ତ ଏକ ସଂକେତ (ପ୍ରାକୃତିକ ଉପାଦାନ/ଜୀବଜନ୍ତୁ/ଗଛ-ବୃଛ) ହିଁ ଗୋତ୍ରବାଦର ମୌଳିକ ଅଭିବ୍ୟକ୍ତି ।

‘ଗୋତ୍ର’ ବା ‘Totem’ ଶବ୍ଦଟି Ojibwa ଭାଷା ଯାହାକି ଏକ Algonquian Languageରୁ ଆସିଥିବା ବିଶ୍ୱାସ କରାଯାଏ । ଯେଉଁ ଭାଷାଟି ସାଧାରଣତଃ ଏକଦା American Indianମାନେ କହୁଥିଲେ । ଏହାର ଅନ୍ୟ ବିକଳ୍ପ ଶବ୍ଦ ଭାବେ ଇଂରେଜୀରେ Emblem, Logo, Sign ବୋଲି କୁହାଯାଇପାରେ । ଏହି ସଂକେତ ବହନ କରେ ଗୋଟିଏ ଜାତିର ସମଗ୍ର ଅସ୍ତିତ୍ୱକୁ ଧାରଣ କରିଥାଏ । ସେହି ଅସ୍ତିତ୍ୱ ସହିତ ସଂଯୁକ୍ତ ଥାଏ ସେହି ଜନଜାତିଙ୍କ ଉତ୍ପତ୍ତି ଓ ଉନ୍ମେଷର ଆଦିମ ଇତିହାସ ।

ଅନ୍ୟ ଆଦିବାସୀମାନଙ୍କ ଭଳି ବାଥୁଡିମାନଙ୍କର ମଧ୍ୟ ସ୍ୱତନ୍ତ୍ର ଗୋତ୍ର(Totem) ରହିଛି । ଓଡ଼ିଶାର ଅନ୍ୟାନ୍ୟ ଜନଜାତିଙ୍କ ମଧ୍ୟରେ ବିଶେଷତଃ ପଶୁ, ପକ୍ଷୀ, ଜୀବଜନ୍ତୁ ଓ ଗଛଲତାକୁ ଆଧାର କରି ବିଭିନ୍ନ ଗୋତ୍ର ରହିଥିବା ସ୍ଥଳେ ବାଥୁଡିମାନେ ପଶୁ,ପକ୍ଷୀ,ମାଛ, ଋଷି ତଥା ଭିନ୍ନ ଫୁଲକୁ ମଧ୍ୟ ନିଜ ଗୋଷ୍ଠୀ ବା ଜାତିର ସନ୍ତକ(Sign) ଭାବେ ଗ୍ରହଣ କରିଥିବା ଲକ୍ଷ୍ୟ କରାଯାଏ । ଫଳତଃ ସେମାନେ ନିଜ ଗୋତ୍ରରେ ଥିବା ଜୀବଜନ୍ତୁଙ୍କୁ ବଧ କରିନଥାନ୍ତି ଏବଂ ସେହି ବୃକ୍ଷ ଓ ଫୁଲ ଆଦି ଗଛକୁ କୌଣସି ହାନି ସୃଷ୍ଟି କରି ନଥାନ୍ତି । ଏଠାରେ କେତେକ ଗୋତ୍ରର ଉଲ୍ଲେଖ କରାଯାଇପାରେ । ଯଥା ଧାନଫୁଲ, ନାଗେଶ୍ୱର, ଡାହୁକ, ନାଗ, ଶାଳମାଛ, ଦେ ଚଢେଇ, କୁକୁର ମୁଣ୍ଡିଆ, ପାଣିପୋକ ଆଦି ସ୍ମରଣୀୟ । ଏପରିକି ସେମାନେ ବ୍ୟବହାର କରୁଥିବା କେତେକ ସଂଜ୍ଞା (Title)ରେ ମଧ୍ୟ ତାହା ପରିଲକ୍ଷିତ ହୋଇଥାଏ । ଯଥା ଧଣ୍ଡ, ବାଘ, ବାଘସିଂ, ଉଲ୍ଲୁକ, ଶର୍ଙ୍ଗିଆଳ, ସିଂହ, ସାପୁଆ, ନେଉଳିଆ, ମୂଷାପାଲିଆ ଇତ୍ୟାଦି । ବଣ୍ଡା ଆଦିବାସୀ ମାନଙ୍କର କ୍ଷେତ୍ରରେ ଦେଖାଯାଏ ଦୁଇଟି ପ୍ରମୁଖ ବଂଶ । ଦୁଇଟି ଯାକ ବଂଶ ଧାରଣ କରିଛି ଦୁଇଟି ପ୍ରମୁଖ ଜୀବଙ୍କୁ । ପ୍ରଥମଟି ‘ଓନ୍ତାଳ’(ନାଗବଂଶ) ଏବଂ ଅନ୍ୟଟି ‘କିଲ୍ଲୋ’(ବାଘବଂଶ) । ଡିଡାୟୀମାନଙ୍କର ପାଞ୍ଚଟି ପ୍ରମୁଖ ବଂଶ ମଧ୍ୟରେ ‘ଉଙ୍ଖୁ’ (Nkhoo) ବା ‘ବାଘଗୋତ୍ର’,‘ମଲ’ (Mala) ବା ‘ନାଗଗୋତ୍ର’, ‘ଗାବେ’ (Gabe) ବା ‘ଭାଲୁଗୋତ୍ର’, ‘ମୁସାଲି’(Mosali) ବା ‘କୁମ୍ଭୀରଗୋତ୍ର’, ‘ଗୋଇ’ (Goi) ବା ‘କଇଁଛଗୋତ୍ର’ । ଏମାନଙ୍କ ବଂଶ ମଧ୍ୟରେ ବିଭିନ୍ନ ବଂଶଲିତା ଦେଖିବାକୁ ମିଳିଥାଏ । ମାତ୍ର ‘କୁଦବୟସ’ ବା ନାଗ-ବାଘ-କଇଁଛ ଗୋତ୍ର ମଧ୍ୟରେ ବିବାହ ସମ୍ପର୍କ ସ୍ଥାପିତ ହୋଇପାରିଥାଏ । ମାତ୍ର କଇଁଛ ଓ କୁମ୍ଭୀରଗୋତ୍ର ସ୍ୱ ଗୋତ୍ରରେ ନିଜ ଆତ୍ମୀୟଙ୍କ ସହ ବିବାହ କରନ୍ତି ନାହିଁ । ପରଜା ଆଦିବାସୀମାନେ ବହୁଭାଗରେ ବିଭକ୍ତ ହୋଇଥିବା କୋରାପୁଟରେ ଲକ୍ଷ୍ୟ କରାଯାଏ । ଯଥା- ବଡ ପରଜା, ସାନ ପରଜା, ପେଙ୍ଗୁ ପରଜା, ପାରେଙ୍ଗା ପରଜା, ଝୋଡ଼ିଆ ପରଜା, ଛେଲିଆ ପରଜା ଇତ୍ୟାଦି । କେତେକ କ୍ଷେତ୍ରରେ ବଣ୍ଡା ପରଜା ଓ କନ୍ଧ ପରଜା ଭାବେ ମଧ୍ୟ ନିଜର ବ୍ୟାପ୍ତିକୁ ଦର୍ଶାଇଥାନ୍ତି । ପରଜାମାନଙ୍କର ବାଘ, ଚିଲ,

କୁକୁର, ଛେଳି, କଇଁଛ, କେଙ୍କଟ ଇତ୍ୟାଦି ଗୋତ୍ରରେ ବିଭକ୍ତ ହୋଇଥିବା ଲକ୍ଷିତ ହୋଇଥାଏ । ଗୃହୀତ ପଶୁ-ପକ୍ଷୀଙ୍କୁ ଏମାନେ ପୂଜା କରିଥାନ୍ତି ଏବଂ ସେମାନଙ୍କୁ କୌଣସି ଆଘାତ ଦେଇ ନଥାନ୍ତି । ସାଧାରଣତଃ ବଡରଣା, ସାନରଣା,ପୁଟିଆ, ଦୁଲିଆ ଭାବରେ ବିଭକ୍ତ କଟିଆ ଜନଜାତିଙ୍କ ଖରା (ସୂର୍ଯ୍ୟ), ନାଗ (ହନ୍ତାଳ), ବାଘ, ମାଛ , ହନୁ (ମାଙ୍କଡ), ଶାମାର/ଶାଗୁଣା, ଶୁଗ୍ରି(ଗୋରୁ), ଗାମି(ବଣି ଚଢେଇ), ଫୁଲ (ମାଗୁର ମାଛର ଫୁଲ/ଗାଲିସୀ) ଭଳି ଗୋତ୍ରବାଦ ରହିଛି । ଲୋଧା ଜନଜାତିଙ୍କ ନଅ ଗୋଟି ବଂଶରେ ବିଭକ୍ତ ଏବଂ ପ୍ରତ୍ୟେକ ବଂଶର ଏକ ଏକ ସ୍ୱତନ୍ତ୍ର ବଂଶର ସଂଜ୍ଞା ଓ ଗୋତ୍ର ରହିଛି । ଗୋତ୍ରଗୁଡିକ ପଶୁ ଓ ପକ୍ଷୀ ତଥା ଫଳ ଆଧାରିତ । ଉଦାହରଣତଃ ଭକ୍ତା/ ଭୁକ୍ତା/ ଭଗତା ବଂଶର ଚୁରକୀ/ବୟାଁଆଳୁ ଗୋତ୍ର । ଏମାନେ ଜଙ୍ଗଲରୁ ଆଳୁ ଖୋଳନ୍ତି ନାହିଁ କିମ୍ବା ଖାଆନ୍ତି ନାହିଁ । ଏପରିକି ଯେକୌଣସି କନ୍ଦା ବା ଚେରମୂଳୀ ସଂଗ୍ରହ ବେଳେ ଛୋଟ ଚୁରୁକୀ ଆଳୁ କଟିଗଲେ ରକ୍ତ ବାହାରିବା ବିଶ୍ୱାସ ରହିଛି । ମଳିକ/ମଲିକ ବଂଶର ମଗର ଓ ଶାଳମାଛ ଗୋତ୍ର । ଏମାନେ ମଗରକୁ ସ୍ପର୍ଶ କରନ୍ତି ନାହିଁ କିମ୍ବା ଶାଳମାଛ ଖାଆନ୍ତି ନାହିଁ । କଟୁଆଳ/କଟାଳ/କୋଟାଳବଂଶର ଚନ୍ଦ୍ର ଏବଂ ଫିଙ୍ଗିଙ୍ଗ (ଝିଣ୍ଟିକା)ଗୋତ୍ର । ଏହି ବଂଶର ଲୋକେ କେବେ ଝିଣ୍ଟିକା ମାରନ୍ତି ନାହିଁ । ଝିଣ୍ଟିକାମାନେ ଚନ୍ଦ୍ରଙ୍କ ସନ୍ତାନ ଭାବେ ସେମାନଙ୍କ ବିଶ୍ୱାସ ରହିଥିବାରୁ ସେମାନଙ୍କୁ ନିଜର ଜ୍ଞାତି ବା କୁଟୁମ୍ବ ଭାବେ ଗ୍ରହଣ କରିଥାନ୍ତି । ନାଏକ/ଲାଏକ/ଲାଇକ ବଂଶର ଶାଳମାଛ; ଦିଗର ବଂଶ କଚିମ (କଇଁଛ)ଗୋତ୍ର ହୋଇଥିବାରୁ ଏମାନେ କଇଁଛ ଧରନ୍ତି ନାହିଁ କିମ୍ବା ଖାଆନ୍ତି ନାହିଁ । ଏପରିକି କଇଁଛ ଦେଖିଲାପରେ ସେମାନେ ଗାଧୋଇଥାନ୍ତି । ପରମାଣିକ/ପ୍ରାମାନିକ ବଂଶର ମାଣିକ ପକ୍ଷୀ ଗୋତ୍ର ହୋଇଥିବାରୁ ସେମାନେ ଏହି ପକ୍ଷୀକୁ ଧରନ୍ତି ନାହିଁ କିମ୍ବା ମାଂସ ଖାଆନ୍ତି ନାହିଁ । ଦଣ୍ଡପାଟ/ବାଘ ବଂଶର ବାଘ ଗୋତ୍ର ହୋଇଥିବାରୁ ବାଘର ଗର୍ଜନ ଶୁଣିବା ମାତ୍ରେ ହାତଯୋଡି ପ୍ରଣାମ କରନ୍ତି ଏପରିକି ବାଘକୁ ମଧ୍ୟ ମାରନ୍ତି ନାହିଁ । ଆହାଡ଼ି/ଆଡ଼ି/ପାହାଡ଼ି ବଂଶର ଚନ୍ଦାମାଛ ହୋଇଥିବାରୁ ସେହି ମାଛକୁ ଖାଆନ୍ତି ନାହିଁ । ଭୂୟାଁ/ଭୂଇୟାଁ ବଂଶର ଶାଳମାଛ ଗୋତ୍ର ହୋଇଥିବାରୁ ଅନୁରୂପ ନିୟମ ମାନିଥାନ୍ତି ।

ସମଗ୍ର ଭାରତ ପ୍ରେକ୍ଷାରେ ଅନୁଶୀଳନ କଲେ ଗଣ୍ଡ ଏକ ବୃହତ୍ତର ଜନଜାତି ଅଟନ୍ତି । ଅତୀତରେ ଗୋଣ୍ଡୱାନାରାଜ୍ୟ ଭାବେ ଭୂଖଣ୍ଡ ସହିତ ଜଡିତ ଏହି ଜନଜାତି ସମ୍ପ୍ରତି ଆଧୁନିକ ସାମାଜରେ ଗୁଣ୍ଡକୀପୁରାଣ ବର୍ଣ୍ଣିତ ଗଣ୍ଡ ସୃଷ୍ଟିତତ୍ତ୍ୱକୁ ଏମାନେ ଗ୍ରହଣ କରିନେଇଥିବା ଅନୁମାନ କରାଯାଏ । ମାତ୍ର ଏମାନଙ୍କ ବିଭିନ୍ନ ବର୍ଗ ରହିଥିବା ଦେଖାଯାଏ । ଯାହାକି ଗୋତ୍ରୀ ବା ଗୋତ୍ର ଆଧାରିତ । ବିଭିନ୍ନ ଗୋତ୍ରର ଉପାସ୍ୟ ଦେବାଦେବୀ ମଧ୍ୟ ଭିନ୍ନ ଅଟନ୍ତି । ତିନି ଦେଓ, ଚାରିଦେଓ, ପାଞ୍ଚ ଦେଓ, ଛଅ ଦେଓ, ସାତଦେଓ ଇତ୍ୟାଦି । ଯେପରିକି ତିନିଦେଓମାନେ କଦମ୍ବ ଗଛକୁ ପୂଜା କରିଥାନ୍ତି । ପାଞ୍ଚଦେଓ ବା ଗୋତ୍ରୀମାନଙ୍କ ମଧ୍ୟରୁ ସୋମବଂଶୀମାନେ ପଳାଶ ଗଛକୁ ପୂଜା କରିଥାନ୍ତି । ଛଅଦେଓର କଦମ୍ବ ଏକ ପ୍ରମୁଖ ବଂଶ ଅଟେ । ସେହିଭଳି ସାତଦେଓମାନଙ୍କ ଉତ୍ପତ୍ତି ନାଗରାଜ ମୁଖରୁ ହୋଇଥିଲା ବୋଲି ଗଣ୍ଡ ମାନେ ବିଶ୍ୱାସ କରିଥାନ୍ତି । ଓଡ଼ିଶାର ଗଣ୍ଡମାନେ ପ୍ରକୃତିର ବହୁ ଜୀବଜନ୍ତୁଙ୍କୁ ନିଜର ଗୋତ୍ର ସଂକେତ ଭାବେ ଗ୍ରହଣ କରିଛନ୍ତି । ଯଥା କେତେକ ବଂଶ ନୈତାମ୍ (କୁକୁର), ପୟାମ୍ (କଇଁଛ), ବକଡି (ଆଟୀ: ଛେଳି), ଗୋଇ (ଗୋଧି), କ୍ରାମ୍ (ସୀମା କୁକୁଡା: ବଣ କୁକୁଡା), ବୋନ୍ଦରୀ (ମାଙ୍କଡ), ବାଘ ଆଦିଙ୍କୁ ସମ୍ମାନ ପ୍ରଦର୍ଶନ ସହିତ ଏମାନେ ସେ ସମସ୍ତ ଜୀବଜନ୍ତୁଙ୍କୁ ମାରନ୍ତି ନାହିଁ କିମ୍ବା ଖାଆନ୍ତି ନାହିଁ । ମାଟିଆ/ମାଟିୟା ବା କାମ୍ପ ଭାବେ ପରିଚିତ ଜନଜାତି କେଳା ସମ୍ପ୍ରଦାୟ ବୋଲି ମଧ୍ୟ କେହିକେହି କହିଥାନ୍ତି । ମାଟିକାମ କରୁଥିବା ଏହି ଜନଜାତିଙ୍କ ଗୋତ୍ର ଅନ୍ୟ ଜନଜାତିଙ୍କ ଗୋତ୍ରଠାରୁ ବେଶ ଭିନ୍ନ । ଏପରିକି ଅଧିକାଂଶ ଗୋତ୍ର ଔଷଧୀୟ ବୃକ୍ଷ ଓ ଗଛଭିତ୍ତିକ । ଅନେକାଂଶରେ ତେଲଗୁ ଭାଷାରେ ଗୃହୀତ ହୋଇଥିବା ଲକ୍ଷଣୀୟ । ଯଥା ତୁଳସୀ, ଅଶ୍ୱତ୍ଥ ଇତ୍ୟାଦି ।

ଜୁଆଙ୍ଗ ଜନଜାତିମାନଙ୍କ ବଂଶ ଓ ଗୋତ୍ର ସମ୍ପର୍କରେ ଏକ ବିଶେଷ କାହାଣୀ ରହିଛି । ଥରେ ଜଙ୍ଗଲରେ ରହୁଥିବା ଋଷି-ଋଷିଆଣୀଙ୍କ ବାର ଜଣ ପୁଅ ଶିକାର ପାଇଁ କିଛି ନପାଇବାରୁ ଗୋଟିଏ ଗାଈକୁ ମାରି ତାର ମୁଣ୍ଡକୁ ପୋତିଦେଇ ତାର ମାଂସ ଧରି ଘରକୁ ଫେରିଲେ । ଋଷି ଓ ଋଷିଆଣୀ ଏହା ଜାଣିପାରିବାରୁ ସେମାନେ ତାହାକୁ ସମ୍ବର ମାଂସ ବୋଲି ମିଛ କହିଲେ । ମାତ୍ର ସେମାନେ ବିଶ୍ୱାସ କାଲେ ନାହିଁ । ସେଇଠୁ ସମସ୍ତେ ମୁଣ୍ଡପୋତା ହୋଇଥିବା ଜାଗାକୁ ଗଲେ । ସେ ଜାଗାକୁ ଲକ୍ଷ୍ୟକରି ପିଲାମାନେ ଶପଥ କାଲେ ଯେ ଯଦି ତାହା ଗାଈମୁଣ୍ଡ ହୋଇଥାଏ ତେବେ ସେଥିରୁ ପାଣି ବାହାରିବ । ସଙ୍ଗେ ସଙ୍ଗେ ସେଥିରୁ ପାଣି ବାହାରିବାକୁ ଲାଗିଲା । ଏପରିକି ନାକପୁଡାରୁ ଦୁଇଟି ପାଣିଧାର ପ୍ରଖର ସ୍ରୋତରେ ପରିବର୍ତ୍ତିତ ହେଲା ଏବଂ ତାହା ଏତେ ପ୍ରଖର ଥିଲାଯେ ଋଷିଙ୍କ ବାରଜଣ ଯାକ ସମସ୍ତେ ସ୍ରୋତରେ ଭାସିଗଲେ । ଯେ ପୁତ୍ର ଯେଉଁ ଆଶ୍ରା ପାଇଲା ସେଇ ଅନୁସାରେ ନୂଆ ବାରଟି ବଂଶରେ ସୃଷ୍ଟି ହେଲା । ଯଥା- ଚମ୍ପାଗଛକୁ ଆଶ୍ରାକରି ବଞ୍ଚିଥିବା ପୁଅଟି ଥିଲା ଏହି ବଂଶର ପ୍ରଥମ ମଣିଷ ତେଣୁ ସେ ବଂଶର ନାମ (୧) ଚମ୍ପେଇବକ୍ । ଜିଟୁଆ ଗଛକୁ ଧରି ରକ୍ଷା ପାଇଥିବାରୁ (୨) ଜିଟୁଆବକ୍ । କରଡା ବା କିରି ଗଛକୁ ଆଶ୍ରାକରି ବଞ୍ଚିଥିବାରୁ (୩) କିରିୟାରିବକ୍ । କଇଁଛକୁ ଧରି ନିଜକୁ ରକ୍ଷା କରିଥିବାରୁ (୪) କଇଁଚବକ୍ । ଲାଞ୍ଜିଆ ନାମକ ଏକ ପ୍ରକାର କଣ୍ଟା ଗଛକୁ ଧରି ବଞ୍ଚିଥିବାରୁ (୫) ଲାଞ୍ଜିଆବକ୍ । ଗଛଉପରେ ଥିବା ଏକ ମଞ୍ଚାକୁ ଆଶ୍ରା କାରୀ ରକ୍ଷା ପାଇଥିବାରୁ (୬ ) ରୁଣ୍ଡାଲିବକ୍ । ଏକପ୍ରକାର ଘାସବୁଦାକୁ

ଧରି ରକ୍ଷା ପାଇଥିବାରୁ (୭) ସାଇଁବକ୍ । ସଲକି ଗଛକୁ ଧରି ବଞ୍ଚିଯାଇଥିବାରୁ (୮) ସଲାରବକ୍ । ଗୋଟିଏ ବଡ ମାଛକୁ ଧରି ତାରିଯାଇଥାବାରୁ (୯) ସରିଂବକ୍ । ଶିଆଳି ଲାଟକୁ ଆଶ୍ରାକରି ରକ୍ଷା ପାଇଥିବାରୁ (୧୦) ସାରିଆରିବକ୍ । ଶାଳ ଗଛକୁ ଧରି ଉଦ୍ଧାର ପାଇଥିବାରୁ (୧୧) ଶାରିୟାବକ୍ । ଏକ ଟାଙ୍ଗର ମୁଣ୍ଡିଆକୁ ଚଢିଯାଇ ରକ୍ଷା ପାଇଥିବାରୁ (୧୨) ଟାଙ୍ଗରବକ୍ ଭାବେ ସମସ୍ତେ ନିଜ ନିଜ ବଂଶର ସାଜିଥିଲେ ପ୍ରଥମ ମଣିଷ ଏବଂ ସେମାନଙ୍କରଠାରୁ ଆରମ୍ଭ ହୋଇଥିଲା ବଂଶ ଓ ଗୋତ୍ର । ବାରଟିଯାକ ଉପାଦାନ ଥିଲା ପ୍ରକୃତିକୈନ୍ଦ୍ରିକ ଉପାଦାନ । ପରବର୍ତ୍ତୀ ସମୟରେ ଏଥିରୁ ଆହୁରି ଅନେକ ବଂଶ ସୃଷ୍ଟି ହୋଇଥିବା ମଧ୍ୟ ଶୁଣିବାକୁ ମିଳେ । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏମାନଙ୍କ ବିଭିନ୍ନ ଗୋତ୍ର ବିଭିନ୍ନ ଜୀବଜନ୍ତୁମାନଙ୍କୁ ଭିତ୍ତି କରି ନାମିତ । ଜୁଆଙ୍ଗମାନଙ୍କ ବୃକ୍ଷ-ଜୀବଜନ୍ତୁ-ପାହାଡ଼-ଝରଣା-ମହାଜଗତିକ ବସ୍ତୁ ଅନୁସାରେ ଅନେକ ଗୋତ୍ର ପରିଲକ୍ଷିତ । ଗୋତ୍ର ଅନୁସାରେ ସେମାନଙ୍କ ନାମକରଣ ହୋଇଥାଏ । ଉଦାହରଣ ସ୍ୱରୂପ ଟାଙ୍ଗରପଡିଆ ଜୁଆଙ୍ଗ ଗୋତ୍ର ହେଉଛି 'ଟାଙ୍ଗର' (ଏକ ବିଶେଷ ପଥର) ଏହି ପଥର ଅନୁସାରେ ଏମାନଙ୍କର ନାମକରଣ ।

ମୁଣ୍ଡା ଆଦିବାସୀମାନଙ୍କ କ୍ଷେତ୍ରରେ ମଧ୍ୟ ଅନେକ ଗୋତ୍ର ରହିଛି ଯଥା : ହେମ୍ରୋମ (ଏକ ପ୍ରକାର ସାପ),ନାଗବଂଶୀ (ନାଗସାପ ବଂଶୀ), ଭୂତକୁଆର (ଏକ ପ୍ରକାର ମାଛ), ହସ୍ୱା (ବତକ) । ଏହି ଗୋତ୍ରମାନଙ୍କ ପଛରେ ମଧ୍ୟ ଏକ ଏକ କାହାଣୀ ସଂଯୁକ୍ତ ରହିଥାଏ । ଲୋକକଥା ଅନୁଯାୟୀ ଅତି ପ୍ରାଚୀନ କାଳରେ ଯେତେବେଳେ କି ମୁଣ୍ଡା ଜାତି ସୃଷ୍ଟି ହୋଇନଥିଲେ ସେତେବେଳେ ଜେନ ଆଦିବାସୀ ଝିଅ ସେ ନିୟମିତ ନିଜର ଲୁଗାପଟା ଧୋଇବାକୁ ଏକ ନଦୀକୁ ଯାଉଥିଲା । ତାର ସୌନ୍ଦର୍ଯ୍ୟ ଓ କାର୍ଯ୍ୟକଳାପକୁ ଏକ ଜଳ ମଧ୍ୟରେ ରହୁଥିବା ଏକ ସର୍ପ ସର୍ବଦା ଅନ୍ୱେଷ୍ଣ କରୁଥିଲା । ତାର ନାମ ଥିଲା ଶେଷନାଗ । ଶେଷନାଗ ଝିଅଟି ପ୍ରତି ଅତ୍ୟନ୍ତ ଆକର୍ଷିତ ହେବା ସହିତ ତାକୁ ବିବାହ କରିବାକୁ ଚାହିଁଲା । ଏହି ଇଚ୍ଛା ମନାଭିତରେ ରଖି ଶେଷନାଗ ଜଣେ ସୁନ୍ଦର ପୁରୁଷର ଛଦ୍ମରୂପ ଧାରଣ କରି ଝିଅଟିର ସାମ୍ନାକୁ ଆସି ତାକୁ ବିବାହ ନିମନ୍ତେ ପ୍ରସ୍ତାବ ଦେଲେ । ଝିଅଟି ସେଥିରେ ରାଜି ହେବ ସହିତ ଉଭୟ ବିବାହ କାଲେ । କିଛି ବର୍ଷପରେ ସେମାନଙ୍କର ଏକ ପୁତ୍ରସନ୍ତାନ ହେଲା କିନ୍ତୁ ସେ ପର୍ଯ୍ୟନ୍ତ ମଧ୍ୟ ଝିଅଟି ଯାନୀ ନଥିଲା ଯେ ସେ ଏକ ସର୍ପକୁ ବିବାହ କରିଛି । ଦିନେ ଝିଅଟି ଦେଖିଲା ଯେ ପୁଅଟିର ଜିଭ ସାପ ଭଳି । ଝିଅଟି ସବୁକିଛି ଅନୁମାନ କରିସାରି ଥିଲା ଏବଂ ନିଜ ସ୍ୱାମୀକୁ ପଚାରିଥିଲା ଯେ ଆପଣ କିଏ । ଶେଷନାଗ ସେ କଥା ଶୁଣିସାରି ଝିଅକୁ ନଦୀକୁ ଡାକିନେଇ ନିଜର ମୂଳ ରୂପରେ ପଦାର୍ପଣ କରି ପୁରା କଥାଟି ପ୍ରକାଶ କରିଥିଲା । ଏହିଭଳି ଭାବରେ ସେମାନଙ୍କର ବଂଶଧରମାନେ ନାଗବଂଶୀ ହେଲେ ଏବଂ ସମଗ୍ର ସମ୍ପ୍ରଦାୟ ସେହି ନାଗବଂଶୀ ଗୋତ୍ର ଧାରଣ କଲେ । ଏହି କାହାଣୀକୁ ମ୍ନ ମୁଣ୍ଡମାନଙ୍କର ସୃଷ୍ଟି ସମ୍ପର୍କିତ ଅନ୍ୟତମ କାହାଣୀ କୁହାଯାଇଥାଏ । (Tripathy, Poonam, An Anthropological study of totem and taboo in Oraon and Munda tribe of Ranchi District in Jharkhand, International Journal of Creative Research Thoughts (IJCRT), Vol-6, March-2018, Pp-272) ସେହିଭଳି ସାନ୍ତାଳମାନଙ୍କର ମୁର୍ମୁ (ଏକ ଜଙ୍ଗଲୀ ପ୍ରଜାତିର ଗାଈ), ଚାଣ୍ଡେ (ଗୋଧି), ବୋୟାର (ଏକ ପ୍ରକାର ମାଛ) କିମ୍ବା ହୋ ଆଦିବାସୀମାନଙ୍କର ବାଗେ (ବାଘ), ହାଁସଦା (ଏକ ପ୍ରକାର ଜଙ୍ଗଲୀ ବତକ), ଜାମୁଡା (ବସନ୍ତ), ଟିୟୁ (ଗଧିଆ)ଭଳି ଗୋତ୍ର (Totem) ପରିଲକ୍ଷିତ । ଅନେକ ଗୋତ୍ର ସେହି ସମ୍ପ୍ରଦାୟର ସଂଜ୍ଞା (Title) ଭାବେ ମଧ୍ୟ ବ୍ୟବହାର ହେଉଥିବା ଦୃଷ୍ଟିକୁ ଆସିଥାଏ ।

ସପ୍ରସଙ୍ଗ ସ୍ଥାନର ନାମକରଣରେ ଗୋତ୍ରର ପ୍ରଭାବ କେତେ ମହତ୍ତ୍ୱ ରଖିପାରେ ଏଠାରେ ସେହିଭଳି ଏକ ଉଦାହରଣର ଉଲ୍ଲେଖ କରାଯାଇପାରେ । ଯେପରି କୋରାପୁଟ । ଯାହାକୁ ଆଞ୍ଚଳିକ ଲୋକେ 'କରାପୁଟ ' କହିଥାନ୍ତି । ଅତୀତରେ ଏ ଅଞ୍ଚଳରେ ବସବାସ କରୁଥିବା 'ଖରା' ସଂଜ୍ଞାଧାରୀ ରଣା ଜାତିର ନାମାନୁସାରେ ହୋଇଥିବା ଭଳି ଏକ ମତ ବେଶ ଗୃହୀତ ହୋଇଥାଏ । ଅତୀତରେ ଏହି ରଣା ଜାତିର ଲୋକେ 'ପୁଟ' ବା ପଲ୍ଲୀ ବସେଇଥିଲେ ପାହାଡ଼ର ସନ୍ଧି ଦେଶରେ । ସେହି ରଣାମାନଙ୍କର ସଂଜ୍ଞା ଥିଲା 'କରା' ବା 'ଖରା' । ଏପରିକି ସେମାନଙ୍କର ଗୋତ୍ର ମଧ୍ୟ ଥିଲା 'କରା' ଓ 'ଖରା' । 'ଖରା' ଶବ୍ଦର ଅର୍ଥ 'ଠେକୁଆ' । ଏହି ରଣାଲୋକଙ୍କ ଠେକୁଆ ଗୋତ୍ର ଭିତରୁ ଅର୍ଥାତ୍ ରଣାମାନଙ୍କର ପଲ୍ଲୀ ଭାବେ କରାପୁଟ ବା କୋରାପୁଟର ସୃଷ୍ଟି ବୋଲି ଅନୁମାନ କରାଯାଇଥାଏ । (ଅଡାରୀ, ସଦାନନ୍ଦ, କୋରାପୁଟେର ଦୁରୁଆ ସମ୍ପ୍ରଦାୟ, ସୃଜନସ୍ୱପ୍ନ, ଭୁବନେଶ୍ୱର, ୨୦୨୨, ପୃଷ୍ଠା-୭) । ଅନ୍ୟ ଜନଜାତିଙ୍କ ଭଳି ଦୁରୁଆମାନଙ୍କର ମଧ୍ୟ ପ୍ରାଚୀନ ବଂଶ ପରମ୍ପରା ରହିଛି । କୋରାପୁଟରେ ବସବାସ କରୁଥିବା ଦୁରୁଆମାନଙ୍କର ପ୍ରାଚୀନ ବଂଶ ପରମ୍ପଡ଼ା ଗୁପ୍ତେଶ୍ୱର ଅଞ୍ଚଳରେ ଦେଖିବାକୁ ମିଳିଥାଏ । ଗୁପ୍ତେଶ୍ୱର ପାଖରେ ଥିବା ଶିରିବେଡ଼ା ଗ୍ରାମରେ ପ୍ରାକ୍ କାଳରୁ ନାଗବଂଶ ଓ ବାଘବଂଶର ଦୁରୁଆ ଜନଜାତି ରହିଆସୁଛନ୍ତି । ସେମାନଙ୍କର ସଂଜ୍ଞାଗୁଡିକ ମଧ୍ୟ ସେମାନଙ୍କର ବଂଶ ଅନୁଯାୟୀ ଅଲଗା ଅଲାଗା ହୋଇଥାଏ । ଯେପରି ବାଘବଂଶର ସଂଜ୍ଞାଗୁଡିକ ମଧ୍ୟରେ ଦୁର୍, କଞ୍ଚରିଆ, ପେଦାକ୍ । ପୁନଶ୍ଚ ଦୁର୍ ତିନି ଭାଗରେ ବିଭକ୍ତ । ଯଥା ଆଲଦୁର୍, ଡେଙ୍ଗାଦୁର୍ ଓ କଲେଙ୍ଗଦୁର୍ । ବାଘବଂଶର କଞ୍ଚରିଆ ଦୁରୁଆମାନଙ୍କର ଜନ୍ମସ୍ଥାନ କଞ୍ଚାରପଦର ଅଟେ । ସେହିଭଳି ନାଗବଂଶର ଦୁରୁଆମାନଙ୍କର ସଂଜ୍ଞାଗୁଡିକ କାଣ୍ଡାକି, ଚରାକ୍,କାଲାକ୍,

କୁଡ଼ବାକ୍, କୁମାକୁରିଆ ଓ ତେରାବଣ୍ଡାର । ବାଘବଂଶ ଭଳି ନାଗବଂଶର କାଣ୍ଡକି ଦୁରୁଆ ଦୁଇ ଭାଗରେ ବିଭକ୍ତ । ଯଥା କାଲିଆ କାଣ୍ଡକୀ ଏବଂ ଗୁନିଆ କାଣ୍ଡକି । ଏମାନେ ସ୍ୱୀୟ ସମାଜର ଦିଶାରି କାର୍ଯ୍ୟ କରିଥାନ୍ତି । ତେରା ବଣ୍ଡାର ଦୁରୁଆମାନେ ରୋଷେଇ ଆଦି କାର୍ଯ୍ୟ ମଧ୍ୟ କରିଥାନ୍ତି । ଅନ୍ୟ ଏକ ସଂଜ୍ଞା ହେଉଛି କିଚେକ୍ ନାୟକ । ସ୍ୱଳ୍ପ କେତେଜଣଙ୍କୁ ଛାଡିଦେଲେ ସେମାନେ ବାଘବଂଶ ବା ନାଗବଂଶ ଯାହା ହୋଇଥାନ୍ତୁନା କାହିଁକି ସମ୍ପ୍ରତି ସମସ୍ତ ଦୁରୁଆମାନଙ୍କର ସଂଜ୍ଞା ଦୁରୁଆ ଭାବରେ ପ୍ରଚଳିତ ।

**'ପ୍ରକୃତି' ଓ ଆଦିବାସୀଙ୍କ ଦେବା-ଦେବୀ:**

ସମଗ୍ର ବିଶ୍ୱରେ ଆଦିବାସୀ ସର୍ବଦା ପ୍ରକୃତି ନିରାଜନାରେ ହିଁ ବିଶ୍ୱସ୍ତ । କାରଣ ଜଳ-ଜଙ୍ଗଲ-ଜମିକୁ ଜୀବନର ପ୍ରମୁଖ ଉତ୍ସ ଭାବେ ଗ୍ରହଣ କରୁଥିବା ଆଦିବାସୀ ସେମାନଙ୍କର ସାମାଜିକ-ଆର୍ଥନୀତିକ-ସାଂସ୍କୃତିକ-ଧାର୍ମିକ ଜୀବନର ମୂଳଉତ୍ସ ଭାବେ ପ୍ରକୃତିକୁ ହିଁ ଗ୍ରହଣ କରିଆସିଥିବାରୁ ସେଇମାନେ ହିଁ ସେମାନଙ୍କର ଦେବତା ଭାବେ ଉଲ୍ଲେଖଯୋଗ୍ୟ । ଯେପରି କନ୍ଧ ଆଦିବାସୀଙ୍କ ବୁରାପେନୁ (ସୃଷ୍ଟିକର୍ତ୍ତା),ଟାଣାପେନୁ (ମାଟି-ଦେବତା), ସରୁପେନୁ (ପର୍ବତ-ଦେବତା), ସୁଗାପେନୁ (ଝରଣା-ଦେବତା), ଗସାପେନୁ (ବନ-ଦେବତା), ମୁଣ୍ଡାପେନୁ (ଜଳାଶୟ ଦେବତା), ପିଜୁପେନୁ (ବର୍ଷା ଦେବତା), ନାକୁପେନୁ (ଗ୍ରାମ-ଦେବତା),ଯୋରିପେନୁ (ନଈନାଳ-ଦେବତା), ବୁର୍ବୁ ପେନୁ (ପ୍ରଥମ ଫଳର ଦେବତା), ଜାକେରିପେନୁ (ମାଟିଦେବତାଙ୍କ ଭଉଣୀ), ରୁଜା/ଯୁଗାପେନୁ(ମରୁଡି ଓ ପ୍ରାକୃତିକ ବିପର୍ଯ୍ୟୟର ଦେବତା), ମାଉଲକ ପେନୁ (ରୋଗ-ବ୍ୟାଧିର ଦେବତା), ପିଲାକୁପେନୁ (ଶିକାର-ଦେବତା), ଲୋହାପେନୁ / ଏରେଙ୍ଗା ପେନୁ (ଯୁଦ୍ଧ-ଦେବତା), ସାନ୍ଦେପେନୁ (ସୀମା-ଦେବତା), ବେଲାପେନୁ (ସୂର୍ଯ୍ୟ ଦେବତା), ଡାଞ୍ଜୁ ପେନୁ (ଚନ୍ଦ୍ରଦେବତା), ଦାରନି ପେନୁ (ପୃଥିବୀ ଦେବତା ), ଚୁର୍କ ପେନୁ (ଖତଗଦା-ଦେବତା) ଆଦି ଦେବିଦେବତା ପ୍ରକୃତି ସହିତ ଜଡିତ । ଯେଉଁମାନେ କି ସାଧାରଣତଃ ଆଦିବାସୀଙ୍କ ନିତ୍ୟ-ପ୍ରାତ୍ୟହିକ ଜୀବନର ଆସ୍ଥାର ସ୍ୱରୂପ ଓ ରୂପାନ୍ତରଣ ମଧ୍ୟ । ଏହା କେବଳ କନ୍ଧ ଆଦିବାସୀଙ୍କ ପ୍ରକୃତି ଏକାତ୍ମକତା ନୁହେଁ ଏହା ବିଶ୍ୱର ସମସ୍ତ ଜନଜାତିଙ୍କ କ୍ଷେତ୍ରରେ ସମାନ । ନାଁର ଭିନ୍ନତା ରହିପାରେ କିନ୍ତୁ ଆବେଦନ ସାମାନ ।

ପ୍ରାକୃତିକ ଶକ୍ତି ଓ ପ୍ରାକୃତିକ ସଂଶାଧନ ସମୂହ ଆଦିବାସୀଙ୍କ ଦେବୀଦେବତାରେ ରୂପାନ୍ତରିତ ହେବା ପଛରେ ସଂଯୋଜିତ ହୋଇ ରହିଛି ସାମାଜିକ ସୁରକ୍ଷା ଓ ଆର୍ଥନୀତିକ ସ୍ଥିତାବସ୍ଥା । ତେଣୁ ସୁଖଦ ଜୀବନର ଅଭୀପ୍ସା ଓ ସମୃଦ୍ଧ ଅର୍ଥନୀତି ପାଇଁ ଆଦିବାସୀ ପୂଜା କରିଛି । ଭୂମି-ମାଟି-ବୃକ୍ଷ -ଜଙ୍ଗଲ-ବନ୍ୟ-ପଶୁପକ୍ଷୀ-ବର୍ଷା-ଜଳ-ଝରଣା-ପାହାଡ଼ ଆଦିକୁ । ନିମ୍ନରେ କେତେକ ଉପାଦାନକୁ ସ୍ୱଳ୍ପରେ ଆଲୋଚନା କରାଯାଇପାରେ ।

**ମାଟିପୂଜା ଓ ଆଦିବାସୀ:**

ମାଟିପୂଜା ସମଗ୍ର ବିଶ୍ୱ ଆଦିବାସୀଙ୍କ ସମାଜରେ ଭିନ୍ନ ଭିନ୍ନ ନାମରେ ଭିନ୍ନ ଭିନ୍ନ ସମୟରେ ପାଳିତ ହୋଇଥାଏ । କାରଣ ମାଟିର ସନ୍ତାନ ମାଟିଠାରୁ କେବେ ହେଲେ ବିଚ୍ୟୁତ ହେବାକୁ ଚାହେଁ ନାହିଁ । ଧରିତ୍ରୀ ପୂଜା ବା ବସୁମାତା ପୂଜା ବା ଟାଣାପେନୁ ପୂଜା ବା ନିଶାଣିମୁଣ୍ଡା ପୂଜା ହେଉ ବା କୃଷିକ୍ଷେତ୍ରର ବିବିଧ ଅନୁଷ୍ଠାନ ହେଉ ସବୁଥିରେ ଜନଜାତି ମଣିଷଙ୍କ ମାଟି ସଂଲଗ୍ନତାକୁ ଏଠାରେ ଲକ୍ଷ୍ୟ କରାଯାଇ ପାରିବ । ସପ୍ରସଙ୍ଗ କନ୍ଧ ଅଧିବାସୀଙ୍କ ମାଟି ଦେବତା ବା ଧରଣୀ ଦେବତାଙ୍କ ପୂଜା ନିମନ୍ତେ 'ଝାଗିଡି ପୂଜା' ପାଳନ କରିଥାନ୍ତି । ଏହି ପୂଜା ପ୍ରତି ବର୍ଷ କିମ୍ବା ନିର୍ଦ୍ଦିଷ୍ଟ ବ୍ୟବଧାନ ମଧ୍ୟରେ ହୋଇନଥାଏ । କେବେ କେବେ ପଚାଶ ବା କେବେ ଷାଠିଏ ବର୍ଷରେ ମଧ୍ୟ ଏହି ପୂଜା ଅନୁଷ୍ଠିତ ହେଇଥିବା ଲକ୍ଷ୍ୟ କରାଯାଇଛି । ଏହା ଏକ ଗଣପର୍ବ ଭଳି । ନରବଳିର ପରିବର୍ତ୍ତିତ ରୂପ କନ୍ଧ-ସମାଜରେ କେଡୁଯାତ୍ରା, ପୋଢଯାତ୍ରା ଓ ଝାଗଡ଼ିଯାତ୍ରା ଭାବେ ଅଞ୍ଚଳ ଭେଦରେ ପାଳିତ ହୋଇଆସୁଅଛି । ମାଟିମା' ଅଶାନ୍ତ ହେଲେ ବା ସେଭଳି ଲକ୍ଷଣ ଜଣାଗଲେ ଏହି ପର୍ବ ପାଳିତ ହୁଏ । ବିବିଧ ଅଶୁଭ ଲକ୍ଷଣ ଯଥା ଗାଁରେ ନିଆଁ ଲାଗିବା, ଗାଁର ସୀମାରେ ବାଘ ପଶି ଗୋରୁଗାଈ ମାରିବା, ଗାଁରେ ରୋଗ ବ୍ୟାପିବା ଭଳି ବହୁ ଲକ୍ଷଣ ଦେଖି ସମାଜର ଲୋକେ ଜାଣିପାରନ୍ତି ଯେ "ମାଟି ମା ନାଚିବାକୁ ଚାହୁଁଛି" । ତାହାର ପ୍ରତିକାର ସ୍ୱରୂପ ଏକ ଘୁଷୁରିର କାନ ଓ ଲାଞ୍ଜ କାଟି ଛାଡି ଦିଆଯାଏ । ତା ପରେ ଯଦି ଏଭଳି ଅଘଟଣ ଘଟେ ତେବେ ତିନି ବର୍ଷ ପରେ ଝାଗଡ଼ି ପୂଜା କରାଯାଏ । ତିନି ବର୍ଷ ଭିତରେ କରିନପାରିଲେ ସେହି ଘୁଷୁରିକୁ ପିଟିପିଟି ମାରିଦିଅନ୍ତି । ଏହାକୁ 'ଚେପଣା' କୁହାଯାଏ । ସେହି ଘୁଷୁରିର କାନ ଓ ଜିଭକୁ କାଟି 'ତୁର୍କୀପେନୁ' ଠାରେ ପୋତି ଦିଆଯାଏ ଏବଂ ଝାଗଡ଼ି ପାଇଁ ଅଧିକ ବର୍ଷେ / ଦୁଇବର୍ଷ ସମୟ ମାଗି ପ୍ରାର୍ଥନା କରାଯାଏ । ଏହି ପର୍ବର ଯାହା ଚଳଣି ଥାଉନା କାହିଁକି ମାଟି ପ୍ରତି ରହିଥିବା ଅନ୍ତର୍ବେଦନ ଦୃଷ୍ଟିରୁ କନ୍ଧ ଆଦିବାସୀଙ୍କ ଅଭିବ୍ୟକ୍ତି ସ୍ୱତନ୍ତ୍ର ଅଟେ । କେବଳ କନ୍ଧ ଜନଜାତି ନୁହନ୍ତି ଏଭଳି ମାଟିଭିତ୍ତିକ ପର୍ବର ଅନ୍ତରାଳରେ ମାଟିନେଇ ଅଭିବ୍ୟକ୍ତି ସ୍ୱତନ୍ତ୍ର । ଯାହାକି ସ୍ମରଣ କରାଇଦିଏ ପ୍ରକୃତି ସହ ଘନିଷ୍ଠତା ଓ ସହଭାଗିତା ।

**ବୃକ୍ଷପୂଜା ଓ ଆଦିବାସୀ:**

ସମଗ୍ର ବିଶ୍ୱରେ ବିଭିନ୍ନ ଜାତି-ଜନଜାତିଙ୍କ ମଧ୍ୟରେ ସର୍ବପ୍ରାଚୀନତମ ଦେବାଦେବୀ ଭାବେ 'ବୃକ୍ଷପୂଜା' ହୋଇଆସୁଛି । ବୃକ୍ଷପୂଜା ସବୁବେଳେ 'ଜୀବନ' ଓ 'ନବସର୍ଜନ'ର ପ୍ରତୀକ ଭାବେ ଅଭିବ୍ୟଞ୍ଜିତ । ବୈଦିକ ତଥା ଲୌକିକ ଉଭୟ ଶାସ୍ତ୍ରରେ ବୃକ୍ଷପୂଜାର ମହତ୍ତ୍ୱ ସମ୍ପର୍କରେ ଅନେକ ସୂକ୍ତି ଦେଖିବାକୁ ମିଳିଥାଏ । ପ୍ରାଚୀନ ଭାରତରେ 'ପଞ୍ଚଦେବବୃକ୍ଷ' ଭାବେ ଅଶ୍ୱତ୍ଥ-ଉଦୁମ୍ବର-ପ୍ଲକ୍ଷ-

ଚୂତ(ଆମ୍ର)-ନ୍ୟାଗ୍ରୋଧ(ବର)କୁ ଗ୍ରହଣ କରାଯାଇଥାଏ । ସେଇଭଳି ଅନ୍ୟତ୍ର ପଞ୍ଚବୃକ୍ଷ ଭାବରେ ମନ୍ଦାର-ପାରିଜାତ-ସାମତାନକ-ହରିଚନ୍ଦନ-କଳ୍ପବୃକ୍ଷ ମ୍ଧ ଗୃହୀତ ହୋଇଥାଏ । ବ୍ରହ୍ମପୁରାଣ ଓ ପଦ୍ମପୁରାଣ ଅନୁଯାୟୀ ବ୍ରହ୍ମା ଅଶ୍ୱତ୍ଥ ବୃକ୍ଷରେ ଅଧିଷ୍ଠାନ କରିଥାନ୍ତି । ଏପରିକି ତ୍ରିମୂର୍ତ୍ତି ବ୍ରହ୍ମା-ବିଷ୍ଣୁ-ମହେଶ୍ୱର ପବିତ୍ର ବୃକ୍ଷରେ ବାସ କରିଥାନ୍ତି । 'ବୃକ୍ଷଆୟୁର୍ବେଦ' ଗ୍ରନ୍ଥ ଅନୁଯାୟୀ ପାଞ୍ଚଟି ବୃକ୍ଷର ରୋପଣ ଦଶଟି ଭବନ ତିଆରି ଅପେକ୍ଷା ଶ୍ରେଷ୍ଠ ଅଟେ । କାରଣ ବୃକ୍ଷର ପତ୍ର-ପୁଷ୍ପ-ଫଳ-ମୂଳରେ ପିତୃତର୍ପଣ ହୋଇଥାଏ । "ଦଶକୂପ ସମା ୱାପି ଦଶୱାପି ସମୋ ହ୍ରଦ/ଦଶହ୍ରଦସମଃ ପୁତ୍ରୋ ଦଶପୁତ୍ରସମୋ ଦ୍ରୁମଃ" (ବୃକ୍ଷଆୟୁର୍ବେଦ) । ବରାହ ଏବଂ ମତ୍ସ୍ୟ ପୁରାଣରେ ମଧ୍ୟ ଏହି ସମାନ କଥା ଉଲ୍ଲେଖ ରହିଛି । ବୃକ୍ଷ-ପୂଜାଦ୍ୱାରା ନିଜର ଦେବତା-ଦେବତୀ -ପୂର୍ବପୁରୁଷ ଆତ୍ମସନ୍ତୋଷ ପାଇବା ସହିତ ବ୍ୟକ୍ତି ଧର୍ମ-ଅର୍ଥ-କାମ-ମୋକ୍ଷ ପ୍ରାପ୍ତି କରିବା ଭଳି ଆସ୍ଥା ଅଣଆଦିବାସୀ-ଆଦିବାସୀ ସମସ୍ତେ ଭିନ୍ନ ଭିନ୍ନ ବିଶ୍ୱଦୃଷ୍ଟି (Worldview) ରେ ବିଶ୍ୱାସ କରିଥାନ୍ତି । ବୃକ୍ଷଗୁଡିକ ଜୀବନ ଓ ପୃଥିବୀର ଧାରକ ତଥା ବର୍ଷୀୟାନ ହୋଇଥିବାରୁ ଜନଜାତିର ମଣିଷମାନେ କେଉଁ ଅନାଦିକାଳରୁ ବିଭିନ୍ନ ବୃକ୍ଷ ଭିତରେ ସେମାନଙ୍କ ପିତୃ ତଥା ଦେବ ଆସ୍ଥାନ ଭାବେ ପୂଜା କରି ଆସୁଥିବା ଅନୁମାନ କରାଯାଏ । ଏହା ହିଁ କାରଣ ବିଶ୍ୱର ପ୍ରାୟ ସମସ୍ତ ଜନଜାତି ବୃକ୍ଷ ଉପାସନା ସହିତ ସଂଶ୍ଳିଷ୍ଟ । ବିଭିନ୍ନ ଭାବେ ଆଦିବାସୀଙ୍କ ସାମାଜିକ-ସାଂସ୍କୃତିକ-ଆର୍ଥନୀତିକ-ଧାର୍ମିକ-ଆତ୍ମିକ ଜୀବନ ସହିତ ଜଡିତ ରହିଛି ବୃକ୍ଷ ।

ଓଡ଼ିଶାର ଜନଜାତିଙ୍କ ବୃକ୍ଷପୂଜା ପରମ୍ପରା ଆଲୋଚନା ବେଳେ 'କରମା' ପୂଜା ସ୍ମରଣକୁ ଆସିଥାଏ । ଓଡିଶାରେ ପଶ୍ଚିମାଞ୍ଚଳରେ 'କରମସାନୀ' ଭାବେ ଏବଂ ଉତ୍ତର ଓଡିଶାରେ 'କରମରାଜା' ଭାବେ ଏହି କର୍ମର ଦେବତାଙ୍କୁ ଗଛର ପ୍ରତୀକ ମ୍ଧମରେ ପୂଜା କରାଯାଇଥାଏ । ଓଡ଼ିଶା ବ୍ୟତୀତ ଝାରଖଣ୍ଡ-ବିହାର ଆଦି ଅଞ୍ଚଳରେ ବି ଏହା ପାଳିତ ହେଉଥିବା ଦୃଷ୍ଟିକୁ ଆସିଥାଏ । ବୃକ୍ଷର ଡାଳକୁ କରମାଙ୍କ ପ୍ରତୀକ ଭାବେ ଏହି ପୂଜାଟି ଭାଦ୍ରବ ମାସ ଶୁକ୍ଳପକ୍ଷ ଏକାଦଶୀରେ ପାଳିତ ହେଉଥିବା ଏହି ପର୍ବଟି କେଉଁଠି କେଉଁଠି ଏକାଦଶୀର ଆଗରୁ କିମ୍ବା ପରେ ମଧ୍ୟ ପାଳିତ ହେଉଥିବା ଲକ୍ଷ କରାଯାଏ । ଅଞ୍ଚଳଭେଦରେ ଜନଜାତି ନେଇ ଭିନ୍ନ ଭିନ୍ନ ଗଛର ଡାଳର ବ୍ୟବହାର ଦେଖିବାକୁ ମିଳିଥାଏ । ବଲାଙ୍ଗୀରରେ ମୁଖ୍ୟତଃ 'ମୁଏଡ୍' ବା 'ମୁଏର' ଗଛର ଡାଳ ପୂଜା ହେଉଥିବା ସ୍ଥଳେ ସମ୍ବଲପୁରରେ 'ଅଁଳା' ବା 'ଶାଳ' ଗଛର ଡାଳ ପୂଜା ପାଇଥାଏ । ଓରାମ୍ ଜନଜାତି କେନ୍ଦୁଗଛ ଏବଂ କିସାନ ଜନଜାତିରେ 'ଡିମିରି' ବା 'ଡୁମେର' ଗଛର ଡାଳ ପୂଜା କରୁଥିବା ଦୃଷ୍ଟିକୁ ଆସିଥାଏ । ଉତ୍ତର ଓଡିଶାରେ ବିଶେଷତଃ 'ଗିହିଳି' ଗଛର ଡାଳକୁ କରମରାଜାଙ୍କ ପ୍ରତୀକ ଭାବେ ପୂଜା କରାଯାଇଥାଏ । ସେ 'କରମରାଜା' ବା 'କରମରାଣୀ' ଯିଏ ହୁଅନ୍ତୁ ନା କାହିଁକି ଗୃହ-ଗ୍ରାମ-ସମାଜର ମଙ୍ଗଳବିଧାନ ନିମନ୍ତେ ନବସର୍ଜନର ପ୍ରତୀକ ଭାବେ ପୂଜିତ ହୋଇଥାନ୍ତି ।

ଭୂୟାଁ ଜନଜାତିଙ୍କ ଧର୍ମୀୟ-ସଂସ୍କୃତିକ ଓ ସାମାଜିକ ଜୀବନରେ ପଣସ ଗଛର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ଅଟେ । ଭୂୟାଁ ଗ୍ରାମର ମୁଖ୍ୟଙ୍କୁ ପ୍ରଧାନ କୁହାଯାଏ । ପ୍ରଧାନ ଘର ଗ୍ରାମର ମଧ୍ୟସ୍ଥଳରେ ଅବସ୍ଥିତ ଥାଏ ଏବଂ ତାହାର ଚାରିପାଖରେ ବଡ ବଡ ପଣସ ଗଛ ରହିଥାଏ । ପଣସ ଭୂୟାଁ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଂଶ । ଭୂୟାଁମାନେ ପ୍ରଧାନ ବାଡିଘରେ ଥିବା ପଣସଗଛଗୁଡ଼ିକୁ ଗ୍ରାମଦେବତା ଓ ଦେବତୀଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଥାନ୍ତି । କଞ୍ଚା ପଣସ କଠା, ପାଚିଲା ପଣସ, ପଣସମଞ୍ଜି, ପତ୍ର, କାଠ ଆଦି ବିଭିନ୍ନ କାର୍ଯ୍ୟରେ ସେମାନେ ଉପଯୋଗ କରିଥାନ୍ତି । ଏପରିକି ସେମାନଙ୍କ ଏଭଳି ବିଶ୍ୱାସ ମଧ୍ୟ ରହିଛି ଯେ ଯେଉଁ ଭୁଇଁ ରେ ଭଲ ପଣସ ହୁଏ ନାହିଁ ସେ ଭୁଇଁରେ ସେମାନେ ବସବାସ କରନ୍ତି ନାହିଁ ।

'ବୃକ୍ଷ' ପ୍ରକୃତି ଓ ପର୍ଯ୍ୟାବରଣ ର ସର୍ବଶ୍ରେଷ୍ଠ ଧାରକ । ବୃକ୍ଷ କେବଳ ପ୍ରକୃତି ବା ଜୀବଜଗତ ତିଷ୍ଠିବା ପାଇଁ ଅଭିପ୍ରେତ ସେଭଳି ନୁହେଁ, ଆଦିବାସୀ ମଣିଷଙ୍କ ଖାଦ୍ୟ-ବାସ-ବାସଗୃହ ନିମନ୍ତେ ଏକ ବିକଳ୍ପହୀନ ସୃଷ୍ଟି । ଆଦିବାସୀ ଖାଦ୍ୟ ବା କାଠ ପାଇଁ ନୁହେଁ, ଏପରିକି 'କେରଙ୍ଗ' ଗଛରୁ ଲୁଗାପ୍ରସ୍ତୁତ କରିବା ଶିଖି ନିଜର ମୌଳିକ ପ୍ରାକୃତିକ ଜ୍ଞାନକୁ କରିପାରିଥିଲା ଉପଯୋଗ । ବୃକ୍ଷ ବ୍ୟତୀତ ମାନବ ସଭ୍ୟତା ତିଷ୍ଠି ରହିବା ଅସମ୍ଭବ ଅଟେ । ସେହି ସମାନ କଥାଟି କେଉଁ ଆଦିମ ସମୟରୁ ନିଜ ପ୍ରାକୃତିକ ଜ୍ଞାନ (Indigenous Knowledge)ରୁ ଶିଖିପାରିଥିଲା ଆଦିବାସୀ ମଣିଷ । ଯାହା ତାର ସାର୍ବିକ ଜୀବନର ମୌଳିକ ଅଂଶ ଭାବରେ ହୋଇଥିଲା ପ୍ରତୀତ ।

**ପାହାଡ଼ ପୂଜା ଓ ଆଦିବାସୀ:**

ବାଥୁଡ଼ିମାନଙ୍କ ସଂସ୍କୃତି ସହିତ ଜଗନ୍ନାଥ ଶବର ସଂସ୍କୃତିକୁ ଯୋଡାଯାଇଥାଏ । ତାହାର କାରଣ ହେଉଛି 'ବଡାମ' ଦେବତା । ବଡାମ ଦେବତା ପ୍ରତ୍ୟେକ ବାଥୁଡି ଗାଁ ରେ ଅଶ୍ୱ ଗଛ ମୂଳେ ରହିଥାନ୍ତି । ତାଙ୍କୁ ବଡାମ ଶାଳ କୁହାଯାଇଥାଏ । ଶାବରୀୟ ମୁଣ୍ଡା ସଂସ୍କୃତିରେ ପର୍ବତ ଦେବତା 'ମାରାଂବୁରୁ' ବା 'ବୁରୁବେଙ୍ଗା' ଭାବେ ପୂଜା କରିଥାନ୍ତି । କେତେକ ସ୍ଥାନରେ ତାଙ୍କୁ 'ପାଟସରିନ' ଭାବେ ମ୍ଧ ନମିତା କରାଯାଇଥାଏ । ବିଶେଷତଃ ବର୍ଷା ନିମନ୍ତେ ତାଙ୍କୁ ପୂଜା କରାଯାଇଥାଏ । ଏପରିକି ସାନ୍ତାଳମାନେ ପର୍ବତ ଦେବତାଙ୍କୁ 'ମାରାଂବୁରୁ' ଭାବେ ମଧ୍ୟ ପୂଜା କରୁଥିବା ଦେଖିବାକୁ ମିଳିଥାଏ । କାନ୍ଧ ସମୟରେ ମଧ୍ୟ 'ସାନୁପେନୁ' ପର୍ବତ ଦେବତା ଭାବେ ପୂଜିତ । ପର୍ବତକୁ ଶବର ମାନେ 'ଡରିମା' ଭାବେ ପୂଜା କରୁଥିବା ସ୍ଥଳେ ଜୁଆଙ୍ଗମାନେ 'ପାଟ' ଓ ଓରାମମାନେ 'ମାରାଂବୁରୁ' ଭାବେ ହିଁ

ଆରାଧନା କରିଥାନ୍ତି । ଜୁଆଙ୍ଗମାନେ ରେଙ୍କାପାଟ୍, କୋଡାପାଟ୍, ମାଲ୍ୟଗିରି,ଚନ୍ଦ୍ରଗିରି ଆଦି ପାହାଡକୁ ପୂଜା କରିଥାନ୍ତି । ରାୟଗଡାର ନିୟମଗିରିର ଡଙ୍ଗରିଆ/ଡୋଙ୍ଗରିଆ ଜନଜାତିଙ୍କ ଜୀବନ ଓ ଆତ୍ମାର ପ୍ରତୀକ ହେଉଛି ସେଠାକାର ଡଙ୍ଗର ଓ ପାହାଡ଼ । ଯାହାକୁ ଛାଡ଼ି ସେମାନଙ୍କର ଅସ୍ତିତ୍ୱ ନାହିଁ ବୋଲି ଅଭିହିତ କରିବା ପଛରେ ପାହାଡ଼ ପୂଜାର ଆଦି-ଉତ୍ସକୁ ସନ୍ଦର୍ଶନ କରାଯାଇପାରେ । କେବଳ ଆଲୋଚିତ ଜନଜାତି କେବଳ ନୁହଁନ୍ତି, ପୃଥିବୀର ପ୍ରାୟ ସମସ୍ତ ଜନଜାତିଙ୍କ ନିମନ୍ତେ ଧରଣୀ ଭଳି ପର୍ବତ ମଧ୍ୟ ସର୍ବଦା ପୂଜ୍ୟ ଓ ଆସ୍ଥାର ପ୍ରତିଭୂ ଅଟେ ।

## ଗୋସମ୍ପଦ ଓ ଆଦିବାସୀ ସଂସ୍କୃତି :

ପ୍ରାୟ ସମସ୍ତ ଜନଜାତିଙ୍କ ଗୋସମ୍ପଦ ଆଦିର ସ୍ୱାସ୍ଥ୍ୟ ଓ ସୁରକ୍ଷା ପାଇଁ ବିଭିନ୍ନ ଦେବୀ-ଦେବାତଙ୍କ ପୂଜାକରିବା ସ୍ୱଳ୍ପ-ବହୁତ ଦେଖିବାକୁ ମିଳିଥାଏ । ପ୍ରତ୍ୟକ୍ଷ ଭାବରେ ନହେଲେ ମଧ୍ୟ ପରୋକ୍ଷ ଭାବରେ ଏହା ମଧ୍ୟ ପ୍ରକୃତି ସହିତ ସଂଶ୍ଳିଷ୍ଟ ଅଟେ । ସେଥିପାଇଁ ପ୍ରାୟ ଆଦିବାସୀଙ୍କ ଗୁହାଳ ଓ ଖତଗଦା ଦେବତା ଥିବା ମଧ୍ୟ ପରିଲକ୍ଷିତ ହୋଇ ଥାଏ । ସପ୍ରସଙ୍ଗ ଏଠାରେ ଭୂମିଜ ଆଦିବାସୀଙ୍କ 'ସହରାଇ ବଂଙ୍ଗା' (ବନ୍ଦାଣ ପୂଜା)ର ଅବତାରଣା କରାଯାଇପାରେ । ବେଶ ନିଷ୍ଠା ଓ ନିୟମରେ ପାଳନ କରୁଥିବା ଏହି ପୂଜାରେ ଧର୍ମଦେବତା, ଗ୍ରାମଦେବତା, ଗରେୟା, ବୁରୁ ବଂଙ୍ଗା, ହାପାଲୁମ ବଂଙ୍ଗା, ମହାଦେବ ବଂଙ୍ଗା, ଗଣା ହାଙ୍କର ବଂଙ୍ଗା (ଗୁହାଳର ପ୍ରହରୀ), ଗଣା ମାହାର(ଗୁହାଳ ଦେବତା), ଗଣା ଉଭରା (ପ୍ରାଚୀନ ଗୁହାଳ ଦେବତା), ଚନ୍ଦନ ଦେଉଲି/ଲେଦା ଦେଉଲି, ବାଗାଲ ବଂଙ୍ଗା, ବାଗୁଡି ବଂଙ୍ଗା, ହାପାଲୁମା ବଂଙ୍ଗା ଆଡି ଦେବତାଙ୍କୁ ପୂଜା କରି ଗୋ-ମହିଷଙ୍କ ସୁରକ୍ଷା ନିମନ୍ତେ ପ୍ରାର୍ଥନା କରାଯାଇଥାଏ । ଜଙ୍ଗଲରେ ହିଂସ୍ର ଜନ୍ତୁ ତଥା ବିଭିନ୍ନ ରୋଗଆଦିରୁ ରକ୍ଷା ନିମନ୍ତେ ଏହି ପୂଜା କରାଯାଇଥାଏ । ଏହି ପୂଜାରେ ଭୂମିଜ ନାରୀମାନଙ୍କଦ୍ୱାରା ହେଉଥିବା 'ଗାଇ ଚୁମାଣ' ବନ୍ଦାଣ ବେଳେ ପୁରୁଷମାନଙ୍କଦ୍ୱାରା ମାଦଳ ବଜାଇ ଗୀତଗାଇବା ବେଶ ସ୍ୱତନ୍ତ୍ର ପର୍ଯ୍ୟାୟର । ଜନଜାତି ମଣିଷ ବିବିଧ ରୂପରେ ପ୍ରକୃତି ସହିତ ଯୋଡି ହୋଇଥିବାର ଏହା ଏକ ଉଦାହରଣ ହୋଇପାରେ । ସେହିଭଳି ଆଉ ଏକ ପ୍ରସଙ୍ଗର ଏଠାରେ ଉଲ୍ଲେଖ କରିବା ଉଚିତ । ଆଦିବାସୀ ସଂସ୍କୃତିରେ ଦୀପାବଳି ପର୍ବ ପାଳିତ ହୋଇ ନଥାଏ । ଯଦିଓ ଏହି ପାର୍ବଣ ଋତୁରେ ସେମାନେ ତାଙ୍କର ଅନେକ ପର୍ବ ପାଳନ କରିଥାନ୍ତି ସେଥିମଧ୍ୟରେ ଦିଆଲି ଅନ୍ୟତମ । କୋରାପୁଟର ପରଜା ଆଦିବାସୀମାନଙ୍କର ଦିଆଲି ପର୍ବଟି ସାଧାରଣତଃ ଦୀପାବଳି ସହିତ ସିଧାସଳଖ ସମ୍ପର୍କିତ ହୋଇନଥିଲେ ମଧ୍ୟ ଦୀପାବଳି ପର୍ବ ପରେ ହିଁ ଏହା ପାଳିତ ହୋଇଥାଏ । ସେ ମାସକୁ ପରଜାମାନେ 'ଦିଆଲିମାସ' ବୋଲି ମଧ୍ୟ କହିଥାନ୍ତି । ତାହା ପୂର୍ଣ୍ଣିମାକୁ ଧରି ପାଳିତ ହୋଇଥାଏ । ନିଶାଣୀମୁଣ୍ଡାରେ ସବୁ ନୂଆ ଜିନିଷ ସହ ପୂଜା ଦେବାପରେ ସାମୂହିକ ପଂକ୍ତିରେ ସମସ୍ତେ ଏକତ୍ର ଖାଇପିଇ ନାଚଗୀତ ଆନନ୍ଦ ମଧ୍ୟରେ ଦିଆଲି ପର୍ବ ପାଳିଥାନ୍ତି । ଦିଆଲିକୁ ସାଧାରଣତଃ କୃଷିଭିତ୍ତିକ ତଥା ମଙ୍ଗଳକାରୀ ପରବ ଭାବେ ଗ୍ରହଣ କରାଯାଇପାରେ । ଅନୁରୂପ ଭାବରେ ଭତରା ଆଦିବାସୀମାନେ ଦିଆଲି ପର୍ବକୁ ଦୁଇଥର ପାଳିଥାନ୍ତି । ପ୍ରଥମେ କାର୍ତ୍ତିକ ମାସରେ ପୂର୍ଣ୍ଣିମା ଦିନ ଗାଈଗୋରୁମାନଙ୍କୁ କୋଟାଶାଳା (ଗୁହାଳ)ରେ ପୂଜା କରିବା ସହିତ ଭାତ ଖୁଆଇ ପୂଜାର୍ଚ୍ଚନା କରିଥାନ୍ତି । ଏଥିରେ ପିଠାପଣା କେବଳ ହୋଇଥାଏ । ଏହାକୁ ପ୍ରକୃତ ଦିଆଲି କହିଥାନ୍ତି । ଦ୍ୱିତୀୟ ଦିଆଲି ଅନ୍ୟ ଏକ ସମୟରେ ହୋଇଥାଏ । ଯାହାକି ଗାଈଗୋରୁ ଚରାଇବା ନିମନ୍ତେ ଥିବା 'ନରିଆ' ବା 'ଗଉଡିଆ' ଦିଆଲିର ଦିନ ଧାର୍ଯ୍ୟ କରିଥାଏ । ସେଦିନ ଗ୍ରାମରେ ତା'ଦ୍ୱାରା ପିଠାପଣା ତଥା ମାଂସଆଦି ବଣ୍ଟା ହୋଇଥାଏ । ପରଜା ଓ ଭତରା ଆଦିବାସୀଙ୍କ ସମେତ ଅନେକ ଜନଜାତି ମଣିଷ ଏହି ପର୍ବକୁ ପାଳନ କରୁଥିବା ଦୃଷ୍ଟିକୁ ଆସିଥାଏ । ମାତ୍ର ଦିଆଲି ପର୍ବର ଲକ୍ଷ୍ୟ ଗୋସମ୍ପଦ ଏବଂ ଗୃହପାଳିତ ପଶୁପକ୍ଷୀମାନଙ୍କ ସମୃଦ୍ଧି ଓ ସ୍ୱାସ୍ଥ୍ୟ ତଥା ଗ୍ରାମ-ପରିବାରର ମଙ୍ଗଳ ନିମନ୍ତେ ଅଭିପ୍ରେତ ଅଟେ । ସପ୍ରସଙ୍ଗ ଗୋବର୍ଦ୍ଧନ ପୂଜା ମଧ୍ୟ ସ୍ମରଣକୁ ଆସିଥାଏ ।

## 'ପ୍ରକୃତି' ଓ ଆଦିବାସୀ ନୃତ୍ୟ:

ବିଶ୍ୱର ପ୍ରାୟ ସମସ୍ତ ସଭ୍ୟତାର ବିକାଶର ପ୍ରାକକାଳରେ ପ୍ରକୃତିର ଅନୁକରଣ ଭିତରୁ ହିଁ ଜନାଜାତୀୟ ନାଚ ଓ ଗୀତାର ଉତ୍ପତ୍ତି ହୋଇଥିବା କଥା ନୃତତ୍ତ୍ୱବିତ୍ ମାନେ ମତାପ୍ରକାଶ କରିଥାନ୍ତି । ତାହା ପୁଣି ବିଶେଷତଃ ପଶୁ-ପକ୍ଷୀଙ୍କ ସ୍ୱର-ତାଳ ତଥା ବିବିଧ ବୃକ୍ଷ-ଲତାଙ୍କ ସହିତ ସଂଶ୍ଳିଷ୍ଟ ଥିବା ଅନୁମାନ କରାଯାଇଥାଏ । ଏଠାରେ ସେଇଭଳି କେତେକ ଉଦାହରଣ ଦିଆଯାଇପାରେ । ଭୂୟାଁ ଜନଜାତିଙ୍କ କେତେକ ନାଚ ଏ କ୍ଷେତ୍ରରେ ଦୃଷ୍ଟି ଆକର୍ଷଣ କରିଥାଏ । ଯଥା ବାଘର ହରିଣ ଶିକାର ଅନୁରୂପ ଏକ ନାଚ ହେଉଛି 'ବାଘପାଳି ନାଚ' ଭୂୟାଁ ଯୁବକମାନେ ଏହାକୁ ସାମୂହିକ ଭାବେ ନାଚିଥାନ୍ତି । ଅନୁରୂପ ଭାବେ ଭୂୟାଁ ଯୁବତୀମାନେ ଜଙ୍ଗଲରେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ବେଳେ ଭାଲୁର ଉପଦ୍ରବକୁ ଆଧାର କରି ଯୁବତୀମାନେ 'ଭାଲୁପାଳି ନାଚ' ନାଚିଥାନ୍ତି । ସେଇଭଳି ଭୂୟାଁମାନଙ୍କର 'ସାପପାଳି ନାଚ' ଟି ବେଶ ଲୋକପ୍ରିୟ ଅଟେ । ଏହା ଏକ କଷ୍ଟସାଧ୍ୟ ନୃତ୍ୟ ହେଲେ ମଧ୍ୟ ଯୁବକ-ଯୁବତୀମାନେ ଭୂଇଁରେ ଲୋଟିପଡି ସାପ ଭଳି ଅବିକଳ ନାଚିଥାନ୍ତି । ଭୂୟାଁ ଯୁବତୀମାନେ ମୃଗ ଓ ଶିକାରୀର ଅଭିନୟ କରି ନାଚୁଥିବା ଏକ ନାଚ ହେଉଛି 'ମିରିଗପାଳି ନାଚ' । 'ହାତୀପାଳି ନାଚ'ରେ ଭୂୟାଁ ଯୁବତୀ ମାନେ ଲୁଗାର ମୁଣ୍ଡକୁ ଧରି ତାହାକୁ ହାତିଶୁଣ୍ଢର ଆକାର ଦେଇ ପିଠି ଉପରେ ସାନ ସାନ ପିଲାଙ୍କୁ ବସାଇ ଏହି ନୃତ୍ୟକୁ ହାତୀ ଭଳି ଝୁଲି ଝୁଲି ନାଚିଥାନ୍ତି । ସେଇଭଳି 'ଗୁଣ୍ଡରୀପାଳି ନାଚ' ଓ 'ଗୀଧପାଳି ନାଚ' ଦୁଇଟି ପକ୍ଷୀଙ୍କ ଅନୁକରଣାତ୍ମକ ନୃତ୍ୟର ଅନ୍ତର୍ଗତ

ଅଟେ । ଗୁଣ୍ଡରୀ ଚଢେଇ ଯେପରି ଲାଞ୍ଜ ହଲାଇ ପଛକୁ ହୋଇ ନାଚିଥାଏ । ସେହିଭଳି ଯୁବତୀମାନେ ଏହି ନୃତ୍ୟ କରିଥାନ୍ତି । ଶାଗୁଣା ବା ଗୀଧପାଳିନାଚରେ ଜଣେ ଯୁବତୀ ଶବ ହୋଇ ଶୋଇରହେ ଏବଂ ଅନ୍ୟ ଯୁବତୀମାନେ ଶାଗୁଣାମାନଙ୍କ ଭଳି ଶବ ଚାରିପାଖରେ ଘୂରି ଘୂରି ଶବକୁ ଝୁଣି ଝୁଣି ଖାଇଲା ଭଳି ଯୁବତୀକୁ ନିଜ ମୁହଁରେ ସ୍ପର୍ଶ କରି ନାଚି ଥାନ୍ତି । ଏ ସମସ୍ତ ନାଚରେ ଜୀବଜନ୍ତୁଙ୍କ ପ୍ରକୃତି ଓ ଆଚରଣ ବେଶ ସୂକ୍ଷ୍ମତାରେ ଅନୁଭବି ହେବ । ଯେଉଁଠି ପ୍ରକୃତି ଓ ମଣିଷର ସମ୍ପର୍କର ଆଉ ଏକ ଫର୍ଦ୍ଦକୁ ଅନ୍ମାନ କରିହେବ ।

ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ନନ୍ଦାହାଣ୍ଡି ବ୍ଲକର ଅମାନାତ୍ୟ ଆଦିବାସୀମାନଙ୍କର ଏକ ପ୍ରାଚୀନ ନାଚ ହେଉଛି ପଶୁ-ପକ୍ଷୀ ନାଚ । ସେଥିମଧ୍ୟରୁ 'ହଂସନାଚ' ଅନ୍ୟତମ । ଏହି ନାଚରେ ଦୁଇରୁ ଛଅଜଣ ଯୁବକ ଏବଂ ଦୁଇଜଣ ଯୁବତୀ ଏହାକୁ ପରିବେଷଣ କରିଥାନ୍ତୁ । ଅନେକ ସମୟରେ ଆହୁରି ଅଧିକ ଏଥିରେ ମିଶି ନାଚୁଥିବାର ଦେଖିବାକୁ ମିଳିଥାଏ । ପ୍ରଥମେ ଯୁବତୀମାନେ ଯୁବକମାନଙ୍କୁ ଆହ୍ୱାନ କରିଥାନ୍ତି ଏବଂ ଯୁବକମାନେ ପରେ ଏକତ୍ର ନାଚିଠାନ୍ତି । ବଡ ବଡ ହଂସମୁଖା ପିନ୍ଧି ସମସ୍ତେ ହଂସ ଅନୁରୂପ ନାଚିଥାନ୍ତି । ଏହି ନାଚ ମଧ୍ୟ ସ୍ମରଣ କରାଇଦିଏ ମଣିଷର ପ୍ରକୃତି ସହିତ ଏକାତ୍ମକତାକୁ ।

ଜୁଆଙ୍ଗମାନେ ବହୁ ପଶୁ-ପକ୍ଷୀଆଦିଙ୍କୁ ଅନୁକରଣ କରି ନାଚୁଥିବା ପ୍ରସଙ୍ଗ ଅନେକ ଗବେଷକ ସେମାନଙ୍କ ଗବେଷଣା ଭିତରେ ଉଲ୍ଲେଖ କରିବା ଏକ ସ୍ୱତନ୍ତ୍ର ଦିଗକୁ ସୂଚିତ କରିଥାଏ । ସେଥିମଧ୍ୟରେ ଭାଲୁନାଚ, କପୋତନାଚ, ଘୁଷୁରି ନାଚ, କଚ୍ଛପ ନାଚ, ବାଘନାଚ, ତିତିରିପକ୍ଷୀ ନାଚ, ହରିଣ ନାଚ, ବଳଦ ନାଚ, ମୟୂରନାଚ, କୁକୁଡ଼ା ନାଚ, ବାର୍ହାନାଚ, ହାତୀନାଚ, ସାପନାଚ, କୋଇଲି ନାଚ, ଘରଚଟିଆ ନାଚ, ହରଡ-ଚଢେଇ ନାଚ ଆଦି ପରିଲକ୍ଷିତ ହୋଇଥାଏ । ପାରା ନାଚ ଓ ଶକୁନ ନାଚ ଭଳି କେତେକ ନାଚ ଏବେ ହେଉ ନଥିବା ଜଣାଯାଏ । ପାରାନାଚଟି ଶୃଙ୍ଗାର ରସାତ୍ମକ ଏବଂ ପ୍ରେମଭାବାତ୍ମକ ହୋଇଥିବା ସ୍ଥଳେ ବାର୍ହା ନାଚଟି ଅତ୍ୟନ୍ତ ସ୍ୱତନ୍ତ୍ର ଅଟେ । କାରଣ ଏହି ନାଚରେ ଉଭୟ ଯୁବକ-ଯୁବତୀମାନେ ପରସ୍ପର ପ୍ରତି ରହିଥିବା ଯୌନପ୍ରବଣତାକୁ ପରିପ୍ରକାଶ କରିଥାନ୍ତି । ଯୁବକମାନେ ନିଜ ଭିତରେ ବାର୍ହା ବା ଜଙ୍ଗଲୀ ଶୁକର ଭଳି ଶକ୍ତିଶାଳୀ ଓ ବୀରତ୍ୱ ପ୍ରଦର୍ଶନ ପୂର୍ବକ ନୃତ୍ୟ ପରିବେଷଣ କରିଥାନ୍ତି । ଶକୁନ ନାଚ ବା ଶାଗୁଣା ନାଚରେ ଜଣେ ଜୁଆଙ୍ଗ ଯୁବକ ଜ୍ଞାନଶୂନ୍ୟ ଅବସ୍ଥାରେ ଭୂମି ଉପରେ ପଡି ରହନ୍ତି । ଜ୍ଞାନଶୂନ୍ୟ ଯୁବକର ଦୁଇପାଖରେ ଠିଆହୋଇ ସାମୂହିକଭାବେ ଦୁଃଖାତ୍ମକ ସଂଗୀତ ଗାନକରି ନାଚିଥାନ୍ତି । ମୃତବ୍ୟକ୍ତିର ଆତ୍ମାର ସନ୍ତୋଷ ବିଧାନ ନିମନ୍ତେ ଏହି ନାଚ ପରିବେଷଣ କରାଯାଇଥାଏ । ମୃତ୍ୟୁର ଅଭିନୟ କରି ମୃତବତ ପଡ଼ିରହିଥିବା ଯୁବକକୁ ଅନ୍ୟ ଜୁଆଙ୍ଗମାନେ ଦୁଃଖରେ ଟଣାଓଟରା କରି ନିଜର ଆତ୍ମୀୟତା ପ୍ରଦର୍ଶନ କରିଥାନ୍ତି । ଏହି ଶକୁନ ନାଚ ଦେଖୁଥିବା ଲୋକଙ୍କ ଆଖିରେ ଲୁହ ଆସିଥାଏ । ଏଭଳି ନାଚ କ୍ରମଶଃ ପ୍ରଦର୍ଶିତ ନହେବାର କାରଣ ହେଉଛି ଆଦିବାସୀ ଜୀବନ ଆଶାବାଦୀ ଏବଂ ଆନନ୍ଦରେ ରହିବାରେ ବିଶ୍ୱାସୀ । ତେଣୁ ସେମାନଙ୍କର ସାମାଜିକ-ସାଂସ୍କୃତିକ ଜୀବନଧାରେ ଶକୁନନାଚ କେବେହେଲେ ପ୍ରଭାବ ପକାଇ ପାରି ନଥିବ । ଯଦିଓ ଏଠାରେ ଏକଥାକୁ ଅବଶ୍ୟ ଉଲ୍ଲେଖ କରାଯିବା ଉଚିତ ଯେ ଜୁଆଙ୍ଗ ସମାଜରେ ପଶୁ-ପକ୍ଷୀ-ସରୀସୃପମାନଙ୍କୁ କେନ୍ଦ୍ରକରି ସର୍ବାଧିକ ନୃତ୍ୟ ରହିଛି । ଯାହା ଭିତରେ ଜୁଆଙ୍ଗ ସମାଜର ପ୍ରକୃତି ସହିତ ନିବିଡ଼ତାକୁ ଲକ୍ଷ୍ୟ କରାଯାଇପାରିବ । ଅନୁରୂପ ଅନୁକରଣ ସହିତ ପଶୁ-ପକ୍ଷୀ-ସରୀସୃପଙ୍କ ଚରିତ୍ରର ସମାବେଶ ନାଚଗୁଡ଼ିକରେ ବେଶ୍ ହୃଦ୍ୟ । ସମ୍ପ୍ରତି ଏଥିମଧ୍ୟରୁ ଅନେକ ନାଚ ପ୍ରଦର୍ଶିତ ନହେଉଥିଲେ ମଧ୍ୟ ଏହର ଆଭିମୁଖ୍ୟ କିନ୍ତୁ ବଦଳି ଯାଇନାହିଁ ।

### 'ପ୍ରକୃତି' ଓ 'ଆଦିବାସୀ'- ଅଳ୍ପ ସମ୍ଭାବନା ଅଧିକ ଆଶଙ୍କା:

ସମଗ୍ର ପୃଥିବୀରେ ସାଂସ୍କୃତିକ ବିବିଧତା (Cultural Diversity)ର କଥା ପଡ଼ିଲେ ଆଦିବାସୀଙ୍କ ପ୍ରସଙ୍ଗ ହିଁ ପ୍ରଥମେ ଆସିଥାଏ । ସମଗ୍ର ବିଶ୍ୱରେ ପ୍ରାୟ ୩୭୦ ନିୟୁତ ଆଦିବାସୀ ପୃଥିବୀର ପ୍ରାୟ ୨୦ ଶତକଡ଼ା ଅଂଶରେ ବସବାସ କରିଥାନ୍ତି । ପ୍ରାୟ ୫୦୦୦ ବିଭିନ୍ନ ଜନଜାତିର ମଣିଷ ଏହି ପାରମ୍ପରିକ ସଂସ୍କୃତିର ପ୍ରତିନିଧିତ୍ୱ କରିଥାନ୍ତି । ଏପରିକି ସମ୍ପ୍ରତି ସଂଖ୍ୟା ଲଘୁରେ ରୂପାନ୍ତରିତ ଆଦିବାସୀ ଯୁଝି ହେଉଛନ୍ତି ଅନେକ ସମସ୍ୟା ସହିତ । ଯେପରି ଆଇନରେ ସେମାନଙ୍କର ଜମିର ଅଧିକାର ଅଛି କିନ୍ତୁ ବାସ୍ତବରେ ତାହା ନାହିଁ । ସାମାଜିକ, ଆର୍ଥନୀତିକ ବିକାଶ ଓ ନୂତନ ବୈଷୟିକ ବିକାଶ ପାଇଁ ବଳପୂର୍ବକ ସେମାନଙ୍କୁ ବିସ୍ଥାପିତ କରାଯାଏ । ସମ୍ପ୍ରତି ଉନ୍ନତ ବୀଜ/ ମଞ୍ଜି, ରସାୟନିକ ସାର ଏବଂ କୀଟନାଶକ ଭଳି ଜ୍ଞାନଗର୍ଭ ବୈଷୟିକତାର ପ୍ରୋତ୍ସାହନ, ନଗଦ 'ସଲ ଚାଷ ଏବଂ ବୃହତ ବୃକ୍ଷ-ରୋପଣ ଭଳି ଯୋଜନା ପରିବେଶର ଅବନତି ଘଟାଇ ଆଦିବାସୀଙ୍କ ପାରମ୍ପରିକ ଆତ୍ମନିର୍ଭରଶୀଳ ପ୍ରାକୃତିକ ସଂରଚନା (Eco-System) ଧ୍ୱସ୍ତ ହୋଇସାରିଛି ବୋଲି କୁହାଯାଇପାରିବ । ଅନେକ ସମୟରେ 'ଅସ୍ଥାୟୀ ବିକାଶ' (Unsustainable Development) ତଥା ବେଳେବେଳେ ବଡ଼ବଡ଼ ଶିଳ୍ପପ୍ରତିଷ୍ଠାନ-ରାସ୍ତା-ରେଳରାସ୍ତା-ଡ୍ୟାମ୍-ନଦୀବନ୍ଧ-ବ୍ୟାରାଜ ତଥା ଖଣି-ଖାଦାନଭିତ୍ତିକ କାର୍ଯ୍ୟକଳାପ ଏପରିକି ପର୍ଯ୍ୟଟନର ବିକାଶ (Tourism Development)ପାଇଁ ମଧ୍ୟ ଘଟିଛି ଅନେକ କ୍ଷତି । ଉଚିତ କ୍ଷତିପୂରଣ ତଥା ଯଥାଯଥ ଥଇଥାନ ନହୋଇ ହଜାର ହଜାର ଆଦିବାସୀ ହୋଇଛନ୍ତି ବିସ୍ଥାପିତ ଓ ସ୍ଥାନାନ୍ତରିତ । କେତେକ କ୍ଷେତ୍ରରେ ଅଭୟାରଣ୍ୟର ସୁରକ୍ଷା ପାଇଁ ଅରଣ୍ୟସଂଲଗ୍ନ ଅଞ୍ଚଳରୁ ତାଡ଼ିତ ହୋଇ ସେମାନେ ହରେଇଛନ୍ତି ନିଜର ପାରମ୍ପରିକ ବାସ ଓ ଜଙ୍ଗଲ । ଯେଉଁ ଅରଣ୍ୟ ସେମାନଙ୍କ ପାଇଁ ପ୍ରାକୃତିକ ରୂପରେ

ସଂରକ୍ଷିତ ଥିଲା ତାହା ଅନେକତ୍ର ବାହ୍ୟ ଅଧିବାସୀଙ୍କ ଅକ୍ତିଆରକୁ ଆସି ବିନାଶ ଆଡ଼କୁ ଚାଲିଯାଇଥିବା ମଧ୍ୟ ଲୋକଲୋଚନକୁ ଆସିଛି । ଦ୍ରୁତ ବିକାଶ କରୁଥିବା ସହରୀ ସଭ୍ୟତାର କାରଣରୁ ଘଟୁଥିବା ଜଳବାୟୁ ପରିବର୍ତ୍ତନ(Climate Change)ର ପ୍ରଭାବକୁ ବି ଭୋଗୀଛନ୍ତି ଜନଜାତି ମଣିଷ, ଯେଉଁଥିପାଇଁ କି ସେମାନେ କେବେହେଲେ ଦାୟୀ ନୁହନ୍ତି । ଏପରିକି ଜଳବାୟୁ ପରିବର୍ତ୍ତନ ସେମାନଙ୍କ ଅସ୍ତିତ୍ୱ ପାଇଁ ସାଜିଛି ଚରମ ବାଧକ । ଜବରଦଖଲ ଓ ଜଳ-ଜଙ୍ଗଲ-ଜମିରୁ ଉଚ୍ଛେଦ ଯେତିକି ପରିମାଣରେ ଆଦିବାସୀଙ୍କ ମୌଳିକ ଜୀବନକୁ ବ୍ୟାଘାତ ଦେଇଛି ଅନୁରୂପ ଭାବେ ମହିଳାମାନଙ୍କୁ ମଧ୍ୟ ଅନେକ କ୍ଷେତ୍ରରେ ପ୍ରଭାବିତ କରିଛି । ଜଙ୍ଗଲରୁ ମହିଳାମାନେ ଜଙ୍ଗଲଜାତ ଲଘୁଜାତ ଦ୍ରବ୍ୟର ସଂଗ୍ରହ କରି ଗୁଜୁରାଣ ମେଣ୍ଟାଉଥିବା ଅର୍ଥନୀତି ଅନେକତ୍ର ବାଧାପ୍ରାପ୍ତ ହୋଇଛି । ଏପରିକି ଜାଳେଣୀ କାଠ ସଂଗ୍ରହ ନକରିପାରି ଏକପ୍ରକାର ଧ୍ୱସ୍ତ ଆର୍ଥନୀତିକ ପରିସ୍ଥିତି ସହ ଯୁଝୁଛନ୍ତି ସାଧାରଣ ଆଦିବାସୀ । ତେଣୁ କୁହାଯାଇପାରେ ଜନଜାତି ମଣିଷ ଯେଉଁମାନେ କି ପ୍ରକୃତିର ସନ୍ତାନ ଭାବେ ପ୍ରକୃତି ସହିତ ରହିଆସିଛନ୍ତି ସେମାନଙ୍କୁ ସମାଜର ମୂଳସ୍ରୋତରେ ମିଶାଇବା ଭଳି ପଦକ୍ଷେପ ଶୁଣିବାକୁ ଭଲ ଲାଗୁଥିଲେ ବି ତାହା ସେମାନଙ୍କ ସ୍ୱଧର୍ମ ନୁହେଁ, ତେଣୁ ଏକପ୍ରକାର ତ୍ରିଶଙ୍କୁର ଅବସ୍ଥା ସେମାନେ ଭୋଗୁଛନ୍ତି ପ୍ରକୃତିରୁ ବିଚ୍ୟୁତ ହୋଇ । ଆଦିବାସୀଙ୍କୁ ସମାଜର ମୂଳସ୍ରୋତରେ ମିଶାଇବା ଭଳି ଉକ୍ତି ମଧ୍ୟ ଏକ ବ୍ୟଙ୍ଗାତ୍ମକ ଅଭିବ୍ୟକ୍ତି ଅଟେ । ଯାହାର ସଂପୂର୍ଣ୍ଣ ଅବଧାରଣା ହିଁ ଅସ୍ପଷ୍ଟ ଅଟେ । କାରଣ କିଏ ମୂଳସ୍ରୋତ (Main Stream)? ଆଦିବାସୀ ମଣିଷ ନା ଆମେ ? ତେଣୁ ଏହିଭଳି ଅଭବ୍ୟକ୍ତିର ପରିବର୍ତ୍ତନ ସହିତ ଜନଜାତି ମଣିଷଙ୍କୁ ସେମାନଙ୍କ ଭାଷା ଓ ସଂସ୍କୃତି ସହିତ ଏକ ସମାନ୍ତରାଳ-ବିକଳ୍ପ (Parallel Substitute) ଯୋଗାଇପାରିଲେ ବିଶ୍ୱକୁ ଦେଖିବାର ଗବାକ୍ଷ ବି ବଦଳିଯିବ । ଆଉ ସେଇ ଗବାକ୍ଷରେ ଏପଟେ ସେପଟେ ଉଭୟପଟେ ଆମେ ନିଜକୁ ଅପରର ଦର୍ପଣରେ ଦେଖିପାରିବା ।

**ସହାୟକ ଗ୍ରନ୍ଥସୂଚୀ (ଓଡ଼ିଆ):**


୧. ଅଢାରୀ, ସଦାନନ୍ଦ, କରପୁଟର ଦୁରୁଆ ସମ୍ପ୍ରଦାୟ, ସୃଜନସ୍ୱପ୍ନ, ଭୁବନେଶ୍ୱର, ୨୦୨୨

୨. ଆଚାର୍ଯ୍ୟ, ବିଭୂତିଭୂଷଣ, ଲୋକସଂସ୍କୃତି ଓ ଲୋକସାହିତ୍ୟ, ଲିପିକା, ଜଟଣୀ, ପୁରୀ, ୨୦୧୮

୩. ନାଏକ, ସୁମନ୍ତ, ଜନଜାତି ଭୂୟାଁ:ସାହିତ୍ୟ ଓ ସଂସ୍କୃତି,ଲିପିକା,ଜଟଣୀ,ପୁରୀ, ୨୦୧୭

୪. ପ୍ରଧାନ, ରଞ୍ଜନ, ଜୁଆଙ୍ଗ ପର୍ବପର୍ବାଣି, କ୍ରିଏଟିଭ ଓଡିଶା, କେନ୍ଦ୍ରାପଡା, ୨୦୧୪

୫. ପ୍ରଧାନ, ରଞ୍ଜନ, ଆଦିବାସୀ ନାଚ ଓ ଗୀତ, କ୍ରିଏଟିଭ ଓଡିଶା, କେନ୍ଦ୍ରାପଡା, ୨୦୧୨

୬. ବେହେରା, ବିମ୍ବାଧର, ରାଉତ ଲଗ୍ନଜିତ ପ୍ରଦୀପ, ବାଥୁଡି ଜନଜାତି ଜୀବନଧାରା ଓ ସଂସ୍କୃତି, କାବ୍ୟଲୋକ ଭୁବନେଶ୍ୱର, ୨୦୧୭

୭. ଭୋଳ, ଲତା, ଭୂମିଜ ଲୋକ ସଂସ୍କୃତି,ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ,ଭୁବନେଶ୍ୱର, ୨୦୦୩

୮. ମହାପାତ୍ର, ନାଗେନ୍ଦ୍ରନାଥ, ଲୋଧା ସଂସ୍କୃତି ଓ ଲୋକସାହିତ୍ୟ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ଭୁବନେଶ୍ୱର, ୨୦୦୨

୯. ମହାନ୍ତି,କୃଷ୍ଣ କୁମାର ମହାନ୍ତି,ବେହୁରା,ନବକିଶୋର,ଓଡିଶାର ଜନଜାତି,ସମାଜ,ସଂସ୍କୃତି, ଭାଷା ଓ ସାହିତ୍ୟ, ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର, ୨୦୦୮

୧୦. ମାନ୍ଦ୍ରା, ଲକ୍ଷ୍ମଣ, ମାଲ୍ୟାବନ୍ତର ଆଦିମସଂସ୍କୃତି, ସୁବର୍ଣ୍ଣଶ୍ରୀ ପ୍ରକାଶନୀ, ବାଲେଶ୍ୱର, ୨୦୧୫

୧୧. ସାହୁ,ଅଜୟ, ଓଡ଼ିଶାର ଜନଜାତି, କୋରାପୁଟ ଜିଲ୍ଲା ସାମ୍ବାଦିକ ସଂଘ,କୋରାପୁଟ, ୨୦୧୫

୧୨. ସାହୁ,ଅଜୟ, ଓଡ଼ିଶାର ଆଦିବାସୀ, କୋରାପୁଟ ଜିଲ୍ଲା ସାମ୍ବାଦିକ ସଂଘ,କୋରାପୁଟ, ୨୦୦୪


**References (English) :**


୧. Panda, Debabrata,Bisoi, Sidhanta Sekhar, Palita, Sharat Kumar, Floral Diversity Conservation throughSacred Groves in Koraput District,Odisha, India: A Case Study, International Research Journal of Environment Sciences, Vol.3/9,September-2014

୨. Panda Taranisen, Mishra Nirlipta,Pradhan Bikram Kumar, Rahimuddin, Shaik,Mohanty, Rajballav, Saced Groves in Conservation of Biodiversity in Odisha, Holistic Approach to Environment, Vol-10/1, 2020

୩. Tripathy, Poonam, An Anthropological study of totem and taboo in Oraon and Munda tribe of Ranchi District in Jharkhand, International Journal of Creative Research Thoughts (IJCRT), An International Open Access, Peer-Reviewed, Refer Journal, Vol-6, March-2018


❖ ❖ ❖

DOI :https://doi.org/10.5281/zenodo.14545822 ମୂଳ ପ୍ରବନ୍ଧ

# ଜୀବନର ଉତ୍ତୀର୍ଣ୍ଣ ପ୍ରହରରେ ଯୌବନକୁ ଖୋଜୁଥିବା ପୁରୁଷ "ପ୍ରଥମ ପୁରୁଷ" : ଏକ ସୂକ୍ଷ୍ମ ବିଚାର

**ରଞ୍ଜନ କୁମାର ଖଣ୍ଡା**

**ସଂକ୍ଷିପ୍ତସାର:**

ଶବ୍ଦଟିଏ ଗଡାହୁଏ ମନର ଇଲାକାରୁ, ଯେଉଁଠି ଉଙ୍କିମାରୁଥାଏ ଉତାଳ ତରଙ୍ଗ । ଏହି ତରଙ୍ଗ କେବେ ଅନ୍ତଃରାଜ୍ୟରୁ ବିକଶିତ ହୁଏତ କେବେ ପାରିପାର୍ଶ୍ୱିକ ଜଗତରୁ ଫୁଟିଉଠେ । ଭାବନାର ଏହି ନିରୋଳା ଶବ୍ଦଗୁଡିକ ରୋମାଂଟିକ ଭାବଚେତନାରେ ତେଜିଆନ ହୋଇ ବ୍ୟକ୍ତିର ଜୀବନକୁ ସୁନ୍ଦର କରି ଗଢିତୋଳିଥାଏ । ମାତ୍ର କେବେ ପୁଣି ଏହା ଭାବନା ବଳୟରୁ ବାହାରି ବ୍ୟକ୍ତି ଭାବପ୍ରବଣ ହୋଇପଡେ, ଉଦାସ ମନକୁ ନେଇ ଆଙ୍କିଚାଲେ ବୁଢିଆଣୀର ମାୟାଜାଲ, ଯେଉଁଥିରେ ବାହାରିବା କଷ୍ଟ ହୋଇପଡେ । ତଥାପି ସେହି କଷ୍ଟ ଯନ୍ତ୍ରଣାକୁ ସହି ଦିନ ଅତିବାହିତ କରେ । ଆଉ ରଙ୍ଗିନ ଜୀବନକୁ ଭଲ ପାଉଥିବା ବ୍ୟକ୍ତିଟି ସେତେବେଳେ ବିଷାଦବାଦୀ ପାଲଟିଯାଏ । ପୁଣି ପାରିପାର୍ଶ୍ୱିକ ପରିବେଶରୁ ବାହାରି ନିହାତି ନିଃସଙ୍ଗ ଅନୁଭବ କରେ । ଯୌବନର ପୂଜାରୀ ପରିଶେଷରେ ଅନୁଭବ କରେ ସେ ହିଁ ପ୍ରଥମ ପୁରୁଷ ଯାହାର ଯନ୍ତ୍ରଣା ଅବିନାଶୀ । କାବ୍ୟକାର ଜଗନ୍ନାଥ ପ୍ରସାଦ ଦାଶ ଏହି ଧରଣର ଜଣେ ସ୍ପଷ୍ଟବାଦୀ କବି । କବିତାର ଅନ୍ତରାଳରେ ଜୀବନର ସମସ୍ତ ବାସ୍ତବତାକୁ ସେ ରୂପାୟିତ କରିଛନ୍ତି । ଯାହା ତାଙ୍କର କବିତା ଗୁଡିକୁ ପାଠ କଲେ ଜଣାପଡ଼େ । ଦୂରତ୍ୱକୁ ଭାଙ୍ଗିଦେବା ତାଙ୍କ ପକ୍ଷରେ ଅସହ୍ୟ କିନ୍ତୁ ଅତୀତର ସ୍ମୃତିଚାରଣ ମ୍ନରେ କୌଣସି ମତେ ସାନ୍ତ୍ୱନା ଦେବାକୁ ଚେଷ୍ଟା କରିଥିବାର ଜଣାପଡ଼େ । ଆଲୋଚିତ 'ପ୍ରଥମ ପୁରୁଷ' କବିତାଗ୍ରନ୍ଥରେ କବି କେବଳ ନିଜର ବୟସକୁ ନିନ୍ଦା କରିନାହାଁନ୍ତି ବରଂ ଅତୀତରେ ବିତିଥିବା ପ୍ରତିଟି ଘଟଣାକୁ ନିଜର ସ୍ମୃତିପଟ୍ଟରେ ରଖି ବ୍ୟାକୁଳ ହୋଇଛନ୍ତି । ଯାହକୁ ଏଠାରେ ମୁ ଆଲୋଚନା କରିଛି ।

**ପ୍ରମୁଖ ଶବ୍ଦାବଳୀ:**

ବୟସର ଉତ୍ତୀର୍ଣ୍ଣ ପ୍ରହର, ସନ୍ତାପିତ ହୃଦୟ, ବିଫଳତାର ମ୍ଲାନ୍ନ, ପାଶବିକ ପ୍ରବୃତି, ଦହନ, ସ୍ମୃତିଚାରଣ, ହତୋତ୍ସାହ, ଆନ୍ଦୋଳିତ ମନ, କଟାକ୍ଷ, ପଟୁଆର, ଅନ୍ତଃହୀନ ଯନ୍ତ୍ରଣା, ଅବଶୋଷ ।

## ॥ ଏକ ॥

କାବ୍ୟକାର ଶ୍ରୀ ଦାଶ ଜୀବନର ପଇଁତିରିଶ ବର୍ଷ ବୟସରେ କାବ୍ୟ ରଚନାରେ ନିମଗ୍ନ ରହି କାବ୍ୟ ରଚନା କରିଛନ୍ତି । ଏବଂ ଜଣେ ସଫଳ କାବ୍ୟକାର ଭାବରେ ମଧ୍ୟ ପ୍ରତିଷ୍ଠିତ ହୋଇଛନ୍ତି । ଶ୍ରୀ ଦାଶଙ୍କ କବିତା ରଚନା ସମୟକୁ କବିତାରେ ବହୁ ପରୀକ୍ଷାନୀରିକ୍ଷା ହୋଇସାରିଥିଲା । ଚିତ୍ରକଳ୍ପ, ପ୍ରତୀକ ଏବଂ ଗଦ୍ୟମୟତା ମଧ୍ୟରେ କବିତା ଗୋଡ଼ିକ ରଚିତ ହୋଇଥିଲା । ଏହି କ୍ଷେତ୍ରରେ ଏତେବେଳକୁ ସଚ୍ଚି ରାଉତରାୟ, ଗୁରୁପ୍ରସାଦ ମହାନ୍ତି , ରମାକାନ୍ତ ରଥ ପ୍ରମୁଖ ପ୍ରବାଦ ପୁରୁଷମାନେ କବିତାର ମୋଡ଼ ପରିବର୍ତ୍ତନ କରି ସାରିଲେଣି । ତେଣୁ କବି ଶ୍ରୀ ଦାଶ ଜୀବନର ବାସ୍ତବତାକୁ ନେଇ ଆଉ ପରୀକ୍ଷା

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI:https://doi.org/10.5281/zenodo.14545822

Article No - BPP00243

**ଯୋଗାଯୋଗ :**

**ରଞ୍ଜନ କୁମାର ଖଣ୍ଡା,** ଓଡ଼ିଆ ଅଧ୍ୟାପକ, ଝାଡ଼େଶ୍ୱର, ଜୁନିୟର ମହାବିଦ୍ୟାଳୟ, ଟୋଲକାନୀ, ଯାଜପୁର

**Email :** ranjankumarkhanda@gmail.com

**ORCID ID :** https://orcid.org/0009-0001-9625-2354

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୨.୮.୨୦୨୪ | ୧୦.୧୦.୨୦୨୪ | ୨୫.୧୧.୨୦୨୪ | ୧.୧୨.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଖଣ୍ଡା, ରଞ୍ଜନ କୁମାର; ୨୦୨୪ । : ଜୀବନର ଉତ୍ତୀର୍ଣ୍ଣ ପ୍ରହରରେ ଯୌବନକୁ ଖୋଜୁଥିବା ପୁରୁଷ "ପ୍ରଥମ ପୁରୁଷ": ଏକ ସୂକ୍ଷ୍ମ ବିଚାର । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା :୯; ପୃଷ୍ଠା : ୨୦-୨୭ ।

ନକରି ସିଧାସଳଖ ମନର କଥାକୁ କହିବାକୁ ଆଗ୍ରହୀ ହୋଇଛନ୍ତି । ଡକ୍ଟର ରବିନାରାୟଣଙ୍କ ଭାଷାରେ, "ଯେତେଦୂର କବିତାର କଥା ଉଠେ, ଜଗନ୍ନାଥ ପ୍ରସାଦ ପାଶ୍ଚାତ୍ୟ କାବ୍ୟରୀତିର ମିଥ୍, ପ୍ରତୀକ ଓ ଚିତ୍ରକଳ୍ପର ଗୋଲକଧନ୍ଧାରେ କେବେ ପାଠକକୁ ଛିଡ଼ା କରାଇବାକୁ ଦିଅନ୍ତି ନାହିଁ । ତାଙ୍କ କବିତାରେ ଯେ ଏସବୁ ନାହିଁ, ତାହା ନୁହେଁ, ମାତ୍ର ତାହା ତାଙ୍କ ବକ୍ତବ୍ୟ ପରି ଅତ୍ୟନ୍ତ ସ୍ପଷ୍ଟ ଓ ବୋଧଗମ୍ୟ । ସେହି କାରଣରୁ ସେ ପାଠକଙ୍କ ନିକଟରେ ଅତିଆପଣାର ଓ ଏତେପ୍ରିୟ । ସେ ବ୍ୟକ୍ତିଗତ ସ୍ତରରେ ଯେତିକି ଅର୍ନ୍ତମୁଖୀ, କବିତାରେ ବା ଗଳ୍ପ ନାଟକାଦିରେ ସେତିକି ବର୍ହିମୁଖୀ । ତେଣୁ କହିବାକୁ ଗଲେ ଜଗନ୍ନାଥ ପ୍ରସାଦ ସବୁବେଳେ ଜନସାଧାରଣଙ୍କ ନିକଟବର୍ତ୍ତୀ ହେବାକୁ ଚାହିଁଛନ୍ତି, ତାହା ଚିତ୍ରରେ ହେଉ ବା କବିତାରେ, ଗଳ୍ପରେ ହେଉକି ସମାଲୋଚନାରେ ଏପରିକି ନାଟକରେ ମଧ୍ୟ । ତେଣୁ ତାଙ୍କ ଚିତ୍ର ଯେପରି ଅତ୍ୟନ୍ତ ସ୍ପଷ୍ଟ, ନାଟକରେ ବକ୍ତବ୍ୟ ମଧ୍ୟ ଅନୁରୂପ ଭାବରେ ପୂରାପୂରି ସିଧା ଆଦୌ ବଙ୍କାଟଙ୍କା ନୁହେଁ । କବିତା ସେହିପରି ସୁଖପାଠ୍ୟ ଓ ବୋଧଗମ୍ୟ ଓ ଗଳ୍ପ ମଧ୍ୟ ସେହିପରି ଏକାନ୍ତ ହୃଦୟସ୍ପର୍ଶୀ ଓ ପ୍ରତ୍ୟକଙ୍କର ଅନୁଭବଗାମୀ ।" (୧) ଭାରତୀୟ ପ୍ରଶାସନିକ ସେବାରେ ଅଧିକାରୀ ପ୍ରାପ୍ତ, ଯେଉଁଥି ପାଇଁ ତାଙ୍କୁ ଅନେକ ସ୍ଥାନ ଯିବାକୁ ପଡ଼ିଛି, ଅନେକ ବାସ୍ତବତା ଭିତରେ ବଂଚିବାକୁ ପଡ଼ିଛି । ତଥାପି ସେ ସାହିତ୍ୟରୁ ନିବୃତ ହୋଇନାହାନ୍ତି, ସାହିତ୍ୟ ରଚନା କରିବାର ଅନୁକୂଳ ପରିବେଶ ମଧ୍ୟ ଖୋଜିଛନ୍ତି । ତେଣୁ ଏହି ବ୍ୟସ୍ତତା ଭିତରେ ସେ ଅନେକ ସାହିତ୍ୟ ଗ୍ରନ୍ଥ ରଚନା କରିଛନ୍ତି । ମାତ୍ର ସାହିତ୍ୟ ମନସ୍କ ତାଙ୍କୁ ପ୍ରଶାସନିକ କାଯ୍ୟ କ୍ରମେ ବାଧକ ସାଜିଛି । ଫଳରେ ସେ ୧୯୮୪ ମସିହାରେ ଭାରତୀୟ ପ୍ରଶାସନିକ ସେବାରୁ ନିଜକୁ ମୁକ୍ତକରି ସମ୍ପୂର୍ଣ୍ଣ ଭାବରେ ସାହିତ୍ୟ ସେବାରେ ନିଜକୁ ସମର୍ପିତ କଲେ ।

୧୯୫୮ ରୁ ୧୯୮୪ ମସିହା ମଧ୍ୟରେ ପ୍ରଶାସନିକ ସେବାରେ ଥିଲାବେଳେ ଯେଉଁ ନବପୁଲକର କାବ୍ୟ 'ସଳ ଗୋଡିକ ସୃଷ୍ଟି କରିଥିଲେ, ସେଗୁଡ଼ିକ ହେଲା – ପ୍ରଥମ ପୁରୁଷ (୧୯୭୧), ଅନ୍ୟସବୁ ମୃତ୍ୟୁ ( ୧୯୭୬), ଯେ ଯାହାର ନିର୍ଜନତା (୧୯୭୯), ଅନ୍ୟ ଦେଶ ଭିନ୍ନ ସମୟ (୧୯୮୨) ଏବଂ ପ୍ରଶାସନିକ ଦାୟିତ୍ୱରୁ ଅବସର ନେଇ ରଚନା କରିଛନ୍ତି , ଯାତ୍ରାର ପ୍ରଥମ ପାଦ ( ୧୯୮୮),. ଆହ୍ନିକ (୧୯୯୦), ସ୍ଥିରଚିତ୍ର (୧୯୯୧), ସଚରାଚର (୧୯୯୪), ସ୍ମୃତିର ସହର (୧୯୯୫), ପରିକ୍ରମା (୧୯୯୮), ଅସମୟ (୨୦୦୪), ଏଥିସହିତ ସେ ଶିଶୁଙ୍କ ପାଇଁ ରଚନା କରିଥିବା କାବ୍ୟଗ୍ରନ୍ଥ ଗୋଡ଼ିକ ହେଲା– ସ୍ୱପ୍ନ ବିଚାର (୧୯୯୨), ଆଳିମାଳିକା (୧୯୯୩), ଆଲୁକୁଚି ମାଲୁକୁଚି (୧୯୯୩), ଅ ଆ ଇ ଏବଂ କ ଖ ଗ (୨୦୦୩), ଅନାବନା (୨୦୦୮), ଆନମାନ (୨୦୧୬), ଏଥିସହିତ ସେ ନାଟକ, ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ଅନୁବାଦ ଆଦି ବହୁ ଗ୍ରନ୍ଥମାନ ରଚନା କରି ସାହିତ୍ୟ କ୍ଷେତ୍ରରେ ତଥା ସାରା ବିଶ୍ୱରେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । କବିଙ୍କର ପ୍ରଥମ ପୁରୁଷ କବିତା ଗ୍ରନ୍ଥଟି ଓଡ଼ିଆ ସାହିତ୍ୟ ବ୍ୟତୀତ ଅନ୍ୟାନ୍ୟ ପ୍ରାଦେଶିକ ଭାଷାରେ ମଧ୍ୟ ଅନୁବାଦିତ ହୋଇ ସର୍ବଜନଗ୍ରାହ୍ୟ ହୋଇପାରିଛି । ହିନ୍ଦୀ ଭାଷାରେ ଶ୍ରୀ ଶଙ୍କରଲାଲ୍ ପୁରୋହିତଙ୍କ ଦ୍ୱାରା ୧୯୭୫ ମସିହାରେ ପ୍ରଥମ ପୁରୁଷ ପ୍ରକାଶିତ ହୋଇଥିଲା । ଏହାର ପ୍ରକାଶକ ଲୋହେର ପବ୍ଲିକେସନ, ଆହ୍ଲାବାଦ ଏବଂ ଏହି ସଙ୍କଳନର ମୁଖବନ୍ଧ ଶ୍ରୀ ଓଁକାର ଶରଦ ଯେ କବିତାଏଁ ଶୀର୍ଷକରେ ଆଲୋଚନା କରିଛନ୍ତି । ସେହିପରି ଉର୍ଦ୍ଦୁ ଭାଷାରେ ପରଛାଇୟୋକା ଜୁଲୁସ ନାମରେ ଅନୁବାଦିକା ଶାଇଦା ଶଇଦ ୧୯୭୯ ମସିହାରେ ଅନୁବାଦ କରିଛନ୍ତି ।

॥ ଦୁଇ ॥

କବିଙ୍କର କବିତା ରଚନା ଆରମ୍ଭ ହୁଏ 'ସ୍ତବକ' (୧୯୫୧) ଠାରୁ, ମାତ୍ର ଏହାର ପରିପୂର୍ଣ୍ଣ ରୂପ 'ପ୍ରଥମ ପୁରୁଷ' (୧୯୭୧) ଠାରୁ ଆମେ ଦେଖିବାକୁ ପାଉ । ସ୍ତବକରେ ପ୍ରକୃତି ଭିତରେ ଆତ୍ମହରା ହୋଇ ପଡୁଥିବା କବି କିନ୍ତୁ ସମୟର ପ୍ରବାହରେ ପରିବର୍ତ୍ତିତ ହୋଇଛନ୍ତି । ତାଙ୍କର କବିତାର ଆଙ୍ଗୀକ ଓ ଆତ୍ମିକ ଭିତରେ ପ୍ରକୃତି ନୁହେଁ ବରଂ ପ୍ରକୃତି ସ୍ୱରୂପା ନାୟିକା ହିଁ ସ୍ଥାନ ପାଇଛି । ଏହି ସମୟରେ କବିତାର ଭାବ ସୌନ୍ଦର୍ଯ୍ୟ ଅନ୍ତଃମୁଖୀନ ହୋଇପଡିଛି । କବିତାର ଛନ୍ଦେ ଛନ୍ଦେ କବି ନିଜର ଭାବ ବ୍ୟକ୍ତ କରିବା ସହିତ ଅନ୍ତଃମନର ବୈପ୍ଳବାତ୍ମକ ଶକ୍ତ ଉନ୍ମୋଚନ କରିବାରେ ସଫଳ ହୋଇଛି । ଯାହାକି ଶ୍ରୀ ଦାଶଙ୍କର ପରବର୍ତୀ କବିତା ଗୋଡିକରେ ଦେଖିବାକୁ ମିଳେ । ଏହି ସମୟରେ ରଚିତ କାବ୍ୟଗ୍ରନ୍ଥ ଗୋଡିକ ଉର୍ବର ରହିତ ବୋଲି ଅଧ୍ୟାପକ ଦିଲୀପ କୁମାର ସ୍ୱାଇଁ ମତ ଦେଇଛନ୍ତି । ସେ ଆହୁରି ବି କହିଛନ୍ତି ଜଗନ୍ନାଥ ପ୍ରସାଦ ଦାଶଙ୍କର କବିଥାରେ ନିରୋଳା ପ୍ରୟୋଗବାଦୀର ଫର୍ମୁଲାର କିରଣ ଛଡ଼ା ଆଉ କିଛି ନୁହେଁ । (୨) ଶ୍ରୀ ଦାଶଙ୍କର କବିତା ଉଭୟ ପ୍ରୟୋଗବାଦୀ ଓ ଉନ୍ମୋକ୍ତ ଧରଣର କବିତା । ଯେଉଁଥିରେ ସ୍ୱପ୍ନ ଅଛି, ଶୋକ ଅଛି, ନୂଆ କରି କିଛି ପାଇବାର ଆଶାର କିରଣ ମ୍ଲ ରହିଛି । ବୟସର ତାରୁଣ୍ୟର ପ୍ରଭାବରେ ପ୍ରଭାବିତ କବିଙ୍କର 'ପ୍ରଥମ ପୁରୁଷ' କବିତା ଗ୍ରନ୍ଥଟି ପ୍ରକାଶିତ । ଏହା ତାଙ୍କର ଦ୍ୱିତୀୟ କବିତା ଗ୍ରନ୍ଥ, ମାତ୍ର ପ୍ରଥମ ପୁରୁଷ କବିତା ଗ୍ରନ୍ଥର ଉପସ୍ଥାପନାରେ ଗଣେଶ୍ୱର ମିଶ୍ର ଏହାକୁ କବିଙ୍କର ପ୍ରଥମ କବିତା ଗ୍ରନ୍ଥ ବୋଲି କହିଛନ୍ତି । ଏଥିରେ ମୋଟ ୨୪ଟି କବିତା ସ୍ଥାନିତ । ଯେଉଁଥିରେ କେବଳ ଜୀବନର ଅସଫଳତାର ଚିତ୍ର ଦେଖିବାକୁ ମିଳେ । ବୟସର ଉତ୍ତୀର୍ଣ୍ଣ ସୋପାନରେ ପ୍ରେମ ଏଠି ପ୍ରତ୍ୟାକ୍ଷାତ ହୋଇଛି । ତେଣୁ ଯେଉଁଠି ପ୍ରେମର ମହତ୍ୱ ନାହିଁ ସେଠି ମଣିଷର ମନ ଅବିଚଳିତ ହୋଇ କେବଳ ଆଶ୍ୱାସନା ମଧ୍ୟରେ ଅତିବାହିତ କରିଛି । ଛାୟା ରୂପକ ଦୁଃଖ ସୂର୍ଯ୍ୟର ରକ୍ଷ ତେଜରେ ସିନା କିଛି ସମୟ ଲୁଚିଯାଏ ବା ଦୂରେଇଯାଏ, ମାତ୍ର ତାହାର ଅନ୍ତ କେବେ ଘଟେନା । ମଣିଷର ଛାଇ ଯେପରି ପ୍ରତିକ୍ଷଣ ସାଥିରେ ଘୋରି ବୁଲୁଥାଏ, ଠିକ୍ ସେହିପରି ଛାଇ ରୂପକ ଦୁଃଖ ଅନ୍ତର ମଧ୍ୟରେ ମଣିଷ ଚାପିରଖି ବାଟ

ଚାଲିଥାଏ । କବି ଶ୍ରୀ ଦାଶଙ୍କର ଆଲୋଚିତ କବିତା ଗ୍ରନ୍ଥଟିରେ ସ୍ଥାନିତ କବିତା ଗୋଡ଼ିକରେ ଜୀବନର ଅନ୍ତରତମ ଦୁଃଖର ସ୍ୱଷ୍ଟ ରୂପାୟଣ ହୋଇଛି । କବି ପାଇବା ଓ ହରାଇବା ଦୁଃଖ ମଧ୍ୟରେ ନିଜକୁ ତଉଲିଛନ୍ତି । ଯେଉଁଠି ସେ ପାଇଛନ୍ତି ମୁଠା ମୁଠା ଦୁଃଖ ଓ ଯନ୍ତ୍ରଣା । ଆଉ ଏହାରି ଭିତରେ ସେ ପୁରାପୁରି ଏକାକୀ ଅନୁଭବ କରିଛନ୍ତି । କବିଙ୍କର ଏହି ଚିନ୍ତାଧାରାକୁ ଲକ୍ଷ୍ୟକରି ଡକ୍ଟର ରବିନାରାୟନ ମହାରଣା 'ପ୍ରଥମ ପୁରୁଷ' ଆଲୋଚନା ପ୍ରସଙ୍ଗରେ କହିଛନ୍ତି, "ଏହି କବିତା ଗୋଡ଼ିକରେ ଅତ୍ମବିଶ୍ୱାସ ରହିଛି, କିଛି ସନ୍ତାପ ରହିଛି ଏବଂ ବୋଧଗମ୍ୟ ଶବ୍ଦରେ ଭାବାଭିବ୍ୟକ୍ତି ମଧ୍ୟ ରହିଛି । ହଁ ପଚିଶ ପର୍ଯ୍ୟନ୍ତ କବିତାରେ ଅସଫଳ ପ୍ରେମର ଏକ ଅସ୍ୱଷ୍ଟ କ୍ରନ୍ଦନ ରହିଛି, ମାତ୍ର ନୈରାଶ୍ୟବୋଧ ନାହିଁ । ଅଧା ପାଇବା ଓ ଅଧା ହାରାଇବା ପ୍ରେମର ଗୋଟିଏ ମାନସିକ ଦ୍ୱନ୍ଦ ରହିଛି, ଯେଉଁଠାରେ ଅଧୁନିକ ଯୁଗର ଅର୍ନ୍ତବେଦନା ଓ ନିଃସଙ୍ଗବୋଧର ସ୍ୱଷ୍ଟ ଅନୁଭବ ମିଳେ ।" (୩)କବି ଜୀବନର ପ୍ରଥମ ପାଦରେ ନିଜକୁ ଭିନ୍ନ ଭାବରେ ରୂପାୟିତ କରିଛନ୍ତି । ଜୀବନ ଅତିବାହିତର ପରିଧି ମଧ୍ୟରେ ଯେଉଁ ମୂଲ୍ୟବାନ ସମୟ ଗୋଡ଼ିକ ଅତିକ୍ରମ କରିଛନ୍ତି, ତାହାକୁ ଏହି କବିତାରେ ସ୍ଥାନ ଦେଇଛନ୍ତି । "ପ୍ରଥମ ପୁରୁଷ" କବିତା ଗ୍ରନ୍ଥଟିକୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପଢିଲେ ଲାଗେ; ସତେ ଯେପରି ଜଣେ କବିତା ପଢୁନି ବରଂ ପଢୁଛି ଯୌବନର ଇତିହାସ । ତେଣୁ ଯୌବନକୁ ରଙ୍ଗତୂଳୀରେ ରଞ୍ଜିତ କରିବା ଆବଶ୍ୟକ ବୋଲି କବି ଚେତେଇ ଦେଇଥିବାର ଜଣାପଡ଼େ । ଭୁଲି ଯାଇଥିବା ମୁହୂର୍ତ୍ତ ଗୁଡ଼ିକ ଝଲସି ଉଠେ କବିତାର ନିହାଣରୁ । କବିଙ୍କର ଏତାଦୃଶ ଚିନ୍ତାଧାରା ବେଶ ଆକର୍ଷଣୀୟ ମନେହୁଏ । ଲିଭି ଆସୁଥିବା ଦୀପରେ ଘିଅ ଢାଳିବା ପରି ବାର୍ଦ୍ଧକ୍ୟର କ୍ଷୀଣତାରୁ ଅଗ୍ରସର ହେଉଥିବା ତାଙ୍କର କବିତା ଗୁଡ଼ିକ ଉଜ୍ଜ୍ୱଳ ମନେହୁଏ । ପ୍ରତିଟି କବିତା ତାଙ୍କର ଗୋଟିଏ ମାଳାର ଫୁଲ ସଦୃଶ । ମାଳାଟିର ଗୋଟିଏ ଫୁଲ ପରେ ଅନ୍ୟ ଫୁଲଟିର ଗୁଣ ମାପିଲା ବେଳେ ଯେଉଁ ସତର୍କତା ମନକୁ ଆସିଥାଏ, ଠିକ୍ ସେହିପରି ଶ୍ରୀ ଦାଶଙ୍କର "ପ୍ରଥମ ପୁରୁଷ" ସଂକଳନକୁ ଆଲୋଚନା କାଳରେ ଅନୁରୂପ ଭାବରେ ସତର୍କତା ଅବଲମ୍ବନ କରାଯାଏ । ଯାହାକୁ ନିମ୍ନରେ ଆଲୋଚନା କରାଗାଲା ।

"ପ୍ରଥମ ପୁରୁଷ" ପ୍ରଥମ କବିତା 'କବଚ' କବିତାଟିରେ ଆରମ୍ଭରୁ କବି ଏକ ଅଦ୍ଭୁତ ଦରଜା ପାଖରେ ଠିଆ ହୋଇଥିବାର ପ୍ରତୀୟମାନ ହୁଏ । ଯେଉଁ ଦରଜାର ବାହାରେ ଆଶ୍ୱାସନାର ମହାଶୂନ୍ୟତା ରହିଛି । ଏବଂ ସେଠି କବିଙ୍କର ଅଦୂର ଆଶା ଟିକକ ବିଫଳତାର ମଧ୍ୟହ୍ନ ପାଲଟି ଯାଇଛି । ସମୟର ସ୍ରୋତ ସଂକୀର୍ଣ୍ଣ ଓ ବନ୍ଧୁର ହୋଇ ଏକ ନୂତନ ବ୍ୟବଧାନକୁ ତିଆରି କରିଛି । କବି ଏଠାରେ ନିଜକୁ ପରଖୁଛନ୍ତି । ଆଉ ଜୀବନର ଅଝାଳକୁ ଟାଣି ଟାଣି ସେ ପଥ ଚାଲୁଛନ୍ତି । ମାତ୍ର ସୂର୍ଯ୍ୟର ତେଜୋଦୀପ୍ତ ଝଲକରେ ନିଜକୁ ଉତପ୍ତ ମନେ କରିବା ବେଳକୁ ସୂର୍ଯ୍ୟର ଅସ୍ତର ଦିଗହୀନ ବାର୍ତ୍ତାଟି ତାଙ୍କୁ ସ୍ତମ୍ଭିଭୂତ କରୁଛି । ତେଣୁ ସୂର୍ଯ୍ୟ ଉଦୟ ନୂତନ ସମ୍ଭାବନାର ଝଲକ ଆଣିବା ବେଳକୁ ସୂର୍ଯ୍ୟର ଅସ୍ତ ସେଇ ସମ୍ଭାବନାକୁ ଦୂର କରି ଏକ ନିର୍ମମ ନିଷ୍ଠୁର ଚେତାବନି ଶୁଣାଇଛି । ତେଣୁ କବି ଜୀବନର ଏହି ମହାସତ୍ୟତାକୁ ଉନ୍ମୋଚନ କରିଛନ୍ତି । ଯେଉଁଠି ଅନେକଙ୍କୁ ନେଇ ବାଟଚାଲେ । ସେ ବାପା, ମାଆ, ଭଉଣୀ, ସାଙ୍ଗସାଥୀ ହେଉ ଅବା ପ୍ରେମିକା । ସମୟେ ସମୟେ ମଧ୍ୟ ଦେଖାଯାଏ ମଣିଷ ପାଶବିକ ପ୍ରବୃତି ପାଇଁ ବେଶ୍ୟାମାନଙ୍କୁ ନିଜର କରନ୍ତି । ତେଣୁ ଜୀବନର ଏହି ବିଚିତ୍ରତା ମଧ୍ୟରେ ଯେଉଁ ବ୍ୟବଧାନ ତିଆରି ହୋଇଛି, ସେଥିରେ ସ୍ନେହ, ପ୍ରେମ, ଭଲପାଇବା, ଘୃଣା ଆଦି ମଧ୍ୟ ବାଦ୍ ଯାଇନି । ତେଣୁ କବି କହିଛନ୍ତି–

*"ମୁଁ ଦେଖିଲି ନୂଆକରି ବ୍ୟବଧାନ/ ସୂର୍ଯ୍ୟର ଉଦୟ ଏବଂ ସୂର୍ଯ୍ୟାସ୍ତ ଭିତରେ / ଯେଉଁପରି ବ୍ୟବଧାନ ଅଛି / ଭଲ ପାଇବା ଓ ଭୁଲିଯିବା / ଦେଖିବା ଓ ଥିବା ମଧ୍ୟରେ ।" ( କବଚ, ପୃ- ୧୯)*

କାବ୍ୟପୁରୁଷ ସଂସାରର ଏହି ବିଚିତ୍ରତାକୁ ଦେଖି ପ୍ରଶ୍ନ ବାଣରେ ନିଜକୁ ଆତଙ୍କିତ କରିଦେଉଛନ୍ତି । ମୁଁ କିଏ ? ମୋର ପରିଚୟ କ'ଣ ? ମୋର ରାସ୍ତା କୁଆଡ଼େ ଯାଇଛି ? ଏପରି ଭାବରେ ନିଜକୁ ଏକ ଦିଗହୀନ ବ୍ୟବଧାନ ଭିତରେ ଖୋଜି ଚାଲିଛନ୍ତି । ମାତ୍ର ଏସବୁ ଭିତରେ ପୁଣି ନିଜକୁ ଆଶ୍ୱାସନା ଦେଇଛନ୍ତି ଏବଂ ବୁଝିବାକୁ ଚେଷ୍ଟା କରୁ କରୁ ଶୁଣିଛନ୍ତି ଆକାଶର ଚୁପ ଚୁପ କଥା, ଦେଖିଛନ୍ତି ପବନ ହାତରେ ରେଖା ସବୁ । ଯାହା ଫଳରେ ନିଜକୁ ତଉଲିଛନ୍ତି, ସମୁଦ୍ର ବାଲିରେ ଚିତ୍ରିତ ହେଉଥିବା ଚିତ୍ରଲିପି ମଧ୍ୟରେ । ଯାହାର ସ୍ଥାୟୀତ୍ୱ ସଂଶୟ ଜନକ । ଯାହା କ୍ଷଣକରେ ସବୁ ଧୋଇ ହୋଇଯାଏ । ମାତ୍ର ଏହି କ୍ଷଣିକ ମଧ୍ୟରେ ଯେଉଁ ଆଲୋଡନ ସୃଷ୍ଟି ହୁଏ । ଯେଉଁ ଆନ୍ତରିକତା ଆସିଥାଏ, ତାହାକୁ କାବ୍ୟପୁରୁଷ ଉପଲବ୍ଧି କରିଛନ୍ତି । ପୁଣି ଏକ ମହାପଟୁଆର ମଧ୍ୟରେ ନିଜକୁ ଆୟତ କରିବାକୁ ଚେଷ୍ଟା କରିଛନ୍ତି । ଫଳରେ ସେ ବାହୁଡି ଯାଇଛନ୍ତି ପଞ୍ଜୁରୀ ଭିତରେ ଥିବା ପକ୍ଷୀଟି ପାଖକୁ, ଯାହାକୁ ସେ ଭଲ ପାଆନ୍ତି । ସୁବେଶ କରନ୍ତି । କିନ୍ତୁ ସେ ଭୁଲି ଯାଇଛନ୍ତି କି ଦେହଜ ପକ୍ଷୀ ଯେ ସଦା ଅଶାନ୍ତ । ତାକୁ ଯେତେ ଦାନା ଦେଲେ ମଧ୍ୟ ତାର ପେଟ ପୁରେନା । କିଚିରି ମିଚିରି ଶବ୍ଦ ବନ୍ଦ ହୁଏନା । ତେଣୁ କାବ୍ୟପୁରୁଷ ପକ୍ଷୀକୁ ଲକ୍ଷ୍ୟ କରିଛନ୍ତି ଏବଂ ଏ ଦେହର ପକ୍ଷୀ ଯେ ବଡ ନିଷ୍ଠୁର ଓ ଅବିବେକୀ ସଦା ନିଜର ଭୋଗ ପିପାସୀ, ସେ ତାହାର ଅର୍ଥ ବୁଝିବାକୁ ଅସମର୍ଥ ହୋଇଛନ୍ତି । ତେଣୁ କବି କହିଛନ୍ତି, –

*" କି ବାର୍ତ୍ତା ରହିଛି ପୁଣି / ସମୁଦ୍ର ବାଲିରେ ଯେ ଚିତ୍ରଲିପି ତହିଁରେ / ଓ ମୋ ଦେହ ପଞ୍ଜୁରୀରେ ପକ୍ଷୀଟି ଯେ ଚିତ୍କାର କରୁଅଛି ତାର ଅର୍ଥ କଣ ?" (କବଚ, ପୃ-୨୦)*

ତେଣୁ ସବୁକିଛି ତ୍ୟାଗ କରି କବି ନୂତନତ୍ୱକୁ ଦେଖୁଛନ୍ତି । ଯେଉଁଠି ଆଶ୍ରୟ ଲୋଡିବା ପାଇଁ କବ୍ୟନାୟିକାମାନେ ଉଲ୍ଲସିତ କରୁଥିଲେ, ସେସବୁକୁ ଅନ୍ତାରର ମହାଶୂନ୍ୟତାରେ ହଜାଇ ଦେଇଛନ୍ତି । ଏବଂ ଫେରିଯାଇଛନ୍ତି ପୁନଶ୍ଚ ସେଇ ଗାଡିର ଦରଜା ପାଖକୁ । ପ୍ରଲୋଭନ

ମନୋଭାବ ସେଇ ସିଗାରେଟ, ଖବରକାଗଜ ଆଉ ରେଜା ପଇସା ମଧ୍ୟରେ ନିଜର ଏକ କବଚ ବନେଇଛନ୍ତି । ଯାହାର ନିର୍ମାଣ କାଚ ଆଉ ଇସ୍ପାତରେ ତିଆରି ହୋଇଛି । ଯେଉଁ କାଚକୁ ବି ମଳୟ ପବନ ଭେଦ କରିପାରିବେନି । "ଗୋଟିଏ ଫୁଲର ନାଁ" କବିତାଟିରେ ନବାଗତା ନାୟିକାର ସନ୍ଧାନରେ କବି ଅଛନ୍ତି । ମାତ୍ର ସେହି ନବାଗତା ନାୟିକା ନମିଳିବାର ଅବଶୋଷରେ କବି ଫେରିଛନ୍ତି ସେଇ ଦରଜା ପାଖକୁ ଯେଉଁଠି ଦିନେ ସେ ନିବୃତ ହୋଇଥିଲେ । ଆନ୍ଦୋଳିତ ମନ ତାଙ୍କର କାଚ ଇସ୍ପାତରେ ନିର୍ମିତ କବଚକୁ ପୁନଶ୍ଚ ଖୋଲିଦେଇଛି । ପୁଣି ସେଇ ଶୀତଳ ଛୁଆଁରେ ନିଜକୁ ଉଲ୍ଲସିତ କରି ରୁଗୁଣ ହୋଇପଡୁଥିବା ଅର୍ଦ୍ଧ-ଯୌବନ ତାଙ୍କର ପୁନଶ୍ଚ ଜିଇଁ ଉଠିଛି । ଯେଉଁ କମଳା, ଲୋହିତ ରଙ୍ଗ ତାଙ୍କୁ ଆଘାତ ଦେଇଥିଲା, ତାହା ପୁଣି ସମୟ ଭଉଁରୀରେ କବିଙ୍କୁ ଆକୃଷ୍ଟ କରିଛି । ଜୀବନର ପ୍ରାକ୍ ଯୌବନ କାଳରେ ଯେଉଁ ନାମହୀନ ନାୟିକା ଗୋଡ଼ିକ ଆସୁଥିଲେ ତାକୁ ନଧରିପାରିବାର ଅବଶୋଷତାକୁ ଅନୁଭବ କରିଛନ୍ତି । ଜୀବନ କାଳରେ ଯେଉଁ ମଣିଷମାନେ ନୀତି ଓ ଆଦର୍ଶର ଜାଲ ଭିତରେ ତାଙ୍କୁ ଘଉଡ଼ାଇ ଦେଇଥିଲେ ତାଙ୍କୁ ସେ ତୀବ୍ର ଭାବରେ ସମାଲୋଚନା କରିଛନ୍ତି । ତାଙ୍କର ଆପ୍ତ ବାକ୍ୟ ଗୁଡିକୁ କବଚ ସହିତ ଖୋଲିଦେଇଛନ୍ତି । ରାତ୍ରୀର ନିର୍ଜନ ପ୍ରହରରେ ରଙ୍ଗ ତୂଳିରେ ରଙ୍ଗୀନ କରୁଥିବା ବେଶ୍ୟାମାନଙ୍କୁ ମନେକରି ଘୋଷଣା କରିଦେଇଛନ୍ତି,-

*"କେହି ବି ନାହାନ୍ତି / କବଚ ବି ହଜିଗଲା/ ମୁଁ ଖୋଜୁଛି ଅକସ୍ମାତ ମୁହଁ / ମୋର ଯେତେ ଅନୁଭୂତି ସବୁ ମୋ ନିଜର / ମୋର ପ୍ରିୟ ବେଶ୍ୟାମାନେ / ମୋର ଏକ ନିଜର ସାମ୍ରାଜ୍ୟ / ରାସ୍ତାଦେଇ ବିଛଣାରେ / ମୁଁ ଭାବୁଛି ସେମାନଙ୍କ ଦେହର ଉତାପ ନେଇ / ଆଉ ଏକ ଜୀବନ ବଂଚିବି ।" (ଗୋଟିଏ ଫୁଲର ନାଁ, ପୃ – ୨୧ )*

କବି କାମନାରେ ବଶବର୍ତ୍ତୀ । ନବାଗତା ନାୟିକାର ସନ୍ଧାନରେ ରତ । ଆଉ ଏକ ସ୍ୱପ୍ନର ନାୟିକାକୁ ନେଇ ସେ ଅନେକ ସ୍ୱପ୍ନ ଦେଖିଛନ୍ତି । ଏବଂ ତାଙ୍କୁ ନେଇ ପୂର୍ଣ୍ଣ ଭାବରେ ଦେହର ବିଛଣାକୁ ରଞ୍ଜିତ କରି ନୂତନ ଏକ ଜୀବନ ଜୀଇଁବାକୁ ପ୍ରସ୍ତୁତ ହେଉଥିବାର ଦେଖିବାକୁ ମିଳେ ଏହି କବିତା ମଧ୍ୟରେ । ଦର୍ପଣ କବିତା ମଧ୍ୟ ସମାନ ଭାବଧାରା ପ୍ରତିଫଳିତ । ଦର୍ପଣ ଏପରି ଏକ ବସ୍ତୁ ଯେଉଁଥିରେ ମୂଖ ପ୍ରତିବିମ୍ବିତ ହେଉଥାଏ । କବି ଏହି ଦର୍ପଣରେ ନିଜକୁ ଦେଖୁଛନ୍ତି, ଆଉ ଅନେକ ଭାବନା ମଧ୍ୟରେ ନିଜକୁ ଡୁବାଇ ଦେଇଛନ୍ତି । କେଉଁ ଏକ ଅଦୃଶ୍ୟ ଓ ଅପରିଚିତ ଅଜ୍ଞାତ କୋଠରୀରେ ସେ ନିଜକୁ ଆବିଷ୍କାର କରୁଛନ୍ତି । ନିଜର ଉନ୍ନତ ଓ ଉଲଗ୍ନ ବାହୁ ଦ୍ୱୟର ଶିକୁଳି ଦେହର ପୁଞ୍ଜିଭୂତ ଉତ୍ତାପକୁ ଛାଡି ବାସ୍ତବତାରେ ପହଞ୍ଚିଛନ୍ତି । ଯେଉଁଠି ସବୁ ପରିସ୍କାର ଭାବରେ ଦେଖିପାରିଛନ୍ତି । ତେଣୁ ସେ କହିଛନ୍ତି –

*"ଖୋଲିଦିଅ ମୋ ଗଳାରୁ / ଦୁଇ ନଗ୍ନ ବାହୁ ଦ୍ୱୟର ଶିକୁଳି / ତା ଦେହର ପୁଞ୍ଜିଭୂତ ଉତ୍ତାପର / ଘେରରେ ମୁଁ ଚାଲିଆସେ / ଖଣ୍ଡା : ଜୀବନର ଉତ୍ତୀର୍ଣ୍ଣ ପ୍ରହରରେ ଯୌବନକୁ ଖୋଜୁଥିବା ପୁରୁଷ ମୁଁ ତାକୁ ଚିହ୍ନିବାକୁ ଚେଷ୍ଟାକରେ / ସେକି ମୋର ଜୀବନ ସଙ୍ଗିନୀ / ଅଥବା ସେ ଅକସ୍ମାତ ବନ୍ଧୁ ମୋର ।" ( ଦର୍ପଣ ପୃ- ୨୩)*

ପୁଣି କବି ବନ୍ଧୁ ଓ ସଙ୍ଗିନୀ ମଧ୍ୟରେ ପ୍ରଭେଦ ଗଣିଛନ୍ତି । ଏହାପରେ ଭାବନା ମଧ୍ୟରେ କୋଠରୀରୁ ବାହାରି ପହଞ୍ଚିଛନ୍ତି ଅପରିଚିତ ଓ ଅଚିହ୍ନା ଭିଡ ଭିତରେ । ତାଙ୍କୁ ଏଠି ମଧ୍ୟରେ ଶାନ୍ତି ମିଳିନି । ବଜାରର କୋଳାହଳ ତାଙ୍କୁ ଦୁର୍ବୋଧ ମନେହେଉଛି । ଲୋକମାନଙ୍କର ବ୍ୟବହାର ତାଙ୍କୁ ଅସହାୟ କରିପକାଉଛି । ତେଣୁ ଚାଲୁଥିବା ଶଗଡ଼ ଗୁଳାରେ ନିଜକୁ ଫାଲିକର ପଟା ମନେକରିଛନ୍ତି । ଯାହା ବହୁ କଂଟକିତ ପଥରେ ଅଗ୍ରସର ହୋଇଥାଏ । ଏହି ପଥ ମଧ୍ୟରେ ସେ ଅନେକଙ୍କୁ ଭେଟୁଛନ୍ତି । ଭିନ୍ନ ଭାବନାର ମଣିଷକୁ ଅତିପାଖରୁ ଦେଖି ହତୋତ୍ସାହ ହୋଇପଡିଛନ୍ତି । ନିଜର କୋଠରୀରେ ଥିବା ଦର୍ପଣ ସମ୍ମୁଖରେ ନିଜକୁ ଆବିଷ୍କାର କରିଛନ୍ତି । ଏବଂ ଏହାରି ଭିତରେ ନିଜକୁ ସେମାନଙ୍କ ସହ ତୁଳନା କରିଛନ୍ତି । ଯେଉଁଠି ସେ ଦର୍ଶକର ଅଭିନୟ କରିଥିଲେ । "ମୁଖା" କବିତାଟି "ଦର୍ପଣ" କବିତାର ଅନୁରୂପ ଭାବନା । ଯେଉଁ ମୁଖାକୁ ସେ ଆବିଷ୍କାର କରିଥିଲେ, ତାକୁ ପୁଣି ଛଦ୍ମତାର ମୁଖା ଭାବିଛନ୍ତି । ଯେଉଁ ମୁଖା ବହୁବିଧ ଭାବନାକୁ କେନ୍ଦ୍ରୀତ କରେ । ଏହି ମୁଖାରେ କୁଆଁରୀ ଝିଅମାନେ ବଶବର୍ତ୍ତୀ ହୋଇ ଆକର୍ଷିତ ହୋଇ ଏବଂ ଶତୃମାନେ ହାରିଯିବେ ଭିନ୍ନ ଏକ କଟାକ୍ଷରେ, ମାତ୍ର ଏହି ବହୁବିଧ ମୁଖା କବିଙ୍କୁ ପ୍ରାପ୍ତ ହୋଇନାହିଁ । ବରଂ ମିଳିଛି ଉଦାସୀନତାରେ କ୍ଳୀବତ୍ୱର ମୁଖା । ଯାହାକୁ ପିନ୍ଧି ସେ ଅତିଥି ସତ୍କାର କରନ୍ତି, ମନ୍ତ୍ର ପଢନ୍ତି, ପତ୍ନିକୁ ମିଠା ମିଠା କଥା କହନ୍ତି ଓ ପ୍ରେମିକାକୁ ପ୍ରେମ କରନ୍ତି ।

*"ମୁଖା ମୁହଁରେ ପିନ୍ଧି / ଆକାଶକୁ କେବେ କଥା କହେ / ତାରାଙ୍କୁ ଅନାଏ, ମଣିଷଙ୍କ ଗହଳୀରେ ହଜିଯାଏ ଅତିସହଜରେ ।" ( ମୁଖା, ପୃ-୨୬)*

କବିଙ୍କ ଚିନ୍ତାଧାରା ସମୟ ସାପେକ୍ଷ । ବୟସର ଉତ୍ତୀନ୍ନ ପାଦରେ ସେ ସମାଜକୁ ଦେଖିଛନ୍ତି । ଗହଳିପୂର୍ଣ୍ଣ ପରିବେଶରେ ରହିଆସିଛନ୍ତି । ଆଉ ଏହି ପରିବେଶରେ ବାରି ହୋଇପଡୁଥିବା ଛଳନା ଓ ପ୍ରତାରଣାର ଛବି ଗୁଡିକ ତାଙ୍କୁ ବ୍ୟସ୍ତ କରିଦେଇଛି । ଏଠି କିଏ ଦେହର ଉତ୍ତାପକୁ ପ୍ରଶମିତ କରିଛି ତ କିଏ ନୂଆ ସକାଳର ପ୍ରହରୀ ସାଜିଛି । ଆଉ କେହି ବିଭତ୍ସତାକୁ ଲୁଚାଇ ରଖୁଛି । ତେଣୁ ମଣିଷମାନଙ୍କ ଏହି ଦ୍ୱିମୁଖୀ ଚିନ୍ତାଧାରା କବିଙ୍କୁ କରିଛି ନିରାଶ । ଦର୍ପଣ ସାମ୍ନାରେ ଦେଖାଯାଉଥିବା ମୁହଁର ସତ୍ୟତାକୁ ବିଚାର କରିଛନ୍ତି । ପରବର୍ତ୍ତୀ ସମୟରେ ଏହି 'ମୁଖା'କୁ କେନ୍ଦ୍ର କରି ଅନେକ କବି ଅନେକ କବିତା ରଚନା କରିଛନ୍ତି । ଯେଉଁଠି କେବଳ ଛଦ୍ମତାର ଚିହ୍ନକୁ ସୁଚାଇ ଥିବାର ଦେଖିବାକୁ ମିଳେ । କବୟତ୍ରୀ ଶାନ୍ତିଲତା ଧଳଙ୍କ ରଚିତ ୧୯୭୬ ମସିହାରେ "ମୁଖା" କବିତା ସଂକଳନରେ ସ୍ଥାନିତ 'ମୁଖା' କବିତାରେ ମଧ୍ୟ ମଣିଷର ଚିନ୍ତାଧାରା ଓ ଆଚରଣ ବିଧିକୁ ମୁଖା ସହିତ ଯୋଡିଛନ୍ତି । ଯେଉଁ ମୁଖା ତଳେ ରହିଛି ମନର ଅସୁମାରୀ ଯନ୍ତ୍ରଣା, ଯାହାକୁ

ସହଜରେ ଧରିହୁଏ ନାହିଁ । ମାତ୍ର କବି ଜଗନ୍ନାଥ ଦାଶଙ୍କ ପରି ଶାନ୍ତିଲତା ଧଳ ମଧ୍ୟ ମୁଖା ମଧ୍ୟରେ ଏକ ବିରାଟ ପଟୁଆରର ସମାବେଶ ଦେଖିଛନ୍ତି । ତେଣୁ କବୟତ୍ରୀ ଶାନ୍ତିଲତା ଧଳ କହନ୍ତି – "ମୁଁ ଆଜି ଏକାକୀ ନୁହେଁ / ଯଦିଓ ମୁଁ ନିହାତି ନିଃସଙ୍ଗ / ମୋ ଭିତରେ ମୁଁ ଦେଖୁଛି ବିରାଟ ପଟୁଆର / ଅନେକ ମୁଖାର ଏକ ସମାବେଶ ।" ( ୪) ତେଣୁ କବି ଜଗନ୍ନାଥ ଦାଶଙ୍କର ଭାବଚେତନା ପରବର୍ତ୍ତୀ ସମୟରେ ଉଦ୍ଧତ୍ୱକୁ ପ୍ରସରୀଯାଇଛି । ଯେଉଁଠି ରହିଛି ମହାନାଟକର ଏକ ବଡ଼ ପରିକଳ୍ପନା । ଆଉ ଏଥିରେ ସେ ଏକରମ ଭାବରେ ଅଭିନେତା ପାଲଟି ଯାଇଛନ୍ତି । କେଉଁଠି ନିଜ ପ୍ରେମ ପାଇଁ ଅବଶୋଷର ଯାତନା ଗୁଡ଼ିକର ଛାପ ଦେବାପାଇଁ ସେ ମୁଖାର ବ୍ୟବହାର କରିଛନ୍ତି । ଯେଉଁ ଅଭିନୟ ମ୍ନରେ ନିଜକୁ ସାମିଲ କରିଛନ୍ତି । ଶେଷରେ ଯୌବନର ପ୍ରଥମ ଅବସ୍ଥାଟିକୁ ସେ ଅତିକ୍ରମ କରିଦେଇଛନ୍ତି । ତାହା ତାଙ୍କୁ ଅଜଣା । କୁହୁଡ଼ିରେ ପହଁରୀ ପହଁରୀ କବି ଯେଉଁ ନବାଗତା ନାୟିକାମାନଙ୍କୁ ଅନ୍ୱେଷଣ କରୁଥିଲେ, ଯାଦୁଗରର ମାୟାରେ ସେ ପଥର ପାଲଟି ଯାଇଛି । ଏଠାରେ କବି ବାର୍ଦ୍ଧକ୍ୟ ବୟସକୁ ଯାଦୁଗରର ପ୍ରତୀକ ଦେଇ କବିତାଟିର ଭାବଧର୍ମକୁ ସ୍ୱଷ୍ଟ କରିଛନ୍ତି । ସେ ଦେଖିଛନ୍ତି ବର୍ତ୍ତମାନର ସ୍ଥିତିକୁ ଆଉ ଛାଡ଼ି ଆସିଥିବା ପ୍ରଥମ ଯୌବନକୁ । ପ୍ରଥମ ପ୍ରେମ କବିତାଟିରେ କବି ଯୌବନର ଉନ୍ନତ ସମୟ ଯେଉଁ ଭୋଗବିଳାଷ ମଧ୍ୟରେ ଜୀବନ ଅତିବାହିତ କରିବାର ଥିଲା, ତାହାକୁ ଛାଡ଼ି ଆସିବାର ଅବଶୋଷ ମ୍ନରେ ନିଜର ସତ୍ତାକୁ ଦେଖିଛନ୍ତି । ତେଣୁ ସେ କହନ୍ତି,–

"ହିସାବ କରୁଛି ଆଜି / ମୋ ଜୀବନ କେଉଁଭଳି ନିରର୍ଥକ ଗଲା / ଅସମ୍ପୂର୍ଣ୍ଣ ଓ ଅସାନ୍ତ ରାତିରେ /

ସତ୍ତା ମୋର ହରାଇଲି କି ଭଳି ମୁଁ / ଦୁଇଗୋଟି ଦର୍ପଣର ପରିଧି ଭିତରେ ।" ( ପ୍ରଥମ ପ୍ରେମ, ପୃ – ୨୭)

ସମାଜର ନିର୍ଜନତା ଓ ଅପେକ୍ଷା ଭିତରେ କାବ୍ୟପୁରୁଷ ସମ୍ପୂର୍ଣ୍ଣ ଭାବରେ ଏକ ଜୀବନ ହୀନ ଶବ ପାଲଟି ଯାଇଛନ୍ତି । ଯେଉଁ ଶବଟିକୁ ଦେଖି ମଧ୍ୟ କେହି ଦେଖି ପାରନ୍ତି ନାହିଁ, ସେଇଭଳି ଶବ ସେ ପାଲଟି ଯାଇଛନ୍ତି । ତେଣୁ ରାସ୍ତାର ନିର୍ଜନତା ଭିତରେ ସେ ରୂପାୟିତ କରିଛନ୍ତି ଜୀବନର ମହତ୍ତ୍ୱକୁ । କେବଳ ଆଶ୍ୱାସନା ଓ ଦୀର୍ଘ ଅନୁଭବକୁ ନେଇ ମଣିଷ କିପରି ଏକ ଜୀବନହୀନ ଶବ ପାଲଟିଯାଏ, ଯାହାକୁ ଅତିସୁନ୍ଦର ଭାବରେ ପରିକଳ୍ପନା ଏଥିରେ ସେ କରିଛନ୍ତି । 'ପ୍ରତୀକ୍ଷା' କବିତାରେ କବି ଅତୀତର ସ୍ମୃତିଚାରଣ କରିଛନ୍ତି । ଯେଉଁମାନେ ହୃଦୟର ତନ୍ତ୍ରୀରେ ମିଶିଯାଇଥିଲେ, ନିଝୁମ କୋଠରୀରେ ବିଂଚି ଦେଉଥିଲେ ମୁଠା ମୁଠା ଖୁସି ଏବଂ ସ୍ମିତ ହାସ୍ୟର ମଧୁଲିତା । ମାତ୍ର ସେ ସବୁ ଗୋପନୀୟ ହୋଇଯାଇଛି । ସ୍ୱପ୍ନ ପାଲଟିଛି ନାୟିକାର ସ୍ପର୍ଶ । ଏହିଭଳି ଛାଇ ଆଲୁଅର ଖେଳ ଭିତରେ କାବ୍ୟପୁରୁଷ ଆପଣାର ବିରହକୁ ପ୍ରକାଶ କରିବାରେ ଶତମୁଖର ହୋଇଛନ୍ତି । ପ୍ରତୀକ୍ଷା ତାଙ୍କର ସରିନାହିଁ ବରଂ ଆହୁରୀ ତୀବ୍ର ହୋଇଛି । ପୁଣି ସେଇ ନବାଗତା ନାୟିକା ଆସିଲେ ସବୁ ଆକାଂକ୍ଷା ତାଙ୍କର ପୁରଣ ହେବ । ତେଣୁ ସେ କହିଛନ୍ତି, –

"ମୁଁ ଭାବୁଛି ଏ ଜୀବନ / ଅନ୍ୟଭଳି ହୋଇଥନ୍ତା ମୋର / ବିମର୍ଷ ଅତୀତ ଏବଂ / ସବୁ ବନ୍ଧ୍ୟା ଭବିଷ୍ୟତ /

ରୂପାନ୍ତର ଏକ ରଙ୍ଗ ହୋଇଯାନ୍ତେ / / ସତର୍କ ର୍ପହରୀମାନେ ଶୋଇଗଲେ / ସେମାନେ ଆସିବେ ।" ( ପ୍ରତୀକ୍ଷା, ପୃ–୩୧)

କବିଙ୍କର ଏହି ଭାବନା "ପ୍ରିୟତମା ତମକୁ" କବିତାରେ ଆହୁରି ଜୀବନ୍ତ ହୋଇ ଉଠିଛି । ସେହି ପ୍ରିୟତମାକୁ ଖୋଜିବୁଲିଛନ୍ତି, ଯାହା ପାଖରେ ସେ ନିଜର ଅନ୍ତରଙ୍ଗ ମୁହୂର୍ତ୍ତ ବିତାଇ ପାରିବେ । ଆଲିଙ୍ଗନ କରିପାରିବେ । ମାତ୍ର କବିଙ୍କର ଏହି ଭାବନା ଏକ ବଳୟ ଭିତରେ ବନ୍ଦି ହୋଇ ରହିଛି । ପୁଣି କବି ସମୟକୁ ଚୋରାବାଲି ସହିତ ତୁଳନା କରିଛନ୍ତି । ସମୟ ରୂପି ଚୋରାବାଲି ନିକଟରେ କାବ୍ୟପୁରୁଷଙ୍କର ସମସ୍ତ ସ୍ମୃତି ବିଲୁପ୍ତ ହୋଇଯାଇଛି । ସମୟର ଜଡ଼ତା ସବୁକିଛି ଭୁଲାଇ ଦେବାର ତାତ୍ପର୍ଯ୍ୟକୁ ସେ ଅନୁଭବ କରିଛନ୍ତି । ତେଣୁ ନବାଗତା ନାୟିକାକୁ ସେ ଖୋଜିଛନ୍ତି, ଯାହା ପାଖରେ ଜୀବନର ସମସ୍ତତା ଅଜାଡ଼ି ଦେବେ । ସଫଳ ପ୍ରେମର ସନ୍ଧିହାନ ହୋଇ କବି 'ପ୍ରହରୀ' କବିତାରେ ପ୍ରହରୀର କାର୍ଯ୍ୟ କରିଛନ୍ତି । ନିହାତି ନିଝୁମ ରାତିରେ କବିଙ୍କର ମନ ଆତାଙ୍କିତ ହୋଇ ଉଠିଛି, ଆଉ ପ୍ରକୃତିର ନିନାଦିତ ଭଉଁରୀ ଭିତରେ ନିଜକୁ ସତର୍କ କରାଇ ନେଇଛନ୍ତି, ଯେପରିକି ଅମାଅନ୍ଧକାର ଭିତରେ ପଡ଼ି ଦିଗହରା ନହୁଅନ୍ତି । ତେଣୁ 'ପ୍ରହରୀ' କବିତାଟିକୁ ଦେଖିଲେ ଏଥିରେ ପ୍ରଣୟର ଏକ ଉଚ୍ଚାଟିତ ମନୋଭାବ ରହିଥିବା ପରି ମନେହୁଏ । ଏଥିରେ ପ୍ରତୀକ ପ୍ରୟୋଗ ଧଳାଗାର ଓ କଳାଗାର ମଧ୍ୟରେ ଜୀବନର ହସ ଓ ବିଷାଦକୁ ଦେଖାଇଛନ୍ତି । ହସ ହେଉଛି ଧଳାଗାରର ପ୍ରତୀକ । ଯେଉଁଠି କେବଳ ସ୍ୱଚ୍ଛତାର ସତ୍ତା ବାରିହୁଏ ।ଏବଂ ବିଷାଦବୋଧ ହେଉଛି କଳାଗାରର ପ୍ରତୀକ । ଯେଉଁଠି କେବଳ ଅନ୍ତଃହୀନ ଯନ୍ତ୍ରଣାର ତୀବ୍ର ଦହନ ରହିଛି । ତତ୍‌ସହିତ ମନରେ ଉଠୁଥିବା ଯୌନକାଂକ୍ଷାକୁ କଳାମୁଖା ଝଡ଼ ସହିତ ତୁଳନା କବିତାଟିକୁ ଆହୁରି ଜୀବନ୍ତ କରିଛି । ପରିଶେଷରେ ଯେଉଁ ଜଡ଼ କାବ୍ୟପୁରୁଷଙ୍କର ମନରେ ଉଙ୍କିମାରୁଛି ତାକୁ କୌଣସି ମତେ ଚୁପ କରାଇ ସତର୍କତାର ସହ ବିଚରଣ କରିବା ପାଇଁ ପ୍ରୟାସ କରିଛନ୍ତି ।

"ଘର ବାହୁଡ଼ା' କବିତାରେ ବିଷର୍ଣ୍ଣ ଭାବ ପ୍ରବଳତର ହୋଇଛି । ସବୁ ପାଇ ହଜିବାର ଅବଶୋଷ କାବ୍ୟପୁରୁଷଙ୍କୁ ବ୍ୟସ୍ତ ବିବ୍ରତ କରିପକାଇଛି । ତେଣୁ ସେ ସାଉଁଟିଛନ୍ତି ଶୂନ୍ୟତାରୁ ଅଭିଜ୍ଞତା, ଆକାଶରୁ ଆଶା, ସୂର୍ଯ୍ୟଙ୍କ ପାଖରୁ ଶପଥ, ମେଘଠାରୁ ସ୍ୱପ୍ନ ଏବଂ ପବନ ସାଇଁ ସାଇଁ ଶବ୍ଦ ମଧ୍ୟରେ ଜୀବନର ରାସ୍ତାକୁ ପାଇବାର ଆଶାପୋଷଣ କରିଛନ୍ତି; ମାତ୍ର ଏସବୁ ଅମୁଳକ ପାଲଟିଛି । ଯାହା ଫଳରେ କବି ଭାଗ୍ୟବାଦୀ ହୋଇପଡିଛନ୍ତି । ହାତର ପାପୁଲି ରେଖାକୁ

ନିଜର ଭାଗ୍ୟ ମଣିଛନ୍ତି । ଦୂରତ୍ୱକୁ ମାପିବାର ପ୍ରଚେଷ୍ଟା କରିଛନ୍ତି । ତଥାପି ବଂଚିବାର ସୀମାବର୍ଦ୍ଧତାର ଯୋଜନାରେ ଆସନ୍ନ ହୋଇ ଫେରିଛନ୍ତି, ଯେଉଁଠି ସେ ଯାତ୍ରା ଆରମ୍ଭ କରିଥିଲେ । ଏଥିସହିତ କବିଙ୍କର 'ଚଉମୁହାଁଣୀ', 'କୋଠରୀ', 'ବିଜେତା', 'ଗୋପନୀୟ ସତ୍ୟ', 'କିଛିମୁହଁ', 'ରାସ୍ତା', 'ସହର', 'ମଝିରାତି', 'ସ୍ୱପ୍ନ' ଅଦି କବିତା ଗୁଡିକରେ କାବ୍ୟପୁରୁଷ ସେହି ଅନାଗତା ନାୟିକାର ସନ୍ଧାନ କରିଛନ୍ତି । ଯୌବନର ପୂଜାରୀ ପାଲଟି ଯୌବନକୁ ଫେରି ପାଇବାର ଆଶାପୋଷଣ କରିଛନ୍ତି । 'ଚଉମୁଁହାଣି' କବିତାରେ କାବ୍ୟପୁରୁଷ ଲକ୍ଷ୍ୟହୀନ ପଥରେ ଯାଇ ଦିଗହରା ହୋଇ ବାସ୍ତବତାକୁ ବୁଝିପାରିଛନ୍ତି । 'କୋଠରୀ' କବିତାରେ ସେମିତି ସେ ଦେହ ଦାହର ଜ୍ୱାଳାରେ ଛଟପଟ ହୋଇଛନ୍ତି । ଅଶ୍ଳୀଳ ବହିର ଛବି ଗୁଡ଼ିକ କବିଙ୍କ ଚକ୍ଷୁରେ ଉନ୍ମାଦନାର ରୂପେଲି ଚାଂଚଲ୍ୟ ସୃଷ୍ଟି କରିଛି । ତେଣୁ କାବ୍ୟପୁରୁଷ ନିଜତ୍ୱକୁ ଭୁଲି ଯେଉଁ ଯେଉଁ ନିରର୍ଥକ ପ୍ରେମକୁ ପାଇବାକୁ ଚାହୁଁଥିଲେ , ତାହା ଯେ ଅସମ୍ଭବ ସେ ବୁଝିପାରିଛନ୍ତି । ତେଣୁ ସେଥିରୁ ସେ ବାହାରି ନିଜକୁ ଖୁଜିଛନ୍ତି । ତେଣୁ ସେ କହନ୍ତି, –

*"କେବେ କେବେ ଦେହର ରାତିରେ / ସ୍ୱପ୍ନର ବିଜୁଳି ଆସି / ଆଘାତ କରନ୍ତି ମୋ ଆତ୍ମବିଶ୍ୱାସକୁ / ମୋ ଦେହର ସାମର୍ଥ୍ୟକୁ / ମୁଁ ନିଜେ ସନ୍ଦେହ କରେ / କିଛି କିଛି ବୁଭୁକ୍ଷୟାରେ / ମରିଯାଏ ଟିକିଟିକି ହୋଇ ।" ( କୋଠରୀ, ପୃ-୩୮ )*

'ବିଜେତା' କବିତାରେ କବି ସମସ୍ତ ବନ୍ଧନରୁ ମୁକ୍ତିପାଇ ବିଜୟ ହୋଇଥିବାର ସୂଚନା ଦେଇଛନ୍ତି । ଯେଉଁ ଭାବନା ତାଙ୍କ ମନରେ ଜମାଟ ବାନ୍ଧିଥିଲା, ତାହା ଆଉ ସ୍ଥାୟୀ ହୋଇ ରହିନାହିଁ । ଗୁଡ଼ିର ଖିଅଟି ଛିଡ଼ିଗଲେ ଯେପରି ଦୂର ଦିଗନ୍ତକୁ ଚାଲିଯାଏ, ଠିକ୍ ସେହିପରି କବିଙ୍କର ଭାବନାର ସୁତାଖିଅ ଛିଣ୍ଡିଯାଇଛି । ତାଙ୍କର ଭାବନା ଉଦ୍ଧତ୍ୱକୁ ଉଠିଯାଇଛି । ଯେଉଁଠି ତାଙ୍କୁ କେହି ପରାଜିତ କରିପାରିବେ ନାହିଁ । 'ଗୋପନୀୟ ସତ୍ୟ'ରେ କବିଙ୍କର ଗୋପନୀୟତା ବୟସର ତାରୁଣ୍ୟରେ ଯେପରି ବୁଢା ହୋଇଯାଇଛି । ଯୌବନର ଉତାଳ ତରଙ୍ଗରେ ଯେଉଁ ଗୋପନୀୟ ହୋଇ ରହିଥିଲା, ତାହାର ତାଲକୁ ସେ ଖୋଲି ଦେଇଛନ୍ତି । ଅସ୍ତବ୍ୟସ୍ତ ଜୀବନର ଜ୍ୟାମିତିକ ଅଙ୍କ କଷାକଷିରେ ତାଙ୍କର ଗୋପନୀୟତା ସବୁ ଶେଷ ହୋଇଯାଇଛି । ମୁଖା ରୂପି ମୁହଁକୁ ସେ ଜାଣିପାରିଛନ୍ତି । ତେଣୁ କବି କହିଛନ୍ତି, –

*"ସେ ମୁହଁ କେବଳ ମୁହଁ: ମୁଖା / ସେମାନଙ୍କ ନା କେବଳ ନା: ଛଦ୍ମନାମ / ସେମାନଙ୍କ କଥା ଖାଲି କଥା: ଅଭିନୟ / ସେମାନେ କେବଳ / ଓଠ ଦେହ ବରଫ ପଥର ।"(ଗୋପନୀୟ ସତ୍ୟ,ପୃ-୪୩)*

ଜୀବନର ସେହି ମୁହୂର୍ତ୍ତଗୁଡ଼ିକ କବିଙ୍କୁ ବ୍ୟଥିତ କରିଛି । ଏବଂ ପ୍ରତାରିତ ମଧ୍ୟ । ତେଣୁ ଅନାଗତା ନାୟିକାମାନଙ୍କର ଦେହଜ ପ୍ରେମକୁ ନିଜର ଆତ୍ମୀୟ ନଭାବି ସବୁ କିଛିକୁ ମୁକ୍ତ କଣ୍ଠରେ ଘୋଷଣା କରିଛନ୍ତି । କବି ଜୀବନରେ କେତେ ମୁହଁ ଦେଖିଛନ୍ତି, କେତେ ଚାହାଣୀ ତାଙ୍କୁ ଆନମାନା କରିଛି । ତେଣୁ କେତେ ମୁହଁ କବିତାଟି ଦେହଜ ଯନ୍ତ୍ରଣାର ସଂ'ଳ ରୂପାୟନ ହୋଇଛି । ଏହି ଯନ୍ତ୍ରଣାରୁ ବାହାରି ଅଗ୍ରସର ହୋଇଛନ୍ତି ଭିନ୍ନ ଏକ ରାସ୍ତାରେ । ଯେଉଁଠି ବ୍ୟକ୍ତିର ମନରେ ଛଟପଟ ହେଉଥିବା ପକ୍ଷୀଟିକୁ ଦେଖିଛନ୍ତି । ସତେ ଯେପରି ସେ ଆଜି ଅସହାୟ ହୋଇପଡିଛନ୍ତି । ସେ ପକ୍ଷୀର ବୁଭୁକ୍ଷତାକୁ ମାପିଛନ୍ତି । ଆଉ ସେଇ ରାସ୍ତାରେ ଏକାକୀ ହୋଇ ଘୋରୀ ବୁଲିଛନ୍ତି । ରାସ୍ତାର ନିର୍ଜନତାରେ ଶୁଭୁଥିବା ଗୁଣୁଗୁଣୁ ଗୀତରେ ନିଜକୁ ସାମିଲ କରିଛନ୍ତି । ପୁଣି ଦେଖିବାକୁ ଚେଷ୍ଟା କରନ୍ତି ହୃଦରେ ଫୁଟିଥିବା ଫୁଲକୁ । ଯେଉଁ ଫୁଲର ପ୍ରତିବିମ୍ବରେ ଜାଉଁଳି କବାଟଟି ଖୋଲିଯାଉଛି । ଆଉ ପୁରୋହିତମାନେ ଯାଦୁଗର ପାଲଟିଯାଇ ସଡ଼କ ମଧ୍ୟରେ ମରି ଶୋଇଥିବା ସୂର୍ଯ୍ୟକୁ ଜୀବନ୍ୟାସ ଦେଇଛନ୍ତି । ଯାହା ଫଳରେ ନିର୍ବାକ ପ୍ରହରୀ ଗୀତ ଗାଇବେ, ପତ୍ରମାନେ ପକ୍ଷୀର ରୂପନେବେ । ମାତ୍ର ରାତ୍ରୀର କରାଳ ମଧ୍ୟରେ ସମସ୍ତେ ପୁଣି ଅନ୍ତର୍ଦ୍ଧାନ ହୋଇଛନ୍ତି ।

କବିଙ୍କର ସମୟ ବଡ଼ ନିଷ୍ଠୁର ଓ ଅବିବେକୀ । ଯେଉଁ ସମୟରେ ସେ ସବୁ ପାଇବା କଥା, ସେସବୁକୁ ସେ ହରାଇଛନ୍ତି । ସହରର ଆବଉମାନ ପରିସ୍ଥିତି ହୋଇଛି ପରିବର୍ତ୍ତିତ । କବି ଯେଉଁ ସମୟରେ ସହରରେ ଅବସ୍ଥାନ କରୁଥିଲେ ସେହି ସମୟ ତାଙ୍କ ଯୌବନର ପରିଧି ଗୋଟିଏ କୋଠରୀ ମ୍ନରେ ଆବର୍ଦ୍ଧ ଥିଲା । ମାତ୍ର ସମୟ ବଦଳିଛି । ବଦଳିଛି ଚିନ୍ତାଧାରା । ନୂଅ କଳେରେ ମ୍ନରେ ନିଜକୁ ନୂଆକରି ଆବିଷ୍କାର କରିବାର କବି ଶ୍ରୀ ଦାଶଙ୍କୁ ଆଶ୍ଚର୍ଯ୍ୟ ଲାଗିଛି । ଯେଉଁ ସହରରେ ତାଙ୍କର ସମସ୍ତ ରହସ୍ୟ ଉନ୍ମୋଚନ ହୋଇଥିଲା ତାହା ବର୍ତ୍ତମାନ କବିଙ୍କର ସ୍ୱପ୍ନ ପାଲଟିଛି । ତେଣୁ ତାହାର ସ୍ମୃତିରେ ସେ ଗାଇଛନ୍ତି,

"ସେ ସହର ଦିନେ ମୋର ଏକାନ୍ତ ଥିଲା / ଛୋଟ ଛୋଟ କୋଠରୀରେ ଆମେ ବନ୍ଦୀ ଥିଲୁ / ପରିପୂର୍ଣ୍ଣ ଥିଲୁ ଆମେ / ଆମେ ନିଜ ନିଜ ଛୋଟ ପରିଧିରେ ।"

ସ୍ୱପ୍ନରୁ ବାହାରି ଆସି ବର୍ତମାନ ସହରକୁ ଦେଖି ସେ ପୁଣି କହିଛନ୍ତି, –

"ସେ ସହର ଆଜି ଆଉ ଚିହ୍ନି ହୁଏ ନାହିଁ / ନେଲାଣି ସେ ନୂଆ କଳେବର / ରାସ୍ତାର ନୂଆ ନାଁ / ଘର ସବୁ ନେଲେଣି ନିଲାମ ।" ( ସହର, ପୃ- ୪୮)

କବିଙ୍କର ମଝିରାସ୍ତା କବିତାଟି ଏକ ଅପରିପୂର୍ଣ୍ଣ କାମନାର ଚିନ୍ତାଧାରା ସମ୍ବଳିତ ଏବଂ ସ୍ୱପ୍ନ କବିତାରେ ଦିଗହରା ହୋଇ ଖୋଜିବୁଲୁଥିବା ଏକ ବିରହୀ ପ୍ରେମିକର ଚିତ୍ରପଟ୍ଟ ଅଙ୍କିତ । ଏହା ପରେ କବିଙ୍କର 'ପୂର୍ବ ପୁରୁଷ', 'ଦେବୀ', 'ଠିକଣା', 'ଅନ୍ୟଦିନ', 'ଝରକା', 'ଶେଷ ସୀମାନ୍ତ', କବିତା ଗୋଡ଼ିକ ଭାବ ପ୍ରବଣତା ଓ ବିଷାଦଗ୍ରସ୍ତ ଜୀବନର ନିଃସଙ୍ଗବୋଧତା ସ୍ପଷ୍ଟ ପ୍ରତୀତ ହୁଏ । 'ପୂର୍ବ

ପୁରୁଷ'ରେ ଜୀବନର ଯାତ୍ରା ଅନ୍ୟର ପ୍ରତିଧ୍ୱନୀରେ ପ୍ରତିଦ୍ୱନ୍ଦିତ ହୋଇଛି । କାବ୍ୟପୁରୁଷ ପଛକୁ ଫେରିବାକୁ ଚାହିଁଛନ୍ତି । ତତ୍‌ସହିତ ପ୍ରୀୟତମାର ହାତର ସ୍ପର୍ଶପାଇବାକୁ ବ୍ୟାକୁଳ ହୋଇଛନ୍ତି । କିନ୍ତୁ ସବୁ ଚେଷ୍ଟା ତାଙ୍କର ବିଫଳ ହୋଇଛି । ଶୁନ୍ୟତାର କୁହେଳି ଭିତରେ ନିଜକୁ ହଜାଇ ଦେଇଛନ୍ତି । ଆଉ ସୂର୍ଯ୍ୟର କିରଣରେ ନିଜକୁ ଜାଳିପୋଡ଼ି ପାଉଁସ କରିଦେବାକୁ ଅଗେଇ ଆସିଛନ୍ତି ।

ଫଳରେ ସେ ଅନାଗତା ନାୟିକାକୁ ଆଉ ଦେହଜ ପ୍ରେମ ମାଗିନାହାଁନ୍ତି । କି ରଙ୍ଗିନ ଜୀବନ ଜୀଇଁବା ଅଭିଲାଷ ତାଙ୍କର ମଧ୍ୟ ନାହିଁ । ବରଂ ତାଙ୍କ ପ୍ରତି ଆସିଛି ସାତ୍ୱିକ ଭାବନା । ସେ କାବ୍ୟନାୟିକାକୁ ମନର ମନ୍ଦିରରେ ଦେବୀ ଭାବରେ ନିଜ ମନର ଇଲାକାରେ ବସାଇ ଆବାହନ କରିଛନ୍ତି । ପୂଜା କରିଛନ୍ତି । ତାଙ୍କର ସ୍ତନରୂପି କ୍ୟାକଟସ୍ କଂଟାର ଆଘାତରେ ଚିରି ହୋଇଯିବାକୁ ଚାହିଁଛନ୍ତି । ଜୀବନକୁ ତୁଚ୍ଛ ମଣି ବିରହ ଯନ୍ତ୍ରଣାରେ ଛଟପଟ ହୋଇ ସେ ଏକାକୀ ଜୀବନ ଜୀଇଁବାକୁ ଚାହିଁଛନ୍ତି ।

ତାଙ୍କର 'ଅନ୍ୟଦିନ' ଓ 'ଠିକଣା' କବିତାରେ ଏହି ଚିନ୍ତାଧାରାର ରୂପାୟନ ଘଟିଛି । ଯେଉଁ ଚଉମୁହାଁଣୀରୁ ନୂତନ ପଥ ର ସନ୍ଧାନ କରୁ କରୁ ପଥଭ୍ରଷ୍ଟ ହୋଇ ଅତୀତର ସ୍ମୃତିଚାରଣ କରୁଥିଲେ, ପୁଣି ସେହି ଜୀବନକୁ କବି ଦେଖିଛନ୍ତି । ପ୍ରତାରିତ ପ୍ରେମିକ ଭଳି ନିଜର ସମସ୍ତ କାମନା ତାଙ୍କର ନିହତ ହୋଇଛି । ଦିଗହରା ହୋଇ ପାହଂଚିଛନ୍ତି ଶେଷ ସୀମାନ୍ତରେ । ଯେଉଁଠି ଠିକଣାର ଶେଷ ଚିହ୍ନ ଲିଭିଯାଏ । ସେହିଭଳି ଏକ ପଥରେ ରହି ରହି କାବ୍ୟପୁରୁଷ ନିଜ ବିଗତ ଜୀବନକୁ ଭେଟୁଛନ୍ତି । ସୀମାନ୍ତରେ ଜଗୁଥିବା ପ୍ରହରୀ ମାନଙ୍କର କଥା ମନେ ପକାଉଛନ୍ତି । ବୀର ଯବାନମାନଙ୍କର ଦୁଃଖକୁ ସେ ଅନୁଭବ କରୁଛନ୍ତି । ତେଣୁ ଏଠି କବିଙ୍କର ଭାବନା ଜାତୀୟବାଦୀ ହୋଇପଡ଼ିଛି । ଜୀବନର ଗୁରୁତ୍ୱକୁ ସେ ଦେଖୁଛନ୍ତି ଖରା, ବର୍ଷା, ଶୀତ କାକର ସହି ଜଗୁଥିବା ବୀର ଯବାନମାନଙ୍କଠାରୁ । ଏକତା ହିଁ ବଳ ନ୍ୟାୟରେ ସେ ସାଥି ସହୋଦରମାନଙ୍କୁ ଭେଟୁଛନ୍ତି । କିନ୍ତୁ ତାଙ୍କରଏହି ଭାବନା ଶୂନ୍ୟତାର ଗଭୀରତାକୁ ଚାଲିଯାଇଛି । ଗୋଟି ଗୋଟି କରି ସମସ୍ତେ ପଳାୟନ କରିଛନ୍ତି ତାଙ୍କ ପାଖରୁ । ତେଣୁ ସେ କହିଛନ୍ତି , -

"କାହିଁ ଗଲେ ମୋର ସବୁ ସହଚର / ଏ ରାସ୍ତାରେ କେହି ନାହିଂ / ପଳାତକ ମୋ ସେନାବାହିନୀ /

ମନ୍ଦିର ପଡିଛି ଖାଲି / କିଏ ନେଲା ସୁନାର ବିଗ୍ରହ / ... / ପ୍ରାର୍ଥନା କରିବା ଆସ ଆଜି ଆମେ /

ମୁକ୍ତି ପାଇଁ ସେମାନଙ୍କ ଅତୃପ୍ତ ଆତ୍ମାର ।" ( ଶେଷ ସୀମାନ୍ତ, ପୃ-୬୧ )

## ॥ ତିନି ॥

ପ୍ରେମ ଏକ ସ୍ୱର୍ଗୀୟ ଅନୁଭବ । ଯାହାକୁ ପାଇବା ପାଇଁ ଦେବ, ଦାନବ, ମନୁଷ୍ୟ ଆଦି ସକଳ ପ୍ରାଣୀଜଗତ ବ୍ୟାକୁଳ । ଯାହାକୁ ପାଇ ପୁଲକିତ ହୋଇଉଠେ ସାରା ଶରୀର । ରୋମାଂଚିତ ହୁଏ ଦିବ୍ୟତନୁ । ବାର୍ଦ୍ଧକ୍ୟ ଫେରିଯାଏ ଯୌବନ ପାଖକୁ । ମାତ୍ର ପ୍ରେମ ଯଦି ନମିଳେ ତେବେ ବ୍ୟକ୍ତି ବଂଚି ଥାଉ ଥାଉ ମୃତ୍ୟୁକୁ ପ୍ରାପ୍ତ ହୋଇଥାଏ । ବିରହ ଯନ୍ତ୍ରଣାରେ ମନ କେଉଁ ଏକ ଅଦୂରକୁ ଚାଲିଯାଏ । ଯେଉଁଠି ବ୍ୟକ୍ତି ଅନୁଭବ କରେ ନିଃସଙ୍ଗତା । କାବ୍ୟପୁରୁଷ ଏହିଭଳି ଯନ୍ତ୍ରଣାରେ ଜର୍ଜରିତ । ତାଙ୍କର ଏହି ସଂକଳନରେ ସ୍ଥାନିତ ହୋଇଥିବା କବିତା ଗୋଡିକ ଯୌବନର ଯୌନତା ଆଡ଼କୁ ଅଗ୍ରସର ହୋଇଛି । କାବ୍ୟପୁରୁଷ କେତେବେଳେ ପ୍ରେମମୟୀ କାବ୍ୟନାୟିକାର ପ୍ରେମ ପାଇବାକୁ ବ୍ୟକୁଳ ତ କେତେବେଳେ ନପାଇବାର ଯନ୍ତ୍ରଣା ମଧ୍ୟରେ ଛଟପଟ ହୋଇଛନ୍ତି । କବଚ ରୂପି ଦୃଢତାକୁ ଭାଙ୍ଗି ପ୍ରେମିକା ନିକଟରେ ଆତ୍ମସମର୍ପଣ କରିଛନ୍ତି । ଦର୍ପଣ ସମ୍ମୁଖରେ ନିଜର ଛଦ୍ମତାର ମୁଖାକୁ ଉନ୍ମୋଚନ କରିବାକୁ ଲାଗିପଡ଼ିଛନ୍ତି । ଏବଂ ରାତ୍ରୀର ନିର୍ଜନ ପ୍ରହର ମଧ୍ୟରେ ପ୍ରହରୀ ହୋଇ ଚାଲିଛନ୍ତି ଜୀବନର ବାଟକୁ । ପୁଣି କେତେବେଳେ ଯୌବନର ପୂଜାରୀ ହୋଇ ବାର୍ଦ୍ଧକ୍ୟକୁ ନିନ୍ଦାକରି ନିଷ୍ଫଳ ଜୀବନର ଯନ୍ତ୍ରଣାକୁ ଅନୁଭବ କରିବାର ଜଣାପଡ଼େ ତାଙ୍କର ସମଗ୍ର କବିତା ପାଠ କଲେ । ବେଶ୍ୟାମାନଙ୍କର ଉଲ୍ଲସଦାୟୀନି ଓ ମନମୋହନକୁ ସବୁଜ ଓ ନୀଳରଙ୍ଗର ପ୍ରତୀକ, ଜୀବନର ଯୌବନ ଓ ବାର୍ଦ୍ଧକ୍ୟକୁ ଧଳାଗାରର ପ୍ରତୀକ ଦେଇ କବିତାଟିକୁ ମନୋରମ କରିଛନ୍ତି ।

ତେଣୁ ମୋଟ ଉପରେ ଦେଖିବାକୁ ଗଲେ କବି ଜଗନ୍ନାଥ ପ୍ରସାଦ ଦାଶଙ୍କର 'ପ୍ରଥମ ପୁରୁଷ' କବିତା ଗ୍ରନ୍ଥଟି ପ୍ରେମ ବିରହର ନିଚ୍ଛକ ଚିତ୍ର ପ୍ରତିଫଳିତ । ପୁଣି କବିତାର ଛନ୍ଦକୁ ନେଇ କୌଣସି ଆଟୋପ ମ୍ଭ ଏଥିରେ ନାହିଁ । କେବଳ ବୟସକୁ ନିନ୍ଦା କରବଯାଇଛି । ଯେଉଁ ବୟସକୁ ସେ ଛାଡ଼ି ଆସିଛନ୍ତି । ଏଥିସହିତ ରୋମାଣ୍ଟିକ ପ୍ରବଣତା କାବ୍ୟଗ୍ରନ୍ଥଟିକୁ କରିଛି ଆକର୍ଷଣୀୟ । ସରଳ, ସଂକ୍ଷିପ୍ତ ଓ ଗଦ୍ୟମୟ ଶବ୍ଦାବଳୀରେ ସୁସଜ୍ଜିତ ଏବଂ ବର୍ଣ୍ଣାଢ୍ୟ ଚିତ୍ରକଳ୍ପର ପ୍ରୟୋଗ କାବ୍ୟଗ୍ରନ୍ଥଟିକୁ କରିଛି ଶାଣିତ । ଯାହାକି ସେଇ ସମୟର ଭାବ ସ୍ପନ୍ଦନକୁ ଉଜ୍ଜୀବିତ କରିଛି । ୧୯୭୦ ପରବର୍ତ୍ତୀ କବିମାନଙ୍କର ସ୍ଥିତିବାଦୀ ଦୃଷ୍ଟିଭଙ୍ଗୀ ବଦଳିଛି । ନିଜର ରୂପକୁ ନିଜେ ହିଁ ଆଙ୍କିଛନ୍ତି ନିଜର

କବିତାରେ । ତତ୍କାଳୀନ କବିତାରେ ଘଟିଥିବା କବିମାନଙ୍କର ଭାବଧାରାକୁ ଲକ୍ଷ୍ୟକରି ଆଦିକନ୍ଦ ସାହୁ ନିଜର 'ଆଧୁନିକ ଓଡ଼ିଆ କବିତା ଉତ୍ତରଣରେ ପ୍ରଥମ ତିନିଦଶନ୍ଧି ୧୯୩୬-୬୭' ଆଲୋଚନା ଶୀର୍ଷକରେ କହିଛନ୍ତି, "ସତୁରୀ ପରବର୍ତ୍ତୀ ଓଡ଼ିଆ କବିତାରେ ଏହି ଶବ୍ଦବନ୍ଧ ଆହୁରି ଆଟୋପ ସୃଷ୍ଟି କରିଛି । ସ୍ଥିତିବାଦୀ ଅଥର ହିରୋ ପରି କବି ନିଜର ଭାବ ସମ୍ଭୋଗକୁ 'ପ୍ରଥମ ପୁରୁଷ' ଆଙ୍ଗିକରେ ପ୍ରକାଶ କରିଛି ଓ ସେଥିରେ କିଛି ଜଟିଳ ଆତ୍ମିକ ପ୍ରଗଲ୍ଭତା ମିଶିଯାଇଛି ।"(୫)

ପରିଶେଷରେ ଏତିକି କୁହାଯିବ କବି ଶ୍ରୀଦାଶ ମ୍ନ କବିତା ରଚନା କାଳରେ ଆତ୍ମକଥା ଗୋଡ଼ିକୁ ଏଥିରେ ଉଲ୍ଲେଖ କରିଛନ୍ତି । ଏଥିସହିତ ତାଙ୍କର ପରବର୍ତ୍ତୀ କବିତା ଗୋଡ଼ିକରେ ଜୀବନର ମୁହୂର୍ତ୍ତକୁ ଦେଖାଇବା ସହିତ ମୃତ୍ୟୁ ଯେ ଚିରସହଚର ତାହାର ବିଶ୍ଳେଷଣ କରିଛନ୍ତି । ଏଣୁ ତାଙ୍କର ପ୍ରଥମ ପରୁଷ କବିତା ଗ୍ରନ୍ଥଟି ଏକ ଅନୁପମ ସୃଷ୍ଟି ଓ

*ଖଣ୍ଡା : ଜୀବନର ଉତ୍ତୀର୍ଣ୍ଣ ପ୍ରହରରେ ଯୌବନକୁ ଖୋଜୁଥିବା ପୁରୁଷ* ନିଷ୍ଫଳ ପ୍ରେମର ପଥଚାରଣ କରୁଥରବା ଅନୁଭବ ଏଥିରୁ ମିଳେ । ଯାହା ପାଠକକୁ ଅତ୍ୟନ୍ତ ରୋମାଂଚିତ କରି ରଖିବ ।

**ସହୟକ ଗ୍ରନ୍ଥସୂଚୀ :**


୧. ମହାରଣା , ଡକ୍ଟର ରବିନାରାୟଣ, ଜଣେ ଜେପି. : ଅନେକ ଜୀବନ, ପୃ- ୪୩

୨. ସ୍ୱାଇଁ, ଦିଲୀପ କୁମାର, କବି ପ୍ରସନ୍ନ ପାଟଶାଣୀ, ସାମ୍ପ୍ରତିକ କାବ୍ୟ ଓ କବିତା, ପୃ-୧୫୨, ଦ୍ୱିୟ ସଂ-୨୦୨୩

୩. ମୁଖଶାଳା; ଡକ୍ଟର ରବିନାରାୟଣ ମହାରଣା, ପୃ-୧୭, ପ୍ରଥମ ପ୍ରକାଶ-୨୦୧୫

୪. ମୁଖା, ମୁଖା କବିତା ସଂକଳନ, ପୃ-୪୩


❖ ❖ ❖

DOI : https://doi.org/10.5281/zenodo.14545834 ମୂଳ ପ୍ରବନ୍ଧ

# ଭାରତୀୟ ମିଥ୍‌ବୋଧ ଓ କବି ଗୁରୁପ୍ରସାଦ

**ସୁଜ୍ଞାନୀ କୁମାରୀ ସାହୁ**

**ସଂକ୍ଷିପ୍ତ ସାର :**

'ମିଥ୍' କୁ ଆଶ୍ରୟ କରିବା ବା ପ୍ରଶୟ ଦେବା ଅର୍ଥ ପୁରାଣ ବା ପୌରାଣିକ ଉପାଖ୍ୟାନ, ଚରିତ୍ର ପ୍ରଭୃତିକୁ ବର୍ଣ୍ଣନା କରିବା ଆଦୌ ସମୀଚୀନ ନୁହେଁ। ମିଥ୍ ଏକ ଶକ୍ତିଶାଳୀ ଶିଳ୍ପକଳା । ଏହା ଯଦି କବିର ଲିଖନୀରେ ଜୀବନ୍ୟାସ ପାଏ, ତେବେ ସେ ଅସମ୍ଭବ ଭାବେ କବିର ଉଦ୍ଦେଶ୍ୟକୁ ସମ୍ଭବ କରିଥାଏ। "ମିଥ୍ ବ୍ୟବହାରର ଅର୍ଥ ପ୍ରାଚୀନ ପନ୍ଥୀ ହେବା, ରକ୍ଷଣଶୀଳ ହେବା, ନିର୍ଦ୍ଦିଷ୍ଟ ଧର୍ମ ପ୍ରତି ମୋହ ସୃଷ୍ଟି କରିବା ମୋଟେ ନୁହେଁ। ଆଧୁନିକ ଯୁଗ ପାଇଁ ଅବିଶ୍ୱାସନୀୟ ମିଥ୍ କାହାଣୀର ଆଲୋଚନାକୁ ଅନୁଧ୍ୟାନ କଲେ ଏହି ସିଦ୍ଧାନ୍ତରେ ଉପନୀତ ହେବାକୁ ହୁଏ ଯେ ଯେଉଁ ମିଥ୍‌କଲ କାହାଣୀ ସାଂପ୍ରତିକ ସମୟରେ ଅବାସ୍ତବ ମନେହୁଏ ପ୍ରକୃତରେ ସେ ସବୁ ରହସ୍ୟପୂର୍ଣ୍ଣ ଘଟଣାବଳି କାଳ କାଳ ଧରି ମନୁଷ୍ୟର ହୃଦୟକୁ ଆବରି ବସିଛି ଏବଂ ସେଗୁଡ଼ିକ ଆଧୁନିକ ମଣିଷ ପାଖରେ ଜମାରୁ କୌତୁହଳ ଅବା କୁତୁହଳର ବିଷୟ ନୁହଁନ୍ତି; ଅଧିକନ୍ତୁ ଆଧୁନିକ କବିଗଣ ସେ ସବୁକୁ ଯଦି ପ୍ରତୀକାତ୍ମକ ଭାବେ ଫୁଟାଇ ପାରନ୍ତେ ତେବେ ସ୍ୱୀୟ ବିଚାରଧାରାକୁ ଗଭୀର ଅନୁଧ୍ୟାନ ପୂର୍ବକ ପ୍ରକାଶ କରିବା ସହଜସାଧ ହୋଇପାରନ୍ତା। "ଆଦିମ ମିଥ୍‌କୁ ଏଲିୟଟ୍, ଜୟେସ୍, ଟମାସ୍‌ମ୍ୟାନ, ବୁଦ୍ଧଦେବ ବସୁ ବା ଗୁରୁପ୍ରସାଦ ମହାନ୍ତି ପ୍ରାଚୀନ ମନୋରଂଜକ କାହାଣୀ ବା ସତ୍ୟ – ଅର୍ଦ୍ଧସତ୍ୟ ମିଶ୍ରିତ କାହାଣୀ ଭାବେ ଖାଲି ଦେଖି ନାହାନ୍ତି, ବଂର ଅନୁଭବିଛନ୍ତି ସର୍ବ-ମାନବିକ ଅଭିଜ୍ଞତାର ଖଣି ରୂପେ, ଶାଶ୍ୱତର ଦର୍ପଣ ରୂପେ, ଚିରନ୍ତନ ମାନବ ମନସ୍ତତ୍ତ୍ୱର ଦଲିଲ୍ ରୂପେ, ଆବାହମାନ କାଳ ପ୍ରବାହିତ ମାନବ ରକ୍ତସ୍ରୋତର ଉପାଦାନ ରୂପେ । ଯାହା ଏବେ ବିଲୁପ୍ତ । ବିକଳ୍ପରେ ମିଥ୍‌ର ବ୍ୟବହାର ହୋଇଛି ରୁଗ୍‌ଣ, ଅଶୋଭନୀୟ, ଅରୁଚିପ୍ରଦ ଅବିମୃଷ୍ୟକାରିତାରେ ପରିପୂର୍ଣ୍ଣ ।" ଆଧୁନିକ ଯୁଗର ଅନ୍ତଃସାର-ଶୂନ୍ୟତା ହିଁ ଏ ମିଥ୍- ଚେତନା ଅଭାବବୋଧର କାରଣ ବୋଲି ମିଥ୍ ଗବେଷକମାନେ ହୃଦ୍‌ବୋଧ କରନ୍ତି। ଯୋଗ୍ୟ ମିଥ୍ ସଂସର୍ଗରେ ଆସି କବିର ଯଥାର୍ଥ କାବ୍ୟସ୍ଫୁର୍ତ୍ତି ଘଟେ। ଆଧୁନିକ ଖଣ୍ଡିତ ଜୀବନ ଭିତରେ ଚିରକାଳମୂଲ୍ୟବୋଧ ସଂଚାରିତ ହୋଇପାରିବ ଏକ ଯୋଗ୍ୟ ମିଥ୍ ଦ୍ୱାରା। ଯାହା କହିହୁଏ ନାହିଁ ଶବ୍ଦରେ; ସେହି କଳାକର୍ମର ଶ୍ରୀବୃଦ୍ଧି କରେ ମିଥ୍। ଯେମିତି କବି ଗୁରୁ ମହାନ୍ତିଙ୍କ କାବ୍ୟ ଚେତନାର ପରିସ୍ଫୁଟନ ଘଟିଛି ମିଥ୍‌କୁ ପାଥେୟ କରି। ତେଣୁ ତାଙ୍କ କାବ୍ୟ ନାୟକର ସ୍ୱୀକାରୋକ୍ତି- ଏହି ରୁଗ୍‌ଣ ଯୁଗଯନ୍ତ୍ରଣାକୁ ଘେନି ବଞ୍ଚିବାର ଅର୍ଥ କ'ଣ ଅଛି ? ଜୀବନର ମାନେ କ'ଣ ? ବରଂ ମୃତ୍ୟୁ ଶ୍ରେୟସ୍କର, ସେ ଶକ୍ତିଶାଳୀ, ଜୀବନ ସହ ସହଯାତ୍ରୀ, କାଳରୂପକ ମୃତ୍ୟୁ ହାତରୁ ନିଜକୁ ରକ୍ଷା କରିପାରିନାହାନ୍ତି ସ୍ୱୟଂ ପ୍ରାଣକର୍ତ୍ତା ଶ୍ରୀକୃଷ୍ଣ । ନିଜେ ମଧ୍ୟ ତାର ଶୀତଳ ସ୍ପର୍ଶରେ ଶୋଇଯାଇଛନ୍ତି । କିନ୍ତୁ ଜୀବନକୁ ବଞ୍ଚାଇବାର ଉଦ୍ୟମ ରହିଛି ଅବ୍ୟାହତ, ଏ ଉଦ୍ୟମ କିନ୍ତୁ ସାମାନ୍ୟ । ସ୍ୱୟଂ ମୃତ୍ୟୁ ମଧ୍ୟ ଚାହେଁ ଜୀବନ ରହୁ ସୁରକ୍ଷିତ । କାରଣ ସେଥିରେ ତାର ବିଜୟ । ତେଣୁ କାଳପୁରୁଷ କବିତାରେ ପ୍ରଥମରୁ ଜୀବନର ଆବେଗ ପ୍ରବଳ ହୋଇଛି। ପରୋକ୍ଷରେ ଆସିଛି ଅନୁଭବ ମୃତ୍ୟୁଠାରୁ ରକ୍ଷା ପାଇବା ଅସମ୍ଭବ, ବରଂ କଲ୍ୟାଣକାରୀ ସ୍ୱାଦ ପରି ପୁଣି ବ୍ୟାକୁଳତା ମୃତ୍ୟୁ ଯୋଗୁଁ ।

"ମୁଁ କାନ୍ଦିଲି ଯେତେବେଳେ ପିତୃମାତୃ ବନ୍ଧୁହାନୀ ଆୟୁକ୍ଷୟ ବଂଶକ୍ଷୟ, / ଦେଶବାସୀ କ୍ଷୟ ପୁଣି ଧନଜନ ଲକ୍ଷ୍ମୀ କ୍ଷୟ, / ଧର୍ମ ପୁଣି ଗୋବ୍ରାହ୍ମଣ କ୍ଷୟ, / ମୁଁ କାନ୍ଦିଲି ଯେତେବେଳେ ସମୟର ଶବ୍ଦବାରି / ଜରାମୃତ୍ୟୁ ବ୍ୟାଧି. ପୁଣି ବ୍ୟାଧି ଆଉ ଘାତକର ଭୟ ।"-

(ପୃ-୪୭ : ଗୁରୁପ୍ରସାଦ କବିତା)

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI : https://doi.org/10.5281/zenodo.14545834

Article No - BPP00244

**ଯୋଗାଯୋଗ : ଡକ୍ଟର ସୁଜ୍ଞାନୀ କୁମାରୀ ସାହୁ**
ସହକାରୀ ପ୍ରାଧ୍ୟାପିକା, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ, କଟକ
**Email:** sugyanikumarisahu1986@yahoo.com
**ORCID ID:** https://orcid.org/0009-0008-6756-873X

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୨.୮.୨୦୨୪ | ୧୦.୧୦.୨୦୨୪ | ୨୫.୧୧.୨୦୨୪ | ୧.୧୨.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସାହୁ, ସୁଜ୍ଞାନୀ କୁମାରୀ; ୨୦୨୪ । ଭାରତୀୟ ମିଥ୍‌ବୋଧ ଓ କବି ଗୁରୁପ୍ରସାଦ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଜ; ପୃଷ୍ଠା : ୨୮-୩୬ ।

**ପ୍ରମୁଖ ଶବ୍ଦ :** ମିଥପ୍ରସଙ୍ଗ, ଭାରତୀୟ ମିଥିବୋଧ, ପାପବୋଧ, ଇଳା, କାଳପୁରୁଷ, ଅରୁନ୍ଧଧୀ, ଆଧାତ୍ମିକ ଉତ୍ତରଣ, କୁମ୍ଭୀପାକ ନର୍କ, ଏକଦେହେ ନାରୀ-ପୁରୁଷ, ବ୍ୟାକୁଳତା, ଆତ୍ମସମର୍ପଣ, ମୁକ୍ତି ।

**ଉପକ୍ରମ :**

ଆଧୁନିକ ଓଡ଼ିଆ ସାହିତ୍ୟକୁ ଯାହାଙ୍କ ଏକାନ୍ତ ନିଷ୍ଠା, ନିର୍ଜନତା, ଅବିନ୍ୟସ୍ତ ବିଷର୍ଣ୍ଣତା, ଅନେକ କ୍ଳେଶ, ପାପତାପ ଓ ଯନ୍ତ୍ରଣାର ଗହୀରି ଅବବୋଧ, ସୁଗଭୀର ଆତ୍ମ ଅନ୍ୱେଷଣ, ରୋମାଣ୍ଟିକ୍ ପ୍ରେମ ପ୍ରତି କଟାକ୍ଷ, ଲୁଚେଇ ରଖିଥିବା ପ୍ରଚୁର ବୌଦ୍ଧିକତା ତଥା ଆତ୍ମ ଆବେଗର ଆଶ୍ଳେସିତ ଭାଷା ପରଂପରା ସହ ପ୍ରତ୍ୟକ୍ଷ ସଂପର୍କ ରଖି ରସସ୍ନିଗ୍ଧ କରିଛନ୍ତି ସେ ହେଉଛନ୍ତି କବି ଗୁରୁପ୍ରସାଦ ମହାନ୍ତି । ଆଧୁନିକ ଜୀବନର ଯନ୍ତ୍ରଣାକ୍ଷତ ଅନୁଭବକୁ ତାଙ୍କ କବିତାରେ ରୂପ ଦେଇ ସେଥିରୁ ମୁକ୍ତି ପାଇବା ପାଇଁ ଯେଉଁ ସ୍ୱବିରୋଧ ଭାବର ଅବତାରଣା କରିଛନ୍ତି, ତାହା ଇଲିଅଟୀୟ ଚେତନାର ସ୍ପଷ୍ଟ ପରିପ୍ରକାଶ । ଦ୍ୱିତୀୟ ବିଶ୍ୱଯୁଦ୍ଧୋତ୍ତର ପ୍ରଗତିଶୀଳ ସୃଜନଶୀଳ ସାହିତ୍ୟକାଶରେ କବିଙ୍କର 'କାଳପୁରୁଷର' 'ଅକ୍ରୂର ଉବାଚ', 'ଗୋବର ଗଣେଶ' ଏକ ଏକ ଯୁଗପୁରୁଷ ଭାବରେ ଦଣ୍ଡାୟମାନ । କାବ୍ୟ ପରମ୍ପରାର ଭିନ୍ନ-ସ୍ୱକୀୟ ଐତିହ୍ୟ ତଥା ପରଂପରାର ସ୍ମରଣ ଓ ତାର ସମନ୍ୱୟ ଜଣେ କବିର ମାଟି ପ୍ରବଣତା ଓ ସାଂସ୍କୃତିକ ଭାବସ୍ପନ୍ଦନର କଥା କହିଥାଏ । ଯାହା ଗୁରୁପ୍ରସାଦଙ୍କ କ୍ଷେତ୍ରରେ ସ୍ପଷ୍ଟ ପ୍ରତୀୟମାନ ।

ଗୁରୁପ୍ରସାଦ ମହାନ୍ତି (୧୯୨୪-୨୦୦୪) ଆଧୁନିକ ଓଡ଼ିଆ ସାହିତ୍ୟ କବିତା କ୍ଷେତ୍ରରେ ଅନ୍ୟତମ ଯଶସ୍ୱୀ କବି । ସେ ନୂଆ ଶୈଳୀର ଉଦ୍ଭାବକ । ପ୍ରାକ୍ ସ୍ୱାଧୀନତା କାଳୀନ ଓଡ଼ିଆ କବିତାର ଶୈଳୀ ଯାହା ସଚ୍ଚି ରାଉତରାୟଙ୍କ ଦ୍ୱାରା ସମୃଦ୍ଧ ଥିଲା ସେଥିରେ ବ୍ୟତିକ୍ରମ ଆଣି ପାଶ୍ଚାତ୍ୟ କାବ୍ୟାନୁଶାସନ ସହ ପରିଚିତ କରାଇବାର ପ୍ରଥମ ଅଗ୍ରଣୀ ଭୂମିକା ନେଇଛନ୍ତି ସ୍ୱର୍ଗତ ମହାନ୍ତି । ଗୁରୁପ୍ରସାଦ ମହାନ୍ତି ଜଣେ ବହୁ ଅଲୋଚିତ କବି । ତାଙ୍କ ବିଷୟକ ଆଲୋଚନା ମୁଖ୍ୟତଃ ଟି.ଏସ୍.ଏଲିୟଟ୍‌ଙ୍କ The Waste Land And Other Poems ସହ ସମୁଦ୍ର ସ୍ନାନକୁ ଭିତ୍ତି କରି । ପୁନଶ୍ଚ ପଚାଶ ପରବର୍ତ୍ତୀ ଓଡ଼ିଆ କବିତାର ଭାଷା ଶୈଳୀରେ ନୂତନତା ଓ ସତେଜତା, ବିଷୟ ବିନ୍ୟାସରେ ଏକ ଆନ୍ତର୍ଜାତିକ ମାନସିକତା ପୋଷଣ, ସମୟ ଚେତନାର ଏକ ଜଟିଳ ଅନୁଭବ ତଥା ଭାଙ୍ଗିବାକୁ ଆରମ୍ଭ କରିଥିବା ସ୍ଥିତି ଓ ମୂଲ୍ୟବୋଧଗତ ସଂକଟ ସଂପର୍କରେ ସଚେତନତା ନେଇ ତାଙ୍କର ଭୂମିକା । ତାଙ୍କ କବିତାରେ ନିଜ ଜୀବନଚର୍ଯ୍ୟା ଓ କବିତାକୁ କେବଳ ସମାନ୍ତର ନୁହେଁ – ବରଂ ଏକାତ୍ମ କରିବାର ଅତୃପ୍ତ ପିପାସା, ଗଭୀର ଅଭିପ୍ସା । ହୁଏତ ସେ ଯେମିତି ବଞ୍ଚିଥିଲେ, ଯେମିତି ଯାହା ଭଲ ପାଉଥିଲେ ସେ ସବୁର ପ୍ରତିବିମ୍ବ ତାଙ୍କ କବିତା ସମଗ୍ରରେ ଅନୁଭବ ହୁଏ । 'ପତ୍ର ସବୁ ଝଡ଼ି ଯାଆନ୍ତି', 'ବ୍ୟାଟେରୀ ନ ଥିବା ଟର୍ଚ୍ଚଲାଇଟ୍ ପରି ସୂର୍ଯ୍ୟ ବୁଡିଯାଆନ୍ତି,' 'ଅନ୍ଧାର ଆସେ ଘାରି ହୋଇ କୁହୁଡିରେ', 'ଜହ୍ନ ଆସେ ନିଚ୍ଛାଟିଆ ଛାତ ଉପରେ', 'ବାଲି, ଅପନ୍ତରା', 'ଭୋର ପବନରେ ଝଡୁଥିବା ଜୀର୍ଣ୍ଣପତ୍ର',ଏହି ସବୁ ଭଲ ପାଇପାର ନିଃସଙ୍ଗ ବେଦନା- ସବୁ ତାଙ୍କ କବିତାରେ ଜୀବନ୍ତ । ତାଙ୍କ କାବ୍ୟନାୟକ ବେଦନା ଓ ବିଷର୍ଣ୍ଣତାବୋଧରେ ଉବୁଟୁବୁ ।

ରୋମାଣ୍ଟିକ୍ ପ୍ରେମ ପ୍ରତି ସାମନ୍ୟ ବିଦ୍ରୁପ ତାଙ୍କ କବିତାରେ ବେଶ୍ ଗ୍ରହଣୀୟ । କିନ୍ତୁ ସେ ନିଜ ଜୀବନରେ ବେଶ୍ ରୋମାଣ୍ଟିକ୍ ଥିଲେ । ସତେ ଯେମିତି କବିତା ସେଇ ରୋମାଣ୍ଟିସିଜମ୍‌ରୁ ମୁକ୍ତି ଖୋଜା; ସେଇ ଅଣନାୟକ (ହରେକୃଷ୍ଣ ଦାସ, କାଳପୁରୁଷ, ଗୋବର ଗଣେଶ) ମାନଙ୍କୁ ଆପଣାଇବାର ସରଳ, ଅମାପ ପ୍ରୟାସ । କେଉଁ ଘାସ ? କେଉଁ ବାଳିଚର ? କେଉଁ ନଈ ? କେଉଁ ଫୁଲ ? କେଉଁ ନଈ ମୁହାଣରେ ଉଜାଣି ଲୁହର ଢେଉ ? କେଉଁ ନଷ୍ଟ ଦିଗନ୍ତର ବସନ୍ତ ଓ ବ୍ୟଥିତ ଆକାଶ ? "ଏହି ଭଲପାଇବାର ମୃତ୍ୟୁ ଯଦି ପୁଣି ଆସେ ତେବେ ଏହି ପୃଥିବୀର / ବିଷର୍ଣ୍ଣ ଏ ସୀମାନ୍ତରେ ମୋ ଆଖିରେ ତାରା... / ଧୂସର ଆକାଶ ମନ୍ଥି ସନ୍ଧ୍ୟା ଆସେ ଅବା ଆସେ ସାତ୍ତ୍ୱିକ ଶ୍ରାବଣ / ଅପେକ୍ଷା ରଖେ ପାର୍ଟି ଆଉ ନିର୍ବାଚନ / ଦୂଷିତ ଆତ୍ମାର ଖେଦ ।" ଜୀବନର ଦୂଷିତ ଦୁଃସ୍ୱପ୍ନ ଆଉ ଅଧିକ କଣ କହିବାର ପ୍ରୟୋଜନ ? ଭାଷାର କି ଦକ୍ଷତା ? ଗୋଟିଏ ଗୋଟିଏ ପଂକ୍ତିରେ ପ୍ରେମ ଓ ମୃତ୍ୟୁର ଯୁଗଳବନ୍ଦୀର ଯାଦୁକାରୀ ଶକ୍ତି ! ଭାବିଲେ ଆଶ୍ଚର୍ଯ୍ୟ ଲାଗେ ! ସେ ଯେମିତି ଜୀବନ ଜୀଇଁଛନ୍ତି; ସେମିତି ତାଙ୍କ କବିତାରେ ଫୁଟେଇ ପାରିଛନ୍ତି ନିଷ୍କପଟ ଭାବରେ ।

**ପୃଷ୍ଠଭୂମି :**

ମିଥ୍‌ର ସଂଜ୍ଞା ଓ ସ୍ୱରୂପ ନିରୂପଣ ବାସ୍ତବରେ ଏକ ଜଟିଳ ବ୍ୟାପାର ଆଧୁନିକ ସାହିତ୍ୟରେ, ବିଶେଷ କରି ବିଂଶ ଶତକର ସାହିତ୍ୟରେ ମିଥ୍ ବ୍ୟବହାର ପ୍ରତି ଏକ ଆନ୍ତରିକ ପ୍ରବଣତା ଲକ୍ଷିତ ହୁଏ । "ପାଶ୍ଚାତ୍ୟ ସାରସ୍ୱତ ଜଗତରେ ଜେମସ୍ ଜୟେସ୍, ଟମାସ୍‌ମ୍ୟାନ୍, ଟି.ଏସ୍ ଏଲୀୟଟ୍ ପ୍ରଭୃତି କବି ସାହିତ୍ୟିକ ପ୍ରାଚୀନ ମିଥ୍‌କୁ ଆଶ୍ରୟ କରି ସ୍ୱକୀୟ ଚିନ୍ତାଧାରାକୁ ରୂପାୟନ କରି ଯାଇଛନ୍ତି । ବିଶ୍ୱର ଅନ୍ୟାନ୍ୟ ପ୍ରାଚୀନ ଦେଶଭଳି ପ୍ରାଚ୍ୟ ଭୂଖଣ୍ଡର ବାଙ୍ମୟତାରେ ମଧ୍ୟ ବିପୁଳ ମିଥ୍ ସମ୍ପଦ ଋଗ୍‌ବେଦଠାରୁ ଆରମ୍ଭ କରି ସଂସ୍କୃତର ପ୍ରତିଷ୍ଠିତ କାବ୍ୟ, ମହାକାବ୍ୟ, ନାଟକ ତଥା ଆଖ୍ୟାୟିକା ପ୍ରଭୃତିରେ; ଏପରିକି ପରବର୍ତ୍ତୀକାଳୀନ ପାଲି, ପ୍ରାକୃତ ଓ ଅପଭ୍ରଂଶ ସାହିତ୍ୟରେ ପୂରି ରହିଛି । ସୁତରାଂ ପ୍ରାଚ୍ୟ ସାହିତ୍ୟର ଆରମ୍ଭ ମିଥ୍‌ରୁ ହୋଇଛି ବା ପ୍ରାଚ୍ୟ ସାହିତ୍ୟର ମୂଳରୂପ ମିଥ୍ ବୈଦିକ ବାଙ୍ମୟର ମୂଳ ମିଥ୍ ଦେବାସୁର ସଂଗ୍ରାମ ଯେଉଁଠାରେ ଭୌତିକ ପ୍ରକୃତିର ସୃଷ୍ଟି ଓ ବିନାଶ ଶକ୍ତିର ସଂଘର୍ଷ ମୂର୍ତ୍ତ ହୋଇଅଛି । ଏବେ ବିଂଶ ଶତାବ୍ଦୀର ମିଥ୍ ଚିନ୍ତକମାନେ ମିଥ୍‌ରେ ଯେଉଁ ପ୍ରାଚୀନ ରହସ୍ୟର ଯାଦୁ ଲକ୍ଷ୍ୟ କରନ୍ତି

ତାହା ପୁରାଣରେ ଆବର୍ତ୍ତମାନ ମିଥ୍ । ତେଣୁ ପୂର୍ବ ଇତିବୃତ୍ତି ମାତ୍ର ନୁହେଁ ତାହାର ସୃଷ୍ଟି ପଛରେ ଆଦିମ ସମାଜର ସଂସ୍କାର ଓ ପ୍ରତ୍ୟୟ କ୍ରିୟାଶୀଳ ରହିଛି । ଆଜି ଆମେ ଯାହାକୁ ମିଥ୍ ବୋଲି କହୁଛୁ ଆଦିମ ମଣିଷ ପାଖରେ ତାହା କେବେ କପୋଳକଳ୍ପିତ ଗଳ୍ପ ମାତ୍ର ନ ଥିଲା; ତାହା ଥିଲା ତାଙ୍କ ପାଇଁ ବରଂ ସତ୍ୟ ଇତିହାସ ଦୀକ୍ଷିତ ମନର ଅଧିଗମ୍ୟ ପବିତ୍ର କାହାଣୀ । ମିଥ୍ ମୂଳତଃ ଆଦିମ ମଣିଷର ସମଷ୍ଟିଗତ ମନର ସୃଷ୍ଟି; ଯେଉଁଥିରେ ଚେତନା ଅପେକ୍ଷା ଅବଚେତନ ପ୍ରକ୍ରିୟା ପ୍ରାଧାନ୍ୟ ଅଧିକ । ମିଥ୍ ରଚନା ଏପରି ସମୟରେ ଆରମ୍ଭ ହୋଇଥିବ ଯେତେବେଳେ ମଣିଷ ଓ ପ୍ରକୃତି ମଧ୍ୟରେ ବିଭାଜନ ରେଖା ଅସ୍ପଷ୍ଟ ଥିବ । ଉଭୟେ ଗୋଟିଏ ସାର୍ବଭୌମ ଜୀବନର ସମଭାଗୀ ଓ ସହଯୋଗୀ ଥିବେ । ଚେତନଶୀଳ ମଣିଷ ତାହାର ଅଜ୍ଞାତସାରରେ ପ୍ରକୃତିର ଘଟଣାବଳୀକୁ ନିଜ ଜୀବନର ଘଟଣା ତଥା ଅନୁଭବ ମଧ୍ୟରେ ବୁଝିବାକୁ ଚେଷ୍ଟା କରିଥିବ ସମଷ୍ଟିଗତ ମନ ଦ୍ୱାରା ପ୍ରାକୃତିକ ତତ୍ତ୍ୱ ଓ ଘଟଣାର ମାନବୀକରଣର ଏହି ଅଚେତନ ପ୍ରକ୍ରିୟାରୁ ହିଁ ମିଥ୍ ଗଢ଼ିଉଠିଥିବ । ଆଧୁନିକ ଯୁଗର ସମସ୍ତ ମିଥ୍ ଗବେଷକ ମନେ କରନ୍ତି ଯେ ଆଧୁନିକ ସଭ୍ୟତାର ଅନ୍ତ ସାରଶୂନ୍ୟତା ହିଁ ଏ ମିଥ୍ ଚେତନା ଅଭାବର କାରଣ, ଯାହା ଫଳରେ ନାନାଦି ମତବାଦ ଶିବିରରେ ବିଭକ୍ତ ସଭ୍ୟତା ଆଜି ବିଶେଷଭାବେ ଶୂନ୍ୟଗର୍ଭ । ତେଣୁ ମହତ୍ କାବ୍ୟ ବା ମହତ୍ ନାଟକ ରଚନା କରିବାକୁ ହେଲେ ଆଜିର ମିଥହୀନ ସଭ୍ୟତାର ପ୍ରତିନିଧି ସ୍ଥାନୀୟ କବିଙ୍କୁ ମିଥ୍ ନିକଟକୁ ପ୍ରତ୍ୟାବର୍ତ୍ତନ କରିବାକୁ ହେବ । ଯଦିଓ ପ୍ରାଚୀନ ଗ୍ରୀକ୍ 'mythos' ଶବ୍ଦଟିର ଅର୍ଥ ହେଲା 'ଗଳ୍ପ' ଓ 'Logaus' ର ଅର୍ଥ ହେଲା 'କହିବା' କିନ୍ତୁ ଯେ କୌଣସି ଗଳ୍ପ କହିବାକୁ ମିଥ୍‌ର ପରିସରଭୁକ୍ତ କରିହେବ ନାହିଁ । ବିଶ୍ୱ ସୃଷ୍ଟି, ସ୍ଥିତି ଓ ପ୍ରଳୟର ରହସ୍ୟ, ଭୂମିର ଉର୍ବରତା, ଜନ୍ମ ମୃତ୍ୟୁ ଓ ପୁନର୍ଜନ୍ମ ବିଷୟକ ପ୍ରଶ୍ନ, ଅଲୌକିକ ବୀର ଓ ଦେବତା ମାନଙ୍କର କାର୍ଯ୍ୟକଳାପ ପ୍ରଭୃତି ମିଥ୍ ସୃଷ୍ଟିର ପ୍ରଧାନ ଉପଜୀବ୍ୟ । ଯେକୌଣସି ସାଙ୍କେତିକ ଘଟଣା ଏବଂ ଉପାଖ୍ୟାନର ସ୍ୱରୂପ ମିଥ୍‌ରେ ସ୍ଥାନ ପାଏ; ଯାହା ମଧ୍ୟ ଦେଇ ଆମ୍ଭେମାନେ ବାସ୍ତବ ଜଗତ ମଧ୍ୟରେ ଅଲୌକିକତାର ଉଦ୍ଭାସନ ଦେଖିବାକୁ ପାଉଥାଉ ।" (ପୃ-୨୭- ଆଧୁନିକ ଓଡ଼ିଆ କବିତା ଓ ମିଥ୍ ପ୍ରସଙ୍ଗ) । ମିଥ୍ ପ୍ରତି ସାହିତ୍ୟକ ମାନଙ୍କର ଆକର୍ଷଣ ଏକ ସହଜାତ ପ୍ରକ୍ରିୟା । ଯୁଗେ ଯୁଗେ ମିଥ୍ କାହାଣୀକୁ ସାହିତ୍ୟିକଗଣ ପରିବର୍ତ୍ତନ ଓ ରୂପାନ୍ତର କରି ଯୁଗ ଚେତନାରେ ସମୀଭୂତ କରିଥାନ୍ତି । ଯଥାର୍ଥ ମିଥ୍ କାହାଣୀର ଅବିକୃତ ରୂପ ହୁଏତ ସେମାନଙ୍କ ରଚନାରେ ଦେଖିବାକୁ ମିଳେନା, ତଥାପି ନିଜ ଯୁଗର କାହାଣୀ କହିବାକୁ ଯାଇ ବିଶ୍ୱର ସାହିତ୍ୟିକ ଯୁଗେ ଯୁଗେ କାହିଁକି ପ୍ରଚୀନତା କଥା ଓ କାହାଣୀର ଆଶ୍ରୟ ନିଅନ୍ତି ? ଫ୍ରଏଡ୍ ମିଥ୍‌କୁ ବିଶେଷ ମାତ୍ରାର ଏକ ଫାଣ୍ଟାସି ବୋଲି ବୁଝନ୍ତି ଓ ମିଥ୍‌ର ସଂଜ୍ଞା ନିରୂପଣ କରି ଉପରୋକ୍ତ ପ୍ରସଙ୍ଗରେ କହନ୍ତି – (mythos) are distored vestiges of the wishful fantasies of whole nation the secular dreams of youthful humanity. "ଫ୍ରଏଡ୍ ମଣିଷ ମନର ଯେଉଁସବୁ ଗୂଢ଼ୈଷଣା, ଯୌନକାମନା ଓ ନିଷିଦ୍ଧ କାମନା ଲକ୍ଷ୍ୟ କରିଛନ୍ତି ତାହାକୁ ହିଁ ଅଭିବ୍ୟକ୍ତି ଦେବାକୁ ସେ ମିଥ୍ ବ୍ୟବହାର କରିଛନ୍ତି । ୟୁଙ୍ଗଙ୍କ ଧାରଣା ଭିନ୍ନ । ସେ ବଡ଼ ଶୁଭ ବିଶ୍ୱାସୀ, ମଣିଷ ଯେ ଜୀବନର ଆଧ୍ୟାତ୍ମିକ ତାତ୍ପର୍ଯ୍ୟ ଖୋଜେ, ଏହା ସେ ବିଶ୍ୱାସ କରନ୍ତି । ସବୁ ମଣିଷଙ୍କ ଭିତରେ ଅଛି ଏକ Active soul ଯିଏ ସତ୍ୟକୁ ଦେଖେ, ସୌନ୍ଦର୍ଯ୍ୟ ସୃଷ୍ଟି କରେ । ମିଥ୍ ଅଧ୍ୟୟନ କ୍ଷେତ୍ରରେ ତାଙ୍କର ଏହି ଧାରଣାଟି ପୁଷ୍ଟ ଓ ବଳିଷ୍ଠ ହୋଇଛି । ମିଥ୍ ତାଙ୍କ ସାମୂହିକ ଅବଚେତନର ଅବିଚ୍ଛେଦ୍ୟ ଉପାଦାନ । ଅବଚେତନକୁ ସେ ଦୁଇ ଭାଗରେ ବିଭକ୍ତ କରନ୍ତି । ବ୍ୟକ୍ତିଗତ ଅବଚେତନ ଓ ସାମୂହିକ ଅବଚେତନ । ସାମୂହିକ ଅବଚେତନ ଅଜ, ନିତ୍ୟ, ଶାଶ୍ୱତ ଓ ପୁରାଣ । ପୁଣି ସଂପୂର୍ଣ୍ଣ ସାର୍ବଜନୀନ । ଫ୍ରଏଡ୍ ଓ ୟୁଙ୍ଗ ମିଥ୍ ବ୍ୟାଖ୍ୟାର ଏ ଯେଉଁ ନୂଆ ସମ୍ଭାବନାଟିର ଦ୍ୱାରା ଉନ୍ମୁକ୍ତ କରିଦେଲେ ତାହା ବିଂଶ ଶତାବ୍ଦୀର କଳା ଓ ସାହିତ୍ୟରେ ମିଥ୍ ବ୍ୟବହାର କ୍ଷେତ୍ରକୁ ଯଥେଷ୍ଟ ସଂପ୍ରସାରିତ କରିଦେଲା । ଦୁହିଁଙ୍କ ବ୍ୟାଖ୍ୟାରେ ପାର୍ଥକ୍ୟ ଅଛି । ମାତ୍ର ଦୁହେଁ ମିଥ୍‌କୁ ଅବଚେତନ ମନର ଆବେଗରନୁଭୂତିର ଉଦ୍ଭାସନ ଭାବରେ ଗ୍ରହଣ କରିଛନ୍ତି । ଫଳରେ ସାହିତ୍ୟ ପ୍ରତି ନୂତନ ଆଭିମୁଖ୍ୟଟିଏ ଗଢ଼ିଉଠିଛି ।"

ଊନବିଂଶ ଶତାବ୍ଦୀର ଶେଷ ଭାଗରେ କବି ରାଧାନାଥ ପ୍ରଥମେ ଓଡ଼ିଆ କବିତାରେ ଆଧୁନିକତାର ସୂତ୍ରପାତ କରନ୍ତି । ସେ ଓଡ଼ିଆ ସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବକୁ ସ୍ୱୀକାର କରନ୍ତି ଓ ଓଡ଼ିଆ କବିତାକୁ ରୀତିକାବ୍ୟ ପରଂପରାରୁ ମୁକ୍ତି ଦିଅନ୍ତି । "ପରେ କବି ମଧୁସୂଦନ ସମ୍ବୋଧଗୀତିକା, ଚତୁର୍ଦ୍ଦଶପଦୀ କବିତା ଓ ଶୋକଗୀତିକା ତଥା ସ୍ପେନ୍‌ସରିଆନ୍‌ଷ୍ଟାନ୍‌ଜା ପ୍ରବର୍ତ୍ତନ କରି ଓଡ଼ିଆ ଗୀତି କବିତାର ଆଙ୍ଗିକକୁ ବଦଳାଇ ଦିଅନ୍ତି । ବ୍ୟାସକବି ଫକୀରମୋହନ ଦୈନନ୍ଦିନ ଜୀବନର ଘଟଣାବଳୀକୁ ଗୀତି କବିତାର ଉପାଦାନ ଭାବରେ ଗ୍ରହଣ କରନ୍ତି ଓ କଥିତ ଭାଷାକୁ କାବ୍ୟ ଭାଷାର ମର୍ଯ୍ୟାଦ ଦିଅନ୍ତି । ରାୟ-ରାଓ ଓ ସେନାପତିଙ୍କ ନୂତନ ପ୍ରଚେଷ୍ଟାରେ ଓଡ଼ିଆ କବିତା ମୁକ୍ତ ଚେତନାର ବାହନ ହୋଇଉଠେ, ପୁରୁଣା ଐତିହ୍ୟ ବିରୁଦ୍ଧରେ ବିଦ୍ରୋହ କରି ନୂତନ ଏକ ଐତିହ୍ୟ ଗଢ଼ିଦିଏ । ରାଧାନାଥ ଯୁଗସ୍ରଷ୍ଟା । ସେ ନିଜ ବକ୍ତବ୍ୟକୁ ରୂପ ଦେବାକୁ ପ୍ରାୟ ମୌଳିକ କାହାଣୀ କଳ୍ପନା କରିପାରୁ ନ ଥିଲେ, ତେଣୁ ସେଥିଲାଗି ପାଶ୍ଚାତ୍ୟ ସାହିତ୍ୟରୁ କାହାଣୀ ସଂଗ୍ରହ କରି ଓଡ଼ିଆର ଭୂଗୋଳ, ଇତିହାସ ଓ କିମ୍ବଦନ୍ତୀ ସହିତ ତାକୁ ମିଳାଇ ନେଉଥିଲେ କିମ୍ବା ଆମ ପୁରାଣ ବ୍ୟବହାର କରିପାରୁଥିଲେ । ପ୍ରତି ଯୁଗରେ ଆଧୁନିକ କବିତା ଜନ୍ମ ନିଏ, କିନ୍ତୁ ନୂତନ ଯୁଗ ଆସିଲେ ପୁରୁଣା ଯୁଗର ସେହି ଆଧୁନିକ କବିତା ଅନାଧୁନିକ ହେବାକୁ ବାଧ୍ୟ

ହୁଏ" । ଆଜି ଯାହାକୁ ଆଧୁନିକ କବିତା କୁହାଯାଉଛି, ତାହାର ଭାଷା, ପ୍ରସଙ୍ଗ, ପଦ୍ଧତି ଓ ପ୍ରକରଣ ସହିତ ୧୯୩୫ର ଆଧୁନିକତାର କୌଣସି ସଂପର୍କ ନାହିଁ କହିଲେ ଚଳେ । ଆଧୁନିକତାଠାରୁ ନିଜକୁ ସ୍ୱତନ୍ତ୍ର ବୋଲି ପ୍ରତିପନ୍ନ କରିବାକୁ ନୂତନ ନାମରେ ପରିଚିତ ହୁଏ । ୧୯୫୫ରେ ପ୍ରକାଶ ପାଏ କବି ଗୁରୁପ୍ରସାଦ ମହାନ୍ତି ଓ ଭାନୁଜୀ ରାଓ କବିତାର ଏକ ମିଳିତ ସଂକଳନ 'ନୂତନ କବିତା' । ମାତ୍ର ଗୁରୁପ୍ରସାଦଙ୍କ ମିଥ୍‌ବୋଧଟି ଭାରତୀୟ । ଅନୁସରଣ ରେ ଯଦିଓ ପାଶ୍ଚାତ୍ୟ ପ୍ରସଙ୍ଗ ଓ ପ୍ରୟୋଗ ରହିଛି । ଏଠି ପ୍ରଶ୍ନ ଉଠେ ମିଥ୍ କଣ ? ଅନ୍ତତଃ ଏଇ ସିଦ୍ଧାନ୍ତରେ ମୁଁ ଉପନୀତ ଯେ **ପୁରାଣର କଥାବସ୍ତୁକୁ ସଂଗ୍ରହ କରି ପ୍ରସଙ୍ଗଭିତ୍ତିକ କରି ସାଂପ୍ରତିକ ସମୟର କଥାବସ୍ତୁ ସହ ସଂଶ୍ଳିଷ୍ଟ କରିବା ହିଁ ମିଥ୍ ।** ଗୁରୁପ୍ରସାଦଙ୍କ କାବ୍ୟନାୟକର ପାପବୋଧ, ଅମଙ୍ଗଳ ମଙ୍ଗଳ ଭାବନା, ସ୍ଥିତିଗତ କ୍ଳୀବତା ଓ ଉଦ୍‌ବିଗ୍ନତା ସର୍ବୋପରି ଆଧ୍ୟାତ୍ମିକ ଅସ୍ପୃହାର ପରିପ୍ରକାଶ ପ୍ରସଙ୍ଗ, କୁମ୍ଭୀପାକ ନର୍କ, ଏକପାଦ ବୃକ୍ଷର କଥା, ଏକ ଦେହେ ପୁରୁଷ ଓ ନାରୀ ଭାବେ ଜନ୍ମ ପ୍ରସଙ୍ଗ ପ୍ରଭୃତି ଭାରତୀୟ ମିଥ୍‌କାଳ ଚରିତ୍ର ଆଧାର ତାଙ୍କ ବକ୍ତବ୍ୟକୁ ସମୃଦ୍ଧ କରିବା ସଙ୍ଗେ ସଙ୍ଗେ କାବ୍ୟ ନାୟକକୁ ଏକ ସାଂସ୍କୃତିକ ପରିପ୍ରେକ୍ଷା ପ୍ରଦାନ କରିଛି । କବି କାଳପୁରୁଷ ଓ ଅକ୍ରୁର ଉବାଚରେ ଅକ୍ରୁର ଓ ଉଦ୍ଧବଙ୍କ ଭିତରେ ମୁକ୍ତିକାମୀ ଓ ଜୀବନକାମୀ ମୁମୁର୍ଷୁ ଆତ୍ମାର ସ୍ୱର୍ଶକାତରତା ଅତି କଳାସଂଗତ କରିପାରିଛନ୍ତି ।

## ପ୍ରସଙ୍ଗାନୁଯାୟୀ ବିଶ୍ଳେଷଣ :

"ମିଥ୍"କୁ ଆଶ୍ରୟ କରିବା ଅର୍ଥ ପୁରାଣ ବା ପୌରାଣିକ ଆଖ୍ୟାନ, ଚରିତ୍ର ପ୍ରଭୃତିକୁ ବର୍ଣ୍ଣନା କରିବା ବା ପ୍ରଶୟ ଦେବା ନୁହେଁ । ମିଥ୍ ଏକ ଶକ୍ତିଶାଳୀ ଅନୁଚ୍ଚାରିତ ମନ୍ତ୍ର । ଏହା ଯଦି ଅଭିମନ୍ତ୍ରିତ ହୁଏ କବିର ଲିଖନୀରେ, ତେବେ ସେ ଆଶ୍ଚର୍ଯ୍ୟ ଭାବେ କବିର ଉଦ୍ଦେଶ୍ୟ ସାଧନ କରିଥାଏ । ମିଥ୍ ବ୍ୟବହାରର ଅର୍ଥ ପ୍ରାଚୀନ ପନ୍ଥୀ ହେବା, ରକ୍ଷଣଶୀଳ ହେବା, ନିର୍ଦ୍ଦିଷ୍ଟ ଧର୍ମ ପ୍ରତି ମୋହ ସୃଷ୍ଟି କରିବା ନୁହେଁ । ଅଲୌକିକ ଏବଂ ଆପାତତଃ ଆଧୁନିକ ବିଜ୍ଞାନ ଯୁଗ ପାଇଁ ଅବିଶ୍ୱାସ ଏବଂ ଅସମ୍ଭବ ମିଥ୍ କାହାଣୀର ଆଲୋଚନା ପ୍ରସଙ୍ଗରେ ଦେଖାଯାଇଛି ଯେ ମିଥ୍ କାହାଣୀ ଆଧୁନିକ ଯୁଗ ପାଇଁ ଅବାସ୍ତବ ଭଳି ମନେହେଲେ ବି ସେହି ସଙ୍କେତଧର୍ମୀ, ଜୀବନ ଜଜ୍ଞାସା ଓ ରହସ୍ୟପୂର୍ଣ୍ଣ ଘଟଣା ବହୁ କାଳ ଧରି ମନୁଷ୍ୟର ହୃଦୟକୁ ଅଧିକାର କରିଅଛି ଏବଂ ସେଗୁଡିକ କେବଳ ଆଧୁନିକ ମଣିଷ ପାଖରେ କୌତୂହଳ ନୁହେଁ, ଆଧୁନିକ କବିମାନେ ଯଦି ସେସବୁ ଘଟଣାକୁ ସାଙ୍କେତିକ, ପ୍ରତୀକ ବା ଆଭାସ ଭାବେ ପରିସ୍ଫୁଟ କରନ୍ତି ତେବେ ସେମାନେ ଅର୍ବାଚୀନ କାହାଣୀର ଦୁର୍ବଳତା ପରିହାର କରି ପାରନ୍ତେ ଏବଂ ସେମାନେ ନିଜସ୍ୱ ଜୀବନ, ଚେତନା, ସଂପନ୍ନ ବ୍ୟକ୍ତିତ୍ୱକୁ ଗଭୀର ଭାବେ ପ୍ରକାଶ କରିବା ସମ୍ଭବ ହୋଇ ପାରନ୍ତା ।" (ପୃ/୨୪୩/ଆଧୁନିକ ଓଡ଼ିଆ କବିତା ଓ ମିଥ୍‌ପ୍ରସଙ୍ଗ)। ଗୁରୁପ୍ରସାଦଙ୍କ କବିତାରେ ଆଧ୍ୟାତ୍ମିକ ଓ ମୁକ୍ତିକାମୀ ମଣିଷର ଜୀବନ ଜିଜ୍ଞାସା ମିଶିକରି ରହିଛି । ସମୁଦ୍ର ସ୍ନାନରେ 'କାଳପୁରୁଷ' ଓ 'ଅକ୍ରୁର ଉବାଚ' କବିତା ଦ୍ୱୟ ଦେହର ବଳୟ ଓ ଯୁଗର କ୍ଳାନ୍ତି ଓ ଗ୍ଳାନିରୁ ମୁକ୍ତି – ବ୍ୟାକୁଳତାର ସ୍ୱର ବହନ କରିଛି । ଗୁରୁପ୍ରସାଦଙ୍କ ଅନ୍ୱେଷାଧର୍ମୀ ଯାତ୍ରା ଭିତରେ ଅତୀତ ଭାରତର ଗୌରବୋଜ୍ଜ୍ୱଳ ପରମ୍ପରା ନେଇ ଏକ ଅତୀତ ଅଭିମୁଖୀ ସ୍ମୃତିସ୍ପର୍ଶ ଏବଂ ସାମ୍ପ୍ରତିକ କାଳର ଦୁଃସ୍ଥିତି ଓ ବିଡ଼ମ୍ବନାଗତ କାରୁଣ୍ୟକୁ ଅନୁଭବ କରିହୁଏ । କାଳପୁରୁଷରୁ ଏଇ ପ୍ରସଙ୍ଗରେ କୋଟୋଟି ପଂକ୍ତି ଉଦ୍ଧାର କରାଯାଇପାରେ ।

ମୁଁ ତୁମକୁ ଖୋଜିଥିଲି କେତେ ରେଳପୋଲ ଡେଇଁ
କେତେ ଯୁଗ ଯୁଗାନ୍ତର ସିଂହଳ ଓ ମାଳୟ ଦ୍ୱୀପରେ
କେତେ ଗଳି କୋଠା ଡେଇଁ ବିବର୍ଣ୍ଣ ସ୍ତୂପ ବାରବାଟୀ ପାଚିରୀ ଭିତରେ
ଗଡ଼ଖାଇ ତଳେ କେତେ ସୁଡ଼ଙ୍ଗ ଓ ଅରିମା ଭିତରେ

X X X X X

ମୋ ଦେଶର ନିରନ୍ନ ଜନତା........ ।

(ପୃ. ୭୫/ଗୁରୁପ୍ରସାଦ କବିତା)

'କାଳପୁରୁଷ' ଇଲିୟଟ୍‌ଙ୍କ କାବ୍ୟ 'The Waste Land'ର ଅନୁସରଣ ଓ ଆହରଣ ହୋଇପାରେ । କିନ୍ତୁ ଏହି ଅନୁସରଣରେ ଶ୍ରୀ ମହାନ୍ତିଙ୍କର ଚିନ୍ତାଧାରାରେ ଯେଉଁ ସମୀକରଣ ବା ଚମତ୍କାର ସିନ୍ଥେସିସ୍ ଘଟିଛି, ତାହା କଦାପି ଉପେକ୍ଷମାଣ ନୁହେଁ । ଏହି କବିତାରେ ଜୀବନ ପ୍ରତି କବିଙ୍କର ଦୃଷ୍ଟିଭଙ୍ଗୀ ତାର ପୂର୍ବବର୍ତ୍ତୀ ଚେତନାର ଏକ ପରିଣତ ଆତ୍ମପ୍ରତିଷ୍ଠା ଦାବି କରେ । ଏକ ଅନ୍ତସାରଶୂନ୍ୟ ସଭ୍ୟତାର ଆଭ୍ୟନ୍ତରୀଣ ରୂପକୁ ଆଘାତ ଦେଇ ୧୯୨୨ ରେ କବି ଏଲିୟଟ୍ ଯେଉଁପରି ତୀବ୍ର ବିଦ୍ରୂପର ସ୍ୱର ଉତ୍ତୋଳନ କରିଥିଲେ, ଏଇ ପରିକଳ୍ପନାର ସମତା ରକ୍ଷା କରି ଶ୍ରୀ ମହାନ୍ତି ଉତ୍ତର- ପଚାଶରେ ଆମ ସମାଜର ସେଇ ବିଷାଗ୍ରସ୍ତ ନଗ୍ନ ରୂପକୁ ଉନ୍ମୋଚନ କରିଛନ୍ତି । ଅକ୍ରୁର ଓ ଉଦ୍ଧବଙ୍କୁ ମୁକ୍ତି – ସନ୍ଧାନର ପ୍ରତୀକ ଭାବେ ଉଲ୍ଲେଖ କରାଯାଇଛି । ବସ୍ତୁତଃ ଏହି ମର୍ମରେ; ସମଗ୍ର କାଳପୁରୁଷର କାବ୍ୟସ୍ୱର ଏକ ଅତୃପ୍ତ ଓ ନିଃସଙ୍ଗ ବେଦନାବୋଧରେ ପରିପୂର୍ଣ୍ଣ । ତେଣୁ ଏଠାରେ ମୁକ୍ତି ପିପାସାର ସ୍ୱର ମଧ୍ୟ ଏହି ବିଷର୍ଣ୍ଣବୋଧରେ ଜର୍ଜରିତ । ସହରୀ ସଭ୍ୟତାର ତୀବ୍ର ଅନ୍ତଃସାରଶୂନ୍ୟତା, ସାଂପ୍ରତିକ ଜୀବନର ଗ୍ଲାନି ଜର୍ଜରିତ କାରୁଣ୍ୟ, ବ୍ୟକ୍ତି ବିଶେଷର ଅସହାୟ ସ୍ଥିତି ଓ ଏକାନ୍ତ ନିଃସଙ୍ଗତା ଏବଂ ସର୍ବୋପରି ଯୁଦ୍ଧ ପରବର୍ତ୍ତୀ ସମୟର ନିଃଶବ୍ଦ ବେଦନା ଭିତରେ କାଳପୁରୁଷର କାବ୍ୟନାୟକ କୌଣସି ଉଲ୍ଲେଖଯୋଗ୍ୟ ସମାଧାନର ସୂତ୍ର ଖୋଜିପାଇନାହିଁ । ତେଣୁ ଏକ ଆଧ୍ୟାତ୍ମିକ ଚେତନା ପାଖରେ ଆତ୍ମସମର୍ପଣ କରିଛି ।

ମୁଁ କାନ୍ଦିଲି ଯେତେବେଳେ ସମୟର ଶବ୍ଦ ବାରି
ଜରା ମୃତ୍ୟୁ ବ୍ୟାଧି ଆଉ ଘାତକର ଭୟ ।
ହେ ଅକ୍ରୂର ହେ ଉଦ୍ଧବ ସଖା ମୋର ପ୍ରାଣର ଦୋସର,
ରୁହ ରୁହ ଛିଡା ରୁହ ପିଠିରେ ମୋ ତୁମ ପରି ବୋଝ
ଆଜି ଯେବେ ରାଜ୍ୟ ଯାଏ ରାଜା ଯାଏ ଛାରଖାର ପ୍ରଜା ଓ ପାଟକ
ମୁଁ ତୁମର ଅନୁଗାମୀ ଆଦି ଅନ୍ତ କାହିଁ ବା ବାଟର ?

(ପୃ.୭୫/ ଗୁରୁପ୍ରସାଦ କବିତା)

'କାଳପୁରୁଷ' ଏକ ଯୁଗୋପଯୋଗୀ ସୃଷ୍ଟି, ଯହିଁରୁ ଏକ ବ୍ୟାପକ ପରିଧିରେ ଆମ ଜୀବନ ଓ ସମାଜର ପରିବର୍ତ୍ତିତ ବ୍ୟାଧିଗ୍ରସ୍ତ ଚିତ୍ରଟି ଅନୁଭବି ହୁଏ । 'ଦି ୱେଷ୍ଟଲ୍ୟାଣ୍ଡ ଆଣ୍ଡ ଅଦର ପୋଏମସ୍' ଲେଖାଯାଇନଥିଲେ ହୁଏତ 'କାଳପୁରୁଷ' ଲେଖିବା ସମ୍ଭବ ହୋଇ ନ ଥାନ୍ତା । ପ୍ରତ୍ୟକ ଭଲ କବି ତାର ପୂର୍ବବର୍ତ୍ତୀ କବିଙ୍କ ଠାରେ ଋଣୀ, ଯେପରି କି 'ଇଲୟଟ୍' ନିଜେ ଦାନ୍ତେଙ୍କ ଠାରେ ଋଣୀ ବା ରାଧାନାଥ 'ଓଭିଡ୍' ଙ୍କ ଠାରେ ଋଣୀ ସେହିପରି ଗୁରୁପ୍ରସାଦ ଏଲିୟଟ୍ଙ୍କ ଠାରେ ଋଣୀ, ଏହାକୁ ହିଁ ବୋଧହୁଏ ଏଲିୟଟ୍ ଐତିହ୍ୟ ବୋଲି ନାମିତ କରିଥିଲେ ଫଳରେ 'କାଳପୁରୁଷ' ଓ 'ୱେଷ୍ଟଲଣ୍ଡ' , ଏଇ ସୃଜନଶୀଳ ଚେତନାର ପରସ୍ପର ସହ ସଂପର୍କୀତ ବିଭିନ୍ନ ଭାବବୋଧ, ଯେଉଁମାନଙ୍କର ସାଧାରଣ ଗୁଣ ଏହି ଚେତନାକୁ ଏକ ସମକାଳୀନ ସଂଗଠନରେ ପ୍ରକାଶ କରିବାରେ କଳାସଂଗତ ।

ଜୀବନକୁ ମୃତ୍ୟୁ ହାତରୁ ବଞ୍ଚାଇବାକୁ ହେବ । କବି ଏଥିପାଇଁ ସାହାଯ୍ୟ ନେଇଛନ୍ତି ପୁରାଣର ଚରିତ୍ରମାନଙ୍କୁ । ସେମାନଙ୍କୁ କାବ୍ୟ ପୃଷ୍ଠକୁ ଆଣି ଲୋଡିଛନ୍ତି ଆମ ପରଂପରାର ସମର୍ଥନ । ସେମାନେ ହେଲେ ଅକ୍ରୂର ଓ ଉଦ୍ଧବ, ପରୀକ୍ଷିତ, ଅରୁନ୍ଧତୀ, ଇଳା, କୁମ୍ଭୀପାକ ନରକ ଇତ୍ୟାଦି । ଏଥିସହିତ ଆସିଛନ୍ତି ଇଞ୍ଜିନିୟର ସ୍ଥାର୍ଡ ଦାସ , ଡ଼େପୁଟି, ରମୁ, ରମୁର ସ୍ତ୍ରୀ ଏବଂ ମୁଁ (ନିଜେ କବି) । ଏହି ଚରିତ୍ର ଭିତରେ ଆସିଛି ଚିତ୍ରକଳ୍ପ ଓ ପ୍ରତୀକ । ଜହ୍ନ, ଝରଣା, ତାରା, ରାମକୃଷ୍ଣ ମଠ, ଏମାର ମଠ, ଉଜ୍ଜୟିନୀ, ଦନ୍ତପୁର ପ୍ରଭୃତି ଉପାଦାନ । କାବ୍ୟାଙ୍ଗରେ ଏ ସବୁର ସମାବେଶ ପ୍ରସଙ୍ଗକୁ ଅଧିକ ଅର୍ଥବନ୍ତ ଓ ଶ୍ରୁତି ମଧୁର କରିଛି । କାଳପୁରୁଷର ହାତରୁ ଜୀବନକୁ ଉଦ୍ଧାର ସତ୍ୟ, ଆଲୋକ ଓ ଅମୃତଲୋକକୁ ଉର୍ତ୍ତୀର୍ଣ୍ଣ କରିନେବାକୁ କବିତାର ପ୍ରଚେଷ୍ଟା ଶେଷପର୍ଯ୍ୟନ୍ତ । ପୁରାଣ ପୃଷ୍ଠାର ଚରିତ୍ର 'ଅକ୍ରୂର' କୃଷ୍ଣଙ୍କୁ ଆଣିଛନ୍ତି କଂସର ମୃତ୍ୟୁ ପାଇଁ । ଉଦ୍ଧବ ଗୋପପୁରକୁ ଯାଇଛନ୍ତି କୃଷ୍ଣଙ୍କୁ ସମ୍ବାଦ ଦେବେ ଓ ପରେ ଈଶ୍ୱରଙ୍କ ବାର୍ତ୍ତା ପ୍ରଚାର କରିବେ । ଏହି ଆଧ୍ୟାତ୍ମିକ ଦାୟିତ୍ୱ ନେଇ ପୁରାଣର ଚରିତ୍ର ଦୁଇଟି ଅଦ୍ୟାବଧି ଭାରତୀୟ ମାନସପଟରେ ସ୍ମରଣୀୟ ।

"ହେ ଅକ୍ରୂର ହେ ଉଦ୍ଧବ ସଖା ମୋର ପ୍ରାଣର ଦୋସର
ରୁହ ରୁହ ଛିଡ଼ା ରୁହ ପିଠିରେ ମୋ ତୁମ ପରି ବୋଝ
ମୁଁ ଯିବି ତୁମରି ପରି ତାରା ଖୋଜି ଜହ୍ନ ଖୋଜି, ଖୋଜି ଖୋଜି
ଝରଣାର ସୁଅ / ମୁଁ ଯିବି ତୁମରି ପରି ଖୋଜି ମୋର ପିତାମାତା
ନିର୍ମୂଳୀ ନଟାରେ ଖୋଜି / ଅରୁନ୍ଧତୀ ତାରାର ଆଲୁଅ ।"

(ପୃ-୭୨-ଗୁରୁ ପ୍ରସାଦ କବିତା)

ଏଲିୟଟ୍ଙ୍କ ମିଥ୍ ଚେତନା ଦ୍ୱାରା ପ୍ରଭାବିତ ଗୁରୁ ପ୍ରସାଦଙ୍କ ଅଂକୁର । 'ସିମିୟନ'- ବାଇବେଲର ଏକ ପ୍ରମୁଖ ଚରିତ୍ର । ଯୀଶୁଙ୍କ ଧରାବତରଣରେ ଯିଏ ଅତ୍ୟନ୍ତ ଖୁସି; ଠିକ୍ ଅକ୍ରୂରଙ୍କ ପରି । କିନ୍ତୁ ବିଷାଦବୋଧରେ ଜର୍ଜରିତ ସେ ଆଗତ ଭବିଷ୍ୟତକୁ ଅନୁଭବି । ସେ ବିଷାଦର କାରଣଟି ହେଲା ଭବିଷ୍ୟତରେ ଯୀଶୁଙ୍କର କ୍ରୁଶବିଦ୍ଧ ହେବାର ଅଭାବନୀୟ ଘଟଣା । ଏମିତି ଦୃଶ୍ୟ ଦେଖିବା ପୂର୍ବରୁ ସିମିୟନ ଚାହିଁଛନ୍ତି ଧରାପୃଷ୍ଠରୁ ନିସ୍ତାର-

"Grant me thy peace
(And a sward shall pierce thy heart; thine also)
I am tired with my own life
Lives of those after and the me
I am dying with my own death and
the death of those after me.
Let the servant depart
Having seen the salvation"

ସାମନ୍ତରାଳ ଭାବେ 'ଅକ୍ରୁରଙ୍କୁ ଜୀବନ ମଧ କ୍ଳାନ୍ତ । କାରଣ ସିମିୟନ୍ ଦେଖିଲା ପରି ସେ ମଧ ଅନୁଭବିଛନ୍ତି ଅନ୍ତଃଦୃଷ୍ଟିରେ ଭବିଷ୍ୟତରେ କୃଷ୍ଣଙ୍କର ମୃତ୍ୟୁ, ଯଦିଓ ଗୁରୁପ୍ରସାଦଙ୍କ ଅକ୍ରୁର ଭାଗବତ ପ୍ରସଙ୍ଗଠୁ ଭିନ୍ନ; ମାତ୍ର ଭାଗବତର ଅକ୍ରୁରଙ୍କ ପରି ଏଠି ମଧ ଗୁରୁପ୍ରସାଦଙ୍କ କାବ୍ୟ ନାୟକ ଚାହୁଁଛି ଯନ୍ତ୍ରଣାକ୍ଲିଷ୍ଟ ଆତ୍ମାରୁ ମୁକ୍ତି ।

"ମହାପ୍ରଭୁ ମୁକ୍ତି ଦିଅ– ଏହି ଯାତ୍ରା ଶୁଭ ହେଉ ତୁମରି ଦୟାରୁ
ଏହି ଯାତ୍ରା ହେଉ ମୋର ଶେଷଯାତ୍ରା ଏ ଦେହରୁ
ତୁମର ସଂହାର ଢ଼େଇଁ
ବହୁତ କ୍ଳାନ୍ତି, ପୁନରୁକ୍ତି ଏ ଆତ୍ମାର
ଆଉ ତୁମ ଦୟା କ୍ଷମା କରୁଣାର ସମୁଦ୍ର କୂଳରୁ ।"

ଗୁରୁ ପ୍ରସାଦଙ୍କ କାବ୍ୟ ନାୟକ ଅକ୍ରୁର ଓ ଉଦ୍ଧବଙ୍କ ପରି ନିଜକୁ ମନେକରି ଦାୟିତ୍ୱ ମୁଣ୍ଡେଇଛନ୍ତି ଜୀବନର ଅମୃତତ୍ତ୍ୱ ପ୍ରଚାର କରିବାରେ । ତେଣୁ ତାରା, ଜହ୍ନ, ଝରଣା ମୁକ୍ତିର ପ୍ରତୀକ ଭାବେ ଆସିଛନ୍ତି । ମୁକ୍ତିର ଅନ୍ତରାଳରେ ହିଁ ଆଧାତ୍ମିକ ଉତ୍ତରଣ ଘଟିଛି । ଆଜିର ମଣିଷ ଖୋଜୁଛି ନିର୍ମୂଳି ଲଟା – ସେ ହରାଇଛି ଆତ୍ମ ପରିଚୟ । ତାକୁ ଖୋଜି ପାଇବାକୁ ହେବ ନିଜର ମୂଳସ୍ୱରୂପ । ଏଇ ସନ୍ଧାନର ଅଭିଯାନ ଯେ କୌଣସି ସଭ୍ୟ ଜାତିର ପରମ କର୍ତ୍ତବ୍ୟ । ସେଥିରେ ନିଜର ପରମ୍ପରା, ସଂସ୍କୃତି, ସର୍ବତୋଭାବରେ ମଣିଷର ମୌଳ ସମ୍ବନ୍ଧୀୟ ଜିଜ୍ଞାସାକୁ ପ୍ରସ୍ଫୁଟିତ କରିଛି । ନିର୍ମୂଳୀ ଲଟା ଯଥାର୍ଥରେ ବନ୍ଧନହୀନତାର ପ୍ରତୀକ କାରଣ ତାର କୌଣସି ମୂଳ ନାହିଁ, ସେ ବାୟବୀୟ, ଯେଉଁ ଯନ୍ତ୍ରଣାରେ ଜଳି ଜଳି ଇଲିୟଟ୍ଙ୍କ ବୁଢ଼ାଲୋକଟି

କଣ୍ଠରେ ମୁକ୍ତିର ବ୍ୟାକୁଳ ବନ୍ଦନା ପ୍ରକାଶ ପାଏ – "Burning, Burning, Burning, Burning; O Lord, Thou Pluckest Me Out / O Lord, Thou, Pluckest, Burning". ଏହା ସହିତ ଶ୍ରୀ ମହାନ୍ତିଙ୍କ ଅନ୍ତର୍ଦାହର ସ୍ୱରରେ ସମତା ଲକ୍ଷ୍ୟ କରାଯାଇପାରେ । ଏ ସ୍ୱର ଆକ୍ଷରିକ ଅନୁବାଦ ନୁହେଁ, ବରଂ ଏକ ସମଅନୁଭୂତିରେ ବଳିଷ୍ଠ । ତେଣୁ ନାୟକର ଅନୁଭୂତିରେ ଏହି ଅନ୍ଧକାରର ଚେତନା ଓ ମୃତ୍ୟୁଚିନ୍ତା ସର୍ବତ୍ର ସୁଲଭ । ଅତୀତ ଭୁଲିଛି ମଣିଷ, ଭୁଲିଛି ଆଧ୍ୟାତ୍ମିକତା । ତାକୁ ପୁଣି ଦିବ୍ୟତା ଆଡ଼କୁ ନେଇଯିବାକୁ ହେବ । 'ଅରୁନ୍ଧତୀ' ପ୍ରତୀକ ପୁଣି ମିଥ୍ । ଜୀବନ ପ୍ରତି ଅସୀମ ମମତାର ନିଦର୍ଶକ । ଯଦି ସ୍ୱଷ୍ଟ ଓ ଧୂମ୍ରାଭ ଆଲୋକ ବିଶିଷ୍ଟ ଅରୁନ୍ଧତି ତାରାଙ୍କୁ ସନ୍ଦର୍ଶନ କରେ ତେବେ ମୃତ୍ୟୁର ଆଶଙ୍କା ଦୂର ହେବ । ସେହିପରି 'ଇଳା' ଆଉ ଏକ ମିଥ୍‌ର ପ୍ରତୀକ । ପୁରାଣରେ ବର୍ଣ୍ଣନା ଅଛି ଯେ ମନୁ ଚାହିଁଥିଲେ ତାଙ୍କର ପୁଅଟିଏ ହେଉ, କିନ୍ତୁ ପତ୍ନୀ ଚାହୁଁଥିଲେ ଝିଅ, ସନ୍ତାନ ଜନ୍ମିଲା ଝିଅ ହୋଇ । ବିଷ୍ଣୁଙ୍କ ବରଦାନ ପାଇ ସେ ହେଲା ପୁଅ ସୁଦ୍ୟୁମ୍ନ । ଥରେ ସୁଦ୍ୟୁମ୍ନ ସୁକୁମାର ବଣରେ ପଶିବା ଅପରାଧରେ ହୋଇଗଲେ ନାରୀ । ଶିବଙ୍କ ଦୟାରୁ ବରପାଇ ମାସେ ସ୍ତ୍ରୀ ଓ ମାସେ ପୁରୁଷ ହୋଇ ସେ ଜୀବନ ନିର୍ବାହ କଲେ । ଏହି କଥାଟିକୁ କବି ସୁନ୍ଦର ଭାବେ ଯୋଡ଼ିଛନ୍ତି 'କାଳପୁରୁଷ'ରେ କହିବାର ତାତ୍ପର୍ଯ୍ୟ ଏହା ଯେ ସବୁ ଚରିତ୍ର ନାରୀ ବା ପୁରୁଷ ହୁଅନ୍ତୁ ସେମାନେ ଇଳାଙ୍କର ଭେଦ ମାତ୍ର । ଏହି ପରିପ୍ରେକ୍ଷୀରେ ଡକ୍ଟର ଗିରୀଶ ମିଶ୍ର କହିଛନ୍ତି "ଉଭୟ ଲିଙ୍ଗୀ ଇଳା (Bisexual) ମାନବାତ୍ମାର ପ୍ରତୀକ ।" କବି ଗୁରୁପ୍ରସାଦ ଆଧୁନିକ ମଣିଷ ଭିତରେ ଉଭୟ ସତ୍ତାକୁ ଉପଲବ୍ଧି କରିଛନ୍ତି :–

"ମୁଁ ଆଜି ତଥାପି ଖୋଜେ ଆଦି ଜନ୍ମସ୍ଥାନ ମୋର
ମୋର ଆଦି ପିତାମାତା ଅରୁନ୍ଧତୀ ତାରାର ଆଲୁଅ ।
ଏକ ଦେହେ ଜନ୍ମ ନେଲି ପୁରୁଷ ମୁଁ ସେହି ଦେହେ ନାରୀର ଶୃଙ୍ଗାର
ମୋ ପାଖେ ଏକାଠି ହେଲା ସିଲ୍‌କ ଶାଢୀ ପେଣ୍ଟ କୋର୍ଟ ଧ୍ୱଜଭଙ୍ଗ ପ୍ରସୂତି ଯନ୍ତ୍ରଣା ।

ମୁଁ କାନ୍ଦିଲି ଯେତେବେଳେ ଯାଜପୁର କଟକରେ,
ରାଜାଙ୍କର ଇଳା ନାମେ ଏକମାତ୍ର ପୁତ୍ର ଓ ଦୁହିତା ...."

'କାଳପରୁଷ'ର କାବ୍ୟପୁରୁଷ ସେଥିଲାଗି ବୋଧେ ଇଳା ରୂପରେ ଜୀବନରୂପୀ ନର୍କ ମଧ୍ୟରେ ଦଣ୍ଡାୟମାନ ହୋଇ ମୃତ୍ୟୁଲୋକରୁ ଅମୃତଲୋକକୁ ଗତି କରିବାର ବ୍ୟାକୁଳତା ସୁଲଭ୍ୟ । ଇଳାର ବିଚିତ୍ର ଅନୁଭୂତି 'କାଳପୁରୁଷ'ର ଅନ୍ତରାତ୍ମା ସହ ଯୋଗସୂତ୍ର ସ୍ଥାପନ କରିବାରେ ସମର୍ଥ ହୋଇଛି । ଯୌନାନୁଭୂତିର ମିଥ୍ 'ଇଳା' ଆଧୁନିକ ମଣିଷର ଅସହାୟତା ସହ ପ୍ରାଚୀନ ଐତିହ୍ୟର ସଂପର୍କ ସ୍ଥାପନ କରିପାରିଛି । .....*(ଗିରୀଶ ମିଶ୍ର ପୃ-୧୮୨-୧୮୩) ଆଧୁନିକ କବିତା ଓ ମିଥ୍ ପ୍ରସଙ୍ଗ ।

ସମଗ୍ର ବାଲିଚର, ନଈ ନାଳ ପୋଲ ଅତିକ୍ରମ କରି ଆସିଥିବା ମଣିଷ କଣ ଦେଖୁଛି ? ସବୁଠି ଗୋଟିଏ ଉଦାସୀନତା, ଅଶ୍ଳୀଳ-କ୍ଳୀବତା, ପରାଙ୍ମୁଖ ଜୀବନକୁ ଘେରିଛି ଜଡ଼ତା, ପୁଣି ପ୍ରେମ କୃତ୍ରିମ, ଠିକ୍ ଯେମିତି 'ସିଲ୍‌କ କାମିଜି' ବା 'ଲକ୍‌ସ ସାବୁନ୍‌ର ହସ' ଏ କୃତ୍ରିମତା ଭିତରେ ପ୍ରେମ, ସଂଗୀତ, ଗାନ୍ଧୀ, ମାର୍କ୍ସ, ଜଗନ୍ନାଥ ଦାସ ସବୁ ହୋଇପଡ଼ିଛନ୍ତି ଗତାନୁଗତିକ ମୂଲ୍ୟହୀନ ।

"ପ୍ରେମ ଫ୍ରେମ ବାଜେ ସବୁ ତୁମର
ଏ ସିଲ୍‌କ କାମିଜ୍ ତୁମର ଏ ଲକ୍‌ସ ସାବୁନ୍ ହସ
କୁହ କୁହ କଥା କୁହ ଖରାପ ଲାଗେ ଭାରି ଖରାପ ଛବି
ଫବି ବାଜେ ସବୁ ରେଡ଼ିଓରେ ଖାଲି ବାଜେ ଗୀତ
କୁହ କୁହ କଥା କୁହ ଚୁପ୍ କିଆଁ ରହିଗଲ,
କିଛି ଭଲ ଲାଗେ ନାହିଁ
ମାର୍କ୍ସ, ଗାନ୍ଧୀ, ଜଗନ୍ନାଥ ଦାସ ।"

(ପୃ-୭୦/ ଗୁରୁପ୍ରସାଦ କବିତା)

ଗୁରୁପ୍ରସାଦଙ୍କ 'ହରେକୃଷ୍ଣ ଦାସ', 'ଗୋବର ଗଣେଷ', 'ଅକ୍ରୂର ଉବାଚ', 'ମୃତ୍ୟୁ', 'କପୋତ କପୋତୀ', 'ଛୁଟିର ଖରା', 'ଗୋଟିଏ ମୃତ୍ୟୁର ପରେ ପରେ', 'ଚମ୍ପାଫୁଲ', 'ଆଖିର କପୋତ ମୋର', 'କେଉଁ ଘାସ କେଉଁ ବାଲିଚର', 'ଅଳକା ସାନ୍ୟାଲ୍' ବହୁ ଲୋକପ୍ରିୟ କବିତା । ହରେକୃଷ୍ଣ ଦାସ (୪ଟି) କବିତା ଆଧୁନିକ ମଣିଷର ପ୍ରତୀକ, ଏଲିୟଟ୍‌ଙ୍କ 'ସୁଇନ୍' ପରି ତାର ଜନ୍ମ ଯୁଦ୍ଧ ପର ବିଶ୍ୱରେ । କାଳପୁରୁଷର ନାୟକ ପରି ସେ ଛିନ୍ନମୂଳ, ବିଷର୍ଣ୍ଣ ଓ ବିଚ୍ଛିନ୍ନତାର ପୀଡ଼ାରେ ଜର୍ଜର ।

'ଅପରାଜିତାର ଗାଢ ବାଇଗଣି ବଉଦ ଉପରେ
ସୂର୍ଯ୍ୟ କେବେ ରହିଯାଏ ମୁହୂର୍ତ୍ତକ ହଳଦିଆ ପ୍ରଜାପତି ପରି
ମଣିଷର କେତେ ସ୍ୱପ୍ନ ଆଶା ଓ ନିରାଶା କେତେ ଯୋଜନା ଓ କମିଟି ଭିତରେ
ସୂର୍ଯ୍ୟ କେବେ ନିଭିଯାଏ ଆସ୍ତେ ଆସ୍ତେ ଛୋଟ ହୋଇ
ବ୍ୟାଟେରୀ ନ ଥିବା ସାନ ଟର୍ଚ୍ଚ ଲାଇଟ୍ ପରି ।

(ହରେକୃଷ୍ଣ ଦାସ : ୨/ପୃ-୪୩-ଗୁରୁପ୍ରସାଦ କବିତା)

'ଗୋବର ଗଣେଷ' କବିତା ଅନ୍ୟ ଏକ ଶ୍ଳେଷପୂର୍ଣ୍ଣ ଚିତ୍ର । ଆଜିର ମଣିଷ ଗୋବର ଗଣେଷ ପରି ଅଥର୍ବ ଅକର୍ମା । ଆଶା-ଆକାଙ୍‌କ୍ଷାର ନିଛାଟିଆ ଗଳିମୋଡ଼ ଭିତରେ ପ୍ରେମପଣ୍ୟ ହେଉଥିବାର ଦେଖି ସେ ବିଚାରେ–

'ମୁଁ ବସେ ଝରକା ପାଖେ ଜାକିଜୁକି ଗୋଲ୍ କରି ରଖି ମୋର ଛାତି ପକେଟ୍‌ରେ / ମଲ୍ଲୀହାର ଚମ୍ପାକଢ, ଶାଢୀ ତାର ବ୍ଲାଉଜ ତାର ଗୋଲ ଛାତି କଳା ଆଖି ତାର, / ରୁମାଲରେ ଜାକିଜୁକି ମନମୋର

ଦେହମୋର ଆତ୍ମା ମୋର ମୋ ପୁରୁଷାକାର ।"

*(ପୃ-୧୬/ ଗୁରୁପ୍ରସାଦ କବିତା)

ନାୟକ 'ଗୋବର ଗଣେଷ' ଆଜିର ମଣିଷ । ନିଜର ବିଫଳତାରେ ନିଜେ ଦଗ୍ଧ । ଆଧୁନିକ ମଣିଷର ଏପରି ବିଷାଦବୋଧ ତାର ଦୈହିକ ସ୍ତରରେ ନୁହେଁ । ସେ ଉପରକୁ ବେଶ୍ ଚିକ୍କଣ, ରୁମାଲ୍‌ରେ ମୁହଁ ପୋଛେ । ପଞ୍ଜାବୀରେ ଅତର ଲଗାଏ, ଆରିଶି ଆଗରେ ବସି ନିଜେ ନିଜେ ହସିବାକୁ ଶିଖେ, ତାହା ମାନସିକ ସ୍ତରରେ; କିନ୍ତୁ ଅନ୍ତରରେ ବେପଥୁର କମ୍ପନ ହୁଏ ତ ଶୁଣିପାରେ ଅଥଚ ମାନସିକ ସ୍ତରରେ ତାହା ବଡ଼ ନିରୁତ୍ସାହକ ।

'ଅଳକା ସାନ୍ୟାଲ' କବିତା ଅନୁରୂପ ବିଡ଼ମ୍ବିତ ନାରୀତ୍ୱର ଚିତ୍ର ପ୍ରଦାନ କରେ । ସଚ୍ଚି ରାଉତରାୟଙ୍କ ଅଳକା ସାନ୍ୟାଲ୍ କବିତାଟି ପ୍ରେମ ଓ ସୌନ୍ଦର୍ଯ୍ୟର ପ୍ରତୀକ ନାରୀ ଏକ ମାୟା । ସେ ପୁରୁଷକୁ ଆକର୍ଷଣ କରେ, ତା ପାଖରେ ଖେଳାଏ ଚାଞ୍ଚଲ୍ୟ କିନ୍ତୁ ପରମୁହୂର୍ତ୍ତରେ ଅବଲୁପ୍ତ କରିଦିଏ । ତାର ମାୟା ରୂପରେ ସନ୍ଦିଗ୍ଧ ପୁରୁଷ କାଳ କାଳ ଧରି ତାକୁ ଖୋଜି ଆସେ କାଳର ସୀମା ଲଙ୍ଘନ କରିଛି । ଶେଷରେ ତାର ଅସଂବୃତ୍ତ ରୂପର ସନ୍ଧାନ ପାଇ ମନେ କରିଛି ପ୍ରେମ ଓ ସୌନ୍ଦର୍ଯ୍ୟର ଏକ ଫମ୍ପା ଆଦର୍ଶ । ଅତୀତରେ ଜୀବନାନନ୍ଦ ଦାସ 'ବନଲତା ସେନ୍' କବିତାରେ ରୋମାଣ୍ଟିକ୍ ସୁଲଭ କଳ୍ପନା ବିହ୍ୱଳ ଚିତ୍ତରେ ନାରୀକୁ ପ୍ରେମର ମୂର୍ତ୍ତୀମତି ଲଳନା ମନେ କରିଥିଲେ । କିନ୍ତୁ ଗୁରୁପ୍ରସାଦଙ୍କ କାବ୍ୟସ୍ୱର ନାରୀ ଓ ପ୍ରେମକୁ ନେଇ ଆହୁରି ତୀକ୍ଷ୍ଣ, ଜଟିଳ ଓ ବିଶ୍ଳେଷଣମୁଖୀ; ତାହା ଅଧିକ ବାସ୍ତବତାର ଚିତ୍ର ଉପସ୍ଥାପନ କରେ । 'ସୁନାର ଝରଣା' ଓ 'ଆଖିର କପୋତ' କବିତାରେ ନାୟକର ବ୍ୟାଧି, ଜରା ଓ ମୃତ୍ୟୁ ସଚେତନତା ସତ୍ୱେ ପ୍ରେମ ଆକାଙ୍କ୍ଷା ପ୍ରବଳ । ବିଷାଦବାଦୀ କବି ଗୁରୁପ୍ରସାଦ ସାଂପ୍ରତିକ ସମାଜର ଅନ୍ୟାୟ, ଅତ୍ୟାଚାର, ମଣିଷର ଆତ୍ମଦହନ ଓ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଭକ୍ତ ଅକ୍ରୂର ପରି ଭଗବତ୍ ସତ୍ତା ନିକଟରେ ଆତ୍ମସମର୍ପଣ କରିଛନ୍ତି । ଯେମିତି 'ଅକ୍ରୂର ଉବାଚ' କବିତାର ଅକ୍ରୂର ଆତ୍ମସମର୍ପଣ କରିଛନ୍ତି ।

ଅକ୍ରୂର ଥିଲେ କଂସର ମନ୍ତ୍ରୀ । ପ୍ରାଚୁର୍ଯ୍ୟ ଓ ସମ୍ଭୋଗର ପାରାବାର ମଧ୍ୟରେ ସେ ବୁଡ଼ି ରହିଥିଲେ ଗୋପପୁରରେ କିନ୍ତୁ ତାଙ୍କର ଆତ୍ମପୁରୁଷ ସେଥିରେ ସନ୍ତୁଷ୍ଟ ନଥିଲା । କଂସ ଶାସନର ଆସୁରିକ ପ୍ରଭାବ ସାରା ସମାଜକୁ ଗ୍ରାସ କରିଯାଇଥିଲା । ଭୋଗ, ବିଳାସ, ସନ୍ଦେହ, ଇର୍ଷା, ପରଶ୍ରୀକାତରତା, ଘୃଣା, ପଦପଦବୀ ପାଇଁ ଲୋଭ, ଆପଣାର ସଂସ୍ଥିତି ଲାଗି ଅନ୍ୟର ଧ୍ୱଂସସାଧନା ଆଦି ଗୋପପୁର ଶାସନତନ୍ତ୍ରକୁ ଆବରି ବସିଥିଲା । ଅକ୍ରୂର ପରି କେତେକ ସଚେତନ ବ୍ୟକ୍ତିତ୍ୱ ସେଇ ଶାସନତନ୍ତ୍ର ମଧ୍ୟରେ ସଂପୃକ୍ତ ଥିଲେ ମଧ୍ୟ ସେଥିରୁ ନିସ୍ତାର ନଥିଲା । ଆସୁରିକ ଅହଂକାରୀ ମଦାନ୍ଧ ଶାସନର ଲୋପ ଘଟି ଏକ ସୁସ୍ଥ ସମାଜ ଗଠନର ସ୍ୱପ୍ନ ଦେଖୁଥିଲେ ସେମାନେ । ଆତ୍ମାର ଏହି ଆକୁଳ ସ୍ୱର ଶେଷରେ ରୂପ ନେଲା କୃଷ୍ଣ ଜନ୍ମରେ । କଂସ ବେଳକୁ ବେଳ ଉତ୍ପୀଡ଼କ ଓ ପ୍ରଭାବଶାଳୀ ହୋଇଉଠିଲା । କୃଷ୍ଣ ଜନ୍ମ ସମ୍ବାଦ ଶୁଣି ମୃତ୍ୟୁର ପଦଧ୍ୱନି ସେ ଶୁଣିବାକୁ ପାଇଲା । ଯନ୍ତ୍ରଣାବୋଧ ବଢ଼ିବାକୁ ଲାଗିଲା । ଦିବାରାତ୍ରି ସେ କେବଳ କୃଷ୍ଣଙ୍କ ସ୍ୱପ୍ନ ହିଁ ଦେଖିବାକୁ ଲାଗିଲା । ଏଇ ଦାରୁଣ ମାନସିକ ଦ୍ୱନ୍ଦ୍ୱରୁ ମୁକ୍ତି ପାଇବା ଲାଗି ସେ ଅକ୍ରୂରଙ୍କୁ ପଠାଇଲା କୃଷ୍ଣଙ୍କୁ ଧରି ଗୋପପୁରକୁ ଆସିବା ପାଇଁ । ଅକ୍ରୂର କିନ୍ତୁ ଥିଲେ ସଂପୂର୍ଣ୍ଣ ଆତ୍ମସଚେତନ ବ୍ୟକ୍ତିତ୍ୱ । କୃଷ୍ଣ ଦର୍ଶନ ଲାଗି ତେଣୁ ତାଙ୍କ ଅନ୍ତରରେ ବ୍ୟାକୁଳତା ବହୁଗୁଣିତ ହୋଇଯାଇଥିଲା । ସେ କଣ ସତରେ କୃଷ୍ଣଙ୍କୁ ଦେଖିପାରିବ ? ରାଜଭକ୍ତିର ବିରୋଧାଭାଷ ଭିତରେ ପ୍ରାପ୍ତି ଯେତେ ନିକଟରୁ ନିକଟତର ହେବାକୁ ଲାଗିଲା ଆଧ୍ୟାତ୍ମିକ ଉତ୍ତରଣ ଓ ବ୍ୟାକୁଳତାର ମୁକ୍ତି ସମ୍ଭାବନା ସେତେ କ୍ଷୀଣ ହେବାକୁ ଲାଗିଛି । ଏହି ଭଗବତୀୟ ମିଥ୍‌ର ଆଧୁନିକ କାବ୍ୟରୂପ 'ଅକ୍ରୂର ଉବାଚ' । ସାଂପ୍ରତିକ ସମାଜରେ ଅସନ୍ତୋଷ, ଅଭାବ, ଅନାଟନ, ହିଂସୁକତା, ରିରଂସା ଓ ଜିଘାଂସା ଆଦି ଆସୁରିକ ତନ୍ତ୍ରରୁ କାବ୍ୟ ପୁରୁଷର ମୁକ୍ତି ପିପାସା ହିଁ 'ଅକ୍ରୂର ଉବାଚ' । ଏଠାରେ ଅକ୍ରୂର ନିଜେ କାବ୍ୟପୁରୁଷ । ଆପଣାର ଅନୁଭବକୁ ସେ ବଖାଣି ଯାଇଛନ୍ତି ସ୍ୱତଃପ୍ରବୃତ୍ତ ଭାବରେ । ସମାଜର ଅସହ୍ୟ ଯନ୍ତ୍ରଣାବୋଧର ମୁକ୍ତିଲାଭ ପାଇଁ ସେ ଶରଣଭିକ୍ଷା କରୁଛି ଏକ ଅନାଗତ ଆଧିଭୌତିକ ଅଦୃଶ୍ୟ ଶକ୍ତି ନିକଟରେ । କିନ୍ତୁ ଆଶା ଓ ନୈରାଶ୍ୟର ତୀବ୍ର ଅନ୍ତର୍ଦ୍ୱନ୍ଦ୍ୱରୁ ଆଜିର ଏ ଅକ୍ରୂରର ମୁକ୍ତି କାହିଁ ? ସାଂପ୍ରତିକ ମଣିଷର ମାନସିକ ସ୍ଥିତି ସଂଘାତର ସଫଳ ଉପସ୍ଥାପନ ଘଟିଛି ନିମ୍ନୋକ୍ତ ପଂକ୍ତିରେ :-

'ସନ୍ଧ୍ୟା ଆସେ ଦୂରାଗତ କ୍ଳାନ୍ତ ବାଟୋଇର
ନିସ୍ତେଜ ଆଖିରେ ଆଣି ଅସରନ୍ତି ବାଟର ନିରାଶା ।
ସେଦିନ ଠିକ୍ କ୍ଳାନ୍ତ ତାର ଆଖିପତା ଘୋଡ଼ାଇ ସନ୍ଧ୍ୟାର
ଛାଇ ଆଉ ବିଷର୍ଣ୍ଣତା ଭାରି ହୋଇ ଆସୁଥିଲା -
ଧୂଳି ଆଉ ଖାଲ ଢିପ, ଦିନକର କ୍ଳାନ୍ତି ଆଉ ଖରା
ଠକ୍ ଠକ୍ ଘୋଡାଟାପୁ, ଧୂଳି ଆଉ ଘୋଡ଼ାମୁହଁ ଲଗାମ୍‌ରେ ଫେଣ
ଆଉ ତାର ଥକା ଦେହ ଗଣ୍ଠି ଗଣ୍ଠି ହାଡ଼ ଓ ଚମରେ
ବାଟରେ ନିରାଶା ଆଉ ରକ୍ତମାଂସ ସ୍ନାୟୁର ବିରକ୍ତି ।'

ବହୁ ଦିନର ପ୍ରତୀକ୍ଷାରେ ଅକ୍ରୂରଙ୍କୁ ସୁଯୋଗ ମିଳିଥିଲା କୃଷ୍ଣ ଦର୍ଶନକୁ ଯିବା ପାଇଁ । ହୁଏ ତ ସେତେବେଳେ ତାଙ୍କର ଜୀବନର ସନ୍ଧ୍ୟା, ଆଉ ଆଖିର ଜ୍ୟୋତି ହୋଇଯାଇଥିଲା ନିସ୍ତେଜ, ନିଷ୍ପ୍ରଭ । ଜୀବନରେ ଆସି ଦେଖା ଦେଇଥିଲା ସୀମାହୀନ କ୍ଳାନ୍ତି । ପ୍ରାଣରେ ଭରି ଯାଇଥିଲା ହା ହୁତାଶ, ବିଷର୍ଣ୍ଣତା ଓ ନିରାଶା; କୃଷ୍ଣ ଦର୍ଶନ ଲାଗି

ସେ ବାହାରିଥିଲେ ଏକ କ୍ଲାନ୍ତ ମୁହୂର୍ତ୍ତରେ ଘୋଡ଼ା ଉପରେ ବସି । ଘୋଡ଼ା ମଧ୍ୟ ହୋଇଥିଲା କ୍ଲାନ୍ତ । ଅକ୍ରୂରଙ୍କର ବୃଦ୍ଧ ଶରୀର ଅବଶ ହୋଇ ଆସୁଥିଲା । କୃଷ୍ଣଙ୍କ ଦର୍ଶନ କରିବାର ଯେଉଁ ମହତ୍ ଉଦ୍ଦେଶ୍ୟକୁ ସେ ଆରମ୍ଭ କରିଥିଲେ ଏହି ଅସରନ୍ତି ଯାତ୍ରା, ତାହା କ'ଣ କେବେ ଶେଷ ହେବ ? ସତେ କ'ଣ ସେ ପହଞ୍ଚିପାରିବେ ତାଙ୍କର ଲକ୍ଷ୍ୟ ସ୍ଥଳରେ । ବାଟର ଦୂରତା ସହ ତାଙ୍କର ସ୍ନାୟୁରେ ସ୍ନାୟୁରେ ଖେଳି ଯାଇଥିଲା ବିରକ୍ତି । କାବ୍ୟ ପୁରୁଷର ମାନସିକ ସ୍ଥିତି ମଧ୍ୟ ଅନୁରୂପ । ସାଂପ୍ରତିକ ସମାଜର ପରଂପରା ଓ ଚଳଣିରେ ସେ ଅନ୍ଧ, ବିବ୍ରତ, ପ୍ରାଣ ତାଙ୍କର ବିପର୍ଯ୍ୟସ୍ତ । ଏହି ଅସମ୍ଭବ ଅସହାୟତାରୁ ସେ ଚାହାନ୍ତି ମୁକ୍ତି । ମୁକ୍ତି ପ୍ରୟାସୀ ଆତ୍ମା ତାଙ୍କର କିନ୍ତୁ ଏବେ ବିରକ୍ତ ଏଇ ଅସରନ୍ତି ପ୍ରତୀକ୍ଷା ଯୋଗୁଁ, ବାଟ ତ ସରୁନି, ଦେହ କ୍ଲାନ୍ତ ଓ ଅବଶ । ଗଣ୍ଠି, ଗଣ୍ଠି ହାଡ଼ ଓ ଚମରେ ତାର ପ୍ରତିକ୍ରିୟା । ସ୍ନାୟୁରେ ତାଙ୍କର ବିରକ୍ତିର ଝଡ଼ । କ୍ଲାନ୍ତ କାବ୍ୟପୁରୁଷ ତେଣୁ ଏହି ବିଚିତ୍ର ମାନସିକ ଦ୍ୱନ୍ଦରେ ପଡ଼ି କହୁଛନ୍ତି :-

"ତୁମେ ମୋର ଏ ଦେହର ଚିରନ୍ତନ ଏ ଯାତ୍ରାର ଧୂସର କ୍ଲାନ୍ତିରୁ
ଆଜି କ'ଣ ମୁକ୍ତି ଦେବ ସମୟ ଓ ସମୟର ସଂଗ୍ରାମ ଓ ରକ୍ତପାତ ଠାରୁ ?
ତୁମେ ଯଦି ମୁକ୍ତି ଦିଅ ମତେ ଆଜି ମୋ ଦେହର ପୁନର୍ବାର ଦ୍ୱିରୁକ୍ତି ଭିତରୁ
ସାରଥିର ସାର୍ଥକତା ହୁଏତ ଆଜିର ଏହି ଯାତ୍ରାରେ ମୋ ତୁମର ସହିତ
ହୁଏତ ବା ସାର୍ଥକ ତୁମର ହାତର ଶଙ୍ଖ ଚକ୍ର ଚିହ୍ନ ତଳେ,"

(ଅକ୍ରୂର ଉବାଚ/ ପୃ-୮୧-ଗୁରୁପ୍ରସାଦ କବିତା)

ମୁକ୍ତି ମଣିଷର ସର୍ବଶ୍ରେଷ୍ଠ ଓ ସର୍ବଶେଷ କାମନା । ମୁକ୍ତିଲାଭ କଲେ ମଣିଷ ଜନ୍ମ ମୃତ୍ୟୁର ପୁନରୁକ୍ତି ମଧ୍ୟରୁ ରକ୍ଷାପାଏ । ଘୂର୍ଣ୍ଣନ ସ୍ଥିର ହୁଏ । ଯାତ୍ରା ଶେଷ ହୁଏ । ଦୋଷଗୁଣ ଦେଖି ଭାସିଯିବାର ପ୍ରବଣତା ମଧ୍ୟ ନଷ୍ଟ ହୁଏ । କାବ୍ୟପୁରୁଷ ଚାହିଁଛି ସେହିଭଳି ମୁକ୍ତି । ସମୟ ଓ ସମୟର ସଂଗ୍ରାମ ଓ ରକ୍ତପାତଠାରୁ ସେ ଚାହିଁଛି ମୁକ୍ତି । ସାମାଜିକ ପ୍ରକ୍ରିୟାର ପୁନରୁକ୍ତି ତା ପାଇଁ ଅସହ୍ୟ । କୃଷ୍ଣଙ୍କୁ ସାଥିରେ ଆଣିଲେ ଅକ୍ରୂରର ସାରଥିତ୍ୱରେ ସାର୍ଥକତା । ସେହିପରି କାବ୍ୟପୁରୁଷର ସାର୍ଥକତା ତାର ଏଇ ସାମାଜିକ ହତାଶାବୋଧରୁ ମୁକ୍ତିରେ । ସେ ଚାହିଁଛନ୍ତି ଭଗବାନଙ୍କ ଶଙ୍ଖ-ଚକ୍ର ତଳେ ସାର୍ଥକତା ଲଭିବା ପାଇଁ, କିନ୍ତୁ ଜନ୍ମ ଜନ୍ମାନ୍ତରରେ ଯେଉଁ କାମ, କ୍ରୋଧ, ଲୋଭ, ମୋହଗ୍ରସ୍ତ ଆତ୍ମା; ପୁନରୁକ୍ତି ମଧ୍ୟରେ ଭଗବତ୍ ଆଶୀର୍ବାଦ ତ ପିପାସାର ରୂପାନ୍ତର ମାତ୍ର ତେଣୁ କାବ୍ୟପୁରୁଷ ଭଗବାନଙ୍କୁ ସ୍ତୁତି କରିଛନ୍ତି ଉଭୟଙ୍କ ଯାତ୍ରା ଶୁଭ ହେବା ପାଇଁ । ଭଗବତ୍ ମାୟା ସମଗ୍ର ପୃଥିବୀକୁ ଆଚ୍ଛନ୍ନ କରି ରଖିଛନ୍ତି । ବ୍ୟକ୍ତିର ମାନସିକ ଅବସ୍ଥାକୁ ତାହା ପ୍ରତି ମୁହୂର୍ତ୍ତରେ ପ୍ରଭାବିତ କରୁଛି ତା ସହିତ ଆଧୁନିକ ଯୁଗର ନିରାଶା ଓ ଗ୍ଲାନିବୋଧ ସୃଷ୍ଟି କରିଛି କାରୁଣ୍ୟ ଓ ନିଷ୍ଠୁରତାର ବାତାବରଣ ତଥାପି କାବ୍ୟପୁରୁଷ ଚାହିଁଛି ମୁକ୍ତି । ସେ ମୁକ୍ତି ସ୍ୱୀୟ ସାଧନାରୁ ନୁହେଁ, ସଂଗ୍ରାମ ଓ ପ୍ରଯତ୍ନରୁ ନୁହେଁ, ଆତ୍ମସମର୍ପଣରୁ ଈଶ୍ୱରଙ୍କ କ୍ଷମାରୁ । କବି ବର୍ଣ୍ଣନା କରିଛନ୍ତି :-

"କ୍ଷମା ଆଉ ତୁମର ସଂହାର
ଏ ଯୁଗର ଏ ଗ୍ଲାନିରେ ତୁମର ଯଦିବା ଏଠି ସମ୍ଭାବନା
ତଥାପି ଏ ଯାତ୍ରା ମୋର ଶୁଭ ହେଉ ପୂର୍ଣ୍ଣ ହେଉ ତୁମର କ୍ଷମାରେ
ଦେହର ସୀମାନ୍ତ ଡେଇଁ, ପାରି ହୋଇ କାରୁଣ୍ୟ ଓ ତୁମର ସଂହାର -"

(ଅକ୍ରୂର ଉବାଚ/ ପୃ-୮୧-ଗୁରୁପ୍ରସାଦ କବିତା)

ଜୀବନର ବହୁ କ୍ଲାନ୍ତି, ଅବସାଦ, ନୈରାଶ୍ୟ ପଥରେ ଗତି କରି ଅକ୍ରୂର ତାର ଜୀବନର ଶେଷ ସୁଯୋଗ ଲାଭ କରିଥିଲା । ଯାତ୍ରା ପଥରେ ପୁଣି ତାର ମାନସିକ ଅବସାଦ ମଧ୍ୟ କମ୍ ନଥିଲା । କ୍ଲାନ୍ତି ଓ ହତାଶାର ଦେହ ଆତ୍ମା ଅବଶ ହୋଇପଡ଼ିଥିଲା ହଠାତ୍ ରଥ ମୋଡ଼ ବୁଲି ପହଞ୍ଚିଲା ଯମୁନାର ବାଲିକୁଦ ଉପରେ ସେଠାରେ ହିଁ ହୋଇଥିଲା ଅକ୍ରୂର ପାଇଁ ଶେଷ ପରୀକ୍ଷା । ରଥ ତାର ପୋତି ହୋଇପଡ଼ିଥିଲା ଯମୁନାର ବାଲିକୁଦରେ କିନ୍ତୁ ରଥରୁ ଡ଼େଇଁ ସେ ଲାଭ କରିଥିଲା କୃଷ୍ଣ ପ୍ରାପ୍ତିର ପ୍ରଥମ ସଂକେତ, ନିଶ୍ଚିତ ସମ୍ଭାବନା । ସେହିପରି କାବ୍ୟପୁରୁଷ ଅନେକ ହତାଶା ପରେ ପହଞ୍ଚନ୍ତି ଏକ ନିଶ୍ଚିନ୍ତ ସମ୍ଭାବନା ନିକଟରେ ମାନସିକ ଦ୍ୱନ୍ଦ୍ୱ ପ୍ରଥମେ ବଢିଯାଇଥିଲା ଏକ ଅପ୍ରାପ୍ତିର ବିଶ୍ୱାସ । । ତେଣୁ କବି ସୂଚନା ଦେଇ କହିଛନ୍ତି :-

'ମୋ ଯାତ୍ରାର କ୍ଲାନ୍ତି କଣ ଶେଷ ଆଜି ଏହି ଠାରେ !
ଯୁଗରୁ ଅନେକ ଯୁଗ ମୋ ପାଦର ଦରଜ ଓ ମୋ ଘୋଡ଼ା ଟାପୁର ଧୂଳି
ମୋ ଗାଡ଼ିର ଭଙ୍ଗା ଚକ, ମୋ ଆଖିର କ୍ଲାନ୍ତ ଦିଗ୍‌ବଳୟ
ମୋ ସତ୍ତାର ଭ୍ରାନ୍ତି କରଣ ଶେଷ ଆଜି ଏହିଠାରେ
ମୋ ମାଂସର ଭୋକ ଶୋଷ ପାପପୁଣ୍ୟ
ମୋ ଆତ୍ମାର କାତରତା, ଭକ୍ତି ଆଉ ଅହଂକାର, ଧର୍ମ ଆଉ ମୋକ୍ଷବାଦ
ଆଧାତ୍ମିକ ଚେଷ୍ଟାର ବିଳୟ !

(ଅକ୍ରୂର ଉବାଚ/ ପୃ-୮୨-ଗୁରୁପ୍ରସାଦ କବିତା)

ଯମୁନାର ବାଲିକୁଦରେ ଅକ୍ରୂରଙ୍କର ସବୁକିଛି ସରିଯାଇ ନଥିଲା; ଅଧିକନ୍ତୁ ସେଇଠାରୁ ଆରମ୍ଭ ହୋଇଥିଲା ତାଙ୍କର ଭଗବତ୍ ଦର୍ଶନ । କାବ୍ୟ ପୁରୁଷ ଜୀବନର ବହୁ ପ୍ରତୀକ୍ଷା ପରେ ଘାତପ୍ରତିଘାତର ଶେଷ ଆଘାତ ରୂପେ ଜୀବନର ସଂଧ୍ୟା ଓ ତଜ୍ଜନିତ ନୈରାଶ୍ୟକୁ ଗ୍ରହଣ କରି ସେଠି ତାଙ୍କର ଜୀବନର ସକଳ ସାଧନା, ସବୁ ପାପପୁଣ୍ୟ, ଭୋକଶୋଷ, କାତରତା, ଅହଂକାର, ଧର୍ମ ମୋକ୍ଷବାଦ ଆଉ ଆଧାତ୍ମିକ ମଳୟ ସବୁ ଯେପରି ଶେଷ ହୋଇଯାଇଥିଲା । ମୁକ୍ତି ପିପାସା ଥମିଯାଇ ପୁଣି ବହୁ ଗୁଣିତ ହୋଇଥିଲା ।

ନୈରାଶ୍ୟ କାବ୍ୟପୁରୁଷ ହୋଇ ଉଠିଛନ୍ତି ଆଶାବାଦୀ । ସାଂପ୍ରତିକ ସମାଜ ବ୍ୟବସ୍ଥା ବିରୁଦ୍ଧରେ ଅଣ୍ଟା ଭିଡ଼ି ସଂଗ୍ରାମ କରିବାର ଶକ୍ତି ତାଙ୍କର ନାହିଁ । ପରୋକ୍ଷରେ ସେ ଦେଖୁଛନ୍ତି କିଛି ଲାଭ ନାହିଁ ଏସବୁ ଉତ୍ତେଜନା-ଉନ୍ମାଦନାରେ । ତେଣୁ ବିଷାଦବାଦର ଚରମ ସୀମାରେ ପହଞ୍ଚି ସେ କରିଛନ୍ତି ଆତ୍ମସମର୍ପଣ । କୃଷ୍ଣପ୍ରାପ୍ତି ଉଦ୍ଦେଶ୍ୟରେ ଆତ୍ମସମର୍ପଣ କରି କାବ୍ୟପୁରୁଷ ଅକ୍ରୂର ଚାହିଁଛନ୍ତି ମୁକ୍ତି । ଏଠି ହୋଇଛି ତାଙ୍କର ଆଧାତ୍ମିକ ଉତ୍ତରଣ । ତାଙ୍କର ଏହି ଯାତ୍ରାକୁ ଶେଷ ଯାତ୍ରା ହେଉ ଏବଂ ବିଧିର ଯାବତୀୟ ସୃଷ୍ଟି ଓ ସଂହାରକୁ ଡ଼େଇଁ କ୍ଳାନ୍ତି ଓ ଜୀବନର ପୁନରୁକ୍ତିକୁ ଅତିକ୍ରମ କରି ସେ ଚାହାନ୍ତି ମୁକ୍ତି । ଏହା ହିଁ ଆଧୁନିକ ମଣିଷର ସମର୍ପିତ ଆତ୍ମଲିପି ।

## ଉପସଂହାର :

ଗୁରୁପ୍ରସାଦ ଆଧୁନିକ କାବ୍ୟଶୈଳୀର ନୂତନ ଦିଗ୍‌ଦର୍ଶକ । ସେ ଭାରୀ ଆତ୍ମସଚେତନ, ଜ୍ଞାନ ବିଳାସୀ, ବିଶ୍ଳେଷଣପ୍ରିୟ । ଇଂରାଜୀ ମେଟାଫିଜିକାଲ୍ ଶୈଳୀଟି ଗୁରୁପ୍ରସାଦଙ୍କ କବିତାରେ ସୁଲଭ୍ୟ । ସେ ବ୍ୟବହାରିକ ଭାଷାରେ ମଧୁର ମୂର୍ଚ୍ଛନା ସୃଷ୍ଟି କରି ପାଠକକୁ ବାନ୍ଧିରଖି ପାରନ୍ତି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ । "ଆଧୁନିକ କବିମାନଙ୍କ ମଧ୍ୟରେ ଗୁରୁପ୍ରସାଦ ପ୍ରଥମ ଯିଏ କି କାବ୍ୟଭାଷାକୁ ସଂଗୀତ କରି କୋମଳ ଓ ଆବେଗ ପ୍ରଦାନ କରି ପାଠକ ମନରେ ନୂଆ କାବ୍ୟାଗ୍ରହ ସୃଷ୍ଟି କରିଛନ୍ତି । ଭାଷା ସରଳ ଓ ଆବେଗିକ । ତାଙ୍କର ସିଦ୍ଧି ଅନ୍ୟ କବିମାନେ ଲାଭ କରିପାରି ନାହାନ୍ତି । କବିତାର ଗୀତିମୟତାର ମାତ୍ରା କାବ୍ୟଯୁଗର ସାଙ୍ଗୀତିକତା ପରି ପ୍ରଭାବଶାଳୀ । କେହି କେହି କୁହନ୍ତି ଯେ ଗୀତିମୟତାର ଗଭୀର ଆସ୍ତରଣ ତଳେ ଏ ଯୁଗର ଭୟଙ୍କର ରୂପ ଲୁକ୍କାୟିତ ଥାଏ । ଅନେକ ମଧ୍ୟ ତାଙ୍କ କବିତାର ଅର୍ଥ ଏହି ଲକ୍ଷଣ ମଧ୍ୟରୁ ଖୋଜିବାକୁ ବ୍ୟର୍ଥ ହୋଇଥାନ୍ତି । କିନ୍ତୁ ଗୋଟିଏ ଭଲ କବିତା ପୂର୍ଣ୍ଣ ରୂପେ ବୁଝି ନ ହେବା ସ୍ୱାଭାବିକ । କିଛି ରହସ୍ୟ, କିଛି ନୂତନତା ଓ କିଛି ଗୋପ୍ୟ ରୂପ କବିତାକୁ ତାର ଶ୍ରୀ ଦାନ କରେ, ଯଶସ୍ୱୀ କରାଏ । ଶ୍ରୀଯୁକ୍ତ ମହାନ୍ତି ଓଡ଼ିଆ କବିତାକୁ ପ୍ରଥମ କରି ଏହି ଲାବଣ୍ୟ ଦେଇଛନ୍ତି । ବିଦେଶୀ ଆହରଣ ସତ୍ତ୍ୱେ ସେ ଓଡ଼ିଶାର ପାଣି ପବନ ଭିତରେ ଜୀବନ୍ୟାସ ଦେଇଛନ୍ତି ।" ପ୍ରହରାଜ ସତ୍ୟନାରାୟଣଙ୍କ ଭାଷାରେ – "ଏଲିୟଟ୍ ଗୁରୁପ୍ରସାଦଙ୍କର ପ୍ରେରଣାର ଉତ୍ସ ହୋଇପାରନ୍ତି, କାବ୍ୟଚେତନାର ନୁହଁନ୍ତି । ବରଂ ତାଙ୍କର କାବ୍ୟ ଚେତନାର ଉନ୍ମୀଳନ ମୂଳରେ ବୈଷ୍ଣବ କବିତା, ଓଡ଼ିଆ ରୀତି ଯୁଗର ଲାଳିତ୍ୟ ପ୍ରଭୃତି ପ୍ରଧାନ । ଗୁରୁପ୍ରସାଦ ଓଡ଼ିଆ କବିତା ପାଇଁ ଅନତିକ୍ରମ କାବ୍ୟ ଭାଷା, ଗୀତିମୟତା ଓ ପ୍ରଥମଥର ପାଇଁ ଆଧୁନିକ ବିଷୟବସ୍ତୁ ପ୍ରଦାନ କରି ତାର ଐଶ୍ୱର୍ଯ୍ୟ ଓ ଐତିହ୍ୟ ସମୃଦ୍ଧ କରିଛନ୍ତି ।" 'Charity begins at home' ପରି କବିଙ୍କ କଳାକର୍ମରେ କବିତାର ସାଫଲ୍ୟତା ନିଶ୍ଚିତ । ତେଣୁ 'ଅକ୍ରୂରଙ୍କ' ମାଧ୍ୟମରେ କବି ଖେଳାଇ ଦେଇଛନ୍ତି ଆଧାତ୍ମିକତାର ଚିରଫଲ୍‌ଗୁ, ସଫଳତା ପାଇଛି ମୃତ୍ୟୁଚେତନା ଆଉ ବିଶ୍ୱବନ୍ଦିତ ହୋଇଛି ଭାରତୀୟ ମିଥିକାଲ ଚିନ୍ତାଧାରା ।

## ସହାୟକ ଗ୍ରନ୍ଥସୂଚୀ :


୧) ମିଶ୍ର ଡକ୍ଟର ଗିରୀଶ ଚନ୍ଦ୍ର, ଆଧୁନିକ ଓଡ଼ିଆ କବିତା ଓ ମିଥ୍ ପ୍ରସଙ୍ଗ, ପ୍ରକାଶକ : ଆର୍ଯ୍ୟ ପ୍ରକାଶନ, ପ୍ରକାଶ କାଳ : ଦ୍ୱିତୀୟ ସଂସ୍କରଣ- ୧୯୯୫.

୨) ରାୟ ଡକ୍ଟର ମାଳବିକା, ମିଥ୍ ଓ ଆଧୁନିକ ଓଡ଼ିଆ କବିତା ।

୩) ସାହୁ କୃଷ୍ଣଚରଣ, ସମୁଦ୍ର ସ୍ନାନ ଓ କବି ଗୁରୁ ପ୍ରସାଦ, 'ମୂଲ୍ୟାୟନ', ୨ୟ ବର୍ଷ ଦ୍ୱିତୀୟ ସଂଖ୍ୟା, ପ୍ରକାଶକ : ମହାନଦୀ ବୁକସ୍ ।

୪) ମିଶ୍ର ଇନ୍ଦୁ, ମିଥ୍ ଓ ଏହାର କାବ୍ୟିକ ପ୍ରୟୋଗ, ପ୍ରକାଶକ: ଗ୍ରନ୍ଥମନ୍ଦିର, ପ୍ରକାଶକ କାଳ: ୧ମ ସଂସ୍କରଣ, ୧୯୮୪ ।

୫) ମହାନ୍ତି ଯତିନ୍ଦ୍ର ମୋହନ, 'ଭୂମିକା', ନୂତନ କମିତା, ପ୍ରକାଶକ : ଜନଶକ୍ତି ପୁସ୍ତକାଳୟ, କଟକ, ପ୍ରଥମ ପ୍ରକାଶ : ୧୯୫୫ ।

୬) ମିଶ୍ର ଡ. ପ୍ରସନ୍ନ କୁମାର, ପୂର୍ବ ଭାରତରେ ହିନ୍ଦୁ ଲୋକ ମିଥ୍, ପ୍ରକାଶକ : ଓଡ଼ିଆ ବୁକ୍‌ଷ୍ଟୋର, ପ୍ରକାଶ କାଳ : ୧୯୮୧ ।

୭) ଗୁରୁପ୍ରସାଦଙ୍କ କାବ୍ୟକୃତି, ମୂଲ୍ୟାୟନ, ଗୁରୁପ୍ରସାଦ ବିଶେଷାଙ୍କ ।

୮) Harry Levin, The Myth of the Golden Age in the Renaissance, Oxford University Press, New York, 1972.

୯) 'The waste Land' selected poems, 1967.

୧୦) The Challenge of Folklore - Smith Thanoon, PMLA, Vol : LXXIX, Sept. : 1964


❖ ❖ ❖

DOI :https://doi.org/10.5281/zenodo.14545844 ମୂଳ ପ୍ରବନ୍ଧ

# ଗଙ୍ଗାଧର ମେହେରଙ୍କ 'ତପସ୍ୱିନୀ'ରେ ସୀତା : ଭାରତୀୟ ନାରୀର ଆସ୍ଥା ଓ ଅସ୍ତିତ୍ୱର ଉଜ୍ଜ୍ୱଳ ପ୍ରତିବିମ୍ବ

**ବିଦ୍ୟୁତପ୍ରଭା ରାଉତ**

**ସଂକ୍ଷିପ୍ତସାର:**

ସ୍ୱଭାବକବି ଗଙ୍ଗାଧର ମେହେରଙ୍କ 'ତପସ୍ୱିନୀ' କାବ୍ୟର ସୀତା ଭାରତୀୟ ସଂସ୍କୃତି ଓ ଗରିମାର ଏକ ମହତ୍ତ୍ୱପୂର୍ଣ୍ଣ ଏକକ । ଯାହାଙ୍କୁ ଆଜିର ନାରୀବାଦ ଦେଇ ଆଲୋଚନା କରାଯାଇପାରିବ ନାହିଁ । ସତୀ ସୀତା ଭାରତୀୟବୋଧର ଚୂଡ଼ାନ୍ତ ପ୍ରତୀକ । ଜଣେ ଆଦର୍ଶ ନାରୀ, ଏକପତିବ୍ରତା ସତୀ ସାଧ୍ୱୀ ସୀତା ରଘୁବଂଶର ମର୍ଯ୍ୟାଦା ରଖିବାକୁ ଯାଇ ତଥା ପୁରୁଷୋତ୍ତମ ରାଜା ଶ୍ରୀରାମଚନ୍ଦ୍ର ସମ୍ମାନ ପାଇଁ ବରଣ କରିନେଇଥିଲେ ତପସ୍ୱିନୀର ଜୀବନ । ଲୋକଅପବାଦ ପାଇଁ ସୀତାଙ୍କୁ ତପସ୍ୱିନୀ ଭାବେ ଯେଉଁଭଳି ଜୀବନ ବଞ୍ଚିବାକୁ ପଡ଼ିଲା, ସେଥିପାଇଁ ସେ କାହାକୁ ଦୋଷ ନଦେଇ ଜଣେ ଆଦର୍ଶ ଭାରତୀୟ ସର୍ବଂସହା ଆଦର୍ଶ ନାରୀର ପରାକାଷ୍ଠା ଦେଖାଇଛନ୍ତି । ଏ ସମସ୍ତ ଦୃଷ୍ଟିରୁ ରଙ୍ଗାଜୀବ କବି ଗଙ୍ଗାଧର ମେହେରଙ୍କ 'ତପସ୍ୱିନୀ' କାବ୍ୟକୁ ଭାରତୀୟ ବାଙ୍ମୟର ଉଦାତ୍ତ ଉଜ୍ଜ୍ୱଳ ପ୍ରତିବିମ୍ବ ଭାବେ ନିର୍ବିବାଦରେ ଗ୍ରହଣ କରାଯାଇପାରିବ ।

**ପ୍ରମୁଖ ଶବ୍ଦ:** ଗଙ୍ଗାଧର ମେହେର, ତପସ୍ୱିନୀ କାବ୍ୟ, ସୀତା, ଭାରତୀୟବୋଧ ।

ସ୍ୱଭାବ-କବି ରଙ୍ଗାଜୀବ ଗଙ୍ଗାଧର ମେହେର (୧୮୬୨-୧୯୨୪) 'ତପସ୍ୱିନୀ' (୧୯୧୨) ପୂର୍ବରୁ 'ଅହଲ୍ୟାସ୍ତବ' (୧୮୮୨) କବିତା ଓ 'ଅଯୋଧ୍ୟା ଦୃଶ୍ୟ' (୧୯୧୧) କାବ୍ୟରେ ରାମାୟଣର ପ୍ରସଙ୍ଗ ଲେଖିଥିଲେ ହେଁ 'ତପସ୍ୱିନୀ' କାବ୍ୟରେ ସୀତା-ଚରିତ୍ର ସ୍ୱୀୟ ଆଦର୍ଶ, ସଂକଳ୍ପ ଓ ପ୍ରବୃତ୍ତି ଦୃଷ୍ଟିରୁ ସ୍ୱତନ୍ତ୍ର ! ଯେଉଁଥି ପାଇଁ ସମଗ୍ର ଭାରତୀୟ ସାହିତ୍ୟରେ ଗଙ୍ଗାଧର ମେହେର ସ୍ମରଣୀୟ ହୋଇ ରହିବେ । ଏପରିକି ବାଲ୍ମୀକିଙ୍କ ସୀତା ସହିତ ତାଙ୍କର ସାଦୃଶ୍ୟ ଅପେକ୍ଷା ବୈସାଦୃଶ୍ୟ ଅଧିକ । (ଉଦ୍‌ଗାତା, ଗୋବିନ୍ଦ, କାବ୍ୟଶିଳ୍ପୀ ଗଙ୍ଗାଧର, ଫ୍ରେଣ୍ଡ୍‌ସ ପବ୍ଲିଶର୍ସ, କଟକ, ତୃତୀୟ ସଂସ୍କରଣ-୨୦୨୦, ପୃଷ୍ଠା-୧୪୨) ତାହାର ପ୍ରମୁଖ କାରଣଟି ହେଉଛି ସୀତାଙ୍କର ଆଶ୍ରମରେ ଅବସ୍ଥାନ କରିବା ପ୍ରସଙ୍ଗଟି ଅନ୍ୟାନ୍ୟ ଗ୍ରନ୍ଥାଦିରେ ଉଲ୍ଲେଖ ରହିଥିଲେ ହେଁ ତାଙ୍କୁ ତପସ୍ୱିନୀ ଭାବେ ବିଚାରକରି ରାମଙ୍କ ପ୍ରତି ସଂପୂର୍ଣ୍ଣଭାବେ ଅଙ୍ଗୀକାର ସହିତ ଭାରତୀୟ ନାରୀର ଆଦର୍ଶକୁ ପ୍ରତିଷ୍ଠା କରିବାରେ ଗଙ୍ଗାଧରଙ୍କ କାବ୍ୟାଭିବ୍ୟକ୍ତି ଅନନ୍ୟ ଅଟେ । ଗଙ୍ଗାଧର ସତୀ ସୀତାଙ୍କ ନିର୍ବାସନର ମନୋଦଶା ଓ ଶ୍ରୀରାମଙ୍କ ପ୍ରତି ଅନାବିଳ ଶାଶ୍ୱତ-ପ୍ରେମ ଏବଂ ଆଦର୍ଶର ପ୍ରତିଷ୍ଠାକୁ ଦେଇ ପରିକଳ୍ପନା କରିଛନ୍ତି ତପସ୍ୱିନୀରେ । ଯେଉଁଠାରେ ସାଧାରଣ ମାନବୀୟ ପ୍ରବୃତ୍ତିର ଊର୍ଦ୍ଧ୍ୱରେ ନିଷ୍କଳଙ୍କ ସୀତାଙ୍କୁ ଭାରତୀୟ ନାରୀର ଆସ୍ଥା ଓ ଅସ୍ତିତ୍ୱର ଉଜ୍ଜ୍ୱଳ ପ୍ରତିବିମ୍ବ ଭାବେ ସନ୍ଦର୍ଶନ କରାଯାଇପାରିବ । କୁହାଯାଏ ଗଙ୍ଗାଧର 'ତପସ୍ୱିନୀ' ନାମଟି ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ 'ସୀତାରା ବନବାସ'ରୁ ଗ୍ରହଣ କରିଛନ୍ତି । ଯେଉଁଠାରେ ଲବକୁଶ ଅଯୋଧ୍ୟାରେ କୌଶଲ୍ୟାଙ୍କୁ ଜଣାଇଛନ୍ତି ଯେ ସେମାନଙ୍କର ମାତା ଅଛନ୍ତି ଏବଂ ସେ ଜଣେ ତପସ୍ୱିନୀ ଅଟନ୍ତି ! (

**ଯୋଗାଯୋଗ :**
**ଡ. ବିଦ୍ୟୁତପ୍ରଭା ରାଉତ,** ବରିଷ୍ଠ ଅଧ୍ୟାପିକା,
ସେମିଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
**Email:** bidyutrout06@gmail.com
**ORCID ID:** https://orcid.org/0009-0003-9396-2726

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୨.୮.୨୦୨୪ | ୧୦.୧୦.୨୦୨୪ | ୨୫.୧୧.୨୦୨୪ | ୧.୧୨.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ରାଉତ, ବିଦ୍ୟୁତପ୍ରଭା ; ୨୦୨୪ । ଗଙ୍ଗାଧର ମେହେରଙ୍କ 'ତପସ୍ୱିନୀ'ରେ ସୀତା : ଭାରତୀୟ ନାରୀର ଆସ୍ଥା ଓ ଅସ୍ତିତ୍ୱର ଉଜ୍ଜ୍ୱଳ ପ୍ରତିବିମ୍ବ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ୯; ପୃଷ୍ଠା :୩୭-୪୧ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ
Quick Response Code:
Available online at : https://pracheenews.com/
DOI:https://doi.org/10.5281/zenodo.14545844
Article No - BPP00245

ଆମାଦେର ଜନନୀ ଆଛେନ , ତିନି ତପସ୍ୱିନୀ ) । ଗଙ୍ଗାଧର ଓଡ଼ିଆ ଓ ବଙ୍ଗୀୟ ସାହିତ୍ୟ ସହିତ ପରିଚିତ ଥିଲେ । କୁହାଯାଏ ସଂସ୍କୃତ ସାହିତ୍ୟ ସହିତ ତାଙ୍କର ପରିଚୟ ମଧ୍ୟ ବଙ୍ଗ ଭାଷା ମାଧ୍ୟମରେ ହିଁ ହୋଇଥିଲା । (ଦାସ, ଦାଶରଥି, ଆଧୁନିକତା ଓ କବି ଗଙ୍ଗାଧର, ବିଦଗ୍ଧ ମାନସ, ମିତା ବୁକ୍ସ, ଭୁବନେଶ୍ୱର, ୨୦୦୨, ପୃଷ୍ଠା-୧୨୭)

ତେବେ 'ତପସ୍ୱିନୀ' ଶବ୍ଦଟି ଯେଉଁଠୁ ଆସିଥାଉ ନା କାହିଁକି ଗଙ୍ଗାଧର ମେହେର ସୀତାଙ୍କୁ ଯେଉଁ ନିରୋଳ ପ୍ରକୃତିର କୋଳରେ ଆଶ୍ରମବାସିନୀ କରି ତପସ୍ୱୀନିର ନିର୍ମଳ ବ୍ୟକ୍ତିତ୍ୱ ଓ ପରାକାଷ୍ଠା ପ୍ରଦାନକଲେ ଏବଂ ରଘୁବଂଶର ସମ୍ମାନର ପ୍ରତିବିମ୍ବ ଭାବେ ପରିକଳ୍ପନା କଲେ ତାହା ଭାରତୀୟ ସାହିତ୍ୟରେ ବିକଳ୍ପହୀନ !

ବାଲ୍ମୀକି ରାମାୟଣ ମୁଖ୍ୟତଃ ରାମଚନ୍ଦ୍ରଙ୍କ ପରାକାଷ୍ଠା ପ୍ରଦର୍ଶନ ସହିତ ରାମଚରିତର ପ୍ରଖ୍ୟାପନ ପ୍ରମୁଖତା ଲାଭ କରିଥିବାରୁ ସୀତାଙ୍କ ଜୀବନର ପ୍ରତ୍ୟେକ ପ୍ରେକ୍ଷାକୁ ସୂକ୍ଷ୍ମତାରେ ବିଶ୍ଲେଷଣ କରିବାର ଅବସର ସ୍ୱଳ୍ପ; ସେହିଭଳି ଭବଭୂତିଙ୍କ 'ଉତ୍ତର ରାମଚରିତ'ରେ କଳ୍ପନାର ସହଯୋଗରେ ରାମଚରିତ ବର୍ଣ୍ଣିତ ହୋଇଥିବାରୁ କବି-କଳ୍ପିତ ଘଟନାଚକ୍ରରେ ସୀତା ବାଲ୍ମୀକିଙ୍କ ଆଶ୍ରମବାସିନୀ ନ ହୋଇ ରସାତଳରେ ଆଶ୍ରୟ ନେଇଛନ୍ତି ଏବଂ ତାଙ୍କର ଅନେକ ପ୍ରେକ୍ଷା ଉନ୍ମୋଚିତ ହୋଇପାରିନାହିଁ । ଅନୁରୂପ ଭାବେ କାଳିଦାସଙ୍କ ରଘୁବଂଶରେ ସୀତାଙ୍କ ବର୍ଣ୍ଣନା ଅତ୍ୟଳ୍ପ ଅଟେ । ମାତ୍ର ଗଙ୍ଗାଧର ମେହେରଙ୍କ 'ତପସ୍ୱିନୀ' କାବ୍ୟରେ ସତୀ ସୀତାଙ୍କ ତପସ୍ୟା ବା ତାଙ୍କର ତପସ୍ୱିନୀ ଜୀବନ ଏକ ପରିପୂର୍ଣ୍ଣ ରୂପରେ ବର୍ଣ୍ଣିତ ହୋଇଛି । ଅବଶ୍ୟ ଗଙ୍ଗାଧର ପୂର୍ବସୂରୀ କବିମାନଙ୍କ ଆଖ୍ୟାନ ମଧ୍ୟରୁ କଙ୍କାଳ ଗ୍ରହଣ କରି ଭାରତୀୟ ନାରୀ ବିଶେଷତଃ ଓଡ଼ିଶୀ ନାରୀର ନିର୍ମଳ ଜୀବନଚର୍ଯ୍ୟା । ଏବଂ ଦାଂପତ୍ୟ ଜୀବନର ଅସ୍ତିତ୍ୱ ଓ ଆସ୍ଥାକୁ ସ୍ୱୀୟ ଭାରତୀୟବୋଧ ଅଭିବ୍ୟକ୍ତିରେ ମହିମାମଣ୍ଡିତ କରିଛନ୍ତି । (ଉଦ୍‌ଗାତା, ଗୋବିନ୍ଦ, କାବ୍ୟଶିଳ୍ପୀ ଗଙ୍ଗାଧର, ଫ୍ରେଣ୍ଡ୍ସ ପବ୍ଲିଶର୍ସ, କଟକ, ତୃତୀୟ ସଂସ୍କରଣ-୨୦୨୦, ପୃଷ୍ଠା-୫୨) ସମଗ୍ର ଭାରତୀୟ ସାହିତ୍ୟରେ ସୀତାଙ୍କର ତପସ୍ୱିନୀ ଜୀବନକୁ କେବଳ କେନ୍ଦ୍ର କରି କାବ୍ୟରୂପ ଦେବାରେ ଗଙ୍ଗାଧର ନିଶ୍ଚୟ ସ୍ୱତନ୍ତ୍ର ଓ ଆଭିମୁଖ୍ୟ ଦୃଷ୍ଟିରୁ ହୋଇପାରନ୍ତି ପ୍ରଥମ । ଏହି ଖଣ୍ଡିତ ବିଷୟ ପାଇଁ ଏହା ମହାକାବ୍ୟ ହେବାରୁ ବଞ୍ଚିତ ହୋଇଥିଲେ ମ୍ଭ ଓଡିଆ ସାହିତ୍ୟରେ ଏକ ଅନନ୍ୟ ସୃଷ୍ଟି ଅଟେ । ବାଲ୍ମୀକି ରାମାୟଣର ଉତ୍ତର କାଣ୍ଡରେ ଏହି ପ୍ରସଙ୍ଗର ଅବତାରଣା ପରେ ଭବଭୂତି-କାଳିଦାସ ପ୍ରମୁଖ ବହୁ କବି ଭାରତର ବିଭିନ୍ନ ପ୍ରାନ୍ତୀୟ ସାହିତ୍ୟରେ ଏହି ପ୍ରସଙ୍ଗର ଅବତାରଣା ଅବଶ୍ୟ କରିଛନ୍ତି; କିନ୍ତୁ ରଙ୍ଗାଜୀବ ଗଙ୍ଗାଧରଙ୍କ ଅଭିବ୍ୟକ୍ତି ବେଶ ଭିନ୍ନ ଅଟେ । କାରଣ ତପସ୍ୱିନୀ ଗଙ୍ଗାଧରଙ୍କ କାବ୍ୟବୋଧର ବିମୁଗ୍ଧ ସରଣୀର ଏକ ମହିମ୍ନ ଉତ୍ତରିତ ଆସ୍ପୃହା ! ଯେଉଁଠି କବିଙ୍କ ମନ ବାଲ୍ମୀକି ଆଶ୍ରମକୁ ଧାଇଁ ଯାଇଛି କେବଳ ନିର୍ବାସିତା ସତୀ-ଶିରୋମଣି ସୀତାଙ୍କୁ ଦର୍ଶନ କରିବା ପାଇଁ ଯେ କିପରି ସେ ତାଙ୍କର ଭଗ୍ନ-ହୃଦୟ ନେଇ ଜୀବନ ଜିଉଛନ୍ତି ! କିପରି ସେ ଭାଙ୍ଗିଯାଇଥିବା ହୃଦୟକୁ ସୀବନ କରିଛନ୍ତି : " ବାଲମୀକି ଆଶ୍ରମକୁ ଧାଇଁଅଛି ମନ,/ କରିବାକୁ ନିର୍ବାସିତା ସୀତାଙ୍କୁ ଦର୍ଶନ;/ କେମନ୍ତେ ସେ କଲେ ଜୀର୍ଣ୍ଣ ହୃଦୟ ସୀବନ ।/ କାହା ସଙ୍ଗେ କେମନ୍ତେ ବା ଯାପିଲେ ଜୀବନ ।" (ତପସ୍ୱିନୀ-ପ୍ରଥମ ସର୍ଗ, ପଦ ସଂଖ୍ୟା- ୭ /୮ )

ଶ୍ରୀରାମଚନ୍ଦ୍ରଙ୍କଦ୍ୱାରା ନିର୍ବାସିତ ଆଶ୍ରମବାସିନୀ ସୀତାଙ୍କ ଚରିତ୍ରର ସବୁଠାରୁ ବଡ କଥା ହେଉଛି ସେ ଯେଉଁ କଷ୍ଟ ଓ ଦୁଃଖବରଣ କରିଛନ୍ତି ସେଥିପାଇଁ କିନ୍ତୁ ଜଣେ ସ୍ୱଭାବିକ ଓ ସାଧାରଣ ନାରୀ ଭଳି ଦୋଷ ଲଦିଦେଇ ନାହାନ୍ତି ଶ୍ରୀରାମଙ୍କୁ । କାରଣ ତାଙ୍କ ପ୍ରତି ସୀତାଙ୍କର ରହିଥିଲା ଅକଳନ ଆସ୍ଥା ଓ ଗଭୀର ବିଶ୍ୱାସ । ରହିଥିଲା ପ୍ରଗାଢ ଭଲପାଇବା । ତେଣୁ ପ୍ରଥମେ ଯେତେବେଳେ ସେ ମୂର୍ଚ୍ଛିତ ହେବାପରେ ଚେତନ ଲାଭ କରିଛନ୍ତି ; ସେତେବେଳ ତାଙ୍କୁ ସର୍ବତ୍ର ଦୃଶ୍ୟମାନ ହୋଇଛି ଶ୍ରୀରାମମୟ । ମାତ୍ର ସେ ରୂପ ତାଙ୍କର ହର୍ଷିତ ରୂପ ନଥିଲା; ସେ ପ୍ରତ୍ୟକ୍ଷ କରିଥିଲେ ଶ୍ରୀରାମଙ୍କ ବିଷର୍ଣ୍ଣ ହୃଦୟ : " ସଂଜ୍ଞା ଲଭି ମହାଦେବୀ କେତେ କାଳ ପରେ / ଅନାଇଲେ ଦଶଦିଶ ନିରାଶେ କାତରେ ।/ ଦିଶିଲା ସକଳ ଦିଗ ରାମଚନ୍ଦ୍ରମୟ; / ବସିଛନ୍ତି ପ୍ରଭୁ ବିଷର୍ଣ୍ଣ ହୃଦୟ ।" (ପ୍ରଥମ ସର୍ଗ, ପଦ ସଂଖ୍ୟା-୨୨ ) ସମଗ୍ର ତପସ୍ୱିନୀରେ ସୀତା ପତିପ୍ରାଣାଗତା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ସେ କଥାଟି ଷଷ୍ଠ ସର୍ଗରେ ହୋଇଛି ଅଭିବ୍ୟଞ୍ଜିତ । ଶ୍ରୀରାମ ଯେତେବେଳେ ବନବାସ ଯିବା କଥା ସ୍ଥିର କରିଦେଇଛନ୍ତି, ସେଠାରେ ସୀତା ତାଙ୍କୁ କହିଛନ୍ତି ଯେ ହେ ନାଥ ତୁମେ ଯେତେବେଳେ ବନକୁ ଯିବ ସେତେବେଳେ ରାଜପ୍ରାସାଦରେ ତାଙ୍କର କିବା ପାୟୋଜନ । ସେ ରାଜରାଣୀ ହୋଇଥାନ୍ତେ ଏବେ ତାଙ୍କର ସହଗାମୀ ହେବେ । ଏପରିକି ଶ୍ରୀରାମ ହିଁ ତାଙ୍କ ପାଇଁ ସ୍ୱର୍ଗର ସମ୍ପତ୍ତି : "ଚକିତେ ବୋଇଲି, ନାଥ ତୁମ୍ଭେ ଗଲେ ବନେ/ ରାଜପୁରେ ଏ ଦାସୀର କିସ ପ୍ରୟୋଜନ ।/ ହୋଇଥାନ୍ତି ରାଜରାଣୀ ହେବି ଭିକାରିଣୀ,/ ଶ୍ରୀପଦ ସେବିବି ହୋଇ କାନନ ଚାରିଣୀ । / ଶ୍ରୀଚରଣେ ମତି ମୋର ଶ୍ରୀଚରଣେ ଗତି,/ ତୁମ୍ଭ ବିନା ନ ବାଞ୍ଛଇ ସ୍ୱରଗ-ସମ୍ପତ୍ତି ।" (ଷଷ୍ଠ ସର୍ଗ, ପଦ ସଂଖ୍ୟା-୪୪/ ୪୫)

ଷଷ୍ଠ ସର୍ଗରେ ସୀତାଙ୍କ ପ୍ରତି ସଖୀଙ୍କର ବିଧି ବିଚାରକୁ ଧିକ୍ କହିବା ସହିତ : କରିଥିଲେ ରାଜା ଯାକୁ ଜୀବନର ଧନ,/ କେମନ୍ତେ ବଳିଲା ତାଙ୍କୁ ଛାଡ଼ିବାକୁ ମନ/ ବିଧି ବିଚାରକୁ ଧିକ, କାହିଁ କଲା କିସ,/ ଅମୃତ ଉପରେ ଆଣିଦେଲା ବିଷ" (ଷଷ୍ଠ ସର୍ଗ, ପଦ ସଂଖ୍ୟା-୬୯)ସତୀ ସୀତାଙ୍କ ପ୍ରତିଉତ୍ତର କିନ୍ତୁ ଥିଲା ସ୍ୱାମୀଦୋଷ ରହିତ । କାରଣ ସୀତା

ତାଙ୍କ କଷଣ, ଦୁର୍ବିପାକ ଓ ଦୁଃଖର କାରଣ ଯେ ସେ ନିଜେ; ସେ କଥାଟି ତପସ୍ୱିନୀର ସପ୍ତମ ସର୍ଗର ପ୍ରାରମ୍ଭରେ ବେଶ୍ ସ୍ପଷ୍ଟତାରେ ଅଭିବ୍ୟକ୍ତ : " ବୋଇଲେ ସତୀ । " ସଖି, ମୋ ଦୁର୍ବିପାକ/ ଘଟାଇଅଛି ଏକା ମୋ ଦୁଃଖଯାକ:/ ମୋ କର୍ମ ପାଇଁ ଦୋଷୀ ନୁହନ୍ତି ବିଧି, / କାନ୍ତ ତ ସ୍ୱଭାବେ ମୋ କରୁଣା-ନିଧି ଗୋ । (ସପ୍ତମ ସର୍ଗ-୧ ) ସତୀ ସୀତା ସମଗ୍ର ତପସ୍ୱିନୀରେ ଶ୍ରୀରାମଙ୍କୁ ଅନ୍ୟାୟ କରିଥିବା କଥା କେଉଁଠି ହେଲେ ପ୍ରତ୍ୟକ୍ଷ ଭାବରେ କହି ନାହାନ୍ତି । ଏପରିକି ତାଙ୍କର ନିର୍ବାସନ କିମ୍ବା ତାଙ୍କର ବନବାସ ପାଇଁ ସେ କାହାକୁ ଦୋଷ ଦେଇ ନାହାନ୍ତି । ବିଧିଙ୍କୁ ମ୍ଭ ଦୋଷାରୋପ କରିନାହାନ୍ତି : " ମୋ ଦୁଃଖ ଲାଗି ଦୋଷୀ ନୁହନ୍ତି ବିଧି" । ଅପରପକ୍ଷରେ ସେ ହିଁ ପାପିନୀ(ପଦ ସଂଖ୍ୟା-୩୮/ ୫୦ ), ଚିର ପାପିନୀ (ପଦ ସଂଖ୍ୟା-୩୮) ଓ ପାପନୟନ(ପଦ ସଂଖ୍ୟା-୪୮) ଭଳି ନିଜକୁ ଦୋଷୀ ମନେକରିଥିବା ତପସ୍ୱିନୀର ପ୍ରଥମ ସର୍ଗ ଏବଂଏକାଦଶ ସର୍ଗରେ ଲକ୍ଷ୍ୟ କାରାଯାଇ ପାରିବ । ଗଙ୍ଗାଧର ମେହେର ଚତୁର୍ଥ ସର୍ଗରେ ସତୀ ତପସ୍ୱିନୀ ସୀତାଙ୍କୁ ଦର୍ଶନ କରିବାର ଯେଉଁ ଅଭିଲାଷ କରିଥିଲେ ସେ ସୀତା ଥିଲେ ଲୋକ-ଲୋଚନରେ ଦୂଷିତା କିନ୍ତୁ କବିଦୃଷ୍ଟିରେ ସେ ଥିଲେ ସତୀ-ରାଜ୍ୟ-ରାଣୀ ! ତେଣୁ କବି ତାଙ୍କୁ ଅନେକ ସ୍ଥଳରେ ଅଭାଗିନୀ ଭାବେ କରିଛନ୍ତି ଉଲ୍ଲେଖ । ସେହି କଥାଟି ପରୋକ୍ଷରେ ସୀତାଙ୍କ ଦେଇ କରିଛନ୍ତି ପରିପ୍ରକାଶିତ । ଯେଉଁଠି ସୀତା ନିଜକୁ ହିଁ ଅଭାଗିନୀ ବୋଲି ପ୍ରକାଶ କରି ଶ୍ରୀରାମଙ୍କ ସମସ୍ତ ଦୁଃଖର କାରଣ ସେ ନିଜେ ବୋଲି ଦର୍ଶାଇଛନ୍ତି : " କି କୁଲଗ୍ରେ ଧରିଥିଲ ଅଭାଗିନୀ କର,/ ତା ଲାଗି ଆଳୟ ହେଲେ ଦାରୁଣ ଦୁଃଖର ।" ( ପ୍ରଥମ ସର୍ଗ, ପଦ ସଂଖ୍ୟା- ୨୮)

ରାମଙ୍କ ପାଇଁ ବୈଦେହୀ ସୀତା ଥିଲେ ତାଙ୍କର ଛାଇ ସଦୃଶ । ରାମଙ୍କ ପ୍ରତି ତାଙ୍କର ଅନାବିଳ ପ୍ରେମ ହିଁ ତପସ୍ୱିନୀରେ ସୀତାଙ୍କ ତପସ୍ୟା । ତେଣୁ ଶ୍ରୀରାମକୃତ ପ୍ରତ୍ୟେକ କର୍ମ ଓ ଚିନ୍ତନର ପ୍ରଚ୍ଛନ୍ନରେ ସବୁଠି ରହିଥିଲା ସୀତାଙ୍କ ସମର୍ଥନ । କାରଣ ଉଭୟ ଥିଲେ ବିଶୁଦ୍ଧ-ପ୍ରେମର ଦିବ୍ୟ-ପରାଭବ । ତେଣୁ ଶ୍ରୀରାମ ଯେତେବେଳେ ଜଣେ ରାଜାର କର୍ତ୍ତବ୍ୟ କରିଛନ୍ତି; ସେତେବେଳେ ସୀତାଙ୍କର ନାହିଁ କୌଣସି ଦ୍ୱିମତ । ଯାହା ରଘୁବଂଶର ସମ୍ମାନର ସୂଚକ ଓ ଗରିମାର ସଂକେତ ! ତେଣୁ ସେହି କୀର୍ତ୍ତି ପାଇଁ ରାଜା ଭାବେ ପ୍ରଜାଙ୍କ ସ୍ୱାର୍ଥରେ ଶ୍ରୀରାମଙ୍କ ନିଷ୍ପତ୍ତିକୁ ସେ ଉପଯୁକ୍ତ କର୍ମ ଭାବେ ଅଭିହିତ କରିଛନ୍ତି : "କୀର୍ତ୍ତି-ଅନୁରୋଧେ ସିନା କଲ ମୋତେ ତ୍ୟାଗ,/ ଏ ତୁମ୍ଭର ଉପଯୁକ୍ତ କର୍ମ ମହାଭାଗ"( ପ୍ରଥମ ସର୍ଗ, ପଦ ସଂଖ୍ୟା -୩୭) । ଏପରିକି ସ୍ୱାମୀଙ୍କ ପ୍ରତ୍ୟେକ କାର୍ଯ୍ୟରେ ସେ ଯେ ରଖନ୍ତି ଅଙ୍ଗୀକାର ଏବଂ ସହଧର୍ମିଣୀ ଭାବେ ସେ ତାଙ୍କର ପଦାଙ୍କ ଅନୁସରଣକାରୀ: "ପରଜା-ରଞ୍ଜନ-ବ୍ରତେ ଅଟ ତୁମ୍ଭେ ବ୍ରତୀ,/ ମୁଁ ସହଧର୍ମିଣୀ ତୁମ୍ଭ ପଦାଙ୍କେ ମୋ ଗତି" ( ପ୍ରଥମ ସର୍ଗ, ପଦ ସଂଖ୍ୟା-୫୫) ।

ରଘୁବଂଶ ଯେ ତାଙ୍କ ପାଇଁ କଳଙ୍କିତ ହେଲା: ତା ସହିତ ପୁରୁଷୋତ୍ତମ ଶ୍ରୀରାମ ଯିଏ ନିଷ୍କଳଙ୍କତାର ମୂର୍ତ୍ତିମନ୍ତ ପ୍ରତୀକ ! କୌଣସି କଳଙ୍କ ନଥାଇ ସେ କଳଙ୍କିତ ହେବେ; ତାହା ସତୀ-ଶିରୋମଣି ସୀତାଙ୍କ ପାଇଁ ଥିଲା ଦୁର୍ବିସହ ! ତେଣୁ ନିଜକୁ ଧିକ କରିଛନ୍ତି : "ଧିକ ମୋ ଜୀବନ, ନାଥ ଏକା ମୋହ ଲାଗି/ ଅକଳଙ୍କ ଥାଇ ହେଲ ଅପଯଶ- ହୋଇ ଭାଗୀ" (ପ୍ରଥମ ସର୍ଗ, ପଦ ସଂଖ୍ୟା- ୩୮ ) ତେଣୁ ମୁଁ ଜାଣିଛି ମୋର ପ୍ରତିବଦ୍ଧତା ଏବଂ ତୁମର ମ୍ଭ ଗଭୀର ପ୍ରତ୍ୟୟ ରହିଛି ମୋ ଉପରେ; କିନ୍ତୁ ରଘୁବଂଶ ତଥା ମୋର ପ୍ରାଣନାଥଙ୍କ ଜୀବନବ୍ରତ ରହୁ କାଳକାଳକୁ ଉଜ୍ଜ୍ୱଳିତ ! ସେ ନିର୍ମଳ ଚିନ୍ତନ ହିଁ ସମଗ୍ର ତପସ୍ୱୀନିର ସମର୍ପଣର ଗଭୀର ଅନ୍ତରକଥା ! ଯାହା ମେହେର କବିଙ୍କ ଭାଷାରେ ଅତ୍ୟନ୍ତ ସଂବେଦନଶୀଳ: "ହେଉ ମୋର ନିର୍ବାସନ ପ୍ରକୃତିର ତୋଷ, ପ୍ରଭୁଙ୍କର ବ୍ରତ ହେଉ ସଂପୂର୍ଣ୍ଣ ନିର୍ଦ୍ଦୋଷ" (ପ୍ରଥମ ସର୍ଗ, ପଦ ସଂଖ୍ୟା-୫୬)

'ତପସ୍ୱିନୀ'ରେ ସତୀ ସୀତାଙ୍କ ତପସ୍ୟାର ଜୀବନଟି କେବଳ ସ୍ୱାମୀ ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ହିତସାଧନ ନିମନ୍ତେ ଅଭିପ୍ରେତ । ଅନୁରୂପ ଭାବେ ତାଙ୍କର ମନସ୍ଥିତିଟି ଆତ୍ମଦୁଃଖର ବିସ୍ମରଣ ସହିତ ଶ୍ରୀରାମଙ୍କୁ ନେଇ ତାଙ୍କର ମନର ଅନ୍ତହୀନ ବ୍ୟାକୁଳତା ଜଡିତ; ମାତ୍ର ତାହା ସ୍ୱାର୍ଥବିଜଡିତ ନୁହେଁ । ସୀତାଙ୍କ ଏହି ତପସ୍ୱିନୀ ଜୀବନ ଯାହା ଗଙ୍ଗାଧର ପରିକଳ୍ପନା କରିଛନ୍ତି; ତାହା ଗୈରିକ-ଜଟାଧାରିଣୀ ତାପସୀର ଜୀବନ ନୁହେଁ; ବରଂ ଜଣେ ପତିହିତ-ଚିନ୍ତିତ-ପ୍ରେମମୟୀ-ସନ୍ନ୍ୟାସିନୀର ପବିତ୍ର ଜୀବନ-କଳ୍ପ ! ଧୈର୍ଯ୍ୟ-ସହନଶୀଳତା ଓ ଅନନ୍ତ ଆସ୍ଥାର ପ୍ରତିଭୂ ! ରଘୁବଂଶର ପରାକାଷ୍ଠା ଓ ଆଦର୍ଶବୋଧର ରକ୍ଷା ହିଁ ସୀତାଙ୍କ ତପସ୍ୟା । ଶାନ୍ତ-ସ୍ନିଗ୍ଧ-ଅନାବିଳ-ନିରଶାହୀନ ଥିଲା ତାଙ୍କର ଆଶ୍ରମିକ ଜୀବନ । ଯେତେବେଳେ ବି ଜୀବନ ବଞ୍ଚିବାର ମଧୁରତମ ସ୍ପୃହା ପରିଲକ୍ଷିତ ହୋଇଛି; ସେତେବେଳେ ଗଙ୍ଗାଧରଙ୍କ ସୀତା ସାଂସାରିକ ଜୀବନଠୁଁ ଶ୍ରୀରାମଙ୍କ ସେବାକୁ ଦେଇଛନ୍ତି ଅଧିକ ମହତ୍ତ୍ୱ । ତେଣୁ ସେ ଯେ ତାଙ୍କର ସମଗ୍ର ଜୀବନ କେବଳ ଶ୍ରୀରାମଙ୍କ ପାଦସେବାରେ ଯାପିବାର ଯେଉଁ ବାଞ୍ଛା କରିଥିଲେ; ତାହା ଯଦି ସମ୍ଭବ ନୁହେଁ ; ତେବେ ଜୀବନର କୌଣସି ପ୍ରୟୋଜନ ନଥିବା କଥା କହିବା ପଛରେ ତାଙ୍କର ପ୍ରଚଣ୍ଡ ଅଙ୍ଗୀକାର ଓ ସମର୍ପଣର ଭାବକୁ ଲକ୍ଷ୍ୟ କାରାଯାଇପାରିବ : " ଭାବିଲି, ଥିଲି ସିନା ଧରି ଜୀବନ/ ସେବିବି ବୋଲି ପ୍ରଭୁ ପଦ୍ମଚରଣ;/ ନ ହେବି ଯଦି ପଦସ୍ପର୍ଶେ ଭାଜନ,/ଜୀବନେ ଆଉ ମୋର କି ପ୍ରୟୋଜନ ଗୋ ।" ( ସପ୍ତମ ସର୍ଗ, ପଦ ସଂଖ୍ୟା-୬୬ )

ଏକଦା ଭ୍ରମବଶତଃ ସୀତା ଛଦ୍ମ-ରାବଣକୁ ଭିକ୍ଷା ଦେବାପାଇଁ ହାତ ବଢେଇଥିଲେ । ତେଣୁ ସୀତା କହିଛନ୍ତି ଯଦି ତାହା ମୋର ଜ୍ଞାତସାରରେ ହୋଇଥାନ୍ତା ତେବେ ଅବଶ୍ୟ ରାବଣର ପ୍ରାଣ ଯାଇଥାନ୍ତା ! ଯଦି ଜଗତେ ସତ୍ୟ ବୋଲି କିଛି ଥାଏ । ତେବେ ଜଗତବାସୀ

ତାଙ୍କର ବିଚିତ୍ର କର୍ମକୁ ଅବଶ୍ୟ ଦେଖିବେ ବୋଲି ସଖୀକୁ କହିବା ସହିତ ଯେତେବେଳେ ପାପ-ରୂପକ କାର୍ପାସ ବା ତୁଳା ପର୍ବତ ଭଳି ଆକାର ଧାରଣ କରେ ପୁଣ୍ୟାଗ୍ନି ତାକୁ ଭସ୍ମୀଭୂତ କରିଦେଇଥାଏ : "ଯଦ୍ୟପି ସତ୍ୟ ଅଛି ଜଗତେ ଧର୍ମ, I ଦେଖିବ ଜଗତ ମୋ ଅଦ୍ଭୁତ କର୍ମ,/ ପାପ-କାର୍ପାସ ହେଲେ ପର୍ବତ ସମ,/ ପୁଣ୍ୟାଗ୍ନି-କଣା ତାକୁ ଦହନେ କ୍ଷମ ଗୋ ।" ( ସପ୍ତମ ସର୍ଗ, ପଦ ସଂଖ୍ୟା-୫୭ ) ସତ୍ୟ ଓ ଧର୍ମରେ ସଦା ବିଶ୍ୱସ୍ତ ସୀତାଙ୍କର ବିଶ୍ୱାସ ରହିଥିଲା କର୍ମ ଓ ନିୟତି ଉପରେ । ଉପର ପଂକ୍ତିଟି ଯେତେ ରାବଣ ପ୍ରତି ଅଭିପ୍ରେତ ସେତିକି ଅଭିପ୍ରେତ ସମଗ୍ର ମଣିଷ ସମାଜ ପାଇଁ । ତେଣୁ ସତ୍ୟ ଓ ଅସତ୍ୟ ଏବଂ ଧର୍ମ ଓ ଅଧର୍ମ ପ୍ରସଙ୍ଗଟି ସୀତାଙ୍କ ଚିନ୍ତନରେ ସମସ୍ତଙ୍କ ପାଇଁ ଥିଲା ସମାନ ।

ସପ୍ତମ ସର୍ଗରେ ରାମ-ବ୍ୟତିରେକ ସୀତା ଯେ ଅସମ୍ପୂର୍ଣ୍ଣ ଏ କଥାଟି ତପସ୍ୱିନୀରେ ହୋଇଛି ଅଭିବ୍ୟଞ୍ଜିତ । ସତୀ ସୀତା ଅଗ୍ନିରେ ପରୀକ୍ଷା ପାଇଁ କୁଣ୍ଠିତ କେବେ ନଥିଲେ କାରଣ ଶ୍ରୀମୁଖକୁ ଚାହିଁଚାହିଁ ଯଦି ସେ ଅନଳରେ ଦହନ ମଧ୍ୟ ହୋଇ ଯାଆନ୍ତି ତବେ ତାଙ୍କ ମନରେ କୌଣସି ଅପୂର୍ଣ୍ଣତା ରହିବ ନାହିଁ । କାରଣ ସୀତା ଥିଲେ ଶ୍ରୀରାମଙ୍କର ହିଁ ପ୍ରତିବିମ୍ବ ! ତେଣୁ ନିର୍ଭୟା ସୀତା ଭାବିଛନ୍ତି ତାଙ୍କର ଶରୀର ସିନା ଦହିତ ହେବ; କିନ୍ତୁ ପ୍ରାଣଟିତ ଯାଇ ଶ୍ରୀଅଙ୍ଗରେ ହିଁ ସ୍ଥାନ ପାଇବ : "ଦହିବି ଦେହ ଚାହିଁ ଚାହିଁ ଶ୍ରୀମୁଖ /ଏଥୁ ଅଧିକ ମୋର କି ଅଛି ସୁଖ / ଦଗ୍ଧ ହେଲେ ଦେହ ଅବଶ୍ୟ ପ୍ରାଣ / ପ୍ରଭୁ-ଶ୍ରୀଅଙ୍ଗେ ଯାଇ ପାଇବି ସ୍ଥାନ ଗୋ ।" ( ସପ୍ତମ ସର୍ଗ, ପଦ ସଂଖ୍ୟା-୬୭ ) ଆଉ ଯଦି ଧର୍ମ ବଳରେ ଦେହଟି ରହିଯାଏ ତେବେ ସେ ଶ୍ରୀରାମଙ୍କ ଦ୍ୱିଗୁଣ ସ୍ନେହ ଲାଭ କରିବାର ଆସ୍ଥା ତପସ୍ୱିନୀରେ ସୀତାଙ୍କ ମନୋଦଶାର ଭାକ୍ତିକ ଅଭିବ୍ୟକ୍ତି ! ତତ୍ ସହିତ ନିଜର ସତୀତ୍ୱର ପରମ ପରାକାଷ୍ଠା ଏବଂ ଆମ୍ନିକ ଆସ୍ଥା ଓ ବିଶ୍ୱାସର ପ୍ରତ୍ୟୟ ସ୍ୱରୂପ ଜଣେ ଭାରତୀୟ ସତୀନାରୀ ଭାବେ ସୀତାଙ୍କ ଅଭିବ୍ୟକ୍ତି ଗଙ୍ଗାଧରଙ୍କ ଭାଷାରେ ବେଶ୍ ସଂବେଦନଶୀଳ ! ସୀତା ଯଦି କେବେ ରାଘବଙ୍କ ବ୍ୟତୀତ ଅନ୍ୟ କାହାପ୍ରତି ତିଳେହେଲେ ପ୍ରେମାସକ୍ତ ହୋଇଥାନ୍ତି ତେବେ ଅଗ୍ନି ତାଙ୍କୁ ଭସ୍ମ କରିଦେଉ ବୋଲି ଅଭିବ୍ୟକ୍ତି ଅତ୍ୟନ୍ତ ଶକ୍ତିଶାଳୀ : "ରାଘବ ବିନା ଅନ୍ୟେ ଯଦି ମୋ ଚିତ୍ତ / ପ୍ରେମେ ଆକୃଷ୍ଟ ହୋଇଥିବ କିଞ୍ଚିତ;/ ଅନଳ ପଟୁ ତୁମ୍ଭେ ସର୍ବ ଭକ୍ଷଣେ, / ଦିଅ ହେ କରି ମୋତେ ଭସ୍ମ ଏକ୍ଷଣେ ହେ ।" (ସପ୍ତମ ସର୍ଗ, ପଦ ସଂଖ୍ୟା-୭୧) ସତୀ ସୀତା ତେଣୁ ଧର୍ମକୁ ନିଜ ସହ ରହିବାକୁ ଆବାହନ କରିବା ସହିତ ଅନୁରୋଧ କରିଛନ୍ତି ଯେ ମୋତେ ଯଦି ଜୀବନରେ ନପାରିବ ତେବେ ମୋର ମରଣରେ ପ୍ରଭୁଙ୍କ ଚରଣର ଦାସ କରିଦେବ: "ହେ ଧର୍ମ ! ନିଜ ଗୁଣେ ରହ ମୋ ଅଙ୍ଗେ / ନ ଡରି ଅନଳରେ ପାଶ ମୋ ସଙ୍ଗେ; / ଜୀବନେ ନ ପାରିଲେ ମୋତେ ମରଣେ / ସେବିକା କରି ଦେବ ପ୍ରଭୁ ଚରଣେ ହେ ! " (ସପ୍ତମ ସର୍ଗ, ପଦ ସଂଖ୍ୟା-୭୪)

'ତପସ୍ୱିନୀ'ର ସପ୍ତମ ସର୍ଗରେ ସୀତାଙ୍କ ଆତ୍ମୋତ୍ସର୍ଗର ବଳିଷ୍ଠ ନିଦର୍ଶନ ପରିଲକ୍ଷିତ ହୋଇଥାଏ । ସୀତା-ରାମ ଯେ ଏକ ଏବଂ ଅଭିନ୍ନ ସେ କଥାଟି ଗଙ୍ଗାଧର ମେହେରଙ୍କ କବିତ୍ୱରେ ଅତ୍ୟନ୍ତ ମର୍ମୀ ହୋଇପାରିଛି । ଜୀବନେ ଓ ମରଣରେ ଶ୍ରୀରାମଙ୍କ ଦାସୀ ହୋଇ ଜୀବନ ଓ ପରଜନ୍ମର ପରିକଳ୍ପନା କରୁଥିବା ସତୀଶିରୋମଣୀ ସୀତା ତାଙ୍କର ପାର୍ଥିବ ଶରୀର ଦଗ୍ଧୀଭୂତ ହୋଇ ପାଉଁଶ ହୋଇଗଲେ ତାହାକୁ ବୃକ୍ଷରେ ସାର ଭାବେ ଉପଯୋଗ କରିଦେବାପାଇଁ ମନସା କରିବା ସହିତ ସେହି ବୃକ୍ଷଟି ବଡ ହେବା ପରେ ତାର କାଷ୍ଠକୁ ବର୍ଦ୍ଧକୀ ବା ବଢେଇକୁ ଦେଇ ପାଦୁକା ବା କଠଉଟିଏ ତିଆରି କରି ପ୍ରଭୁ ଶ୍ରୀରାମଙ୍କ ପାଦୁକା କରିଦେବା ନିମନ୍ତେ ଦିବ୍ୟ-ଆସ୍ପୃହା ଓ ଅଭିଳାଷ ପ୍ରସଙ୍ଗରେ ସୀତାଙ୍କ ପରିପୂର୍ଣ୍ଣ ଆତ୍ମସମର୍ପଣ ଭାରତୀୟ କାବ୍ୟପରମ୍ପରାରେ ସ୍ୱାତନ୍ତ୍ର୍ୟପୂର୍ଣ୍ଣ ଅଟେ : "ମୋ ତନୁ ଦଗ୍ଧ ହେଲେ ହେବ ତ ଖାର, / ତାହାକୁ କରାଇବ ପାଦପେ ସାର; / ସେ ତରୁ କାଷ୍ଠ ଦେଇ ବର୍ଦ୍ଧକୀ ହସ୍ତେ/ କରାଇ ଦେବ ପ୍ରଭୁ ପାଦୁକା ମୋତେ !" (ସପ୍ତମ ସର୍ଗ, ପଦ ସଂଖ୍ୟା-୭୫)

ଲୋକ-ଅପବାଦରୁ ନିଜକୁ ମୁକ୍ତ କରିବା ନିମନ୍ତେ ସତୀତ୍ୱର ପରୀକ୍ଷାରେ ଉତ୍ତୀର୍ଣ୍ଣ ସୀତାଙ୍କର ନିଜ ଉପରେ ଯେତିକି ବିଶ୍ୱାସ; ସେତିକି ବିଶ୍ୱାସ ଶ୍ରୀରାମଙ୍କ ଉପରେ ; ମାତ୍ର ରଘୁବଂଶର ପଦମର୍ଯ୍ୟାଦା ପାଇଁ ତଥା ରାଜା ରାମଚନ୍ଦ୍ରଙ୍କ ପ୍ରଜାନୁରଞ୍ଜନ ପାଇଁ ଅନୁଷ୍ଠିତ ଅଗ୍ନିସ୍ନାନରେ ସତେକି ଭସ୍ମୀଭୂତ ହୋଇଯାଇଥିଲା ତାଙ୍କର ସମସ୍ତ ଦୁଃଖ ଏବଂ ସେ ନିର୍ଦ୍ୱନ୍ଦ୍ୱରେ ତାଙ୍କର ପ୍ରାଣପ୍ରିୟଙ୍କ ପାଦସେବା କରିପାରିବେ ସେହିଭଳି ଭାବନାଟି : "ଦଗ୍ଧ ହୋଇଗଲା ମୋ ଦୁଃଖରାଶି, / ଭାଗ୍ୟେ ମୁଁ ହେଲି ପ୍ରଭୁପୟରେ ଦାସୀ; / ଭାବିଲି, କଷ୍ଟେ ରଖିଥିବାରୁ ଜୀବ, ଲଭିଲି ସିନା ପ୍ରଭୁ-ପଦ-ରାଜୀବ ଗୋ ! " ( ସପ୍ତମ ସର୍ଗ, ପଦ ସଂଖ୍ୟା-୭୯ ) ସୀତା ଯେ ନିଜକୁ ଅନେକ ପ୍ରତିକୂଳ ପରିସ୍ଥିତିରେ ନିଜକୁ ସମ୍ଭାଳି ରଖିପାରିଥିଲେ ବୋଲି ଶେଷରେ ଶ୍ରୀରାମଙ୍କୁ ପାଇପାରିଲେ ଭଳି ଅଭିବ୍ୟକ୍ତିରେ ସୀତା ଜଣେ ସାଧାରଣ ଭାରତୀୟ ନାରୀ ପ୍ରତିମ ନିଜର ମନୋଭାବ ବ୍ୟକ୍ତ କରିଥିବା ଲକ୍ଷଣୀୟ । ତେଣୁ ସେ ଅସାମାନ୍ୟ ନାରୀ ହୋଇଥିଲେ ମଧ୍ୟ 'ତପସ୍ୱିନୀ'ର ଶେଷ ସର୍ଗ (ଏକାଦଶ ସର୍ଗ)ରେ ଅଶ୍ୱମେଧ ଯଜ୍ଞ ଦେଖିଯିବା ପାଇଁ ଲବକୁଶଙ୍କ ପ୍ରସ୍ତୁତି ଏବଂ ସୀତାଙ୍କ ମାନସିକ ପ୍ରତିକ୍ରିୟାର କଥା ହୋଇଛି ପ୍ରକାଶିତ । ଦେବୀ ସୀତା ଦୁଇ ପୁତ୍ରଙ୍କୁ ତାଙ୍କର ପରିଚୟ " ଆମ୍ଭେ ତପସ୍ୱିନୀ-ଧନ"ଭାବେ ଦେବା ପାଇଁ କହିବାରେ 'ତପସ୍ୱିନୀ'ର ସାର୍ଥକତା ନିହିତ ରହିଛି । ଏକାଦଶ ସର୍ଗରେ ସୀତା ନିଜକୁ ଅବଳା-ଦୁର୍ବଳା ଚିର ପାପିନୀ କହିବା ସହିତ

ଯେଉଁ ସବୁ କଷ୍ଟ ଶ୍ରୀରାମ ତାଙ୍କ ନିମନ୍ତେ ପାଇଛନ୍ତି ସେ ସମସ୍ତ ଅପରାଧ କ୍ଷମାକର ବୋଲି ନିବେଦନ କରିଛନ୍ତି ଏବଂ ରାମଚନ୍ଦ୍ରଙ୍କୁ କ୍ଷମାର ସାଗର କହିଛନ୍ତି : " ମୁଁ ସିନା ଅବଳା ଅତି ଦୁର୍ବଳ ହୃଦୟ / ଅନନ୍ତ ଅଗାଧ ମୋର ପ୍ରଭୁଙ୍କର ଦୟା ।/ ଅପରାଧ କ୍ଷମ ନାଥ, କ୍ଷମାର ସାଗର, / ବିଧି କଳା ମୋତେ ତୁମ୍ଭ ହୃଦୟର ଗର ।" (ଏକାଦଶ ସର୍ଗ, ପଦ ସଂଖ୍ୟା -୫୯ )

ନିଷ୍କର୍ଷରେ ଏତିକି କୁହାଯାଇପାରେ, ଗଙ୍ଗାଧରଙ୍କ 'ତପସ୍ୱିନୀ'ର ସୀତା ଭାରତୀୟ ସଂସ୍କୃତି ଓ ଗରିମାର ଏକ ମହତ୍ୱପୂର୍ଣ୍ଣ ଏକକ ! ଯାହାଙ୍କୁ ଆଜିର ନାରୀବାଦ ଦେଇ ଆଲୋଚନା କାରାଯାଇପାରିବ ନାହିଁ। ସତୀ ସୀତା ଭାରତୀୟବୋଧର ଚୂଡାନ୍ତ ପ୍ରତୀକ । ଜଣେ ଆଦର୍ଶ ନାରୀ, ଏକପତିବ୍ରତା ସତୀ ସାଧ୍ୱୀ ସୀତା ରଘୁବଂଶର ମର୍ଯ୍ୟାଦା ରଖିବାକୁ ଯାଇ ତଥା ପୁରୁଷୋତ୍ତମ ରାଜା ରାମଚନ୍ଦ୍ରଙ୍କ ସମ୍ମାନ ପାଇଁ ବରଣକରି ନେଇଥିଲେ ତପସ୍ୱିନୀର ଜୀବନ ! ଲୋକଅପବାଦ ପାଇଁ ହିଁ ସୀତାଙ୍କୁ ତପସ୍ୱିନୀ ଭାବେ ଯେଉଁଭଳି ଜୀବନ ବଞ୍ଚିବାକୁ ପଡିଲା ସେଥିପାଇଁ ସେ କାହାକୁ ଦୋଷ ନଦେଇ ଜଣେ ଆଦର୍ଶ ଭାରତୀୟ ସର୍ବଂସହା ଆଦର୍ଶ ନାରୀର ପରାକାଷ୍ଠା ଦେଖାଇଛନ୍ତି । ଏସମସ୍ତ ଦୃଷ୍ଟିରୁ କବି ଗଙ୍ଗାଧର ମେହେରଙ୍କ 'ତପସ୍ୱିନୀ' କାବ୍ୟକୁ ଭାରତୀୟ ବାଙ୍ମୟର ଉଦାତ୍ତ ଉଜ୍ଜ୍ୱଳ ପ୍ରତିବିମ୍ବ ଭାବେ ନିର୍ବିବାଦରେ ଗ୍ରହଣ କରାଯାଇପାରିବ ।

### ସହାୟକ ଗ୍ରନ୍ଥସୂଚୀ :


୧. ଉଦ୍‌ଗାତା, ଗୋବିନ୍ଦ, କାବ୍ୟଶିଳ୍ପୀ ଗଙ୍ଗାଧର, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ତୃତୀୟ ସଂସ୍କରଣ-୨୦୨୦

୨. ଦାସ, ଦାଶରଥି, ଆଧୁନିକତା ଓ କବି ଗଙ୍ଗାଧର, ବିଦଗ୍ଧ ମାନସ, ମିତା ବୁକ୍ସ, ଭୁବେନଶ୍ୱର, ୨୦୦୨

୩. ମେହର, ମଣୀନ୍ଦ୍ର, (ସଂ) ସ୍ୱଭାବ କବି ଗଙ୍ଗାଧର ଗ୍ରନ୍ଥାବଳୀ, ଗ୍ରନ୍ଥ ମନ୍ଦିର, କଟକ, ପୁନଃ ମୁଦ୍ରଣ-୨୦୦୮


❖ ❖ ❖

DOI :https://doi.org/10.5281/zenodo.14545850 ମୂଳ ପ୍ରବନ୍ଧ

# ଉତ୍ତର-କେନ୍ଦୁଝରର 'ମନସା ମଙ୍ଗଳା'- ଏକ ବିଚାର ଆଲୋଚନା

**ହିତେଶ୍ ବେହେରା**

**ସଂକ୍ଷିପ୍ତ ସାର :**

ଲୋକନାଟକ ହେଉଛି ଲୋକସାହିତ୍ୟର ଅନ୍ୟତମ ଏକ ବିଭବ । ଏହାରି ମାଧ୍ୟମରେ ସଂସ୍କୃତିର ପ୍ରଚ୍ଛଦ ପଟରେ ନିହିତ ଥିବା ଧାର୍ମିକ ପରମ୍ପରା, ବିଶ୍ୱାସବୋଧ, ସାମାଜିକ ସଦୁପଦେଶ ଜନସାଧାରଣଙ୍କ ନିକଟରେ ପହଂଚାଇବା ସଙ୍ଗେ ସଙ୍ଗେ ଲୋକ ମନୋରଞ୍ଜନ ଏହାର ମୁଖ୍ୟ ଅଭିପ୍ରାୟ । ଏଇ ପରିପ୍ରେକ୍ଷୀରେ ଉତ୍ତର-କେନ୍ଦୁଝର ଅଂଚଳରେ ଅନୁଷ୍ଠିତ ହେଉଥିବା 'ମନସା ମଙ୍ଗଳ' ଲୋକନାଟକର ପାଳନ ବିଧି ଓ ପରମ୍ପରା , ଲୋକଙ୍କ ମନରେ ଥିବା ଧାର୍ମିକ ମନୋଭାବ, ଦେବୀଙ୍କ ପ୍ରତି ଅତୁଟ ବିଶ୍ୱାସ ଆଲୋଚନା ପୂର୍ବକ ଏହାର ସ୍ୱତନ୍ତ୍ରତା ସମ୍ବନ୍ଧରେ ବିଶ୍ଲେଷଣ କରିବାର ପ୍ରଚେଷ୍ଟା କରାଯାଇଛି ।

**ପ୍ରମୁଖ ଶବ୍ଦ:** ଲୋକନାଟକ, ଲୋକସାହିତ୍ୟ, ମନସା ମଙ୍ଗଳା, ସଂସ୍କୃତି, ଗୀତ, ପୂଜା, ଅଂଚଳ ।

ସଂସ୍କୃତି ପରମ୍ପରାଗତ ଜ୍ଞାନର ଏକ ସଂଗଠିତ ରୂପ । ମଣିଷର ଜନ୍ମ ଠାରୁ ଆରମ୍ଭ କରି ନିଶ୍ଚିତ ମୃତ୍ୟୁର ସମ୍ମୁଖୀନ ହେବା ପର୍ଯ୍ୟନ୍ତ ତାହାର ଜୀବନଧାରାରେ ଆସୁଥିବା ରୀତି,ନୀତି,ସଂସ୍କାର,ପରମ୍ପରା ଓ ବିଧି ବିଧାନକୁ ବୁଝାଇଥାଏ । ସଂସ୍କୃତିକୁ ଛାଡି ମଣିଷର ପରିଚୟ ବୋଲି କିଛି ନାହିଁ । ଏଇ ସଂସ୍କୃତି ମଣିଷ ଜୀବନ ସହ ଜଡିତ ପ୍ରତିଟି ବିଭାଗକୁ ପ୍ରଗତିଶୀଳ କରାଇବାର ମୁଖ୍ୟ ଆଧାର । ଏହା ଜୀବନ ଓ ଜଗତକୁ ବାନ୍ଧି ରଖିଥିବା ଏକ ମଜଭୁତ ଡୋର । ସଂସ୍କୃତି ଗୋଟିଏ ଜାତିକୁ, ଗୋଟିଏ ପ୍ରଦେଶକୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରେ । ଏହାରି ମଧ୍ୟରେ ହିଁ ମଣିଷର ଭାଷା, କଳା ଓ ବିଜ୍ଞାନ, ଚିନ୍ତାଧାରା, ଆଧ୍ୟାତ୍ମିକତା, ସାମାଜିକ କାର୍ଯ୍ୟାବଳୀ, ନୈତିକ ଅବବୋଧ, ସାମାଜିକ ସମ୍ପର୍କ ଆଦି ଅନ୍ତର୍ନିବିଷ୍ଟ ହୋଇ ରହିଥାଏ ।

ଲୋକସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ହେଉଛି ଲୋକସାହିତ୍ୟ । ଲୋକସାହିତ୍ୟ ମୌଖିକ ପରମ୍ପରାର ଏକ ଅନୁଷଙ୍ଗ ବିଷୟ । ଏହା ମଧ୍ୟ ଦେଇ ଲୋକସଂସ୍କୃତି ସ୍ପଷ୍ଟ ପ୍ରତିଫଳିତ ହୁଏ । ସାଧାରଣ ଜନଜୀବନର କଥାକୁ ଲୋକସାହିତ୍ୟ ଲୋକକାହାଣୀ, ଲୋକଗୀତ, ଲୋକନାଟକ ମାଧ୍ୟମରେ ପ୍ରକାଶିତ କରେ । ଏଣୁ ଲୋକସାହିତ୍ୟ ଲୋକସଂସ୍କୃତି ସହ ଓତପ୍ରୋତ ଭାବେ ଜଡିତ, ଏ ସମ୍ପର୍କରେ ଆଲୋଚକ ଉଦ୍ଧାର କରିଥିବା ଇ.ବି. ଟେଲର୍‌ଙ୍କ ଉକ୍ତିକୁ ଦିଆଯାଇପାରେ - "Culture or civilization takes in its wide enthrographic sense, is that complex whole which includes knowledge, belief, art, morals, low, custom and any other capabilities and habits acquired by man , as a member of the society." (୧) ।

ଲୋକସାହିତ୍ୟର ଏକ ବଳିଷ୍ଠ ବିଭାଗ ହେଉଛି ଲୋକନାଟକ । ସାଧାରଣ ଜନମାନସର ହୃଦୟରୁ ଝରି ପଡୁଥିବା

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ
Quick Response Code:
Available online at : https://pracheenews.com/
DOI:https://doi.org/10.5281/zenodo.14545850
Article No - BPP00246

**ଯୋଗାଯୋଗ :**
**ହିତେଶ୍ ବେହେରା,** ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ ,ବ୍ୟାସବିହାର,ବାଲେଶ୍ୱର-୭୫୬୦୨୦
**Email:** beherahitesh37@gmail.com
**ORCID ID:** https://orcid.org/0009-0000-1483-9753

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୨.୮.୨୦୨୪ | ୧୦.୧୦.୨୦୨୪ | ୨୫.୧୧.୨୦୨୪ | ୧.୧୨.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ବେହେରା, ହିତେଶ୍ ; ୨୦୨୪ । **ଉତ୍ତର-କେନ୍ଦୁଝରର 'ମନସା ମଙ୍ଗଳା'- ଏକ ବିଚାର ଆଲୋଚନା ।** ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ୯; ପୃଷ୍ଠା :୪୨-୪୫ ।

ଭାବନାରାଜିର ନାଟ୍ୟରୂପ ହେଉଛି ଲୋକନାଟକ । ଏହା ଗ୍ରାମୀଣ ପଲ୍ଲୀ ଜନତାର ମନୋରଞ୍ଜନର ମୁଖ୍ୟ ମାଧ୍ୟମ । ଏଥିରେ ସଙ୍ଗୀତ, କାହାଣୀ ଓ ନୃତ୍ୟ ପରିଲକ୍ଷିତ ହେଉଥିବା ହେତୁ ଏହା ଏକ ମିଶ୍ରକଳା । ଲୋକନାଟକରେ ନିର୍ଦ୍ଦେଶକ, ଅଭିନେତା, ଓ ଦର୍ଶକ ସମସ୍ତେ ସାଧାରଣ ସ୍ତରର ମଣିଷ । ଏହା ଆପଣାର କଥା କହି , ସଙ୍ଗୀତ ଓ ବାଦ୍ୟ ଦ୍ୱାରା ପ୍ରଦର୍ଶିତ କରି କର୍ମକ୍ଳାନ୍ତ ପଲ୍ଲୀବାସୀଙ୍କୁ ଆନନ୍ଦ ପ୍ରଦାନ କରିଥାଏ । ସଂକ୍ଷେପରେ କହିବାକୁ ଗଲେ ସରଳ ସାଧାରଣ ମଣିଷର ଜୀବନକୁ ଆଶ୍ରୟ କରି ମୁଖରୁ ମୁଖକୁ ପ୍ରସାରିତ ଭାବନା ନାଟ୍ୟ ଲକ୍ଷଣଯୁକ୍ତ ହେଲେ, ତାହାକୁ ଲୋକନାଟକ ବୋଲାଯାଏ । ଏହାର ଅନ୍ୟ ଏକ ବିଭବ ହେଉଛି ଅଭିନୟ ସମ୍ପର୍କିତ ପୂର୍ଣ୍ଣଜ୍ଞାନ । ଅଭିନୟ ସମ୍ବନ୍ଧୀୟ ଉପଯୁକ୍ତ ଜ୍ଞାନ ନ ଥିଲେ ସଠିକ୍ ଭାବରେ ଲୋକନାଟକ ଅଭିନୀତ ହୋଇ ପାରିବ ନାହିଁ । ଅଭିନୟ କରିବା ନିମନ୍ତେ କଳା ନିପୁଣତା ରହିବା ଏକାନ୍ତ ଆବଶ୍ୟକ, ଏଣୁ ଆଲୋଚକ କହନ୍ତି – "ନାଟକ ହେଉଛି ସେହି କାବ୍ୟ,ଯାହା ଭାବ ପ୍ରଦର୍ଶନ, ଅଙ୍ଗ ସଂଚାଳନ ଓ ଘଟଣା ପରିବେଷଣ ସଙ୍ଗେ ସଙ୍ଗେ ଅଭିନୟ ଉପରେ ମୁଖ୍ୟତଃ ନିର୍ଭର କରେ ।"(୨) ।

ସାହିତ୍ୟ ସର୍ବଦା ପରିବର୍ତ୍ତନଶୀଳ । ସେ ବିଦଗ୍ଧ ସାହିତ୍ୟ ହେଉ ଅଥବା ଲୋକସାହିତ୍ୟ, ଏହା ସ୍ଥାନ, କାଳ ଅନୁସାରୀ ପରିବର୍ତ୍ତିତ ହୋଇଥାଏ । ଏହି ଦୃଷ୍ଟିରୁ ଓଡିଶାରେ ପ୍ରଚଳିତ ଥିବା ଲୋକନାଟକଗୁଡିକ ମଧ୍ୟ ସ୍ଥାନ ଅନୁଯାୟୀ ଭାଷାରେ ଏବଂ ଭାବଭଙ୍ଗୀରେ ଭିନ୍ନ ପ୍ରକାରର ହୋଇଥାଏ । ଉତ୍ତର-ଓଡିଶାରେ ଅଭିନୀତ ହେଉଥିବା ଲୋକନାଟକ ମଧ୍ୟରେ 'ମନସା ମଙ୍ଗଳା' ଅନ୍ୟତମ । ଏହା ମୁଖ୍ୟତଃ ଉତ୍ତର ବାଲେଶ୍ୱର ଓ କେନ୍ଦୁଝରରେ ବହୁଳ ମାତ୍ରାରେ ପ୍ରଚଳିତ । ଉତ୍ତର କେନ୍ଦୁଝରରେ କରାଯାଉଥିବା ଏ ନାଟକ ଭିନ୍ନ ଢଙ୍ଗରେ ପାଳିତ ହୋଇଥାଏ । ଏଣୁ ଏହି ନାଟକ ମାଧ୍ୟମରେ ଦେବୀ ମନସାଙ୍କ ପ୍ରତି ଉକ୍ତ ଅଂଚଳର ଅଧିବାସୀଙ୍କ ଅତୁଟ ଭକ୍ତି ଓ ଶ୍ରଦ୍ଧା କିପରି ସମର୍ପିତ ତଥା ତାଙ୍କ ପ୍ରତି ବିଶ୍ୱାସବୋଧ ଏବଂ ସେଇ ଦେବୀଙ୍କୁ କରୁଥିବା ପୂଜା ସଂପର୍କିତ ଯତ୍‌କିଂଚିତ୍ ଧାରଣା ପ୍ରଦାନ କରିବା ଆଲେଖ୍ୟର ମୁଖ୍ୟ ଉଦ୍ଦେଶ୍ୟ ।

ଓଡିଆ ଲୋକନାଟକ ମଧ୍ୟରେ ଉତ୍ତର ଓଡିଶାରେ ଅଭିନୀତ ହେଉଥିବା ଚର୍ଚ୍ଚିତ ଲୋକନାଟକ ହେଉଛି 'ମନସା ମଙ୍ଗଳା' । ଏହାର କାହାଣୀ ଭାଗ ସଂପର୍କରେ ଆଲୋଚକ କୁହନ୍ତି -"ଏହି ପ୍ରସଙ୍ଗଟି ବଙ୍ଗଳାର ବାଇଶି କବିଙ୍କ ପଦ୍ମପୁରାଣରୁ ଆସିଛି । ତାଲଖାଇରେ ଓଡିଆରେ ଅଭିନୀତ ଲୋକନାଟକ ମନସା ମଙ୍ଗଳା ପୁରାଣର ପ୍ରଭାବରେ ଲିଖିତ । ଏହା ଅଦ୍ୟାବଧି ବେଶ୍ ଲୋକପ୍ରିୟ ନାଟକ ରୂପେ ଗୃହୀତ ହୋଇ ଆସିଛି ।"(୩) । ଉତ୍ତର ବାଲେଶ୍ୱର(ଜଳେଶ୍ୱର, ଭୋଗରାଇ ଓ ବାଲିଆପାଳ) ଏବଂ ଉତ୍ତର କେନ୍ଦୁଝରରେ ହେଉଥିବା 'ମନସା ମଙ୍ଗଳା' ନାଟକ ମଧ୍ୟରେ କେବଳ ବିଷୟବସ୍ତୁକୁ ଛାଡିଦେଲେ ଅନ୍ୟାନ୍ୟ ବିଷୟରେ ସ୍ୱାତନ୍ତ୍ୟ ପରିଲକ୍ଷିତ ହୁଏ । ଯଥା –

କ) ବାଲେଶ୍ୱର ଅଂଚଳରେ ଏହି ପୂଜା ଜ୍ୟେଷ୍ଠ ମାସର ଶେଷ ସଂକ୍ରାନ୍ତିରେ କରାଯାଏ । ଅବଶ୍ୟ ଲୋକଙ୍କ ମାନସିକ ପୂରଣ ହେଲେ ସେମାନେ ସୁବିଧା ଅନୁଯାୟୀ ବର୍ଷର ଯେକୌଣସି ଶନିବାର କିମ୍ବା ମଙ୍ଗଳବାର ଦିନ କରାଯାଏ । ମାତ୍ର କେନ୍ଦୁଝର ଅଂଚଳରେ ମାର୍ଗଶୀର-ପୌଷ ଏଇ ଦୁଇ ମାସର ଯେକୌଣସି ଗୁରୁବାର ଦିନ ହୋଇଥାଏ ।

ଖ) କେବଳ ଗୋଟିଏ ଦିନ ବାଲେଶ୍ୱରରେ ପାଳିତ ହେଉଥିବା ବେଳେ କେନ୍ଦୁଝରରେ ୯ଦିନ ଧରି ହୋଇଥାଏ ।

ଗ) ସର୍ପ ଦଂଶନରୁ ଏବଂ ଦେବୀ ମନସାଙ୍କ ପ୍ରକୋପରୁ ରକ୍ଷା ନିମିତ୍ତ ବାଲେଶ୍ୱରରେ ସାତ୍ତ୍ୱିକ ରୀତିରେ ପୂଜା ହେଉଥିବା ବେଳେ, କେନ୍ଦୁଝରରେ ହେଉଥିବା ପୂଜା ତାମସିକ ଶୈଳୀରେ ହୋଇଥାଏ ।

ଘ) ବାଲେଶ୍ୱରରେ ହେଉଥିବା ମନସା ମଙ୍ଗଳା ଦୁଇ ପ୍ରକାରର – ପ୍ରଥମଟି ହେଉଛି ଏହି ପୂଜା ଦିନ ଯାତ୍ରା ଦଳ ଆସି ମଂଚରେ ଅଭିନୟ କରନ୍ତି । ଯାତ୍ରାଦଳ ଉକ୍ତ ଗ୍ରାମରେ ଥିଲେ ନିଜେ କରନ୍ତି ନଚେତ୍ ଅନ୍ୟ ଅଂଚଳରୁ ଦଳ ମଗାଇ ଅଭିନୟ କରାଇଥାନ୍ତି । ଅନ୍ୟଟି ହେଲା – ଯଦି ବ୍ୟକ୍ତିଗତ ଭାବେ କରୁଥିବା ମନସା ପୂଜା ଲୋକର ଆର୍ଥିକ ସ୍ଥିତି ଭଲ ନ ଥାଏ, ତେବେ ବାଜା, ହାରମୋନିୟମ୍ ଆଦି ବାଦ୍ୟଯନ୍ତ୍ରର ସହାୟତାରେ ଗାହାଣୀ ଆଖ୍ୟାନ ଭାଗକୁ ଗୀତ ଆକାରରେ ବୋଲିଥାନ୍ତି । କେନ୍ଦୁଝରରେ ହେଉଥିବା ପୂଜା ବି ଗାହାଣୀ ଗାଇଥାନ୍ତି ଏବଂ କୁମାରୀ ଝିଅମାନେ ଘୋଷାକୁ ପାଳି ଧରି ଗାଆନ୍ତି ।

ଙ) ବାଲେଶ୍ୱରରେ ହେଉଥିବା ପୂଜା ଦେବୀଙ୍କ ଏଇ ବନ୍ଦନାରୁ ଆରମ୍ଭ କରାଯାଏ, ତାହା ହେଲା-

"ଆସ୍ତକ ଦେବୀ ମୁନିର ମାତଃ<br>
ବାସୁକୀ ଭଗିନୀ ତଥା,<br>
ଜରତ୍କାର ମୁନିର ପତ୍ନୀ<br>
ମା ମନସା ଦେବୀ ନମସ୍ତୁତେ ।"(୪) ।

ସେହିପରି କେନ୍ଦୁଝର ଅଂଚଳରେ ଦେବୀଙ୍କ ଏଇ ବନ୍ଦନାରୁ ଆରମ୍ଭ ହୁଏ, ଯଥା –

"ଆହେ ଭବାନୀ ଜୟ ଶ୍ରୀରାମ<br>
ଆହେ ଦେବୀ ତୋ ପାଦେ ଶରଣ ।"(୫) ।

ଚ) ବାଲେଶ୍ୱରରେ ହେଉଥିବା ନାଟକ ଚାରିରୁ ଛଅ ଘଂଟା ହୋଇଥାଏ । ଅଭିନୟ ଶେଷ ହେଲା ବେଳକୁ ପୂଜା ମଧ୍ୟ ସମାପ୍ତ ହୋଇଯାଇଥାଏ ।

'ମନସା ମଙ୍ଗଳା'ର କାହାଣୀ ଭାଗ ପୁରାପୁରି ସମାନ ରହିଛି । କେବଳ ନାୟକର ନାମରେ ପରିବର୍ତ୍ତନ ହୋଇଛି । ବାଲେଶ୍ୱରରେ ନାୟକର ନାମ ଲକ୍ଷ୍ମୀଧର ହୋଇଥିବା ବେଳେ କେନ୍ଦୁଝରରେ ନଚିନ୍ଦ୍ରବଳା ଅଟେ । ଏହା ବ୍ୟତୀତ ଅନ୍ୟ ସବୁଥିରେ ସାମ୍ୟତା ପରିଲକ୍ଷିତ ହୁଏ । ଚାନ୍ଦ ସୌଦାଗରର ଦେବୀ ମନସାଙ୍କ ପ୍ରତି ଅନାଦର ଭାବ , ମାଙ୍କ ପ୍ରକୋପ ,କୁମାରୀ ବେହୁଲା ସହିତ ନଚିନ୍ଦ୍ରବଳା ବା ଲକ୍ଷ୍ମୀଧରର ବିବାହ ହେବା , ବାହାଘର ଚତୁର୍ଥୀରେ ନାୟକକୁ ସର୍ପ ଦଂଶନ , ମୃତ ସ୍ୱାମୀର ଶବକୁ ଧରି ବେହୁଲା ୬ମାସ ସମୁଦ୍ରରେ ଜୀବନଯାପନ କରିବା , ପୁଣି ନେତେଇ ଧୋବଣୀ ସହିତ ଭେଟ , ଧୋବଣୀକୁ ଧର୍ମମାତା କରିବା , ତାହାରି ମାଧ୍ୟମରେ ବେହୁଲାଙ୍କ ସ୍ୱର୍ଗକୁ ଗମନ , ସେଠାରେ ନୃତ୍ୟଗୀତ ପରିବେଷଣରେ ଦେବତାଙ୍କୁ ସନ୍ତୁଷ୍ଟ କରି ତାଙ୍କରି କୃପାରେ ସ୍ୱାମୀଙ୍କ ପୁନର୍ଜୀବନ ପ୍ରାପ୍ତି ଆଦି ସବୁ ଘଟଣା ସନ୍ନିହିତ ହୋଇ ରହିଛି । ବିଷୟବସ୍ତୁ ସମାନ ରହିଥିଲେ ହେଁ ଗାହାଣୀଙ୍କ ଗାଇବା ଶୈଳୀ ତଥା ପଦ ପଂକ୍ତି ସବୁ ଅଲଗା ହୋଇଥାଏ ।

### ଉତ୍ତର-କେନ୍ଦୁଝରର 'ମନସା ମଙ୍ଗଳା' ପୂଜାବିଧି ପରମ୍ପରା:

'ମନସା ମଙ୍ଗଳା' ଉତ୍ତର-କେନ୍ଦୁଝରରେ ବହୁଳ ପ୍ରଚଳିତ ଥିବା ଲୋକନାଟକ । ଏହା ଏହା ଉକ୍ତ ଅଂଚଳର ଏକ ଗଣପର୍ବ ବୋଲି କହିଲେ ଅତ୍ୟୁକ୍ତି ହୋଇ ନ ପାରେ । କେନ୍ଦୁଝରର ଝୁମ୍ପୁରା, ସଦର୍, ଚମ୍ପୁଆ ଓ ଯୋଡା ବ୍ଲକ୍‌ମାନଙ୍କରେ ଅତି ମାତ୍ରାରେ ଅନୁଷ୍ଠିତ ହୋଇଥାଏ । ଏହା ମାର୍ଗଶୀର-ପୌଷ ମାସର ଯେକୌଣସି ଗୁରୁବାର ଦିନରୁ ଆରମ୍ଭ କରି ନଅ ଦିନ ଧରି ଖୁବ୍ ଜାକଜମକରେ କରାଯାଇଥାଏ । ବାଲେଶ୍ୱର ଭଳି ଏ ଅଂଚଳରେ ବି ଗୋଷ୍ଠୀବଦ୍ଧ ଭାବରେ ଅଥବା କୌଣସି ବ୍ୟକ୍ତିଙ୍କ ମାନସିକ ପରିପୂରଣ ହେଲେ ବ୍ୟକ୍ତିଗତ ମଧ୍ୟ କରିଥାନ୍ତି । ଏହି 'ମନସା ମଙ୍ଗଳା' ପୂଜା ପ୍ରାୟତଃ 'କୁମ୍ଭକାର' ସଂପ୍ରଦାୟର ବସତି ଅଂଚଳରେ ହିଁ କରୁଥିବା ଦେଖାଯାଇଛି । କାରଣ ହେଉଛି ଦେବୀ ମନସାଙ୍କ ପ୍ରତିମା ଜଣେ କୁମ୍ଭକାର ହିଁ ରୂପ ଦେଇଥାନ୍ତି । ଏଣୁ ଏ ଅଂଚଳରେ ପାଳିତ ମନସା ମଙ୍ଗଳା କୁମ୍ଭକାରମାନଙ୍କ ବିନା କରିବା ଅସମ୍ଭବ ।

ଦେବୀ ମନସାଙ୍କ ପ୍ରତିମାକୁ ରୂପ ଦେଉଥିବା ଏଇ କୁମ୍ଭକାରଙ୍କୁ 'ରଣିଆ' ବୋଲି କୁହନ୍ତି । ଯେଉଁ ଗୁରୁବାର ଦିନ ଦେବୀଙ୍କ ପ୍ରତିମାକୁ ଆଣିବାକୁ ସ୍ଥିର କରିଥାନ୍ତି, ଉକ୍ତ ଦିନ ସକାଳେ ସେମାନେ ରଣିଆ ଘରେ କ୍ଷୀର ଓ ଗୁଆ ଦେଇ ଆସିଥାନ୍ତି । ପୁଣି ସେ ଦିନ ଉପବାସ ରହି ଦ୍ୱିପ୍ରହର ବେଳକୁ ଖାଲି ପାଦରେ ଚାଲି ଚାଲି ଶଙ୍ଖ,ଘଂଟ ଓ ବାଜା ବଜାଇ ରଣିଆ ଘରକୁ ଶ୍ରଦ୍ଧା ଓ ଭକ୍ତି ସହକାରେଯାଇଥାନ୍ତି । ରଣିଆ ଆଉ ତାଙ୍କ ସ୍ତ୍ରୀ ସେଦିନ ନିର୍ଜଳା ଉପବାସ କରି ଥାଆନ୍ତି, ସକାଳୁ ଦେଇ ଆସିଥିବା କ୍ଷୀରରେ ମାଟି ଭିଜାଇ ସେଥିରେ ମା ମନସାଙ୍କ ମୂର୍ତ୍ତୀ ଗଢନ୍ତି । ଏ ସମୟରେ ଗାହାଣୀ ଗୀତ ବୋଲନ୍ତି ; ମାତ୍ର ସେଗୁଡିକ ବିଷୟବସ୍ତୁ ଅନ୍ତର୍ଗତ ହୋଇ ନ ଥାଏ । ସେ ନିଜ ଅନୁସାରେ ଗାଇଥାନ୍ତି । ରୂପ ଦେବା ପରେ ଆଣିଥିବା ଅଳଙ୍କାରମାନ ପିନ୍ଧାଇ ଦିଅନ୍ତି । ତାହା ପରେ ଦେବୀଙ୍କ ପୂଜା ହେଲା ଉତ୍ତାରେ ରଣିଆ ଗୋଟିଏ ହାଣ୍ଡି ଦେଇ ବିଦାୟ ଦିଅନ୍ତି, ରଣିଆ ଦେଇଥିବା ମାଟି ହାଣ୍ଡିକୁ ବାଜୁଣୀ ହାଣ୍ଡି ବୋଲି କୁହାଯାଏ । ମା ମନସା ମଙ୍ଗଳାଙ୍କୁ ଧରି ଭକ୍ତଗଣ ଘଂଟ, ଶଙ୍ଖ ବଜାଇ ପୂର୍ବ ନିର୍ଦ୍ଧାରିତ ପୀଠକୁ ନେଇ ଆସୀନା କରାନ୍ତି । ରଣିଆ ଘରୁ ଦେବୀଙ୍କୁ ନେବା ସମୟରେ ଗାହାଣୀ ଗାଇ ଉଠନ୍ତି-

"ଶୀଘ୍ର ବାହାରି ଆସ
ସିଂହାସନରେ ବସ,
ବାଜେ ତେଲୁଙ୍ଗି ବାଜା
ମନସା ପାଇବେ ପୂଜା ।"(୬) ।

ପ୍ରଥମ ଦିନ ପରେ ଦ୍ୱିତୀୟ ଦିନଠାରୁ ସକାଳ ଓ ସନ୍ଧ୍ୟା ସମୟରେ ପୂଜା ହୁଏ । ଏ ପୂଜାରେ ଅଧିକ ବେଲ ପତ୍ର ଓ କ୍ଷୀର ଲାଗିଥାଏ । ସନ୍ଧ୍ୟାବେଳେ ହେଉଥିବା ପୂଜା ସମୟରେ ଗାହାଣୀ ଗୀତ ଗାଆନ୍ତି, ଆଉ ଘୋଷାକୁ ପାଳି ଧରି କୁମାରୀ ଝିଅମାନେ ବୋଲନ୍ତି । ଏହି ଗାଇବା ସମୟରେ କିଛି କିଛି ସ୍ଥାନରେ କାହାଣୀ ଭାଗ ଅନୁଯାୟୀ ଅଭିନୟ କରିଥାନ୍ତି । ବାଲେଶ୍ୱର ଭଳି ଏଠାରେ ଅଭିନୟ ହୁଏ ନାହିଁ, ପ୍ରାୟତଃ ଗୀତ ଉପରେ ପ୍ରାଧାନ୍ୟ ଦିଆଯାଏ । ମନସାଙ୍କୁ କରୁଥିବା ପୂଜା ଦେହୁରୀଙ୍କ ଦ୍ୱାରା ସମ୍ପନ୍ନ ହୋଇଥାଏ । ଏହି ସମୟରେ ହନୁମନ୍ତ ନାମଧାରୀ ଜଣେ ଚରିତ୍ର ରଣିଆ ଦେଇଥିବା ବାଜୁଣୀ ହାଣ୍ଡିକୁ ପ୍ରତ୍ୟେହ ଆସି ବଜାଇଥାନ୍ତି । ଗୁରୁବାର ଦିନଠାରୁ ଆଠଦିନ ଯାଏଁ ଏପରି ରୀତିମତ ପୂଜାର୍ଚ୍ଚନା ସହିତ ଗୀତ ମଧ୍ୟ ବୋଲା ହେଉଥାଏ । ଅଷ୍ଟମ ଦିନ ପୂଜା ସରିବା ବେଳକୁ ବିଷୟ ମଧ୍ୟ ସମାପ୍ତ ହୋଇ ସାରିଥାଏ । ୯ଦିନ ମଧ୍ୟରୁ ଷଷ୍ଠଦିନ(ମଙ୍ଗଳବାର)କୁ 'ଜଣ୍ଡି' ବୋଲି କୁହାଯାଏ । ଏହିଦିନ ଦଧିନାଟରେ ଦହିହାଣ୍ଡି ଭାଙ୍ଗି ଦହି ବିକିବା ପରି ଏଇ ଜଣ୍ଡି ଦିନ ଦହି ବିକାଯାଏ । ଏହିଦିନ ଲୋକଙ୍କ ସମାଗମ ଅଧିକ ହୋଇଥାଏ । କିଛି ସ୍ଥାନରେ ଏଇ କାର୍ଯ୍ୟ ସମ୍ପନ୍ନ ସପ୍ତମ ଦିନ କରାଯାଇଥାଏ । ଏହି ପୂଜାରେ କିଛି ଲୋକଙ୍କୁ କାଳିସୀ ଲାଗେ, ସେମାନେ ତା ପରେ ଝୁଲନ୍ତି । ଯାହାଙ୍କୁ ପ୍ରଥମେ କାଳିସୀ ଲାଗେ ବା ଯିଏ ମୁଖ୍ୟ ଥାଆନ୍ତି ତାଙ୍କୁ ଅଗ୍ନିକୁଆଁରୀ ବୋଲି କୁହନ୍ତି । ତାଙ୍କର କାମ ହେଲା ନବମ ଦିନ ପାହାନ୍ତା ବେଳକୁ ଗାଧୋଇ ଖନ୍ଦା ଖୋଳି କାଠଦେଇ ନିଆଁ ଜାଳିଥାନ୍ତି । ନବମ ଦିନ ପୂଜା ପରେ ଦ୍ୱିପ୍ରହର ବେଳକୁ ଉକ୍ତ ଖନ୍ଦାରେ ଯେଉଁ ଅଗ୍ନି ସଂଯୋଗ କରାଯାଇଥାଏ ,ସେ ତାହାରି ଉପରେ ଚାଲନ୍ତି । ଦେବୀ ମନସାଙ୍କୁ ପ୍ରସନ୍ନ କରିବା ଲାଗି ପ୍ରଥମେ ଅଗ୍ନିକୁଆଁରୀ ତା ଉତ୍ତାରେ ଉପବାସ ଥିବା ଭକ୍ତଗଣ ସେ ଅଗ୍ନି ଉପରେ ଚାଲିଥାଆନ୍ତି । ଚାଲିବା ସମୟରେ ନିଆଁର ପ୍ରଭାବ ନ ପଡିବା ଲାଗି ଆଗ ପୂଜା କରାଯାଏ, ଗାହାଣୀ ଏ ସମୟରେ ଗାଆନ୍ତି-

"ଶାରୀ ଧରେଇ ଦେ ବଣିଆ ଶୁଆ ଧରେଇ ଦେ
ବଢିଛି କାଳିନ୍ଦୀ ନଦୀ ପାର କରେଇ ଦେ ବଣିଆ
ଶୁଆ ଧରେଇ ଦେ ।"(୭) ।

ଏହି ଦୃଶ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟେ । ଅନ୍ୟ ଏକ ଚମତ୍କାର ଦୃଶ୍ୟ ହେଲା କରାଯାଉଥିବା ମନସା ପୂଜାରେ ମାଙ୍କ ନିକଟରେ କୁକୁଡ଼ା, ହଂସ ଓ ଛେଳି ଆଦି ବଳୀ ଦିଆଯାଏ । ନବମ ଦିନର ପୂଜା ପରେ ଏହି ବଳୀ ଦିଆଯାଏ । ଏହାପରେ ଗୀତ ଗାଇ ଘଂଟ, ବାଜା ବଜାଇ ନେଇ ପୋଖରୀ କିମ୍ବା ନଇରେ ବିସର୍ଜନ କରି ଦିଅନ୍ତି ।

**ପ୍ରଭାବ :**

'ମନସା ମଙ୍ଗଳା' ଲୋକନାଟକ ଏ ଅଂଚଳର ଲୋକଙ୍କୁ ଗଭୀର ଭାବେ ପ୍ରଭାବିତ କରିଛି । ଏ ଦିନମାନଙ୍କରେ କେହି କାମକୁ ଯାଆନ୍ତି ନାହିଁ । ଶ୍ରଦ୍ଧା ଚିତ୍ତରେ ଗଭୀର ଭକ୍ତିପୂର୍ବକ ମାଙ୍କ ଉପାସନାରେ ମଜ୍ଜି ରହିଥାନ୍ତି । କେହି ନିଶା ସେବନ କରି ଦେବୀଙ୍କ ପୂଜା ହେଉଥିବା ସ୍ଥାନକୁ ଯାଆନ୍ତି ନାହିଁ । ଏଠାରେ କାମନା କରନ୍ତି ସମସ୍ତଙ୍କ ମଙ୍ଗଳ ପାଇଁ, ନିଜର ଇଚ୍ଛା ପୂରଣ ହେଲେ ଦେବୀଙ୍କ ଏ ଯାତ୍ରା କରନ୍ତି ନଚେତ୍ ଛେଳି କିମ୍ବା କୁକୁଡ଼ା ବଳୀ ଦିଅନ୍ତି । କ୍ଷେତ୍ର ଅଧ୍ୟୟନରୁ ଜଣାପଡ଼ିଛି ଯେ , ଏ ବଳୀ ଦେବାର କାରଣ ହେଉଛି ବିଭିନ୍ନ ଦୈବୀ ଦୁର୍ବିପାକରୁ ଉଦ୍ଧରିବା ପାଇଁ, ଆଉ ମନସା ମଙ୍ଗଳାଙ୍କ ସଦା ସର୍ବଦା ଆଶୀର୍ବାଦ ବଳୟ ଭିତରେ ରହିବା ଲାଗି । ବିଶେଷ ସୂତ୍ରରୁ ଯାହା ଜ୍ଞାତ ହୋଇଛି ଯେ, ଉତ୍ତର-କେନ୍ଦୁଝର ହେଉଛି ଏକ ଆଦିବାସୀ ଅଧୁଷିତ ଅଂଚଳ । ଆଦିବାସୀମାନଙ୍କ ପୂଜା ପଦ୍ଧତି ତାମସିକ ବୋଲି ଏହା ସମସ୍ତେ ଜାଣନ୍ତି ଏଣୁ ଏହି ପ୍ରଥା ପରମ୍ପରା କ୍ରମେ ଆଜି ପର୍ଯ୍ୟନ୍ତ ରହି ଆସିଛି । ଦେବୀ ମନସାଙ୍କ ଉପରେ ଲୋକଙ୍କ ଅତୁଟ ବିଶ୍ୱାସ ଯେ, ସେ ତାଙ୍କୁ ସମସ୍ତ ସଂକଟରୁ ରକ୍ଷା କରିବେ । ହେଉଥିବା ଏ ଉତ୍ସବରେ ନା କେବଳ ଉକ୍ତ ଗ୍ରାମର ଲୋକେ ଉପସ୍ଥିତ ରୁହନ୍ତି , ବରଂ ଆଖପାଖ ଗାଁର ଲୋକମାନେ ମଧ୍ୟ ଆସି ଏ ଦୃଶ୍ୟ ଦେଖିବାର ସୁଯୋଗ ନିଅନ୍ତି । ପ୍ରଥମ ଦିନ ଏବଂ ଶେଷଦିନ ବୋଲୁଥିବା ଗୀତ ଗାହାଣୀଙ୍କ ନିଜସ୍ୱ ହୋଇଥାଏ , ନିଜ ମନମୁତାବକ ମନସା ସମ୍ବନ୍ଧୀୟ ଗୀତ ଗାଇଥାନ୍ତି । ଦ୍ୱିତୀୟ ଦିନଠାରୁ ଅଷ୍ଟମ ଦିନ ଯାଏଁ ବୋଲୁଥିବା ସବୁଗୀତ ସମାନ ରହିଥାଏ । ଏ ଲୋକନାଟକ ପ୍ରତିବର୍ଷ ମାର୍ଗଶୀର-ପୌଷ ମାସରେ ଧୁମ୍‌ଧାମ୍‌ରେ ପାଳିତ ହୋଇ ଆସୁଛି ।

'ମନସା ମଙ୍ଗଳା' ଲୋକନାଟକ ଉତ୍ତର-କେନ୍ଦୁଝର ସଂସ୍କୃତି ଅଭ୍ୟନ୍ତରରେ ଥିବା ଲୋକଜୀବନର ସଦ୍ୟ ଅନୁଭବ ଓ ଅନୁଭୂତିକୁ ପ୍ରକାଶ କରିବାର ଏକ ଆଧାର । ଏ ନାଟକ ଗୋଷ୍ଠୀ ଚିତ୍ତ ବିନୋଦନରୁ ଆରମ୍ଭ ହୋଇ ଗୋଷ୍ଠୀ ବିକାଶର, ସୁସ୍ଥ ଓ ସୁରକ୍ଷିତ ରହିବାର ମନ୍ତ୍ର ପ୍ରଚାର କରିଥାଏ । ଲୋକନାଟକ ହିଁ ଯେ, ସଂସ୍କୃତିର ନିଚ୍ଛକ ପ୍ରତିଛବି ପ୍ରତିଫଳିତ କରେ ତାହା ପ୍ରମାଣିତ ହୋଇଛି । 'ମନସା ମଙ୍ଗଳା' ଲୋକନାଟକ ହେଉଛି ଧାର୍ମିକ ପରମ୍ପରାର ବାହକ, ଜନମାନସର ଆନନ୍ଦ ପ୍ରଦାୟକ ତଥା ଅତୀତ ଓ ଭବିଷ୍ୟତର ସୂତ୍ରଧର । ଏଣୁ ଏ ଲୋକନାଟକ ଯେ, ମନକୁ ଓ ହୃଦୟକୁ ଶାନ୍ତ,ଚିତ୍ତ ଏବଂ ଭକ୍ତିପ୍ଲୁତ କରିବାର ଶ୍ରେଷ୍ଠ ମାଧ୍ୟମ- ଏହା ନିଃସନ୍ଦେହରେ କୁହାଯାଇପାରେ ।

**ସହାୟକ ଗ୍ରନ୍ଥସୂଚୀ :**


୧. ପ୍ରଧାନ କୃଷ୍ଣଚନ୍ଦ୍ର, ଲୋକସାହିତ୍ୟ ଓ ଲୋକସଂସ୍କୃତି, ବିଦ୍ୟାପୁରୀ ବାଲୁବଜାର, କଟକ, ଅଷ୍ଟମ ମୁଦ୍ରଣ -୨୦୧୯, ପୃ-୧ ।

୨. ଚଇନି ରତ୍ନାକର, ଓଡ଼ିଆ ନାଟକର ଉଦ୍ଭବ ଓ ବିକାଶ, ପୃ- ୪୩ ।

୩. ପ୍ରଧାନ ମନ୍ମଥ କୁମାର, ଓଡ଼ିଆ ଲୋକନାଟ୍ୟ ପରମ୍ପରା, ସୃଜନୀ ପ୍ରକାଶନୀ, ଗୋପାଳ ଗାଁ, ବାଲେଶ୍ୱର, ପ୍ରଥମ ପ୍ରକାଶ- ୨୦୧୮, ପୃ- ୭୪ ।

୪. ସନ୍ଧ୍ୟାରାଣୀ ମିର୍ଦ୍ଧା ,ବୟସ-୫୬, ସା- ଜଗନ୍ନାଥପୁର, ବ୍ଲକ୍- ଭୋଗରାଇ, ବାଲେଶ୍ୱର ।

୫. ସନାତନ ବେହେରା , ବୟସ-୫୭, ସା- ସତିକୁଦର, ବ୍ଲକ୍- ସଦର୍, କେନ୍ଦୁଝର ।

୬. ଗନ୍ଧା ବେହେରା , ବୟସ-୭୮ , ସା - ସତିକୁଦର, ବ୍ଲକ୍- ସଦର୍, କେନ୍ଦୁଝର ।

୭. ପଦନ ବେହେରା, ବୟସ-୬୫, ସା-ଟୁକୁଡିହା, ବ୍ଲକ୍-ଝୁମ୍ପୁରା, କେନ୍ଦୁଝର ।


**ତଥ୍ୟ ପ୍ରଦାନକାରୀଙ୍କ ନାମ ଓ ଠିକଣା :**

୧. ଗନ୍ଧା ବେହେରା, ବୟସ- ୭୮, ସା- ସତିକୁଦର, ବ୍ଲକ୍- ସଦର୍, କେନ୍ଦୁଝର ।

୨. ରଥ ବେହେରା(ରଣିଆ), ବୟସ-୪୫, ସା-ସତିକୁଦର,ବ୍ଲକ୍- ସଦର, କେନ୍ଦୁଝର ।

୩. ପଦନ ବେହେରା , ବୟସ- ୬୫, ସା-ଟୁକୁଡିହା, ବ୍ଲକ- ଝୁମ୍ପୁରା, କେନ୍ଦୁଝର ।

୪. ଅଖିଳ ବେହେରା, ବୟସ-୭୪, ସା-ବଡବିଲ, ବ୍ଲକ୍- ଯୋଡା, କେନ୍ଦୁଝର ।

୫. ରାଧୁ ବେହେରା, ବୟସ- ୭୨, ସା-ରଜିଆ,ବ୍ଲକ୍-ଚମ୍ପୁଆ, କେନ୍ଦୁଝର ।

୬. ସନ୍ଧ୍ୟାରାଣୀ ମିର୍ଦ୍ଧା , ବୟସ-୫୬, ସା- ଜଗନ୍ନାଥପୁର, ବ୍ଲକ୍- ଭୋଗରାଇ , ବାଲେଶ୍ୱର ।

୭. ପାର୍ବତୀ ବାରିକ୍, ବୟସ- ୭୫, ପାକମୁଡି, ବ୍ଲକ୍- ବାଲିଆପାଳ, ବାଲେଶ୍ୱର ।

୮. ବନିତା ଜେନା, ବୟସ- ୪୬, ସା- ସୁଗୋ, ବ୍ଲକ୍- ଜଳେଶ୍ୱର,ବାଲେଶ୍ୱର ।

❖ ❖ ❖

DOI :https://doi.org/10.5281/zenodo.14545865 ମୂଳ ପ୍ରବନ୍ଧ

# ହଜାରେ ଚଉରାଶୀର ମା: ଆଧୁନିକ ଯୁଗଯନ୍ତ୍ରଣାର ଧ୍ୱନିପ୍ରତିଧ୍ୱନି

**କିଶୋର ଚନ୍ଦ୍ର ମହାନ୍ତ ଓ ତପନ କୁମାର ବେହେରା**

**ସଂକ୍ଷିପ୍ତ ସାର :**

'ହଜାରେ ଚଉରାଶୀର ମା : ଆଧୁନିକ ଯୁଗ ଯନ୍ତ୍ରଣାର ଧ୍ୱନିପ୍ରତିଧ୍ୱନି' ହେଉଛି ଏକ ସମୟରେ ଘଟିଥିବା ବାସ୍ତବବାଦୀ ଘଟଣାବଳୀର ଆଲେଖ୍ୟ । ଗୋଟିଏ ସମୟରେ ଘଟିଥିବା ବିପ୍ଳବ ଯେ ପରବର୍ତ୍ତୀ ଯୁଗ ପାଇଁ କେତେ ଉପାଦେୟ ହୋଇପାରେ ତାହା ଏଠାରେ ବର୍ଣ୍ଣିତ । ଏଠାରେ ଜଣେ ନାରୀର ଅସହାୟତା, ପୁତ୍ରକୁ ହରାଇ ଶୋକରେ ଅଧୀର ହେବା,ଧର୍ମକୁ ଆଖିଆଗରେ ରଖି ନାନା ବ୍ୟଭିଚାର ଘଟଣାମାନ ଘଟାଇବା ,ସାମ୍ପ୍ରତିକ ସମୟରେ ଯୌନପିପାସା ଏକ ଅତ୍ୟାବଶ୍ୟକ ରୂପେ ବିବେଚିତ ହୋଇଛି । ସେହିପରି ପୁଞ୍ଜିବାଦୀ ଗୋଷ୍ଠୀ ସର୍ବହରାକୁ ଅତ୍ୟାଚାରିତ କରିବା ସହ ସେମାନଙ୍କୁ ବିଶ୍ୱାସଘାତକର ଶିକାର କରାଇବା ,କୂଟନୈତିକ ସମ୍ପର୍କ ମାଧ୍ୟମରେ ନିଶ୍ଚିହ୍ନ କରାଇବାର ଚକ୍ରାନ୍ତ । ଭାରତର ପୁଂଜିବାଦ ଗୋଷ୍ଠୀ ବିରୋଧରେ ସ୍ୱର ଉତ୍‌ତୋଳନ କରି ନକ୍ସଲ ଦଳରେ ଅଂଶ ଗ୍ରହଣ କରିବାକୁ କିପରି ବାଧ୍ୟ ହେଉଛନ୍ତି ତାହା ଦର୍ଶା ଯାଇପାରେ । ଏହିସବୁ ସମସ୍ୟା ସାମ୍ପ୍ରତିକ ସମୟର ଏକ ଜୀବନ୍ତ ଆଲେଖ୍ୟ ।

**ପ୍ରମୁଖ ଶବ୍ଦ:** ଚଉରାଶୀ, ଯୁଗ, ନାରୀ,ଚିତ୍ର, ପରିବାର, ସ୍ୱପ୍ନ, ଆନ୍ଦୋଳନ, ଧର୍ମ, ବିଶ୍ୱାସ ଇତ୍ୟାଦି ।

ଉପନ୍ୟାସ ହେଉଛି ଅଧୁନିକ ଯୁଗର ଗଦ୍ୟମହାକାବ୍ୟ । ଏଥିରେ ଯୁଗଯନ୍ତ୍ରଣା ଓ ଜୀବନବୋଧର ଆଲେଖ୍ୟ ରୂପାୟିତ ହୋଇଥାଏ । ଯଦି ଗଳ୍ପକୁ ଏକ ଘରର ଝରକା ସହିତ ତୁଳନା କରାଯାଏ ତେବେ ଉପନ୍ୟାସ ହେବ ସେହି ଘରର ଦ୍ୱାର କାରଣ ଝରକା ବାଟଦେଇ ଆମେ କୌଣସି ବସ୍ତୁକୁ ଆଂଶିକ ରୂପେ ଦେଖିବାକୁ ପାଉଥିବା ବେଳେ ଦ୍ୱାର ବାଟ ଦେଇ ଦେଖିଲେ ତାହା ସଂପୂର୍ଣ୍ଣ ରୂପେ ଦେଖିପାରିଥାଉ । ଠିକ୍ ସେହିଭଳି କ୍ଷୁଦ୍ରଗଳ୍ପ ମାଧ୍ୟମରେ ଆମେ ଜୀବନର ସଂକ୍ଷିପ୍ତରୂପ ଦେଖିବାକୁ ପାଉଥିବା ବେଳେ ଉପନ୍ୟାସ ମାଧ୍ୟମରେ ପୂର୍ଣ୍ଣ ଜୀବନଦର୍ଶନ ଓ ଜୀବନରଚିତ୍ର ଦେଖିବାକୁ ପାଇଥାଉ । ଆଧୁନିକ ଉପନ୍ୟାସର ଭାବବସ୍ତୁ ମଣିଷର ଜୀବନରୁ ଗୃହୀତ ହୋଇଥାଏ । ସେହି ଜୀବନର ଅଭିଜ୍ଞତା ଓ ଅନୁଭୂତିରେ ଔପନ୍ୟାସିକ କିଛି କଳ୍ପନାର ରଙ୍ଗ ମିଶାଇ ସରଳ,ସହଜ,ସାବଲୀଳ,ଲାବଣ୍ୟମୟ ଭାଷାର ଜୀବନୀ ଶକ୍ତିରେ କାଳ୍ପନିକ କାହାଣୀକୁ ଜୀବନ୍ୟାସ ଦେଇ ପ୍ରତ୍ୟୟ ସୃଷ୍ଟି କରାଇ ପାରିଥାଏ ।

ଉପନ୍ୟାସ ଇଂରାଜୀ 'ନଭେଲ'ର ଓଡିଆ ପ୍ରତିଶବ୍ଦ । ଯାହାର ଆଦ୍ୟସ୍ଫୁରଣ ଘଟିଥିଲା ଇଂରାଜୀ ସାହିତ୍ୟରେ,କାରଣ ଇଂଲଣ୍ଡରେ ବ୍ୟକ୍ତି ସ୍ୱାତନ୍ତ୍ର୍ୟ ଓ ବୁର୍ଜୁୟା ସଭ୍ୟତାର ବିକାଶ ପ୍ରଥମେ ସମ୍ଭବ ହୋଇଥିଲା । ଏହି ଉପନ୍ୟାସ ରଚନାରଧାରା ବେଶୀ ଦିନର ନୁହେଁ । ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରୁ ଏହାର ରଚନା ଆରମ୍ଭ ହୋଇଥିଲା । ଇଂରାଜୀ ସାହିତ୍ୟରେ ପ୍ରଥମ କରି ୧୭୪୦ମସିହାରେ ରିଚାର୍ଡସନ ପାମେଲା ଉପନ୍ୟାସ ରଚନା କରିଥିଲେ । ଉପନ୍ୟାସର ଏକ ସ୍ୱତନ୍ତ୍ର

**ଯୋଗାଯୋଗ :**
**କିଶୋର ଚନ୍ଦ୍ର ମହାନ୍ତ,** ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ, ଫକୀର ମୋହନ ବିଶ୍ୱବିଦ୍ୟାଳୟ,ବ୍ୟାସବିହାର,ବାଲେଶ୍ୱର
**Email:** mohantakishorechandra9@gmail.com
**ORCID ID:** https://orcid.org/0009-0004-7696-8664

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୨.୮.୨୦୨୪ | ୧୦.୧୦.୨୦୨୪ | ୨୫.୧୧.୨୦୨୪ | ୧.୧୨.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ମହାନ୍ତି, କିଶୋର ଚନ୍ଦ୍ର ଓ ବେହେରା, ତପନ କୁମାର; ୨୦୨୪ ।**ହଜାରେ ଚଉରାଶୀର ମା: ଆଧୁନିକ ଯୁଗଯନ୍ତ୍ରଣାର ଧ୍ୱନିପ୍ରତିଧ୍ୱନି** । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ୯, ପୃଷ୍ଠା :୪୬-୫୨ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ
Quick Response Code:
Available online at : https://pracheenews.com/
DOI:https://doi.org/10.5281/zenodo.14545865
Article No - BPP00247

ଦିଗ ରହିଲା, ଯଥା -କଥାବସ୍ତୁ, ଚରିତ୍ର ଚିତ୍ରଣ, ପରିବେଶ, ସଂଳାପ, ପୃଷ୍ଠଭୂମି ଶୈଳୀ ଇତ୍ୟାଦି ।

ପାଶ୍ଚାତ୍ୟ ସାହିତ୍ୟ ମାଧ୍ୟମରେ ଉପନ୍ୟାସର ଧାରା ଆମ ସାହିତ୍ୟକୁ ଆସି ବିଭିନ୍ନ ଭାଷାରେ ଅନୂଦିତ ହୋଇଛି । ସାଂପ୍ରତିକ ସମୟରେ ଅନୁବାଦର ଧାରା ହେଉଛି ଏକ ବଳିଷ୍ଠ ବିଭାଗ । ବିଶ୍ୱ ହେଉଛି ଅନୁବାଦର ବିଶ୍ୱ । ଏହି ଅନୁବାଦ ମାଧ୍ୟମରେ ଆଜି ବିଶ୍ୱର ମଣିଷ ମଣିଷ ମଧ୍ୟରେ, ଜାତିଜାତି ମଧ୍ୟରେ, ଦେଶଦେଶ ମଧ୍ୟରେ ପାରସ୍ପରିକ ସମ୍ବନ୍ଧ ରକ୍ଷାକାରୀ ଭୂମିକା ଗ୍ରହଣ କରିଚି । ଜ୍ଞାନ ବିଜ୍ଞାନର ବିସ୍ତାରିତ ଚେତନାକୁ ବିଶ୍ୱ ମଣିଷ ନିକଟରେ ଉପଲବ୍ଧି କରାଇବାର ଦାୟିତ୍ୱ ସ୍ୱତଃସ୍ଫୂର୍ତ୍ତ ଭାବରେ ଅନୁବାଦ ନିଜ ଉପରେ ସମର୍ପଣ କରିଚି । ଅନୁବାଦକ ସର୍ବଦା ବହୁଭାଷୀ ହୋଇଥାଏ । କାରଣ ସେ ଗୋଟିଏ ଭାଷାକୁ ଉତ୍ସ ଭାଷା ଏବଂ ଅନ୍ୟ ଭାଷା ଟିକୁ ଲକ୍ଷ୍ୟ ଭାଷା ରୂପେ ଗ୍ରହଣ କରି ଅନୁବାଦ କରିଥାଏ । ଏହି ଅନୁବାଦ ହୋଇପାରେ ଆକ୍ଷରିକ ବା ମର୍ମାନୁବାଦ । ପଣ୍ଡିତ ଗୋଦାବରୀଶ ମିଶ୍ର ଭିକ୍ଟୋର ହ୍ୟୁଗୋଙ୍କ 'ଲା ମିଜରେବଲ' ଉପନ୍ୟାସ ଅବଲମ୍ବନରେ 'ଅଭାଗିନୀ', ଚାର୍ଲସ ଡିକେନସଙ୍କର 'ଟେଲ ଅଫ୍ ଟୁ ସିଟିଜ' ଅବଲମ୍ବନରେ '୧୮୧୭' ଉପନ୍ୟାସ ବହୁ ପୂର୍ବରୁ ପ୍ରକାଶ କରିଥିଲେ । ବର୍ତ୍ତମାନ କେବଳ ବିଦେଶୀ ଉପନ୍ୟାସ ନୁହେଁ ହିନ୍ଦୀ, ବଙ୍ଗଳା, ଅହମିୟା, ଗଜୁରାଟୀ, ମରାଠୀ ପ୍ରଭୃତି ଭାରତୀୟ ଭାଷାର ଉପନ୍ୟାସ ଆମ ଭାଷାରେ ଅନୂଦିତ ହୋଇପାରୁଛି । ଓଡିଆ ଅନୁବାଦକଙ୍କ ମଧ୍ୟରେ ବିଂଶ ଶତାବ୍ଦୀର ଏକ ପ୍ରଖ୍ୟାତ ଅନୁବାଦକ ଗୋବିନ୍ଦ ଚନ୍ଦ୍ର ସାହୁ ଅନୁବାଦ ମାଧ୍ୟମରେ ଅନେକ ଉପାଦାନ ଭରିଦେଇ ସାହିତ୍ୟର ବିଭାଗକୁ ଋଦ୍ଧିମନ୍ତ କରିଛନ୍ତି । ବିଭିନ୍ନ ଭାରତୀୟ ଭାଷାରୁ ଅନୁବାଦ କରି ଓଡିଆ ସାହିତ୍ୟରେ ସୁନାମ ଅର୍ଜନ କରିପାରିଛନ୍ତି । ତାଙ୍କଦ୍ୱାରା ଅନୂଦିତ ଅନେକ ପୁସ୍ତକ ମଧ୍ୟରୁ ବଙ୍ଗଳା କବି ମହାଶ୍ୱେତା ଦେବୀଙ୍କ 'ହଜାରେ ଚଉରାଶୀର ମା' ଉପନ୍ୟାସଟିକୁ ୨୦୦୦ ମସିହାରେ ଅନୁବାଦ କରି ୨୦୦୧ରେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ରେ ପୁରସ୍କୃତ ହୋଇଛନ୍ତି ।

ହଜାରେ ଚଉରାଶୀର ମା ଉପନ୍ୟାସଟି ଚାରିଗୋଟି ପର୍ଯ୍ୟାୟରେ ବିଭକ୍ତ, ଯଥା-ସକାଳ, ମଧ୍ୟାହ୍ନ, ଅପରାହ୍ଣ ଓ ସାୟାହ୍ନ । ନକ୍ସଲ ଆନ୍ଦୋଳନର ପୃଷ୍ଠଭୂମି ଉପରେ ଆଧାରିତ ହୋଇ ରଚିତ ଏଇ ଉପନ୍ୟାସ । ଯାହାର ରଚନା ଶୈଳୀ ହୋଇଛି ପଶ୍ଚାତ ପଟ୍ଟ ଦୃଶ୍ୟ ବା ଫ୍ଲାସବ୍ୟାକ୍ ଶୈଳୀ । ନକ୍ସଲ ଆନ୍ଦୋଳନରେ ବହୁ ଭାବରେ ଯୁବ ସମ୍ପ୍ରଦାୟ ପ୍ରଭାବିତ ହୋଇ ଗୋଟିଏ ନୂତନ ଆଦର୍ଶ ସ୍ଥାପନ କରିବାର ପ୍ରତିଜ୍ଞା କରିଥିଲେ । ଏହି ଆନ୍ଦୋଳନରେ ପ୍ରଭାବିତ ହୋଇ ପଶ୍ଚିମବଙ୍ଗର ଯୁବ ସଂପ୍ରଦାୟ ଅଧିକ ଯୋଗ ଦେଇଥିଲେ । ସେମାନଙ୍କ ଉଦ୍ଦେଶ୍ୟ ଥିଲା ତଥାକଥିତ ସମାଜର ସଂଘଟିତ ବ୍ୟଭିଚାର, ଦୁର୍ନୀତି, ଅତ୍ୟାଚାର, ଲାଞ୍ଛନା, ହତ୍ୟାକାଣ୍ଡ ଆଦି ବିରୋଧରେ କିଛି ସଂସ୍କାର ଆଣିବା । ଯୁବକ ଗୋଷ୍ଠୀ ପ୍ରତିବାଦର ସ୍ୱର ଉତ୍ତୋଳନ କରିଥିବାରୁ ପ୍ରଶାସନ ତଥା ସ୍ୱାର୍ଥାନ୍ୱେଷୀ ପଦପଦବୀ ଧାରୀ ଏବଂ ଧନୀକ ଗୋଷ୍ଠୀ ସେମାନଙ୍କ ବିରୋଧରେ ଅମାନୁଷିକ ଆଚରଣପୂର୍ବକ ସେହି ଆନ୍ଦୋଳନକୁ ନିଷ୍ପ୍ରଭ କରିଦେବାକୁ ଚାହୁଁଥିଲେ । ଆବଶ୍ୟକ ସ୍ଥଳେ ସେମାନଙ୍କୁ ଅତି ନୃଶଂସ ଭାବରେ ହତ୍ୟା କରିବାକୁ ପଛାଉନଥିଲେ । ମାତ୍ର ସେହି ମୁକ୍ତିକାମୀ ସ୍ୱାଧୀନଚେତା ସମାଜ ସୁଧାରକ ଯୁବଗୋଷ୍ଠୀ ନକ୍ସଲ ମାନଙ୍କ ମାଧ୍ୟମରେ ସମାଜକୁ ସୁରକ୍ଷିତ ଓ ଶୃଙ୍ଖଳିତ କରି ନ୍ୟାୟ ଦେବା ସହ ସୁସ୍ଥ ସମାଜ ଗଠନ କରିବାର ଇଚ୍ଛା ପୋଷଣ କରିଥିଲେ । ସାଧାରଣ ଜନତାଙ୍କ ସ୍ୱାର୍ଥପାଇଁ ମୃତ୍ୟୁ ସହିତ ଜୀବନକୁ ଉତ୍ସର୍ଗ କରିଦେଇଥିଲେ । ବ୍ରତୀ ଚାଟାର୍ଜୀର ପିତା ଦିବ୍ୟନାଥ ଚାଟାର୍ଜୀ ନିଜର ସମ୍ମାନ ଓ ସ୍ୱାର୍ଥପାଇଁ ନିଜ ମୃତପୁତ୍ରକୁ ନିଜର ବୋଲି ପରିଚୟ ଦେବାକୁ କୁଣ୍ଠିତ ।

### ୧. ନାରୀ ଅସହାୟତାବୋଧ :

ଉପନ୍ୟାସରେ ଦେଖାଯାଇଛି ଯେ ମଣିଷର ସବୁ ଥାଇ ମଧ୍ୟ କିପରି ନିଜକୁ ସବୁ କ୍ଷେତ୍ରରୁ ବଂଚିତ ହେବାକୁ ପଡେ ତା ସହ ନିଜର କୌଣସି ଗୁରୁତ୍ୱ ନ ଥିବା ଉପଲବ୍ଧି କରିପାରେ । ସେହିପରି ଯାହାର କେହି ବା କିଛି ନ ଥାଏ ସେ ମଧ୍ୟ ସଦା ଅସହାୟହୋଇ ରହିଥାଏ । ସମଗ୍ର ଉପନ୍ୟାସରେ ଦୁଇଟି ପରିବାରର ଚିତ୍ର ଏହି ଧରଣର ଦେଖିବାକୁ ମିଳିଛି । ଗୋଟିଏ ବ୍ରତୀ ଚାଟାର୍ଜୀର ପରିବାର ଓ ଅନ୍ୟଟି ରମୁର ପରିବାର । ବ୍ରତୀ ଚାଟାର୍ଜୀର ପିତା ଯଥେଷ୍ଟ ଧନସମ୍ପତି ଓ ଖାତିର ଥାଇ ମଧ୍ୟ ବ୍ରତୀ ସବୁଥିରୁ ବଂଚିତ ହୋଇ ରହୁଥିଲା । ପରିବାରର ଅନ୍ୟ ସନ୍ତାନ ମାନଙ୍କ ପରି ତାର ସେପରି କୌଣସି ଅଧିକାର ସାବ୍ୟସ୍ତ କଲାଭଳି କିଛି ନ ଥିଲା । ବରଂ ପିତାଙ୍କ ଦୃଷ୍ଟିରେ ସେ ଜଣେ ବିଦ୍ରୋହୀ । ସେହିପରି ବ୍ରତୀର ମା ମଧ୍ୟ ଜଣେ ସେହି ପରିବାରର ସଦସ୍ୟ ହୋଇ ମଧ୍ୟ ନିଜର ଅଧିକାର ଜାହିର କରିପାରୁନଥିବା ବ୍ୟକ୍ତି । ଗୋଟିଏ ପଟରେ ବିବାହ କରିଥିବା ସ୍ୱମୀ ନିକଟରୁ ପୂର୍ଣ୍ଣ ଅଧିକାର ପାଇନଥିବା ବେଳେ ଅନ୍ୟପଟରେ ନିଜ ପୁଅ ପ୍ରତି ମଧ୍ୟ କର୍ତ୍ତବ୍ୟ କରି ପାରିନାହିଁ । କିନ୍ତୁ ବ୍ରତୀର ମୃତ୍ୟୁ ପରେ ସେ ଦିନକୁଦିନ ନିଜକୁ ଅଧିକ ଅସହାୟ ମନେକରିଛି । ସେହିପରି ରମୁର ମୃତ୍ୟୁରେ ମଧ୍ୟ ରମୁର ମା, ଭଉଣୀ, ବାପ ଯେପରି ଦୟନୀୟ ଅବସ୍ଥାର ସମ୍ମୁଖୀନ ହୋଇଛନ୍ତି ତାହା ଅତ୍ୟନ୍ତ ଦୁଃଖର ବିଷୟ । ସେମାନେ ପୁତ୍ର ଶୋକରେ ନିଜ ଜୀବନକୁ ହାରି ଦେବା ପାଇଁ କହିଛନ୍ତି,ତେଣୁ ସେଠାରେ କୁହାଯାଇଛି– "ସମୟ ଶୋକ ଉପରେ କେବଳ ମାଟି ଅଜାଡି ଚାଲିଥାଏ । ସମୟ ଜାହ୍ନବୀ ଶୋକ ହେଉଛି କୂଳ ।"(୧) ।

### ୨. ଦରିଦ୍ର ପରିବାରର ଅସହାୟତା :

ଧରାପୃଷ୍ଠରେ ଜନ୍ମ ଗ୍ରହଣ କରିବା ମାତ୍ରେ କିଛି ନା କିଛି କର୍ତ୍ତବ୍ୟ କରିବା ଓ ଆହାର ପାଇବା । ମାତ୍ର ଭାଗ୍ୟର ବିଡମ୍ବନା

ହେତୁ ସମସ୍ତଙ୍କ ଜୀବନ ସମାନ ଭାବରେ ଗତି କରିନଥାଏ । କିଏ ଧନୀକ ଗୋଷ୍ଠୀରେ ଜନ୍ମ ଗ୍ରହଣ କରିଥିବାବେଳେ ଅନ୍ୟ କେହି ଦୀନହୀନ ଦରିଦ୍ର ପରିବାରରେ ଜନ୍ମ ଗ୍ରହଣ କରି ମୁଠାଏ ଖାଇବାକୁ ନ ପାଇ ଅନାହାରରେ ଦିନ କଟାଏ । ରମୁର ପରିବାରରେ ପିତାମାତା ଭଉଣୀ ଥିଲେ ମଧ୍ୟ ପିତାର ରୋଜଗାରରେ ଘର ଚଳିନପାରିବାରୁ ବାଧ୍ୟହୋଇ ରମୁ ନିଜର ସ୍କଲାରସିପ ଘରକୁ ଦେଇ ପରିବାରକୁ ଚଳାଇବାକୁ ଚେଷ୍ଟା କରିଛି । ପିତା ନିଜ ରୋଜଗାର ମୁତାବକ ବଡ ଭଉଣୀକୁ ପାଠପଢାରୁ ମଧ୍ୟ ବିରତି ଦେବାକୁ ପରାମର୍ଶ ଦିଅନ୍ତି । ରହିବାକୁ ଚାଳଛପର ଘର ଖାଇବାକୁ ଦି ମୁଠା ପାଉନଥିବା ବ୍ୟକ୍ତି ପୁଣି ବଡ ହେବାର ସ୍ୱପ୍ନ ଦେଖିବା ନିରର୍ଥକ । ରମୁର ଉଦ୍ୟମ ଭିନ୍ନ ପ୍ରକାର ସେ ବୁଝିଛି ଦରିଦ୍ର ଘରେ ଜନ୍ମ ହେବା ପାପ ନୁହେଁ ଦରିଦ୍ର ହୋଇ ମରିବାଟା ପାପ । ଯେତେବେଳେ ଜଣେ ସ୍କଲାରସିପ ପାଇ ଘର ଚଳାଉଥିବା ଛାତ୍ରର ମୃତ୍ୟୁ ଘଟେ । ସେତେବେଳେ ଯେ ସେ ଘରର ଅବସ୍ଥା କଣ ହୁଏ ସେମାନଙ୍କ ଉପରେ କଣ ଘଟେ ସେଇଟା କେବଳ ସେମାନଙ୍କୁ ହିଁ ଜଣା । ଗୋଟିଏ ପଟେ ପୁତ୍ରକୁ ହରାଇଥିବା ମା'ର ଦୁଃଖ ଅନ୍ୟପଟେ ପିତାର ଚାଳରେ ଛପର ହୋଇ ପାରିନାହିଁ କି କାନ୍ଥରେ ଲିପାପୋଛା ହୋଇପାରିନି । ଭଙ୍ଗା କୁଡିଆଟି ଜରାଜୀର୍ଣ୍ଣ ବେଶ ଧାରଣ କରିଛି । ଏପରିକି ରମୁ ଭଉଣୀକୁ କୌଣସି ସ୍ଥାନରେ କାମଟିଏ ମଧ୍ୟ ମିଳିନି । ସମାଜ ସେମାନଙ୍କୁ ଦେଖିଛି ଭିନ୍ନ ଦୃଷ୍ଟିରେ । ସେମାନେ ସେମିତି ଚିରଦିନ ପାଇଁ ସେହିପରି ଅବହେଳିତ ହୋଇ ରହିଯାଇଛନ୍ତି । ତେଣୁ ସେମାନେ ନିଜ ଜୀବନ ଅଭିଶପ୍ତ ମନେ କରି କହିଛନ୍ତି "ମାଇପି ଜୀବନ କଇଁଚ ପରି ସେ ମଲେ ତରିଯିବ" । (୨) । ଠିକ୍ ସେହିପରି ରାମଚନ୍ଦ୍ର ବେହେରାଙ୍କ ଅଭିନୟର ପରିଧି ଉପନ୍ୟାସରେ ମଧ୍ୟ ସମାନ ଚିତ୍ର ଦେଖିବାକୁ ମିଳେ । ଦେବ ଆଚାର୍ଯ୍ୟ ଯେତେବେଳେ ନିଃସ୍ୱ ହୋଇଯାଇଛି ସେତେବେଳେ ତାର ପରିବାର ପ୍ରତିପୋଷଣ କରିବାରେ ଏହିଭଳି ଅକ୍ଷମ ହୋଇଛି । ଏଠାରେ ରମୁ ଘର ଚଳାଇବାର ପ୍ରତିବଦ୍ଧ ସାଜିଛି ଠିକ୍ ସେହିପରି ସେଠାରେ ମଧ୍ୟ ଦେବ ଆଚାର୍ଯ୍ୟର ପୁତ୍ର ବାବୁଲା ଘର ଚଳାଇବାର ସଂକଳ୍ପ ନେଇଛି । ପ୍ରତ୍ୟେକ ଦରିଦ୍ର ପରିବାରରେ ଏହିପରି ଘଟଣାମାନ ଅଳ୍ପବହୁତ ପରିମାଣରେ ଅନୁଭୂତ ହୋଇଥାଏ ।

### ୩. ମାତୃ ହୃଦୟର ବିଳାପ :

ପ୍ରତ୍ୟେକ ପରିବାରର ପିତାମାତାଙ୍କ ସନ୍ତାନ ତାଙ୍କପାଇଁ ଅମୂଲ୍ୟ ସମ୍ପଦ । ଦୁନିଆରେ କୁପୁତ୍ର ଜନ୍ମଗ୍ରହଣ କରିପାରନ୍ତି କିନ୍ତୁ ଜଣେ ମାତା କଦାପି କୁମାତା ହୋଇପାରେନା । ନାରୀର ପୂର୍ଣ୍ଣତା ଲାଭକରେ ମାତୃତ୍ୱରେ । ଦଶମାସ ଦଶଦିନ ଗର୍ଭରେ ଧରି ସେ ଯେଉଁ ସନ୍ତାନଟିଏ ଜନ୍ମ ଦେଇଥାଏ ସେ କେବେ ହେଲେ ଖରାପ ହୋଇପାରିନଥାଏ । ପରିସ୍ଥିତିର ଚାପରେ ପଡି ବା କିଛି ନୂଆ କରିବାର ପ୍ରୟାସ କରି ସେ ଖରାପ ହୋଇଥାଏ । ମାତ୍ର ସମାଜ ତାକୁ ମାନିବାକୁ କେତେ ଦୂର ଆଗ୍ରହୀ ? ସମାଜରେ ଘଟୁଥିବା କୁକର୍ମ, ବିରୋଧରେ ଯିଏ ସ୍ୱର ଉତ୍ତୋଳନ କଲା ସେ ହେଲା ଏଠାରେ ଦୋଷୀ । ସୁଜାତାଙ୍କ ଦୁଇଟି ପୁଅ ଓ ଦୁଇଟି ଝିଅ ମଧ୍ୟରୁ ତା ବାପାଙ୍କ ସପକ୍ଷରେ କେବଳ ତିନିଜଣ ଥିବାବେଳେ ତାଙ୍କ ପକ୍ଷରେ ଏକମାତ୍ର ସାନପୁଅ ବ୍ରତୀ ଥିଲେ । ମା ଆଖିରେ ସମସ୍ତେ ସମାନ, କିନ୍ତୁ ଯିଏ ସାନ ସେ ଅଧିକ ସ୍ନେହ,ଶ୍ରଦ୍ଧାର ଅଧିକାରୀ ହୋଇଥାଏ । ସେହିପରି ଏଠାରେ ବ୍ରତୀ ସୁଜାତାଙ୍କ ଠାରୁ ସେ ସୌଭାଗ୍ୟ ପ୍ରାପ୍ତ ହୋଇଛି । ଯେତେବେଳେ ସେ ପୋଲିସ୍ ଦ୍ୱାରା ଗୁଳିବିଦ୍ଧ ହୋଇ ମୃତ୍ୟୁବରଣ କରିଛି, ସେ ଅଶୁଭ ମୁହୂର୍ତ୍ତକୁ ଜୀବନ ଦୀପ ଲିଭିବା ଯାଏ ଭୁଲିପାରି ନାହାନ୍ତି । ଏପରିକି ତା ଶୋଇବା ଘରେ ପ୍ରତିଦିନ ବିଛଣାକୁ ଝାଡି , ଲୁଗାପଟା ସାଇତି ରଖିଛନ୍ତି । ବ୍ରତୀ ମଧ୍ୟ ଦଶମ ପଢୁଥିବା ବେଳେ 'ମୋ ମାଆ' ବିଷୟରେ ରଚନା ଲେଖିଛି । ରମୁର ମାଆ ମଧ୍ୟ ରମୁର ମୃତ୍ୟୁରେ ଖୁବ୍ ଭାଙ୍ଗି ପଡିଛନ୍ତି । ପରିବାରର ଏକମାତ୍ର ପୁତ୍ର ସନ୍ତାନକୁ ରମୁ ମା ପ୍ରତି କ୍ଷଣରେ ମନେ ପକାଇ ଅଶ୍ରୁପାତ କରିଛନ୍ତି । ରମୁ ଥିଲା ତା ପରିବାର ପାଇଁ ଅନ୍ଧର ଲଉଡି । ସୁଜାତା ମଧ୍ୟ ସେହିପରି ନିଜ ପ୍ରାଣଧନ ବ୍ରତୀ ବିରହରେ ନିରନ୍ତର ଲୁହ ଗଡାଇଛନ୍ତି । ଆଉ ସ୍ୱପ୍ନ ଦେଖୁଛନ୍ତି ଯେ, ବ୍ରତୀ ହାତରେ 'ଶିଶୁ' ବହି ଧରି ଘରେ ବୁଲି ବୁଲି ପଢୁଛି । ମାତା ସୁଜାତାଙ୍କ ମନେପଡିଯାଉଛି–

"ଅନ୍ଧାର ରାତିରେ ଚାଲିଗଲୁ ତୁହି,
ଅନ୍ଧାରେ ଫେରିଆ ଚୁପ୍‌ଚାପ୍ ତୁହି ।
ତୋତେ କେହି ଦେଖି ପାରିବେ ତ ନାହିଁ,
କେବଳ ତାରାକୁ ରହିଥିବ ଚାହିଁ ।"(୩) ।

### ୪.ସମକାଳୀନ ଯୁଗଯନ୍ତ୍ରଣା :

କୁହାଯାଏ ଯେ ଯୁବ ତେଜିଲେ ଦେଶ ତେଜେ । କାରଣ ଯୁବକମାନଙ୍କ ରକ୍ତ ଅଧିକ ଗରମ ଥାଏ । ସେମାନେ କୌଣସି ପ୍ରକାର ଅନ୍ୟାୟ, ଅତ୍ୟାଚାର, ଦୁର୍ନୀତିକୁ ସହ୍ୟ କରି ପାରନ୍ତି ନାହିଁ । ବିଦ୍ରୋହୀ ମନ ସଙ୍ଗେ ସଙ୍ଗେ ବିରୋଧ କରେ, ଆଉ ଦେଖାଦିଏ ଆନ୍ଦୋଳନ, ଧର୍ମଘଟ । ମାତ୍ର ଅନେକ ସମୟରେ ଏହି ଯୁବକମାନଙ୍କୁ ଦମନ କରିବା ଲାଗି ପୋଲିସ୍ ଲାଠିମାଡ, ଗୁଳିଚୋଟ , ଲୁହାବୁହା ଗ୍ୟାସ୍‌ର ପ୍ରୟୋଗକୁ ଆପଣାଇଥାଏ । ଏଥିରେ ପୋଲିସ୍ କେତେକାଂଶରେ ସଫଳ ହୋଇଥିବା ବେଳେ ଅନ୍ୟ କେତେକ କ୍ଷେତ୍ରରେ ଯୁବକମାନଙ୍କ ଜିତ୍ ହୋଇଥାଏ ଏବଂ ପୋଲିସ୍ ପ୍ରଶାସନ ତାଙ୍କ ଆଗରେ ହାର୍ ମାନି ନେଇଥାଏ । କୌଣସି ନୂତନତ୍ୱ ଆଣିବାକୁ ହେଲେ ଅନେକ ଦୁଃଖ , କଷ୍ଟ ଯନ୍ତ୍ରଣା ଭୋଗ କରିବାକୁ ପଡେ । ଏହି ଉପନ୍ୟାସରେ କଥାକାର ଦେଖାଇଛନ୍ତି ଯେ, ବ୍ରତୀର ପିତା ଦିବ୍ୟନାଥଙ୍କ ଅତ୍ୟାଚାର ଫଳରେ ଘରେ କିପରି ଅଶାନ୍ତିର ଝଡ ସୃଷ୍ଟି ହୋଇଛି, ବ୍ରତୀ ତାହାକୁ ବିରୋଧ

କରିଛି । ନିଜ ଘରଠାରୁ ଆରମ୍ଭ ହୋଇଥିବା ଅନ୍ୟାୟ, ଅତ୍ୟାଚାର, ଭଳି ସମାଜରେ ଘଟୁଥିବା ଘଟଣାକୁ ହସ୍ତକ୍ଷେପ କରିବାକୁ ହୋଇଛି ଶତ ଚେଷ୍ଟିତ । ମାତ୍ର ତାର ପରିଣାମ ହୁଏ ଭିନ୍ନ ପ୍ରକାରର । ଜୀବନକୁ ବାଜି ଲଗାଇ ଦେଇଥିଲେ ମଧ୍ୟ ସେମାନେ ସମାଜକୁ ବଦଳାଇବାରେ ସମର୍ଥ ହୋଇ ପାରିନାହାନ୍ତି । ସମାଜକୁ ସୁଧାରିବାକୁ ଯାଇ ବ୍ରତୀ ଚାଟାର୍ଜୀ , ରମୁ ,ପାର୍ଥ , ଲାଲଟୁ , ବିଜିତ୍ ସମସ୍ତେ ହୋଇଛନ୍ତି ପୁଲିସ୍ ଗୁଳିର ଶିକାର । ଏମାନେ ନିହତ ହେବା ସହ କମ୍ କଷ୍ଟବରଣ କରି ନାହାନ୍ତି । ଜେଲରେ ନଖ ମୁନରେ ଛୁଂଚି ଖେଂଚିବା , ଗାଡିରେ ଘୋଷାରି ଘୋଷାରି ରକ୍ତାକ୍ତ କରି ମାରିବା ।ଠିକ୍ ସେହିପରି ନନ୍ଦିନୀ ଝିଅଟିଏ ହୋଇଥିଲେ ବି ତାକୁ ଜେଲ୍ ନେଇ ସିଗାରେଟ୍ ଚେଙ୍କା,ହଜାର ଦୁଇହଜାର ଭୋଲ୍ଟର ଲାଇଟ ଆଖିରେ ପକାଇବା । ବ୍ରତୀ ସହ ଅନ୍ୟମାନେ ଯେପରି ଯନ୍ତ୍ରଣା ପାଇଛନ୍ତି ସଚ୍ଚିରାଉତଙ୍କ ବାଜିରାଉତ ସେହିଭଳି ଗୁଳିଚୋଟରେ ମୃତ୍ୟୁବରଣ କରିଥିଲା ।

### ୫. ନକ୍ସଲ ଆନ୍ଦୋଳନରେ ଅଂଶଗ୍ରହଣ :

ଭାରତୀୟ ଶାସନ ବ୍ୟବସ୍ଥା ରାଜତନ୍ତ୍ରରୁ ପରିବରତ୍ତିତ ହୋଇ ଗଣତନ୍ତ୍ର ଶାସନରେ ପରିଣତ ହୋଇଛି । ମାତ୍ର ଶାସନର ଚିତ୍ର ବଦଳିନି । ସମୟ ବଦଳିଛି ରାଜା ରାଜୁଡାମାନେ ଏ ଦେଶରୁ ଚାଲିଯାଇଛନ୍ତି କିନ୍ତୁ ତାଙ୍କ ସ୍ଥାନରେ ଆସିଛନ୍ତି ଦେଶୀୟ ଶାସକ । ଏମାନେ ସେହି ବିଦେଶୀ ଶାସକ ବା ରାଜାରାଜୁଡା ମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି । ନିଜେ ନିଜର ଶାସକ କହି ଡିଣ୍ଡିମ ପିଟୁଥିବା ବେଳେ ସାଧାରଣ ମଣିଷଟିଏ ଆଜି ବି ଅବହେଳିତ, ନିଷ୍ପେସିତ ହୋଇ ରହୁଛି । ତେଣୁ ସେମାନେ ବାଧ୍ୟ ହୋଇ ନକ୍ସଲମାନଙ୍କ ସହ ମିଶି ଶାସନବ୍ୟବସ୍ଥାକୁ ସୁଧାରିବାକୁ ଚେଷ୍ଟିତ ହେଉଛନ୍ତି । ଏଠାରେ ମଧ୍ୟ ଦେଖାଦେଇଛି ଯେ, କଲିକତାରେ ଯେତେବେଳେ ଶାସନ ବ୍ୟବସ୍ଥା ଦୁର୍ନୀତି ଚରମ ସ୍ତରକୁ ଗତି କରିଛି ସାଧାରଣ ଜନତାଙ୍କ ଜୀବନ ଦୁର୍ବିସହ ହୋଇ ପଡିଛି । ଏହି କୁଶାସକ ତଥା ସ୍ୱାର୍ଥନ୍ୱେଷୀ ପଦପଦବୀ ଧାରୀ ଏବଂ ଧନୀକ ଗୋଷ୍ଠୀମାନଙ୍କ ବିରୋଧରେ ସ୍ୱରୋତ୍ତଳନ କରି ଏହି ସାଧାରଣ ଜନତାମାନେ ବିଫଳ ହୋଇଛନ୍ତି । ବରଂ ନିଜର ପ୍ରାଣକୁ ହରାଇଛନ୍ତି । ଠିକ୍ ସେହିପରି ସମାଜକୁ ସୁଧାରିବାକୁ ଯାଇ ଯକ୍ଷ, ଦାମା ଗଉଡ, ଶକୁନ୍ତଳା ପ୍ରଭୃତି କଣୁଆ ଗ୍ରାମର ବାସିନ୍ଦାମାନେ ଏହି ନକ୍ସଲ ମାନଙ୍କ ସହଯୋଗ ଦେଇଥିବାର ଚିତ୍ର ଆମେ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଶକୁନ୍ତଳା ଉପନ୍ୟାସରେ ମଧ୍ୟ ଦେଖିବାକୁ ପାଇଥାଉ । ସେଠାରେ ଯେପରି ଭେଣ୍ଡାତୁ ସତ୍ୟ ନାରାୟଣ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏଠାରେ ମଧ୍ୟ ଏହି ବ୍ରତୀ, ରମୁ, ପାର୍ଥ, ବିଜିତ, ଲାଲଟୁ ଯୋଗଦେଇ ସଂଗଠନକୁ ଅଧିକ ସୁଦୃଢ କରିବାକୁ ମନୋବଳାଇଥିଲେ । ଶାସନ ବ୍ୟବସ୍ଥା ବଦଳିଥିଲେ ମଧ୍ୟ ଶାସନର ଚିତ୍ର ବଦଳିନଥାଏ । ଏହା ନାଟ୍ୟକାର ରତ୍ନାକର ଚଇନି ମଧ୍ୟ ତାଙ୍କ 'ଅଥଚ ଚାଣକ୍ୟ' ନାଟକରେ ଦର୍ଶାଇଛନ୍ତି । ଶାନ୍ତନୁ ଆଚାର୍ଯ୍ୟ ଏହି ଶାସକମାନଙ୍କୁ ନେଇ କହିଛନ୍ତି "ଦେଶ ସ୍ୱାଧୀନତା ହାସଲ କଲାପରେ ମଧ୍ୟ ଆଜିବି ନାରୀ ଧର୍ଷିତା,ଅବହେଳିତ ହେଉଛି ଏବଂ ରାଜନୀତିର ପଶାପାଲିରେ କ୍ଷମତାସୀନ ହୋଇ ଏକଚାଟିଆ ଶାସନ କରିବାର ପଦକ୍ଷେପ । ନିଜକୁ ପ୍ରତିଷ୍ଠିତ କରିବା ଲାଗି ଅନ୍ୟକୁ ମଧ୍ୟ ବଦନାମ କରାଯାଇଥାଏ ।" (୪) ।

### ୬. ଧର୍ମ ନାମରେ ଭଣ୍ଡାମି :

ପରିବାର ତଥା ସମାଜକୁ ଶାନ୍ତ ଶୃଙ୍ଖଳ କରି ରଖିବା ନିମନ୍ତେ ଦିଅଁ ପୂଜା ବା ଭଗବାନଙ୍କ ନାମ ସ୍ମରଣ କରିଥାନ୍ତି । ମାତ୍ର ସମୟେ ସମୟେ ଏହି ଭଗବାନଙ୍କ ବାଣୀକୁ ନେଇ ଧର୍ମଯାଜକ ପୁରୋହିତ ମଠମହନ୍ତ ମାନେ ବ୍ୟବସାୟରେ ମଧ୍ୟ ପରିଣତ କରିଦିଅନ୍ତି । ସେଠି ଆଉ ଈଶ୍ୱରଙ୍କ ସତ୍ତା ଅନୁଭୂତ ହୁଏନାହିଁ, ତାହା ହୋଇଥାଏ ବ୍ୟବସାୟିକ କୈନ୍ଦ୍ରିକ । ସେମାନେ ନିଜେନିଜକୁ ଭଗବାନଙ୍କ ପ୍ରତିନିଧି ରୂପେ ପରିଚୟ ସୃଷ୍ଟି କରାନ୍ତି । ଏହି ଉପନ୍ୟାସରେ ସ୍ୱାମିଜୀ ବୋଲି ଜଣେ ମହନ୍ତଙ୍କୁ ବିଶ୍ୱାସ ମିଃ କାପୋଡିଆ, ମିସ୍ କାପୋଡିଆ, ମଲିମିତ୍ର, ଯୀଶୁମିତ୍ର ନିଜର ଜୀବନକୁ ସମର୍ପି ଦେଇଛନ୍ତି । ଏପରିକି ସୁଜାତାଙ୍କୁ ମଧ୍ୟ ସେମାନେ ଧର୍ମ ବଦଳାଇବାକୁ ପ୍ରଲୋଭନ ଦେଖାଇଛନ୍ତି, ସେମାନେ କହିଛନ୍ତି ଧର୍ମର ଆବଶ୍ୟକତା କଣ ? ମନ୍ଦିର ମସଜିଦ ପ୍ରଭୃତି ପୋଡି ଜାଳିଦିଅ । ସ୍ୱାମୀଜୀଙ୍କୁ ଅନୁସରଣ କର ସେ ଜୀବନ ଈଶ୍ୱର । ସ୍ୱାମିଜୀ ନିଜେ ମଧ୍ୟ କହୁଛନ୍ତି "ମୃତ୍ୟୁ କହିଲେ କିଛି ନାହିଁ । ଶରୀର ଆପଣଙ୍କର ମରିଯିବ । ସ୍ୱର୍ଗରେ ଆପଣମାନଙ୍କ ଆତ୍ମା ପରସ୍ପରକୁ ଭେଟିବେ ।" ଆହୁରି ମଧ୍ୟ ସ୍ୱାମିଜୀ କହନ୍ତି "ହୀରା ହେଉଛି ଆତ୍ମାର ପବିତ୍ରତାର ପ୍ରତୀକ ।"(୫) । ତାଙ୍କର ଆଦର୍ଶ ସମସ୍ତେ ଡାଇମଣ୍ଡ ପିନ୍ଧିବାକୁ ହେବ ।

ଏହି ଧର୍ମକୁ ଆଶ୍ରୟ କରି ଲୁଣ୍ଠନ, ହତ୍ୟା ଆଦି କର୍ମ କରିଥିବା ବାବାଙ୍କ ଉଦାହରଣ ଯଥେଷ୍ଟ ରହିଛି । ଫକୀରମୋହନଙ୍କ 'ଧୂଳିଆ ବାବା'ରେ ମଠମହନ୍ତ ଯେମିତି ନିଜର କରାମତି /ଅଲୌକିକ ଶକ୍ତି ଦେଖାଇବାକୁ ଯାଇ ମୃତ୍ୟୁମୁଖରେ ପଡିଥିଲେ । ଠିକ୍ ସେହିଭଳି 'ଛ' ମାଣ ଆଠଗୁଣ୍ଠ' ଉପନ୍ୟାସରେ ମଧ୍ୟ ବାବାଜୀ ଲଳିତ ଦାସ ଧର୍ମ ଶିକ୍ଷା ଦେଉଦେଉ ମଗୁଆକୁ ନେଇ ପଳାଇ ଯାଇଛି । ସୁରେନ୍ଦ୍ର ମହାନ୍ତିଙ୍କ 'ଅନ୍ଧ ଦିଗନ୍ତ' ଉପନ୍ୟାସରେ ମଧ୍ୟ ଲଳିତ ଦାସ ବାବାଜୀ ଆଗତ ଭବିଷ୍ୟତ ବିଷୟରେ ନିଧି ଦାସଙ୍କୁ ସୂଚେଇ କହିଛନ୍ତି "ଦେଶ ସ୍ୱାଧୀନ ହେବାକୁ ଆହୁରି ବହୁତ ଡେରି ଅଛି । ମଣିଷ କେବେ ସ୍ୱାଧୀନ ହୁଏନାହିଁ,ଖାଲି କ୍ଷମତା ଅଦଳବଦଳ ହୋଇଥାଏ ।"(୬)ସ୍ୱାମୀଜୀଙ୍କ ଚେଲା ଭାବରେ ଯେଉଁମାନେ ନିଜକୁ ଦୃଢ ଭାବରେ କହୁଛନ୍ତି ସେହିମାନେ ସୁରା ଶାକୀର ପ୍ରାଧାନ୍ୟ ଦେଇଛନ୍ତି । ପାର୍ଟିକ୍ଲବରେ ଯୋଗ

ଦେଇ ରମ୍,ହୁଇସ୍କି ଆଦି ପାନ କରିଛନ୍ତି । ଏହି ମଦ୍ୟପାନର ଚିତ୍ର ମଧ୍ୟ ଆମେ ଜଗନ୍ମୋହନ ଲାଲାଙ୍କ ବାବାଜୀ ନାଟକରେ ମଧ୍ୟ ଦେଖିବାକୁ ପାଇବା,ମଠ ପ୍ରତିଷ୍ଠା କରି ସେଠାରେ ମଧ୍ୟ ସେମାନେ ପାର୍ଟି କରିଛନ୍ତି । ଯଶୁ ଭଟ୍ଟାଚାର୍ଯ୍ୟ ମୁଖରେ ନାଟ୍ୟକାର କହିଛନ୍ତି "ମଦ୍ ନା ହଲେ କି ଆମୋଦ ହୟ । କାଲ୍ ଆମାଦେର ଖୁବ୍ ହୟେଛିଲ, ଆପନି ଛିଲେନ କୋଥାୟେ ? ଶନିବାରେର ରାତଟା ବ୍ରିଥାୟ କାଟାଲେନ ।"(୭) ।

## ୭. ବିଶ୍ୱାସ ଘାତକତାର ଶିକାର :

କୁହାଯାଏ ବିଶ୍ୱାସ ମୂଳରେ ଏ ସାରା ଜଗତ, ବିଶ୍ୱାସରେ ବିଷ ଖାଇଲେ ହଜମ ହୁଏ ମାତ୍ର ଅବିଶ୍ୱାସରେ ଅମୃତ ଖାଇଲେ ମଧ୍ୟ ଅଜୀର୍ଣ୍ଣ ସୃଷ୍ଟି କରେ । କିନ୍ତୁ ଏହି ବିଶ୍ୱାସ ପୁଣି କେବେ ଘାତକରେ ପରିଣତ ହୋଇଯାଏ । କାହାରିକୁ ବି ଅନ୍ଧ ଭାବରେ ବିଶ୍ୱାସ କରିବା ଉଚିତ୍ ନୁହେଁ । ଯୁବକ ଗୋଷ୍ଠୀ ଯେଉଁ ବିଶ୍ୱଭାଜନ କରି ପାରିଥିଲେ, ତାହା କାଳକ୍ରମେ ବିଶ୍ୱାସଘାତକତାର ସମ୍ମୁଖୀନ ହେବାକୁ ପଡିଛି । ଅନିନ୍ଦ୍ୟ, ବ୍ରତୀ, ରମୁ, ବିଜିତ୍, ପାର୍ଥ, ଲାଲଟୁ ନନ୍ଦିନୀ ଏକ ସଙ୍ଗଠନ କରି ଅନ୍ୟାୟ, ଅତ୍ୟାଚାର ବିଦ୍ରୋହକୁ ଦମନ କରିବାକୁ ପଦକ୍ଷେପ ନେଇଥିଲେ; ମାତ୍ର ଏହି ଦଳର ଅନିନ୍ଦ୍ୟ ବିରୋଧୀ ଦଳ ଲୋକଙ୍କ ସହ ସମ୍ପର୍କ ସ୍ଥାପନ କରି ସବୁ ଗୁପ୍ତ ସୂତ୍ରରେ ସେମାନଙ୍କୁ ଖବର ଦେଇଛି, ଫଳରେ ଏମାନେ ସଫଳ ହେବା ବଦଳରେ ଅନିନ୍ଦ୍ୟକୁ ଛାଡି ବାକି ସମସ୍ତେ ସଂଗ୍ରାମରେ ଧରାପଡି ନିଜ ନିଜକୁ ଏକ ନିରୀହ ପଶୁ ପରି ଯୂପକାଠରେ ବଳି ପଡି ଯାଇଛନ୍ତି । ତାଙ୍କର ମୃତ୍ୟୁ ଘଟିଛି ଦୟନୀୟ ଭାବରେ । ରମୁର ଦେହରେ ଥିଲା ସତେଇଶଟି କ୍ଷତ ଚିହ୍ନ ଓ ବିଜିତ୍ର ଶରୀରରେ ଥିଲା ଷୋହଳଟି । ଲାଲ୍ଟୁର ଅନ୍ତନାଡି କାଢି ସେଥିରେ ତାକୁ ଗୁଡାଇ ଦିଆଯାଇଥିଲା ।

## ୮. କୂଟନୈତିକ ସମ୍ପର୍କ :

ବିଶ୍ୱାସଘାତକ ଭଳି କୂଟନୈତିକ ସମ୍ପର୍କ ମଧ୍ୟ ବେଶ୍ କ୍ଷତିକାରକ । କିଛି କିଛି ସମ୍ପର୍କ ଲୋକ ଦେଖାଣିଆ ହୋଇଥିବା ବେଳେ ବାସ୍ତବରେ ତାହା ସେପରି ଦୃଢ ସମ୍ପର୍କ ରହି ନ ଥାଏ । ଏହି ଉପନ୍ୟାସରେ ଦିବ୍ୟନାଥ ଚାଟାର୍ଜୀ ନିଜେ ବ୍ରତୀର ବାପା ହୋଇ ମଧ୍ୟ କେବେହେଲେ ବ୍ରତୀକୁ ସ୍ନେହ ଆଦର କରିବା ଦେଖା ଦେଇନି ବରଂ ତାକୁ ଲବଣୀ ପିତୁଳା ମାଆର ପୁଅ ବୋଲି ଆଖ୍ୟା ଦେଇଛନ୍ତି । ସନ୍ତାନ-ଆକାଂକ୍ଷୀ ହୋଇ ସନ୍ତାନ ଜନ୍ମ କରାଇନେବାକୁ ସୁଜାତାକୁ ବାଧ କରି ମଧ୍ୟ ପିଲାମାନଙ୍କ ଭିତରେ ପାତର ଅନ୍ତର ସୃଷ୍ଟି କରିଥାନ୍ତି । ବ୍ରତୀର ମୃତ୍ୟୁରେ ମର୍ମାହତ ହେବା ପରିବର୍ତ୍ତେ ନିଜର ସମ୍ମାନ, ପ୍ରତିପତ୍ତି , ଖ୍ୟାତିକୁ ଆଖି ଆଗରେ ରଖି ବୁଢୀର ନାମକୁ ଗୋପନ କରିବାକୁ ଲାଂଚ ଦେଇଛନ୍ତି । ଏପରିକି ନିଜ ପୁଅକୁ ଶେଷ ଦେଖା ବି କରିନାହାନ୍ତି । ଠିକ୍ ସେହି ଧରଣର ତାଙ୍କ ବଡପୁଅ ଜ୍ୟୋତି । ଉଭୟେ ବାପପୁଅ ମିଶି ବ୍ରତୀର ଶବକୁ ସେହି କାଂଟାପୁକୁର୍ ଜେଲ୍‌ରେ ଛାଡି ଦେଇଛନ୍ତି । ବାଧ୍ୟ ହୋଇ ମାଆ ସୁଜାତା ଓ ସାନ ଭଉଣୀ ତୁଲି ଯାଇ ଶବ ଦେଖି ଆସିଛନ୍ତି । ଗୋଟିଏ ପଟରେ ପୁଅର ମୃତ୍ୟୁକୁ ଲୁଚାଇବାକୁ ଯାଇ ଡି.ଏସ୍ ପି ସରୋଜ ପାଲ୍‌କୁ ଘରକୁ ଡକାଇ ଆନନ୍ଦ ଉପଭୋଗ କରୁଛନ୍ତି । ଅନ୍ୟ ପଟରେ ପୁଅର ମୃତ୍ୟୁ ବାର୍ଷିକୀ ଦିନ ସାନ ଝିଅର ନିର୍ବନ୍ଧ । ନିଜ ଭାଇକୁ ଯିଏ ନିର୍ମମ ଭାବେ ହତ୍ୟା କରିଛି , ସେ ତାଙ୍କର ଘରର ଅନ୍ୟ ସମସ୍ତଙ୍କ ବେଶ୍ ପ୍ରିୟପାତ୍ର ହୋଇପାରିଛି । ଯାହା ମା ସୁଜାତା ଏକା ସହ୍ୟ କରିପାରନ୍ତି ବାକି ସମସ୍ତଙ୍କ ମୁହଁରେ ହସର ଲହରୀ ଖେଳି ଯାଇଛି । ସୁଜାତା ମର୍ମାହତ ହେବାର କାରଣ ସ୍ୱାମୀ ଦିବ୍ୟନାଥ, ଅନ୍ୟ ପୁଅବୋହୂ, ଝିଅ ଓ ଜ୍ୱାଇଁ ପ୍ରଭୃତିଙ୍କ ସ୍ୱାର୍ଥପରତା ତଥା ଅନୈତିକତାର ସେ ଅତିଷ୍ଠ ହେବା ସହ ମ୍ରିୟମାଣ ହୋଇ ପଡିଛନ୍ତି ।

## ୯. ଫ୍ରୟେଡୀୟ ଦର୍ଶନ :

କ) **ମନସ୍ତାତ୍ତ୍ୱିକ ବର୍ଣ୍ଣନା :** ସିଗ୍‌ମଣ୍ଡ୍ ଫ୍ରୟେଡ୍‌ଙ୍କ ମନୁଷ୍ୟର ମନସ୍ତାତ୍ତ୍ୱିକ ବିକାଶଧାରାର ପର୍ଯ୍ୟାଲୋଚନା କ୍ଷେତ୍ରରେ ଏକ ମନସ୍ତାତ୍ତ୍ୱିକ ବିପ୍ଳବ । ସେ ସ୍ନାୟୁରୋଗ ବିଶେଷଜ୍ଞ ହୋଇଗଲେ ମାନସିକ ରୋଗୀ ବିଶେଷଜ୍ଞ । ସେ ଅନୁଭବ କଲେ ଯେ, ସବୁ ରୋଗମୂଳରେ ଅନ୍ତର୍ନିହିତ ମାନସିକ ଦ୍ୱନ୍ଦ୍ୱ ହିଁ ସକ୍ରିୟ । ଜନ୍ମରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ଜୀବନରେ ପ୍ରତିଟି ସ୍ତର ପାଇଁ ଫ୍ରୟେଡୀୟ ବିଶ୍ଳେଷଣର ଉପାଦାନ ରହିଛି । ଫ୍ରୟେଡ୍ ବିଶ୍ୱାସ କରନ୍ତି ଯେ, ପ୍ରତ୍ୟେକଙ୍କ ମନର ତିନୋଟି ସ୍ତର ରହିଛି , ସେଗୁଡିକ ହେଲା- ଚେତନ,ଅଚେତନ ଓ ଅବଚେତନ । ଏସବୁ ମଧ୍ୟରୁ ଅଚେତନ ସ୍ତରଟି ଅଧିକ । ଏହି ତିନୋଟି ସ୍ତରକୁ ଚିହ୍ନାଇବା ପାଇଁ ସେ ଗୋଟିଏ ରୂପକ ମାଧ୍ୟମରେ ଦର୍ଶାଇଥିଲେ । ସେ କହନ୍ତି ଗୋଟିଏ ଜଳପୂର୍ଣ୍ଣ ଗ୍ଲାସ୍‌ରେ ବରଫ ଖଣ୍ଡଟିଏ ବୁଡାଇଲେ ଯେପରି ଏକ ଦଶାଂଶ ଉପରକୁ ଦିଶେ ଠିକ୍ ସେହିପରି ଆମ ମନରେ ବେଶୀ ଅଂଶ ଅଚେତନ,ଆମର ଅପୂରିତ କାମନା ଯୌନ ବାସନା,ଅନୈତିକ ଇଚ୍ଛା,ଭୟ ଏବଂ ସମାଜ ବିରୋଧୀ ଚିନ୍ତନସବୁ ଆମେ ପ୍ରକାଶ କରି ନଥାଉ । ଏଗୁଡିକ ଅବଦମିତ ହୋଇ ମନର ଅନ୍ଧାରୀ ଗୁହାରେ ସ୍ଥାନ ପାଇଥାଏ । ସେ ମଧ୍ୟ ତିନିପ୍ରକାର ଚେତନା କେନ୍ଦ୍ର ବିଷୟରେ ବିଶ୍ଳେଷଣ କରିଛନ୍ତି । ତାହା ହେଉଛି- ଇଗୋ ବା ଅହଂଭାବ,ସୁପରଇଗୋ ଓ ଇଡ ବା ଇଚ୍ଛାଶକ୍ତି । ଇଡର ସମ୍ପର୍କ ସିଧାସଳଖ ଯୌନପ୍ରବୃତି ସହ ଥାଏ । ସୁଖପ୍ରାପ୍ତି ପାଇଁ ଲାଳସା ହିଁ ଏକମାତ୍ର କାମନା । ମାତ୍ର ଇଗୋ ଇଡକୁ ସଠିକ ଭାବରେ ନିୟନ୍ତ୍ରିତ ଓ ପରିଚାଳିତ କରୁଥାଏ । ମାତ୍ର ସୁପରଇଗୋ ଏକ ଚେତନାର ଉତ୍ତରିତ ଉଚ୍ଚାଙ୍ଗ ସ୍ତର, ଯାହା ଦ୍ୱାରା ବ୍ୟକ୍ତି ଜୀବନର ଆଦର୍ଶ ସ୍ଥାପନା କରେ ଓ ପୂର୍ଣ୍ଣତା ପ୍ରାପ୍ତ ହୁଏ ।

ହଜାରେ ଚଉରାଶୀର ମା ଉପନ୍ୟାସରେ ବ୍ରତୀ ମନରେ ଯେଉଁ

ମାନସିକ ଦ୍ୱନ୍ଦ୍ୱ ଦେଖାଦେଇଛି ତାହା ଚେତନ ସ୍ତରର । ସେ ଯେତେବେଳେ ନିଜ ଘରର ସଦସ୍ୟଙ୍କ ଗତିବିଧିକୁ ଲକ୍ଷ୍ୟ କରିଛି ସମସ୍ତେ ଏକ ଭୁଲ ବାଟରେ ଗତି କରୁଛନ୍ତି ଏକା ତା ମା ସୁଜାତାକୁ ଛାଡି । ସେଥିପାଇଁ ତାର ବାପା ଦିବ୍ୟନାଥ, ଭାଇ ଜ୍ୟୋତି,ଭଉଣୀ ନୀପା ଓ ତୁଲୀ କାହାକୁ କିଛି କହି ପାରିନାହିଁ । ସମସ୍ତେ ଯୌନଲାଳସାରେ ଲାଳାୟିତ । ବାପାର କଥାରେ ନଯିବାରୁ ସେ ହୋଇଛି ଘରର ଶତ୍ରୁ ।ଏ ସମସ୍ତଙ୍କ ଗତିବିଧିକୁ ଲକ୍ଷ୍ୟକରି ତାମନରେ ମଧ୍ୟ ନାରୀ ଏକ ନାରୀ ପ୍ରତି ଆସକ୍ତ ଆସିଛି । ସେ ମଧ୍ୟ ଭଲ ପାଇଛି ନନ୍ଦିନୀକୁ । ଫ୍ରଏଡଙ୍କ ମତରେ ବିପରୀତ ଲିଙ୍ଗ ସର୍ବଦା ଆକର୍ଷଣ କରିଥାଏ ପୁରୁଷକୁ ନାରୀ ନାରୀକୁ ପୁରୁଷ । ପିତାର କନ୍ୟାପ୍ରତି ଯେତିକି ସ୍ନେହ ଶ୍ରଦ୍ଧା ଭଲପାଇବା ରହିଥାଏ , ମାତାର ମଧ୍ୟ ଅନୁରୂପ ଭାବେ ଏହି ଭାବ ରହିଥାଏ । ସେଥିପାଇଁ ବ୍ରତୀ ବେଶୀ ଭଲ ପାଇଛି ମାତା ସୁଜାତାଙ୍କୁ ,ସୁଜାତା ମଧ୍ୟ ବ୍ରତୀକୁ ବହୁତ ଭଲ ପାଆନ୍ତି । ଠିକ ସେହିପରି ପିତା କନ୍ୟା ନୀପା ଓ ତୁଲୀଙ୍କୁ ଅଧିକ ସ୍ନେହ କରିଛନ୍ତି । ବ୍ରତୀ ମନରେ ସୁଜାତାଙ୍କ ପ୍ରତି ଯେତିକି ଭଲ ପାଇବା ଜାତ ହୋଇଛି ପିତା ପ୍ରତି ସେତିକି ହୋଇନାହିଁ । ନନ୍ଦିନୀକୁ ସେ ଜୀବନ ସଙ୍ଗିନୀ କରି ସଜାଇ ରଖିବାକୁ ପ୍ରତିଶୃତି ମଧ୍ୟ ସେ ଦେଇ ସାରିଥିଲା । ନନ୍ଦିନୀର ମନରେ ବି ବ୍ରତୀ ପ୍ରତି ସମାନ ପରିମାଣରେ ଭଲପାଇବା ଜାତ ହୋଇଛି । ଦିବ୍ୟନାଥଙ୍କ ଝିଅ ନୀପା ଅମିତକୁ ବିଭା କରିଥିଲେ ହେଁ ବଲାଇ ପ୍ରତି ତା ମନରେ ରହିଥିଲା ଏକ ଅହେତୁକ ଆକର୍ଷଣ । ତେଣୁ ତାଙ୍କ ଦୁହିଙ୍କ ମଧ୍ୟରେ ରହିଥିଲା ଯୌନ ସମ୍ପର୍କ । ବିନିର ମନରେ ବି ସ୍ୱାମୀ ଜ୍ୟୋତିକୁ ନେଇ ରହିଥିଲା ଭିନ୍ନ ଆକର୍ଷଣ ।

**ଖ) ପରକୀୟା ପ୍ରୀତି :** ମନର ଚଂଚଳତାକୁ କାହା ସହ ତୁଳନା କରାଯାଇ ପାରେନା କି ତାର ଆକାରକୁ ମଧ୍ୟ ବର୍ଣ୍ଣନା କରିବା ସହଜ ବ୍ୟାପାର ନୁହେଁ । ମନ କାହା ପ୍ରତି କେତେବେଳେ ଢଳିଥାଏ ତାହା କହି ହୁଏନା । ତା ଲାଗି କୌଣସି ବୟସ ବା ସୀମା ମଧ୍ୟ ଦରକାର ନ ଥାଏ । ସମାଜର ନୀତି ନିୟମକୁ ମାନି କେତେକ ଆକଟ ରହିଥିବା ବେଳେ ଆଉ କେତେକ ଏହାକୁ ଏଡାଇ ଉନ୍ମୁକ୍ତ ହୋଇ ବୁଲିବାକୁ ଭଲ ପାଇଥାନ୍ତି । ଏହି ପରକୀୟା ପ୍ରୀତି ପ୍ରାଚୀନ କାଳରୁ ରହି ଆସିଛି ଏବଂ ତାହା ମଧ୍ୟ ଶ୍ରେଷ୍ଠ ପ୍ରୀତି ବୋଲି କୁହାଯାଏ । ତେଣୁ ଏଠାରେ ଆମେ ଦେଖିବାକୁ ପାଇବା ଯେ ଦିବ୍ୟନାଥ ଚାଟାର୍ଜୀ ଜଣେ ବିବାହିତ ପୁରୁଷ ଚାରିଚାରିଟି ସନ୍ତାନର ଜନକ ହେବା ପରେ ମଧ୍ୟ ନିଜର ଯୌନପିପାସାକୁ ନିୟନ୍ତ୍ରଣ କରିପାରି ନାହାନ୍ତି । ସ୍ତ୍ରୀ ସୁଜାତାକୁ ଏକାଧିକ ସନ୍ତାନବତ୍ କରିବାକୁ ବାଧ୍ୟ କରାଇବା ସହ ତାଙ୍କ କମ୍ପାନୀର ଏକ ଟାଇପିଷ୍ଟ ଝିଅ ନିଜଝିଅ ବୟସର ତା ସହ ସମ୍ପର୍କ ରକ୍ଷା କରିଛନ୍ତି । ଏକଥା ଅନ୍ୟ କେହି ଜାଣୁଥିଲେ କି ନ ଜାଣୁଥିଲେ ସାନପୁଅ ବ୍ରତୀକୁ ବେଶ୍ ଭଲ ଭାବରେ ଜଣାଥିଲା । ନିଜ ବାପର ଗୁଣରେ ପ୍ରଭାବିତ ହୋଇଛି ଝିଅ ନୀପା । ସେ ଧନୀଘରର ପୁଅ ଅମିତକୁ ବିବାହ କରିଥିଲେ ମଧ୍ୟ ଅମିତର ପିଉସୀ ପୁଅ ବଲାଇ ସହ ରଖିଛି ସମ୍ପର୍କ । ଏକଥା ସ୍ୱାମୀ ଅମିତକୁ ମଧ୍ୟ ଅଛପା ନ ଥିଲା କିନ୍ତୁ କେବେ ପ୍ରତିବାଦ କରିନି ବରଂ କହିଛି "ବଲାଇ ପରିବାରର କେଉଁ ଝିଅକୁ ଅକ୍ଷତ ରଖିଛି ଯେ ମୋ ସ୍ତ୍ରୀକୁ ଛାଡିଦେବ ? ଆରେ ମହାଶୟ ମୋର ଯିଏ ସାନ ପିଉସୀ ତାର ସିଏ ସାନ ମାଉସୀ, ତାକୁ ନେଇ ତାର ବଦମାସି ଆରମ୍ଭ ହୋଇଛି । ନୀପାକୁ ସେ ଏମିତି ସହଜରେ ଛାଡିଦେବ ?"(୮) । ପରକୀୟା ପ୍ରୀତିର ଚିତ୍ର ରାମଚନ୍ଦ୍ର ବେହେରାଙ୍କ ଅଭିନୟର ପରିଧି ଉପନ୍ୟାସରେ ମଧ୍ୟ ଦିଆଯାଇଛି । ସେଠାରେ ଇନ୍ଦୁ ଦେବ ଆଚାର୍ଯ୍ୟର ସ୍ତ୍ରୀ ହେବା ସତ୍ୱେ ନିଜ ପୁଅ ବୟସର ଯୁବକ ରାଧାକାନ୍ତ ସହ ପ୍ରୀତି କରି ଧରା ପଡିଛି ଏବଂ ଏକ ଅବୈଧ ସନ୍ତାନ ମଧ୍ୟ ଜନ୍ମ ଦେଇଛି । ସେହିପରି ମଲିମିତ୍ର ଓ ମିସେସ କାପୋଡିଆ ସ୍ୱାମୀଜୀଙ୍କୁ ଦେବତା ତୁଲ୍ୟ ମନେକରି ନିଜକୁ ସମର୍ପି ଦେଇଛନ୍ତି । ସେହିପରି ଟୋନି ମଧ୍ୟ ସରୋଜ ପାଲ ସହ ରଖିଛି ଏହି ପରକୀୟା ସମ୍ପର୍କ ।

## ଉପସଂହାର :

ହଜାରେ ଚଉରାଶୀର ମା; ଅଧୁନିକ ଯୁଗଯନ୍ତ୍ରଣାର ଧ୍ୱନିପ୍ରତିଧ୍ୱନି ରେ ଆମେ ଦେଖିବାକୁ ପାଇବା ଯେ ସମାଜରେ ସାଧାରଣ ମଣିଷଟିଏ ସମାଜରେ ନିଜର ଅଧିକାର ସାବ୍ୟସ୍ତ କରିବା ପାଇଁ ଚେଷ୍ଟା କରିଛନ୍ତି । ନିଜନିଜର ସ୍ୱାଧୀନତାକୁ ଫେରି ପାଇବା ପାଇଁ ଅହରହ ପ୍ରୟାସ କରି ମଧ୍ୟ ଦେଶଦ୍ରୋହୀ ,କ୍ଷମତାଲିପ୍ସୁ ପୈଶାଚିକ ପ୍ରବୃତ୍ତିର ଅସାମାଜିକ ମନୁଷ୍ୟମାନଙ୍କଠାରୁ ଛଡାଇ ଆଣିପାରିନାହାନ୍ତି । ବରଂ ସେମାନଙ୍କ ଜୀବନ ତାଙ୍କରି ପାଖରେ ସମର୍ପି ଦେଇଛନ୍ତି । ଏଠାରେ ମଧ୍ୟ ଆଉଏକ ଚିତ୍ର ଦେଖିପାରିବା ସାଧାରଣ ପରିବାରର ଅସହାୟତା, ମାତାର ତଥା ପରିବାରର ସନ୍ତାନ ପ୍ରତି ଯେଉଁ ଭଲପାଇବାର ଚିତ୍ର ଯୁଗେଯୁଗେ ରହି ଆସିଛି । ଯୁବକମାନେ ଯେଉଁ ସମସ୍ୟା ଦେଇ ଗତି କରିଛନ୍ତି ତାର ସମାଧାନର ବିଫଳତା,ଧର୍ମକୁ ଦେଖାଇ ଯେଉଁ ଭଣ୍ଡାମିର ଚିତ୍ର, ଫ୍ରଏଡ ଦର୍ଶନ ତଥା ନକ୍ସଲ ଦଳରେ ଅଂଶଗ୍ରହଣ କରିବାର ଚିତ୍ର ।

ଏଠାରେ ଯେଉଁଯେଉଁ ସମସ୍ୟାମାନ ଦେଖାଦେଇଛି କେବଳ ଗୋଟିଏ ଯୁଗ ମଧ୍ୟରେ ସୀମିତ ହୋଇ ରହିନାହିଁ । ଯୁଗଯୁଗ ବ୍ୟାପି ଏଭଳି ଚିତ୍ର ପ୍ରକଟିତ ହୋଇ ଆସୁଛି । ଏହି ଯୁଗଯନ୍ତ୍ରଣାର ଚିତ୍ର ଆଗାମୀ ପୀଢିମାନଙ୍କୁ ଏକ ସଚେତନ ବାର୍ତ୍ତା କରାଇବାର ପ୍ରୟାସ କରାଯାଇଛି ।

**ସହାୟକ ଗ୍ରନ୍ଥସୂଚୀ :**

୧. ସାହୁ ଗୋବିନ୍ଦ ଚନ୍ଦ୍ର, ଅନୁବାଦ-ହଜାରେ ଚଉରାଶୀର ମା ( ମୂଳ ଲେଖା- ମହାଶ୍ୱେତା ଦେବୀ), ବିନୋଦ ବିହାରୀ କଟକ-୨, ତୃତୀୟ ସଂସ୍କରଣ-୨୦୧୮, ପୃ-୫୭ ।

୨. ତତ୍ରୈବ, ପୃ- ୫୦ ।

୩. ତତ୍ରୈବ, ପୃ- ୧୭ ।

୪. ଆଚାର୍ଯ୍ୟ ଶାନ୍ତନୁ କୁମାର,ଶକୁନ୍ତଳା ,ବାଙ୍କ ବଜାର କଟକ-୨, ପ୍ରଥମ ପ୍ରକାଶ- ୧୯୮୦, ପୃ-୨୯୫ ।

୫. ସାହୁ ଗୋବିନ୍ଦ ଚନ୍ଦ୍ର, ଅନୁବାଦ-ହଜାରେ ଚଉରାଶୀର ମା (ମୂଳ ଲେଖା- ମହାଶ୍ୱେତା ଦେବୀ), ବିନୋଦ ବିହାରୀ କଟକ-୨, ତୃତୀୟ ସଂସ୍କରଣ-୨୦୧୮, ପୃ-୯୭ ।

୬. ମହାନ୍ତି ସୁରେନ୍ଦ୍ର, ଅନ୍ଧ ଦିଗନ୍ତ, କଟକ ଷ୍ଟୁଡେଂଟ ଷ୍ଟୋର୍, ବାଲୁବଜାର, କଟକ, ସପ୍ତମ ସଂ-୨୦୧୯ ।

୭. ଲାଲା ଜଗନ୍ ମୋହନ, ବାବାଜୀ, ବିନୋଦ ବିହାରୀ କଟକ-୨, ତୃତୀୟ ମୁଦ୍ରଣ-୧୯୯୮, ପୃ-୫ ।

୮. ସାହୁ ଗୋବିନ୍ଦ ଚନ୍ଦ୍ର, ଅନୁବାଦ-ହଜାରେ ଚଉରାଶୀର ମା (ମୂଳ ଲେଖା- ମହାଶ୍ୱେତା ଦେବୀ), ବିନୋଦ ବିହାରୀ କଟକ-୨, ତୃତୀୟ ସଂସ୍କରଣ-୨୦୧୮, ପୃ-୧୦୬ ।

❖ ❖ ❖

DOI: https://doi.org/10.5281/zenodo.14545880 ମୂଳ ପ୍ରବନ୍ଧ

# ମନୋରଞ୍ଜନ ଦାସଙ୍କ ନାଟ୍ୟଦିଗନ୍ତ

## ଲିକୁ ବେହେରା

**ସଂକ୍ଷିପ୍ତ ସାର :**

ସ୍ୱାଧୀନତା ପରକାଳରେ ଓଡ଼ିଆ ନାଟ୍ୟ ଜଗତରେ ନବନାଟ୍ୟ ବା ନୂତନ ନାଟ୍ୟଧାରାର ପ୍ରଚଳନ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ । ଏହି ନବନାଟକ ଧାରା ଓଡ଼ିଶାରେ ପ୍ରଥମେ ନାଟ୍ୟକାର ମନୋରଞ୍ଜନ ଦାସଙ୍କ ସ୍ୱରଚିତ 'ଆଗାମୀ'(୧୯୫୦) ନାଟକ ମଧ୍ୟରେ ଦେଖିବାକୁ ମିଳିଥିଲା । ମନୋରଞ୍ଜନ ପାରମ୍ପରିକ ନାଟ୍ୟ ରଚନାରୁ ନିଜ ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ମଧ୍ୟ, ପରବର୍ତ୍ତୀ ସମୟରେ ପରୀକ୍ଷାଧର୍ମୀ ବୌଦ୍ଧିକ ଓ ଲୋକ ଉପାଦାନ ଶୈଳୀ ଭିତ୍ତିକ ନାଟ୍ୟ ରଚନାରେ ମନୋନିବେଶ କରିଥିଲେ । ତାଙ୍କ ଲେଖନୀରେ ଓଡ଼ିଆ ନାଟକ ପାଇଥିଲା ନୂଆ ରୂପ । ଆଲୋଚ୍ୟ 'ମନୋରଞ୍ଜନ ଦାସଙ୍କ ନାଟ୍ୟଦିଗନ୍ତ' ପ୍ରବନ୍ଧଟିରେ ପ୍ରଥମେ ମନୋରଞ୍ଜନଙ୍କ ଜନ୍ମ, ନାଟ୍ୟକଳା ପ୍ରତି ଆକର୍ଷଣ ଓ ଅଭିନୟ ପ୍ରସଙ୍ଗ ଆଲୋଚିତ ହୋଇଛି । ପରେ ନବନାଟକର ସ୍ୱରୂପ, ମନୋରଞ୍ଜନଙ୍କ ସମଗ୍ର ସୃଷ୍ଟି ଓ ସାରସ୍ୱତ ସ୍ୱୀକୃତିର ପରିଚୟ ଦିଆଯାଇଛି । ନାଟ୍ୟକାର ଦାସଙ୍କ ପାରମ୍ପରିକ ନାଟ୍ୟ ରଚନା ସହ ବେତାରରେ ତାଙ୍କର ଯୋଗଦାନ ଓ ଭୂମିକା ବିଷୟ ଆଲୋଚିତ ହୋଇଛି । ୧୯୬୪ରେ ଗଠିତ ସୌଖିନ ନାଟ୍ୟସଂସ୍ଥା 'ସୃଜନୀ' ସହ ମନୋରଞ୍ଜନ ଦାସଙ୍କ ସମ୍ପୃକ୍ତି, ସୃଜନୀର ସୃଜନ ବୀଣାରେ ବାଦିତ ମନୋରଞ୍ଜନଙ୍କ ତିନୋଟି ନାଟକ ('ସାଗର ମନ୍ଥନ', 'ବନହଂସୀ', 'ଅମୃତସ୍ୟ ପୁତ୍ରଃ')ର ଅନ୍ତଃସ୍ୱରୂପକୁ ଉଦଘାଟିତ କରିବା ସହ 'ଊର୍ମି', 'ଶବ୍ଦଲିପି', 'କ୍ଲାନ୍ତ ପ୍ରଜାପତି' ଓ 'ବିତର୍କିତ ଅପରାହ୍ନ' ନାଟକକୁ ଆଲୋଚନାର ପରିସରଭୁକ୍ତ କରାଯାଇଛି । 'କାଠଘୋଡ଼ା', 'ନନ୍ଦିକାକେଶରୀ' ପରି ଲୋକ ଉପାଦାନ ଶୈଳୀଭିତ୍ତିକ ନାଟକକୁ ଆଲୋଚନା କରାଯାଇ ପରିଶେଷରେ ଉପସଂହାରରେ ନାଟ୍ୟକାର ଦାସଙ୍କ ନାଟକଗୁଡ଼ିକର ବିଶେଷତା ସଂମ୍ପର୍କରେ ଆଲୋକପାତ କରାଯାଇଛି । ମୋଟ୍ ଉପରେ କହିବାକୁ ଗଲେ ଆଲୋଚ୍ୟ ପ୍ରବନ୍ଧରେ ନାଟ୍ୟକାର ମନୋରଞ୍ଜନ ଦାସଙ୍କ ନାଟକର ନାନା ଦିଗ ଓ ବୈଶିଷ୍ଟ୍ୟ ଆଲୋଚିତ ହୋଇଛି ।

**ପ୍ରମୁଖ ଶବ୍ଦ:** ନୂତନ ନାଟ୍ୟଧାରାର ପ୍ରବର୍ତ୍ତକ, ନାଟକ ପ୍ରତି ଦୁର୍ବଳତା, ନବନାଟକର ସ୍ୱରୂପ, ସମଗ୍ର ସୃଷ୍ଟି ଓ ସାରସ୍ୱତ ସ୍ୱୀକୃତି, ପାରମ୍ପରିକ ନାଟକ, ନବନାଟକର ପ୍ରଥମ ଅର୍ଘ୍ୟ, ସୃଜନୀ, ଆଧୁନିକ ଜୀବନର ଅସହାୟତା, ଯୁବଶକ୍ତିର ବିପ୍ଳବ, ନିଷ୍ପ୍ରାଣ ଜୀବନ, ଲୋକନାଟ୍ୟ ଶୈଳୀ, ଅବଦମିତ ମନ ଓ ପିଢ଼ିଗତ ବ୍ୟବଧାନ ।

ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡ଼ିଶାରେ ଦେଖାଦେଇଥିବା ନୂତନ ନାଟ୍ୟଧାରାର ପ୍ରବର୍ତ୍ତକ ଭାବରେ ନାଟ୍ୟକାର ମନୋରଞ୍ଜନ ଦାସ(୧୯୨୧-୨୦୧୩) ପରିଚିତ । ମନୋରଞ୍ଜନ ପାରମ୍ପରିକ ନାଟ୍ୟ ରଚନାରୁ ନିଜ ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ହେଁ, ପରବର୍ତ୍ତୀ ସମୟରେ ପରୀକ୍ଷାଧର୍ମୀ ଓ ଲୋକ ଉପାଦାନ ଶୈଳୀ ଭିତ୍ତିକ ନାଟ୍ୟ ରଚନାରୁ ନିଜକୁ ଦୂରେଇ ପାରିନଥିଲେ । ତାଙ୍କ ଲେଖନୀ ମୁନରେ ଓଡ଼ିଆ ନାଟକ ପାଇଥିଲା ଏକ ନୂଆ ରୂପ । ନାଟ୍ୟକାର ଦାସ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI : https://doi.org/10.5281/zenodo.14545880

Article No - BPP00248

**ଯୋଗାଯୋଗ :**
**ଲିକୁ ବେହେରା,** ଅଧ୍ୟାପକ, ଓଡ଼ିଆ ବିଭାଗ
ନାଚୁଣୀ ମହାବିଦ୍ୟାଳୟ, ଖୋର୍ଦ୍ଧା
**Email:** beheraliku051@gmail.com
**ORCID ID:** https://orcid.org/0009-0009-6050-2161

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୨.୮.୨୦୨୪ | ୧୦.୧୦.୨୦୨୪ | ୨୫.୧୧.୨୦୨୪ | ୧.୧୨.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଲିକୁ, ବେହେରା, ୨୦୨୪ । ମନୋରଞ୍ଜନ ଦାସଙ୍କ ନାଟ୍ୟଦିଗନ୍ତ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ୯, ପୃଷ୍ଠା :୫୩-୫୮ ।

ଓଡ଼ିଆ ନାଟକକୁ ସଚେତନ ଭାବେ ବିଶ୍ୱ ନାଟକର ସମକକ୍ଷ କରାଇବା ପାଇଁ ପ୍ରୟାସ କରିଥିଲେ ଏବଂ ଏଥିରେ ସଫଳ ମଧ୍ୟ ହୋଇଥିଲେ । ଯୁଗରୁଚିର ପରିବର୍ତ୍ତନକୁ ଗୁରୁତ୍ୱ ଦେଇ ଦର୍ଶକର ନୂତନ ରୁଚି ନିର୍ମାଣ କରିଥିଲେ ।

ମନୋରଞ୍ଜନ ଦାସ ୧୯୨୧ ମସିହା ଜୁଲାଇ ୨୫ ତାରିଖରେ କଟକ ଜିଲ୍ଲାର ଝାରକଟା ପାଟଣା ଗ୍ରାମରେ ପିତା ଆର୍ତ୍ତବନ୍ଧୁ ଦାସ ଓ ମାତା ସୁଲୋଚନା ଦେଈଙ୍କ କୋଳରେ ଜନ୍ମଲାଭ କରିଥିଲେ । ପିଲାଦିନେ ଗାଁଆ ପେଣ୍ଡାଲରେ ପ୍ରଦର୍ଶିତ ହେଉଥିବା ନାଟକ ଦେଖି ଥିଏଟର ଆଡ଼କୁ ଆକର୍ଷିତ ହୋଇଥିଲେ । ବିଦ୍ୟାଳୟରେ ପଢ଼ିବାବେଳେ ଛାତ୍ର ଜୀବନରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଭିନୟ କରି ଅଂଶ ଗ୍ରହଣ କରୁଥିଲେ । ନାଟକ ପଠନ ଓ ଅଭିନୟ ପ୍ରତି ତାଙ୍କ ମନ ସ୍ୱତଃ ଆକର୍ଷିତ ହୋଇଥିଲା । ମାଟ୍ରିକ ପରୀକ୍ଷା ଦେଇସାରିବା ପରେ ମନୋରଞ୍ଜନ ଅନ୍ୟ ବନ୍ଧୁଙ୍କ ସହ ମିଶି ନାଟକ କରିବା ପାଇଁ 'ଫ୍ରେଣ୍ଡସ କ୍ଲବ୍' ନାମକ ଏକ ଅନୁଷ୍ଠାନ ଗଢ଼ିଲେ । ଏହି ଅନୁଷ୍ଠାନ ମାଧ୍ୟମରେ ସେମାନେ ଅଶ୍ୱିନୀ କୁମାର ଘୋଷଙ୍କ ନାଟକ 'କୋଣାର୍କ' କୁ ମଞ୍ଚସ୍ଥ କରିଥିଲେ । ଏହି ନାଟକରେ ମନୋରଞ୍ଜନ 'ଧରମା' ଭୂମିକାରେ ଅଭିନୟ କରିଥିଲେ । ତାଙ୍କ ସୁନ୍ଦର ଅଭିନୟ ପାଇଁ ଦର୍ଶକ ସମେତ ତାଙ୍କ ବାପା ନିଜେ ପେଣ୍ଡାଲ ଉପରକୁ ଉଠିଆସି ମନୋରଞ୍ଜନଙ୍କ ବେକରେ ପୁରସ୍କାର ସ୍ୱରୂପ ଏକ ରୌପ୍ୟ ପଦକ ଝୁଲାଇ ଦେଇଥିଲେ । ଯାହା ତାଙ୍କ ଆତ୍ମଚରିତ ପାଠକଲେ ଜଣାଯାଏ । ମାଟ୍ରିକ ପାସ କରି ରେଭେନସା କଲେଜରେ ପଢ଼ିବା ବେଳେ ମନୋରଞ୍ଜନ ପାଶ୍ଚାତ୍ୟ ଦେଶର ଅନେକ ନାଟ୍ୟକାରଙ୍କ ନାଟକକୁ ପଢ଼ିବା ପାଇଁ ସୁଯୋଗ ପାଇଥିଲେ । ଏହି ଅଧ୍ୟୟନ ହିଁ ତାଙ୍କୁ ନାଟକ ଲେଖିବା ପାଇଁ ଅନୁପ୍ରାଣିତ କରିଥିଲା । କଲେଜ ପଢ଼ିବା ସମୟରେ ନାଟକ ଲେଖିବା ଓ ଅଭିନୟ କରିବା ଉଭୟ ଦିଗ ପ୍ରତି ମନୋରଞ୍ଜନଙ୍କ ଦୁର୍ବଳତା ରହିଥିଲା । ମାତ୍ର ପରବର୍ତ୍ତୀ ସମୟରେ କେବଳ ନାଟ୍ୟ ରଚନାରେ ନିଜକୁ ନିୟୋଜିତ କରିବାକୁ ମନୋରଂଜନ ଦାସ ନିଷ୍ପତ୍ତି ନେଇଥିଲେ ।

ସ୍ୱାଧୀନତା ପର ଓଡ଼ିଆ ନାଟକ ନୂତନ ଚିନ୍ତା, ଚେତନା ଏବଂ ଭିନ୍ନ ଶୈଳୀର ସ୍ୱାକ୍ଷର ବହନ କରିଥିଲା । ପୂର୍ବେ ନାଟକରେ ଦୃଶ୍ୟମାନ ହେଉଥିବା ସାମାଜିକ ସମସ୍ୟା ଏହି ସମୟରେ ମନସ୍ତାତ୍ତ୍ୱିକ ସମସ୍ୟାରେ ରୂପାନ୍ତରିତ ହୋଇଥିଲା । ଜୀବନର ସୁସ୍ଥ ସୁନ୍ଦର ରୂପ ଠାରୁ ତା'ର ହତାଶା, ନୈରାଶ୍ୟ ରୂପକୁ ସହାନୁଭୂତି ସହିତ ଦେଖିବାର ପ୍ରଚେଷ୍ଟା କରାଯାଇଥିଲା । ଏହି କାଳର ନାଟକ ସମାଜ ସର୍ବସ୍ୱ ଅପେକ୍ଷା ବ୍ୟକ୍ତି ସର୍ବସ୍ୱ ହୋଇଥିଲା । ମଣିଷର ବାହ୍ୟ ବାସ୍ତବତା ଅପେକ୍ଷା ଅନ୍ତଃ ଜଗତର ବାସ୍ତବ ଚିତ୍ରକୁ ନାଟକରେ ଗୁରୁତ୍ୱ ଦିଆଗଲା । ନାଟକରେ ପ୍ରତୀକ ଓ ମିଥ୍ ର ପ୍ରଚୁର ପ୍ରୟୋଗ ହେତୁ ମୁଖା ପିନ୍ଧା ମଣିଷର ପ୍ରକୃତ ସ୍ୱରୂପ ଉଦଘାଟିତ ହେଲା । ମନସ୍ତତ୍ତ୍ୱର ଅତ୍ୟଧିକ ପ୍ରୟୋଗ ହେତୁ ନାଟକ କ୍ରମଶଃ ବୌଦ୍ଧିକ ହୋଇପଡ଼ିଲା । ଏହି ବୌଦ୍ଧିକ ନାଟକର ଦର୍ଶକ ସାଧାରଣ ଲୋକ ନ ହୋଇ, ହେଲେ ସହରର ଏକ ନିର୍ଦ୍ଦିଷ୍ଟ ବୁଦ୍ଧିଜୀବୀଗୋଷ୍ଠୀ । ଏହି ସମୟକୁ ଓଡିଶାରେ ପାରମ୍ପରିକ ରଙ୍ଗମଙ୍ଗ ଗୁଡ଼ିକର ଆୟୁଷ ସରି ସରି ଆସିଲା । ତାଙ୍କ ସ୍ଥାନରେ ଜନ୍ମ ନେଲା ସୌଖିନ ରଙ୍ଗମଂଚ ବା ଗ୍ରୁପ୍ ଥିଏଟର । ଏସବୁ ପରିବର୍ତ୍ତନ ପଛରେ ପାଶ୍ଚାତ୍ୟ ଦେଶର ନାଟ୍ୟ ସାହିତ୍ୟ ଥିଲା ମୁଖ୍ୟ କାରଣ । ନାଟ୍ୟକାର ଇବସନ୍ ଙ୍କ 'A Dolls House' ଆସିବା ପରେ ପାଶ୍ଚାତ୍ୟ ନାଟ୍ୟ ସାହିତ୍ୟରେ ପରିବର୍ତ୍ତନ ଦେଖାଗଲା । ଏହା ଦ୍ୱାରା ଓଡ଼ିଆ ନାଟ୍ୟକାର ମଧ୍ୟ ପ୍ରଭାବିତ ହୋଇଥିଲେ । ଓଡ଼ିଆ ନାଟକର ଆଙ୍ଗିକ ଓ ଆତ୍ମିକ ଦିଗରେ ପରିବର୍ତ୍ତନ ହେଲା । ନାଟକରେ ଅଙ୍କର ସୀମିତତା ସହ ଦୃଶ୍ୟହୀନତା ଦେଖିବାକୁ ମିଳିଲା । ଉଦ୍ଦେଶ୍ୟହୀନତା ଆରମ୍ଭ ହେଲା । ନବନାଟକ ପର୍ଯ୍ୟାୟରେ ଚରିତ୍ର, ସଙ୍ଗୀତ, ନୃତ୍ୟର ହ୍ରାସ ହେଲା । ଆଲୋକ ସମ୍ପାତ ଦ୍ୱାରା ଚରିତ୍ର ଉପରେ ପକାଇ ତା' ର ମନସ୍ତତ୍ତ୍ୱକୁ ବିଶ୍ଳେଷଣ କରାଗଲା । ଏହି ନବନାଟକକୁ ଓଡିଶାରେ ଉନ୍ମେଷ ଓ ବିକାଶ କରାଇବାରେ ନାଟ୍ୟକାର ମନୋରଞ୍ଜନ ଦାସଙ୍କ ଥିଲା ଗୁରୁତ୍ୱପୂର୍ଣ୍ଣ ଭୂମିକା ।

ମନୋରଂଜନ ଦାସ ଓଡ଼ିଆ ନାଟ୍ୟ ସାହିତ୍ୟର ଜଣେ ସ୍ମରଣୀୟ ସ୍ରଷ୍ଟା । ୧୯୪୨ ମସିହାରେ ତାଙ୍କର ପ୍ରଥମ ନାଟକ 'ରାତ୍ରି' ରଚିତ ହୁଏ । ଯାହା ଅଦ୍ୟାବଧି ଅପ୍ରକାଶିତ । ପରେ 'ଜନ୍ମମାଟି'(୧୯୪୩), 'ଯୌବନ'(୧୯୪୫), 'ଅଗଷ୍ଟ ନ''(୧୯୪୭), 'କବିସମ୍ରାଟ ଉପେନ୍ଦ୍ର ଭଞ୍ଜ'(୧୯୪୯), 'ବହ୍ନି ଜଗବନ୍ଧୁ' (୧୯୪୯) ଏସବୁ ନାଟକ ପାରମ୍ପରିକ ଶୈଳୀରେ ରଚିତ ହୋଇଥିଲା । ୧୯୫୦ ବେଳକୁ ମନୋରଂଜନ 'ଆଗାମୀ' ରଚନା କରି ନବନାଟକର ମୂଳଦୁଆ ପକାଇଥିଲେ । ପରେ 'ଅବରୋଧ'(୧୯୫୩) ରଚିତ ହୋଇଥିଲା । ଓଡ଼ିଆ ନାଟ୍ୟ ସାହିତ୍ୟରେ ପ୍ରଥମ କରି ରାଜନୀତିର ଛିଟା ଏହି ଅବରୋଧରେ ଦେଖିବାକୁ ମିଳିଥିଲା । ନାଟ୍ୟକାର ଦାସ ୧୯୫୩ ରୁ ୧୯୬୪ ମଧ୍ୟରେ ନାଟ୍ୟ ରଚନାରୁ ବିରତି ନେଇଥିଲେ । ପରେ ସୌଖିନ ନାଟ୍ୟସଂସ୍ଥା 'ସୃଜନୀ' ଓ ବେତାର କେନ୍ଦ୍ର ସହ ଜଡ଼ିତ ହୋଇଥିଲେ । ୧୯୬୪ରେ ମନୋରଂଜନ ପ୍ରଥମେ J. B. Priestley ue 'An Inspector calls' ର ଛାୟାନୁବାଦରେ 'ସାଗର ମନ୍ଥନ' ନାଟକ ରଚନା କରି 'ସୃଜନୀ' ମଂଚରେ ଅଭିନୀତ କରାଇଥିଲେ । ଏହାର ପରବର୍ତ୍ତି ସମୟରେ ମନୋରଂଜନ ଦର୍ଶକଙ୍କ ରୁଚି ପରିବର୍ତ୍ତନ ଦେଖି ମନସ୍ତାତ୍ତ୍ୱିକ ନାଟକମାନ ରଚନା ପାଇଁ ଆଗ୍ରହୀ ହୋଇଥିଲେ । ୧୯୬୮ରେ ରଚିତ 'ବନହଂସୀ' ନାଟକ ଥିଲା 'ସୃଜନୀ' ନାଟ୍ୟସଂସ୍ଥାର ଦ୍ୱିତୀୟ ଅବଦାନ । ୧୯୬୯ରେ 'ଅରଣ୍ୟ ଫସଲ' ରଚିତ ହେଲା । ଏଥିରେ ମନସ୍ତତ୍ତ୍ୱ ଓ ପ୍ରତୀକର ଯଥାରୀତି ରୂପାୟନ ଘଟିଥିଲା । ୧୯୭୧ରେ ରଚିତ 'ଅମୃତସ୍ୟ ପୁତ୍ରଃ' ନାଟକ ଥିଲା 'ସୃଜନୀ'

ନାଟ୍ୟସଂସ୍ଥାର ଶେଷ ମଞ୍ଚସ୍ଥ ନାଟକ । ପରବର୍ତ୍ତୀ କାଳରେ 'କାଠଘୋଡ଼ା' (୧୯୭୪), 'ଉର୍ମି'(୧୯୭୫), 'ଶବ୍ଦଲିପି' (୧୯୭୫), 'କ୍ଳାନ୍ତ ପ୍ରଜାପତି' (୧୯୭୮), 'ବିତର୍କିତ ଅପରାହ୍ନ' (୧୯୭୯) ଓ 'ନନ୍ଦିକାକେଶରୀ'(୧୯୮୫) ନାଟକ ରଚନା କରିଥିଲେ ।

ନାଟକ ବ୍ୟତୀତ ମନୋରଂଜନ ଦାସ ପାଞ୍ଚଟି ଏକାଙ୍କିକା ରଚନା କରିଥିଲେ । ସେଗୁଡ଼ିକ ଯଥା- 'ଛୋଟ ନାଟକ'(୧୯୬୩), 'ମହାସମୁଦ୍ର'(୧୯୬୭), 'ଅବବାହିକାର ସ୍ୱପ୍ନ'(୧୯୭୬), 'ନାଟ୍ୟଗୁଚ୍ଛ' (୧୯୮୦) ଏବଂ 'ବିଚିତ୍ର ମନର ନାଟକ'(୧୯୮୯) । ସେହିପରି ତାଙ୍କର ଅନୁଦିତ ନାଟକ ମଧ୍ୟରେ 'ସାଗର ମନ୍ଥନ' ଥିଲା ପ୍ରଥମ । Moliere ଙ୍କ ଇଂରାଜୀ ନାଟକ 'Would be Gentleman' ର ଅନୁବାଦ 'ଭଦ୍ରଲୋକ' ନାଟକ । Moliere ଙ୍କ ଅନ୍ୟ ଏକ ନାଟକ 'The Physician inspite of Himself'ର ଅନୁବାଦ ହେଉଛି 'ତଥାପି ଡାକ୍ତର' ନାଟକ । ବିଜନ ଭଟ୍ଟାଚାର୍ଯ୍ୟଙ୍କ ବଙ୍ଗଳା ନାଟକ 'ନବାନ୍ନ'ର ଓଡ଼ିଆ ରୂପାନ୍ତର 'ନବାନ୍ନ' ନାଟକ ଲେଖିଥିଲେ । ନାଟ୍ୟକାର ମନୋରଞ୍ଜନଙ୍କ 'ଅରଣ୍ୟ ଫସଲ', 'କାଠଘୋଡ଼ା', 'ବନହଂସୀ', 'ଶବ୍ଦଲିପି', 'ବିତର୍କିତ ଅପରାହ୍ନ' ଆଦି ନାଟକଗୁଡ଼ିକ ଇଂରାଜୀ, ହିନ୍ଦୀ, ବଙ୍ଗଳା ଭାଷାରେ ଅନୁଦିତ ହୋଇଛି । ନାଟ୍ୟକାର ନିଜ ସାରସ୍ୱତ ସୃଷ୍ଟି ନିମନ୍ତେ କେତେକ ସାରସ୍ୱତ ସ୍ୱୀକୃତି ପାଇଛନ୍ତି । 'ଛୋଟ ନାଟକ' ଏକାଙ୍କିକା ସଂଗ୍ରହ ନିମନ୍ତେ ୧୯୬୪ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, 'ଅରଣ୍ୟ ଫସଲ' ନିମନ୍ତେ ୧୯୭୧ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, 'ନନ୍ଦିକାକେଶରୀ' ପାଇଁ ଶାରଳା ପୁରସ୍କାର ପ୍ରାପ୍ତ କରିଥିଲେ । ଏତତବ୍ୟତୀତ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ପୁରସ୍କାର ଲାଭ କରିଥିଲେ । ଆକାଶବାଣୀ, ଦୂରଦର୍ଶନ ଇତ୍ୟାଦି ଠାରୁ ପୁରସ୍କାର, ସମ୍ମାନ ପାଇ ଅଜସ୍ର ସମ୍ମାନର ଅଧିକାରୀ ହୋଇଥିଲେ ।

ମନୋରଂଜନ ଦାସ ତାଙ୍କର ପ୍ରଥମ ନାଟକ 'ରାତ୍ରି' ଲେଖା ଆରମ୍ଭ କରିଥିଲେ ୧୯୪୧ରେ । ଏହା ଶେଷ ହେଲା ୧୯୪୨ ବେଳକୁ । ପ୍ରଥମେ ଏହି ନାଟକଟି ବନ୍ଧୁ ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ ଦ୍ୱାରା ଆଠଗଡ଼ରେ ଅଭିନୀତ ହୋଇଥିଲା । ମାତ୍ର ଏହା ଆଜି ଯାଏଁ ଅପ୍ରକାଶିତ ହୋଇ ରହିଛି । 'ଜନ୍ମମାଟି' ନାଟକରେ ନଗର ସଭ୍ୟତା ଏବଂ ପଲ୍ଲୀ ସଭ୍ୟତା ମାଧ୍ୟରେ ସଂଘର୍ଷ ଦେଖାଇ ପଲ୍ଲୀ ସଭ୍ୟତାର ଜୟ ହୋଇଛି । ଏଥିରେ ପୁଣି ମାଟି ଓ ନାରୀକୁ ନେଇ ଚାଲିଥିବା ଚିରନ୍ତନ ଦ୍ୱନ୍ଦ୍ୱର କଥା କୁହାଯାଇଛି । ନାଟ୍ୟକାର ଦାସଙ୍କ 'ଯୌବନ' ନାଟକଟି ଅନ୍ନପୂର୍ଣ୍ଣା ରଙ୍ଗମଂଚରେ ୧୯୪୪ ଜୁଲାଇ ୧୪ରେ ସଫଳତାର ସହ ଅଭିନୀତ ହୋଇଥିଲା । 'ଯୌବନ' ର ସଫଳତା ପରେ ମନୋରଂଜନ ଆଉ ପଛକୁ ଫେରି ଚାହିଁ ନଥିଲେ । ଗୋଟିଏ ପରେ ଗୋଟିଏ ସଫଳ ନାଟକ ଲେଖିଚାଲିଲେ । 'କବିସମ୍ରାଟ ଉପେନ୍ଦ୍ର ଭଞ୍ଜ' ନାଟକଟି ୧୯୪୭ ଫେବୃଆରୀ ୧ରେ ଓଡ଼ିଶା ଥିଏଟରରେ ପ୍ରଥମେ ଅଭିନୀତ ହୋଇଥିଲା । ଏହା ଥିଲା ଏକ ଚରିତ ନାଟକ । ଏଥିରେ ଭଞ୍ଜ ସଙ୍ଗୀତର ବହୁଳ ପ୍ରୟୋଗ ହୋଇଥିବାର ଦେଖିବାକୁ ମିଳେ । 'ଅଗଷ୍ଟ ନ'' ଓ 'ବକ୍ସି ଜଗବନ୍ଧୁ' ଥିଲା ଦୁଇଟି ଲୋକପ୍ରିୟ ନାଟକ । ସ୍ୱାଧୀନତା ପରେ ଓଡ଼ିଶାର ଗାଁ ଗହଳିରେ ଦେଶର ସ୍ୱାଧୀନତା ପାଳନ ଉତ୍ସବ ଅବସରରେ ପରିବେଷିତ ହେବା ପାଇଁ, ସେହି ସମୟ ଖଣ୍ଡର ଚାହିଦାକୁ ନେଇ ଲେଖା ହୋଇଥିଲା । 'ଅଗଷ୍ଟ ନ''ରେ ଭାରତ ଛାଡ଼ ଆନ୍ଦୋଳନ ଓ ଶିକ୍ଷିତ ସମାଜର ଦେଶ ପାଇଁ ତ୍ୟାଗର ଭାବନା ରହିଥିବା ପ୍ରଫେସର ଦାସ ଏହି ଶିକ୍ଷିତ ସମାଜର ଗୁରୁ ତଥା ଦିଗଦର୍ଶକ, ବାରୁଣୀ ଓ ମାୟା ଭଳି ତରୁଣୀ ନିଜ ଜୀବନକୁ ପାଣି ଛଡ଼ାଇ କିଭଳି ଦେଶକାମ କରୁଥିଲେ ତାହା ଏହି ନାଟକରେ ରୂପାୟିତ ହୋଇଛି । ୧୮୧୭ ଖ୍ରୀଷ୍ଟାବ୍ଦର ପାଇକ ବିଦ୍ରୋହ ପୃଷ୍ଠଭୂମିରେ ରଚିତ 'ବକ୍ସି ଜଗବନ୍ଧୁ' ନାଟକଟିକୁ ନାଟ୍ୟକାର ଦାସ ଇତିହାସ ସହ କଳ୍ପନାର ପୁଟ ଦେଇ ବେଶ୍ ବର୍ଣ୍ଣିଳ କରି ଗଢ଼ି ତୋଳିଛନ୍ତି । ଏହିଠାରେ ମନୋରଂଜନଙ୍କ ପାରମ୍ପରିକ ନାଟ୍ୟ ରଚନାର ଯୁଗ ଶେଷ ହୋଇଥିଲା ।

୧୯୫୦ ବେଳକୁ ଓଡ଼ିଆ ନୂତନ ନାଟ୍ୟଧାରାର ପ୍ରଥମ ଅର୍ଘ୍ୟ ମନୋରଂଜନଙ୍କ 'ଆଗାମୀ' ନାଟକଟି ଯଥାର୍ଥରେ ଥିଲା ଆଗାମୀ ଯୁଗ ପାଇଁ ଏକ ଆହ୍ୱାନ । ନାଟ୍ୟକାର ଏହି ନାଟକଟିରେ ଫ୍ରଏଡ୍, ମାର୍କସ୍ ଏବଂ ଗାନ୍ଧିବାଦୀ ଆଦର୍ଶକୁ ସୁନ୍ଦର ଏକ ସାମଞ୍ଜସ୍ୟରେ ଉପନୀତ କରାଇଥିଲେ । ତିନି ଅଙ୍କ ବିଶିଷ୍ଟ 'ଆଗାମୀ' ନାଟକରେ ନାଟ୍ୟକାର ମନସ୍ତାତ୍ତ୍ୱିକ ଭାବନାର ମୂଳଦୁଆ ପକାଇଥିବା ବେଳେ, 'ଅବରୋଧ' ନାଟକରେ ରାଜନୀତି ସଚେତନତା ପାଲଟିଥିଲା ମୁଖ୍ୟ ଉପଜୀବ୍ୟ ବିଷୟ । ଏହି ନାଟକକୁ ଦେଖିଲେ ଜଣାଯାଏ, ନାଟ୍ୟକାର ମାର୍କସ୍ ଓ ଫ୍ରଏଡଙ୍କ ମଧ୍ୟରୁ ମାର୍କସଙ୍କୁ ଏଠାରେ ଗୁରୁତ୍ୱ ଦେଇଥିଲେ । ତତ୍କାଳୀନ ସମାଜରେ ଅନୁଭୂତ ରାଜନୈତିକ ଛକାପଞ୍ଝା, ଜଣ ସ୍ୱାର୍ଥ ଯଜ୍ଞରେ ଗଣ ସ୍ୱାର୍ଥର ଆହୁତି ଆଦି ଘଟଣାକୁ ସେ ସମୟରେ ନାଟ୍ୟକାର ଉପଲବ୍ଧି କରିପାରି 'ଅବରୋଧ' ରଚନା କରିବା ପାଇଁ ମନ ବଳାଇଥିଲେ । 'ଆଗାମୀ' 'ୟୁନାଇଟେଡ୍ ଆର୍ଟିଷ୍ଟ' ନାମକ ଏକ ସୌଖିନ ନାଟ୍ୟସଂସ୍ଥା ଦ୍ୱାରା ମଂସ୍ଥ ହୋଇଥିଲା । ଶିଳ୍ପପତି ଓ ଶ୍ରମିକ ସଂଘର୍ଷର ଏକ ସୂଚନା ସମାନ୍ତରାଳ ଭାବରେ ଏଥିରେ ରହିଛି । ଶିଳ୍ପପତି ସୂର୍ଯ୍ୟନାରାୟଣଙ୍କ ବ୍ୟକ୍ତି କୈନ୍ଦ୍ରିକତା ସହିତ ଦୁଇଯୋଡ଼ା ତରୁଣ ତରୁଣୀଙ୍କର ଅଶାନ୍ତି ଜନିତ ଚିତ୍ତ ଚାଞ୍ଚଲ୍ୟର ବିଶ୍ଳେଷଣ ହିଁ ହୋଇଛି ନାଟକର ପ୍ରଧାନ ଲକ୍ଷ୍ୟ । ନାଟକରେ ସରସୀ ସରୋଜ ପାଇଁ ରୁମାଲୁରେ 'ସ' ବୁଣିଚି, ଯାହା ଅଧାବୁଣାରେ ସୀମିତ ରହିଛି । ନାଟକରେ ପ୍ରତ୍ୟେକ ଚରିତ୍ରଙ୍କର ବୀଣାର ତାର ଛିଣ୍ଡି ଯାଇଛି । ତଥାପି ସେମାନଙ୍କୁ ବଞ୍ଚିବା ପାଇଁ ହେବ ଆଗାମୀ କାଲି ପାଇଁ । 'ଅବରୋଧ'ରେ ରାଜନୀତିର କଳୁଷିତ ରୂପ ଉନ୍ମୋଚନ କରିଚନ୍ତି ନାଟ୍ୟକାର । ନେତାଙ୍କ କ୍ଷମତା

ଲିପସା ଏବଂ ବ୍ୟକ୍ତି ସ୍ୱାର୍ଥ ସୁରକ୍ଷା ପ୍ରବଣତା ଏହି ନାଟକର ପ୍ରତିପାଦ୍ୟ । ମୁଖ୍ୟମନ୍ତ୍ରୀ ଦାସ ଚାହାଁନ୍ତି ଶୋଷଣ ମୁକ୍ତ ପ୍ରଶାସନ । ମାତ୍ର ତାହା ସମ୍ଭବ ହୁଏନା । ସୁଧାଂଶୁ, ସୁମିତ୍ରା, ଫାଲଗୁନିର ସ୍ୱରକୁ ଚପାଇ ଦିଆଯାଇ ନୂତନ ଯୁବଶକ୍ତିର ମାର୍ଗ ଅବରୁଦ୍ଧ କରି ଦିଆଯାଏ । 'ଆଗାମୀ' ଓ 'ଅବରୋଧ'ରେ ଶ୍ରେଣୀ ସଂଘର୍ଷ, ରାଜନୈତିକ ବିଚାରଧାରା ରହିଛି । ୧୯୫୦ରେ 'ଆଗାମୀ' ରଚନା ବେଳକୁ ନାଟ୍ୟକାର ଆଗାମୀର ଯେଉଁ ଦ୍ୱିଧାବିଭକ୍ତ ରୂପ ଦେଖିଥିଲେ ତାହା ପରବର୍ତ୍ତୀ କାଳରେ ଦୁଇଟି ଧାରାରେ ପରିଣତ ହୋଇଗଲା । ରାଜନୀତି ପିଣ୍ଡିତ ଧାରାଟି 'ଅବରୋଧ' ପାଖରେ ଅବରୁଦ୍ଧ ହୋଇଗଲା ଓ ମନସ୍ତତ୍ତ୍ୱଭିତ୍ତିକ ଧାରାଟି କ୍ରମେ ଗତିଶୀଳ ହୋଇ ଦିଗନ୍ତପ୍ରସାରୀ ହୋଇଥିଲା ।

ଏହା ପରେ ମନୋରଞ୍ଜନ ଦାସ ୧୯୫୩ ରୁ ୧୯୬୪ ମଧ୍ୟରେ ନାଟ୍ୟ ରଚନାରୁ ବିରତି ନେଇଥିଲେ । ଏହି କାଳ ମଧ୍ୟରେ ଶ୍ରୀ ଦାସ ଏଲ୍. ଏଲ୍. ବି ପାସ୍ କରି ୧୯୫୬ ରୁ ୧୯୫୮ ମସିହା ପର୍ଯ୍ୟନ୍ତ ଆଇନ୍ ବ୍ୟବସାୟ ସହ ସଂପୃକ୍ତ ହୋଇଥିଲେ । ପରେ ଆଇନ୍ ବ୍ୟବସାୟ ଛାଡ଼ି ୧୯୫୮ ମସିହାରୁ ୧୯୬୧ ମସିହା ମଧ୍ୟରେ ନାଟ୍ୟକାର ଦାସ ଆକାଶବାଣୀ କଟକର ଆଞ୍ଚଳିକ ସମ୍ବାଦ ବିଭାଗରେ କାର୍ଯ୍ୟରତ ଥିଲେ । ୧୯୬୧ ମସିହାରେ ଆକାଶବାଣୀ କଟକର ନାଟ୍ୟ-ପ୍ରଯୋଜକ ଭାବେ ମନୋରଞ୍ଜନ ଅବସ୍ଥାପିତ ହୋଇଥିଲେ । ସେହି ସମୟରେ ବେତାର ନାଟିକା ରଚନାରେ ମଧ୍ୟ ମନ ବଳାଇଥିଲେ । ଏ ପ୍ରସଙ୍ଗରେ ନିଜେ ମନୋରଞ୍ଜନ କହନ୍ତି- "୧୯୫୮ ମସିହାରେ ମୁଁ ଦ୍ୱିତୀୟ ଥର ପାଇଁ ଆକାଶବାଣୀର ସମ୍ବାଦ ବିଭାଗରେ ଯୋଗଦାନ କଲି । କଟକରେ ଆକାଶବାଣୀ ୧୯୪୮ରେ ସ୍ଥାପିତ ହୋଇଥିଲେ ମଧ୍ୟ ୧୯୫୮ ପର୍ଯ୍ୟନ୍ତ ମୋର କୌଣସି ନାଟିକା ସେଥିରେ ପ୍ରସାରିତ ହୋଇନଥିଲା । ଆକାଶବାଣୀରେ ଯୋଗଦାନ ପରେ ଆକାଶବାଣୀ ପାଇଁ ମୋତେ କ୍ରମେ ବେତାର ନାଟିକାମାନ ଲେଖିବାକୁ ପଡ଼ିଲା" ।(ଅବବାହିକାର ସ୍ୱପ୍ନ, ପୃଷ୍ଠା-୧) ଏହି ବେତାର କେନ୍ଦ୍ର ସହ ଜଡ଼ିତ ହେବା 'ଲରେ ସେ ତାଙ୍କ ନାଟକ ଗୁଡ଼ିକରେ ନୂତନ ନୂତନ ଶୈଳୀର ପରୀକ୍ଷା କରିବା ପାଇଁ ପ୍ରୟାସୀ ହୋଇଥିଲେ । ବେତାର ନାଟକକୁ ସାହିତ୍ୟ ମଧ୍ୟରେ ସ୍ୱତନ୍ତ୍ର ସ୍ଥାନ ଦେଇଥିଲେ । ବେତାର ନାଟକକୁ ରଙ୍ଗମ*ରେ ଅଭିନୀତ କରାଇବା ପାଇଁ ପ୍ରଚେଷ୍ଟା ମଧ୍ୟ କରିଥିଲେ । ଏ ପ୍ରସଙ୍ଗରେ ମନୋରଞ୍ଜନ କହନ୍ତି- "ବେତାର ନାଟକକୁ ସାହିତ୍ୟର ସ୍ଥାୟୀ ପରିସରଭୁକ୍ତ କରିବା ପାଇଁ ଏକ ନୂତନ ଶୈଳୀ ପ୍ରବର୍ତ୍ତନର ଉଦ୍ୟମ ଅନ୍ୟ କେଉଁଠାରେ କିଏ ନିରବଚ୍ଛିନ୍ନ ଭାବେ କରିଛି କି ନାହିଁ ତା'ର ଖବର ମୋ ପାଖରେ ନାହିଁ, କିନ୍ତୁ ବେତାର ନାଟକ ଲେଖାର ପ୍ରଥମ ଦିନଠାରୁ ବେତାର ଓ ରଙ୍ଗମଞ୍ଚ ଉଭୟ ପାଇଁ ଉପଯୋଗୀ ଏକ ନୂତନ ଶୈଳୀ ପ୍ରବର୍ତ୍ତନ କରିବା ଲାଗି ମୁଁ ଚେଷ୍ଟା କରିଆସିଛି" । (ଅବବାହିକାର ସ୍ୱପ୍ନ, ପୃଷ୍ଠା-୨) ଏଥିରୁ ଜଣାଯାଏ ଯେ, ନାଟ୍ୟକାର ଦାସ ବେତାର ନାଟକ ସହ ଜଡ଼ିତ ହେବା ଫଳରେ ତାଙ୍କ ରଚିତ ନାଟକଗୁଡ଼ିକରେ ବେତାର ନାଟକର ପରିବେଷଣଗତ ପ୍ରଭାବ ପଡ଼ିଥିଲା ।

୧୯୬୪ ମସିହା ଜୁଲାଇ ମାସରେ ଗଠିତ ସୌଖିନ ନାଟ୍ୟସଂସ୍ଥା 'ସୃଜନୀ'ର ଅନ୍ୟତମ ପ୍ରତିଷ୍ଠାତା ଥିଲେ ନାଟ୍ୟକାର ମନୋରଞ୍ଜନ ଦାସ । ଏହି 'ସୃଜନୀ' ସହ ଜଡ଼ିତ ଥିଲେ ହେମନ୍ତ ଦାସ, ଗୋବିନ୍ଦ ତେଜ୍, ଅନନ୍ତ ମହାପାତ୍ର, ଝରଣା ଦାସ, ତୁଳସୀ ଦାସ ପ୍ରମୁଖ । 'ସୃଜନୀ'ର ସୃଜନ ବୀଣା ଜନ୍ମ ଦେଇଥିଲା ଓଡିଶାରେ ଏକ ଭିନ୍ନ ନାଟ୍ୟ ପ୍ରବୃତ୍ତି । ତେବେ ଏହା ସ୍ୱଳ୍ପ ସମୟ (୧୯୬୪-୭୧) ରହିଥିଲେ ମଧ୍ୟ କମ୍ ସମୟରେ ଅନ୍ୟମାନଙ୍କୁ ନାଟକ ଲେଖିବା ପାଇଁ ପ୍ରେରଣା ଦେଇଥିଲା । 'ସୃଜନୀ' ସାତବର୍ଷ ମଧ୍ୟରେ ଚାରୋଟି ନାଟକ ମ*ସ୍ଥ କରିଥିଲା । ସେଥି ମଧ୍ୟରୁ ମନୋରଞ୍ଜନଙ୍କ 'ସାଗରମନ୍ଥନ', 'ବନହଂସୀ', 'ଅମୃତସ୍ୟ ପୁତ୍ରଃ', ଥିବାବେଳେ ବିଶ୍ୱଜିତ୍ ଦାସଙ୍କ 'ପ୍ରତାପଗଡ଼ରେ ଦି'ଦିନ' ନାଟକ ରହିଥିଲା । ସୃଜନୀର ପ୍ରଥମ ଅର୍ଘ୍ୟ 'ସାଗର ମନ୍ଥନ'(୧୯୬୪) ଥିଲା ଏକ ଅନୁଦିତ ନାଟକ । ମଣିଷ ମନ ସାଗରର ମନ୍ଥନ କଥା ଏହି ନାଟକରେ କୁହାଯାଇଛି । ନାଟକର କାହାଣୀ, ସଂଳାପ, ଅଭିନୟ ଖୁବ୍ ଶକ୍ତିଶାଳୀ । ପ୍ରୟୋଗ ପରୀକ୍ଷା ଦୃଷ୍ଟିରୁ ୧୯୬୪ ରୁ ୧୯୮୪ ଏହି ଦୀର୍ଘ କୋଡ଼ିଏ ବର୍ଷର ନାଟକ ଥିଲା ଖୁବ୍ ଶକ୍ତିଶାଳୀ ।

ସୃଜନୀର ଦ୍ୱିତୀୟ ମଂଚସ୍ଥ ନାଟକ 'ବନହଂସୀ'(୧୯୬୮) । ଏହି ନାଟକରେ କେବଳ ମଂଚ ନୁହେଁ, ଘଟଣା ବିନ୍ୟାସ, ଚରିତ୍ର ଚିତ୍ରଣ, ସାମଗ୍ରିକ ଭାବେ କାହାଣୀକୁ ପ୍ରତୀକ ଭାବେ ନାଟ୍ୟକାର ନେଇଛନ୍ତି । 'ବନହଂସୀ' ନାମଟି ଏକ ପ୍ରତୀକାତ୍ମକ । ଏହା ଉପରେ ଇବସନଙ୍କ 'ୱାଇଲ୍ଡ ଡକ୍'ର ପ୍ରଭାବ ରହିଛି । ଏହି ନାଟକରେ ଅଭିବ୍ୟକ୍ତିବାଦର ପ୍ରୟୋଗ ରହିଛି । ଏହା ୱାନ୍ ସେଟର ନାଟକ । ଡାକ୍ତର ପ୍ରବୀର ଚୌଧୁରୀଙ୍କ କ୍ଲିନିକ୍ ହେଉଛି ନାଟକର ମୁଖ୍ୟ କେନ୍ଦ୍ରବିନ୍ଦୁ । ଏହି ନାଟକରେ ମଂଚରେ କଣ୍ଟା ବିହୀନ ପେଣ୍ଡୁଲମ୍ ଘଣ୍ଟାର ପ୍ରତୀକ ମାଧ୍ୟମରେ ସମୟହୀନତାର ପ୍ରୟୋଗ କରାଯାଇଛି । ମଣିଷର ମନ ଭିତରେ ଗୋଟେ ସମୟେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଏକ ବିନ୍ଦୁରେ ଅଟକି ଯାଉଛନ୍ତି । ବନହଂସୀରେ ମନର ଏଇ ଜଟିଳ ସ୍ଥିତିର ବିଶ୍ଳେଷଣ କରାଯାଇଛି, ସାତଟି ଯୁଗଯନ୍ତ୍ରଣା ନିପିଡ଼ିତ ଚରିତ୍ର ଦ୍ୱାରା । ସମୟ ଏବଂ ସ୍ଥାନର ଅସ୍ତିତ୍ୱକୁ ଏହି ନାଟକରେ ଅସ୍ୱୀକାର କରାଯାଇଛି । ଏଥିରେ କୌଣସି ନିର୍ଦ୍ଦିଷ୍ଟ ଧରାବନ୍ଧା କାହାଣୀ ନାହିଁ । ନାଟକର ଆରମ୍ଭ ଯେଉଁଠାରୁ ହୋଇଛି, ଶେଷ ମଧ୍ୟ ସେଇଠି ହୋଇଛି । ମଣିଷର ବୌଦ୍ଧିକ ଚେତନାକୁ ଏହି ନାଟକ ଆନ୍ଦୋଳିତ କରୁଛି । 'ଅରଣ୍ୟ ଫସଲ' ନାଟ୍ୟକାରଙ୍କ ସଫଳତମ ସୃଷ୍ଟି । 'ଫ୍ରେଣ୍ଡସ ୟୁନିଅନ୍' ନାଟ୍ୟସଂସ୍ଥା ଦ୍ୱାରା ଏହା ମ*ସ୍ଥ ହୋଇଥିଲା । ଏହା ଏକ ମନସ୍ତାତ୍ତ୍ୱିକ ନାଟକ । ମଣିଷ ମନ ଏକ ଆଦିମ ଅରଣ୍ୟ । ଏହି ନାଟକରେ ମନ ଅରଣ୍ୟ କଥା କୁହାଯାଇଛି । ଆଧୁନିକ ଜୀବନର ଛଳନା, ପ୍ରତାରଣା,

ଅନ୍ତଃସାର ଶୂନ୍ୟତା, ନିଷ୍ଫଳତା ଆଦିକୁ ପ୍ରତିପାଦନ କରିବା ଲାଗି ନାଟ୍ୟକାର ଏଥିରେ ଯୌନଜୀବନକୁ ମାଧ୍ୟମ ରୂପେ ଗ୍ରହଣ କରିଛନ୍ତି । ଅଦମ୍ୟ କାମନା ଯୌନତାର ପ୍ରତୀକ ଭାବେ 'ଛେଳି'କୁ ଗ୍ରହଣ କରାଯାଇଛି । ମୂଲ୍ୟବୋଧର ପ୍ରତୀକ ରୂପେ 'ସୁନାଖଣି'କୁ ଗ୍ରହଣ କରାଯାଇଛି । ମଣିଷର ଅସଲଗ୍ନ ଜୀବନଯାପନ ପଦ୍ଧତି ଦର୍ଶାଇବା ପାଇଁ ନାଟକରେ କ୍ଷୁଦ୍ର, ସଂକ୍ଷିପ୍ତ ଟେଲିଗ୍ରାଫିକ୍ ସଂଳାପର ପ୍ରୟୋଗ ହୋଇଛି । ଆଧୁନିକ ମଣିଷ ଜୀବନର ଅସହାୟତା, ଯୌନତା, ନିରର୍ଥକତାର ଚିତ୍ର ଦେଖିବାକୁ ମିଳେ । ଯେଉଁଠାରେ ପ୍ରକୃତ ମୂଲ୍ୟବୋଧର ଅବସାନ ଘଟିଛି ।

'ଅମୃତସ୍ୟ ପୁତ୍ରଃ'(୧୯୭୧) 'ସୃଜନୀ' ଦ୍ୱାରା ମଞ୍ଚସ୍ଥ ଶେଷ ନାଟକ ଅଟେ । ନାଟକର ନାମକରଣ ପ୍ରତୀକାତ୍ମକ । ମଣିଷ ହେଉଛି ଅମୃତର ସନ୍ତାନ, ତାହାର ମରଣ ନାହିଁ । ଏହି ନାଟକର ମୂଳରେ ରହିଥିଲା ଜୟପ୍ରକାଶ ନାରାୟଣଙ୍କ 'ସମ୍ପୂର୍ଣ୍ଣ ବିପ୍ଳବ'ର ପ୍ରେରଣା । ନାଟ୍ୟକାର ଏହି ନାଟକରେ ଯୁବଗୋଷ୍ଠୀଙ୍କ ଉପରେ ଭରସା ରଖିଛନ୍ତି । ଉକ୍ତ ନାଟକରେ ଯୁବଶକ୍ତିର ବିପ୍ଳବ ସନାତନ ଓ ସୁଚେତା ନେଇଛନ୍ତି । ସେମାନେ ନୂଆ କରି ଗଢ଼ିପାରିବେ ବୋଲି ପୁରୁଣାକୁ ଭାଙ୍ଗିବା ପାଇଁ ଚାହିଁଛନ୍ତି । ନାଟକର ସେଟ୍ ଡିଜାଇନ୍ ନୂଆ ଶୈଳୀରେ ହୋଇଛି । ରେଳ ଷ୍ଟେସନ୍ ପ୍ଲାଟଫର୍ମ ସହ ବିଶ୍ରାମ କକ୍ଷ ରହିଛି । ନାଟକରେ ସନାତନ, ସୁଚେତା ସହ ବିମଳ ବାବୁ, ନିର୍ମଳା ଦେବୀ, ଏ. ଏସ୍. ଏମ୍ ବାବୁ ରହିଛନ୍ତି । ନାଟକରେ ଏ. ଏସ୍. ଏମ୍ ବାବୁ ଆଧୁନିକ ମଣିଷର ବିକାରଗ୍ରସ୍ତ ଚରିତ୍ରର ପ୍ରତୀକ । ତା ଜୀବନରେ ସେ ବିଫଳତାର ବହୁ ସ୍ୱାଦ ଚାଖିଛି । ପୁଣି ପୁରୁଣା ମୂଲ୍ୟବୋଧ ବା ଗତାନୁଗତିକର ପ୍ରତୀକ ଭାବେ ଚଳନ୍ତା ଟ୍ରେନକୁ ନିଆଯାଇଛି । ନାଟକରେ ଏହି ପୁରୁଣା ମୂଲ୍ୟବୋଧକୁ ଭାଙ୍ଗି ନୂଆ ଗଢ଼ିବା ପାଇଁ ଟ୍ରେନ୍ ଆଗରେ ଛିଡ଼ା ହୋଇଛି ସନାତନ । ଗଢ଼ିବାର ଶକ୍ତି ନେଇ ସନାତନ ଭାଙ୍ଗିବାକୁ ପ୍ରୟାସୀ ହୋଇଛି । ଆଲୋଚ୍ୟ ନାଟକରେ ନାଟ୍ୟକାର ଦାସ ପ୍ରଥମ କରି ଲୋକ ଉପାଦାନର ପ୍ରୟୋଗ କରିଛନ୍ତି । ବୈଷ୍ଣବ ପାଣିଙ୍କ ସୁଆଙ୍ଗକୁ ସନାତନ ଓ ସୁଚେତା ମୁଖରେ ଦେଇଛନ୍ତି । ନାଟକରେ ଘଟଣା ଓ ଚରିତ୍ରର ରୂପାନ୍ତର ଘଟିଛି । ମଣିଷ ଭିତରେ ରହିଛି ଧ୍ୱଂସ ଓ ସୃଷ୍ଟିର ଉପାଦାନ । ନାଟ୍ୟକାର ସମାଜ ବ୍ୟବସ୍ଥାର ଆମୂଳଚୂଳ ପରିବର୍ତ୍ତନ ପାଇଁ ଆହ୍ୱାନ ଦେଇଛନ୍ତି ନାୟକ ସନାତନ ଚରିତ୍ର ମାଧ୍ୟମରେ । ପରେ 'କାଠଘୋଡ଼ା'ରେ ଲୋକନାଟ୍ୟ ଶୈଳୀର ପୁନଃ ପ୍ରଚଳନ ଦେଖିବାକୁ ମିଳେ । ଆଧୁନିକ ମଣିଷର ବୈବାହିକ ଜୀବନର ଅସଫଳତାର ଚିତ୍ର ଉକ୍ତ ନାଟକରେ ଦୁଇଯୋଡ଼ା ଦମ୍ପତି ଦୀପା-ଅରୁଣ ଓ ପିତାମ୍ବର-ଶିଖା ମାଧ୍ୟମରେ ନାଟ୍ୟକାର ଦର୍ଶାଇଛନ୍ତି । ନାଟକରେ 'କାଠଘୋଡ଼ା' ହେଉଛି ନିଷ୍ପ୍ରାଣ ଜୀବନର ପ୍ରତୀକ । ନାଟ୍ୟକାର ସୂତ୍ରଧର ମାଧ୍ୟମରେ କାହାଣୀର ଅବତାରଣା କରିଚନ୍ତି । କାଠଘୋଡ଼ାର ପ୍ରତୀକ ଭାବେ ଆଧୁନିକ ଜୀବନଚର୍ଯ୍ୟାର ନିଷ୍ପ୍ରାଣ ଚିତ୍ର ନାଟକରେ ଦିଆଯାଇଛି । ମଣିଷ ଯାହା ଚାହେଁ ତାହା କେବେ ପାଏ ନାହିଁ- ଏହି କଥା 'କାଠଘୋଡ଼ା' ରେ କୁହାଯାଇଛି ।

ମନୋରଞ୍ଜନଙ୍କ ଲୋକନାଟ୍ୟ ଶୈଳୀ ପ୍ରୟୋଗିତ ଅନ୍ୟ ଏକ ସଂଳ ନାଟକ ହେଉଛି 'ନନ୍ଦିକା କେଶରୀ' (୧୯୮୫) । ଏହା ୧୯୮୪ରେ ଭୁବନେଶ୍ୱର ଠାରେ 'ଅଭିନୟ' ନାଟ୍ୟସଂସ୍ଥା ଦ୍ୱାରା ମଂସ୍ଥ ହୋଇଥିଲା । ଲୋକନାଟ୍ୟ ଦେଶିଆ ନାଟକୁ ନାଟକର ଆଙ୍ଗିକରେ ପ୍ରୟୋଗ କରାଯାଇଛି । ଯୁଦ୍ଧ ବିହୀନ ପୃଥିବୀର ପରିକଳ୍ପନା କରୁଥିବା ନାରୀଟି କିଭଳି ଅସହାୟ ହୋଇଯାଏ, ତାହା ଏହି ନାଟକର ନାୟିକା ସୁବର୍ଣ୍ଣକେଶରୀଙ୍କ ଦୁହିତା ନାନ୍ଦିକା ଚରିତ୍ର ମାଧ୍ୟମରେ କୁହାଯାଇଛି । ନନ୍ଦିକା କେବଳ ରାଜଜେମା ନୁହେଁ, ସେ ସମାଜର ସବୁଶ୍ରେଣୀର ଝିଅ ଅଟେ । ନାଟକରେ ନନ୍ଦିକାର ମନୋଭାବକୁ ପିତା ସୁବର୍ଣ୍ଣକେଶରୀ, ପ୍ରେମିକ ଚୋଳଗଙ୍ଗ ଓ ବାଲ୍ୟ ବନ୍ଧୁ ବାସୁଦେବ କେହି ବି ବୁଝିପାରିନାହାଁନ୍ତି । ଶେଷରେ ସର୍ବକାଳୀନ ଶାନ୍ତି କାମନା କରୁଥିବା ନାୟିକା ବିଶ୍ୱାସଘାତକତାରେ ପଡ଼ି ହୀରାମୁଦି ଚାଟି ଆତ୍ମହତ୍ୟା କରିଛି । ଏବଂ ରୂପାନ୍ତରିତ ହୋଇଛି ସର୍ବକାଳୀନ ଶାନ୍ତିକାମନାକାରୀ ନାୟିକା ଭାବରେ । ନାଟ୍ୟକାର ନାଟକର ଆଙ୍ଗିକରେ ଦେଶିଆ ନାଟ ସହ ଢଗଢମାଳି, ପହଲି, ଲୋକବାଦ୍ୟ ପ୍ରଭୃତି ଶୈଳୀରେ ନାଟକକୁ ସଫଳତାର ସହ ଦର୍ଶକଙ୍କ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି ।

'ଉର୍ମି'ରେ ପୁନର୍ଜୀବନ ଲାଭ କଥା କୁହାଯାଇଛି । ଯେଉଁଠି ଚରିତ୍ରମାନେ ପରସ୍ପରକୁ ଖୋଜି ଅନ୍ତିମ ସମୟରେ ପରସ୍ପର ନିକଟରେ ପହଞ୍ଚିପାରିଛନ୍ତି । 'ଶବ୍ଦଲିପି' ଶବ୍ଦ ଓ ଲିପିର ପାରସ୍ପରିକ ସମ୍ପର୍କହୀନତାର କଥା କହିଛି । ପ୍ରେମ, ଦୟା, ସ୍ନେହ, କ୍ଷମା, ପରୋପକାର ଓ କର୍ତ୍ତବ୍ୟ ଭଳି ସ୍ୱର୍ଗୀୟ ଗୁଣମାନ ନିଜ ନିଜର ପୂର୍ବ ଗୁରୁତ୍ୱ ହରାଇବା ଫଳରେ ସାମାଜିକ ଜୀବନ କିପରି ବିଡ଼ମ୍ବିତ ହୋଇଯାଏ 'ଶବ୍ଦଲିପି'ରେ ତାହାର ବର୍ଣ୍ଣନା ଦିଆଯାଇଛି । ଏହି ନାଟକରେ 'ସୂତ୍ରଧର'କୁ 'ଆବାହକ' ରୂପରେ ଦେଖିବାକୁ ମିଳିଛି । 'କ୍ଳାନ୍ତ ପ୍ରଜାପତି' ନାଟକରେ ମଣିଷର ଅସହାୟତାର ଏକ କରୁଣ ରୂପ ଦେଖିବାକୁ ମିଳେ । ପ୍ରେମ, ପ୍ରଣୟ, ସ୍ନେହ, ମମତା ଏଠାରେ ଏକ ଗଭୀର ଆବର୍ତ୍ତ ମାତ୍ର, ଯାହା ଭିତରେ ନିରୁପାୟ ମଣିଷ କେବଳ ଘୁରୁଚି ଆଉ ଘୁରୁଚି । ଦୁଇଯୋଡା ପୁରୁଷ ତଥା ଦୁଇ ନାରୀଙ୍କ ସମ୍ପର୍କଗତ ଜଟିଳତାକୁ ନେଇ ନାଟକଟି ରଚିତ । ନାଟକରେ ପବିତ୍ରତାର ପ୍ରତୀକ ରୂପରେ ଏକ ଦକ୍ଷିଣାବର୍ତ୍ତ ଶଙ୍ଖର ପରିକଳ୍ପନା କରାଯାଇଛି । ଯାହାକୁ ବଜାଇ ନପାରି ଚରିତ୍ରଗୁଡ଼ିକ ଚାରିତ୍ରିକ ଶୁଚିତାର କଷଟିରେ ହାରି ଯାଇଛନ୍ତି । ଜ୍ଞାନୀ ଯୁବକ ଅନୁପମ ପରିବାରର ସ୍ୱାଦ ଖୋଜି କ୍ଳାନ୍ତ ହୋଇପଡିଛି । ଏହି 'କ୍ଳାନ୍ତ ପ୍ରଜାପତି' ଅବଦମିତ ମନ ବିଶ୍ଳେଷଣର ନାଟ୍ୟରୂପ ଅଟେ । 'ବିତର୍କିତ ଅପରାହ୍ନ' ନାଟକଟି

୧୯୮୦ରେ କଟଣୀର 'ସଙ୍ଗୀତା' ନାଟ୍ୟାନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ ହୋଇଥିଲା । ଜେନେରେସନ୍ ଗ୍ୟାପ୍ ବା ପିଢ଼ିଗତ ବ୍ୟବଧାନକୁ ନେଇ ଏହି ନାଟକଟି ରଚିତ । ଏଥିରେ ତିନୋଟି ପିଢ଼ିର ଚିନ୍ତା, ଆଚରଣ ଏବଂ ବ୍ୟବହାରଗତ ପାର୍ଥକ୍ୟ ଦେଖାଇ ଦିଆଯାଇଛି । ତିନି ପୁରୁଷ ମଧ୍ୟରେ ମଧ୍ୟମ ପୁରୁଷଟିକୁ 'ବିତର୍କିତ' ଭାବରେ ଚିହ୍ନିତ କରାଯାଇଛି । ଶାଶ୍ୱତ ମୂଲ୍ୟବୋଧ ପ୍ରତି ଗଭୀର ଆସ୍ଥା ଏବଂ ପରିବର୍ତ୍ତନର ଅନୁରକ୍ତି ମଧ୍ୟରୁ ହିଁ ବିତର୍କିତ ଅବସ୍ଥାର ସୃଷ୍ଟି ।

ନାଟ୍ୟକାର ମନୋରଞ୍ଜନ ଦାସଙ୍କ ନାଟକର ବଡ଼ ବିଶେଷତ୍ୱ ହେଲା ତାଙ୍କର ପ୍ରତ୍ୟେକ ନାଟକ ପରସ୍ପର ସହ ପ୍ରତିଦ୍ୱନ୍ଦ୍ୱିତା କରନ୍ତି । ମନୋରଞ୍ଜନଙ୍କ ପ୍ରତ୍ୟେକ ନାଟକରେ ନୂତନ ସ୍ୱରମାନ ପରୀକ୍ଷା ହୋଇଥିବା ଦେଖିବାକୁ ମିଳେ । ନାଟକରେ ମନସ୍ତତ୍ତ୍ୱ, ପ୍ରତୀକର ପ୍ରୟୋଗ କରି ସେ ଆଧୁନିକ ମଣିଷର ବିକଳ, ବିକାରଗ୍ରସ୍ତ ରୂପକୁ ଉଦ୍ଘାଟିତ କରିଛନ୍ତି । ଲୋକ ଉପାଦାନର ପ୍ରୟୋଗ କରି ହଜିଯାଉଥିବା ଲୋକକଳାକୁ ଦର୍ଶକଙ୍କ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି । ନାଟ୍ୟକାର ପାରମ୍ପରିକ ନାଟକ ରଚନାରୁ ନାଟ୍ୟକାର ଜୀବନ ଆରମ୍ଭ କରି ପରବର୍ତ୍ତୀ ସମୟରେ ପରୀକ୍ଷାଧର୍ମୀ ଏବଂ ଲୋକ ଉପାଦାନ ଶୈଳୀର ନାଟ୍ୟ ରଚନାକୁ ଆପଣାଇଥିଲେ । ନିଜର ସାରସ୍ୱତ ସୃଷ୍ଟି ଓ ଓଡ଼ିଆ ନାଟ୍ୟ ସାହିତ୍ୟକୁ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ନାଟ୍ୟକାର ମନୋରଞ୍ଜନ ଦାସ ଅଗଣିତ ଦର୍ଶକ ଓ ପାଠକଙ୍କ ସ୍ମୃତିରେ ଚିରସ୍ମରଣୀୟ ହୋଇରହିବେ ।

**ସହାୟକ ଗ୍ରନ୍ଥସୂଚୀ :**


୧. ଦାସ, ମନୋରଞ୍ଜନ; ଆଗାମୀ, କଟକ, ଜନଶକ୍ତି ପୁସ୍ତକାଳୟ, ୨ୟ ପ୍ରକାଶ, ୧୯୬୩

୨. ଦାସ, ମନୋରଞ୍ଜନ; ଅବରୋଧ, କଟକ, ଜନଶକ୍ତି ପୁସ୍ତକାଳୟ, ୧ମ ପ୍ରକାଶ, ୧୯୫୫

୩. ଦାସ, ମନୋରଞ୍ଜନ; କାଠଘୋଡ଼ା, କଟକ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ୫ମ ପ୍ରକାଶ, ୧୯୯୯

୪. ଦାସ, ମନୋରଞ୍ଜନ; ନନ୍ଦିକାକେଶରୀ, କଟକ, ନାଳନ୍ଦା, ୧ମ ପ୍ରକାଶ, ୧୯୮୫

୫. ଦାସ, ମନୋରଞ୍ଜନ; ସ୍ମୃତି ସଂଳାପ (ଆତ୍ମଜୀବନୀ)

୬. ଦାସ, ହେମନ୍ତ କୁମାର; ଓଡ଼ିଆ ନାଟ୍ୟ ସାହିତ୍ୟର ବିକାଶଧାରା, ଭୁବନେଶ୍ୱର, ପୁସ୍ତକ ଭବନ, ୨୦୧୨

୭. ମିଶ୍ର, ସଂଘମିତ୍ରା; ନାଟକ: ବ୍ୟାପ୍ତି ଓ ଦୀପ୍ତି, କଟକ, ଅଗ୍ରଦୂତ, ୧ମ ପ୍ରକାଶ, ୧୯୯୪

୮. ଶତପଥୀ, ଦେବୀ ପ୍ରସାଦ; ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟକରେ ଲୋକ ଉପାଦାନର ପ୍ରୟୋଗ, କଟକ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ୧ମ ପ୍ରକାଶ, ୨୦୧୯

୯. ଆମ ସମୟର ସୃଜନୀ( ମନୋରଞ୍ଜନ ଦାସ ବିଶେଷାଙ୍କ); (ସଂ) ହରିହର ଶୁକ୍ଳ, ଭୁବନେଶ୍ୱର, ୨୦୦୩

୧୦. ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟକ ଓ ନାଟ୍ୟକାର; (ସଂ) ସାରଳା ସାହିତ୍ୟ ସଂସଦ, କଟକ, ଓଡ଼ିଶା ବୁକ୍ ଷ୍ଟୋର, ୧ମ ପ୍ରକାଶ, ୨୦୧୯


❖ ❖ ❖

DOI : https://doi.org/10.5281/zenodo.14545891

ମୂଳ ପ୍ରବନ୍ଧ

# ଓଡ଼ିଆ ଇ-ପୁସ୍ତକ ଏକ ଆକଳନ

**ବିକାଶ କୁମାର ପାଲ**

**ସଂକ୍ଷିପ୍ତ ସାର :**

ବିଂଶ ଶତାବ୍ଦୀର ଶେଷ ଭାଗରେ ତଥା ଏକବିଂଶ ଶତାବ୍ଦୀର ପ୍ରାରମ୍ଭ କାଳରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମଧ୍ୟରେ ଯେଉଁ ପରିବର୍ତ୍ତନ ଆସିଛି ତାହା ବୋଧହୁଏ ମାନବ ଇତିହାସର ସବୁଠାରୁ ବଡ଼ଦାନ । ଜନଜୀବନର ଏମିତି କୌଣସି ଦିଗ ନାହିଁ, ଯାହା ସୂଚନା, ପ୍ରଯୁକ୍ତିବିଦ୍ୟା, ବା ଇଲେକ୍‌ଟ୍ରୋନିକ୍‌ର ମାଧ୍ୟମରେ ପ୍ରବାହିତ ନୁହେଁ । ଅର୍ଥାତ୍ ଆଜିର ଏହି ପ୍ରଯୁକ୍ତିବିଦ୍ୟାର ଜୀବନଶୈଳୀକୁ 'ଇ-ଜୀବନ' ବୋଲି ମଧ୍ୟ ଆମେ କହିପାରିବା । ଆମ ଦୈନନ୍ଦିନ ଜୀବନରେ ବୈଦ୍ୟୁତିକ ଓ ପ୍ରଯୁକ୍ତିବିଦ୍ୟାରେ ନିର୍ମିତ ଯନ୍ତ୍ର ଯେତିକି ପରିମାଣରେ ବ୍ୟବହାର କରାଯାଉଛି, ସେତିକି ପରିମାଣରେ ମଧ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ସରକାରୀ, ବେସରକାରୀ, କୋର୍ଟ କଚେରୀ, ଓ ବ୍ୟବସାୟ ଆଦି କ୍ଷେତ୍ରରେ ମଧ୍ୟ ପ୍ରୟୋଗ କରାଯାଉଛି । ଏହି ବିଭାଗଗୁଡ଼ିକରେ ସମସ୍ତଙ୍କୁ ପଢ଼ିବାର ସୁବିଧାପାଇଁ ଇ-ପୁସ୍ତକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଛି । ଏହି ଇ-ପୁସ୍ତକ ସମଗ୍ର ବିଶ୍ୱରେ ଜ୍ଞାନର ବିଶାଳ ଭଣ୍ଡାରକୁ ସହଜ ଭାବରେ ସମସ୍ତଙ୍କ ପାଖରେ ପହଂଚାଇ ପାରିଛି । ଓଡ଼ିଆ ଭାଷାରେ ରଚିତ ସାହିତ୍ୟଗୁଡ଼ିକ ତାଳପତ୍ର ପୋଥିରେ ରଚିତ ହେଉଥିବା ବେଳେ ପରବର୍ତ୍ତୀ ସମୟରେ କାଗଜରେ ଲେଖା ହେବାର ପରଂପରାର ଆରମ୍ଭ ହୋଇଥିଲେ ମଧ୍ୟ ବର୍ତ୍ତମାନ ଯୁଗରେ ଇ-ପୁସ୍ତକ ଆକାରରେ ବିଭିନ୍ନ ପ୍ରତିଷ୍ଠାନ ଦ୍ୱାରା ପ୍ରସ୍ତୁତ କରାଯାଇ ପାଠକମାନଙ୍କ ପାଖରେ ପହଂଚି ପାରିଛି ।

**ପ୍ରମୁଖ ଶବ୍ଦ:** ଇ-ପୁସ୍ତକ ସଂଜ୍ଞା, ବିକାଶ, ଓଡ଼ିଆ ଇ-ପୁସ୍ତକ

## ଇ-ପୁସ୍ତକ:

ଭାରତ ଏକ ଭାଷା ଭିତ୍ତିକ ବିବିଧତାର ଦେଶ ହୋଇଥିଲେ ମଧ୍ୟ ଜ୍ଞାନ ପ୍ରସାରପାଇଁ ଲିଖିତ ପୁସ୍ତକମାନ ଅନୁବାଦ କିମ୍ବା ସୃଜନଶୀଳ ପୁସ୍ତକମାନ ଲୋକଙ୍କ ପାଖରେ ପହଂଚାଇବାପାଇଁ ଇଂଟରନେଟ୍‌ର ସହାୟତା ମାଧ୍ୟମରେ ଇ-ପୁସ୍ତକ ପ୍ରସ୍ତୁତ କରାଯାଇ କମ୍ ସମୟରେ ଓ କମ୍ ଖର୍ଚ୍ଚରେ ଉପଲବ୍ଧ କରାଯାଇପାରୁଛି । ଯାହାଫଳରେ ପୁସ୍ତକ ନଷ୍ଟ ହେବାର ଚିନ୍ତା ମଧ୍ୟ ଲୋକମାନଙ୍କର ନରହିବା ସହ ଯେକୌଣସି ସ୍ଥାନରେ ମଧ୍ୟ ମୋବାଇଲ୍ ଖୋଲି ପୁସ୍ତକ ଅଧ୍ୟୟନ କରିପାରୁଛନ୍ତି । ସେହି ପରି ଓଡ଼ିଆ ଭାଷା, ସଂସ୍କୃତି, ସାହିତ୍ୟ ଓ ଐତିହ୍ୟର ସମୃଦ୍ଧିପାଇଁ ସମସ୍ତଙ୍କ ପାଖରେ କିପରି ସହଜରେ ପହଂଚି ପାରିବ ସେଥିପାଇଁ ଇର୍ଂଟନେଟ୍‌ରେ ବିଭିନ୍ନ ୱେବ୍‌ସାଇଟ୍ ମାନଙ୍କରେ ଇ-ପୁସ୍ତକ ଉପଲବ୍ଧ କରାଯାଇଛି । ଏହି ଇ-ପୁସ୍ତକ ବିଶ୍ୱ ଜ୍ଞାନକୁ ଗବାକ୍ଷରେ ରଖିନାହିଁ ବରଂ ବିଶ୍ୱର ଜ୍ଞାନକୁ ଆମ ହାତ ପାପୁଲିରେ ରଖିପାରିଛି । ଦେଖିବାକୁ ଗଲେ ଯୋଗାଯୋଗ ଓ ମତ ବିନିମୟପାଇଁ ସିଧାସଳଖ କଥାବାର୍ତ୍ତା ବଦଳରେ ମୋବାଇଲ୍ ଫୋନ୍‌ର ସହାୟତାରେ ଆମେ ଅନ୍ୟ ସଙ୍ଗେ ସଂପର୍କ ସ୍ଥାପନ କରିପାରୁଛୁ (Arthur Attwel) ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at :
https://pracheenews.com/

DOI: https://doi.org 10.5281/zenodo.14545891
Article No - BPP00249

**ଯୋଗାଯୋଗ :**
**ବିକାଶ କୁମାର ପାଲ** (ଗବେଷକ)
**ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର**
E-Mail ID - dasbalia987@gmail.com
**ORCID ID:** https://orcid.org/0009-0006-6746-3140

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୨.୮.୨୦୨୪ | ୧୦.୧୦.୨୦୨୪ | ୨୫.୧୧.୨୦୨୪ | ୧.୧୨.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ପାଲ, ବିକାଶ କୁମାର; ୨୦୨୪ । **ଓଡ଼ିଆ ଇ-ପୁସ୍ତକ ଏକ ଆକଳନ ।** ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ୯, ପୃଷ୍ଠା : ୫୯-୬୫ ।

- **Oxford Dictionary** - A book in electronic form that can be read on a computer or handheld device rather than in print.(Online)
- **ChatGPT** - An e-book, or electronic book, is a digital version of a printed book that can be read on computers, tablets, e-readers, or smartphones.
- **Merriam Webster** - a book composed in or converted to digital format for display on a computer screen or handheld device.
- **Wikipedia** - An ebook (short for electronic book), also spelled as e-book or eBook, is a book publication made available in electronic form, consisting of text, images, or both, readable on the flat-panel display of computers or other electronic devices.
- **Britanica** - E-book, digital file containing a body of text and images suitable for distributing electronically and displaying on-screen in a manner similar to a printed book.
- **Publuu** - E-books are just text files you can read on any digital device – but this doesn't always imply that any book in digitized format is an e-book. An e-book is supposed to be blocked from edits: a manuscript of your novel on your computer is not an e-book yet! An ebook is read-only, you can change font size and take notes on the screen, but the format shouldn't allow edits.
- **Library Collection Guides** - An e-book is a book in digital format. Throughout history, books have been hand scribed texts, mass-printed with movable type, read aloud as audio books, photocopied, purchased, borrowed, annotated and indexed. And now books can be read online on a wide variety of devices anywhere, anytime!
- **Gregg Rosenzweig** - An ebook or "electronic book" is an instantly accessible book with digital pages designed to be read on a computer, tablet, or mobile device. Usually downloadable as a PDF, an eBook can be designed with non-editable text and graphic elements.
- **Adobe** - eBook files are digital files that contain books in a digital format. They are designed to be viewed on various electronic devices, such as eReaders, tablets, computers and smartphones. Although eBook files will primarily be text-based in most cases, you can find images, audio and even videos in many of them.

ବର୍ତ୍ତମାନ ସମୟରେ ଆମର ଇଚ୍ଛା ଥାଉ କି ନଥାଉ କଂପ୍ୟୁଟର ଇଣ୍ଟରନେଟ୍, ଓ ମୋବାଇଲ୍ ଫୋନ୍ ସଙ୍ଗେ ଯୋଡ଼ି ହୋଇଅଛି । ଇ-ପୁସ୍ତକ ହେଉଛି, ଡିଜିଟାଲ୍ ନଥିର ଏକ ବୈଦ୍ୟୁତିକ ଉପାୟରେ ବଂଟନ ଏବଂ ସମସ୍ତେ ଦେଖି ପଢ଼ିପାରୁଥିବା ଉପଯୁକ୍ତ ପାଠ୍ୟ ଏବଂ ଚିତ୍ର (Arthur Attwell) । ଯାହା ସହଜରେ ଲୋକଙ୍କ ପାଖରେ ପହଂଚିବା ସହ ଗଚ୍ଛିତ ରଖିବା ଏବଂ ପରବର୍ତ୍ତୀ ସମୟରେ ଯେକୌଣସି ବୈଦ୍ୟୁତିକ ଯନ୍ତ୍ରରେ ଦେଖିକରି ପଢ଼ାଯାଇ ପାରୁଥିବା ଏକ ମାଧ୍ୟମ । ଗଚ୍ଛିତଥିବା ପୁସ୍ତକଗୁଡ଼ିକୁ ଏକ କଂପ୍ୟୁଟର ମାଧ୍ୟମରେ ନଥିଗୁଡ଼ିକୁ ରୂପାନ୍ତର କରି ଇ-ବୁକ୍ ସୃଷ୍ଟି କରାଯାଇଥାଏ, ଏବଂ ସେଗୁଡିକୁ ଏକ ଡାଟାବେସ୍ କିମ୍ବା ପାଠ୍ୟ ନଥିଗୁଡ଼ିକୁ ମଧ୍ୟ ପରବର୍ତ୍ତୀ ସମୟରେ ମୁଦ୍ରଣ କରାଯାଇଥାଏ (Arthur Attwell) ।

ଆଣ୍ଡ୍ରଏଡ ମୋବାଇଲ୍‌ରେ ଏକ ଇ-ପୁସ୍ତକ ଥାକରୁ ପୁସ୍ତକ ପଢ଼ିବାପାଇଁ ଆଇଫୋନ୍ ଏବଂ ଆଣ୍ଡ୍ରଏଡ୍ ଫୋନ୍ ବହୁଳ ଭାବରେ ବ୍ୟବହୃତ ହେଉଛି । ଆଣ୍ଡ୍ରଏଡ୍ ସ୍ମାର୍ଟଫୋନ୍‌ପାଇଁ ଏହି ଆଲଡିକୋ ବୁକ୍ ସେଲ୍ ଆପ୍ ଉପଭୋକ୍ତାମାନଙ୍କୁ ମାଗଣା ଏବଂ ଟଙ୍କା ବେୟ କରି ଇ-ପୁସ୍ତକ ଡାଉନଲୋଡ୍ କରିବାକୁ ଅନୁମତି ଦେଇଥଲ (Arthur Attwell) । ଯଦିଓ ଇ-ପୁସ୍ତକଗୁଡିକ HTML(Hyper Text Markup Language), CHM, XML, CSS ଏବଂ SVG ଉପାଦାନଗୁଡିକୁ ସମର୍ଥନ କରେ, ସେଗୁଡ଼ିକ ମୁଖ୍ୟତଃ ଇ-ପୁସ୍ତକଗୁଡିକୁ ଲେଖିବା ଓ ସଂରକ୍ଷଣ କରିବାପାଇଁ ବ୍ୟବହୃତ ହୁଏ । ଆପଣ ଇ-ପୁସ୍ତକ ଦୋକାନ ମାଧ୍ୟମରେ ଇ-ପୁସ୍ତକ କିଣିପାରିବେ ଏବଂ ତା'ପରେ ଆପଣଙ୍କ ମୋବାଇଲ୍ କିମ୍ବା ଟାବଲେଟ, କଂପ୍ୟୁଟର ଓ ଲାପଟପ୍‌ରେ ଇ-ପୁସ୍ତକ ଡାଉନଲୋଡ୍ କରିପାରିବେ ଏବଂ ପଢ଼ିପାରିବେ (Adobe) । ଏହାଛଡ଼ା ଇ-ପୁସ୍ତକ ତିଆରିପାଇଁ ବିଭିନ୍ନ ପ୍ରକାର ଢାଂଚା ରହିଛି ଯଥା: TXT, PDF, EPUB, DOC, HTML, MOBI, FB2, DjVu, BBeB[h 1], PDB[h 1], wol[h 1], .tr2[h 1], OEB[h 2], azw, azw3, kfx, CBR ଓ OXPS । ଏଥିମଧ୍ୟରୁ କେତେକ ଢାଂଚାରେ ଭିନ୍ନ ଭିନ୍ନ ପ୍ରକାର ସୁବିଧା ମଧ୍ୟ ରହିଛି । EPUB ହେଉଛି ବହୁଳ ଭାବରେ ବ୍ୟବହାର ହେଉଥିବା ଇ-ପୁସ୍ତକ ଫର୍ମାଟ୍ ଏବଂ ଏହାଛଡ଼ା ପାଠକମାନେ PDF ଏବଂ ସାଧା ପାଠ୍ୟ 'ର୍ମାଟ୍‌କୁ ପଢ଼ିଥାନ୍ତି (Arthur Attwell, Jordan Wahl-2018, e-book formats-wikipedia) । ଏହାକୁ ପରିଚାଳନା କରିବାପାଇଁ ବିଭିନ୍ନ ପ୍ରକାର ପ୍ଲାଟ୍'ର୍ମ ମଧ୍ୟ ରହିଛି ଯଥା: Sony Media, Amazon Kindle , Aluratek Libre Ereader Pro, Android devices, Apple iOS devices, Azbooka WISEreader, Barnes & Noble Nook, Nook Color, Linux operating system, Hanvon WISEreader, Nokia

N900, Pocket-book 301 Plus, 302, 360°,ଓ Viewsonic VEB612 ଆଦି । ଏହି ସବୁ ଫର୍ମାଟ ଗୁଡ଼ିକରେ ପଢ଼ିବାର ସୁବିଧା ଥିଲେବି ମାତ୍ର ଦୁଇଟି ଫର୍ମାଟରେ PDFର (Amazon Kindle, Azbooka WISEreade) ଚଳାଇବାର ସୁବିଧା ନାହିଁ (e-book formats-wikipedia) ।

**ଇ-ପୁସ୍ତକର ବିକାଶ:**

ଇ-ପୁସ୍ତକ(ଇଲେକ୍ଟ୍ରୋନିକ୍-ବୁକ୍) ଏକ ମୁଦ୍ରିତ ବହିର ଇଲେକ୍ଟ୍ରୋନିକ୍ ରୂପ, ଯାହା ଏକ ଡେସ୍କଟପ୍ କଂପ୍ୟୁଟର, ଲାପଟପ୍, ସ୍ମାର୍ଟଫୋନ୍, ଟାବଲେଟ୍‌ର ସ୍କ୍ରିନ୍‌ରେ ଦେଖି ପଢ଼ି ପାରୁଛୁ (Emma Yates-2001) । ବୈଦ୍ୟୁତିକ ପ୍ରକାଶକମାନେ କେବଳ ପାଠ୍ୟକୁ ସେମାନଙ୍କ କଂଚା ଫର୍ମରେ(ପ୍ରିଂଟ୍‌ର ପୂର୍ବାବସ୍ଥା) କିମ୍ବା ପରେ ତାହାକୁ ଅନଲାଇନ୍ କରନ୍ତି । ପାରଂପରିକ ପ୍ରକାଶନ ଅପେକ୍ଷା ବୈଦ୍ୟୁତିକ ପ୍ରକାଶନ ବହୁତ ଦ୍ରୁତ ଅଟେ (ପାଣ୍ଡୁଲିପି ପ୍ରିଂଟ ହେବାପାଇଁ ସାଧାରଣତଃ ଅତି କମରେ ଏକ ବର୍ଷ ଲାଗେ) । ଭ୍ରମଣ କରିବା ସମୟରେ, ବହୁ ସଂଖ୍ୟକ ଇ-ପୁସ୍ତକ ନିଜ ବ୍ୟବହାର୍ଯ୍ୟ ସ୍ମାର୍ଟଫୋନ୍‌ରେ ଗଚ୍ଛିତ କରିବା କାଗଜ ଓଜନ ତୁଳନାରେ କମ୍ ଥିବାରୁ ଦୂରସ୍ଥାନକୁ ନେବା ଆଣିବାପାଇଁ କୌଣସି ସମସ୍ୟା ହୋଇନଥାଏ । ଇ-ପୁସ୍ତକରେ ଚିହ୍ନ ଦେବାର ସୁବିଧା ଥିବାରୁ ପରବର୍ତ୍ତୀ ସମୟରେ ଯେଉଁଠାରୁ ପଢ଼ିଛାଡ଼ିଥିଲେ ସେଇଠାରୁ ପଢ଼ିବାରେ ସୁବିଦା ହୋଇଥାଏ । ଇ-ପୁସ୍ତକ ପାଠକମାନଙ୍କୁ ପୃଷ୍ଠାଗୁଡ଼ିକର ଟିପ୍ପଣୀ କରିବାକୁ ଏହା ଅନୁମତି ଦେଇଥାଏ (Rosenzweig) ।

ଇ-ପୁସ୍ତକର ଇତିହାସକୁ ଦେଖିଲେ ଜଣାଯିବ ଯେ ୧୯୩୦ (JENNIFER-2023) ମସିହା ବେଳକୁ ଏହାର ପରିକଳ୍ପନା Bob Brown ଚଳଚ୍ଚିତ୍ର ଦେଖିବାପରେ କରିଥିଲେ । ସେ ମତ ଦେଇ କହିଥିଲେ "The written world hasn't kept up with the age……. The movies have outmaneuvered it. We have the talkies but as yet no readies." ଏପରି କହିବାର କାରଣ ଥିଲା ଯେ ସେ ଚାହୁଁଥିଲେ ଏପରି ଏକ ଯନ୍ତ୍ର ଉଦ୍ଭାବନ ହେଉ ଯେଉଁଥିରେ ଯେକୌଣସି ସ୍ଥାନରେ ବସି ଅଧ୍ୟୟନ କରାଯାଇପାରିବ ଓ ଅତି ସହଜରେ ସ୍ଥାନାନ୍ତରିତ କରାଯାଇପାରିବ (Michele Bartram) ଏହିର ଫଳସ୍ୱରୂପ ୧୯୪୯ ମସିହାରେ Angela Ruiz Robles ସ୍ପେନୀୟ ବିଦ୍ୟାଳୟର ଶିକ୍ଷକ ନିଜ ପିଲାମାନଙ୍କ ପାଠ୍ୟପୁସ୍ତକ ଭାରିକୁ ଲକ୍ଷ୍ୟରଖି ଏକ ହସ୍ତଚାଳିତ ପୁସ୍ତକ ଉଦ୍ଭାବନ କରିଥିଲେ (Olivia Smith-2023) ।

ବୈଷୟିକ ଜ୍ଞାନର ଉନ୍ନତି ଫଳରେ Bob Brown ପରିକଳ୍ପନା କରିଥିବା ବିଷୟ ୧୯୭୧ ମସିହାରେ University of Illinoisର ଜଣେ ଛାତ୍ର ମାଇକେଲ ଏସ୍‌ହାର୍ଟ (Michael S. Hart) ଗବେଷଣା ଲ୍ୟାବ୍ ବା Project Gutenberg ଅଧିନରେ ଜେରକ୍ସ ମେସିନ୍ ଓ କଂପୁଟର ସହାୟତାରେ ପ୍ରଥମ କରି ଇ-ପୁସ୍ତକ ଉଦ୍ଭାବନ କରି ପ୍ରଥମେ "U.S. Declaration of Independence" ପୁସ୍ତକକୁ ବୈଦ୍ୟୁତିକ ପୁସ୍ତକଭାବେ ପ୍ରକାଶ କରିଥିଲେ (Olivia Smith-2023) । ଏହି ଡିଜିଟାଲ୍ କାର୍ଯ୍ୟ ପ୍ରଥମେ ଗୋଟିଏ କଂପ୍ୟୁଟରରେ ଇ-ପୁସ୍ତକଗୁଡ଼ିକୁ ଗଚ୍ଛିତ କରି ରଖାଯାଉଥିଲା; କିନ୍ତୁ ଶେଷରେ ୧୯୮୯ ମସିହାରେ CD-ROM ଆସିଲାରୁ ସେଥିରେ ତଥ୍ୟସବୁ ବା ଇ-ପୁସ୍ତକ ସବୁ ସାଇତିରଖି ବିଭିନ୍ନ ସ୍ଥାନକୁ ସହଜରେ ନିଆଯାଇପାରୁଥିଲା (JENNIFER -2023) ।

୧୯୯୦ ଦଶକର ଶେଷ ଭାଗରେ ଇ- ପୁସ୍ତକ କ୍ରୟ ଏବଂ ବିକ୍ରୟପାଇଁ ଏକ ମୁଖ୍ୟ ସ୍ରୋତ ବ୍ୟବସାୟ ଭାବରେ ଉଭା ହେଲା, ଯେତେବେଳେ Peanut ପ୍ରେସ୍ ପରି କଂପାନୀଗୁଡିକ ବ୍ୟକ୍ତିଗତ ଡିଜିଟାଲ୍ ଆସିଷ୍ଟାଂଟ (PDA) ରଖିଲା, ସ୍ମାର୍ଟଫୋନ୍‌ରେ ପଢ଼ିବାପାଇଁ ଇ-ପୁସ୍ତକ ବିକ୍ରୟ କରିବା ଆରମ୍ଭ କରିଥିଲେ, ଯାହାର 'ଜସ୍ୱରୂପ ଆଜିର ସ୍ମାର୍ଟଫୋନ୍ ଏବଂ ଟାବଲେଟ୍ କଂପ୍ୟୁଟରରେ ଆମେ ପଢ଼ିପାରୁଛନ୍ତି (Arthur Attwell) । NuvoMedia ବା Peachpit Press ୧୯୯୮ ମସିହାରେ ପ୍ରତିଷ୍ଠା ହୋଇଥିଲା; ଏହା ପ୍ରଥମ କରି ବାଣିଜ୍ୟିକ ବା ବ୍ୟବସାୟ ଭାବରେ ସ୍ମାର୍ଟଫୋନ୍‌ରେ ଇ-ପୁସ୍ତକ ପାଠକମାନଙ୍କୁ ଅଧ୍ୟୟନ କରିବାକୁ ସୁଯୋଗ ଦେଇଥିଲା । ୧୯୯୭ ମସିହାରେ eBookstore, Ebooks.com ପ୍ଲାଟ୍‌ଫମ ଆସିବା ପରେ ଏହିଠାରୁ ପାଠକମାନେ ପୁସ୍ତକ କ୍ରୟ ଦେଇ ଡାଉନ୍‌ଲୋଡ୍ କରିପାରୁଥିଲେ । ଅବଶ୍ୟ, ୨୦୦୦-୨୦୦୨ ମସିହାରେ ପ୍ରଚଳିତ ଡଟ୍-କମ କ୍ରସ୍‌ପରେ, ଇଂର୍ଟନେଟ୍‌ରେ ଇ-ପୁସ୍ତକଗୁଡ଼ିକ ବ୍ୟାପକ ଗ୍ରହଣୀୟ ହୋଇପାରିଥିଲା (Arthur Attwell) । ପ୍ରକାଶନ ଶିଳ୍ପ ଏବଂ ଇ-ପଠନ ଉପକରଣ ଏବଂ ଇ-ପୁସ୍ତକ ବୈଷୟିକ ଜ୍ଞାନର ବିନିଯୋଗପାଇଁ ସୁବିଧା କରାଗଲା । EPUB ୨୦୦୭ ମସିହାରେ ଆସିବା ପରେ ଏହାକୁ ପ୍ରଥମେ Apple, Google ଓ Kopo ବ୍ୟବହାର କରି ଇ-ପୁସ୍ତକ ତିଆରିକରିଥିଲେ । ଏହା ପୂର୍ବରୁ ସୋନି କର୍ପୋରେସନ୍ ଏକ ଇ-ପଠନ ଯନ୍ତ୍ର ୨୦୦୬ ରେ ପ୍ରକାଶ କରିବା ପରେ ଆମାଜନ୍ ଡଟ୍ କମ୍ ୨୦୦୭ ମସିହାରେ କିଣ୍ଡଲି ପ୍ରକାଶ କରିବାରୁ ଆମେରିକାରେ ଇ-ପୁସ୍ତକ ବିକ୍ରିକ୍ଷେତ୍ରରେ ଦ୍ରୁତଗତିରେ ବୃଦ୍ଧି ପାଇଲା (Arthur Attwell, Olivia Smith-2023) । ଆମାଜନ ଡଟ୍ କମ୍ କିଣ୍ଡଲ୍ ରିଲିଜ୍ କରିବା ପରେ ଇ-ବୈଦ୍ୟୁତିକ ପୁନରୁଦ୍ଧାର ଆରମ୍ଭ ହୋଇଥିଲା । ଇ-ପୁସ୍ତକ ଡାଉନଲୋଡ୍ କରିବାକୁ ମାଗଣା ସେଲୁଲାର୍ ଆକ୍ସେସ୍ ସହିତ କିଣ୍ଡଲ୍ ପ୍ରଥମ ଇ-ପଠନ ଥିଲା ଓ ତାହାପରେ ଆପସ୍ ଆଇପେଡ୍ ବା ଆଇପୁସ୍ତକ (୨୦୧୦) ମସିହାରେ ଇ-ପୁସ୍ତକମାନ ଅଧ୍ୟୟନପାଇଁ ଉପଲବ୍ଧ କରାଇଥାଲା । ଯାହା ପରେ ଆମେରିକାରେ ଇ-ପୁସ୍ତକ ବିକ୍ରି ଦ୍ରୁତ ଗତିରେ ବୃଦ୍ଧି ପାଇଲା (Arthur Attwell) ।

ଆମେ ଚାହୁଁଥିବା ତଥ୍ୟ ବା ଆଖ୍ୟାନ ଖୋଜିବାରେ କମ୍ ସମୟ ନେଇ ତଥ୍ୟ ଉପଲବ୍ଧ କରିବା ସହ ପୁସ୍ତକ ତୁରନ୍ତ ଡାଉନଲୋଡ୍ କରି ଗଚ୍ଛିତ ରଖିବାରେ ସୁବିଧା ହେଲା । ପୂର୍ବରୁ କୌଣସିସ୍ଥାନକୁ ଯିବାବେଳେ ପୁସ୍ତକ ନେଇ ଯିବାକୁ ପଡୁଥିଲା; ଯାହା ଫଳରେ ଅନେକ ସମସ୍ୟା ସୃଷ୍ଟି ହେଉଥିଲା । ଇ-ପୁସ୍ତକ ଏହି ସମସ୍ୟାକୁ ଦୂର କରି ଗୋଟିଏ ଉପକରଣରେ ଅନେକ ପୁସ୍ତକ ବହନ କରିବା ଯାତ୍ରାରେ କୌଣସି ସମସ୍ୟା ହୋଉନଥିଲା (Emma Yates-2001) । ଇ-ପୁସ୍ତକ ହେବା ଫଳରେ ପୁସ୍ତକଗୁଡ଼ିକର ଆଉ ମୁଦ୍ରଣ କରାଯାଉ ନଥିବାରୁ ପୁସ୍ତକ ଓଦାହେବା ଓ ନଷ୍ଟହେବା ଚିନ୍ତା ମଧ୍ୟ ନାହିଁ ।ଏହା ଦ୍ୱାରା ପାଠକମାନେ ମଧ୍ୟ ନୋଟ୍, ଅଣ୍ଡରଲାଇନ୍, ବୁକମାର୍କ ପୃଷ୍ଠା, ସନ୍ଧାନ ଏବଂ ହାଇପରଲିଙ୍କ ଅତିରିକ୍ତ କାର୍ଯ୍ୟକରିବା ସହ ସହଜରେ ସୂଚନା ହାସଲ କରିପାରୁଛନ୍ତି (Arthur Attwell, Emma Yates-2001) ।

ବହି ପଢ଼ିବା ସମୟରେ ଅକ୍ଷରଗୁଡ଼ିକ ଛୋଟଥିଲେ ସେଗୁଡ଼ିକୁ ପଢ଼ିବା ପାଇଁ ସମସ୍ୟା ହେଉଥିବାରୁ ଇ-ପୁସ୍ତକ ଦ୍ୱାରା ବ୍ୟାକ୍ ଲାଇଟ୍ ଏବଂ ଫୋଟ ଆକାର ବୃଦ୍ଧି କରାଯାଇ ଦୃଷ୍ଟିହୀନ ଓ ଆଖି ସମସ୍ୟା ଥିବା ଲୋକମାନଙ୍କୁ ପଢ଼ିବାରେ ସାହାଯ୍ୟ କରୁଅଛି । ଇ-ପୁସ୍ତକ ଖୋଲା ବଜାର ହେତୁ ଲେଖକଟିଏ ବୈଦ୍ୟୁତିକ ଭାବରେ ପ୍ରକାଶନ କରି ଏବଂ ପ୍ରକାଶନ ପ୍ରକ୍ରିୟାକୁ ବାଇପାସ୍ କରିବା ସହିତ ସହଜ ଉପାୟରେ ପାଠକମାନଙ୍କ ପାଖରେ ଲେଖକ ନିଜର ସୃଜନଶୀଳ ଲେଖା ପହଂଚାଇ ପାରିଛି (Emma Yates-2001) ।ଏହା କାଗଜମୁକ୍ତ ପୁସ୍ତକ ହୋଇଥିବାରୁ ଗଛ ସଂରକ୍ଷଣ ହେଉଅଛି, ଯାହା ପରିବେଶ ଅନୁକୂଳ ଭାବରେ କାମକରୁଅଛି । ଅଗଷ୍ଟ ୨୦୦୦ ରେ, ଆଣ୍ଡରସନ୍ କନ୍‌ସଲ୍‌ଟିଙ୍ଗ୍ ପୂର୍ବାନୁମାନ କରିଥିଲା ଯେ ୨୦୦୫ ସୁଦ୍ଧା ଇ-ପୁସ୍ତକ ଗୁଡିକର ବଜାରର ୧୦% ରହିବ, ସେହି ଦୃଷ୍ଟିକୋଣ ବର୍ତ୍ତମାନ ଆଶାବାଦୀ ମନେହୁଏ (Emma Yates-2001) । ପ୍ରକାଶକ ଏବଂ ଇ-ପୁସ୍ତକ ଷ୍ଟୋରଗୁଡିକ କହିଛନ୍ତି ଯେ ସେମାନଙ୍କର ବିକ୍ରୟ ପୁସ୍ତକ ଓ ଇ-ପୁସ୍ତକ ମଧ୍ୟରେ ପ୍ରାୟ ୧୦୦୦ କପି ଇ-ପୁସ୍ତକ ବିକ୍ରୟ ହୋଇଥିଲା (Emma Yates-2001) ।

ପାରଂପରିକ ମୁଦ୍ରଣ ପୁସ୍ତକଗୁଡ଼ିକ ଉପରେ ଇ-ପୁସ୍ତକଗୁଡ଼ିକର ଅନେକ ସୁବିଧା ଏବଂ ଅସୁବିଧା ଅଛି । ଇ-ପୁସ୍ତକଗୁଡିକର ମୁଖ୍ୟ ସୁବିଧା ହେଉଛି ଯେ ସେମାନେ ଉପଭୋକ୍ତାଙ୍କୁ ଏକ ଛୋଟ ସ୍ଥାନରେ ଅନେକ ପୁସ୍ତକ ଧାରଣ କରିବାକୁ ଅନୁମତି ଦିଅନ୍ତି । ଏହା ପଢ଼ିବା ସାମଗ୍ରୀ ସହିତ ଭ୍ରମଣକୁ ଅଧିକ ସହଜ କରିଥାଏ । ଅନେକ ଲୋକ ପାରଂପରିକ ମୁଦ୍ରଣ ପୁସ୍ତକକୁ ପସନ୍ଦ କରନ୍ତି କାରଣ ଏହା କାଗଜ ବହିର କୌଶଳ ଅନୁଭବ ଦେଇଥାଏ । ଅନ୍ୟମାନେ ଇ-ପୁସ୍ତକ ନାପସନ୍ଦ କରନ୍ତି କାରଣ କିଛି ପ୍ରକାଶକ ସେମାନଙ୍କ ପାଠ୍ୟରେ ଡିଜିଟାଲ୍ ଅଧିକାର ପରିଚାଳନା (DRM) ପ୍ରୟୋଗ କରନ୍ତି । ଅନ୍ୟମାନେ ଭୟଭୀତ ଯେ ସେମାନେ ଇ-ପୁସ୍ତକ ଡାଉନଲୋଡ୍ ଏବଂ ପଢ଼ିବାବେଳେ ସେମାନଙ୍କର ଗୋପନୀୟତା ସମ୍ଭବତଃ ବିପର୍ଯ୍ୟସ୍ତ ହୋଇପାରେ, ଯେହେତୁ ସେମାନେ କେଉଁ ପୁସ୍ତକ ପଢ଼ନ୍ତି ଏବଂ ତଥ୍ୟ ସଂଗ୍ରହ କରିଥାନ୍ତି(JENNIFER-2023) ।

## ଓଡ଼ିଆ ଇ-ପୁସ୍ତକ:

ଓଡ଼ିଆ ଇ-ପୁସ୍ତକ କରିବା କ୍ଷେତ୍ରରେ ୨୦୦୪ ମସିହାରେ ସୃଜନିକା ଦ୍ୱାରା 'ପ୍ରକଳ୍ପ ରେବତୀ' ନାମରେ କାର୍ଯ୍ୟ ଆରମ୍ଭ କରାଯାଇଥିଲା; ତାହାର ଫଳସ୍ୱରୂପ ପ୍ରଥମ କରି ୨୦୦୬ ମସିହାରେ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କର "ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ" ପୁସ୍ତକକୁ ବୈଦ୍ୟୁତିକରଣ କରାଯାଇଥିଲା । Chatgpt ଅନୁସାରେ ଏହି ପୁସ୍ତକ ଓଡ଼ିଆ ଭାଷାର ପ୍ରଥମ ଇ-ପୁସ୍ତକ; ଯାହା ସୃଜନିକା ସଂସ୍ଥାନ ଓ National institute of technology, Roulkela ସହଯୋଗରେ ପ୍ରସ୍ତୁତ କରାଯାଇଥିଲା । ସୃଜନିକା ଦ୍ୱାରା ପରିଚାଳିତ Odia BiBhaba (୨୦୧୭)ରେ ଅଭିଧାନ, ଚରିତକୋଷ, ପତ୍ରିକା, ପୁସ୍ତକ, ଖବରକାଗଜ, ସଂକଳନ ଆଦି ଇ-ପୁସ୍ତକ ଆକାରରେ ଉପଲବ୍ଧ ରହିଛି । ଏହାଛଡ଼ା ପ୍ରାଚୀନ ଯୁଗରୁ ଆରମ୍ଭକରି ବର୍ତ୍ତମାନ ରଚିତ ହେଉଥିବା ବିଭିନ୍ନ ପ୍ରକାର ସମାଲୋଚନା, ଆଲୋଚନା, ପ୍ରବନ୍ଧ, କବିତା, ଗଳ୍ପ ଓ ନାଟକ ଆଦି ପ୍ରାୟ ୧୪,୩୦୦ (୧୯.୧୦.୨୦୨୪) ରୁ ଅଧିକ ପୁସ୍ତକ ଇ-ପୁସ୍ତକ ଆକାରରେ ଅନ୍‌ଲାଇନ୍‌ରେ ମିଳୁଅଛି । ଏବେବି ବହୁ ପ୍ରାଚୀନ ଓ ଆଧୁନିକ ଓଡ଼ିଆ ପୁସ୍ତକଗୁଡ଼ିକୁ ଇ-ପୁସ୍ତକ କରାଯାଇ ଅପ୍‌ଲୋଡ୍ କରାଯାଉଅଛି । କିନ୍ତୁ ସୃଜନିକା ODIA BOOKS ଓଡ଼ିଆ ପୁସ୍ତକ କ୍ଷେତ୍ରରେ ପ୍ରଥମ କରି ଇଂର୍ଟନେଟରେ ପୁସ୍ତକ ପ୍ରକାଶ କରିଥିଲା ଓ ପରବର୍ତ୍ତୀ ସମୟରେ ଓଡିଆ ବିଭବ ଇ-ପୁସ୍ତକ ଲୋକଲୋଚନକୁ ଆସିଥିଲା ଓ ଓଡ଼ିଆ ବିଭବର ଶ୍ରୀ ନିଖିଲ ମୋହନ ପଟ୍ଟନାୟକ Odia books libraryରେ ପୁସ୍ତକଗୁଡ଼ିକୁ ଅଧ୍ୟୟନପାଇଁ ଅନୁମତି ଦେଇଥିଲେ ବା ଉପଲବ୍ଧ କରାଇଥିଲେ (Odia books library, Odia bibhab) ।

ଭୁବନେଶ୍ୱରର ପୁରୁଣା ଟାଉନ୍‌ରେ ଓଡ଼ିଶାର ପ୍ରଥମ ଡିଜିଟାଲ ପାଠାଗାର ଭାବରେ ପରିଚିତ ମନମୋହନ ଡିଜିଟାଲ ପାଠାଗାର ୩୦ ସେପ୍ଟେମ୍ବର ୨୦୧୫ ମସିହାରେ ଖୋଲିଥିଲା । ଏହି ପାଠାଗାରର ପୁସ୍ତକଗୁଡ଼ିକୁ ବୈଦ୍ୟୁତିକରଣ କରିବାରେ ସୃଜନିକା ଓ କେଦାରନାଥ ଗବେଷଣା ପ୍ରତିଷ୍ଠାନ ଦାୟିତ୍ୱ ନେଇଥିଲେ । ଏହି ପାଠାଗାରାରେ ପ୍ରାୟ ୧.୩ ଲକ୍ଷ ଓଡ଼ିଆ ସାହିତ୍ୟର ପୁସ୍ତକକୁ ବୈଦ୍ୟୁତିକରଣ ବା ଇ-ପୁସ୍ତକ କରାଯିବା ସହ ୧୮୫୦ ମସିହାରୁ ୧୯୫୦ ମସିହାରେ ପ୍ରକାଶିତ ହୋଇଥିବା ପ୍ରାୟ ୭୫ ଗୋଟି

ଖବରକାଗଜକୁ ମଧ୍ୟ ବୈଦ୍ୟୁତିକରଣ କରାଯାଇଅଛି (Manmohan Dogital Library, The New Times Express) ।

୧୯୮୨ ମସିହାରେ ଭୁବନେଶ୍ୱରରେ ପ୍ରତିଷ୍ଠିତ ଯୁବ ଓ ସାମାଜିକ ବିକାଶ କେନ୍ଦ୍ର (CYSD) ଦ୍ୱାରା ଓଡ଼ିଶାର ଆଦିବାସୀ, ଗ୍ରାମାଂଚଳ ଏବଂ ସହରାଂଚଳ ଗରିବ ଓ ଚରମ ଦରିଦ୍ର ଲୋକଙ୍କ ଜୀବନ ଶୈଳୀରେ ଉନ୍ନତି ଆଣିବାପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରିବା ସହ ଲୋକଙ୍କ ସୁବିଧାପାଇଁ ବିଭିନ୍ନ ପ୍ରକାର ପୁସ୍ତକ ଓଡ଼ିଆ, ଇଂରାଜୀ ଓ ଆଂଚଳିକ ଭାଷାରେ ପ୍ରସ୍ତୁତ କରିଛନ୍ତି । ଯାହାକୁ ଅଧ୍ୟୟନ କରିବାପାଇଁ ପୁସ୍ତକ ଓ ଇ-ପୁସ୍ତକ ବା PDF ଆକାରରେ CYSD E-Libraryରେ ଉପଲବ୍ଧ କରାଯାଇଛି (Cysd eLibrary) ।

Mstorymirrorରେ ଓଡ଼ିଆ ଇ-ପୁସ୍ତକ ବିକ୍ରିପାଇଁ ସୁବିଧା ରହିଛି । ଏହାଛଡ଼ା ରୀତିକର୍ତ, INTERNET ARCHIVE, ଓଡ଼ିଆ ଗେଜେଟ୍, ଓଡ଼ିଆ ଇ-ପୁସ୍ତକ, ନୂଆ ଓଡ଼ିଶା, ଔଙ୍କସ୍ୱଷ୍ୱ କବକ୍ଷସଭଶବ, ଓଡ଼ିଶା ସପ୍ (Odisha Shop) ଓ ସୃଜନିକାରେ ପ୍ରବନ୍ଧ, କାବ୍ୟ, ଗଳ୍ପ, ନାଟକ, ଗ୍ରନ୍ଥାବଳୀ, ଜୀବନୀ ଓ ଓଡ଼ିଆ ସଂସ୍କୃତିକୁ ନେଇ ଲିଖିତ ପୁସ୍ତକଗୁଡ଼ିକୁ ମଧ୍ୟରେ ଉପଲବ୍ଧ ରହିଛି । Rakuten kobo ଓ Routledge:ରେ ଓଡ଼ିଆ ଅନୂଦିତ ବା ଇଂରାଜୀରେ ଲିଖିତ ଓଡ଼ିଆ ସମାଲୋଚନା ପୁସ୍ତକଗୁଡ଼ିକ ଉପଲବ୍ଧ ରହିଛି । ଗୁଗୁଲ୍ ବୁକ୍, ଆମାଜନ୍, ଫ୍ଲିପ୍‌କାର୍ଟ ପରି ଅନ୍‌ଲାଇନ୍ କ୍ଷେତ୍ରରେ ମଧ୍ୟ ଇ-ପୁସ୍ତକ ଉପଲବ୍ଧ ରହିଛି; ଯାହାକୁ କ୍ରୟ କରିବା ସହ ଓ ମୋବାଇଲ୍‌ରେ ପଢ଼ାଯାଇ ପାରୁଛି ।

ରାଷ୍ଟ୍ରିୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ସଂସ୍ଥାନ (National Institute of Open Schooling): ଓଡ଼ିଆ ଇ-ପୁସ୍ତକ ସଂଖ୍ୟା ୩୦୫+ । All India Council for Technical Education (ଅଖିଳ ଭାରତୀୟ ତକ୍‌ନିକ୍ ଶିକ୍ଷା ପରିଷଦ): ମୌଳିକ ବୈଦ୍ୟୁତିକ ଇଞ୍ଜିନିୟରିଂ, ରସାୟନବିଜ୍ଞାନ, ଯାନ୍ତ୍ରିକ ଚିତ୍ରାଙ୍କନ ଓ ଡିଜାଇନ୍, ଗଣିତ, ପଦାର୍ଥ ବିଜ୍ଞାନ, କର୍ମଶାଳା ଓ ବିନିର୍ମାଣ ଅଭ୍ୟାସ, ପ୍ରୋଗ୍ରାମିଂ ଆଦି ଇ-ପୁସ୍ତକ ଆକାରରେ ସ୍ନାତକ ଡିଗ୍ରୀପାଇଁ ଉପଲବ୍ଧ ରହିଛି । ପାଠାଗାର (Pathagara.Odia Portal.In):ରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଶ୍ରେଣୀର ଇ-ପୁସ୍ତକ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ପୁରୁଣା ପୁସ୍ତକ, ଜହ୍ନମାମୁଁ ପତ୍ରିକା, ନିକୁଞ୍ଜ ଖବର ଓ ଶିଶୁଲେଖା ପତ୍ରିକା ଉପଲବ୍ଧ । ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (Odisha School Education Programme Authority) ଓ Odia Medium Ebookରେ ପ୍ରଥମ ଶ୍ରେଣୀରୁ ଆରମ୍ଭକରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଠନ ଓ ଶିକ୍ଷଣ ନିମିତ୍ତ ସମସ୍ତ ପୁସ୍ତକଗୁଡ଼ିକୁ ଇ-ପୁସ୍ତକ ଆକାରରେ ଉପଲବ୍ଧ କରାଯାଇଛି । Barnes & Noble:ରେ ପିଲାଙ୍କପାଇଁ ଛବି ଓ ଚିତ୍ର ସହିତ ପାଠ ପଢ଼ିବାପାଇଁ ଇ-ପୁସ୍ତକ ଉପଲବ୍ଧ କରାଯିବା ସହ ଇଂରେଜୀ ପୁସ୍ତକ ମଧ୍ୟ ଉପଲବ୍ଧ ରହିଛି ।

ଓଡ଼ିଆ ଭର୍ଚୁଆଲ୍ ଏକାଡେମୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ଐତିହ୍ୟ ଗ୍ରନ୍ଥାଗାର ପତ୍ରିକା (କୋଣାର୍କ, ଉତ୍କଳ ପ୍ରସଙ୍ଗ, ଓଡ଼ିଶା ଦର୍ଶନ, ATLC ପ୍ରକାଶନ), ଅଭିଧାନ (ଓଡ଼ିଆ ଅଭିଧାନ ଓ ଓଡ଼ିଶା ଆଦିବାସୀ ଭାଷା ଅଭିଧାନ), ଓଡ଼ିଆ ସଂସ୍କୃତି (ଗୀତଗୋବିନ୍ଦ, ମାଦଳାପାଞ୍ଜି), ପଟ୍ଟଚିତ୍ର ଗ୍ୟାଲେରୀ (ମନ୍ଦିର, ପର୍ବତ, ଓ ଭ୍ରମଣ ସ୍ଥାନ), ଅଡ଼ିଓ ପାଠାଗାର(ଉପନ୍ୟାସ, କବିତା, ଗଳ୍ପ, ଗୀତଗୋବିନ୍ଦ, ପ୍ରଶାସନିକ ବହି, ଓଡ଼ିଆ ସିନେମା ଗୀତ ଆଦି), ଅଡ଼ିଓ ଭିଜୁଆଲ୍ ପାଠାଗାର (ଚଳଚିତ୍ର, ଡକ୍ୟୁମେଂଟାରୀ, ସାକ୍ଷାତକାର ଆଦି), କାବ୍ୟ, କବିତା (୮୭+), ଅନୁବାଦ, ଗୀତିନାଟ୍ୟ, ଏକାଙ୍କିକା, ଗଳ୍ପ, କ୍ଷୁଦ୍ରଗଳ୍ପ, କାହାଣୀ, ପ୍ରବନ୍ଧ ଓ ଆଲୋଚନା, କାବ୍ୟନାଟ୍ୟ, ଶିଶୁ ସାହିତ୍ୟ, ସଂଗୀତ, ଧ୍ୱନି ବିଜ୍ଞାନ, ସାହିତ୍ୟ ଭାଷଣ, ଭାଷାତତ୍ତ୍ୱ ଆଦି ବିଭାଗରେ ହଜାରରୁ ଅଧିକ ପୁସ୍ତକ ରହିଛି । National Institute of technology Rourkela (0 > 7 M 0 @ / * M 0 L & M / K ? 8 8 M % > ( 0 > 0 G 2 > ) ର ବିଜୁପଟ୍ଟନାୟକ କେନ୍ଦ୍ରୀୟ ପାଠାଗାରରେ ୪୫+ ଗୋଟି ଓଡ଼ିଆ ଇ-ପୁସ୍ତକ ରହିଛି । Odia Books Library:ରେ ମୋଟ ପି.ଡି.ଏଫ. ଆକାରରେ ୫୫୬୫+ ପୁସ୍ତକ ରହିଛି । ତାହାଛଡ଼ା National Mission on Education through ICT (NME-ICT) ଦ୍ୱାରା ପରିଚାଳିତ ର-PG Pathashala(ଇ-ପି.ଜି. ପାଠଶାଳା)ରେ ବିଭିନ୍ନ ଭାଷା ଓ ବିଭାଗର ଇ-ପୁସ୍ତକ ଉପଲବ୍ଧ ଥିଲେ ମଧ୍ୟ ଓଡ଼ିଆ ଭାଷାର ଇ-ପୁସ୍ତକ ଏଯାବତ୍ ଉପଲବ୍ଧ ହୋଇନାହିଁ ।

Odishaestore (A to Z Odia E-Marketplace):ରେ କବିତା, ଉପନ୍ୟାସ, ଗଳ୍ପ, ନାଟକ, ରୋଷେଇ, ସ୍ୱାସ୍ଥ୍ୟ, ପ୍ରତିଯୋଗିତା ମୂଳକ ବହି ଓ ବିଜ୍ଞାନମୂଳକ ପୁସ୍ତକ ମଧ୍ୟ ଏଠାରେ PDF ଆକାରରେ ମିଳିଥାଏ । ଓଡ଼ିଶା ଇ-ଷ୍ଟୋର ୨୦୧୩ ମସିହାରେ ଜଷ୍ଟ ଓଡିଶାର ଅଧୀନରେ ଆସିଥିଲା ଏବଂ ଓଡିଶାରେ ଅନଲାଇନ୍ ବିକ୍ରୟପାଇଁ ସାଂସ୍କୃତିକ ଏବଂ ଜାତି ଉତ୍ପାଦ କ୍ଷେତ୍ରରେ ଦ୍ରୁତତମ ବୃଦ୍ଧି ପାଉଥିବା ସଂସ୍ଥା । କେବଳ ଓଡ଼ିଶା ଅନ୍‌ଲାଇନ୍‌ରେ ଓଡିଆ ଉତ୍ପାଦର ବିକ୍ରୟକୁ ବୃଦ୍ଧି କରିଛି, ବିଶେଷ ଭାବରେ ପୁସ୍ତକ, ହସ୍ତତନ୍ତ ଏବଂ ହ୍ୟାଣ୍ଡଲୁମ୍ କ୍ଷେତ୍ରରେ ଅଗ୍ରଣୀ ହୋଇଅଛି । ପରେ ୨୦୨୨ ମସିହାରେ, ବ୍ୟବସାୟର ପରିସର ଏବଂ ଅଭିବୃଦ୍ଧିକୁ ଦେଖି

'ଓଡିଶା ଇ-ଷ୍ଟୋର ପ୍ରାଇଭେଟ ଲିମିଟେଡ୍' ନାମକ ଏକ ପୃଥକ ଘରୋଇ ସମିତି କଂପାନୀ ଗଠନ ହେଲା । ଓଡ଼ିଆ ମାଟି (Odia mati)ରେ ପ୍ରାଚୀନ କାବ୍ୟଠାରୁ ଆରମ୍ଭକରି ସମକାଳୀନ ଆଲୋଚନା, ସମାଲୋଚନା, କବିତା, ଗ୍ରନ୍ଥାବଳୀ ଆଦି ବହିଗୁଡ଼ିକ PDF ଆକାରରେ ଉପଲବ୍ଧ ଅଛି । ଶୁଭପଲ୍ଲବ (shubha-pallaba)ରେ ଗଳ୍ପ, କବିତା, ଉପନ୍ୟାସ, ଆଦି ଇ-ପୁସ୍ତକ ଉପଲବ୍ଧ ରହିଛି ।

**ଉପସଂହାର:**

ଓଡ଼ିଆ ଭାଷା ଓ ସାହିତ୍ୟ ୧୯୬୬ ମସିହାର ନଅଙ୍କ ଦୁର୍ଭିକ୍ଷ ପରେ ଓଡ଼ିଆ ଭାଷା ବିଲୋପ ବିରୋଧରେ ଯେଉଁ ଆନ୍ଦୋଳନ ଆରମ୍ଭ ହୋଇଥିଲା; ତାହା ନୂତନ ସାହିତ୍ୟ ରଚନା କ୍ଷେତ୍ରରେ ବହୁଳ ପ୍ରଭାବ ପକାଇଥିଲା । ଆଧୁନିକ ଯୁଗରେ କାଗଜରେ ପ୍ରସ୍ତୁତ ପୁସ୍ତକ ପଢ଼ିବାପାଇଁ ସୁବିଧା ହୋଉଥିଲେ ମଧ୍ୟ ପୁସ୍ତକ ନଷ୍ଟ ହେବାର ଭୟ, ସାଇତି ରଖିବାର ସମସ୍ୟା ଓ ସ୍ଥାନାନ୍ତର କରିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା । କିନ୍ତୁ ବର୍ତ୍ତମାନର ବୈଷୟିକ ପ୍ରଯୁକ୍ତି ବିଦ୍ୟାର ବିକାଶ ହେବାପରେ ପୁସ୍ତକକୁ ସୁରକ୍ଷିତ ଓ ନିଜ ସଙ୍ଗେ ନେବାର ବହୁତ ସୁବିଧା ହୋଇଛି । ଇ-ପୁସ୍ତକର ବିକାଶ ବିଶ୍ୱ ପ୍ରକାଶନ ଶିଳ୍ପକୁ ଯଥେଷ୍ଟ ପ୍ରଭାବିତ କରିଛି । "Project Gutenburg" ଅଧିନରେ ପ୍ରାରମ୍ଭିକ କାଳରେ ପୁସ୍ତକଗୁଡ଼ିକୁ ବୈଦ୍ୟୁତିକରଣ ପ୍ରୟାସଠାରୁ ଆରମ୍ଭକରି ଆମାଜନ୍ କିଣ୍ଡଲ୍ ଏବଂ ସ୍ୱପ୍ରକାଶକ ପ୍ଲାଟ୍'ର୍ମର ବୃଦ୍ଧି ପ୍ରଯ୍ୟନ୍ତ ଇ-ପୁସ୍ତକ ଆଧୁନିକ ସାହିତ୍ୟର ଅକ ଅବିଚ୍ଛେଦ୍ୟ ଅଙ୍ଗ ହୋଇପାରିଛି । ସମପରି ସୃଜନିକ ସଂସ୍ଥା ଦ୍ୱାରା "Project Rebati" ଅଧିନରେ ଓଡ଼ିଆ ଭାଷାରେ ଲିଖିତ ବହୁ ପୁସ୍ତକଗୁଡ଼ିକୁ ଇ-ପୁସ୍ତକ କରିବର ପ୍ରୟାସ ଆରମ୍ଭ ହୋଇଥିଲା । ଇ-ପୁସ୍ତକ ହେବା'ଲରେ ପାଠକମାନେ ଆପଣା ଭାଷାର ସଂପୂର୍ଣ୍ଣ ସାହିତ୍ୟ ଓ ସଂସ୍କୃତିର ସମସ୍ତ ପୁସ୍ତକର ଲାଇବ୍ରେରୀ ନିଜ ପକେଟ୍‌ରେ ବହନ କରିବା ସହ କୌଣସି ବିଷୟରେ ଗବେଷଣାପାଇଁ ତଥ୍ୟ ସଂଗ୍ରହ ଓ ଗବେଷଣା ସଂପର୍କୀୟ ପୁସ୍ତକ ଅତି ସହଜରେ ମିଳିପାରୁଛି । ଏହାଦ୍ୱାରା ଓଡ଼ିଆ ଗବେଷଣା କ୍ଷେତ୍ରରେ ସମୟ ସଂଚୟ ହେବା ସହ ଗବେଷଣା ଓ ଅଧ୍ୟୟନ ନିମିତ୍ତ ବହୁ ସହାୟ ହୋଇପାରିଛି ଯେପରିଭାବେ ବୈଦ୍ୟୁତିକ ବୈଷୟିକ ବିଦ୍ୟା ବିକଶିତ ହେବାରେ ଲାଗିଛି, ଇ-ପୁସ୍ତକଗୁଡ଼ିକ ଶିକ୍ଷା, ମନୋରଞ୍ଜନ ଏବଂ ଜ୍ଞାନ ପ୍ରସାରରେ ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହ ଅଧ୍ୟୟନ କ୍ଷେତ୍ରରେ ଅଦଭୂତପୂର୍ବ ଅଧିକ ସୁବିଧାଜନକ କରାଇଛି ।

**ସହାୟକ ଗ୍ରନ୍ଥସୂଚୀ:**


1. Emma Yates - Ebooks: a beginner's guide, Guardian Unlimited Books Wed 19 Dec 2001
2. Jordan Wahl - Five eBook Formats and How to Find the Best Style for You, August 1, 2018
3. Arthur Attwell - Ebook, Britannica,
4. The Bookscounter Team - A Brief History of Books, june9,2016, last update on january14, 2023, Olivia Smith
5. JENNIFER WILBER - A Brief History of eBooks and e Readers, FEB 13, 2023
6. IWÿò@û A-aêKþ: (https://odiaebook.in/searchValue)
7. Wikipedia – E-Book, https://en.wikipedia.org/wiki/Ebook#:~:text=An% 20ebook% 20(short% 20for%20electronic,computers% 20or% 20other% 20electronic% 20devices.
8. Library Collection Guides – E-book, https://rmit.libguides.com/ebooks
9. Publius–E-book, https://publuu.com/knowledge-base/what-is-an-e-book/
10. Merriam Webster – E-book, https://www.merriam-webster.com/dictionary/e-book
11. Gregg Rosenzweig – Ebook, talk to Us, Published-18. Nov.2024, https://www.clearvoice.com/resources/what-is-an-ebook/
12. Adobe -eBook file, https://www.adobe.com/uk/acrobat/resources/document-files/ebook-files.html
13. Wikipedia- Comparison of e-book formats, https://en.wikipedia.org/wiki/Comparison_of_e-book_formats
14. The New Indian Express - Even in an age of e-books, demand for public libraries in Bhubaneswar continues to remain high, Update – 25.jun.2016, https://www.newindianexpress.com /states/odisha/2016/Jun/25/even-in-an-age-of-e-books-demand-for-public-libraries-in-bhubaneswar-continues-to-remain-high-884759.html
15. Odishaestore (A to Z Odia E-Marketplace): (https://www.odishaestore.com/)
16. National Institute of technology Rourkela (0
>7 M 0 @ / *
M 0 L & M /
K ? 8 8
M % > ( 0 >
0 G 2 >
) (https://opac.nitrkl.ac.in/)

17. IWÿò@û bûPðê@ûfþ GKûWùÿcú (IWÿò@û bûhû I iûjòZý I HZòjý Mâ^ÚûMûe, ova.gov.in) Registration Date – 13.07.2018, (https://ova.gov.in/en/Content_List) (https://ova.gov.in/en/)
18. ODIA BOOKS (http://www.odia.org/books/allBooks.php?i=1)
19. Odia Bibhaba (https://odiabibhaba.in/books/)
20. IWÿògû aò\ýûkd gòlû Kû~ðýKâc _âû]òKeY (Odisha School Education Programme Authority) (https://osepa.odisha.gov.in/?p=content&page=26 )
21. _ûVûMûe (Pathagara. OdiaPortal.In) : (https:// / pathagara.odiaportal.in/search?updated-max=2019-11-20T23%3A09%3A00-08%3A00&max-results=7)
22. eúZòKðZ (Ritikart) : (https://ritikart.com/products/anushrab-by-prasant-nanda)
23. Mstorymiror : (https://shop.storymirror.com/search/odia )
24. All India council for technical education (@Lòk bûeZúd ZKþ^òKþ gòlû _eòh\): (https://ekumbh.aicte-india.org/book.php)
25. IWÿògû i_þ (Odisha Shop): (https:// www.odishashop.com/?category= &s= odia+ book& search_posttype=product)
26. The New Life Mission: (https:// www.bjnewlife.org/en/book/bookList.php?gad_source=1&gclid=EAIaIQobChM I15Wr8fmlh AMVhyqDAx 3O1QNcEAMYASAAEgIdTfD_BwE)
27. E-PG Pathashala(A-_ò.Rò. _ûVûgûkû)- https://epgp.inflibnet.ac.in/
28. Just Kalinga: (https://justkalinga.com/2021/02/)
29. eûÁâòd cêq aò\ýûkd gòlû iõiÚû^ (National Institute of Open Schooling) (https://rcbhubaneswar.nios.ac.in/sr-secondary-courses-odia-medium.html)
30. Odia Books Library: (https://www. odia books library.com/)
31. ^ì@û IWÿògû : (https://www.nuaodisha.com/Odia-Hanuman-Chalisha.html )
32. Odia medium Ebook (https:// play. google.com/store/apps/details? id=com. odia medium. ebooks&hl=en&pli=1)
33. gêb_fäa (shubhapallaba) : (https://store.shubhapallaba.in/product-category/books/ )
34. (Rakuten kobo: https://www.kobo.com/in/en/search?query=odia+book&fclanguages=en
35. Routledge: https://www.routledge.com/Critical-Discourse-in-Odia/Nayak-Mohapatra/p/book/9781032124858)
36. IWÿò@û cûUò (Odia mati): (https://odiamati.com/booksList/viewBooksList?language ShortName= odia& listType= BookCategoryList&listId=1)
37. Manmohan Digital Library - https://librarylearningspace.com/first-digital-library-opened-odisha/
38. Cysd eLibrary - https://cysdelibrary.org/
39. Michele Bartram – The history of ebooks form 1930s 'Readies' to today's GPO ebook, U.S. Government, https://govbooktalk.gpo.gov/2014/03/10/the-history-of-ebooks-from-1930s-readies-to-todays-gpo-ebook-services/#:~:text=Starting% 20back% 20in% 201971% 2C% 20Michael, first% 20eBook% 20in% 20the% 20world.
40. Odia books library – https://www.odiabookslibrary.com/
41. ChatGPT - What is first ebook of odia?, https://chatgpt.com/share/6743486c-3778-800e-8226-44226b0507a7


❖ ❖ ❖

DOI :https://doi.org/10.5281/zenodo.14545898 ମୂଳ ପ୍ରବନ୍ଧ

# ଓଡ଼ିଆ ଉପନ୍ୟାସରେ କପିଳେନ୍ଦ୍ର ଦେବ ଓ ରାଷ୍ଟ୍ରବାଦୀ ଚେତନା

**ଦେବାଶିଷ ପ୍ରଧାନ**

**ସଂକ୍ଷିପ୍ତ ସାର :**

ରାଷ୍ଟ୍ରବାଦ ତତ୍ତ୍ୱଦୃଷ୍ଟିରୁ ସଂପୂର୍ଣ୍ଣ ଭାବେ ମାନସିକ ଓ ଆଧ୍ୟାତ୍ମିକ ପ୍ରତ୍ୟୟ ଅଟେ । ଏହାର ଅନୁଭୂତି ନେଇ ରାଷ୍ଟ୍ରର ଅଧିବାସୀ ନିଜର ଉନ୍ନତି ବଦଳରେ ରାଷ୍ଟ୍ରର ଉନ୍ନତିକୁ ପ୍ରାଧାନ୍ୟ ଦେଇଥାଏ । ଏଭଳି ଏକ ରଷ୍ଟ୍ରବାଦୀ ବ୍ୟକ୍ତିତ୍ୱ ହେଉଛନ୍ତି ସମ୍ରାଟ କପିଳେନ୍ଦ୍ର ଦେବ । ଓଡ଼ିଆଙ୍କ ପରମ ଆରାଧ୍ୟ ଜଗନ୍ନାଥଙ୍କୁ କେନ୍ଦ୍ରକରି ସେ କେବଳ ବିଶାଳ ସାମ୍ରାଜ୍ୟ ଗଠନ କରିନାହାନ୍ତି; ଓଡ଼ିଆ ସଂସ୍କୃତି, ପରମ୍ପରାର ସୁଦୂର ଦାକ୍ଷିଣାତ୍ୟ ସୀମା ପର୍ଯ୍ୟନ୍ତ ପ୍ରସାର ମଧ୍ୟ କରେଇ ପାରିଛନ୍ତି । ବିଜୟ ବାହୁଡ଼ା ଉପନ୍ୟାସରେ ଉତ୍ତରାଧିକାରୀ ସମସ୍ୟାକୁ ନେଇ ମାନସିକ ଭାବରେ ଦୁର୍ବଳ ହୋଇ ପଡ଼ିଥିବା କପିଳେନ୍ଦ୍ର ଦେବଙ୍କ ଚରିତ୍ରକୁ ଜଗନ୍ନାଥ ପ୍ରେମୀ ଭାବରେ ଚିତ୍ରଣ କରାଯାଇଛି । ଉପନ୍ୟାସରେ ଶାସକ ପରିବର୍ତ୍ତେ ଓଡ଼ିଆ ସାମ୍ରାଜ୍ୟର ସ୍ୱାଧୀନତା, ଓଡ଼ିଆ ରାଷ୍ଟ୍ର ଦେବତାଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି । କପିଳେନ୍ଦ୍ର ଦେବ ନିଜର ଶାସନ କାଳରେ ଓଡ଼ିଆ ଜାତିର ସଂସ୍କୃତି-ପରମ୍ପରାକୁ କିଭଳି ଭାବରେ ଶୀର୍ଷସ୍ଥାନକୁ ନେଇପାରିଛନ୍ତି ତାହା ଉପନ୍ୟାସର ଛତ୍ରେ ଛତ୍ରେ ବର୍ଣ୍ଣିତ । ଓଡ଼ିଶା ଉପରେ ଇସଲାମୀ ଆକ୍ରମଣ, ବାଣିଜ୍ୟିକ ପୋତ ଉପରେ ଜଳଦସ୍ୟୁଙ୍କ ଆତଙ୍କ ଓ ଓଡ଼ିଆ ଉପନିବେଶ ସହିତ ମୂଳ ଭୂଖଣ୍ଡର ସଂପର୍କ ହ୍ରାସ ଭଳି ପ୍ରସଙ୍ଗ ଦ୍ୱାରା ମାନସିକ ଭାବରେ ଅସ୍ଥିର କପିଳେନ୍ଦ୍ର ଦେବ ଜଣେ ରାଷ୍ଟ୍ରବାଦୀ ଓଡ଼ିଆ ଭାବରେ ଉପନ୍ୟାସରେ ଚିତ୍ରିତ । ଏଥି ସହିତ ଓଡ଼ିଆ ଭାଷା ପ୍ରତି ତାଙ୍କର ମମତ୍ୱବୋଧ ଦେଖି ମନେହୁଏ ଲେଖକ ଇନ୍ଦ୍ରମଣୀ ଜେନା କପିଳେନ୍ଦ୍ର ଦେବଙ୍କୁ ଓଡ଼ିଆ ରାଷ୍ଟ୍ରବାଦର ପ୍ରତୀକ ଭାବରେ ଚିତ୍ରଣ କରିବାକୁ ମନସ୍ଥ କରିଛନ୍ତି ।

**ପ୍ରମୁଖ ଶବ୍ଦାବଳୀ :** କପିଳେନ୍ଦ୍ର ଦେବ, ଶ୍ରୀ ଜଗନ୍ନାଥ, ରାଷ୍ଟ୍ର ଦେବତା, କଳିଙ୍ଗ, ଗଜପତି ବାହୀନି, ନୌବାଣିଜ୍ୟ, ଅସ୍ମିତା, ସୁବର୍ଣ୍ଣ ଦ୍ୱୀପ, ଜଳଦସ୍ୟୁ, ଦକ୍ଷିଣେଶ୍ୱର ପରିଛା, ହମ୍ୱୀର ଦେବ , ପୁରୁଷୋତ୍ତମ ଦେବ ।

ଓଡ଼ିଆ ଜାତି ମହାଭାରତ କାଳରୁ ସର୍ବଭାରତୀୟ ସ୍ତରରେ ସମ୍ମାନ ପାଇ ଆସୁଥିଲେ ମଧ୍ୟ କପିଳେନ୍ଦ୍ର ଦେବଙ୍କ ସମୟରୁ ହିଁ ଭାଷା, ସଂସ୍କୃତି ଓ ସାମ୍ରାଜ୍ୟର ସୀମାରେ ଚରମ ଅବସ୍ଥା ପ୍ରାପ୍ତ ହୋଇଛି । ଯଦିବା ଖାରବେଳଙ୍କ ସମୟରେ ଅଳ୍ପ ସମୟପାଇଁ ଓଡ଼ିଶା ଏଭଳି ସମ୍ମାନ ପାଇପାରିଥିଲା । ତେବେ ଗଜପତି ସାମ୍ରାଜ୍ୟର ପ୍ରତିଷ୍ଠାତା କପିଳେନ୍ଦ୍ର ଦେବଙ୍କ ସମୟରେ ହିଁ ଓଡ଼ିଆ ଜାତି ନିଜର ପରିଚୟକୁ ସ୍ପଷ୍ଟ କରିପାରିଛି । ତେଣୁ ଅନେକ ଆଲୋଚକ ତାଙ୍କୁ ଆଧୁନିକ ଓଡ଼ିଆ ଜାତିର ଆଧାର ସ୍ତମ୍ଭ ଭାବରେ ସ୍ୱୀକାର କରନ୍ତି । ତଥାପି ଓଡ଼ିଆ ସମାଜରେ, ଓଡ଼ିଆ ସାହିତ୍ୟରେ ସେ ଅବହେଳିତ । ତେବେ ତାଙ୍କର ରାଷ୍ଟ୍ରପ୍ରେମ, ଜଗନ୍ନାଥଙ୍କ ପ୍ରତି ଥିବା ଅପାର ଶ୍ରଦ୍ଧା ଓ ଓଡ଼ିଆ ଭାଷା ଓ ସଂସ୍କୃତି ପ୍ରତି ଥିବା ଆଗ୍ରହକୁ ଆଧାର ଭାବରେ ଗ୍ରହଣକରି ବିଜୟବାହୁଡ଼ା ଉପନ୍ୟାସଟି ରଚିତ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI:https://doi.org/10.5281/zenodo.14545898

Article No - BPPP00250

ଯୋଗାଯୋଗ :
**ଦେବାଶିଷ ପ୍ରଧାନ,** ଓଡ଼ିଆ ଅଧ୍ୟାପକ,
ମଙ୍ଗଳା ମହାବିଦ୍ୟାଳୟ, ପୁରୀ
**E mail** -debasis9612@gmail.com
**ORCID ID**- https://orcid.org/0009-0007-8822-6205

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
| --- | --- | --- | --- |
| ୨.୮.୨୦୨୪ | ୧୦.୧୦.୨୦୨୪ | ୨୫.୧୧.୨୦୨୪ | ୧.୧୨.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ପ୍ରଧାନ, ଦେବାଶିଷ; ୨୦୨୪ । ଓଡ଼ିଆ **ଉପନ୍ୟାସରେ କପିଳେନ୍ଦ୍ର ଦେବ ଓ ରାଷ୍ଟ୍ରବାଦୀ ଚେତନା** । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ୯, ପୃଷ୍ଠା :୬୬-୬୯ ।

କପିଳେନ୍ଦ୍ର ଭାବିଥିଲେ ଏତେ ଏତେ ରାଜ୍ୟ ଜିଣି ରାଜଧାନୀକୁ ଆସି କିଛି ଦିନ ଆନନ୍ଦରେ ବିଶ୍ରାମ ନେବେ । ପବିତ୍ର ପୁରୀ ତୀର୍ଥରେ ତାଙ୍କ ପ୍ରାଣର ଶେଷ ଇଚ୍ଛା ମେଣ୍ଟାଇବେ । ବୀରଭୂମି ବାରବାଟୀରେ ଜୀବନର ବାକି କେତେଦିନ କଟାଇଲେ; ମାତ୍ର ସେ ଇଚ୍ଛା ତାଙ୍କର ଅପୂର୍ଣ୍ଣ ରହିଲା । ଯୁଦ୍ଧ ଜୟରୁ ଫେରିବା ବାଟରେ କୃଷ୍ଣାନଦୀ କୂଳରେ ଶିବିର ପକାଇଥିବା ସମୟରେ ୧୪୬୫ ଖ୍ରୀଷ୍ଟାବ୍ଦରେ ସେହିଠାରେ ତାଙ୍କର ମହାଯାତ୍ରା ହେଲା ।" (୩୫-କପିଳେନ୍ଦ୍ର ଦେବ, ଗୋଦାବରୀଶ ମହାପାତ୍ର-୧୯୩୧-୧ମ-ସଂସ୍କରଣ) ଗୋଦାବରୀଶଙ୍କ ମତରେ ପ୍ରଭୁ ଜଗନ୍ନାଥଙ୍କ ପୁରୁଷୋତ୍ତମ ଧାମରେ ମୃତ୍ୟୁ ବରଣ କରିବାର ଇଚ୍ଛା ରଖିଥିବା କପିଳେନ୍ଦ୍ର ଦେବଙ୍କ ମୃତ୍ୟୁ ସୁଦୂର କୃଷ୍ଣାନଦୀ କୂଳରେ ହୋଇଛି । କିନ୍ତୁ ଔପନ୍ୟାସିକ ଇନ୍ଦ୍ରମଣି ଜେନା ଭିନ୍ନ ଏକ କଥାବସ୍ତୁକୁ ଆଧାରକରି ରଚନା କରିଛନ୍ତି 'ଦିଗବିଜୟୀ ଗଜପତି (ବିଜୟ ବାହୁଡ଼ା)' । ଏ ଆଲୋଚନାରେ ଉପନ୍ୟାସର ଉପନାମ 'ବିଜୟ ବାହୁଡ଼ା'କୁ ଗୁରୁତ୍ୱ ଦିଆଯାଇଛି । ବାରବାଟୀ ଦୁର୍ଗରୁ ବାହାରି ଦାକ୍ଷିଣ୍ୟାତ୍ୟ ଭ୍ରମଣରେ ଯାଉଥିବା ସମୟରେ କୃଷ୍ଣାନଦୀ କୂଳ 'ବିଜୟବାଡ଼ା'ରେ ପହଂଚିବାର ଅଳ୍ପ ସମୟ ପରେ ମୃତ୍ୟୁ ବରଣ କରିଥିବାରୁ, ଉପନ୍ୟାସର ନାମ ରହିଚି 'ବିଜୟ ବାହୁଡ଼ା' ।

ଡ଼ ନାରାୟଣ ସାହୁ ଉପନ୍ୟାସ ସଂପର୍କରେ ମତଦେବାକୁ ଯାଇ ଲେଖିଛନ୍ତି-"xxxxx ଆଠ ଶହ ବର୍ଷ ପୂର୍ବର 'ଓଡ଼ିଶା ରାଷ୍ଟ୍ର' ଗଠନ ଦେଶର ଏବଂ ଜାତିର ଗୌରବ ଭାବରେ ଉତ୍‌ଥାପନ କରିଛନ୍ତି । ଇତିହାସର ପ୍ରଚ୍ଛନ୍ନ ପୃଷ୍ଠଭୂମି ଉପରେ ଏହି ଉପନ୍ୟାସଟି ରଚନା ହୋଇଥିଲେ ମଧ୍ୟ ସ୍ଥଳ ବିଶେଷରେ ଏହା ଗଜପତି ମଉଡ଼ମଣି ଶ୍ରୀ ଶ୍ରୀ ଶ୍ରୀ କପିଳେନ୍ଦ୍ର ଦେବଙ୍କ ନିଜକଥା ଭାବରେ ଉପସ୍ଥାପିତ । (ମୁଖବନ୍ଧ, ବିଜୟ ବାହୁଡ଼ା )

କପିଳେନ୍ଦ୍ର ଦେବ କେବଳ ସମ୍ରାଟ ନ ଥିଲେ । ସେ ଥିଲେ ଓଡ଼ିଶା ଜାତିର ମଉଡ଼ମଣି ପ୍ରଭୁ ଜଗନ୍ନାଥଙ୍କ ପରମ ଭକ୍ତ ଓ ପରମ ସାଧକ । ନିଜ ଜୀବନରେ ପ୍ରତିଟି ଘଟଣାରେ ସେ ଜଗନ୍ନାଥଙ୍କୁ ଖୋଜିଛନ୍ତି ଏପରିକି ବୟସର ଶେଷ କାଳରେ ମଧ୍ୟ ବାଳୁତପ୍ରାୟ ହୋଇ ଡାକ ଛାଡ଼ିଛନ୍ତି । କାରଣ ଜଗନ୍ନାଥ ହେଉଛନ୍ତି ଓଡ଼ିଶାର ରାଷ୍ଟ୍ର ଦେବତା । ତେଣୁ ତାଙ୍କର ଆଜ୍ଞା ହେଉଛି ଗଜପତିଙ୍କ ଶିରୋଧାର୍ଯ୍ୟ । ପୃଥିବୀ ପ୍ରଳୟ ହୋଇଯାଉ, ଗଜପତି କଦାପି ତାଙ୍କର କଥାକୁ ଅବଜ୍ଞା କରିପାରିବେନି କି କରିବା କଥା କଳ୍ପନା ମଧ୍ୟ କରିପାରିବେନି । କେବଳ ଯେ ଆଦେଶ ତାହାନୁହେଁ, ଜଗନ୍ନାଥଙ୍କ ସ୍ୱପ୍ନାଦେଶ ମଧ୍ୟ ସମାନ ଭାବରେ ତାଙ୍କ ପାଖରେ ଗୁରୁତ୍ୱ ପାଇଛି । ଅଶୀବର୍ଷ ପାର କରିବା ପରେ ଯେତେବେଳେ କପିଳେନ୍ଦ୍ରଙ୍କ ନିଜର ଉତ୍ତରାଧୀକାର ନେଇ ବିଚଳିତ ସେତେବେଳେ ଜଗନ୍ନାଥଙ୍କ ପାଖରେ ନିଜକୁ ସମର୍ପ କରିଦେଇଛନ୍ତି । ନିଜର ଜ୍ୟେଷ୍ଠପୁତ୍ର ହମ୍ବୀର ଦେବ ସର୍ବଗୁଣ ଓ କର୍ମରେ ଯୋଗ୍ୟ ଥିବାଉତ୍ସ୍ୱେ ରାଣୀ ପାର୍ବତୀଙ୍କ ପରାମର୍ଶରେ ସେ ପୁରୁଷୋତ୍ତମ ଦେବଙ୍କୁ ରାଜଗାଦି ସମର୍ପଣ କରିଛନ୍ତି । ସେ ଜାଣିଛନ୍ତି ଯେ ସାନପୁଅକୁ ସାମ୍ରାଜ୍ୟ ଅର୍ପଣ କରି ସେ ପରମ୍ପରାର ବିରୋଧାଚରଣ କରିଛନ୍ତି । ପୁରୁଷୋତ୍ତମ ଦେବଙ୍କ ମା ପାର୍ବତୀ ନିଜ ପୁତ୍ରର ଗୁଣଗାନ ଓ ହମ୍ବୀର ଦେବଙ୍କ ବଦ୍‌ଗୁଣ ଶୁଣାଇ କପିଳେନ୍ଦ୍ର ଦେବଙ୍କୁ ଅତିଷ୍ଠ କରିଥିବା ସମୟରେ ସମ୍ରାଟ କିନ୍ତୁ ଆବେଶ ଭାବରେ ଚାହିଁଛନ୍ତି ପ୍ରଭୁ ଜଗନ୍ନାଥଙ୍କୁ ଏହାର ନିର୍ଣ୍ଣୟ ପାଇଁ । କାରଣ ସ୍ୱୟଂ ଜଗନ୍ନାଥ ହିଁ ପୂର୍ବର ଶ୍ରୀ ଗୀତଗୋବିନ୍ଦ ଓ ଗୀତଗୋବିନ୍ଦ ମଧ୍ୟରୁ ଶ୍ରେଷ୍ଠ କିଏ ତାହା ନିର୍ଣ୍ଣୟ କରିପାରିଛନ୍ତି । ରାଣୀ ପାର୍ବତୀଙ୍କୁ ଜଗନ୍ନାଥଙ୍କ ସ୍ୱପ୍ନାଦେଶ କଥା ଜଗନ୍ନାଥର ମନ୍ଦିର ଘୋଷଣା କରି କପିଳେନ୍ଦ୍ର ଦେବ ଉତ୍ତରାଧିକାରୀ ଚୟନ କରି କହିଛନ୍ତି- "ନା, ପାର୍ବତୀଙ୍କୁ କାଲି ରାତିରେ ଚରମ ପ୍ରତିଶ୍ରୁତି ଦେଇ ସାରିଛି । ପୁରୁଷୋତ୍ତମ ଦେବ ହେବ ମୋ ଅନ୍ତେ ଗଜପତି !"ପୁରୁଷୋତ୍ତମ ଓଡ଼ିଶାର ଦ୍ୱିତୀୟ ଗଜପତି । (୪୦,ବିଜୟ ବାହୁଡ଼ା )

ଗଜପତିର ବିଶ୍ୱାସ ଥିଲା ଶ୍ରୀ ଜଗନ୍ନାଥ ମନ୍ଦିରରେ ଯଦି ସ୍ୱପ୍ନକଥାକୁ ଘୋଷଣା କରାଯାଏ ଏହାର ବିଶେଷ ପ୍ରତିବାଦ ହେବନି । ଯଦିଓ ଅନେକ ବ୍ୟକ୍ତି ଏ କଥାକୁ ବିଶ୍ୱାସ କରୁନଥିବେ ତେବେ ମଧ୍ୟ ଏହା ବିରୋଧରେ ବିଦ୍ରୋହ ହେବନି । କାରଣ ଓଡ଼ିଶାର ଦେଶରେ ବାସକରି ପ୍ରଭୁ ଜଗନ୍ନାଥଙ୍କ ଦ୍ରୋହୀ ହେବ କିଏ ? ବାସ୍ତବରେ ନିଜର ୩୩ ବର୍ଷର ଅକ୍ଳାନ୍ତ ପରିଶ୍ରମରେ ତିଆରି କରିଥିବା ବିଶାଳ ସାମ୍ରାଜ୍ୟର ଉତ୍ତରାଧିକାରୀ ଚୟନରେ ଏ ବିରଳ ତଥା ଅନୁପମ ପଦ୍ଧତିକୁ ଗ୍ରହଣ କରିଥିବା ଗଜପତିଙ୍କର ଜଗନ୍ନାଥଙ୍କ ପ୍ରତି ଥିବା ସମ୍ମାନକୁ ଦେଖି ଜଣାପଡ଼ିଥାଏ ଏହି କଳା ଠାକୁର ହିଁ ଦେଉଛନ୍ତି ଓଡ଼ିଶାର ପ୍ରକୃତ ସମ୍ରାଟ, ଓଡ଼ିଆ ରାଷ୍ଟ୍ରବାଦର ଆଧାର ।

ଉପନ୍ୟାସରେ କପିଳେନ୍ଦ୍ର ଦେବଙ୍କର ସିଂହାସନ ଆରୋହଣ ସମୟକୁ ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି ଲେଖକ । ଯାହା ମଧ୍ୟରେ ଫୁଟି ଉଠିଛି ରାଷ୍ଟ୍ରବାଦର ଅନୁପମ ଚିତ୍ର । ଜଣେ ଦେଶପ୍ରେମୀ ସେନାପତି ଭାବରେ କପିଳେନ୍ଦ୍ର ଦେବ ମତ୍ତଭାନୁଦେବ ଅଧୀନରେ କାର୍ଯ୍ୟ କରିଛନ୍ତି । ଦେଶର ଉନ୍ନତି ଓ ରାଜ୍ୟର ନିରାପତ୍ତାକୁ ସଦାସର୍ବଦା ନୀତିଗତ ଦୃଷ୍ଟିରେ ବିଚାର କରିଛନ୍ତି । ଏହି ହେତୁରୁ କପିଳେନ୍ଦ୍ର ଓଡ଼ିଶାର ପ୍ରଶାସନିକ କର୍ମଚାରିଙ୍କ ନିମିତ୍ତ ସୂର୍ଯ୍ୟସମ ପ୍ରତୀୟମାନ ହୋଇଛନ୍ତି । ଏହି ହେତୁ ଓଡ଼ିଆ ଜାତିକୁ ଅଧପତନରୁ ଉଦ୍ଧାର କରି ଜଣେ ଯୋଗ୍ୟ ସେନାପତିଙ୍କ ହାତରେ ସମର୍ପଣ କରିବାର ଆକାଂକ୍ଷା ରଖି ତାଙ୍କୁ ଅନୁରୋଧ କରିଛନ୍ତି-"ନିଜର ମତ ରଖି ବୀର କପିଳେନ୍ଦ୍ର । ଓଡ଼ିଶାର ପାତ୍ରମନ୍ତ୍ରୀ ଚାହାନ୍ତି ଜୀବନ୍ତ ଓଡ଼ିଆ ସମର ଓଡ଼ିଶା ଶାସନ । ଚାହାନ୍ତିନି ରାଜଶକ୍ତି ହୀନବଳ ହୋଇ ବହୁମାସ ସୀମାରେ ଛପିଯିବ । ଶତ୍ରୁ ପାଖରେ ଶରଣ ପଶିବ । ଶରଣ ପଶିଲେ କଣ କେବେ ଶତ୍ରୁ ସୀମା ଛାଡ଼ି ଚାଲିଯିବ ?" (୨୫- ବିଜୟ ବାହୁଡ଼ା) କିନ୍ତୁ ବୀର କପିଳେନ୍ଦ୍ର ଦେବ ପରମ ବିଶ୍ୱସ୍ତ । ଅନୁତପ୍ତ ମଧ୍ୟ ରାଜାଜ୍ଞା ହେତୁ ଯୁଦ୍ଧ ସମୟରେ

ଯୋଗ ଦେଇ ପାରିନଥିବାରୁ । କିନ୍ତୁ ମତ୍ତଭାନୁଦେବଙ୍କ ଦୁର୍ବଳ ରାଜନୀତି ହେତୁ ବିଶାଖାପାଟଣାର ପତନ ସହିତ ଓଡ଼ିଶାର ପାତ୍ର, ମାହାପାତ୍ର, ପ୍ରଶାସକ, ମନ୍ଦିର ରକ୍ଷକ ଓଡ଼ିଶାର ସୁରକ୍ଷାପାଇଁ ଓଡ଼ିଶାକୁ ଅନ୍ଧକାର ଭିତରକୁ ଯିବା ପୂର୍ବରୁ ରକ୍ଷା କରିବା ନିମିତ୍ତ ଚରମ ନିଷ୍ପତ୍ତି ନେଇଛନ୍ତି । ପ୍ରସ୍ତାବ ଦେଇଛନ୍ତି କପିଳେନ୍ଦ୍ରଙ୍କୁ ଓଡ଼ିଶାର ଶାସନଭାର ଗ୍ରହଣ କରିବା ପାଇଁ । କାରଣ ବେଦରେ ମଧ୍ୟ ରାଷ୍ଟ୍ରର ଉନ୍ନତି ପାଇଁ ଯୋଗ୍ୟ ସେନାପତିଙ୍କ ଆବଶ୍ୟକତାକୁ ସ୍ୱୀକାର କରାଯାଇ ଶତମୁଖରେ ପ୍ରଶଂସା କରାଯାଇଛି । 'ରାଷ୍ଟ୍ରେ ରାଜନ୍ୟଃ ଶୁର'- (ଅଥର୍ବ ବେଦ ୨୨-୨୨) ବେଦ ମନ୍ତ୍ରରେ ସେନା ସଂଚାଳନରେ ଦକ୍ଷ ଶୁରବୀର କ୍ଷତ୍ରୀ, ଶତ୍ରୁକୁ ପରାସ୍ତ କରିପାରୁଥିବା ସାମର୍ଥ୍ୟବାନ ଯୋଦ୍ଧାର ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଇଛି । କାରଣ ସମସ୍ତ ଉନ୍ନତି ଓ ଜ୍ଞାନସ୍ୱତ୍ତେ ରାଜ୍ୟର ସୁରକ୍ଷା ବିନା ସେସବୁ ଗୋଟିଏ ସମୟର ମୂଲ୍ୟହୀନ ମନେହୁଏ । ବୈଦ୍ୟ ଗୁରୁଦତ୍ତ ଲେଖନ୍ତି-"କୁଛଭି ହୋ, ସିଦ୍ଧାନ୍ତ ୟହୈ କି ରାଷ୍ଟ୍ର ମେଁ ବୀର ବୁଦ୍ଧିମାନ ଯୋଦ୍ଧା ହୋଁ । ରାଷ୍ଟ୍ର ମେଁ ବାଦନ ଔର ଶାସ୍ତ୍ରାସ୍ତ୍ର ସର୍ବଶ୍ରେଷ୍ଠ ହୋ ଔର ସେନା ନାୟକ ବୁଦ୍ଧିମାନ ଔର ସମର୍ଥ୍ୟବାନ ହୋଁ । ୟହ ରାଷ୍ଟ୍ର କା ଦୁସରା ଗୁଣ ହୈ ।" (-୨୮-ଭାରତ ମେଁ ରାଷ୍ଟ୍ର)

ବେଦ ବର୍ଣ୍ଣିତ ସେହି ଯୋଦ୍ଧା ଯେ ରାଷ୍ଟ୍ରର ରକ୍ଷାରେ ଶତତଃ ସଫଳ ହୋଇପାରିବାରେ ଆସ୍ପର୍ଦ୍ଧା ରଖେ ସେ ହେଉଛନ୍ତି ବୀର କପିଳେନ୍ଦ୍ର ଦେବ । କିନ୍ତୁ ସେ କ୍ଷମତା ଲୋଭୀ ନୁହନ୍ତି । ଏଥି ସହିତ ଗଙ୍ଗ ରାଜାଙ୍କ ସମର୍ଥକ ବିଦ୍ରୋହ କରି ନିଜକୁ ସ୍ୱତନ୍ତ୍ର ଘୋଷଣା କରିବାର ସମ୍ଭାବନାକୁ କପିଳେନ୍ଦ୍ର ଦେବ ଅନୁମାନ କରିପାରିଛନ୍ତି । ଏହା ହେଲେ ଓଡ଼ିଶା ସମ୍ରାଜ୍ୟର ଏକତା ଓ ଅଖଣ୍ଡତା ପ୍ରତି ବିପଦା ପନ୍ନ ହେବ । ତେଣୁ ନିର୍ଲୋଭ ମନରେ କହିଛନ୍ତି-"ନା, ଅସମ୍ଭବ । କପିଳେନ୍ଦ୍ର ଗଙ୍ଗ ସେନାପତି, ତା ରକ୍ତରେ ଗଜପତିଙ୍କ ସୁରକ୍ଷାର ଉଷ୍ମତା ରହିଛି । ସିଏ ଘର ଢ଼ୀଙ୍କି କୁମ୍ଭୀର ହୋଇ ପାରିବ ନାହିଁ ।" (୨୬-ବିଜୟ ବାହୁଡ଼ା) ଏହି ମନ୍ତବ୍ୟରୁ ଜଣେ ରାଷ୍ଟ୍ରପ୍ରେମୀ ସମର୍ଥ ଶାସକଙ୍କ ଗୁଣ ସ୍ପଷ୍ଟ ଭାବରେ ଦୃଢ଼ ହୋଇ ଫୁଟିଉଠିଛି । କ୍ଷମତା ପାଇଁ ନିଜର ଅନ୍ନଦାତାଙ୍କ ବିରୋଧରେ ଜିବାକୁ ସେ ରାଜି ରୋଇ ନାହାନ୍ତି । ଯଦି ମୁଖ୍ୟ ସେନାପତି ହିଁ ବିଦ୍ରୋହ କରିବେ ତେବେ ରାଜ୍ୟର ସୁରକ୍ଷା ସବୁ ସମୟରେ ବିପଦାପନ୍ନ ହେବାର ସମ୍ଭାବନା ରହିଛି । ତେବେ ଓଡ଼ିଶାର ମୁଖ୍ୟ ମହାପାତ୍ରଙ୍କ ଯୁକ୍ତି ଆଗରେ ସେ ଠିଆହୋଇ ପାରିନାହାନ୍ତି । ନିଜର ସ୍ୱାର୍ଥ ବଦଳରେ ଦେଖଛନ୍ତି ଛାରଖାର ହୋଇଯାଇଥିବା ଓଡ଼ିଶାକୁ । ରାଜଗାଦିରେ ବସି ଦୁର୍ଗତ ପ୍ରଜାଙ୍କୁ ରକ୍ଷା କରିବାକୁ ପଣ କରିଛନ୍ତି । ବିଚାର କରିଛନ୍ତି ଓଡ଼ିଶାର କଳା ଭାସ୍କର୍ଯ୍ୟ ତଥା ରାଷ୍ଟ୍ରଦେବତା ଜଗନ୍ନାଥଙ୍କୁ ବିଧ୍ୱଂସୀ କବଳରୁ ରକ୍ଷା କରିବା ନିତାନ୍ତ ଆବଶ୍ୟକ । ଯଦିବା ଗୁପ୍ତରେ ସିଂହାସନ ଆରୋହଣ କରିଥିଲେ ଏବଂ ତିନି ଦଶନ୍ଧି ଧରି ଓଡ଼ିଶାର ପ୍ରଜା, ସୀମା ତଥା ପ୍ରଜାର ଆଦିର ସେବାକୁ ସେ ନିଜର ବ୍ରତ ବିଚାର କରିଛନ୍ତି । ବ୍ୟକ୍ତିଗତ ପରିଚୟ ଲୁପ୍ତ କରାଇପାରିଛନ୍ତି ଓଡ଼ିଶାର ଗଜପତି କପିଳେନ୍ଦ୍ର ଦେବ, ଯାହାଙ୍କ ନାମ ଉଚ୍ଚାରଣ କରି ଓ ଡ଼ିଆ ପାଇକ ଗର୍ବରେ ଉତ୍ପୁଳିତ ହୋଇଉଠେ । ସମସ୍ତ କ୍ଷମତା ସ୍ୱତ୍ତ୍ୱେ ସେ ହେଉଛନ୍ତି ପ୍ରଭୁଙ୍କ ସେବକ । ଜଗନ୍ନାଥଙ୍କ ଆଗରେ ନତଜାନୁ ହୋଇ ପ୍ରାର୍ଥନା କରିଛନ୍ତି- "ପ୍ରଭୁ ମୋତେ ସତ୍ ସାହସ ଦିଅନ୍ତୁ । ପ୍ରତିଜ୍ଞା କରୁଛି ତୁମ ସାନ୍ନିଧ୍ୟରେ ମୁଁ ମୋର ସମସ୍ତ ଲକ୍ଷ୍ୟ ହାସଲ କରିବି । ତୁମ ସହିତ ବିଶାଳ ଓଡ଼ିଶା ରାଜ୍ୟ ହେବ ମୋର ପରମ ଲକ୍ଷ । ଓଡ଼ିଶା ସାଧନ କରିବ ସର୍ବାଙ୍ଗୀନ ଉନ୍ନତି । ଧନ ଜନ ଅର୍ଥ ଓ ମାନରେ ବିକାଶ ।"(୨୯, ବିଜୟ ବାହୁଡ଼ା)

ଉପନ୍ୟାସରେ କପିଳେନ୍ଦ୍ର ଦେବଙ୍କ ଦାକ୍ଷିଣାତ୍ୟ ଗମନ କାଳର ରାସ୍ତାରେ ପଡୁଥିବା କଳିଙ୍ଗପାଟଣା, ସୀମାଦ୍ରି, ଅନକାପଲା, ବାଲେମଝିଲି, ରାଜମହେନ୍ଦ୍ରୀ, କୋଲୁରୁ ଦୁର୍ଗ, କୋଣ୍ଡାପାଲି, କୋଣ୍ଡାଭିଡ୍ଡୁ, ବିଜୟବାଡ଼ା ଆଦି ଦୁର୍ଗର ବର୍ଣ୍ଣନା ସହିତ ଆମେ ଦେଖିବାକୁ ପାଉଁ ଜଗପତି ବାହିନୀର ପରାକ୍ରମ । ଏ ପରାକ୍ରମ ଓଡ଼ିଆ ଅସ୍ମିତା ପ୍ରତିଷ୍ଠା ନିମିତ୍ତ, ଜଗନ୍ନାଥଙ୍କର ମହିମା ପ୍ରସାର ନିମିତ୍ତ। ତେଣୁ ପ୍ରତିଟି ଦୁର୍ଗରେ ଗଜନ୍ନାଥ ମନ୍ଦିର ପ୍ରତିଷ୍ଠା ହୋଇଛି ଓଡ଼ିଆ ପାଇକମାନଙ୍କ ପାଇଁ । ଯେଉଁ ସମାଜ ନିଜର ସଭ୍ୟତା ସଂସ୍କୃତିକୁ ସମ୍ମାନ ଦିଏ ତାହାର ବିକାଶ ନିମତ୍ତେ ନିରନ୍ତର ଉଦ୍ଯ୍ୟମ କରେ ସେ ସମାଜ ନିଜକୁ ସ'ଳ କରିପାରିଥାଏ । ସେଠାକାର ଅଧିବାସିଙ୍କ ହୃଦୟରେ ଜାଗ୍ରତ ହୁଏ ରାଷ୍ଟ୍ରପ୍ରେମ ଯାହା ନିରାପତ୍ତା ସହିତ ରାଷ୍ଟ୍ରର ସର୍ବାଙ୍ଗୀନ ଉନ୍ନତି କରିବାରେ ସହାୟକ ହୁଏ । କପିଳେନ୍ଦ୍ର ଦେବ ଓଡ଼ିଆ ଜାତିକୁ ଏଥି ନିମତ୍ତେ ସମର୍ଥ କରିବାର ପଣ କରିଛନ୍ତି । ସେହି ଅର୍ଥରେ ପ୍ରତି ଦୁର୍ଗରେ ନିର୍ମିତ ପ୍ରଭୁ ଜଗନ୍ନାଥଙ୍କ ମନ୍ଦିର । ଓଡ଼ିଶାର ନୌବାଣିଜ୍ୟ ସଂସ୍କୃତି ଉପରେ କପିଳେନ୍ଦ୍ର ଦେବ ଗର୍ବ କରିବା ସହିତ ମହାପାତ୍ରଙ୍କ ସହିତ କଳିଙ୍ଗପାଟଣାରେ ଆରବୀ ଜଳଦସ୍ୟୁ ସମସ୍ୟା ସଂପର୍କରେ ମଧ୍ୟ ଆଲୋଚନା କରିଛନ୍ତି । ଓଡ଼ିଆ ନୌବାଣିଜ୍ୟ ମାଧ୍ୟମରେ କିପରି ବିଭିନ୍ନ ଦେଶରେ ଉପନିବେଶ ସ୍ଥାପନ କରିଥିଲା ସେହିସବୁ ବର୍ଣ୍ଣନା ଦେବାକୁ ଯାଇ ଲେଖିଛନ୍ତି- "ନୌବାଣିଜ୍ୟ ଆମ କଳିଙ୍ଗ ଉତ୍କଳର କୌଳିକ ବୃତ୍ତି ହୋଇଯାଇଥିଲା । ଏବେ ସେହି ଜୁଆରଟା ଭଟ୍ଟା ପଡ଼ିବାକୁ ବସିଲାଣି । ସମୁଦାୟ ସୁବର୍ଣ୍ଣ ଦ୍ୱୀପରେ କେତେ ସଂଖ୍ୟାରେ ଆମ ଓଡ଼ିଆ ଲୋକ ବସାବାନ୍ଧି ବର୍ଦ୍ଧମାନ ମହାବୀର ଏବଂ ବୁଦ୍ଧଙ୍କ ଆବିର୍ଭାବର ସହସ୍ରାବ୍ଦ ଆଗରୁ ରହିଯାଇଛନ୍ତି । କେତେକେତେ କଳିଙ୍ଗ ବଂଶଜ ସେହି ଦ୍ୱୀପଗୁଡ଼ିକରେ ଶାସନ ଦାୟିତ୍ୱରେ ଅଛନ୍ତି । ସେଠାରେ ବି ଆମ ଓଡ଼ିଶା ପରି ଗଜନ୍ନାଥ ମନ୍ଦିର, ବୌଦ୍ଧ ମନ୍ଦିର ଓ କୀର୍ତ୍ତିରାଜି ରହିଛି । ଆମରି ଶିଳାଶିଳ୍ପୀମାନେ ବି ସେଇଠି ଅଛନ୍ତି ଆଉ ଆମରି ସ୍ଥାପତ୍ୟର ସେଠାକୁ ପ୍ରସାର ଘଟିଛି । ସେହି ଓଡ଼ିଆ ଉପନିବେଶଗୁଡ଼ିକ କହିବାକୁ ଗଲେ, ମୂଳଦେଶ ଓଡ଼ିଶାଠାରୁ ବିଚ୍ଛିନ୍ନ ହୋଇଛନ୍ତି ।" (୮୩-ବିଜୟ ବାହୁଡ଼ା) ଗୋଟେପଟେ ଗଜପତି ମହାରାଜା ଓଡ଼ିଶାର ସେନାବାହିନୀକୁ ସଶକ୍ତ କରି ଏକ ସୁନ୍ଦର, ନୈତିକ ତଥା ଶକ୍ତିଶାଳୀ ଓଡ଼ିଶା ଗଠନର ସ୍ୱପ୍ନରେ ତିନି ଦଶନ୍ଧିଧରି କାର୍ଯ୍ୟରତ

ଥିବାବେଳେ ବିଭିନ୍ନ ଦ୍ୱୀପରେ ଥିବା ଓଡ଼ିଆ ସଂସ୍କୃତି ସହିତ ସଂପର୍କ ଛିନ୍ନ ହେବା ତାଙ୍କର ହୃଦୟକୁ କଷ୍ଟ ଦେଇଛି । କାରଣ ନିରନ୍ତର ଯୁଦ୍ଧ ଓ ବିଦ୍ରୋହ ଦମନରେ ବ୍ୟସ୍ତ ଥିବା ହେତୁ ଓଡ଼ିଶା ବାହାରର ଓଡ଼ିଆ ସମାଜ ଉପରେ ଧ୍ୟାନଦେଇ ପାରିନାହାନ୍ତି । ଜଣେ ଦେଶପ୍ରେମୀ ଲୋକପାଇଁ ନିଜର ପୂର୍ବପୁରୁଷଙ୍କ ଠାରୁ ଦୂରେଇ ରହିବା, ନିଜ ସଂସ୍କୃତିର ସୁରକ୍ଷା କରିନପାରିବା ତଥା ଓଡ଼ିଶା ଉନ୍ନତିର ମୂଳ ଆଧାର ନୌବାଣିଜ୍ୟ ଉପରେ ଜଳଦସ୍ୟୁଙ୍କ ଦ୍ୱାରା ବ୍ୟାହତ ସୃଷ୍ଟି ଦେବା ଭଳି ଘଟଣା ଅତ୍ୟନ୍ତ ହୃଦୟ ବିଦାରକ । ପୁନଶ୍ଚ ମୁଳ ଓଡ଼ିଶା ଉପରେ ତୁର୍କ ଓ ଅଁଗାନ ହିନ୍ଦୁ ସଭ୍ୟତା ଧ୍ୱଂସରେ ପ୍ରବୃତ୍ତ ଥିବା ବେଳେ ଜଗପତି ବାହିନୀ ତାହାର ପ୍ରତିହତ କରିବାରେ ଲାଗିଛନ୍ତି । ତେଣୁ ଜାଭା, ସୁମାତ୍ରା, ମାଳୟରେ ବସବାସ କରୁଥିବା ଓଡ଼ିଆ ଜାତିର ସହିତ ସଂପର୍କ ରକ୍ଷା ହେଉନାହିଁ ଭାବି ଦୀର୍ଘଶ୍ୱାସ ଛା ଡ଼ି କହିଛନ୍ତି-" ଏବେ ଆମେ ସମସ୍ୟା ଘେରରେ ରହିଛୁ । ଆମେ ସେହି ଓଡ଼ିଆ ଉପନିବେଶଗୁଡ଼ିକ ସହିତ ଯୋଗାଯୋଗ ଆଉ ସମ୍ଭବ ହୋଇନାହିଁ । ଏହି ଅଫଗାନ ତୁର୍କ ଆରବ ଲୋକମାନେ ଆମ ସଂସ୍କୃତି ଉପରେ ଶକ୍ତ ପ୍ରହାର କରିବାରେ ଲାଗିଛନ୍ତି । ସେମାନେ ନୌପଥରେ ଗମନା-ଗମନର ଯେତେ ବିକାଶ ଘଟାଇଲେ ବି ମାନବିକତା ହରେଇ ଧର୍ମ ପ୍ରଚାର, ଦସ୍ୟୁଗିରି, କ୍ରୀତଦାସ ବ୍ୟବହାର ପରି ଅମାନବିକ କୁତ୍ସିତ କର୍ମକରି ଧର୍ମପଥକୁ ନଷ୍ଟ କରିବାରେ ଲାଗିଛନ୍ତି ।" (୮୪-ବିଜୟ ବାହୁଡ଼ା ) ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ସଂସ୍କୃତି ନେଇ ହିଁ ଭେଦ କରାଯାଇଥାଏ । ସଂସ୍କୃତି ହିଁ ହେଉଛି ରାଷ୍ଟ୍ରର ଆଧାର । ଏହାକୁ ବ୍ୟକ୍ତ କରିବାକୁ ଯାଇ ଗୁରୁଦତ୍ତ ଲେଖିଛନ୍ତି- "ରାଷ୍ଟ୍ର କୀ ଏକ ଆତ୍ମା ଔର ମନ ହୋତା ହୈ, ଜିସସେ ଏକ ରାଷ୍ଟ୍ର ଔର ଦୁସରା ରାଷ୍ଟ୍ର ମେ ବିବିଧତା ହୈ ।" (୪୬, ଭାରତ ମେ ରାଷ୍ଟ୍ର) ଅର୍ଥାତ୍ ଆତ୍ମା ଓ ମନ, ଜ୍ଞାନ ଓ ସଂସ୍କାରର ଅନ୍ୟ ଏକ ରୂପ । ଗଜପତିଙ୍କ ମନ୍ତବ୍ୟରେ ନିଜର କର୍ମକୁ ଭଗବାନ ବିଚାର କରୁଥିବା ଓଡ଼ିଆଜାତି ସମୁଦ୍ରକୁ ଦେବ ସ୍ୱରୂପ ପବିତ୍ର ବୋଲି ଆରାଧନା କରୁଥିବା ସମୟରେ ଆରବିକ ଜାତି ମାନବଚାଲାଣ, ଦସ୍ୟୁଗିରି ପ୍ରଭୃତି କାର୍ଯ୍ୟ ସମୁଦ୍ର ମାଧ୍ୟମରେ କରିଥିବା ପ୍ରମାଣ ମିଳୁଛି । ଏଠି କେବଳ ସଂସ୍କୃତି ଓ ଅପସଂସ୍କୃତି ମଧ୍ୟରେ ସଂଘର୍ଷ ଘଟୁନାହିଁ । ଉତ୍କଳ ରାଷ୍ଟ୍ର ଓ ସଂସ୍କୃତି ହୀନ ଆରବିକ ଅରାଷ୍ଟ୍ର (ହୀନ, ବର୍ବର, ଲୁଟେରା, ଅସଭ୍ୟ ସମାଜ) ମଧ୍ୟରେ ସଂଘର୍ଷ ଘଟିଛି । ଏହି ସଂଘର୍ଷର ପ୍ରତି଼ଳ ସଂପର୍କର ଚିନ୍ତାକରି ରାଷ୍ଟ୍ରପ୍ରେମୀ କପିଳେନ୍ଦ୍ର ଦେବ ବିଶେଷ ଚିନ୍ତିତ ହୋଇଥିବା ଦେଖିବାକୁ ପାଇବା ।

ଭାଷା ଗୋଟିଏ ଜାତିର ପରିଚୟ, ଅସ୍ମିତାର ବାହକ ଓ ସଂସ୍କୃତି ପରମ୍ପରା ତଥା ସର୍ବୋପରି ଜାତିର ଜୀବନ ରେଖାର ବାହକ । ଏହି କାରଣରୁ କପିଳେନ୍ଦ୍ର ଦେବ ନିଜେ ଓଡ଼ିଆ ଭାଷାର ପୃଷ୍ଟପୋଷକତା କରିଛନ୍ତି । ନିଜ ରଚିତ ପର୍ଶୁରାମ ବିଜୟ ନାଟକରେ ଓଡ଼ିଆ ସଙ୍ଗୀତର ପ୍ରୟୋଗ ମଧ୍ୟ କରିଛନ୍ତି । ନିଜ ନାତୀ ଦକ୍ଷିଣେଶ୍ୱର ପରିଚ୍ଛାଙ୍କ ପାଇଁ ସେ ଅଡ଼ିଆ ପଢ଼ିବାର ବ୍ୟବସ୍ଥା କରିଛନ୍ତି । (୧୪୪, ବିଜୟ ବାହୁଡ଼ା) ତାଙ୍କର ଓଡ଼ିଆ ପ୍ରେମ ହେତୁ ହିଁ ସାରଳା ଦାସ ମହାଭାରତ ଲେଖି ସଂପୂର୍ଣ୍ଣ କରିପାରିଲେ । ଉପନ୍ୟାସର ଲେଖକଙ୍କ ବକ୍ତବ୍ୟରେ କପିଳେନ୍ଦ୍ର ଦେବଙ୍କ ଓଡ଼ିଆ ପ୍ରେମର ସୂଚନାଦେଇ କୁହାଇଛନ୍ତି- ଏହିଭଳି ଏକ ଘଡ଼ିସନ୍ଧିରେ ଓଡ଼ିଆ ଥାଟ ଗଠନର ଅବକାଶରେ ଗଜପତି ଗୌଡ଼େଶ୍ୱର ଟୋଳି ପାରିଥିଲେ ଓଡ଼ିଆ ରାଷ୍ଟ୍ର, ଓଡ଼ିଆ ଭାଷା ଏବଂ ଓଡ଼ିଆ ସଂସ୍କୃତି । xxxx ସେ ଉଚ୍ଚମନା, ଉଚ୍ଚଭିଳାଷୀ ହେତୁ ରାଜ୍ୟକୁ କରିଛନ୍ତି ଓଡ଼ିଶାରାଷ୍ଟ୍ର, ଆଦରିଛନ୍ତି ମାତୃଭାଷାକୁ ଓଡ଼ିଆ ଭାଷା ଆଉ ପ୍ରଚଳନ କରିଛନ୍ତି ଓଡ଼ିଆ ସ୍ୱର୍ଣ୍ଣମୁଦ୍ରା ପାଗୋଡ଼ା । (୯୩, ବିଜୟ ବାହୁଡ଼ା)

ଏହି ଗଜପତି କିନ୍ତୁ ବାତୁଳ ପ୍ରାୟ ହୋଇ ଶେଷ ସମୟରେ ଘୁରିବୁଲିଛନ୍ତି ଦୁର୍ଗରୁ ଦୁର୍ଗ । ଏହି ପାଗଳ ପ୍ରାୟ ଅବସ୍ଥାରେ ମଧ୍ୟ ତାଙ୍କ ମୁଖରୁ ଓଡ଼ିଆ ସେନାର ପରାକ୍ରମ, ଓଡ଼ିଶା ସାମ୍ରାଜ୍ୟର ଜୟଗାନ, ପ୍ରଭୁ ଜଗନ୍ନାଥଙ୍କ କରୁଣାପୂର୍ଣ୍ଣ ଚାହାଣୀର ବର୍ଣ୍ଣନା ଝରିପଡ଼ିଛି । ଏସବୁ ତାଙ୍କୁ ଓଡ଼ିଆ ସଂସ୍କୃତି, ଓଡ଼ିଆ ଜାତି, ଓଡ଼ିଆ ସଭ୍ୟତାର ଅନ୍ୟତମ ପ୍ରତିନିଧି ଭାବରେ ଇତିହାସ ସ୍ଥାନ ଦିଏ ।

ଉପନ୍ୟାସରେ କପିଳେନ୍ଦ୍ର ଦେବଙ୍କ ଚରିତ୍ରକୁ ଯେ କେବଳ ଜଗନ୍ନାଥଙ୍କ ଭକ୍ତ ଭାବରେ ଚିତ୍ରଣ କରିଛନ୍ତି ତାହା ନୁହଁ; ଏହାରି ମଧ୍ୟରେ ଫୁଟି ଉଠିଛି ଜଣେ ରାଷ୍ଟ୍ରବାଦୀ ଚରିତ୍ରର ଅନ୍ତର ଆତ୍ମା । ଓଡ଼ିଆ ଭାଷା, ସଂସ୍କୃତି ଓ ଚଳଣୀର ମୂଳରୂପକୁ ଭଲପାଇ ତାହାର ପ୍ରଚାର ପ୍ରସାର କରେଇବାରେ ସଫଳ ହୋଇଛନ୍ତି । ସ୍ତୁତି ଚାରଣ ଓ ରାଜକୀୟ ଆଲୋଚନା ମଧ୍ୟରେ ତାଙ୍କ ହୃଦୟର ରାଷ୍ଟ୍ରବାଦୀ ସତ୍ତାଟି ବାରମ୍ବାର ଦର୍ଶନ ଦେଇଛି ।

**ସହାୟକ ଗ୍ରନ୍ଥସୂଚୀ :**


୧. ଜେନା, ଇନ୍ଦ୍ରମଣୀ, ଦିଗବିଜୟୀ ଗଜପତି (ବିଜୟ ବାହୁଡ଼ା ), ବ୍ଲାକଇଗଲ ବୁକ୍ସ, ଭୁବନେଶ୍ୱର, ଓଡ଼ିଶା, ୨୦୨୩

୨. ମହାପାତ୍ର, ଗୋଦାବରୀଶ, କପିଳେନ୍ଦ୍ର ଦେବ, ସାରସ୍ୱତ ଭଣ୍ଡାର, ବାଲୁବଜାର, କଟକ, ୧୯୩୧

୩. ବୈଦ୍ୟ, ଗୁରୁଦତ୍ତ, ଭାରତ ମେଁ ରାଷ୍ଟ୍ର, ହିନ୍ଦୀ ସାହିତ୍ୟ ସଦନ, ନୂଆଦିଲ୍ଲୀ, ୧୧୦୦୫

୪. ନନ୍ଦ, ନିହାର ରଞ୍ଜନ, ଗଜପତି କପିଳେନ୍ଦ୍ର ଦେବ, ଏସ୍ୟୁବିବିୟୁ, ବିଶେଶ୍ୱର ନଗର, କର୍ଣ୍ଣାଟକ, ୨୦୨୩

୫. ହରି, ରାଙ୍ଗା, ଭାରତ କେ ରାଷ୍ଟ୍ରତ୍ୱ କା ଅନନ୍ତ ପ୍ରବାହ, ବିମର୍ଶ ପ୍ରକାଶନ, ନୂଆଦିଲ୍ଲୀ, ୨୦୨୦


❖ ❖ ❖

DOI :https://doi.org/10.5281/zenodo.14545907 ମୂଳ ପ୍ରବନ୍ଧ

# କବିତା ବାରିକଙ୍କ ଉପନ୍ୟାସରେ ନାରୀବାଦୀ ଚେତନା

**ଆକାଶ କୁମାର ସିଂହ**

**ସଂକ୍ଷିପ୍ତ ସାର :**

ଅଶୀ ପରବର୍ତ୍ତୀ କାଳରେ ଓଡ଼ିଆ ସାହିତ୍ୟରେ ନାରୀ ଅସ୍ମିତାକୁ ନେଇ ଅନେକ ଉପନ୍ୟାସ ରଚିତ ହୋଇଥିବା ସ୍ଥଳେ କବିତା ବାରିକଙ୍କ ଉପନ୍ୟାସ ସମୂହ ବାରିହୋଇ ପଡ଼ନ୍ତି । ଯୌତୁକ ନିର୍ଯ୍ୟାତନା, ଲମ୍ପଟ ପୁରୁଷଙ୍କ ବହୁ ବିବାହ, ମଦ୍ୟପ ସ୍ୱାମୀର ଅତ୍ୟାଚାର, ବୃଦ୍ଧ ବିବାହ, ଅର୍ଥ ଲୋଭରେ ବେଶ୍ୟାବୃତ୍ତି ପ୍ରଭୃତି ସମସ୍ୟାକୁ ନେଇ ତାଙ୍କ ଉପନ୍ୟାସ ପରିପୁଷ୍ଟ । ଏସବୁ ସମସ୍ୟା ନିଖୁଣ ଭାବରେ ଉପନ୍ୟାସଗୁଡ଼ିକରେ ପ୍ରତି'ଳିତ ହେଉଥିବାରୁ କାଥାବସ୍ତୁ ସବୁ ଜୀବନ୍ତ ମନେହୁଏ । ଜଣେ ନାରୀ ଭାବରେ ନିଜ ବ୍ୟକ୍ତି ଜୀବନର ଅନୁଭୂତି, କର୍ମମୟ ଜୀବନର ଅନୁଭବ ତଥା ସାମାଜିକ ପରିସ୍ଥିତିକୁ ବିଶ୍ଳେଷଣ କରିପାରିବାର ମନୋବୃତ୍ତିର ଫଳ ହେଉଛି ତାଙ୍କର ଉପନ୍ୟାସ ଜଗତ । ଏହି କାରଣରୁ ନାରୀ ସମାଜର ବହୁବିଧ ସମସ୍ୟା ବିବିଧ ରୂପରେ ଉପନ୍ୟାସରେ ସମୂହରେ ପ୍ରତି'ଳିତ । କ୍ଷୁଦ୍ର କଳେବର ବିଶିଷ୍ଟ ଉପନ୍ୟାସରେ ଏକାଧିକ ପ୍ରସଙ୍ଗକୁ ଉପସ୍ଥାପିତ କରିବାକୁଯାଇ ଲେଖିକା ଚରିତ୍ରସବୁର ପୂର୍ଣ୍ଣ ବିକାଶ କରେଇବାରେ ସୁଯୋଗ ପାଇପାରି ନାହାନ୍ତି । ଏହି କାରଣରୁ ଉପନ୍ୟାସର ସାମାଜିକ ଆବେଦନ ତୀବ୍ର ହୋଇଥିବା ବର୍ତ୍ତେ ନାରୀ ଚରିତ୍ର ମନରେ ରେଖାପାତ କରିପାରେ ନାହିଁ । ତଥାପି ଓଡ଼ିଆ ଉପନ୍ୟାସରେ ନାରୀକୁ ପ୍ରାଧ୍ୟାନ ଦେଇ ପ୍ରତିଷ୍ଠା ପାଇଥିବା ଲେଖିକାଙ୍କ ଭିତରେ କବିତା ବାରିକ ଆଜିବି ପ୍ରାସଙ୍ଗିକ ।

**ପ୍ରମୁଖ ଶବ୍ଦାବଳୀ :** କବିତା ବାରିକ, ନାରୀସତ୍ତା, ପୁରୁଷ, ନାରୀ ନିର୍ଯ୍ୟାତନା, ଯୌତୁକ, ନିଷ୍ପତ୍ତି, ସଂସାର, ପ୍ରେମ, ସ୍ୱାମୀ, ପୁରୁଷକୈନ୍ଦ୍ରିକ,ଅନୋଖା, ସୀମାଚନ୍ଦ୍ରମା, ବନଶ୍ରୀ ।

୧୯୮୦ ପରିବର୍ତ୍ତୀ କାଳରେ ଯେଉଁ ସାମାଜିକ ପରିବର୍ତ୍ତନ ଆସିଲା, ତାହା ଦ୍ୱାରା ଅର୍ଥ ଉପାର୍ଜନ ଜୀବନର ପ୍ରଧାନ ଲକ୍ଷ୍ୟ ହେଲା । ଅଶୀ ଦଶକ ବେଳକୁ ଭାରତୀୟ ଅର୍ଥନୀତିରେ ଯେଉଁ ଦୁର୍ଗତି ଆସିଲା ସେତେବେଳେ ନାରୀ ପୁରୁଷ ନିର୍ବିଶେଷରେ ସବୁ ବର୍ଗର ଲୋକମାନେ ଅର୍ଥ ଉପାର୍ଜନ ପାଇଁ ବାଧ୍ୟହେଲେ । ଜଗତୀକରଣର ପ୍ରଭାବରେ ସବୁଠାରୁ ଅଧିକ ପ୍ରଭାବିତ ହେଲେ ଭାରତୀୟ ନାରୀ । ସବୁବେଳେ ଘରକୋଣରେ ରହି ଜୀବନ ବିତାଇ ଦେଉଥିବା ନାରୀକୁ ସାମରିକ ବିଭାଗ ବିମାନ ଚଳାଚଳ, କ୍ରୀଡ଼ା ବିଭାଗ, କଳକାରଖାନା ଇତ୍ୟାଦି କ୍ଷେତ୍ରରେ ପ୍ରବେଶ କରିବାକୁ ହେଲା । ସେମାନେ ଏସବୁ କ୍ଷେତ୍ରରେ କେବଳ ପ୍ରବେଶ କଲେନାହିଁ, ଆଶାତୀତ ସ'ଳତା ପାଇ ପୁରୁଷଜାତିକୁ ଚମକାଇଦେଲେ । ନାରୀମାନଙ୍କର ଏ ସଫଳତାକୁ ଓଡ଼ିଆ ଔପନ୍ୟାସିକଗଣ ଅଗ୍ରାଧୀକାର ଭିତ୍ତିରେ ନିଜ ଉପନ୍ୟାସରେ ଚିତ୍ରଣ କଲେ । ଏଥି ମଧ୍ୟରୁ କବିତା ବାରିକ ହୋଇ ପଡ଼ନ୍ତି ଅନ୍ୟତମ । ସେ ଅଶୀ ପରବର୍ତ୍ତୀ କାଳର ଓଡ଼ିଆ ଉପନ୍ୟାସ ଧାରାକୁ ଉଭୟ ଚେତନାଗତ ଓ ଶିଳ୍ପକଳା ଦୃଷ୍ଟିରୁ ବହୁଭାବରେ ପରିପୁଷ୍ଟ କରିଛନ୍ତି ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢ଼ିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI:https://doi.org/10.5281/zenodo.14545907

Article No - BPP00251

**ଯୋଗାଯୋଗ :**
**ଆକାଶ କୁମାର ସିଂହ,** ଓଡ଼ିଆ ଅଧ୍ୟାପକ,
ଗୋପାଳପୁର ମହାବିଦ୍ୟାଳୟ, ଗୋପାଳପୁର (ଗଞ୍ଜାମ)
**Email -** akashkumarsingh68@gmail.com
**ORCID ID -** https://orcid.org/0009-0001-8636-2947

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୨.୮.୨୦୨୪ | ୧୦.୧୦.୨୦୨୪ | ୨୫.୧୧.୨୦୨୪ | ୧.୧୨.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ପ୍ରଧାନ, ଆକାଶ କୁମାର; ୨୦୨୪ । **କବିତା ବାରିକଙ୍କ ଉପନ୍ୟାସରେ ନାରୀବାଦୀ ଚେତନା** । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ୯ , ପୃଷ୍ଠା : ୭୦-୭୫ ।

କବିତା ବାରିକ ଇଂରାଜୀ ତା. ୦୫.୦୬.୧୯୬୦ ମସିହାରେ ମୟୂରଭଞ୍ଜର ବାରିପଦା ସହର ଠାରେ ଜନ୍ମ ଗ୍ରହଣ କରିଥିଲେ । ଡ. ବାରିକ ଜଣେ ଔପନ୍ୟାସିକା ଭାବରେ ଯେତିକି ପରିଚିତ ତାଠୁ ଅଧିକ ପରିଚିତ ଜଣେ ଗାଳ୍ପିକା ଓ ସମାଲୋଚିକା ଭାବରେ । ତାଙ୍କ ପ୍ରକାଶିତ ଉପନ୍ୟାସ ମଧ୍ୟରେ ରହିଛି 'ପର୍ଦ୍ଦାପଛର ଗୀତ' (୧୯୮୧), 'ସଂପର୍କ' (୧୯୯୨), 'ମନର ଘର' (୧୯୯୩), 'ଜୀବନ ନଈ' (୨୦୦୨), 'ଇପସିତ ସକାଳ' (୨୦୦୪), 'ତୃଷ୍ଣା' (୨୦୧୬) ଓ 'ଆମେ ହାରିନାହୁଁ' (୨୦୨୨) ।

ସାହିତ୍ୟର ଅନ୍ୟାନ୍ୟ ବିଭାଗରେ ସ୍ରଷ୍ଟାର ଯେଉଁ ସ୍ୱାଧୀନତା ନ ଥାଏ ଉପନ୍ୟାସରେ ସ୍ରଷ୍ଟା ସେ ସ୍ୱାଧୀନତା ପାଇଥାଏ । ଯେଉଁ ସମାଜରେ ସ୍ରଷ୍ଟାର ଜନ୍ମ, ପ୍ରକୃତି ଭିତରେ ତାର ବିକାଶ ଏବଂ ମଣିଷ ଗୋଷ୍ଠୀ ସହିତ ତାର ସମ୍ବନ୍ଧ ସେ ସବୁର ବାସ୍ତବ ଆଲେଖ୍ୟ ଏବଂ ମୂଲ୍ୟବୋଧର ରୂପାୟନ ପାଇଁ ଉପନ୍ୟାସରେ ପ୍ରଶସ୍ତ କ୍ଷେତ୍ର ରହିଥାଏ । ତେଣୁ ଏକ ନିର୍ଦ୍ଦିଷ୍ଟ ଦିଗଦର୍ଶନର ଅଭୀପ୍ସା ଥାଇ କିମ୍ବା ସଂଗୁପ୍ତ ସତ୍ୟର ଉଦ୍‌ଘୋଷଣା ହେଉ ସବୁ ଭିତରେ ଉପନ୍ୟାସ ସ୍ରଷ୍ଟାର ଥାଏ ସାମାଜିକ କର୍ତ୍ତବ୍ୟ ନିଷ୍ଠା ।

ସମାଜ ମଣିଷର ହାତ ତିଆରି କାରଖାନା । ଏଠି ପାପ-ପୁଣ୍ୟ, ନ୍ୟାୟ-ଅନ୍ୟାୟ, ଭଲ-ମନ୍ଦ, ନୀତି-ଅନୀତି ଏମିତି ଅନେକ ଶବ୍ଦ ଅଛି, ଯାହାକୁ ନେଇ ମଣିଷ ପରିଚାଳିତ ହୁଏ । ଏହା ପୁରୁଷ ଅପେକ୍ଷା ନାରୀ ଉପରେ ବେଶି ପରିମାଣରେ ଲାଗୁ ହୋଇଥାଏ, କାରଣ ଏହି ପୁରୁଷକୈନ୍ଦ୍ରିକ ସମାଜରେ ପୁରୁଷ ଯାହା କହେ ତାହା ନାରୀକୁ ବିନା ପ୍ରତିବାଦରେ କରିବାକୁ ହୁଏ । କିନ୍ତୁ ଏହା ବହୁ ମାତ୍ରରେ ବଢ଼ିବାରୁ ନାରୀ ତା'ର ଅଧୀକାର ସାବ୍ୟସ୍ତ କରିବାକୁ ବିଚାରକଲା ଓ ପୁରୁଷ ବିପକ୍ଷରେ ଆନ୍ଦୋଳନ କଲା । ଆଧୁନିକ ସମୟରେ ଏହାରି ଭିତ୍ତି ଉପରେ ଗଢ଼ି ଉଠିଛି ନାରୀବାଦ ପରି ଏକ ଲୋକପ୍ରିୟ ଚେତନା । ସେ ଆଉ ଘରେ ରହିଲା ନାହିଁ; ବାହାରକୁ ପାଦ କାଢ଼ି ସ୍ୱାବଲମ୍ବୀ ହେବା ନିମନ୍ତେ ଟଙ୍କା ରୋଜଗାର କଲା । ରୋଜଗାରକ୍ଷମ ହେବାପରେ ନାରୀ ଆଉ କାହା ଅଧୀନରେ ରହିବାକୁ ଚାହିଁଲା ନାହିଁ । ସେ ପ୍ରତ୍ୟେକ କ୍ଷେତ୍ରରେ ପୁରୁଷ ସହ ସମାନ ହେବାକୁ ଚେଷ୍ଟା କଲା ଓ କେଉଁ ନାରୀ ପ୍ରତି ଅନ୍ୟାୟ ହେଉଥିବା ଦେଖିଲେ ଚୁପ ନ ରହି ବିରୋଧ କରିବାକୁ ଲାଗିଲା ।

ପୁରୁଷ ଆଖିରେ ନାରୀ ସଦାବେଳେ ଭୋଗ୍ୟବସ୍ତୁ, ଉପଭୋଗର ସାମଗ୍ରୀ, ଏକ ଖେଳଣା; ଯାହାକୁ ଇଛାହେଲେ ଖେଳାଯାଏ ଆଉ ଇଛାହେଲେ ଫିଙ୍ଗିଦିଆଯାଏ, ତାକୁ ପ୍ରତିମୁହୂର୍ତ୍ତରେ ଚିରି, 'ାଡ଼ି ଖିନଭିନ କରାଯାଏ । ଆଉ କୌଣସି ପ୍ରକାରର ଅସୁବିଧା ହେଲେ ତାକୁ ବେଶ୍ୟା, ଅବୈଧ, କଳଙ୍କିନୀର ଆଖ୍ୟା ଦିଆଯାଏ । କିନ୍ତୁ ଯିଏ ତାକୁ ଏପରି କଲା ସେ ଏହି ମୁଖାପିନ୍ଧା ସମାଜରେ ଛାତି ଫୁଲେଇ ଚାଲୁଥାଏ, ତା ପାଇଁ କୌଣସି ଉପାଧି ନାହିଁ କିମ୍ବା କୌଣସି ନୀତିନିୟମ ନାହିଁ ।

ଏହିପରି ଏକ ବିଷୟକୁ ନେଇ ରଚିତ କବିତା ବାରିକଙ୍କ 'ପର୍ଦ୍ଦା ପଛର ଗୀତ' ଉପନ୍ୟାସ । ଏହି ଉପନ୍ୟାସର ନାୟିକା ବନଶ୍ରୀ କୁଆଁରୀ ଥିବା ସମୟରେ ତାଙ୍କ ମ୍ୟାନେଜର ପି.ସି. ଦାସର ଶିକାର ହୋଇ ଗର୍ଭ ଧାରଣ କରିଥିଲା । କିନ୍ତୁ ସେ କେବେ ସମାଜ ପାଖରେ ହାରିଯାଇନଥିଲା । ସେ ଅବୈଧ, କଳଙ୍କିନୀ, ଅଲକ୍ଷଣୀ ଭଳି ଶବ୍ଦକୁ ଡରିନଥିଲା । ତା ପେଟରେ ବଢୁଥିବା ଅବୋଧ ଶିଶୁକୁ ମାରି ନ ଦେଇ ତାକୁ ସଂସାରକୁ ଆଣିଥିଲା । ମାତୃତ୍ୱର ଦାୟରେ ସେ ଭୃଣହତ୍ୟା ପାଇଁ ରାଜି ହୋଇନାହିଁ । ଭୃଣହତ୍ୟା ଭଳି ଅସମାଜିକ କାର୍ଯ୍ୟକୁ ବିରୋଧ କରି ତାକୁ ଜନ୍ମ ଦେଇଛି ସତ କିନ୍ତୁ ତାକୁ ପାଖରେ ରଖି ଲାଳନ ପାଳନ କରିପାରି ନାହିଁ । ତା'ର ଦାମ୍ପତ୍ୟ ଜୀବନକୁ ସୁଖମୟ କରିବାକୁ ତା ବାପା ଜନ୍ମିତ ଶିଶୁକୁ ତାଠାରୁ ଦୂରେଇ ନେଇ ଏକ ଆଶ୍ରମରେ ବଡ଼େଇଛନ୍ତି । ବନଶ୍ରୀ ଜଣେ ନାରୀ ଭାବରେ ଶିଶୁକୁ ଜନ୍ମ ଦେଇଥିଲେ ମଧ୍ୟ ଅନ୍ୟର ପତ୍ନୀର କର୍ତ୍ତବ୍ୟ କରିବାକୁ ଯାଇ ଜନ୍ମିତ ସନ୍ତାନକୁ ମାତୃ ସ୍ନେହରୁ ବଂଚିତ କରିଛି । ବନଶ୍ରୀର ଏହି ଭିରୁତା ପୂର୍ଣ୍ଣ କାର୍ଯ୍ୟ ଆମକୁ ମନେ ପାକାଇଦିଏ ବ୍ୟାସ କୃତ ମହାଭାରତର କୁନ୍ତି-କର୍ଣ୍ଣଙ୍କ ପ୍ରସଙ୍ଗକୁ ।

ସମାଜରେ ନାରୀ ନିର୍ଯ୍ୟାତନା ସହିବାକୁ ଏବଂ ପ୍ରାୟଶ୍ଚିତ କରିବାକୁ ବାଧ୍ୟ । ଏପରିକି କେଉଁଠି କେଉଁଠି କନ୍ୟା ସନ୍ତାନର ତଣ୍ଟି ଚିପି ଏନ୍ତୁଡ଼ିଶାଳରେ ହତ୍ୟା କରାଯାଉଥିବାର ଘଟଣା ମଧ୍ୟ ଦେଖିବାକୁ ମିଳେ । ସମୟ ଆସିଲା ଯେତେବେଳେ ବିଧବାମାନେ ପୁନର୍ବିବାହ କରିପାରିବେ ନାହିଁ ବୋଲି ସମାଜପତିମାନେ ହୁକୁମ ଦେଲେ । ସେତିକିରେ ନାରୀଙ୍କ ପ୍ରତି ଅତ୍ୟାଚାର ସରିଲା ନାହିଁ ନିଜ ଭୋକକୁ ମେଣ୍ଟାଇବାପାଇଁ ତାକୁ ବେଶ୍ୟା କରାଗଲା । ରାସ୍ତାରୁ ଟେକି ନେଇ ଧର୍ଷଣ କରାଗଲା । ଯୌତୁକପାଇଁ ଜୀଅଁନ୍ତା ପୋଡ଼ି ଦିଆଗଲା କିମ୍ବା ବିକଳାଙ୍ଗ କରିଦିଆଗଲା । ବିଷ ପ୍ରୟୋଗ କରାଗଲା, ଏସିଡ୍ ିଙ୍ଗାଗଲା ଅଥବା ଛାଡ଼ପତ୍ର ଦେଇ ବେଶି ଯୌତୁକ ଲୋଭରେ ପୁରୁଷ ଅନ୍ୟତ୍ର ବାହାହୋଇଗଲା । ଯେଉଁଠି ପୁରୁଷର ସ୍ୱାର୍ଥରେ ବାଧା ଉପୁଜିଛି ସେଇଠି ହିଁ ସେ ନାରୀ ପାଇଁ ନିଷେଧାଜ୍ଞା ଜାରି କରିଛି, ପାପ ପୁଣ୍ୟର ଗାର ଟାଣିଛି, ସତୀ ଅସତୀର ଭେଦ ସୃଷ୍ଟି କରିଛି । କିନ୍ତୁ ଆଜି ନାରୀ ଶିକ୍ଷା ଗ୍ରହଣ କରି ସବୁଥିରେ ଆଗେଇଲାଣି, ପୁରୁଷ ସହିତ ତାକୁ ସମାନ ଅଧିକାର ମିଳିଲାଣି । ତଥାପି ସେ ପୁରୁଷ ପାଖରେ ଗୋଟେ ଭୋଗ୍ୟ ବସ୍ତୁ ହୋଇ ରହିଛି । ତାକୁ ଆଜି ମଧ୍ୟ ବିକ୍ରି କରାଯାଉଛି । କେବେ ବାପା ଝିଅପାଇଁ ଗରାଖ ଜୋଗାଡ଼ କରୁଛି ତ କେବେ ସ୍ୱାମୀ ସ୍ତ୍ରୀ ପାଇଁ । ଆଉ ନାରୀ ବିନା ପ୍ରତିବାଦରେ ତାହା କରିବାକୁ ବାଧ୍ୟ ହେଉଛି । ଲେଖିକା ତାଙ୍କର 'ଇପସିତ ସକାଳ' ଉପନ୍ୟାସରେ ନାରୀମାନଙ୍କୁ ଏଥିପ୍ରତି ସତର୍କ କରାଇ ଏହାକୁ ବିରୋଧ କରିବାକୁ ଆହ୍ୱାନ ଦେଉଥିବା ମନେହୁଏ । ଏହି ଉପନ୍ୟାସର ଏକ ଚରିତ୍ର ଫୁଲମଣି ଯିଏ ଅନ୍ୟ ଘରେ ବାସନ ମାଜି ନିଜ ପରିବାରକୁ ଚଳେଇନେବାରେ ସ୍ୱାମୀକୁ ସହାଯ୍ୟ କରୁଥିଲା । ତା ଉପରେ ସେଠିକାର ପୁରୁଷଙ୍କ ଆଖି ପଡ଼ିଲା ପରେ ସେ

ଘରକୁ ଆସି ତା ସ୍ୱାମୀକୁ ଅଭିଯୋଗ କରିବାରୁ ତା ସ୍ୱାମୀ କୌଣସି ପ୍ରତିକାର କରିବା ବଦଳରେ ସେଠାରୁ ଟଙ୍କାର ଗନ୍ଧ ପାଇଲା । ବାସନମଜା କାମରୁ ଯେ ବେଶ୍ୟାବୃତ୍ତିରେ ଅଧିକ ଟଙ୍କା ମିଳେ ଏକଥା ଅନୁମାନ କରି ସ୍ତ୍ରୀକୁ ଏଥିପାଇଁ ପ୍ରବର୍ତ୍ତାଇଛି । ଦୁଇଟି ଛୁଆର ମା ପାଖରୁ ଯୌବନର ସବୁ ରସ ଶୋଷିନେବା ପରେ ସ୍ୱାମୀ ତାକୁ ବର୍ତ୍ତମାନ ଏକ ଟଙ୍କା ମେଶିନ ଭାବରେ ବ୍ୟବହାର କରିଛି । ଫୁଲମଣି ସେହିଦିନ ଠାରୁ ଦେହ ବିକ୍ରି କଲା ଓ ତା ସ୍ୱାମୀ ଡେଲାଙ୍ଗ-ହୋ ଗରାଖ ଯୋଗାଡ଼ କଲା । ସମାଜରେ ହେଉଥିବା ଏଭଳି ଅନ୍ୟାୟପୂର୍ଣ୍ଣ କାର୍ଯ୍ୟର ବିରୋଧରେ ପୁରୁଷ ମଧ୍ୟ ସ୍ୱର ଉତ୍ତୋଳନ କରିଛି । ଦେଶର ଶିକ୍ଷିତ ଯୁବାବର୍ଗ ଯେତେବେଳେ ଏଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ବିଷୟରେ ଚିନ୍ତା କରିବେ ସେତେବେଳେ ସମସ୍ୟାର ସମାଧାନ ଦିଗରେ ସମାଜ ଆଗେଇବ ବୋଲି ଲେଖିକା ଡ. ବାରିକ ବିଶ୍ୱାସ କରିଛନ୍ତି । ତେଣୁ ଉଚ୍ଚଶିକ୍ଷିତ ମନୋଜଙ୍କ ମୁହଁରେ ପ୍ରତିକ୍ରିୟାପୂର୍ଣ୍ଣ ଭାଷାଦେଇ କୁହାଇଛନ୍ତି- "ଏ ଦେଶରେ ଅନେକ ଫୁଲମଣି ବଂଚିବା ପାଇଁ ଏଭଳି ରାସ୍ତା ବାଛି ନେଇଛନ୍ତି । କେଉଁଠି ପରିସ୍ଥିତି ବାଧ୍ୟ କରିଛି ତ କେଉଁଠି ସେମାନେ ପ୍ରତାରଣାର ଶିକାର ହେଉଛନ୍ତି । ଥରେ ଭୁଲ ରାସ୍ତାରେ ପାଦ ଦେଲେ ଆଉ ପଛକୁ ଫେରିବା ପାଇଁ ବାଟ ନାହିଁ । ଅନେକ ଫୁଲମଣି ଦାରିଦ୍ର୍ୟ ସହ ସଂଗ୍ରାମ କରିଛନ୍ତି ବାର୍ଦ୍ଧକ୍ୟ କାଳରେ । ଅତି ଅସହାୟ ଭାବରେ କଟିଛି ତାଙ୍କର ଜୀବନ । କିନ୍ତୁ ଏଥିପାଇଁ କଣ ଫୁଲମଣିମାନେ ଦାୟୀ ? ଡେଲାଙ୍ଗ-ହୋମାନଙ୍କୁ କଣ ଦୋଷ ଦିଆଯିବ ନାହିଁ ? ଯେଉଁମାନେ ଦିନରେ ଭଦ୍ରଲୋକ ଓ ରାତିରେ ପଶୁ ପାଲଟନ୍ତି ସେମାନେ କଣ ଦୋଷୀ ନୁହଁନ୍ତି ? ଅଥଚ କଥା ସତ ଯେ ସବୁଯୁଗରେ ସବୁକାଳରେ ଫୁଲମଣିମାନେ ହିଁ ପ୍ରାୟଶ୍ଚିତ କରନ୍ତି । ଏହାର କାରଣ ହେଲା ସେମାନେ 'ନାରୀ' ।" ଏହି ବକ୍ତବ୍ୟ ମଧ୍ୟରେ ଲେଖିକା ନାରୀଜାତିକୁ ସୂଚେଇ ଦେବାପାଇଁ ଚାହାନ୍ତି ଯେ ଆମେ ପୁରୁଷ ସହିତ ସମକକ୍ଷ ହେଲେଣି । ଏଠି ସମସ୍ତେ ସମାନ ସେ ନାରୀ ହେଉ ଅବା ପୁରୁଷ । ଆମେ ଆଉ ପୁରୁଷ ଇସାରାରେ ନାଚିବାନି । ଆମେ କୌଣସି ଖେଳଣା ନହୁଁ ଯେ, ସେ ଯାହା କହିବ ଆମେ ତାହା କରିବୁ । ଆମର ମଧ୍ୟ ସ୍ୱାଭିମାନ ଅଛି, ଅସ୍ମିତା ଅଛି । ଏହା ହିଁ ଉପଯୁକ୍ତ ସମୟ ଆମେ ବାହାରକୁ ଗୋଡ଼ କାଢ଼ିବା ଓ ପ୍ରତି କ୍ଷେତ୍ରରେ ପୁରୁଷ ଠାରୁ ଦୁଇପାଦ ଆଗରେ ରହିବା ।

ସେହିପରି ଭାବରେ ନାରୀକୁ ଯୌତୁକ ନିର୍ଯ୍ୟାତନା ଦିଆଯାଉଛି । ବାପା ବରଘର ଚାହୁଁଥିବା ଅନୁଯାୟୀ ଯୌତୁକ ନଦେଲେ ଝିଅକୁ ନାନା କଥା ଶୁଣାଇ କେବେ ମାରିଦିଆଯାଉଛି ତ କେବେ ଛାଡ଼ପତ୍ର ଦିଆଯାଉଛି ତ ଆଉ କେବେ ବାହା ବେଦିରୁ ଉଠି ବର ଚାଲିଯାଉଛି । ଯାହା ଫଳରେ ଅନେକ ଝିଅଙ୍କ ଜୀବନ ନଷ୍ଟ ହେଉଛି । ଔପନ୍ୟାସିକା କବିତା ବାରିକ ବଡ଼ ବଡ଼ ପଦ ପଦବୀରେ ଥାଇ ବଡ଼ଲୋକି ଦେଖେଇ ହେଉଥିବା ସେହି ମୁଖାପିନ୍ଧା ଚେହେରା ତଳେ ଲୁଚି ରହିଥିବା ରାକ୍ଷସ ରୂପକୁ ବାହାରକୁ ଆଣିଛନ୍ତି । ସେମାନେ କେମିତି ନିରୀହ, ନିଷ୍କ୍ଷେପିତ, ସରଳ ବାପା-ମାଆଙ୍କୁ ଚାକିରିର ପ୍ରଲୋଭନ ଦେଖାଇ ଝିଅକୁ ବାହାହେବା ପାଇଁ କହୁଛନ୍ତି ଓ ଚାକିରି ଅନୁଯାୟୀ ଯୌତୁକ ଦାବି କରୁଛନ୍ତି । ସରଳ ମା'ବାପା ଝିଅ ଖୁସିରେ ରହିବ ଭାବି ବିନା ପ୍ରତିବାଦରେ ତାଙ୍କର ହଁରେ ହଁ ଭରୁଛନ୍ତି । କିନ୍ତୁ ତାହା ଘଟୁ ନାହିଁ । ଦିନକୁ ଦିନ ଦାବି ବଢ଼ି ବଢ଼ି ଚାଲୁଛି । ଫଳରେ କାହା ବାହାଘର ହେଉ ହେଉ ଭାଙ୍ଗି ଯାଉଛି ତ କିଏ ସ୍ୱାମୀଙ୍କ ଠାରୁ ଛାଡ଼ପତ୍ର ପାଉଛି ତ ଆଉ କିଏ ଜୀବନ ହାରିଦେଉଛି । ଏଭଳି ଘଟଣା ଦେଖିବାକୁ ମିଳେ କବିତା ବାରିକଙ୍କ 'ଈପସିତ ସକାଳ' ଉପନ୍ୟାସରେ । ଏହି ଉପନ୍ୟାସର ଏକ ଚରିତ୍ର ଅହଲ୍ୟା , ଯାହାଙ୍କ ବିବାହ ବେଦିରେ ବରପକ୍ଷରୁ ଅଧିକ ଯୌତୁକ ଦାବୀକୁ ସହ୍ୟକରି ନପାରି ନିଜେ ଜୀବନ ସାରା ବିବାହ ନହେବାର ପ୍ରତିଜ୍ଞା କରି ବରକୁ ସେଠୁ ବିଦାୟ କରିଥିଲେ । କାରଣ ଅହଲ୍ୟାର ବାପା ଆଗରୁ ବରଘର କହିବା ଅନୁସାରେ ଗାଡ଼ି ଯୌତୁକ ଦେବା ପାଇଁ ରାଜି ହେଇଥିଲେ ଓ ତାହା କରିଥିଲେ ମଧ୍ୟ । କିନ୍ତୁ ବାହା ବେଦିରେ ନଗଦ କୋଡ଼ିଏ ହଜାର ଟଙ୍କା ନଦେଲେ ଏ ବାହାଘର ହୋଇପାରିବନି କହିଲାରୁ ଅହଲ୍ୟା ନିଜେ ବାହା ଭାଙ୍ଗି ଦେଲେ ଓ ସାରା ଜୀବନ କୁଆଁରୀ ରହିଗଲେ । ଲେଖିକା ଏହି ଯୌତୁକ ପ୍ରଥାକୁ ବିରୋଧ କରି କହୁଛନ୍ତି- "ଯୌତୁକ ବିରୋଧରେ ଆଇନ କଲେ କିଛି ହୋଇପାରିବ ନାହିଁ- ଏକଥା ମଧ୍ୟ ସେ କହନ୍ତି । ଯେତେଦିନ ଯାଏଁ ଝିଅମାନେ ସଚେତନ ହୋଇନାହାଁନ୍ତି, ଯୌତୁକକୁ ନେଇ ଧନୀ ପରିବାରର ଝିଅମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି, ଯୌତୁକ ନ ନେଇ ବାହାହେବାର ନିଷ୍ପତ୍ତି କରିନାହାନ୍ତି, ସେତେଦିନ ଯାଏଁ ଏହି କଳଙ୍କିତ ପ୍ରଥାକୁ କୌଣସି ଆଇନ କେବେ ଉପାଡ଼ି ପାରିବ ନାହିଁ । ଆଜି ଯାଏଁ ଯେଉଁ ଝିଅମାନେ ଯୌତୁକ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି ସେମାନେ ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତ ପରିବାରର ଝିଅ । ଯାହା ବାପାଙ୍କର ସାମର୍ଥ୍ୟ ନାହିଁ ସେମାନେ ହିଁ ଯୌତୁକ ନେଇ ବାହାହେବାଟାକୁ ପସନ୍ଦ କରିନାହାଁନ୍ତି । କିନ୍ତୁ ଉଚ୍ଚମଧ୍ୟବିତ୍ତ ଏବଂ ବର୍ଣ୍ଣାଢ଼୍ୟ ପରିବାରରେ ଏହା ସମ୍ଭ୍ରାନ୍ତ ପ୍ରଥା ଭାବରେ ଚାଲିଆସିଛି । ତେଣୁ ଏଭଳି ପ୍ରଥାର ଚେର ତଳକୁ ଗଭୀରରୁ ଗଭୀରତର ହେବାରେ ଲାଗିଛି ।" ଯଦିବା ବର ପକ୍ଷର ଦାବିକୁ ପ୍ରଥମେ ଅହଲ୍ୟା ଦେବୀ ଆଖିବୁଜି ଦେଇଥିଲେ । ବିବାହ ବେଦୀରେ ସେମାନଙ୍କର ଅଧିକ ଟଙ୍କା ମାଗିବାକୁ ସେ ଆଦୌ ଭଲ ଦୃଷ୍ଟିରେ ଦେଖିନାହାଁନ୍ତି । କାରଣ ଯେଉଁ ପରିବାରକୁ ସେ ବୋହୂ ହୋଇଯିବେ ସେମାନଙ୍କ ଚିନ୍ତାଧାରା କେତେ ନୀଚ ସ୍ତରର ତାହା ସେ ହୃଦୟଙ୍ଗମ କରିପାରିଥିଲେ । ଦାବି ମୁତାବକ ଗାଡ଼ି ଯୌତୁକରେ ପାଇସାରିଥିଲେ ମଧ୍ୟ ବିବାହ ବେଦୀଭଳି ଏକ ପବିତ୍ର ସ୍ଥାନରେ ଟଙ୍କା ମାଗିବାଟା ଯଦିବା ବରପକ୍ଷଙ୍କ ଲୋଭୀ ମନପାଇଁ ସାଧାରଣ କଥାଥିଲା ଅହଲ୍ୟା ଦେବୀ କିନ୍ତୁ ନିଜେ ସ୍ୱାଭିମାନ ଓ ପରିବାରର ସମ୍ମାନ ଦୃଷ୍ଟିରୁ ଏ ବିବାହକୁ ପ୍ରତ୍ୟାଖାନ କରିଥିଲେ ।

ସେହିପରି 'ପୃଷ୍ଠା' ଉପନ୍ୟାସରେ ଅନୋଖା ଓ ଅରୁଣା ଚରିତ୍ର ମାଧ୍ୟମରେ ଔପନ୍ୟାସିକା କବିତା ବାରିକ ଯୌତୁକ ପ୍ରଥାକୁ ବିରୋଧ କରିଛନ୍ତି । ଅନୋଖାର ପ୍ରେମିକ ଅଭିଷେକ ଡାକ୍ତର ହେବା ସତ୍ତ୍ୱେ ସେ ତା ମାଙ୍କ ଇସାରାରେ ଚାଲେ ସବୁ କାମରେ ମା ଯାହା ନିଷ୍ପତ୍ତି ନିଅନ୍ତି ତାହା ଅଭିଷେକକୁ କରିବାକୁ ପଡ଼େ । ପୁଅ ଡାକ୍ତର ଥିବାରୁ ମାଆଙ୍କ ଯୌତୁକ ଦାବି ଯାହାଥିଲା ତାକୁ ପୁରଣ କରିବା ଗୋଟେ ଗରିବ ପରିବାର ପାଇଁ ସମ୍ଭବ ନୁହେଁ । ତେଣୁ ଅନୋଖା ବରର ମାକୁ ତାଙ୍କ ପୁଅକୁ ବରବିକା ବଜାରକୁ ନେଇ ନିଲାମ କରିବାକୁ କହିଛି । ନିଜର ନିମ୍ନମଧ୍ୟବିତ୍ତ ପରିବାର ତାଙ୍କଭଳି ଯୌତୁକ ଲୋଭୀଙ୍କ ଦାବି ପୂରଣ କରିପାରିବ ନାହିଁ ବୋଲି କହି ଅଧିକ ଦରରେ ତାଙ୍କ ପୁଅକୁ ନିଲାମ ଧରୁଥିବା ଝିଅକୁ ବୋହୂ କରିବେ ବୋଲି ବ୍ୟଙ୍ଗ କରିଛି । ତାହାର ଏ ବିଦ୍ରୁପ ମଧ୍ୟରେ ଲେଖିକା ସ୍ୱାଭିମାନୀ ନାରୀସମାଜର ଯୌତୁକ ବିରୋଧୀ ସ୍ୱରକୁ ପ୍ରକାଶ କରିଛନ୍ତି । ତା ମାତୃଭକ୍ତ ପ୍ରେମିକ ପ୍ରେମ କରିମଧ୍ୟ ବିବାହ ବେଳେ ତା ମାଆର ଯୌତୁକ ଦାବୀକୁ ମୌନରହି ସମ୍ମତି ପ୍ରଦାନ କରିଥିବାରୁ ତାହା ଅନୋଖାକୁ ଅଧିକ କଷ୍ଟ ଦେଇଥିବ । ଯଦି ପ୍ରେମିକକୁ ବିବାହ କରିବାକୁ ଯୌତୁକ ଦେବାକୁ ହୁଏ ଆଉ ଏ ଯୌତୁକ ଦାବୀର ପରିପୂର୍ତ୍ତୀ ପାଇଁ ପରିବାରର ସମ୍ପତ୍ତି ମଧ୍ୟ ବିକ୍ରି କରିବାକୁ ପଡ଼ିପାରେ ସେଠି ପ୍ରେମର ଅବା କି ମୂଲ୍ୟ ? ତେଣୁ ସେ ଅଭିଷେକର ମାଆକୁ ତାଚ୍ଛଲ୍ୟ କରି ଅଭିଷେକକୁ ଏକ ପଣ୍ୟବସ୍ତୁ ଭାବରେ ଉଲ୍ଲେଖ କରିଛି । ଯେଉଁ ବରକୁ ଦେଖାଇ ଅଧିକରୁ ଅଧିକ ଟଙ୍କା ଆଦାୟ କରାଯାଏ ସେଠି ବର ବସ୍ତୁ ଭିନ୍ନ କଣ ହୋଇପାରେ ? ସେହିପରି ଯେଉଁ କନ୍ୟାପକ୍ଷ ଚାକିରିଆ ଜ୍ୱାଇଁକୁ ଦେଖି ଅଧିକ ଯୌତୁକ ଦେବାକୁ ରାଜିହୋଇ ଯାଆନ୍ତି ସେମାନେ ତ ଉଚ୍ଚ ଶ୍ରେଣୀର ଗରାଖ । ଅନୋଖାର ଏ ବ୍ୟଙ୍ଗ ଯୌତୁକ ଲୋଭୀ ବରପକ୍ଷପ୍ରତି କନ୍ୟାପକ୍ଷର ଚାବୁକ ପ୍ରହାର ସଦୃଶ୍ୟ ମନେହୋଇଅଛି ।

ଅରୁଣା ତାର ମନର ମଣିଷକୁ ନପାଇବାରୁ ନିଷ୍ପତ୍ତି ନେଇସାରିଥିଲା ସେ ଆଉ ବାହା ହେବ ନାହିଁ । ଏହି କଥାକୁ କାହା ଆଗରେ ପ୍ରକାଶ ନକରି ସେ ବିବାହ ପ୍ରସ୍ତାବ ଆସିଲେ ଭାଙ୍ଗୁଥିଲା ତା ନାନୀ ପ୍ରସଙ୍ଗ ଉଠାଇ । ଏହି ନାନୀ ଚରିତ୍ରକୁ ଦର୍ଶାଇବାକୁ ଯାଇ ଲେଖିକା ଯୌତୁକ ପ୍ରଥାକୁ ବିରୋଧ କରିଛନ୍ତି । ପ୍ରସଙ୍ଗଟି ହେଉଛି ଅରୁଣାର ନାନୀର ବାହାଘର ସମୟରେ ବରଘର କହିବା ଅନୁସାରେ ଯୌତୁକ ଦିଆଯାଇଥିଲା । କିନ୍ତୁ ସେହି ଯୌତୁକ ଲାଳସା ଧୀରେ ଧୀରେ ବଢ଼ିବାରେ ଲାଗିଲା ଓ ବରପକ୍ଷ ଗୋଟେପରେ ଗୋଟେ ଦାବୀ କରିବାରେ ଲାଗିଲେ । ଶେଷରେ ତାହା ପୁରଣ ନହେବାରୁ ନାନୀ ଉପରେ ତା ସ୍ୱାମୀ ହାତ ଉଠାଇଲା । ଏପରିକି ତା ନାନୀର ବର ପୂର୍ବରୁ ବିବାହ କରିଥିବା ଝିଅକୁ ଯୌତୁକ ନିର୍ଯ୍ୟାତନା ଦେବାରୁ ସେ ଆତ୍ମହତ୍ୟା କରିଥିଲା । ଏହା ବ୍ୟତୀତ ତା ସ୍ୱାମୀ ଅଫିସରେ ଷ୍ଟେନୋ ସହିତ ଅନୈତିକ ସଂପର୍କ ରଖିଥିବା ଦେଖି ତା ନାନୀ ସବୁଦିନ ପାଇଁ ସେହି ଘରଛାଡ଼ି ଚାଲିଆସିଥିଲା । ଅରୁଣାର ନାନୀ ଶାଶୁଘରେ ଯୌତୁକ ନିର୍ଯ୍ୟାତନା ସହି ବହୁ କଷ୍ଟରେ ରହୁଥିଲା । ମାତ୍ର ସ୍ୱାମୀର ଅନ୍ୟନାରୀ ସହିତ ସଂପର୍କ ଦେଖି ସେ ଦୁଃଖରେ ଭାଙ୍ଗି ପଡ଼ିଛି । ସ୍ୱାମୀର ପରିବାରରୁ ନିର୍ଯ୍ୟାତନା ଓ ପତିପାଖରୁ ଅବହେଳା ପାଇବା ପରେ କୌଣସି ନାରୀ କାହିଁକି ଅବା ଦୁଃଖ ଯନ୍ତ୍ରଣାରେ ପଡ଼ିରହିଥାନ୍ତା ? ସେ କେବଳ ଯେ ମୃତ୍ୟୁ ମୁଖରୁ ବଂଚି ଆସିଛି ତା ନୁହଁ; ନିଜର ସାନ ଭଉଣୀର ବିବାହ ସଂପର୍କରେ ସଠିକ ନିଷ୍ପତ୍ତି ନେବାପାଇଁ ନିଜ ବାପା ଓ ଅରୁଣାକୁ ସଚେତନ କରିପାରିଛି । ଫଳରେ ଯାହାର ନାନୀ ଯୌତୁକ ନିର୍ଯ୍ୟାତନା ହେତୁ ସ୍ୱାମୀ ସଂସାରରୁ ପଳେଇ ଆସି ବାପଘରେ ଆଶ୍ରୟ ନେଇଛି । ତାହାର ସାନ ଭଉଣୀ ବିନା ଯୌତୁକରେ ବିବାହ କରିବାରେ ସଂଫଳ ହୋଇଛି । କେବଳ ଅରୁଣା ନାନୀ କ୍ଷେତ୍ରରେ ନୁହେଁ ଅନେକ ଝିଅଙ୍କ ସହ ଏପରି ଘଟଣା ଘଟୁଛି । ଯେଉଁ ଝିଅମାନେ ଭାଙ୍ଗିପଡ଼ି ପରିସ୍ଥିତିକୁ ସାମ୍ନା କରିପାରୁ ନାହାଁନ୍ତି ସେମାନଙ୍କ ମଧ୍ୟରୁ ଅନେକ ରାସ୍ତା ନପାଇ ଆତ୍ମହତ୍ୟା କରୁଛନ୍ତି ତ ଅରୁଣା ନାନୀଭଳି ଝିଅ ସାହାସ କରି ଶାଶୁଘରୁ ଚାଲିଆସୁଛନ୍ତି ଓ ସମାଜ ଆଗରେ ଆଦର୍ଶ ଭାବରେ ଜୀବନ ବଂଚୁଛନ୍ତି ।

ଏହି ଉପନ୍ୟାସର ଅନ୍ୟ ଏକ ଚରିତ୍ର ଶିଖା ମାଧ୍ୟମରେ ପୁଅମାନେ ଏକାଧିକ ସ୍ତ୍ରୀ ରଖୁଥିବା କଥାକୁ ନେଇ ପ୍ରତିବାଦ କରିଛନ୍ତି ଲେଖିକା କବିତା ବାରିକ । ସହରୀ ଝିଅଙ୍କ ଇଛା ସେ ଯାହାକୁ ବାହାହେବ ସେ ବିଦେଶରେ ପଢ଼ିଥିବ, ତାର ବଡ଼ ମହଲଟେ ଥିବ, ଗାଡ଼ିଥିବ; ଏମିତି ଅନେକ କିଛି । ସେଥିପାଇଁ ତାଙ୍କର ପ୍ରେମକୁ ମଧ୍ୟ ମାଡ଼ି ଚକଟି ମାଟିରେ ମିଶେଇ ଦେବାକୁ କୁଣ୍ଠା କରନ୍ତି ନାହିଁ । ସେହିଭଳି ଏକ ଚରିତ୍ର ଶିଖା ଯିଏ ସିଦ୍ଧାର୍ଥକୁ ଭଲପାଏ କିନ୍ତୁ ଯେତେବେଳେ ବିଦେଶ ଫେରନ୍ତା ଇଂଜିନିଅର ମୋହିତର ତା ପାଇଁ ବିବାହ ପ୍ରସ୍ତାବ ଆସିଛି ସେତେବେଳେ ସିଦ୍ଧାର୍ଥକୁ ଛାଡ଼ି ମୋହିତକୁ ବାହା ହେଇ ଚାଲିଯାଇଛି ବାଙ୍ଗାଲୋର । କିଛି ଦିନ ଗଲାପରେ ଏକ 'ଟୋଦେଖି ଜାଣିବାକୁ ପାଇଛି ମୋହିତ ବିବାହିତା ଓ ତାର ଦୁଇ ସନ୍ତାନ ମଧ୍ୟ ଅଛନ୍ତି; ସେତେବେଳେ ସେ ଭାଙ୍ଗି ପଡ଼ିଛି । ମୋହିତ ଯେ ଭାରତ ଆସି ବାପା ମା କଥାରେ ପଡ଼ି ଶିଖାକୁ ବିବାହ କରିଛି ତା ନୁହଁ; ସେ ପାଶ୍ଚାତ୍ୟ ସଭ୍ୟତାର ସଂସ୍ପର୍ଶରେ ଆସି ଶିଖାକୁ ଶୋଷଣ କରିଛି । ଅର୍ଥାତ ପାଶ୍ଚାତ୍ୟ ଜଗତର ସମସ୍ତ କୁପ୍ରଥାକୁ ଭାରତରେ ରୋପଣ କରିବାକୁ ଏ ବିଦେଶ ଫେରନ୍ତା ଯୁବକଗଣ ଚେଷ୍ଟିତ । ବିଭିନ୍ନ ପ୍ରକାରେ ନାରୀ ସମାଜକୁ ଶୋଷଣ କରିବାକୁ ବିଚାର କରୁଥିବା ପୁରୁଷମାନେ ମୋହିତ ଭଳି ବିଦେଶୀ ସଂସ୍କୃତିର ସହାରା ନେଇ ନିଜର ପାପ ଆଶାକୁ ଚରିତାର୍ଥ କରନ୍ତି । କିନ୍ତୁ ଅନେକ ଭାରତୀୟ ନାରୀ ଆଜି ମଧ୍ୟ ଏସବୁକୁ ଗ୍ରହଣ କରିବାକୁ ରାଜି ନୁହନ୍ତି । ତେଣୁ ଶିଖାଭଳି ଉଗ୍ରନାରୀ ମଧ୍ୟ ନିଜକୁ ପ୍ରତାରିତା ମନେକରି ପତିକୁ ଛାଡ଼ପତ୍ର ଦେଇ ଘରକୁ ଚାଲିଆସୁଛି ।

ଦିନଥିଲା ବାପା ମା ଯାହା କହୁଥିଲେ ତାହା ଝିଅ ବିନା ପ୍ରତିବାଦରେ ସହିଯାଉଥିଲା । ତା ପସନ୍ଦ ନା ପସନ୍ଦକୁ ବଳିଦେଇ

ପରିବାରର ବଡ଼ଲୋକମାନେ ଯାହା ନିଷ୍ପତ୍ତି ନେଉଥିଲେ ବିନା ପ୍ରତିବାଦରେ ସେହି ପ୍ରସ୍ତାବରେ ରାଜି ହେଉଥିଲା । କ୍ରମଶଃ ସେସବୁରେ ପରିବର୍ତ୍ତନ ହୋଇଛି । ଝିଅ ସ୍ୱାବଲମ୍ବୀ ହୋଇଛି, ତା ପସନ୍ଦ ନାପସନ୍ଦକୁ ସେ ସମସ୍ତ ଆଗରେ କହିପାରୁଛି, ଭଲମନ୍ଦର ବିଚାର କରି ନିଜ ଜୀବନ ଗଢ଼ିବାର ନିଷ୍ପତ୍ତି ନେଉଛି । ଯଦି ସେଥିରେ ସଫଳ ନହୁଏ ତେବେ ଜୀବନଯାକ କୁଆଁରୀ ରହିବାକୁ ପ୍ରସ୍ତୁତ ଅଛି କିନ୍ତୁ ତା ଇଚ୍ଛା ବିରୋଧରେ ଅନ୍ୟମାନଙ୍କୁ ନିଷ୍ପତ୍ତି ନେବାକୁ ଦେଉନାହିଁ । ଏହି ଘଟଣା ଦେଖିବାକୁ ମିଳେ କାବିତା ବାରିକଙ୍କ 'ମନର ଘର' ଉପନ୍ୟାସରେ । ଏହି ଉପନ୍ୟାସର ନାୟିକା ବେବୀ ପାଇଁ ନାୟକର କାକା ବିବାହ ପ୍ରସ୍ତାବ ଆଣିଥିଲେ । ଏ କଥା ଶୁଣି ତାର ବାପା ଓ ଭାଇ ରାଗିଯାଇ ବାହାଘର ପାଇଁ ରାଜି ହୋଇନଥିଲେ । ବାପା ଝିଅ ସାରା ଜୀବନ ଅବିବାହିତ ରହିଯିବ ପଛେ ସେଠାରେ ଝିଅ ଦେବିନାହିଁ ବୋଲି କହିଛନ୍ତି । ଏହା ଶୁଣି ବେବୀ ଚରମ ନିଷ୍ପତ୍ତି ନେଇ ବାପାଙ୍କୁ କହିଲା ମୁଁ ଜୀବନରେ ଆଉ କେବେ ବାହା ହେବିନାହିଁ । ପରିବାରର ସମସ୍ତେ ଅନେକ କରି ତାକୁ ବୁଝେଇବା ସତ୍ୱେ ସେ କାହା କଥା ଶୁଣିବାକୁ ପ୍ରସ୍ତୁନଥିଲା । କାରଣ ସମସ୍ତେ ତା ପ୍ରେମକୁ ହାଲୁକା ଭାବରେ ନେଇ ଅପମାନିତ କରିଛନ୍ତି । ଭାଉଜ ତାକୁ ଦେଉଥିବା ସମସ୍ତ ପ୍ରକାର କାମ ଓ ବ୍ୟବହାର ଦେଖି ଲାଗିଲା ସତେ ଯେମିତି ସେ ଏଘରର ଏକ ସଦସ୍ୟ ନୁହେଁ, ଗୋଟେ ଚାକର । ନିଜଘରେ ଚାକରଭଳି ଗଧ ଖଟଣୀ ଖଟୁଥିବା ବେଳେ ସେ ଅଧ୍ୟାପିକା ଚାକିରି ପାଇଲା । କିନ୍ତୁ ତା ବାପା ପ୍ରଥମେ ପ୍ରଥମେ ଚାହିଁ ନଥିଲେ ସେ ଚାକିରି କରୁ, କାରଣ ସେ ଘରର ଝିଅବୋହୁ କେବେ ବାହାରକୁ ଯାଇ ଚାକିରି କରିନାହାଁନ୍ତି । ଏହା ଶୁଣି ବେବୀ ପ୍ରତିବାଦ କରି ଘରର ପରମ୍ପରା ଓ ଘର ସହ ନିଜର ସଂପର୍କକୁ କ୍ରୋଧରେ ଅସ୍ୱୀକାର କରି ସ୍ୱାବଲମ୍ବୀ ହେବାକୁ ଚାକିରି କରିବା ପାଇଁ ଅଡ଼ି ବସିଛି । ଚାକିରି କରିଛି କିନ୍ତୁ ଘର ସହିତ ନିଜର ସଂପର୍କକୁ କାଟିପାରି ନାହିଁ । ସେହିପରି ଲେଖିକାଙ୍କ 'ସଂପର୍କ' ଉପନ୍ୟାସରେ ନାୟିକା ନିଜର ପ୍ରେମକୁ ପାଇବା ପାଇଁ ପ୍ରତିଷ୍ଠିତ ସଂସ୍କୃତି ଓ ସମାଜ ପାଖରେ ବନ୍ଦୀ ନହୋଇ ସେ ମୁକ୍ତ ହେବାକୁ ଚାହିଁଛି । ଜାତି ପ୍ରଥାକୁ ବିରୋଧ କରି ମୀତା କୋର୍ଟରେ ବାହା ହେଇଛି ଖ୍ରୀଷ୍ଟିଆନ ମାଥ୍ୟୁସକୁ ।

ଔପନ୍ୟାସିକା ବାଲ୍ୟ ବିବାହକୁ ବିରୋଧ କରିଛନ୍ତି ତାଙ୍କ 'ପର୍ଦ୍ଦା ପଛର ଗୀତ', 'ଇପସିତ ସକାଳ' ଉପନ୍ୟାସରେ । 'ପର୍ଦ୍ଦା ପଛର ଗୀତ' ଉପନ୍ୟାସରେ ମଲ୍ଲୀର ମାଆ ସେହି ଗାଁର ସାହୁକାର ସହ ମଲ୍ଲୀର ବାହା କରିଦେବାକୁ ବସିଥିଲା ଯଦିବା ବୁଢ଼ାର ଦୁଇଟି ସ୍ତ୍ରୀ ମଲେଣି । କାରଣ ବାହା ପାଇଁ ଯେତେ ଟଙ୍କା ଖର୍ଚ୍ଚହେବ ସବୁ ଟଙ୍କା ସାହୁକାର ଦେବାକୁ ରାଜି ହୋଇଛି । ଏଥିରେ ମଲ୍ଲୀ ରାଜି ନହେବାରୁ ତାକୁ ତା ମା ବାଉଁଶ ଫାଳିଆରେ ପିଟି ଲହୁଲୁହାଣ କରିଦେଇଥିଲା । କିନ୍ତୁ ସାହୁକାର କି ତା ମାଆ ଏଥିରେ ସଫଳ ହୋଇନଥିଲେ । ଏ ଘଟଣାରେ ନାରୀଟିଏ ନିଜ ପ୍ରେମ ଓ ଭବିଷ୍ୟତ ଜୀବନକୁ ନେଇ କେତେ ସଚେତନ ତାହା ଜଣାପଡ଼ିଥାଏ । ମଲ୍ଲୀ ଯଦି ସାହୁକାରକୁ ବାହାହୁଏ ତେବେ ତାକୁ ସାରା ଜୀବନ ଏକ ବିପତ୍ନୀକ ବୁଢ଼ାର ପତ୍ନୀ ଭାବରେ ଜୀବନ କାଟିବାକୁ ପଡ଼ିବ । କେତେବେଳେ ସାହୁକାରର ଅନ୍ୟ ଦୁଇ ପତ୍ନୀଭଳି ତାକୁ ମୃତ୍ୟୁବରଣ କରିବାକୁ ପଡ଼ିବ ଅଥବା ବୃଦ୍ଧ ସାହୁକାର ମୃତ୍ୟୁରେ ବିଧବା ହେବାକୁ ପଡ଼ିବ ତାହା ଈଶ୍ୱର ଜାଣନ୍ତି । ମାଡ଼ ଗାଳି ଭୟରେ ଯଦି ସେ ସାହୁକାରକୁ ବିବାହ ପାଇଁ ରାଜି ହୋଇଯାଇଥାନ୍ତା ତେବେ ତାର ପ୍ରେମ ଓ ପ୍ରେମିକକୁ ଛାଡ଼ିବାକୁ ପଡ଼ିଥାନ୍ତା । ତେଣୁ ସମସ୍ତ ମାଡ଼ଗାଳି ସତ୍ୱେ ବୁଢ଼ା ସାହୁକାର ବଦଳରେ ନିଜ ପ୍ରେମିକକୁ ବିବାହ କରିବାର ଜିଦ୍ଦିଧରି ଶେଷରେ ସଫଳ ହୋଇଛି ।

'ଇପସିତ ସକାଳ' ଉପନ୍ୟାସରେ ଏଗାର ବର୍ଷର ଝିଅ ଝୁମୁରିକୁ ପଂଚାବନ ବର୍ଷର ବୁଢ଼ା ଚଙ୍ଗୁ ଡ୍ରାଇଭର ସହ ବିବାହ କରିବାକୁ ତା ମା ରାଜି ହୋଇଛି; ଯଦିଓ ଚଙ୍ଗୁ ସବୁବେଳେ ମଦଖାଇ ଢଳ ଢଳ ହେଉଥାଏ । ସେ ଦୁଇଥର ବିବାହ କରିଛି ଓ ଗୋଟେ ସ୍ତ୍ରୀକୁ ମଦନିଶାରେ ବାଡ଼େଇ ବାଡ଼େଇ ମାରିଦେଇଛି ଏବଂ ଆଉ ଜଣେ ମାଡ଼ ଭୟରେ ଘରଛାଡ଼ି ପଳାଇଛି । ଏସବୁ ଶୁଣିଲା ପରେ ମଧ୍ୟ ତା ମାଆ ସେଠାରେ ବିବାହ ଦେବାପାଇଁ ରାଜିହୋଇଛି । କାରଣ ଏହା ପାଇଁ ତା ମାଆକୁ ଚଙ୍ଗୁ ଦେଇଛି ପାଂଚଶହ ଟଙ୍କା । ଏଭଳି କଥାବସ୍ତୁକୁ ଔପନ୍ୟାସିକା ଉପନ୍ୟାସରେ ଦର୍ଶାଇ ତା ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି । ଲେଖିକା ଏଠାରେ ଅସହାୟ, ଦରିଦ୍ର ଝିଅମାନଙ୍କୁ ସଭ୍ୟ ସମାଜର ଲୋକେ ଯେ ଦିନେ ସମ୍ମାନର ସହ ଗ୍ରହଣ କରିବେ ସେହି ବିଶ୍ୱାସ ରଖିଛନ୍ତି । କିନ୍ତୁ ଝୁମୁରୀ ଭଳି ଝିଅଙ୍କ ପତନ ପାଇଁ ତାର ମାଆ, ଯେ ନିଜେ ଜଣେ ନାରୀ, ଦାୟୀ ହୋଇଥିବାରୁ ତାଙ୍କର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି ।

'ଆମେ ହାରିନାହୁଁ' ଉପନ୍ୟାସରେ ଏ ସ୍ୱର ତୀବ୍ର ଭାବରେ ପ୍ରକାଶିତ । ତାଙ୍କର ନାୟିକା ସୀମାଚନ୍ଦ୍ରମ୍ମା ଆଭିଜାତ୍ୟପୂର୍ଣ୍ଣ ପରିବାରକୁ ପରିତ୍ୟାଗ କରିଛି ନିଜର ପ୍ରେମକୁ ପାଇବା ପାଇଁ । ରାମଲୁ ନିଃସ୍ୱ ହୋଇଥିଲେ ମଧ୍ୟ ତା ଉପରେ ଭରସା କରି ଭୁବନେଶ୍ୱର ପଳେଇ ଆସିଛି । କିନ୍ତୁ ପ୍ରେମର ପ୍ରତିଦାନରେ ସେ କେବଳ ପାଇଛି ଦୁଃଖ, ଯନ୍ତ୍ରଣା ଓ ଅନନ୍ତ ନିର୍ଯ୍ୟାତନା । ଜଣେ ନାରୀ ପ୍ରେମ ଓ ନାରୀତ୍ୱ ନାମରେ କେତେଦିନ ଆଉ ନିର୍ଯ୍ୟାତନାର ବୋଝତଳେ ଚାପିହୋଇ ରହିଥାନ୍ତା । ନିଜର ଅଶାନ୍ତିପୂର୍ଣ୍ଣ ଜୀବନ ସହ ବିଫଳ ଦାମ୍ପତ୍ୟ ତାକୁ ଶେଷରେ ଶାରୀରିକ ନିର୍ଯ୍ୟାତନା ବିରୋଧରେ ପ୍ରତିବାଦ କରିବାକୁ ବଳ ଦେଇଛି । ନିତିଦିନ ମଦ୍ୟପ ସ୍ୱାମୀ ପାଖରୁ ବିଧା, ଖୁନ୍ଦା, ଗୋଇଠା, ଚାପୁଡ଼ା ଖାଇ ନୀରବି ଯାଉଥିବା ସୀମାଚନ୍ଦ୍ରମ୍ମା ଶେଷରେ ଦିନେ ସ୍ୱାମୀକୁ ଉତ୍ତମ ମଧ୍ୟମ ଦେଇଛି । ସହିବାର ସୀମା ଡେଇଁଗଲେ ନାରୀ ପ୍ରତିବାଦ ଓ ବିରୋଧର ମୂର୍ତ୍ତୀ ପାଲଟିଯାଏ । ସେ ସ୍ୱାମୀକୁ ପତି ପରମେଶ୍ୱର ବୋଲି ଭାବେନାହିଁ । ସୀମାଚନ୍ଦ୍ରମ୍ମା ହିଁ ପାଲଟି ଯାଇଛି ଲେଖିକାଙ୍କ ଆଖିରେ ନାରୀ ଶକ୍ତିର ଏକ ଆଦର୍ଶ, ଯେ ଅନ୍ୟାୟ, ଅତ୍ୟାଚାର

ବିରୋଧରେ ବ୍ୟକ୍ତିଗତ ସଂପର୍କ, ପାରମ୍ପରିକ ଓ ପାରିବାରିକ ଆଦର୍ଶକୁ ଜଳାଞ୍ଜଳୀ ଦେଇ ସମାଜ ଆଗରେ ଉଦାହରଣ ସୃଷ୍ଟି କରିପାରିଛି ।

ସମୟ ଚକ୍ରରେ ତିଥି ଏଭଳି ଏକ ଦିନକୁ ଭେଟିଛି ଯାହା ତା ଜୀବନର ସମସ୍ତ ବିଶ୍ୱାସକୁ ଭାଙ୍ଗି ଚୁରମାର କରିଦେଇଛି । ଦୂରରେ ରହୁଥିବା ସ୍ୱାମୀ ସୁଧାଂଶୁ ତା ଆବର୍ତ୍ତମାନରେ ଅନ୍ୟ ଏକ ନାରୀକୁ ଧରି ଗୁପ୍ତ ପ୍ରଣୟରେ ମାତିଛି । ଯାହାକୁ ପତି ପରମେଶ୍ୱର ବୋଲି ପୂଜା କରିଆସିଥିଲା, ଯାହାର ପ୍ରେମର ଛାୟାରେ ଦୂରରେ ରହି ମଧ୍ୟ ସେ ଖୁସିରେ ବଂଚୁଛି ବୋଲି ବିଶ୍ୱାସ କରିଥିଲା, ସେ ପତିର ପ୍ରେମ ଯେ ଛଳନାପୂର୍ଣ୍ଣ ଏକଥା ବୁଝିଲାବେଳକୁ ନେଡ଼ିଗୁଡ଼ କହୁଣୀକୁ ବୋହି ଯାଇଥିଲା । ସ୍ୱାମୀକୁ ଅନ୍ୟନାରୀ ସହ ଦେଖି କ୍ରୋଧରେ ନିଜ ହିତାହିତ ଜ୍ଞାନ ଭୁଲିଯାଇଛି । ସର୍ବସାଧାରଣରେ ନିଜପ୍ରତି ଏ ଅନ୍ୟାୟ, ବିଶ୍ୱାସଘାତକତା ସହ ନାରୀତ୍ୱର ଅପମାନକୁ ଦେଖି ସେ କେମିତି ଅବା ନୀରବି ଯାଇଥାନ୍ତା ? ନିଜ ଶିକ୍ଷାଗତ ଯୋଗ୍ୟତା ଓ ସାମାଜିକ ପ୍ରତିଷ୍ଠାକୁ ଭୁଲି ସେ ସ୍ୱାମୀଙ୍କ ଗାଲରେ ଅଗଣତି ଚାପୁଡ଼ା ବସାଇ ଦେଇଛି । ସେତେବେଳେ ଦେଖିନାହିଁ ସେ କାହାକୁ ମାରୁଛି ଅବା କେଉଁଠି ମାରୁଛି । ସ୍ଥାନ-କାଳ-ପାତ୍ର ଭୁଲି ତା ପାଖରେ ଯେତେ ଶକ୍ତି ଥିଲା ତାହା ପ୍ରୟୋଗ କରି ନିଜ ସ୍ୱାମୀ ସହ ସ୍ୱାମୀର ପ୍ରେମିକାକୁ ମଧ୍ୟ ମାଡ଼ ମାରିଛି । ରାଗ, ଘୃଣା, ପ୍ରତାରଣା ଓ ଅବିଶ୍ୱାସ ଭିତରେ ଥାଇ ମାଡ଼ ମାରୁଥିବାବେଳେ ତାକୁ ସେଥିରୁ ବିରତ କରିଛି ତା ମୁନ୍ନାଭାଇ । ବିନା କଥାବାର୍ତ୍ତାରେ ନିଜ ବୈବାହିକ ସଂପର୍କରେ ପୂର୍ଣ୍ଣଚ୍ଛେଦ ଟାଣି ଦେଇଥିଲା ତିଥି । ସ୍ୱଚକ୍ଷୁରେ ସ୍ୱାମୀର ଲମ୍ପଟତା ଦେଖିଲା ପରେ ଆଉ କେଉଁ ସୁଖ ଆଶାରେ ଅବା ସେ କଥାବାର୍ତ୍ତା କରିଥାନ୍ତା । ଲେଖିକାଙ୍କ ପୂର୍ବ ଉପନ୍ୟାସ 'ପୃଷ୍ଠା'ରେ ଶିଖାର ସ୍ୱାମୀ ମୋହିତ ଆମେରିକାରେ ଅନ୍ୟ ଏକ ନାରୀକୁ ବିବାହ କରିଥିବା ଜାଣିମଧ୍ୟ କିଛି ପ୍ରତିବାଦ କରିପାରିନଥିଲା । ବରଂ ମୋହିତକୁ ବୁଝାଇବାକୁ ଯାଇ ବିଫଳ ହୋଇଥିଲା ଓ ମୋହିତ ଆମେରିକା ଫେରିଯିବା ପୂର୍ବରୁ ଉପାୟ ନପାଇ ନୀରବରେ ଘରଛାଡ଼ି ଚାଲିଆସିଥିଲା । କିନ୍ତୁ 'ଆମେ ହାରିନାହୁଁ' ଉପନ୍ୟାସରେ ତିଥି ସ୍ୱାମୀ ପାଖରେ କୌଣସି ବିନୟ କିମ୍ବା ଅନୁରୋଧ ନକରି ତା ଗାଲରେ ଶକ୍ତ ଚାପୁଡ଼ା ମାରି ବୈବାହିକ ଜୀବନକୁ ଛାଡ଼ି ଆସିବାକୁ ସାହସ କରିପାରିଛି । କାରଣ ପୂର୍ବରୁ ସୀମାଚନ୍ଦ୍ରମ୍ମା ଭଳି ଏକ ସାହସୀ ନାରୀର ସଂପର୍କରେ ସେ ଆସି ସାରିଥିଲା । ଲେଖିକାଙ୍କ ଅଭିଜ୍ଞତା ଓ ସାମାଜିକ ଅନୁଭବ ହିଁ ତାଙ୍କ ମନରେ ନାରୀ ଚେତନାକୁ ନାରୀବାଦରେ ରୂପାନ୍ତରିତ କରିଛି ଏକଥା ପୂର୍ବୋକ୍ତ ଦୁଇଗୋଟି ଉପନ୍ୟାସର ସମାନ ଘଟଣାରୁ ଦୁଇଗୋଟି ଭିନ୍ନ ପ୍ରତିକ୍ରିୟା ମାଧ୍ୟମରେ ପାଠକ ଅନୁଭବ କରିପାରିଥାଏ ।

ଅଧିକାଂଶ ଉପନ୍ୟାସରେ ପ୍ରତ୍ୟକ୍ଷରେ ହେଉ ବା ପରୋକ୍ଷରେ ହେଉ ଆମେ କବିତା ବାରିକଙ୍କ ନାରୀସତ୍ତାକୁ ଅନୁଭବ କରିପାରିଥାଉ । ନିଜର ପାରିପାର୍ଶ୍ୱିକ ଜୀବନରେ ଦେଖିଥିବା ଅନେକ ଘଟଣାକୁ ଉପନ୍ୟାସରେ ଲିପିବଦ୍ଧ କରିଛନ୍ତି । ପରମ୍ପରାବାଦୀ ନାରୀଙ୍କ ଠାରୁ ଆରମ୍ଭ କରି ଉଚ୍ଚ ଶିକ୍ଷିତା ଆଧୁନିକ ନାରୀ ଯାଏଁ ସମସ୍ତଙ୍କ ନିଜର ଅସ୍ତିତ୍ୱ ଓ ଅଧିକାର ସମ୍ପର୍କିତ ଦୃଷ୍ଟିକୋଣକୁ ଉପନ୍ୟାସରେ ଚିତ୍ରଣ କରିଛନ୍ତି । ଆଦର୍ଶବାଦର ଗଣ୍ଡି ଭିତରୁ ତାଙ୍କର ଚରିତ୍ର ସବୁ ମୁକ୍ତ; କାରଣ ସେମାନେ ହେଉଛନ୍ତି ଚଳନ୍ତି ସମାଜର ପ୍ରତିଛବି । ଏଣୁ ସମସ୍ତ ଚରିତ୍ର ମନେହୁଅନ୍ତି ଜୀବନ୍ତ ସ୍ୱାଭାବିକ । ଅଧିକାଂଶ ଉପନ୍ୟାସର ବର୍ଣ୍ଣନା ନାରୀର ଦୃଷ୍ଟିକୋଣରୁ ହୋଇଥିବାରୁ ତାଙ୍କ ଉପନ୍ୟାସ ସମୂହରେ ଯେଉଁସବୁ ସମସ୍ୟାର ଚିତ୍ରଣ ହୋଇଛି ସେସବୁର ଅଧ୍ୟୟନ ଦ୍ୱାରା ଲେଖିକାଙ୍କ ନାରୀବାଦୀ ଚିତ୍ରଟି ସ୍ପଷ୍ଟ ଭାବେ ଫୁଟିଉଠିଛି । ପାଶ୍ଚାତ୍ୟର ଉଚ୍ଛୃଙ୍ଖଳତା, ନଗ୍ନତା ବଦଳରେ ଲେଖିକାଙ୍କ ନାରୀବାଦ ଭାରତୀୟ ଜୀବନ, ଦର୍ଶନ ଓ ପରମ୍ପରାକୁ ଆଧାରକରି ପ୍ରକାଶ ପାଇଥିବାରୁ ତାଙ୍କର ଉପନ୍ୟାସର ଚରିତ୍ର ଓ କଥାବସ୍ତୁରେ ଆମେ ଓଡ଼ିଆ ସମାଜକୁ ଦେଖିପାରୁ । ଏହା ହିଁ ଲେଖିକାଙ୍କ ସଂଫଳତା ।

**ସହାୟକ ଗ୍ରନ୍ଥସୂଚୀ :**


୧. ପଟ୍ଟନାୟକ, ପଠାଣି, ଉପନ୍ୟାସ ସାହିତ୍ୟର ପରିଚୟ, ଓଡ଼ିଶା ବୁକ୍ ଷ୍ଟୋର, ବିନୋଦବିହାରୀ, କଟକ-୭୫୩୦୦୨,୧୯୬୯

୨. ପାତ୍ର, ରଞ୍ଜିତା, କବିତା ବାରିକଙ୍କ ସୃଜନର ଦିଗ ଓ ଦିଗନ୍ତ, ଲେଖାଲେଖି, ବି.ଏଲ୍-୮, ଭି.ଏସ୍.ଏସ୍ ନଗର, ଭୁବନେଶ୍ୱର, ୨୦୧୮

୩. ପ୍ରଧାନ, ସବିତା, ଉପନ୍ୟାସ ଅବବୋଧ, ଅଗ୍ରଦୂତ, ବାଙ୍କାବଜାର, କଟକ-୨, ୨୦୦୪

୪. ବାରିକ, କବିତା, ଆମେ ହାରିନାହୁଁ, ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨,୨୦୨୨

୫. ବାରିକ, କବିତା, ଈପସିତ ସକାଳ, ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨,୨୦୦୪

୬. ବାରକ, କବିତା, ପର୍ଦ୍ଦା ପଛର ଗୀତ, ବୁକ୍ସ୍ଏଣ୍ଡ୍ ବୁକ୍ସ୍, ବିନୋଦବିହାରୀ, କଟକ-୨,୧୯୮୧

୭. ବାରିକ, କବିତା, ପୃଷ୍ଠା, ବିଦ୍ୟାପୁରୀ, ବାଲୁବଜାର, କଟକ-୭୫୩୦୦୨, ୨୦୧୬


❖ ❖ ❖

Regd. No.: 23717/65

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ଆପଣ ଟିକିଏ ହାତ ବଢ଼ାନ୍ତୁ
## ବହୁତ ବାଟ ଚାଲିଯିବି



**ଦିବ୍ୟାଙ୍ଗଟିକୁ ସାହାଯ୍ୟ କରନ୍ତୁ ❋ HELP A DIBYANGA**

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ

**Vol.- 9, January 2024, Issue No. X**

**ISSN NO. 2583-147X (P)**

**RNI No. : ODIODI/2015/64435**

P.R. No. : CK(C)/96/2022-2024

**ଉପଦେଷ୍ଟା ମଣ୍ଡଳୀ**
**ଡକ୍ଟର ପାବକ କାନୁନ୍‌ଗୋ**
**ଡକ୍ଟର ମନ୍ଦାକିନୀ ଦାସ**
**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
**ସମୀକ୍ଷକ ମଣ୍ଡଳୀ**
**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଶରତ କୁମାର ପଲିତା**
ପ୍ରଫେସର, ଜୈବ ବିବିଧତା ଓ ପ୍ରାକୃତିକ ସଂସାଧନ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ସଂପାଦକ**
**ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ**
**ସମ୍ପାଦନା ସହଯୋଗୀ :**
**ପ୍ରାଚୀ ପ୍ରଯୁକ୍ତା**
**ସଂପାଦନା ମଣ୍ଡଳୀ**
**ଡକ୍ଟର ନାରାୟଣ ମହାନ୍ତି-**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ
**ଡକ୍ଟର ଆଦିତ୍ୟ ପ୍ରତାପ ଧଳ**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଆଲୋକ ବରାଳ**
ମୁଖ୍ୟ, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଦିପକ କୁମାର ଦାଶ**
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ଅଧ୍ୟାପକ, ଓଡ଼ିଆ ବିଭାଗ,
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ
**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସିମୁଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ
**ଡକ୍ଟର ମମତା ଖଣ୍ଡାୟତରାୟ**
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,
ପାରାଦୀପ କଲେଜ, ପାରାଦୀପ
ଡିଟିପି :
**ପ୍ରଶାନ୍ତି ସାଇଁ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**
ବିତରଣ ଅଧିକାରୀ :
**ରାଜେନ୍ଦ୍ର ବାରିକ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

## ଏଇ ସଂଖ୍ୟାରେ...

କର୍ମ-ଜ୍ଞାନ-ଭକ୍ତି ଓ ପରମାତ୍ମାଙ୍କ ସଂଯୋଗ
– ସୁଚିତ୍ରା ବେହେରା ୦୭

ନାଟ୍ୟସ୍ରଷ୍ଟା ବିଜୟ କୁମାର ମିଶ୍ର ଓ ଶବବାହକମାନେ
– ଲିକୁ ବେହେରା ୧୦

ସାଂସ୍କୃତିକ ବିବର୍ତ୍ତନ ତତ୍ତ୍ୱ ଓ ଭୌଗୋଳିକ କାରକ
ବନାମ ବିଷୁବ ସଂକ୍ରାନ୍ତି : ଏକ ସୈଦ୍ଧାନ୍ତିକ ବିଶ୍ଳେଷଣ
– ଡ. ସନ୍ତୋଷ କୁମାର ନାୟକ ୧୫

ଭାରତୀୟ ଭାଷା ପରିପ୍ରେକ୍ଷୀରେ ଓଡ଼ିଆ ଧ୍ୱନ୍ୟାତ୍ମକ ଶବ୍ଦ
ଓ କଇଳାଶ ପଟ୍ଟନାୟକଙ୍କ 'ସ୍ଥାବର ଜଙ୍ଗମ'
– ଅଧ୍ୟାପକ ବିଶ୍ୱନାଥ ସାହୁ ୨୩

ସ୍ମୃତି ପଟ୍ଟନାୟକଙ୍କ ଗଳ୍ପ : ଜୀବନର ବିବିଧ ସ୍ମୃତିରେ ରୋମନ୍ଥିତ ଚିତ୍ର
– ମମତାମୟୀ ଦାଶ ୩୨

ଓଡ଼ିଆ ନାଟକରେ ନୂତନତାର ସ୍ୱର : ସୁବୋଧ ପଟ୍ଟନାୟକ
– ଚିନ୍ମୟ ସାମଲ ୩୯

ସାଂପ୍ରତିକ ଶିକ୍ଷା ବ୍ୟବସ୍ଥା ଓ ମୂଲ୍ୟବୋଧ
– ଡକ୍ଟର ବସନ୍ତ କିଶୋର ସାହୁ ୪୩

ମନସ୍ତତ୍ତ୍ୱ ଓ ସାହିତ୍ୟ
– ଚୂଳରାଜ ମେହେର ୪୬

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 9, February 2024, Issue No. XI
ISSN NO. 2583-147X (P)
**RNI No. : ODIODI/2015/64435**
P.R. No. : CK(C)/96/2022-2024

**ଉପଦେଷ୍ଟା ମଣ୍ଡଳୀ**
**ଡକ୍ଟର ପାବକ କାନୁନ୍‌ଗୋ**
**ଡକ୍ଟର ମନ୍ଦାକିନୀ ଦାସ**
**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
**ସମୀକ୍ଷକ ମଣ୍ଡଳୀ**
**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଶରତ କୁମାର ପଲିତା**
ପ୍ରଫେସର, ଜୈବ ବିବିଧତା ଓ ପ୍ରାକୃତିକ ସଂସାଧନ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ସଂପାଦକ**
**ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ**
**ସମ୍ପାଦନା ସହଯୋଗୀ :**
**ପ୍ରାଚୀ ପ୍ରଯୁକ୍ତା**
**ସଂପାଦନା ମଣ୍ଡଳୀ**
**ଡକ୍ଟର ନାରାୟଣ ମହାନ୍ତି-**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ
**ଡକ୍ଟର ଆଦିତ୍ୟ ପ୍ରତାପ ଧଳ**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଆଲୋକ ବରାଳ**
ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଦିପକ କୁମାର ଦାଶ**
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ଅଧ୍ୟାପକ, ଓଡ଼ିଆ ବିଭାଗ,
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ
**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସିମୁଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ
**ଡକ୍ଟର ମମତା ଖଣ୍ଡାୟତରାୟ**
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,
ପାରାଦୀପ କଲେଜ, ପାରାଦୀପ
ଡିଟିପି :
**ପ୍ରଶାନ୍ତି ସାଇଁ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**
ବିତରଣ ଅଧିକାରୀ :
**ରାଜେନ୍ଦ୍ର ବାରିକ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

## ଏଇ ସଂଖ୍ୟାରେ...

ସମାଜ ସତର୍କ ଅନ୍ତର୍ଦୃଷ୍ଟି : ଫକୀରମୋହନ ପଦ୍ୟସୃଷ୍ଟି
– ଡକ୍ଟର ତ୍ରିଲୋଚନ ଜେନା ୦୭

'ଉତ୍କଳ ମଧୁପ' ଓ ସମ୍ପାଦକ ନୀଳମଣି ବିଦ୍ୟାରତ୍ନ
– ଲିପିନା ଜେନା ୦୯

ଶ୍ରୀଅରବିନ୍ଦ ଦର୍ଶନ ଓ ଚିତ୍ତରଂଜନ ଦାସ
– ଡ. ଇନ୍ଦ୍ରମଣି ସାହୁ ୧୫

ଓଡ଼ିଆ ସାହିତ୍ୟରେ ରେଙ୍ଗୁନ୍ ପ୍ରବାସ ଓ ପ୍ରବାସୀଙ୍କ ଚିତ୍ର
– ଡ. ବିଦ୍ୟୁତ୍‌ପ୍ରଭା ରାଉତ ୧୯

ଦେହ ଓ ଦହନ ପ୍ରସଙ୍ଗ ଗୋପୀନାଥ ମହାନ୍ତିଙ୍କ
ଉପନ୍ୟାସ : ଏକ ଆଲେଖ୍ୟ
– ଯୁଗୀରାମ ପୁଟେଲ ୨୭

୧୯୮୦ ପରବର୍ତ୍ତୀ ଓଡ଼ିଆ ପରିବେଶକୈନ୍ଦ୍ରିକ
(ପରିବେଶ ସଚେତନତାଧର୍ମୀ) ଉପନ୍ୟାସ
– ତୃପ୍ତିମୟୀ ଭୋଇ ୩୩

୧୯୮୦ ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପ : ସ୍ଥିତି ଓ ପରିବର୍ତ୍ତନ
– ଡ. ପ୍ରମିଳା ପାତ୍ର ୪୩

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 9, March 2024, Issue No. XII
ISSN NO. 2583-147X (P)
RNI No. : ODIODI/2015/64435
P.R. No. : CK(C)/96/2022-2024

**ଉପଦେଷ୍ଟା ମଣ୍ଡଳୀ**
**ଡକ୍ଟର ପାବକ କାନୁନ୍‌ଗୋ**
**ଡକ୍ଟର ମନ୍ଦାକିନୀ ଦାସ**
**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
**ସମୀକ୍ଷକ ମଣ୍ଡଳୀ**
**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଶରତ କୁମାର ପଳିତା**
ପ୍ରଫେସର, ଜୈବ ବିବିଧତା ଓ ପ୍ରାକୃତିକ ସଂସାଧନ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ସଂପାଦକ**
**ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ**
**ସମ୍ପାଦନା ସହଯୋଗୀ :**
**ପ୍ରାଚୀ ପ୍ରଯୁକ୍ତା**
**ସଂପାଦନା ମଣ୍ଡଳୀ**
**ଡକ୍ଟର ନାରାୟଣ ମହାନ୍ତି-**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ
**ଡକ୍ଟର ଆଦିତ୍ୟ ପ୍ରତାପ ଧଳ**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଆଲୋକ ବରାଳ**
ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଦିପକ କୁମାର ଦାଶ**
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ଅଧ୍ୟାପକ, ଓଡ଼ିଆ ବିଭାଗ,
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ
**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସେମିଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ
**ଡକ୍ଟର ମମତା ଖଣ୍ଡାୟତରାୟ**
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,
ପାରାଦୀପ କଲେଜ, ପାରାଦୀପ
ଡିଟିପି :
**ପ୍ରଶାନ୍ତି ସାଇଁ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**
ବିତରଣ ଅଧିକାରୀ :
**ରାଜେନ୍ଦ୍ର ବାରିକ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

## ଏଇ ସଂଖ୍ୟାରେ...

ଗାନ୍ଧୀଙ୍କ ରାମରାଜ୍ୟ ଆଉ କେତେ ବାଟ ?
– ମୀରା ବେଉରା ୦୭

ଚାରିକାନ୍ଧ
– ଭାଗିରଥୀ ବେହେରା ୦୯

ଦର୍ଶନ, କଥା ଓ ଗୀତର କଳାତ୍ମକ ସମୀକରଣ :
କୃଷ୍ଣ ଦାସଙ୍କ 'ପ୍ରସ୍ତାପସିନ୍ଧୁ'
– ବିକେଶ ସାହୁ ୧୩

ସାଂପ୍ରତିକ ପ୍ରେକ୍ଷାପଟରେ ଲୋକସାହିତ୍ୟ ଗବେଷଣାର
ମୌଳିକ ଦୃଷ୍ଟି ଓ ଦର୍ଶନ : ଏକ ସାମାନ୍ୟ କଥନ
– ଡକ୍ଟର ମଧୁଛନ୍ଦା ନାୟକ ୧୯

ଗଣ୍ଡ ଜୀବନଚର୍ଯ୍ୟାରେ ଜନ୍ମ ଓ ମୃତ୍ୟୁ ସଂସ୍କାର ବିଧି
– ଉଜସ୍ୱିନୀ ନାୟକ ୨୬

ମନସ୍ତାତ୍ତ୍ୱିକ ପ୍ରେକ୍ଷାପଟରେ ମନୋଜ ଦାସଙ୍କ ଶ୍ରେଷ୍ଠଗଳ୍ପ
– ଚୂଳରାଜ ମେହେର ୩୩

ମିଥ୍‌ର ପୁନର୍ମୂଲ୍ୟାୟନ ପ୍ରେକ୍ଷାପଟରେ 'ରେବତୀ'
– ନିହାର ରଞ୍ଜନ ପାତ୍ର ୪୬

ରମେଶ ପାଣିଗ୍ରାହୀଙ୍କ ନାଟକରେଭାଷାର ପ୍ରୟୋଗ
– ଡକ୍ଟର ଆର୍ଯ୍ୟ କୁମାରୀ ପ୍ରଜ୍ଞା ପାରମିତା ୫୨

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 10, April 2024, Issue No. I

ISSN NO. 2583-147X (P)

**RNI No. : ODIODI/2015/64435**

P.R. No. : CK(C)/96/2022-2024



**ଉପଦେଷ୍ଟା ମଣ୍ଡଳୀ**
**ଡକ୍ଟର ପାବକ କାନୁନ୍‌ଗୋ**
**ଡକ୍ଟର ମନ୍ଦାକିନୀ ଦାସ**
**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
**ସମୀକ୍ଷକ ମଣ୍ଡଳୀ**
**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଶରତ କୁମାର ପଳିତା**
ପ୍ରଫେସର, ଜୈବ ବିବିଧତା ଓ ପ୍ରାକୃତିକ ସଂସାଧନ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ସଂପାଦକ**
**ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ**
**ସମ୍ପାଦନା ସହଯୋଗୀ :**
**ପ୍ରାଚୀ ପ୍ରଯୁକ୍ତା**
**ସଂପାଦନା ମଣ୍ଡଳୀ**
**ଡକ୍ଟର ନାରାୟଣ ମହାନ୍ତି-**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ
**ଡକ୍ଟର ଆଦିତ୍ୟ ପ୍ରତାପ ଧଳ**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଆଲୋକ ବରାଳ**
ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଦିପକ କୁମାର ଦାଶ**
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ଅଧ୍ୟାପକ, ଓଡ଼ିଆ ବିଭାଗ,
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ
**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସେମିଲିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ
**ଡକ୍ଟର ମମତା ଖଣ୍ଡାୟତରାୟ**
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,
ପାରାଦୀପ କଲେଜ, ପାରାଦୀପ
ଡିଟିପି :
**ପ୍ରଶାନ୍ତି ସାଇଁ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**
ବିତରଣ ଅଧିକାରୀ :
**ରାଜେନ୍ଦ୍ର ବାରିକ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪


# ଏଇ ସଂଖ୍ୟାରେ...


**ପ୍ରବନ୍ଧ ବିଭାଗ :**

| | | |
|---|---|---|
| କବି ସୌଭାଗ୍ୟ କୁମାର ମିଶ୍ରଙ୍କ | | |
| କବିତ୍ୱର ବଳିଷ୍ଠ ଇସ୍ତାହାର : ଅନ୍ଧ ମହୁମାଛି | ଦେବାଶିଷ ଦାସ | ୦୮ |
| ଶବାଧାର ଓ ପରମ୍ପରା | ଶୀତଳ କୁମାର ବେହେରା | ୧୩ |
| କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ | ସାଇପ୍ରସାଦ ସାହୁ | ୧୮ |
| ନାରୀ | ଛବିରାଣୀ ପତି | ୨୦ |

**ଗଳ୍ପ ବିଭାଗ :**

| | | |
|---|---|---|
| କିଲିବିଲିଆ କିଙ୍ଗ | ରାମକୃଷ୍ଣ ଦାଶ | ୨୪ |
| ଅଭିଶାପ | ଶମ୍ଭୁନାଥ ଦାସ | ୨୭ |
| ପୂଜାଫୁଲ | ଅଧ୍ୟାପକ ପର୍ଶୁରାମ ଓଝା | ୨୮ |
| ରକ୍ତିମ ସୂର୍ଯ୍ୟ | ଲୀଳାବତି ମହାପାତ୍ର | ୩୩ |
| ଆମ ଗାଁରେ ହୋଲି | ଅମରନାଥ ବାରିକ୍ | ୩୫ |
| ରକ୍ତ | ଲିପ୍‌ସା ପଟେଲ | ୩୭ |
| ଚଳଚ୍ଚିତ୍ର ଜଗତ | ସ୍ୱରୂପା ପ୍ରିୟଦର୍ଶିନୀ ପଣ୍ଡା ସାମନ୍ତ | ୩୯ |
| ଉତ୍ତରାଧିକାରୀ | ଶାଶ୍ୱତୀ ସାମଲ | ୪୨ |
| ଧୋକା | ଗୀତାଞ୍ଜଳି ନାୟକ | ୪୭ |
| ସ୍ୱର୍ଗଦ୍ୱାର | ପ୍ରଦ୍ୟୁମ୍ନ ପଟ୍ଟନାୟକ | ୫୧ |
| ଆମେ ସମସ୍ତେ ବାବୁ | ସୁଧାଂଶୁ ଶେଖର ଦ୍ୱିବେଦୀ | ୫୩ |
| ସୌଭାଗ୍ୟବତୀ ସନ୍ତକ | ସୁନନ୍ଦା ମହାନ୍ତି | ୫୫ |
| ସନାତନ | ବିନୟ ମହାପାତ୍ର | ୫୬ |
| ମଦ | ଶିବ ପ୍ରସାଦ ବାହିନୀପତି | ୬୧ |
| ଏମିତି ସାଥିଟିଏ | ଗାୟତ୍ରୀ ସିଂହ | ୭୦ |
| ମୋନାଲିସା | ସରୋଜ କୁମାର ଜେନା | ୭୪ |

**କବିତା ବିଭାଗ :**

| | | |
|---|---|---|
| ମାଟିର ମଣିଷ | ବେଣୁଧର ସୂତାର | ୭୯ |
| ଚିରନିଦ୍ରା | ମଧୁସ୍ମିତା ମିଶ୍ର | ୮୦ |

| | | |
|---|---|---|
| ସତରେ ତୁମେ ଆସ ଭାରି ଅଝଟ ପଣରେ | ଗୀତାଞ୍ଜଳି ପୃଷ୍ଟି | ୮୧ |
| ଏକତା ଆସିବ ଫେରି | ନିରୂପମା ସାହୁ | ୮୧ |
| ଆମେ କେଡ଼େ ଅପାରଗ | ବସନ୍ତ କୁମାର ସାହୁ | ୮୨ |
| ଲିପିପତ୍ର | ରଘୁନାଥ ତ୍ରିପାଠୀ | ୮୩ |
| ହେ ମହାତ୍ମା | ଅଶ୍ୱିନୀ କୁମାର ସେଠୀ | ୮୪ |
| ପ୍ରାଚୀ | ମୈତ୍ରୀ ଭୂଷଣ ଖୁଣ୍ଟିଆ | ୮୬ |
| ବାପୁଙ୍କ ସ୍ମରଣେ | ଇଂ. ହରେକୃଷ୍ଣ ଦଳାଇ | ୮୭ |
| ଲଉଡ଼ି ପୁରୁଷ | ଶ୍ରୀ ଚୈତନ୍ୟ କୁମାର ସାହୁ | ୮୮ |
| ଭାବନାର ଧାରା | ଶ୍ରୀମତୀ ମନୋଜା ନାୟକ | ୮୮ |
| ମୋ ଗାଁ ପାଇଁ ପଦେ | ଶ୍ରୀମତୀ ଆରତି ରାଣୀ ଡାକୁଆ | ୮୯ |
| ସନ୍ଧ୍ୟା | ଗୀତାଞ୍ଜଳି ନାୟକ | ୯୦ |
| ବୈଚିତ୍ର୍ୟତା | କୁନଲତା ତ୍ରିପାଠୀ | ୯୧ |
| ସମର୍ପଣ | ଗୀତା ଦାସ | ୯୨ |
| ବଗଲା ଅଜା | ଅନ୍ନପୂର୍ଣ୍ଣା ସାହୁ | ୯୩ |
| ସ୍ୱଦେଶ ପ୍ରୀତି | ବନଲତା ସିଂହ | ୯୪ |
| ଜୀବନ ତରୀ | ପ୍ରଭାତି ରାଣୀ ମହାନ୍ତି | ୯୫ |
| କରୁଣାର ଅନୁକମ୍ପାର ହାତ ଯେବେ ଛୋଟ ପଡ଼ିଯାଏ | ରୀତାଞ୍ଜଳି ପ୍ରଧାନ | ୯୬ |
| କୋକେଇରେ ଯାଇ ଶୋଇବ | ଶ୍ରୀ କୈଳାସ ଚନ୍ଦ୍ର ପାଢ଼ୀ | ୯୭ |
| ଶ୍ରଦ୍ଧା ସୁମନ | ସ୍ନେହଲତା ଦ୍ୱିବେଦୀ | ୯୮ |
| ମୋ ପିଛା ଛାଡୁନି ବର୍ଷା | ବିନ୍ଦୁସାଗର ଓଝା | ୯୮ |
| ଶହେ ଚଉବନତମ ଜୟନ୍ତୀରେ ବାପୁ ଘେନ ପ୍ରଣିପାତ | କବି ଶ୍ରୀ ସୁରେନ୍ଦ୍ର ମହାପାତ୍ର | ୯୯ |
| କନ୍ୟାରତ୍ନ ଅନନ୍ୟା | ଅମରନାଥ ବାରିକ୍ | ୧୦୦ |
| କଖାରୁ ଗଛ | ସୁଲୋଚନା ଦାଶ | ୧୦୧ |
| ନବୀନର ଆଗମନେ | ଶୀତଳ କୁମାର ବେହେରା | ୧୦୨ |
| ତଥାଗତ ବୁଦ୍ଧ | ଶ୍ରୀ ରାଜକିଶୋର ସ୍ୱାଇଁ | ୧୦୩ |
| ସାକ୍ଷାତକାର | ପ୍ରତାପ ସ୍ୱାଇଁ | ୧୦୪ |

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 10, May 2024, Issue No. II
ISSN NO. 2583-147X (P)
RNI No. : ODIODI/2015/64435
P.R. No. : CK(C)/96/2022-2024

**ଉପଦେଷ୍ଟା ମଣ୍ଡଳୀ**
ଡକ୍ଟର ପାବକ କାନୁନ୍‌ଗୋ
ଡକ୍ଟର ମନ୍ଦାକିନୀ ଦାସ
ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ
**ସମୀକ୍ଷକ ମଣ୍ଡଳୀ**
ପ୍ରଫେସର ବୈଷ୍ଣବ ଚରଣ ସାମଲ
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
ପ୍ରଫେସର ଆଦିକନ୍ଦ ସାହୁ
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ପ୍ରଫେସର ମଣୀନ୍ଦ୍ର କୁମାର ମେହେର
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
ପ୍ରଫେସର ଶରତ କୁମାର ପଲିତା
ପ୍ରଫେସର, ଜୈବ ବିବିଧତା ଓ ପ୍ରାକୃତିକ ସଂସାଧନ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ସଂପାଦକ**
ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ
**ସମ୍ପାଦନା ସହଯୋଗୀ :**
ପ୍ରାଚୀ ପ୍ରଯୁକ୍ତା
**ସଂପାଦନା ମଣ୍ଡଳୀ**
ଡକ୍ଟର ନାରାୟଣ ମହାନ୍ତି-
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ
ଡକ୍ଟର ଆଦିତ୍ୟ ପ୍ରତାପ ଧଳ
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
ପ୍ରଫେସର ଅଞ୍ଜୁମନ ଆରା
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ
ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
ଡକ୍ଟର ଆଲୋକ ବରାଳ
ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
ଡକ୍ଟର ନେତାଜୀ ଅଭିନନ୍ଦନ
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
ଡକ୍ଟର ଦିପକ କୁମାର ଦାଶ
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
ଡକ୍ଟର ନୀରୋଦ କୁମାର ମନ୍ତ୍ରୀ
ଅଧ୍ୟାପକ, ଓଡ଼ିଆ ବିଭାଗ,
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ
ଡକ୍ଟର ବିଦ୍ୟୁତପ୍ରଭା ରାଉତ
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସେମିଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
ଡକ୍ଟର ସୁମନ୍ତ ସ୍ୱାଇଁ
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ
ଡକ୍ଟର ମମତା ଖଣ୍ଡାୟତରାୟ
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,
ପାରାଦୀପ କଲେଜ, ପାରାଦୀପ
ଡିଟିପି :
ପ୍ରଶାନ୍ତି ସାଇଁ
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
ବିଭୁପ୍ରସାଦ ନାୟକ
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ଅବିନାଶ ଦାଶ
ବିତରଣ ଅଧିକାରୀ :
ରାଜେନ୍ଦ୍ର ବାରିକ
ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

## ଏଇ ସଂଖ୍ୟାରେ...

'ନାମ-ମାହାତ୍ମ୍ୟ' ଓ 'ସୂକ୍ଷ୍ମ ବିଚାର' ନାଟକର ଏକ ତୁଳନାତ୍ମକ ବିଚାର
– ଡକ୍ଟର ପ୍ରମିଳା ପାଟ୍ଟୁଳିଆ ୦୭

ତତ୍କାଳୀନ ପତ୍ରପତ୍ରିକା ଓ ସରକାରୀ କାଗଜପତ୍ରରୁ ମହିମାସ୍ୱାମୀଙ୍କ ପରିଚୟ
– ଡ. ରାଜା କୁମାର ନାୟକ ୧୨

ଅସ୍ତିତ୍ୱବାଦୀ ଚିନ୍ତନର ସଫଳ ଚିନ୍ତାନାୟକ ଗାଳ୍ପିକ ରବି ପଟ୍ଟନାୟକ
– ଡକ୍ଟର ସ୍ୱପ୍ନାରାଣୀ ସିଂହ ୧୬

ଓଡ଼ିଆ ତାଳପତ୍ର ପୋଥିରେ 'ଚିତ୍ରପୋଥି' ଏକ ଉପାଦାନ
– ଅପରାଜିତା ମହାରଣା ୨୫

ପ୍ରାଗ୍‌ଭଞ୍ଜୀୟ ଅନୂଦିତ କାବ୍ୟ
– ଡକ୍ଟର ସତ୍ୟଜିତ ଦାସ ୩୨

ଭାରତୀୟ ଜ୍ଞାନ ପରମ୍ପରାରେ 'ବ୍ରହ୍ମ' ବିଚାର
– ଡକ୍ଟର ଚିତ୍ତରଞ୍ଜନ କୁଣ୍ଡୁ ୩୬

ଆତ୍ମ-ସଚେତନ ମୂଳକ ଉପନ୍ୟାସ 'ଇତର'
– ଅଶୋକ କୁମାର ନାଏକ ୩୯

ଉତ୍ତର ଅଶୀ ଓଡ଼ିଆ କବିତାରେ ଜଗତୀକରଣ ପ୍ରଭାବ
– ମନୋଜ କୁମାର ବେହେରା ୪୪

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 10, June 2024, Issue No. III

ISSN NO. 2583-147X (P)

**RNI No. : ODIODI/2015/64435**

P.R. No. : CK(C)/96/2022-2024

**ଉପଦେଷ୍ଟା ମଣ୍ଡଳୀ**
**ଡକ୍ଟର ପାବକ କାନୁନ୍‌ଗୋ**
**ଡକ୍ଟର ମନ୍ଦାକିନୀ ଦାସ**
**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
**ସମୀକ୍ଷକ ମଣ୍ଡଳୀ**
**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ଡକ୍ଟର ନାରାୟଣ ମହାନ୍ତି**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ
**ସଂପାଦକ**
**ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ**
**ସମ୍ପାଦନା ସହଯୋଗୀ :**
**ପ୍ରାଚୀ ପ୍ରଯୁକ୍ତା**
**ସଂପାଦନା ମଣ୍ଡଳୀ**
**ନାରାୟଣ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ
**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ସମ୍ବିତ ପାଣିଗ୍ରାହୀ**
ପ୍ରଫେସର, ଇଂରାଜୀ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
**ଜୟନ୍ତ କୁମାର ଦାସ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ଫକୀରମୋହନ ବିଶ୍ୱବିଦ୍ୟାଳୟ
**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଆଲୋକ ବରାଳ**
ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଦିପକ କୁମାର ଦାଶ**
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ଅଧ୍ୟାପକ, ଓଡ଼ିଆ ବିଭାଗ,
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ
**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସେମିଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ
**ଡକ୍ଟର ମମତା ଖଣ୍ଡାୟତରାୟ**
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,
ପାରାଦୀପ କଲେଜ, ପାରାଦୀପ
ଡିଟିପି :
**ଶିବ ପ୍ରସାଦ ଧଳ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ : **ଅବିନାଶ ଦାଶ**
ବିତରଣ ଅଧିକାରୀ : **ରାଜେନ୍ଦ୍ର ବାରିକ**
ମୁଦ୍ରଣ : **ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

## ଏଇ ସଂଖ୍ୟାରେ...

ତୁଳନାତ୍ମକ ସାହିତ୍ୟ : ଭୂମି ଓ ଆକାଶ
– ଜ୍ଞାନୀ ଦେବାଶିଷ ମିଶ୍ର ୦୭

ତତ୍ତ୍ୱାର୍ଥ-ଦର୍ଶନର ଅନ୍ୟତମ ଶ୍ରେଷ୍ଠ ନିଦର୍ଶନ 'ଅଷ୍ଟାବକ୍ର ଗୀତା'
– ଶ୍ରୀ ପ୍ରୀତମ ରାଉତ
– ଡକ୍ଟର ରୁଦ୍ରନାରାୟଣ ମହାପାତ୍ର ୧୫

ସରୋଜିନୀ ସାହୁଙ୍କ ଗଳ୍ପରେ ନାରୀ
– ଡକ୍ଟର ସୋନାଲି ସାହୁ ୨୨

ଓଡ଼ିଆ କ୍ଷୁଦ୍ରଗଳ୍ପକୁ ଟେଲିଫିଲ୍ମର ଅବଦାନ
"ଦୂରଦର୍ଶନ ପରିପ୍ରେକ୍ଷୀରେ ଅଧ୍ୟୟନ"
– ସୀମା ସ୍ୱାଇଁ ୨୭

ଓଡ଼ିଆ ନାରୀ ଲେଖିକାଙ୍କ ଆତ୍ମଜୀବନୀରେ ନାରୀ ଜାଗରଣର ସ୍ୱର
– ରୁଦ୍ରନାରାୟଣ ସାହୁ ୩୧

ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସର ଅନୁଚିନ୍ତା
– ଚିନ୍ମୟ ସାମଲ ୩୭

ଉତ୍ତରଅଶୀ ଓଡ଼ିଆ ଉପନ୍ୟାସରେ
ବୌଦ୍ଧ ଧର୍ମର ପ୍ରଭାବ : ଏକ ବିଶ୍ଳେଷଣ
– ରୁବିନା ପାତ୍ର ୪୧

ବିସ୍ମୃତ ଗାଳ୍ପିକ ଦିବ୍ୟସିଂହ ପାଣିଗ୍ରାହୀ ଓ ଅମୃତ କଙ୍କଣ
– ଅଧ୍ୟାପକ ବିଶ୍ୱନାଥ ସାହୁ ୪୭

ବ୍ରହ୍ମୋତ୍ରୀ ମହାନ୍ତିଙ୍କ କବିତାରେ ଆଧ୍ୟାତ୍ମିକ ଚେତନା
– ପ୍ରାଚୀପ୍ରଭା ସାଏନ୍ତ ୫୩

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 10, July 2024, Issue No. IV
ISSN NO. 2583-147X(P)
RNI No. : ODIODI/2015/64435
P.R. No. : CK(C)/96/2022-2024

ପ୍ରକାଶକ :
**ପ୍ରାଚୀ ସାହିତ୍ୟ ସମାଜ ପବ୍ଲିକେସନ**
ନିଳାଦ୍ରୀ ବିହାର, ନୂଆବଜାର, କଟକ

ପ୍ରଚ୍ଛଦ ଚିତ୍ର :
**ବିଜୟ କୁମାର ସାହୁ**

ଅକ୍ଷର ସଜ୍ଜା :
**ବିକ୍ରମ କିଶୋର ସାହୁ**

ଡିଟିପି :
**ଶିବ ପ୍ରସାଦ ଧଳ**

ପ୍ରଚ୍ଛଦ :
**ବିଭୁପ୍ରସାଦ ନାୟକ**

ଅଳଙ୍କରଣ :
**ବିଜୟ କୁମାର ସାହୁ**

ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**

ବିତରଣ ଅଧିକାରୀ :
**ସନ୍ତୋଷ କୁମାର ପାଲ୍**

ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

## ଏଇ ସଂଖ୍ୟାରେ...

ହାତୀ-ନାୟକ : 'ମିଷ୍ଟର ଖରସେଲ'
– ଡକ୍ଟର ଆଲୋକ ବରାଳ ୦୯

୧୯୮୦ ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ର ଗଳ୍ପରେ ଆଦିବାସୀଙ୍କ ମାଟିପ୍ରୀତି
– ପ୍ରଶାନ୍ତ କୁମାର ନାୟକ ୧୬

ବିସ୍ଥାପନ ଓ ସନ୍ତ୍ରାସବାଦର ସମୀକରଣ 'କୋକୁଆ'
– ଡକ୍ଟର ମନୋରଞ୍ଜନ ସାହୁ ୨୧

ଝାରଖଣ୍ଡର ମୁଣ୍ଡା ଜନଜାତି
– ଡକ୍ଟର ବିଦ୍ୟାଧର ରାଉତ ୨୯

ପ୍ରତିଭା ଶତପଥୀଙ୍କ ଆତ୍ମଜୀବନୀ
'ଶୈଶବରୁ ସଂସାର' : ଏକ କାବ୍ୟିକ ଅନୁଶୀଳନ
– ଅଞ୍ଜନା କୁଣ୍ଡ ୩୫

ଗାଳ୍ପିକ ଅଖିଳମୋହନ ପଟ୍ଟନାୟକଙ୍କ
ଗଳ୍ପରେ ନାଟକୀୟ ସ୍ୱର ଓ ସ୍ୱାକ୍ଷର
– ଡକ୍ଟର ରୁଦ୍ର ପ୍ରସାଦ ମିଶ୍ର ୪୧

ମହୁମାଛିର ବିଷ
– ଡକ୍ଟର କମଳାକାନ୍ତ ଜେନା ୪୪

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 10, August 2024, Issue No. IV
ISSN NO. 2583-147X(P)
RNI No. : ODIODI/2015/64435
P.R. No. : CK(C)/96/2022-2024

ପ୍ରକାଶକ :
**ପ୍ରାଚୀ ସାହିତ୍ୟ ସମାଜ ପବ୍ଲିକେସନ୍**
ନିଳାଦ୍ରୀ ବିହାର, ନୂଆବଜାର, କଟକ

ପ୍ରଚ୍ଛଦ ଚିତ୍ର :
**ବିଜୟ କୁମାର ସାହୁ**

ଅକ୍ଷର ସଜ୍ଜା :
**ବିକ୍ରମ କିଶୋର ସାହୁ**

ଡିଟିପି :
**ଶିବ ପ୍ରସାଦ ଧଳ**

ପ୍ରଚ୍ଛଦ :
**ବିଭୁପ୍ରସାଦ ନାୟକ**

ଅଳଙ୍କରଣ :
**ବିଜୟ କୁମାର ସାହୁ**

ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**

ବିତରଣ ଅଧିକାରୀ :
**ସନ୍ତୋଷ କୁମାର ପାଲ୍**

ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

## ଏଇ ସଂଖ୍ୟାରେ...

ଆରିଷ୍ଟଟଲ୍‌ଙ୍କ କାବ୍ୟତତ୍ତ୍ୱ
—ଡ.ଶରତ କୁମାର ଜେନା ୯

ରେଙ୍ଗୁନ୍ ଯାତ୍ରାରେ ଓଡିଆ କୁଲି
—କିଶୋର ଚନ୍ଦ୍ର ମହାନ୍ତ(ଗବେଷକ)
—ଶକୁନ୍ତଳା ମିର୍ଦ୍ଧା (ଗବେଷିକା) ୧୪

କାଳିନ୍ଦୀଚରଣଙ୍କ ଗଳ୍ପ ଜଗତରେ ମଣିଷ ଓ ମାନବିକତା
ଅଧ୍ୟାପକ ଜ୍ୟୋତିରଞ୍ଜନ ମହାନ୍ତି ୧୮

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ ଭ୍ରମଣ ପ୍ରସଙ୍ଗ
—ପବିତ୍ର ଦାସ ୨୫

ଉତ୍ତର ଅଶୀର ଉତ୍ତରଣ: ଓଡ଼ିଆ ଓ
ହିନ୍ଦୀ ଲେଖିକାଙ୍କ ଉପନ୍ୟାସର ବୈଶିଷ୍ଟ୍ୟ
—ଲୋପାମୁଦ୍ରା ସ୍ୱାଇଁ ୩୩

ଢେଙ୍କାନାଳ ଜିଲ୍ଲାରେ ଶୈବ ସଂସ୍କୃତିର ଉନ୍ମେଷ ଓ ଉତ୍ତରଣ
—ସନ୍ତୋଷ ଭୋଇ ୪୪

ବାସ୍ତବତାର ପରିପ୍ରକାଶ

**ପ୍ରାଚୀ**

Vol.- 10, September 2024, Issue No. VI
ISSN NO. 2583-147X(P)
**RNI No. : ODIODI/2015/64435**
P.R. No. : CK(C)/96/2022-2024

ପ୍ରକାଶକ :
**ପ୍ରାଚୀ ସାହିତ୍ୟ ସମାଜ ପବ୍ଲିକେସନ୍**
ନିଳାଦ୍ରୀ ବିହାର, ନୂଆବଜାର, କଟକ

ପ୍ରଚ୍ଛଦ ଚିତ୍ର :
**ବିଜୟ କୁମାର ସାହୁ**

ଅକ୍ଷର ସଜ୍ଜା :
**ବିକ୍ରମ କିଶୋର ସାହୁ**

ଡିଟିପି :
**ଶିବ ପ୍ରସାଦ ଧଳ**

ପ୍ରଚ୍ଛଦ :
**ବିଭୁପ୍ରସାଦ ନାୟକ**

ଅଳଙ୍କରଣ :
**ବିଜୟ କୁମାର ସାହୁ**

ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**

ବିତରଣ ଅଧିକାରୀ :
**ସନ୍ତୋଷ କୁମାର ପାଲ୍**

ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

# ଏଇ ସଂଖ୍ୟାରେ...

କେନ୍ଦୁଝର : ଜଣେ ବଙ୍ଗୀୟ ଭ୍ରମଣସାହିତ୍ୟିକଙ୍କ ରଚନାରେ
ଶିଶିର ବେହେରା ୦୯

କ୍ରମଶଃ ଛିଡ଼ି ଯାଉଥିବା ପରମ୍ପରାର ସୂତାଖିଅ: ବିତର୍କିତ ଅପରାହ୍ନ
ରଞ୍ଜନ କୁମାର ଖଣ୍ଡା ୧୫

କବି ଅପର୍ଣ୍ଣା ମହାନ୍ତିଙ୍କ କବିତାରେ ନାରୀବାଦୀ ଚିନ୍ତନ
ସୁଶାନ୍ତ କୁମାର ପଣ୍ଡା ୨୨

ଦାଦନ ସମସ୍ୟାର ଭିନ୍ନ ରୂପ : ସରୋଜିନୀଙ୍କ 'ଦାଦନ'
ଦୟାନିଧି ପରିଡ଼ା ୩୦

'ଶୂନ୍ୟତାର ପାଶ୍ଚାତ୍ୟକୁ' ଗଳ୍ପ ସଙ୍କଳନ ଓ ମାନବ ଜୀବନ
ହିତେଶ୍ ବେହେରା ୩୫

ଫ୍ରାଞ୍ଜ୍ କାଫ୍‌କାଙ୍କ ଉପନ୍ୟାସ: ବିଶ୍ୱ ପରିପ୍ରେକ୍ଷା
ଚୂଳରାଜ ମେହେର ୩୯

ଆଧୁନିକ ଓଡ଼ିଆ କବିତାରେ ହୃଦାନନ୍ଦ ପାଣିଗ୍ରାହୀ
ଅରବିନ୍ଦ ଦାସ ୪୭

ବାସ୍ତବତାର ପରିପ୍ରକାଶ

**ପ୍ରାଚୀ**

Vol.- 10, October 2024, Issue No. VII
ISSN NO. 2583-147X
RNI No. : ODIODI/2015/64435
P.R. No. : CK(C)/96/2022-2024

ପ୍ରକାଶକ :
**ପ୍ରାଚୀ ସାହିତ୍ୟ ସମାଜ ପବ୍ଲିକେସନ୍**
ନିଳାଦ୍ରୀ ବିହାର, ନୂଆବଜାର, କଟକ

ପ୍ରଚ୍ଛଦ ଚିତ୍ର :
**ବିଜୟ କୁମାର ସାହୁ**

ଅକ୍ଷର ସଜ୍ଜା :
**ବିକ୍ରମ କିଶୋର ସାହୁ**

ଡିଟିପି :
**ଶିବ ପ୍ରସାଦ ଧଳ**

ପ୍ରଚ୍ଛଦ :
**ବିଭୁପ୍ରସାଦ ନାୟକ**

ଅଳଙ୍କରଣ :
**ବିଜୟ କୁମାର ସାହୁ**

ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**

ବିତରଣ ଅଧିକାରୀ :
**ସନ୍ତୋଷ କୁମାର ପାଲ୍**

ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

# ଏଇ ସଂଖ୍ୟାରେ...


ପ୍ରାଚୀ ଉପତ୍ୟକାରେ ଶକ୍ତି ଉପାସନା
ବିକ୍ରମ ବେହେରା ୦୯

ନୈତିକକ୍ଷ
ସେନାପତି ପ୍ରଦ୍ୟୁମ୍ନ କେଶରୀ ୧୪

ପରିବର୍ତ୍ତିତ ପୁଞ୍ଜିବାଦ ଓ ବିକଳ୍ପ ପୃଥିବୀ
(ପ୍ରସଙ୍ଗ : ଉତ୍ତର ଅଶି ଓଡିଆ କବିତାରେ ନବ୍ୟ-ମାର୍କସ୍‌ବାଦୀ ଚେତନା)
ବୈଜୟନ୍ତୀ ନାୟକ ୧୯

ମଗ୍ନ ଅନୁଭୂତିର ଶ୍ୟାମଳ ସାରାଂଶ: ଭାନୁମତୀର ଦେଶ
ମନୋରଞ୍ଜନ ବିଷୋୟୀ ୨୫

ମାନବିକତାର ପୂଜାରୀ : ରୋହିତର ଡାଏରୀ
ଶାଶ୍ୱତ ପାତ୍ର ୩୧

'ଆଦିଭୂମି' ଉପନ୍ୟାସରେ ଆଦିବାସୀୟ ମିଥ୍‌ର ବିଶ୍ୱସନ
ସଂଜିତା ମିଶ୍ର ୩୫

ଜୀବନର ଆଶ୍ୱାସନା ଓ ଅନ୍ତରର ନୀରବତା ଦିହକର କଥା
(ରାସେଶ୍ୱରୀ ମିଶ୍ରଙ୍କ ଆତ୍ମଜୀବନୀ 'ଦିହକର କଥା')
ପରୀକ୍ଷିତ ଭୋଇ ୫୧

ଜୀବନର ବ୍ୟର୍ଥତା ଓ ଅନିଚ୍ଛାକୃତି ସନ୍ଧି
(ପ୍ରସଙ୍ଗ: ହୃଷିକେଶ ପଣ୍ଡାଙ୍କ 'ଶୂନ୍ ସାଂଗେ ସାମୟିକ ସନ୍ଧି')
ଜୟନ୍ତ କୁମାର ଦାସ ୫୭

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 10, November 2024, Issue No. VIII
ISSN NO. 2583-147X (P)
ISSN NO. 3048-8958 (O)
**RNI No. : ODIODI/2015/64435**
P.R. No. : CK(C)/96/2022-2024

ପ୍ରକାଶକ :
**ପ୍ରାଚୀ ସାହିତ୍ୟ ସମାଜ ପବ୍ଲିକେସନ୍**
ନିଳାଦ୍ରୀ ବିହାର, ନୂଆବଜାର, କଟକ

ପ୍ରଚ୍ଛଦ ଚିତ୍ର :
**ବିଜୟ କୁମାର ସାହୁ**

ଅକ୍ଷର ସଜ୍ଜା :
**ବିକ୍ରମ କିଶୋର ସାହୁ**

ଡିଟିପି :
**ଶିବ ପ୍ରସାଦ ଧଳ**

ଅଳଙ୍କରଣ :
**ବିଭୁପ୍ରସାଦ ନାୟକ**

ୱେବ ଡ଼ିଜାଇନର୍ :
**ଶୁଭ୍ରାଂସୁ ଶତପଥି**

ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**

ବିତରଣ ଅଧିକାରୀ :
**ସନ୍ତୋଷ କୁମାର ପାଲ୍**

ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪


## ଏଇ ସଂଖ୍ୟାରେ...


୧. ଗୌରହରି ଦାସଙ୍କ ଗଳ୍ପରେ ନାରୀବାଦୀ ଚିନ୍ତାଧାରାର ପ୍ରତିଫଳନ
ସ୍ୱପ୍ନାରାଣୀ ସିଂ ୯

୨. ମାନବିକ ଅଧିକାର ଓ ଓଡ଼ିଆ ଉପନ୍ୟାସ
ଇନ୍ଦ୍ରମଣି ସାହୁ ୧୩

୩. ବୈଦଗ୍ଧର ଅନୁଭବ: ମୟୂଖର ଆକାଂକ୍ଷା
କବି ଅଭୟ ଦାସଙ୍କ 'ଛାଇ ଆଲୁଅର ଖେଳ'
ସନ୍ତୋଷ କୁମାର ନାୟକ ୨୫

୪. ସରୋଜିନୀ ସାହୁଙ୍କ ଗଳ୍ପରେ ନାରୀବାଦୀ ଚେତନା
ଉଷାରାଣୀ ରଥ ୩୬

୫. ନାଟ୍ୟକାର ବିଜୟ ମିଶ୍ରଙ୍କ ମିଥ୍‌କୈନ୍ଦ୍ରିକ ନାଟକ : ଏକ ଦୃଷ୍ଟିପାତ
ଚିନ୍ମୟ ସାମଲ ୪୧

୬. ସ୍ୱୀକାରୋକ୍ତି ମୂଳକ ଓଡ଼ିଆ ଉପନ୍ୟାସ : ପ୍ରମୁଖ ଔପନ୍ୟାସିକଗଣ
ପ୍ରତ୍ୟାଶା ଧଳ ୪୬

୭. ଏକବିଂଶ ଶତାବ୍ଦୀରେ ରଚିତ ଓଡ଼ିଆ କ୍ଷୁଦ୍ରଗଳ୍ପର ପୃଷ୍ଠଭୂମି
ସୁମନ୍ତ କୁମାର ଭୋଇ ୫୫

୮. ଓଡ଼ିଆ ଭାଷାର ପ୍ରାଚୀନ ସ୍ୱରୂପ
ସ୍ନିଗ୍ଧା ଶୁଭଦର୍ଶିନୀ ୬୨

୯. ବର୍ଣ୍ଣାନ୍ଧତା ଓ ପୁରୁଷ ପକ୍ଷପାତିତା
କମଳାକାନ୍ତ ଜେନା ୬୭

ବାସ୍ତବତାର ପରିପ୍ରକାଶ

**ପ୍ରାଚୀ**

Vol.- 10, December 2024, Issue No.IX
ISSN NO. 2583-147X (P)
ISSN NO. 3048-8958 (O)
RNI No. : ODIODI/2015/64435
P.R. No. : CK(C)/96/2022-2024

ପ୍ରକାଶକ :
**ପ୍ରାଚୀ ସାହିତ୍ୟ ସମାଜ ପବ୍ଲିକେସନ୍**
ନିଳାଦ୍ରୀ ବିହାର, ନୂଆବଜାର, କଟକ

ପ୍ରଚ୍ଛଦ ଚିତ୍ର :
**ବିଜୟ କୁମାର ସାହୁ**

ଅକ୍ଷର ସଜ୍ଜା :
**ବିକ୍ରମ କିଶୋର ସାହୁ**

ଡିଟିପି :
**ଶିବ ପ୍ରସାଦ ଧଳ**

ଅଳଙ୍କରଣ :
**ବିଭୁପ୍ରସାଦ ନାୟକ**

ୱେବ ଡ଼ିଜାଇନର୍ :
ଶୁଭ୍ରାଂସୁ ଶତପଥି

ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**

ବିତରଣ ଅଧିକାରୀ :
**ସନ୍ତୋଷ କୁମାର ପାଲ୍**

ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪


# ଏଇ ସଂଖ୍ୟାରେ...


୧. ପର୍ଯ୍ୟାବରଣ ଓ ଆଦିବାସୀ
ଡ. ଆଲୋକ ବରାଳ ୦୯

୨. ଜୀବନର ଉତ୍ତୀର୍ଣ୍ଣ ପ୍ରହରରେ ଯୌବନକୁ ଖୋଜୁଥିବା ପୁରୁଷ "ପ୍ରଥମ ପୁରୁଷ": ଏକ ସୂକ୍ଷ୍ମ ବିଚାର
ରଞ୍ଜନ କୁମାର ଖଣ୍ଡା ୨୦

୩. ଭାରତୀୟ ମିଥିବୋଧ ଓ କବି ଗୁରୁପ୍ରସାଦ
ଡକ୍ଟର ସୁଜ୍ଞାନୀ କୁମାରୀ ସାହୁ ୨୮

୪. ଗଙ୍ଗାଧର ମେହେରଙ୍କ 'ତପସ୍ୱିନୀ'ରେ ସୀତା : ଭାରତୀୟ ନାରୀର ଆସ୍ଥା ଓ ଅସ୍ତିତ୍ୱର ଉଜ୍ଜ୍ୱଳ ପ୍ରତିବିମ୍ବ
ଡ. ବିଦ୍ୟୁତପ୍ରଭା ରାଉତ ୩୭

୫. ଉତ୍ତର-କେନ୍ଦୁଝରର 'ମନସା ମଙ୍ଗଳ'- ଏକ ବିଚାର ଆଲୋଚନା
ହିତେଶ୍ ବେହେରା ୪୨

୬. ହଜାରେ ଚଉରାଶୀର ମା: ଆଧୁନିକ ଯୁଗଯନ୍ତ୍ରଣାର ଧ୍ୱନିପ୍ରତିଧ୍ୱନି
କିଶୋର ଚନ୍ଦ୍ର ମହାନ୍ତ, ଡ. ତପନ କୁମାର ବେହେରା ୪୬

୭. ମନୋରଞ୍ଜନ ଦାସଙ୍କ ନାଟ୍ୟଦିଗନ୍ତ
ଲିକୁ ବେହେରା ୫୩

୮. ଓଡ଼ିଆ ଇ-ପୁସ୍ତକ ଏକ ଆକଳନ
ବିକାଶ କୁମାର ପାଲ (ଗବେଷକ) ୫୯

୯. ଓଡ଼ିଆ ଉପନ୍ୟାସରେ କପିଳେନ୍ଦ୍ର ଦେବ ଓ ରାଷ୍ଟ୍ରବାଦୀ ଚେତନା
ଦେବାଶିଷ ପ୍ରଧାନ ୬୬

୧୦. କବିତା ବାରିକଙ୍କ ଉପନ୍ୟାସରେ ନାରୀବାଦୀ ଚେତନା
ଆକାଶ କୁମାର ସିଂହ ୭୦

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ